

# ଅବିସ୍ମରଣୀୟ ମୁହୂର୍ତ୍ତ

ପ୍ରୀତି ଦାଶଗୁପ୍ତ



ପ୍ରୀତି ଦାଶଗୁପ୍ତ

ଜନ୍ମ ୧୯୨୨ ମସିହା ଡିସେମ୍ବର ୩୧ ତାରିଖରେ। କୈଶୋର ଅତିକ୍ରମ କରିବା ପରେ ଶ୍ରୀମାଙ୍କ ଅନୁମତି ପାଇ ୧୯୪୪ ମସିହାରୁ ଆରମ୍ଭ ହୋଇଥିଲା ଆଶ୍ରମ ଜୀବନ। ବି. ଏ. ପାଶ୍ କରି ଆସିବା ପରେ ମା'ଙ୍କ ନିର୍ଦ୍ଦେଶରେ ଫରାସୀ ଭାଷା ଶିକ୍ଷା କରି ଜୀବନର ଶେଷଅବଧି ପର୍ଯ୍ୟନ୍ତ ଆଶ୍ରମ ସ୍କୁଲରେ ଫରାସୀ ଭାଷାରେ ଶିକ୍ଷକତା କରିଥିଲେ; ତା' ସହିତ ୧୯୭୨ ମସିହା ପର୍ଯ୍ୟନ୍ତ ଆଶ୍ରମ ପ୍ରେସ୍‌ର କାମରେ ମଧ୍ୟ ନିଯୁକ୍ତ ଥିଲେ। କିନ୍ତୁ ଏସବୁ ବାହ୍ୟ ଜୀବନ। ଅନ୍ତରରେ ସେ ଥିଲେ ଅତି ଗଭୀର, ମରମୀ ମନର ମଣିଷଟିଏ। ଦୀର୍ଘକାଳ ମା'ଙ୍କର ଅତି ନିକଟ ସାନ୍ନିଧ୍ୟ ସେ ପାଇଥିଲେ। ଏହା ଏକ ବିରଳ ସୌଭାଗ୍ୟ। ଅବାଧରେ ସେ ମା'ଙ୍କ ପାଖକୁ ଯିବା ଆସିବା କରିପାରୁଥିଲେ। କେବଳ ମା'ଙ୍କ କରୁଣା ଲାଭ କରିବା ନୁହେଁ, ଯେଉଁ ସ୍ୱଳ୍ପ କେତେ ଜଣ ମା'ଙ୍କ ଘନିଷ୍ଠ ସଙ୍ଗ ପାଇ ତାଙ୍କ ସହିତ ଅନ୍ତରଙ୍ଗ ନିବିଡ଼ ସମ୍ପର୍କ ସ୍ଥାପନ କରିପାରିଥିଲେ ସେମାନଙ୍କ ମଧ୍ୟରେ ଏହାଙ୍କ ନାମ ଚିରସ୍ମରଣୀୟ। ମା'ଙ୍କ ସହିତ ଏଇ ଅନ୍ତରଙ୍ଗ ଆଦାନପ୍ରଦାନ ଓ ମା'ଙ୍କ ପାଖରୁ ବିଭିନ୍ନ ବିଷୟରେ ଶିକ୍ଷାଲାଭ ଓ ସେସବୁ ପ୍ରୟୋଗର ସୁଯୋଗ ତାଙ୍କ ଜୀବନକୁ ନୂଆ ନୂଆ ରଙ୍ଗରସରେ ମଣ୍ଡିତ କରିଥିଲା। ତାଙ୍କ ଅତୁଳନୀୟ ସୃଷ୍ଟି 'ଅବିସ୍ମରଣୀୟ ମୁହୂର୍ତ୍ତ' ଶୀର୍ଷକ ରଚନାରୁ ସେସବୁ ମଧୁର ଉଜ୍ଜ୍ୱଳ ସ୍ମୃତିଗୁଡ଼ିକର ପରିଚୟ ମିଳେ। ୧୯୯୭ ମସିହା ଜାନୁଆରୀ ୨୭ ତାରିଖରେ ତାଙ୍କର ଦେହାବସାନ ହୋଇଥିଲା।

# ଅବିସ୍ମରଣୀୟ ମୁହୂର୍ତ୍ତ

# ଅବିସ୍ମରଣୀୟ ମୁହୂର୍ତ୍ତ

ପ୍ରୀତି ଦାଶଗୁପ୍ତ

ଶ୍ରୀମୀରା ଟ୍ରଷ୍ଟ
ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ

ପ୍ରୀତି ଦାଶଗୁପ୍ତଙ୍କ ଦ୍ୱାରା ଲିଖିତ ବଙ୍ଗଳା ପୁସ୍ତକ 'ଅବିସ୍ମରଣୀୟ ମୁହୂର୍ତ୍ତ'ର ଓଡ଼ିଆ ଅନୁବାଦ
ଅନୁବାଦ: ଅରୋବାଳା କୁଣ୍ଡୁ, ସନ୍ତୋଷ କୁମାର ରଥ
ପ୍ରଥମ ପ୍ରକାଶନ: ୨୦୦୮

© ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟ ୨୦୦୮
ପ୍ରକାଶକ: ଶ୍ରୀମୀରା ଟ୍ରଷ୍ଟ, ପଣ୍ଡିଚେରୀ - ୬୦୫୦୦୨
ମୁଦ୍ରଣ: ଶ୍ରୀଅରବିନ୍ଦ ଆଶ୍ରମ ପ୍ରେସ୍, ପଣ୍ଡିଚେରୀ

ମୂଲ୍ୟ: ଟ୭୫.୦୦

Price: Rs. 75.00

ISBN 978-81-86413-45-6

Oriya Translation of Bengali book *Avismaraniya Muhurta*
By Priti Das Gupta
Translated by: Aurobala Kundu, Santosh Kumar Rath
First Edition: 2008

© Sri Aurobindo Ashram Trust - 2008
Published by: Sri Mira Trust, Pondicherry -605002
Printed at Sri Aurobindo Ashram Press, Pondicherry, India

# ଲେଖିକାଙ୍କ ନିବେଦନ

ଆଶ୍ରମବାସର ପ୍ରଥମରୁ ପ୍ରତିଟି କର୍ମ, ଚିନ୍ତା, ଅନୁଭୂତି ଓ ଜୀବନଚର୍ଯ୍ୟାର ବିଭିନ୍ନ ସ୍ତରରେ ମା'ଙ୍କ ସ୍ନେହ ଓ କରୁଣାର ସ୍ପର୍ଶ ପାଇଛି। ଉପଲବ୍ଧିର ଆନନ୍ଦଦାୟକ ଶୃଙ୍ଖଳା ଓ ପୂର୍ଣ୍ଣ ଆତ୍ମନିବେଦନରେ ଅସ୍ତିତ୍ୱର ବୃହତ୍ତର ତାତ୍ପର୍ଯ୍ୟକୁ ଆମମାନଙ୍କ ଚିତ୍ତରେ ପ୍ରତିଫଳିତ କରିବାକୁ ମା' ଚାହିଁଥିଲେ। ଆମମାନଙ୍କର ତୁଚ୍ଛତମ ସମସ୍ୟାର ସମାଧାନ କରିବାକୁ ବନ୍ଧୁସୁଲଭ ତତ୍ପରତାର ସହିତ ସେ ଆଗେଇ ଆସୁଥିଲେ। ତାଙ୍କ ପ୍ରସାରିତ ହସ୍ତ ଆମମାନଙ୍କୁ ସତତ ରକ୍ଷା କରି ଚାଲିଛି। ଏ ଜୀବନରେ ଏହା ଯେ କେତେ ବଡ଼ ଦାନ ଭାବିଲେ ଥଳକୂଳ ମିଳେନା।

ପ୍ରାୟ ପଚାଶ ବର୍ଷର ସ୍ମୃତିର ସଞ୍ଚୟରୁ କିଛି ମଣିକଣା ସଂଗ୍ରହ କରି ମୋତେ ଲେଖିବାକୁ ଉଦ୍‌ବୁଦ୍ଧ କରିଛନ୍ତି ଅଗ୍ରଜ ଶ୍ରୀ ନରେଶଚନ୍ଦ୍ର ଦାଶଗୁପ୍ତ ଏବଂ ଏହାକୁ ପୁସ୍ତକ ଆକାରରେ ପ୍ରକାଶ କରିବାର ସିଦ୍ଧାନ୍ତ ମଧ୍ୟ ତାଙ୍କରି।

ଲେଖାଗୁଡ଼ିକ ମାସିକ 'ଶୃଣ୍ୱନ୍ତୁ' ପତ୍ରିକାରେ ଧାରାବାହିକ ଭାବରେ ପ୍ରକାଶିତ ହୋଇଥିଲା।

ମା'ଙ୍କ ସହିତ ଆମ ଜୀବନର ଏଇ ଅନାବିଳ ମୁହୂର୍ତ୍ତଗୁଡ଼ିକର ସ୍ମୃତିଚାରଣ ଯଦି କୌଣସି ପ୍ରାଣରେ ଆଲୋକିତ ଜୀବନର ଇଙ୍ଗିତ ବହନ କରିଆଣେ, ତା'ହେଲେ ଏଇ ପରିଶ୍ରମ ସାର୍ଥକ ମଣିବି।

ପ୍ରୀତି ଦାଶଗୁପ୍ତ

# ଅଙ୍କୋକ୍ତି

'ଅବିସ୍ମରଣୀୟ ମୁହୂର୍ତ୍ତ' ପୁସ୍ତକଟି ଲେଖିକାଙ୍କର ବୌଦ୍ଧିକ କିଂବା ତାତ୍ତ୍ୱିକ ଅଭିବ୍ୟକ୍ତି ନୁହେଁ, ବରଂ ଏହା ଏକ ମାର୍ମିକ ଆକୂତିର ସ୍ୱଚ୍ଛ ନିର୍ଝର। ନିଛକ ସତ୍ୟକୁ ଭିତ୍ତି କରି ମା'ଙ୍କ ସାନିଧ୍ୟର ଦୀର୍ଘ ଦିନର ଅନୁଭୂତିକୁ ସେ ଯେଉଁଭଳି ବର୍ଣ୍ଣନା କରିଛନ୍ତି, ପଢ଼ିଲେ ଅତୀତ ଛୁଇଁ ଗଲା ପରି ଲାଗେ ଆଉ ବିଶ୍ୱାସ ଆସେ — ମୁକୁର ଅମଳିନ ଥିଲେ ପ୍ରତିବିମ୍ବ ଅତୁଟ ରହେ।

ପୁସ୍ତକରେ ସନ୍ନିବେଶିତ ଅଧିକାଂଶ କବିତାକୁ ଅନୁବାଦ କରିବାର ପ୍ରଚେଷ୍ଟା କରାଯାଇଛି; ମାତ୍ର ଓଡ଼ିଆ ପାଠକମାନଙ୍କର ରୁଚିବୋଧ ଓ ବୋଧଗମ୍ୟତାକୁ ଦୃଷ୍ଟିରେ ରଖି କେତେକ ସ୍ଥଳରେ ମୂଳ କବିତାର ସୌକୁମାର୍ଯ୍ୟକୁ ଅତୁଟ ନ ରଖି ପାରିବାର ଆଶଙ୍କା ଯୋଗୁଁ ବାଦ୍ ଦିଆଯାଇଛି ଏବଂ ପୁନରାବୃତ୍ତ ହୋଇଥିବା ପଙ୍କ୍ତି ଓ ପରିଚ୍ଛେଦଗୁଡ଼ିକର ସମ୍ପାଦନା ମଧ୍ୟ କରାଯାଇଛି।

ଅନୁବାଦକ

# ସୂଚୀପତ୍ର


| | | |
|---|---|---|
| ଧରିବାକୁ ଦିଅ ଚରଣ ମୋତେ | ... | ୧ |
| ପୂର୍ବସ୍ମୃତି | ... | ୫ |
| ଆମର ପିତୃଦେବ | ... | ୩୯ |
| ଖେଳ ଓ ପ୍ଲେ-ଗ୍ରାଉଣ୍ଡ ସମ୍ପର୍କରେ | ... | ୬୦ |
| ମା'ଙ୍କ ପାଇଁ ପ୍ରତୀକ୍ଷା | ... | ୭୪ |
| ରୋଗ ଓ ରୋଗର ଚିକିତ୍ସା | ... | ୮୧ |
| ପ୍ଲେ-ଗ୍ରାଉଣ୍ଡରେ ମା'ଙ୍କ କ୍ଲାସ | ... | ୯୯ |
| ମା'ଙ୍କ ପାଖରୁ ଫରାସୀ ଶିକ୍ଷା | ... | ୧୧୫ |
| ପିଲାମାନଙ୍କ କ୍ଲାସ | ... | ୧୨୫ |
| ଭାରତର ମାନଚିତ୍ର ଓ ମା'ଙ୍କ ପ୍ରତୀକ | ... | ୧୨୮ |
| ପୂର୍ଣ୍ଣଯୋଗ ଓ ଶରୀର | ... | ୧୩୫ |
| ନିଃଶେଷ ଆତ୍ମବଳି | ... | ୧୪୧ |
| ନିଶ୍ଚେତନାରୁ ଉତ୍ତରଣ | ... | ୧୪୫ |
| ଦୁର୍ଗାପୂଜା | ... | ୧୫୩ |
| ବନ୍ଦେ ମାତରମ୍ | ... | ୧୭୪ |
| ମା'ଙ୍କ ଚାରି ରୂପ | ... | ୧୯୦ |
| ଗଛପତ୍ର ସହିତ ମା'ଙ୍କର ନିବିଡ଼ ସମ୍ପର୍କ | ... | ୨୧୩ |
| ଜନ୍ମଦିନ | ... | ୨୧୯ |
| ରହସ୍ୟମୟୀ ମା' | ... | ୨୨୪ |
| ପ୍ରଣାମ | ... | ୨୨୭ |
| ନାମମନ୍ତ୍ର | ... | ୨୩୧ |
| ଦର୍ଶନ | ... | ୨୩୫ |
| 'ସାଧ୍ୟ କି ଅଛି ମୂର୍ତ୍ତ କରିବି ସେଇ ମୁହୂର୍ତ୍ତ' | ... | ୨୩୮ |
| ପୂର୍ବବଙ୍ଗର ନବଜନ୍ମ | ... | ୨୪୯ |
| କେତୋଟି ଅବିସ୍ମରଣୀୟ ଘଟଣା | ... | ୨୫୧ |
| ପ୍ଲେ-ଗ୍ରାଉଣ୍ଡ | ... | ୨୬୪ |



ଲକ୍ଷ୍ମୀପୂଜା ଦିନ (୧୧. ୧୦.୧୯୫୪) ଶ୍ରୀମାଙ୍କଠାରୁ ଆଶୀର୍ବାଦ ଗ୍ରହଣ



ଶ୍ରୀମାଙ୍କ ଦ୍ୱାରା ଅଙ୍କିତ ଲେଖିକାଙ୍କ ରେଖାଚିତ୍ର

# ଧରିବାକୁ ଦିଅ ଚରଣ ମୋତେ

ଟେବୁଲ ଉପରେ ଲେଖୁଛି। ପୂରାପୂରି ସାମନାସାମନି ମା'ଙ୍କ ଶ୍ରୀଚରଣ ! ଦେଖୁ ଦେଖୁ ମନ ଅପାର୍ଥିବ ଆନନ୍ଦରେ ଭରି ଉଠିଲା। ମନେ ପଡୁଛି କେମିତି ମା'ଙ୍କର ଏଇ ଶ୍ରୀଚରଣଟି ପାଇଥିଲି। ପ୍ରତିବର୍ଷ ଜନ୍ମଦିନ ପୂର୍ବରୁ ମା' ପଚାରନ୍ତି, ''କ'ଣ ଦରକାର ?'' ଆଶ୍ଚର୍ଯ୍ୟର କଥା ଯେ ଠିକ୍ ସେଇ ମୁହୂର୍ତ୍ତରେ କିଛି ବି ଦରକାର ନ ଥାଏ ! ଯେତେ ଚେଷ୍ଟା କଲେ ବି କିଛି ମନେ ପଡ଼େ ନା। ତଳ ମହଲାକୁ ଓହ୍ଲାଇ ଆସିବା ପରେ ଭାବେ ଆଗାମୀ ଜନ୍ମଦିନରେ ମା'ଙ୍କ ଶ୍ରୀଚରଣର ଛବିଟିଏ ମାଗିନେବି। କିନ୍ତୁ ପ୍ରତ୍ୟେକ ଥର ସେଇ ସମାନ ଘଟଣାର ପୁନରାବୃତ୍ତି ଘଟୁଥିଲା !

''କ'ଣ ଦରକାର ?'' ଏକଥା ଶୁଣିବା ମାତ୍ରେ ନିମିଷକେ ସବୁକିଛି ବିସ୍ମୃତିର ଅତଳରେ ବୁଡ଼ିଯାଉଥିଲା। କାହିଁକି ଏମିତି ହେଉଥିଲା ଜାଣିନି। ମନେ ହେଉଥିଲା ମୋର କିଛି ବି ଦରକାର ନାହିଁ। ମୋ ପାଇଁ ଏହା ଥିଲା ଗୋଟିଏ ପରମ ରହସ୍ୟ।

୧୯୭୨ ମସିହାର ମୋ ଜନ୍ମଦିନରେ ମା'ଙ୍କ ଚରଣରେ ପ୍ରଣାମ କରିବାଟି ଥିଲା ମୋର ଶେଷ ପ୍ରଣାମ। ଯଥାରୀତି ପ୍ରଣାମ କରି ମା'ଙ୍କ ପାଖରୁ ଆଶୀର୍ବାଦ ଫୁଲ ନେଇ ଯେତେବେଳେ ଫେରି ଆସୁଛି, ହଠାତ୍ ଚମ୍ପକଲାଲଜୀ ମୋତେ ଡାକିଲେ, ''ପ୍ରୀତି, ମା' ତୁମକୁ ଡାକୁଛନ୍ତି।''

ମୁଁ ସଙ୍ଗେ ସଙ୍ଗେ କବାଟ ପାଖରୁ ମା'ଙ୍କ ପାଖକୁ ଫେରି ଆସିଲି। ଆଣ୍ଠୁମାଡ଼ି ବସିବା ମାତ୍ରେ ଚମ୍ପକଲାଲଜୀ ମା'ଙ୍କ ଶ୍ରୀଚରଣର ରଙ୍ଗୀନ ଫଟୋଟିଏ ମା'ଙ୍କ ହାତରେ ଦେଲେ। ମା' ମଧୁର ଭାବରେ ହସି ମୋତେ ସେଇ ଫଟୋଟି ଦେଲେ।

ମୁଁ ବିସ୍ମିତ। ଆନନ୍ଦରେ ଆପ୍ଲୁତ। ଭାବିଲି ଏହା ବି କ'ଣ ସମ୍ଭବ ! ମା' ମୋର ଏତେଦିନର ଆକାଂକ୍ଷା ଆଜି ପୂର୍ଣ୍ଣ କଲେ ! ମା'ଙ୍କୁ ପୁଣି ଥରେ ପ୍ରଣାମ କଲି। ମନେ ମନେ କହିଲି:

''ଦେଖୁଛି, ପ୍ରାଣ ସମର୍ପିଛି,
ରଙ୍ଗା ଚରଣେ ଯେ ବନ୍ଧା ପଡ଼ିଛି !''

ଧୀର ଶାନ୍ତ ଭାବରେ ଫେରି ଆସିଲି। ଶିଡ଼ିରେ ଓହ୍ଲାଉ ଓହ୍ଲାଉ ମନେହେଲା କି ଆଶ୍ଚର୍ଯ୍ୟର କଥା। ମୋର ଏତେ ଦିନର ଆକାଂକ୍ଷା ଆଜି କେମିତି ଭାବରେ ପୂର୍ଣ୍ଣ ହେଲା ! କୃତଜ୍ଞତାରେ ମନ ଉଛୁଳି ଉଠିଲା...।

ଏବେ ମେଡ଼ିଟେଶନ ହଲ୍‌ରେ ଯେଉଁଠି ମା'ଙ୍କର ଶଯ୍ୟାଟି ରଖାଯାଇଛି,

ସେଇ ଜାଗାରେ ଚୁପ୍ ହୋଇ ଅନେକ ସମୟ ବସିରହିଲି। ସେତେବେଳେ କ'ଣ ଜାଣିଥିଲି ଯେ ବର୍ଷଟିଏ ପରେ ମା'ଙ୍କ ଶରୀର ଉପରୁ ଓହ୍ଲାଇ ଆଣି ଠିକ୍ ଏଇ ଜାଗାରେ ରଖାହେବ! ଆଉ ମା'ଙ୍କ ପାଖକୁ ଏଇଟି ହେବ ମୋର ଶେଷ ଯିବା! ହୁଏତ ସେଇଥିପାଇଁ ଚରଣର ଫଟୋଟି ଦେଇ ମା' ମୋର ଏତେଦିନର ବାସନା ପୂର୍ଣ୍ଣ କରିଥିଲେ। ଶ୍ରୀଅରବିନ୍ଦଙ୍କର ଯେଉଁ ଫଟୋଟି ଏବେ ସାମନା ହଲ୍‌ରେ ଆଣି ରଖାଯାଇଛି ପୂର୍ବରୁ ତାହା ଏବେ ମା'ଙ୍କ ଶଯ୍ୟା ଯେଉଁ ଜାଗାରେ ଅଛି ସେହିଠାରେ ଥିଲା। ଶ୍ରୀଅରବିନ୍ଦଙ୍କ ସେହି ଫଟୋ ସାମନାରେ ମୁଁ ବସିଥିଲି। ଶ୍ରୀଅରବିନ୍ଦଙ୍କ ଏଇ ଫଟୋଟି ତାଙ୍କ ତିରୋଧାନ ପରେ ସେଠାରେ ଆଣି ରଖାଯାଇଥିଲା। ଆମେ ସେଇଠି ତାଙ୍କୁ ସକାଳେ ଓ ସନ୍ଧ୍ୟାରେ ପ୍ରଣାମ କରୁଥିଲୁ। ଆଉ ପ୍ରାର୍ଥନା କରୁଥିଲୁ, "ପ୍ରଭୁ, ଭଗବାନ୍ ଶ୍ରୀଅରବିନ୍ଦ, ଫେରିଆସ, ଫେରିଆସ। ଆମ ଦେଶ ଭାରତବର୍ଷକୁ ଏକ କର, ଅଖଣ୍ଡ କର, ହେ ଭଗବାନ୍।" ଏବେ ମଧ୍ୟ ନିୟମିତ ଭାବେ ମୁଁ ସେଇ ପ୍ରାର୍ଥନା କରେ। ଭଗବାନ୍ କ'ଣ ଆମର ଏଇ ପ୍ରାର୍ଥନା ପୂରଣ କରିବେନି?

ମା'ଙ୍କୁ ଆମେ ଭଲ ପାଉ। ତାଙ୍କୁ ଆମେ ସ୍ୱୟଂ ମା' ଅଦିତି, ମାହେଶ୍ୱରୀ, ମହାକାଳୀ, ମହାଲକ୍ଷ୍ମୀ, ମହାସରସ୍ୱତୀ ଏସବୁ ରୂପରେ ଉଣାଅଧିକେ ଅନୁଭବ କରିଛୁ। ନିଆଁ ପାଖରେ ଥିଲେ ତାର ଧାସ ଟିକିଏ ନା ଟିକିଏ ଶରୀରକୁ ସ୍ପର୍ଶ କରିବହିଁ କରିବ। ଆମେ ନିଜକୁ ଅପରିଣତ, ଅଜ୍ଞ ଜାଣି ମଧ୍ୟ ଅତି ସହଜ ଭାବରେ ମା'ଙ୍କର ସବୁ ରୂପର କରୁଣାମୟ ସ୍ପର୍ଶ ଲାଭ କରିଛୁ। କିନ୍ତୁ ମା'ଙ୍କ ଶରୀର ଯେ ସମ୍ପୂର୍ଣ୍ଣରୂପେ ଦେବୀଙ୍କ ଶରୀର ଏଇ ଜ୍ଞାନ ଓ ଉପଲବ୍ଧି ଆମର ନ ଥିଲା। ଏତେ ସହଜରେ ତାଙ୍କୁ ଆମେ ପାଖରେ ପାଇଥିଲୁ ଯେ ଧାରଣା ମଧ୍ୟ କରିପାରି ନ ଥିଲୁ ମା'ଙ୍କର ଏଇ ମାନୁଷୀ ତନୁ — ଯାହାର ଆଶ୍ରୟରେ ଆମେ ଏଇ ବିପଦସଙ୍କୁଳ ପଥରେ ଆଗେଇ ଚାଲିଛୁ ସେଇ ତନୁର ଅଣୁ ପରମାଣୁ ଏମିତି କି ବାହାରର ଆକୃତି ମଧ୍ୟ ସ୍ୱୟଂ ମା' ଅଦିତିଙ୍କର! ମା'ଙ୍କୁ ଏତେ ନିକଟରେ ପାଇ ମା'ଙ୍କ ଦେହକୁ ଆମେ ଆମର ପରମ ବନ୍ଧୁ ବୋଲି ଜାଣିଥିଲୁ। କିନ୍ତୁ ତା'ର ମୂଲ୍ୟ ଯେ କେତେ ଅପରିସୀମ ତାହା ଘଟଣାଚକ୍ରରେ ଦିନେ ମା'ଙ୍କ ନିଜ ମୁହଁରୁହିଁ ପ୍ରକାଶ ପାଇଥିଲା। ତାହା ଏକ ବିସ୍ମୟକର ଅଭିଜ୍ଞତା।

ମା' ଯେତେବେଳେ ଟେନିସ୍ ଖେଳୁଥିଲେ ସେତେବେଳେ 'ତାବି' ପିନ୍ଧିହିଁ ଖେଳୁଥିଲେ। ଏଇ 'ତାବି' ହେଉଛି ପାଦରେ ପିନ୍ଧିବା ସକାଶେ ବିଶେଷ ପ୍ରକାରର ଏକ ଜାପାନୀ ବସ୍ତୁ। ଜୋତା ନୁହେଁ କି ମୋଜା ନୁହେଁ; ଖୁବ୍ ଆରାମଦାୟକ। ମା' ଜାପାନରୁ ଯେଉଁ କେତେ ଯୋଡ଼ା ତାବି ଆଣିଥିଲେ ତାହା ପ୍ରାୟ ଶେଷ ହୋଇଆସିଥିଲା। ଦିନେ

ଟେନିସ୍ ଗ୍ରାଉଣ୍ଡରେ ମା' ବସୁଧାଙ୍କୁ ଡାବି ବିଷୟରେ କହୁଥିଲେ। କେମିତି ଡାବି ଯୋଗାଡ଼ କରାଯିବ ସେଇ ବିଷୟରେ କଥା ଚାଲିଥିଲା। ମୁଁ ପାଖରେ ଛିଡ଼ା ହୋଇଥିଲି। ସବୁ ଶୁଣିଲି। ଏମିତି ଭାଗ୍ୟ ଯେ କିଛିଦିନ ପରେ ସାନମାମୁ (ହିମାଂଶୁ) ଏଠାକୁ ଆସିଲେ। ଜାପାନ ଯିବେ। ଯିବା ପୂର୍ବରୁ ମା'ଙ୍କ ଅନୁମତି ନେବାକୁ ଆସିଥା'ନ୍ତି। ମୋ ଖୁସି କହିଲେ ନ ସରେ। ସାନମାମୁଙ୍କୁ କହିଲି, ''ମା'ଙ୍କ ପାଇଁ ଜାପାନରୁ ଡାବି ଆଣିଦେବାକୁ ହେବ।''

ସାନମାମୁ କହିଲେ, ''ମା'ଙ୍କ ପାଦର ମାପ ଆଣିଦିଅ। ଯେକୌଣସି ଡାବି ତ ମା'ଙ୍କ ପାଦକୁ ହେବ ନାହିଁ।''

ଟେନିସ୍ ଖେଳି ସାରି ପ୍ଳେ-ଗ୍ରାଉଣ୍ଡକୁ ଫେରିଆସି ମା' ଯେତେବେଳେ ତାଙ୍କ ଘରେ ସୋଫାରେ ବସିଥିଲେ, ସେତିକିବେଳେ ମୁଁ ହାତରେ କାଗଜ ଓ ପେନ୍ସିଲ୍ ଧରି ଘର ଭିତକୁ ପଶିଲି। ମା'ଙ୍କୁ କହିଲି, ''ମା', ଏଇ କାଗଜ ଉପରେ ତୁମ ଚରଣ ରଖ। ମୁଁ ଆଙ୍କି ନେବି। ସାନମାମୁ ଜାପାନ ଯିବେ। ତୁମ ପାଇଁ ଡାବି ଆଣିଦେବେ। ମାପ ଦରକାର ଯେ।'' ମା' ସଙ୍ଗେ ସଙ୍ଗେ ରାଜି ହୋଇଗଲେ।

ମା'ଙ୍କ ଚରଣ ଆଙ୍କି ନେବା ପାଇଁ ମୁଁ ନଇଁ ପଡ଼ିଲି। ମା'ଙ୍କ ଚରଣ ଯେତେ ଦେଖୁଛି ସେତେ ବିସ୍ମିତ ହେଉଛି! ହାତ ଚାଲୁ ନି! ଏମିତି ଭାବରେ ଏତେ ସମୟ ଧରି ମା'ଙ୍କ ଚରଣ ଦେଖିବାର ତ ସୁଯୋଗ କେବେ ହୋଇ ନ ଥିଲା। ମା'ଙ୍କ ଚରଣ ଓ ଅଙ୍ଗୁଳିର ଏତେ ନିଖୁଣ ଗଢ଼ଣ ଓ ସୌନ୍ଦର୍ଯ୍ୟ ଦେଖି ମୁଁ ମୁଗ୍ଧ। ସବୁ ଭୁଲିଯାଇ ଚାହିଁ ରହିଛି। ଆହା, କି ଅପୂର୍ବ ଚରଣ। ପ୍ରତିଟି ଆଙ୍ଗୁଳି କି ସୁନ୍ଦର ଭାବରେ ଗଢ଼ା ହୋଇ ସଜେଇ ରଖାଯାଇଛି। ମା'ଙ୍କ ପଦାଙ୍ଗୁଳିରେ ସୂର୍ଯ୍ୟଙ୍କର ତେଜ। ପ୍ରତିଟି ନଖ ଯେମିତି ସୂକ୍ଷ୍ମ କାରୁକାର୍ଯ୍ୟରେ ଭରା ଗୋଟିଏ ଗୋଟିଏ ଛୋଟ ଶାମୁକା। ପଦ୍ମଫୁଲର ସୁଷମା ଆଉ ଶିଶିରର ସ୍ନିଗ୍ଧତା ଦେଇ ମା'ଙ୍କ ଚରଣ ଗଢ଼ା ହୋଇଛି। ତେଜ, ସୌନ୍ଦର୍ଯ୍ୟ ଆଉ ସ୍ନିଗ୍ଧତାର ଏକ ଆଶ୍ଚର୍ଯ୍ୟଜନକ ମିଳନ ଘଟିଛି ମା'ଙ୍କ ଏଇ ଚରଣରେ। ଏମିତି ଭାବରେ ମା'ଙ୍କ ଚରଣକୁ ଜୀବନରେ ଆଉ ତ କେବେ ଦେଖିବାର ସୌଭାଗ୍ୟ ହୋଇ ନ ଥିଲା। ମୁଁ ଧନ୍ୟ ହେଲି।

କେତେ ସମୟ ଧରି ଏମିତି ଭାବରେ ମା'ଙ୍କ ଚରଣ ଦୁଇଟିକୁ ଚାହିଁ ରହିଥିଲି ଜାଣି ନି। ହଠାତ୍ ସଂବିତ୍ ଫେରିଲା ଯେତେବେଳେ ମା' ମୋ ମୁଣ୍ଡକୁ ଆସ୍ତେ ସ୍ପର୍ଶ କଲେ। ମୁଁ ଶୀଘ୍ର ଶୀଘ୍ର ପେନ୍ସିଲ୍ ଦେଇ କାଗଜ ଉପରେ ମା'ଙ୍କ ଚରଣ ଆଙ୍କିନେଲି। ମୁହଁ ଉଠାଇ ମା'ଙ୍କ ଆଡ଼କୁ ଚାହିଁ କହିଉଠିଲି, ''ମା', ତୁମ ଚରଣ କି ଅପୂର୍ବ ସୁନ୍ଦର! କି ସୁନ୍ଦର!

ମା' ମଧୁର ଭାବରେ ହସି ଯେମିତି ଟିକିଏ ରହସ୍ୟ କରି କହିଲେ, "କାହିଁକି, କେବେ ଦେବଦେବୀଙ୍କର ମୂର୍ତ୍ତି ଦେଖି ନାହଁ ?" ମୁଁ ହତବାକ୍ ହୋଇଗଲି। ସତରେ ତ ! ମା' ଦୁର୍ଗା, ମହାଲକ୍ଷ୍ମୀ, ମହାସରସ୍ୱତୀଙ୍କ ଚରଣ ତ ଏମିତି ଗଢ଼ା ହୋଇଥାଏ। ଶିଳ୍ପୀମାନେ ଦେବଦେବୀଙ୍କର ଯେଉଁ ମୂର୍ତ୍ତିସବୁ ଗଢ଼ିଛନ୍ତି ତା'ହେଲେ ସେମାନେ ସୂକ୍ଷ୍ମଲୋକରେ ମା'ଙ୍କ ଦର୍ଶନ ପାଇବା ପରେ ଯାଇ ସେସବୁ ମୂର୍ତ୍ତି ଗଢ଼ିବାର ପ୍ରେରଣା ପାଇଛନ୍ତି ! ଖୁବ୍ ଆଶ୍ଚର୍ଯ୍ୟ ଲାଗୁଥିଲା। ଆମେ, ମଣିଷମାନେ ମା'ଙ୍କର ସେଇ ଦିବ୍ୟ ତନୁଟିକୁ ଏଇ ମର୍ତ୍ତ୍ୟଧାମରେ ଏମିତି ଭାବରେ ମାନୁଷୀ ତନୁ ରୂପରେ ଏତେ ନିକଟରେ ପାଇଛୁ ! ଦର୍ଶନ କରି ଧନ୍ୟ ହେଉଛୁ। ଦେବଦେବୀଙ୍କ ଛବିରେ ବା ମୂର୍ତ୍ତିରେ ଏଇ ଅନୁପମ ଚରଣ ଦେଖିବାକୁ ପାଇବା ଗୋଟିଏ କଥା, ଆଉ ଠିକ୍ ଏମିତି ଚରଣଯୁଗଳ ନେଇ ମା' ଯେ ଧରାଧାମକୁ ଓହ୍ଲାଇ ଆସିଛନ୍ତି ଏବଂ ସେଇ ଚରଣ ଆମେ ଦର୍ଶନ କରୁଛୁ, ଛୁଇଁ ପ୍ରଣାମ କରୁଛୁ ତାହା ଭିନ୍ନ ଏକ କଥା, ଭିନ୍ନ ଏକ ଅନୁଭୂତି। ମୁଁ ବିସ୍ମୟରେ ସ୍ତବ୍ଧ ହୋଇ ବସି ରହିଲି। ମା' ପୁଣି ଥରେ ମୋ ମୁଣ୍ଡରେ ହାତ ରଖି ଆଶୀର୍ବାଦ କଲେ। ଅପୂର୍ବ ଏକ ଆନନ୍ଦର ଶିହରଣ ସାରା ଶରୀରରେ ଖେଳିଗଲା। ମା'ଙ୍କ ଚରଣରେ ମଥା ଛୁଆଁଇଲି। ପ୍ରଣାମ କଲି। ଏଇ ପ୍ରଣାମ ସେଇ ମୁହୂର୍ତ୍ତରୁ ମୋ ଜୀବନରେ ଏକ ଭିନ୍ନ ରୂପ ନେଲା।

କାଗଜ ପେନ୍ସିଲ୍ ଧରି ଉଠି ଛିଡ଼ା ହେଲି। ମା'ଙ୍କ କୋଠରିରୁ ବାହାରି ଆସି ଆକାଶକୁ ଚାହିଁ ଦେଖେ ପଶ୍ଚିମ ଆକାଶ ଯେମିତି ଅବିର ମାଖିଛି। ତା' ଭିତରୁ ସୂର୍ଯ୍ୟରଶ୍ମି ବିଚ୍ଛୁରିତ ହୋଇ ଚାରିଆଡ଼କୁ ବିଛାଡ଼ି ହୋଇପଡ଼ିଛି। ମା'ଙ୍କ ଚରଣ ଦୁଇଟି କ'ଣ ସେଇ ସୂର୍ଯ୍ୟକିରଣରେ ଗଢ଼ା ? କିଏ ସେଇ ଶିଳ୍ପୀ ? ମନରେ ଗୁଞ୍ଜରିତ ହୋଇଉଠିଲା ଏଇ ପଂକ୍ତି ଦୁଇଟି:

"ଜନନୀ ତୁମର ଚରଣ କମଳ ବେନି
ଦେଖିଲି ଆଜି ଏ ଅରୁଣ କିରଣ ରୂପେ।"

# ପୂର୍ବସ୍ମୃତି

ମା' ମାହେଶ୍ୱରୀ, ମା' ମହାକାଳୀ, ମା' ମହାଲକ୍ଷ୍ମୀ, ମା' ମହାସରସ୍ୱତୀ, ମା' ମା'ଗୋ। ତୁମ ଚରଣ କମଳ ବନ୍ଦନା କରି ସ୍ମୃତିର ଝିଅଟି ଭସାଇଦେଲି...।

ମା'ଙ୍କର କ୍ଷଣିକ ଦର୍ଶନଲାଭ ଆମ ଅନ୍ତରରେ ଯେ କି ଅପାର ଆନନ୍ଦର ଅନୁଭୂତି ଜାଗରିତ କରୁଥିଲା, ତାଙ୍କ ଉପସ୍ଥିତି ଯେ ଆମକୁ କେମିତି ଚୁମ୍ବକ ପରି ଟାଣୁଥିଲା ଓ ଘଣ୍ଟା ଘଣ୍ଟା ଧରି ସ୍ଥିର ଭାବରେ ଗୋଟିଏ ଜାଗାରେ ବସାଇ ରଖୁଥିଲା — ସେସବୁ ଘଟଣା ଆଜି ଅତୀତର ଇତିହାସ। ତାଙ୍କ ଅଲୌକିକ, ଅନିର୍ବଚନୀୟ ସ୍ପର୍ଶରେ ଯେଉଁ ଅପୂର୍ବ ଶାନ୍ତିର ଅମୃତଧାରା ଆମ ଅନ୍ତରରେ ଓ ଦେହର ପ୍ରତିଟି ଅଣୁ ପରମାଣୁରେ ବହିଯାଉଥିଲା ସେଇ ବିଚିତ୍ର ଅନୁଭୂତି କଥା ବର୍ଣ୍ଣନା କରାଯାଇପାରେ ନା। ଯେଉଁମାନେ ସେଇ ଦିବ୍ୟ ସ୍ପର୍ଶ ପାଇଛନ୍ତି ସେମାନେ କେବଳ ଏଇ ଅଭିଜ୍ଞତା କଥା ମର୍ମେ ମର୍ମେ ବୁଝିବେ। ଏହା ଥିଲା ନିତିଦିନିଆ ଘଟଣା। ଏତେ ସହଜରେ, ଏତେ ଅନାୟାସରେ ଆମେ ଏଇ ସବୁ ଅଭିଜ୍ଞତା ଆହରଣ କରୁଥିଲୁ ଯେ ମନେହୁଏ ସ୍ୱୟଂ ଦେବଦେବୀମାନେ ମଧ୍ୟ ନିଶ୍ଚୟ ଆମକୁ ଈର୍ଷା କରୁଥିବେ। ମା' ସ୍ୱୟଂ ଓହ୍ଲାଇ ଆସି ତାଙ୍କ କରୁଣାର ଭଣ୍ଡାର ଏଇ ମର୍ତ୍ତ୍ୟଧାମରେ ଅଜାଡ଼ି ଦେଇଛନ୍ତି। ଏବେ ଅବସର ସମୟରେ ମା'ଙ୍କ ପ୍ରତିଟି କଥାରେ, ପ୍ରତିଟି ବ୍ୟବହାରରେ ଥିବା ଦିବ୍ୟ ସୁଷମାର ସ୍ମୃତି ମନକୁ ଆଚ୍ଛନ୍ନ କରିପକାଏ। ତାଙ୍କ କଥା ଚିନ୍ତା କରୁ କରୁ ହୃଦୟର ଗଭୀର ଗହନରେ ସମସ୍ତ ଚେତନା ବୁଡ଼ିଯାଏ। ସେସମୟରେ ମନେ ହେଉଥିଲା ଏହା ତ ସ୍ୱାଭାବିକ। ଏମିତି ଭାବରେ ଜୀବନ ଅତିବାହିତ ହେବ! ସ୍ୱୟଂ ମା' ଅଦିତି ଯେତେବେଳେ ଏଇ ଧରଣୀରେ ଅବତରଣ କରିଛନ୍ତି ସେତେବେଳେ ଆମ ଉପରେ ଅର୍ଥାତ୍ ତାଙ୍କ ସନ୍ତାନମାନଙ୍କ ଉପରେ ଅଫୁରନ୍ତ ସ୍ନେହର ଧାରା ବର୍ଷିବହିଁ ବର୍ଷିବ। ଏହାହିଁ ଥିଲା ଆମମାନଙ୍କର ଦୃଢ଼ ବିଶ୍ୱାସ।

ଛୋଟ ଶିଶୁଟିକୁ ମଧ୍ୟ ମା' ତା'ରି ପରି ହୋଇ ଧରାଦେଉଥିଲେ, ଭଲ ପାଉଥିଲେ, କେତେ ଗପ, ହସ କଥା, ଢଗଢମାଳି କହି ଭୁଲାଉଥିଲେ, ଶିକ୍ଷା ଦେଉଥିଲେ। ଯେତେବେଳେ ସନ୍ଧ୍ୟାରେ ଛୋଟ ପିଲାମାନଙ୍କର କ୍ଲାସ ନେଉଥିଲେ, ସେତେବେଳେ ମା'ଙ୍କର ଏଇ ରୂପ ଖୁବ୍ ସୁନ୍ଦର ଭାବରେ ଫୁଟି ଉଠୁଥିଲା।

''ମୁଁ ବିପୁଳ କିରଣେ ଭୁବନ ଆଲୋକେ
ହେଲେ ଶିଶିରେ ଦିଅଇ ଧରା
ପୁଣି ପାଇ ଯେ ପାରଇ ଭଲ।''

କବିଙ୍କର ଏଇ ପଦଟି ମା'ଙ୍କ ସମ୍ବନ୍ଧରେ ସମ୍ପୂର୍ଣ୍ଣ ଭାବରେ ପ୍ରଯୁଜ୍ୟ। ସାନବଡ଼ ସମସ୍ତଙ୍କ ପ୍ରତି ମା'ଙ୍କର ଏଇ ଯେଉଁ ଅଫୁରନ୍ତ ଭଲପାଇବା, ସେଇଥିରୁ କେତେ ବୁନ୍ଦା ଏଇ ଲେଖାରେ ଦେବାକୁ ଚେଷ୍ଟା କରିବି। ନିଜ କଥା ବାରଂବାର ଆସିଯିବ। ସ୍ମୃତିଚାରଣରେ ଏହା ଅବଶ୍ୟମ୍ଭାବୀ।

ମା'ଙ୍କର ପ୍ରତିଟି ବ୍ୟବହାର ଯେ କେତେ ଉପଭୋଗ୍ୟ ଥିଲା ତାହା ଲେଖି ବର୍ଣ୍ଣନା କରାଯାଇ ପାରିବ ନାହିଁ। ତାଙ୍କ କଥା କହିବା, ଚାହିଁବା, ପ୍ରତିଟି ଭଙ୍ଗୀର ସେଇ ସୁକୁମାର ସୌନ୍ଦର୍ଯ୍ୟ ଏବେବି ଆମକୁ ସୁଦୂରର କୌଣସି ସୂକ୍ଷ୍ମ ଜଗତକୁ ଇଶାରା କରେ।

ସେଇସବୁ ଦିନଗୁଡ଼ିକର କଥା କ'ଣ ଭୁଲି ହେବ? ତୁମେମାନେ ବି ତ ମା'ଙ୍କ ସ୍ନେହଛାୟାରେ ମଣିଷ ହୋଇଛ। ମା'ଙ୍କ ହସ, ମା'ଙ୍କ କଥା ତୁମମାନଙ୍କ ସ୍ମୃତିର ଫରୁଆରେ ବି ଉଜ୍ଜ୍ୱଳ ହୋଇ ରହିଛି। ଥରେ ଯିଏ ମା'ଙ୍କୁ ମା' ବୋଲି, ବନ୍ଧୁ ବୋଲି ଜାଣିବାର ଅଧିକାର ପାଇଛି ତା' ଜୀବନର ଛନ୍ଦହିଁ ବଦଳିଯାଇଛି।

ମନେପଡ଼େ ମା' ଛୋଟ ଛୋଟ ପିଲାମାନଙ୍କର ଫ୍ରେଞ୍ଚ କ୍ଲାସ ନେବା କଥା। କ୍ଲାସ ହେଉଥିଲା ଅଗଣାରେ। ତାହା ଥିଲା ସେଇ ଘରର ଅଗଣା ଯେଉଁ ଘରେ ଏକଦା ମା' ଓ ଶ୍ରୀଅରବିନ୍ଦ ରହୁଥିଲେ। ସେଇ ଘରଟିରେ ମଧ୍ୟ ଶ୍ରୀଅରବିନ୍ଦଙ୍କ ସହିତ ମା'ଙ୍କର ପ୍ରଥମ ସାକ୍ଷାତ ହୋଇଥିଲା। ଏଇ ଛୋଟ ପିଲାମାନଙ୍କ କ୍ଲାସରେ ମା' ଗୋଟିଏ କରି ଶ୍ରୁତଲିଖନ ଦେଉଥିଲେ। ପୁଣି ଏତେ ଗୁଡ଼ିଏ ଖାତା ନିଜେ ତତ୍‌କ୍ଷଣାତ୍ ସଂଶୋଧନ କରୁଥିଲେ। କି ଅଖଣ୍ଡ ମନୋଯୋଗରେ ସେଇ ସାନ୍ଧ୍ୟକ୍ଲାସଟି ମା' ନେଉଥିଲେ! କେହି ଆବୃତ୍ତି କରି ନ ପାରିଲେ ଆସ୍ତେ ଆସ୍ତେ ତାକୁ ପାଠଟି କହି ଦେଉଥିଲେ। ଏଇ କ୍ଲାସରେ ଛୋଟ ପିଲାମାନଙ୍କୁ ପ୍ରତିଦିନ ପ୍ରାୟ କବିତା ମୁଖସ୍ଥ କରିବାକୁ ପଡୁଥିଲା। ପଢ଼ାଇବା ସମୟରେ କେବେ ହେଲେ ମା'ଙ୍କୁ ରାଗିବାର ଦେଖି ନାହିଁ। ଆମେମାନେ ବି ତ ସ୍କୁଲରେ ଶିକ୍ଷୟିତ୍ରୀ। ସାନ ସାନ ପିଲାମାନେ ଯେତେବେଳେ ଚଟାଣ ଉପରେ ହାମୁଡ଼ାଇ ଶ୍ରୁତଲିଖନ ଲେଖୁଥିଲେ ସେତେବେଳେ ଆମେ ସେମାନଙ୍କର ବସିବା ଭଙ୍ଗୀଟିକୁ ସତରେ ଉପଭୋଗ କରୁଥିଲୁ। ଏଇ ପିଲାମାନଙ୍କ କ୍ଲାସର ଫଟୋ ତ ତୁମେମାନେ ଦେଖିଥିବ।

ଗୋଟିଏ ସମୟ ଥିଲା ଯେତେବେଳେ ପ୍ରଣବ ଏଇ ଅଗଣାରେ ପ୍ରତିଦିନ କ୍ଲାସ ନେବା ପୂର୍ବରୁ ମା'ଙ୍କ ଗଳାରେ ମାଳାଟିଏ ପିନ୍ଧାଇ ଦେଉଥିଲେ। ତାହା ଥିଲା ଗୋଟିଏ ଅପୂର୍ବ ଦୃଶ୍ୟ! କି ସୁନ୍ଦର ଯେ ମା'ଙ୍କୁ ଦେଖାଯାଉଥିଲା! ଅଭୁଲା ମା'ଙ୍କର ସେଇ ମଧୁର ହସ। ସେଇ ମାଳା ପିନ୍ଧାଇବାର ଦୃଶ୍ୟ ଦେଖିବା ପାଇଁ ଆମେ ଅଗଣାର

ଗୋଟିଏ କୋଣରେ ଅଧୀର ହୋଇ ଅପେକ୍ଷା କରି ରହୁଥିଲୁ। ଆଉ ତ ସେଇ ଅଭାବନୀୟ ଦୃଶ୍ୟଟି ଦେଖି ପାରିବୁ ନାହିଁ। ଏକଥା ଭାବିଲେ ମନ ଖରାପ ହୋଇଯାଏ। ସେଇ ସମୟରେ ଗୋଟିଏ କବିତାର ପଂକ୍ତି ମୋର ମନେ ପଡୁଥିଲା। ମୋର ପିଲାବେଳର ସାଙ୍ଗଟିଏ ଖୁବ୍ ସୁନ୍ଦର କୀର୍ତ୍ତନ ଗାଉଥିଲା। ଦରଦଭରା ଗଳାରେ ସେ ଗାଉଥିଲା:

"ଆହା ଦେଖିଲି ନୟନେ ଢଳ ଢଳ ରୂପ
ଆଉ ତା' ଅଧରେ ମଧୁର ହସ
ମାଳାର ଗୁଣେ ନା ଗଳାର ଗୁଣେ
ମାଳା ଦୋହଲେ ଗୋ...।"

ଏଇ କୀର୍ତ୍ତନଟି ଶ୍ରୀକୃଷ୍ଣଙ୍କ ଉପରେ ଲେଖା। ମା'ଙ୍କ ଗଳାରେ ଫୁଲର ମାଳା ଦୋହଲୁଥିଲା ବେଳେ ମୋର ଏଇ ଗୀତଟି ମନେ ପଡୁଥିଲା। ଅଭିଭୂତ ହୋଇଯାଉଥିଲି। ମାଳା ପିନ୍ଧି ମା' ଅପୂର୍ବ ସୌନ୍ଦର୍ଯ୍ୟମୟୀ ଦେଖାଯାଉଥିଲେ। ଏମିତି ଘଟଣା ତ ପୃଥିବୀର ଇତିହାସରେ କେବେ ଘଟି ନାହିଁ। ବିଶ୍ୱଜନନୀ ମାଳା ପିନ୍ଧୁଛନ୍ତି ତାଙ୍କ ସନ୍ତାନ ହାତରୁ! ଶୁଣିଛି ଯେ ପ୍ଲେ-ଗ୍ରାଉଣ୍ଡର ସମସ୍ତ କାମ ଶେଷ କରି ମା' ଆଶ୍ରମକୁ ଫେରିଯାଇ ପ୍ରଥମେ ସେଇ ମାଳାଟି ଶ୍ରୀଅରବିନ୍ଦଙ୍କ ଚରଣରେ ନିବେଦନ କରୁଥିଲେ। ଯେଉଁମାନେ ସେଇ ଅଭିନବ ଦୃଶ୍ୟଟି ଦର୍ଶନ କରିବାର ସୌଭାଗ୍ୟ ଲାଭ କରୁଥିଲେ ସେମାନେ ଧନ୍ୟ। ମନେ ମନେ ସେଇ ଦୃଶ୍ୟଟି କଳ୍ପନା କରି ମୁଁ ଅଭିଭୂତ ହୋଇଯାଏ। ସ୍ୱୟଂ ମା' ଅଦିତି ଫୁଲର ମାଳା ନିବେଦନ କରୁଛନ୍ତି ପରମ ପୁରୁଷଙ୍କ ଚରଣରେ! ପୁଣି ସେଇ ଘଟଣା ଘଟିଗଲା ଆମରି ଏଇ ଧୂଳିଧୂସରିତ ଧରଣୀରେ। ଧନ୍ୟ ଆମ ମା' ବସୁନ୍ଧରା, ଧନ୍ୟ ଆମେ ମଣିଷମାନେ।

ଆମର ଅର୍ଥାତ୍ ବଡ଼ମାନଙ୍କର କ୍ଲାସ ମଧ୍ୟ ମା' ନେଉଥିଲେ। ପ୍ରତି ବୁଧବାର ଓ ଶୁକ୍ରବାର ଏହି କ୍ଲାସ ହେଉଥିଲା। ଏଇ ଦୁଇ ଦିନ ଭୋରରୁ ନିଦ ଭାଙ୍ଗିଲେ ମନରେ ପ୍ରଥମ ଚିନ୍ତା ଆସୁଥିଲା — ଆଜି ମା'ଙ୍କ କ୍ଲାସ ଅଛି। ଖୁସିରେ ମନ ନାଚି ଉଠୁଥିଲା। ସାରାଦିନ କେମିତି ଗୋଟିଏ ଉତ୍ତେଜନା ଓ ଆନନ୍ଦରେ କଟିଯାଉଥିଲା ଏଇଆ ଭାବି ଯେ ଆଜି ସନ୍ଧ୍ୟାରେ ମା'ଙ୍କ କ୍ଲାସ ଅଛି। ସବୁବେଳେ ମନକୁ ଆସୁଥିଲା ଆଜି ମା' କ'ଣ କହିବେ? ଏବେ ମଧ୍ୟ ପ୍ରତି ବୁଧବାର ଓ ଶୁକ୍ରବାର ସେଇ କ୍ଲାସ କଥା ମନେ ନ ପକାଇ ରହି ପାରେ ନା।

ପିଲାବେଳର କଥା ମନେ ପଡୁଛି। ସନ୍ଧ୍ୟା ହେଲେ ଆମ ପରି ପିଲାମାନଙ୍କୁ

ନିତି ପାଳି କରି ଜଣେ ଜଣେ ମାଉସୀ ଖୁଆଇ ଦେଉଥିଲେ। ଗୋଟିଏ ବଡ଼ ଥାଳୀରେ ଭାତ ଗୋଳାଇ ଗୋଟିଏ ଲେଖାଏଁ ଗୁଣ୍ଡା ଖୁଆଇ ଦେଉଥିଲେ, ଆଉ ସେଇ ସମୟରେ ରାମାୟଣ ଓ ମହାଭାରତର ଗପସବୁ କହୁଥିଲେ। ଗପ ଶୁଣିବା ସମୟଟି ଥିଲା ଖୁବ୍ ଉତ୍ସାହ ଓ ଉତ୍ତେଜନାର ସମୟ। ଶୈଶବର ସେଇ ଉତ୍ସାହ ଓ ଉତ୍ତେଜନା ନେଇ ମା'ଙ୍କ କଥା ଶୁଣୁଥିଲୁ। ପ୍ରତିଦିନ ମା'ଙ୍କ କଥାଗୁଡ଼ିକ ଯଦିଓ ଗଳ୍ପ ନ ଥିଲା ତଥାପି ସେଇ ଦୁରୂହ ଦାର୍ଶନିକ ତତ୍ତ୍ୱସବୁକୁ ଆମେ ଉତ୍ସାହର ସହିତ ଶୁଣୁଥିଲୁ ଆଉ ମନେହେଉଥିଲା ଯେମିତି ସବୁ ବୁଝି ପକାଉଛୁ। କେମିତି ଗୋଟିଏ ତୃପ୍ତିଲାଭ ହେଉଥିଲା।

ବଡ଼ମାନଙ୍କର କ୍ଲାସ ପ୍ଲେ-ଗ୍ରାଉଣ୍ଡରେ ହେଉଥିଲା। ଭାରତବର୍ଷର ମାନଚିତ୍ର ସାମନାରେ ମା'ଙ୍କ ପାଇଁ ଚେୟାର୍ ରଖାଯାଉଥିଲା। ମା' ସେହି ଚେୟାର୍‌ରେ ବସୁଥିଲେ। ପ୍ଲେ-ଗ୍ରାଉଣ୍ଡରେ ଥିବା ଭାରତର ମାନଚିତ୍ରଟି ସବୁଜ ସିମେଣ୍ଟରେ କରାଯାଇଛି। ମା' ନିଜେ ଏଇ ମାନଚିତ୍ରଟି କାଛରେ ଆଙ୍କି ଦେଇଥିଲେ। ମା'ଙ୍କ ମତରେ ଏଇଟି ହେଉଛି ଭାରତବର୍ଷର ପ୍ରକୃତ ମାନଚିତ୍ର।

ସମସ୍ତେ, ବିଶେଷ କରି ଷୋହଳ ସତର ବର୍ଷର ପୁଅଝିଅମାନେ ମା'ଙ୍କୁ ନାନା ବିଷୟରେ ପ୍ରଶ୍ନ କରୁଥିଲେ। ସେଇମାନଙ୍କ ପାଇଁହିଁ କ୍ଲାସଟି ଆରମ୍ଭ ହୋଇଥିଲା। ମା'ଙ୍କ କଥା ଶୁଣୁ ଶୁଣୁ ଆମେ ଯେମିତି କୁଆଡ଼େ ହଜି ଯାଉଥିଲୁ। କଠିନ ଦର୍ଶନ ଓ ଆଧ୍ୟାତ୍ମିକ ବିଷୟଗୁଡ଼ିକୁ ସରଳ ସହଜ ଭାଷାରେ ବୁଝାଇବାର ସ୍ୱାଭାବିକ କ୍ଷମତା ମା'ଙ୍କର ଥିଲା। ଶ୍ରୀଅରବିନ୍ଦଙ୍କ ବିଭିନ୍ନ ବହି ଓ ତାଙ୍କ ନିଜ ଲେଖା ବହିଗୁଡ଼ିକ ଗୋଟି ଗୋଟି କରି ସେ କ୍ଲାସରେ ପଢୁଥିଲେ। ପଢ଼ା ଶେଷ ହେବା ପରେ ପଚାରୁଥିଲେ, ''କାହାର କିଛି ପ୍ରଶ୍ନ ଅଛି ?'' ତା' ପରେ ଗୋଟି ଗୋଟି କରି ପ୍ରତିଟି ପ୍ରଶ୍ନର ଉତ୍ତର ଦେଉଥିଲେ। ଆମେ ଖୁବ୍ ଆଗ୍ରହରେ ମା'ଙ୍କ କଥା ଶୁଣୁଥିଲୁ।

ଦିନେ ମା' ମାର୍ଚ୍ଚପାଷ୍ଟର ସାଲ୍ୟୁଟ୍ ନେବା ପାଇଁ ଭାରତବର୍ଷର ମାନଚିତ୍ର ସାମନାରେ ଆସି ଛିଡ଼ାହେଲେ। ମୁଁ ସୁଯୋଗ ଦେଖି ମା'ଙ୍କୁ କହିଲି, ''ମା', ଏମାନେ (ମିନଦି', ମିଲିଦି') ମହାବଳୀପୁରମ୍ ଯିବେ। ମୁଁ ବି ଯିବାକୁ ଚାହେଁ ମା'।''

ମା' କହିଲେ, ''ନା। ତୁମେ ଯାଇପାରିବ ନାହିଁ। ତୁମର ଯିବା ଦରକାର ନାହିଁ।''

ମା'ଙ୍କ କଥା ଶୁଣି ମୋତେ ଆକାଶରୁ ଖସିପଡ଼ିଲା ପରି ଲାଗିଲା।

''କାହିଁକି ଯାଇ ପାରିବିନି ମା'? ମହାବଳୀପୁରମ୍‌ରେ ଅନେକ କିଛି ଦେଖିବାର ଅଛି। ଏମାନଙ୍କ ସାଥିରେ ଯିବି ମା'।''

''ନା, ତୁମେ ଯାଇପାରିବ ନାହିଁ।''

ଚୁପ୍ ହୋଇ ମୁଁ ସେମିତି ଛିଡ଼ା ହୋଇ ରହିଲି।

ମା' କହିଲେ, ''ମୁଁ ତୁମମାନଙ୍କୁ ନେଇ ଯେ ଏଇଠି ରହିଛି, ଆଉ କେବେ କୁଆଡ଼େ ଯାଇଛି, କୁହ ତ?''

କହି ପକାଇଲି, ''ତୁମେ ତ ଏଠାକୁ ଆସିବା ପୂର୍ବରୁ ରୁଷିଆ ଯାଇଥିଲ, ଆମେରିକା ଯାଇଥିଲ।''

ଏକଥା ଶୁଣି ତ ମା' ବିସ୍ମିତ। କହିଲେ, ''କିଏ ତୁମକୁ କହିଛି, ମୁଁ ରୁଷିଆ ଯାଇଥିଲି? ଆମେରିକା ଯାଇଥିଲି? ଆମେରିକା ଯାଇ ନି କି କେବେ ବି ଯିବି ନି।''

''କେବେ ବି ଯିବି ନି'' ଏହା ଏତେ ଜୋର୍ ଦେଇ କହିଲେ ଯେ ମୁଁ ଖୁବ୍ ବିସ୍ମିତ ହୋଇଗଲି।

ଟିକିଏ ପରେ ମା' କହିଲେ, ''ତୁମେ ଯାଇ କ'ଣ କରିବ? କେବଳ ସେମାନଙ୍କର ସବୁ ଆନନ୍ଦ ନଷ୍ଟ କରିଦେବ।''

ମା'ଙ୍କ କଥା ଶୁଣି ଭାବିଲି, ନଷ୍ଟ କରିଦେବି କାହିଁକି? ମା'ଙ୍କ କଥା ଶୁଣି ଖୁବ୍ ଅବାକ୍ ଲାଗିଲା।

ମା' କହିଲେ, ''ପହଞ୍ଚୁ ପହଞ୍ଚୁ ତ କହିବ, ଭୀଷଣ ମୁଣ୍ଡ ବିନ୍ଧୁଛି, ସର୍ଦ୍ଦି ହୋଇଛି, ଜ୍ୱର ଜ୍ୱର ଲାଗୁଛି। ତୁମ ପାଇଁ ସେମାନଙ୍କୁ ମହା ମୁସ୍କିଲ୍‌ରେ ପଡ଼ିବାକୁ ହେବ। ତୁମର ଯିବା ଦରକାର ନାହିଁ।''

ଚୁପ୍ ହୋଇ ଛିଡ଼ାହୋଇ ରହିଥିଲି। ପିଲାବେଳର କଥା ହଠାତ୍ ମନେ ପଡ଼ିଲା: 'ଫେଣୀ'ରେ ଆମ ସ୍କୁଲ 'ସରଳା ବାଳିକା ବିଦ୍ୟାଳୟ'ରୁ ମଝିଆଁ ମାଉସୀ ଓ ସାନ ମାଉସୀ ପିଲାମାନଙ୍କୁ ବୁଲିବାକୁ ନେଇ ଯାଉଥିଲେ (ଆମେ ଶିକ୍ଷୟିତ୍ରୀମାନଙ୍କୁ ମାଉସୀ ଡାକୁଥିଲୁ)। କିନ୍ତୁ ତପତୀ ଓ ମୁଁ କେବେ ଯାଇପାରୁ ନ ଥିଲୁ। ବୁଲିବାକୁ ଗଲେହିଁ ସର୍ଦ୍ଦି ଜ୍ୱର ନେଇ ଫେରୁଥିଲୁ। କେତେ ଦିନ ଧରି ସ୍କୁଲକୁ ଯାଇପାରୁ ନ ଥିଲୁ। ସେଇଥିପାଇଁ ବାପାଙ୍କର କଡ଼ା ନିଷେଧ ଥିଲା ଆମମାନଙ୍କୁ ଯେମିତି ପିକ୍‌ନିକ୍‌କୁ ନିଆ ନ ଯାଏ। ଅବାକ୍ ହୋଇ ଭାବିଲି, ପିକ୍‌ନିକ୍‌କୁ ଗଲେ ମୁଁ ଅସୁସ୍ଥ ହୋଇପଡ଼େ ବୋଲି ମା' କେମିତି ଜାଣିଲେ? ମା' ଆମମାନଙ୍କର ପିଲାଦିନର ଟିକିନିଖି ଘଟଣା ମଧ୍ୟ ଜାଣନ୍ତି! ଏକଥା ତ ମୁଁ ନିଜେ ଭୁଲିଯାଇଥିଲି। ମା'ଙ୍କର ଏଇ ଅପରିସୀମ କୃପା ମୋତେ ଅଭିଭୂତ କରି ପକାଇଲା। କେତେ ବିପଦ ଆପଦରୁ ଏମିତି ଭାବରେ ମା' ଆମକୁ ରକ୍ଷା କରୁଥିଲେ ଏବଂ ଏବେ ବି କରୁଛନ୍ତି।

ଥରେ ମା' ମୋତେ ସ୍କୁଲରେ ଫ୍ରେଞ୍ଚକ୍ଲାସ ନେବାକୁ କହିଲେ। ମୁଁ ସେତେବେଳେକୁ ଅଳ୍ପ କିଛି ଫ୍ରେଞ୍ଚ ଶିଖିଥାଏ। କିନ୍ତୁ କ୍ଲାସ ନେବା ସେତେବେଳେ ମୋ

ପକ୍ଷରେ ଅସମ୍ଭବ। ଯାହାହେଉ କ୍ଲାସ ନେବା ଆରମ୍ଭ କଲି। ଫ୍ରେଞ୍ଚ ପଢ଼ିବା ଓ ପଢ଼ାଇବାରେ ଦିନରାତି ବିତିଯାଏ। ଗପ ବହି ପଢ଼ିବାକୁ ଟିକିଏ ହେଲେ ସମୟ ମିଳେ ନା। ଆଶ୍ରମର ସେସମୟର ଲାଇବ୍ରେରୀଆନ୍ ପ୍ରେମାନନ୍ଦ ବାଛି ବାଛି ମୋତେ ଅନେକ ବହି ପଢ଼ିବାକୁ ଦେଉଥିଲେ। ସେତେବେଳେ ତ ଖେଳାଖେଳି କରିବାର ସୁବିଧା ନ ଥିଲା। ତେଣୁ ସନ୍ଧ୍ୟାରେ ଧ୍ୟାନ ପରେ ଘରକୁ ଫେରିଆସି ମହା ଆନନ୍ଦରେ ଗପ ବହି ପଢୁଥିଲି।

ସ୍କୁଲ ଓ କଲେଜ ଜୀବନରେ ଗପ ବହି ପଢ଼ିବା ପାଇଁ ବେଶୀ ସୁଯୋଗ ମିଳି ନ ଥିଲା। ବାପାଙ୍କର କଡ଼ା ଆଦେଶ ଥିଲା ଉପନ୍ୟାସ ପଢ଼ିବା ଚଳିବ ନାହିଁ। ଭ୍ରମଣ କାହାଣୀ ବା ଜୀବନୀ ହେଲେ ପଢ଼ାଯାଇପାରେ। ସ୍କୁଲରେ ଝିଅମାନେ ଆମକୁ ଚିଡ଼ାଉଥିଲେ, ''କ'ଣ , ଶରତ ଚନ୍ଦ୍ରଙ୍କ ବହି ପଢ଼ିବା ବି ମନା ?'' ଭାଇ ଗୋଟିଏ ଫନ୍ଦି ବାହାର କରିଥିଲା। କହିଥିଲା, ''ପଢ଼ା ବହି ଖୋଲି ରଖି ତା' ତଳେ ଗପ ବହି ରଖି ପଢ଼ିବୁ, କେହି ବୁଝିପାରିବେ ନାହିଁ।''

ପ୍ରତିଦିନ ସନ୍ଧ୍ୟାରେ ବାପା ଠାକୁର ଘରୁ ଆସିବା ପରେ ଭାଇର ଓ ମୋର କ'ଣ କ'ଣ ପଢ଼ା ପରଦିନ ସ୍କୁଲକୁ ପ୍ରସ୍ତୁତ କରି ନେବାକୁ ହେବ ତାହା ଦେଖି ଦେଉଥିଲେ। ତା' ପରେ ବଡ଼ବାପା (ହେଡ଼ମାଷ୍ଟର ମନୀନ୍ଦ୍ରନାଥ ମୁଖାର୍ଜୀ)ଙ୍କ ଘରକୁ ଯାଉଥିଲେ। ସେଠାରେ ପ୍ରାୟ ରାତି ନଅଟା ପର୍ଯ୍ୟନ୍ତ ସବୁ ଭଦ୍ରଲୋକମାନଙ୍କର ବିରାଟ ମଜଲିସ୍ ଚାଲୁଥିଲା। ସେଇ ସୁଯୋଗରେ ମହା ଆନନ୍ଦରେ ଶରତ ଚନ୍ଦ୍ରଙ୍କର କିଛି ବହି ପଢ଼ିଥିଲି। କିନ୍ତୁ ସେତିକି ସମୟରେ କେତେ ବା ପଢ଼ାଯାଇପାରେ? ସ୍କୁଲ ପଢ଼ା ବି ସେଇ ସମୟରେ କରିବାକୁ ହେଉଥିଲା। ବାପା ଆସିଲେ ଭାଇ ଫୁସ୍‌ଫୁସ୍ କରି କହିଦେଉଥିଲା, ''ଏଇ ବାପା ଆସୁଛନ୍ତି।'' ସଙ୍ଗେ ସଙ୍ଗେ ପଢ଼ା ବହି ଟାଣି ଆଣି ଗପ ବହିଟି ତା' ତଳେ ରଖି ନିବିଷ୍ଟ ଭାବରେ ପଢ଼ିବାକୁ ଆରମ୍ଭ କରିଦେଉଥିଲି। କିନ୍ତୁ ଦିନେ ହେଲେ ଧରା ପଡ଼ି ନ ଥିଲି। ଭାଇର ବୁଦ୍ଧିକୁ ମାନିବାକୁ ପଡ଼ିବ।

ଦିନେ ସାନକକା (ଶଚୀନ୍ଦ୍ରନାଥ ଦାଶଗୁପ୍ତ)ଙ୍କଠାରୁ ଭଲ କରି ଚାପୁଡ଼ାଟିଏ ଖାଇଥିଲି। ମ୍ୟାଟ୍ରିକ ପରୀକ୍ଷା ଦେଇସାରି କଲିକତାକୁ ଆସିଥାଏ। ସାନକକାଙ୍କ ବାହାଘର ପାଇଁ ବିରାଟ ଘରଟିଏ ଭଡ଼ା ନିଆଯାଇଥିଲା। ସେହି ଘରର ବାରନ୍ଦାରେ ଥିବା କବାଟ ପାଖରେ ଗୋଡ଼ହାତ ଲମ୍ବାଇ 'ପଥେର ପାଁଚାଲୀ' ବହିଟି ନିବିଷ୍ଟ ଭାବରେ ବସି ପଢୁଥିଲି। ଜାଣିପାରି ନ ଥିଲି କେତେବେଳେ ସାନକକା ଆସି ପଛରେ ଛିଡ଼ା ହୋଇଛନ୍ତି। ହଠାତ୍ ଗାଲରେ ବସିଲା ଗୋଟିଏ ଚାପୁଡ଼ା। ''ଖୁକୁ, କ'ଣ ହେଉଛି ? ଉପନ୍ୟାସ ପଢୁଛୁ ?'' ଚମକି ଉଠିଲି। ଏଥର ଆଉ ରକ୍ଷା ନାହିଁ। ହଠାତ୍

ମୁଣ୍ଡରେ ବୁଦ୍ଧିଟିଏ ଖେଳିଗଲା। ବହିଟି ଖୋଲି ଦେଖାଇଲି, "ଏଇ ଦେଖ, ନେଲିଦି' (ପିଉସୀ ଝିଅ ଭଉଣୀ)କୁ ସ୍କୁଲରୁ ଏଇ ବହିଟି ପୁରସ୍କାର ମିଳିଛି।" ସେତେବେଳେ ସାନକକା କ'ଣ ଆଉ କରିବେ? ପଛକୁ ଫେରିଯାଇ ପୁଣି ପଦଚାରଣା କରିବାକୁ ଆରମ୍ଭ କଲେ।

ଏମିତି ଭାବରେ ବାପା ଓ ସାନକକାଙ୍କ କଡ଼ା ଶାସନ ଭିତରେ ସ୍କୁଲ ଜୀବନ ଶେଷ ହୋଇଥିଲା। କଲେଜକୁ ଯିବା ପରେ ମନେ ହେଲା ଏଥର ମୁଁ ଖୁସିରେ ଗପ ବହି ପଢ଼ିପାରିବି, ବଡ଼ ହୋଇଯାଇଛି। କିନ୍ତୁ ଏଇ ଆଶା 'ଗୁଡ଼ରେ ବାଲି' ପରି ମନେହେଲା। ଆରମ୍ଭ ହେଲା ଦ୍ୱିତୀୟ ବିଶ୍ୱଯୁଦ୍ଧ। ଗପ ବହି ତ ଦୂରର କଥା, ପଢ଼ା ବହି ମଧ୍ୟ କିଣିବାକୁ ମିଳିଲା ନାହିଁ। ଆମ ମା' (ବିଭାବତୀ) ବହିର ପାଠସବୁ ଖାତାରେ ଲେଖି ଆମ ପାଇଁ ବହି ପ୍ରସ୍ତୁତ କରି ଦେଉଥିଲେ।

୧୯୪୧ ମସିହାରେ ଏଠାକୁ ଯେତେବେଳେ ପ୍ରଥମ କରି ଆସିଲି, ମୃଦୁମାଉସୀ ତାଙ୍କର ବହିସବୁ ମୋତେ ଦେଖାଇ କହିଥିଲେ, "ଏଠାରୁ ଇଚ୍ଛାନୁଯାୟୀ ଯେ କୌଣସି ବହି ନେଇ ତୁମେ ପଢ଼ିପାର।" ଏକଥା ଶୁଣି ହାତରେ ଯେମିତି ଚାନ୍ଦ ପାଇଲି। ପ୍ରଥମେ ଉପନ୍ୟାସଟିଏ ହାତକୁ ଆସିଲା। ଜ୍ୟୋତିର୍ମାଳା ଦେବୀଙ୍କ ଉପନ୍ୟାସ 'ସନ୍ଧାନେ'। ଭାଷାର କି ସୁନ୍ଦର ମାଧୁର୍ଯ୍ୟ ଓ ଗଳ୍ପର ଗଠନକ୍ରମ! କ୍ରମେ ଜ୍ୟୋତିର୍ମାଳା ଦେବୀଙ୍କ ଅନ୍ୟାନ୍ୟ ବହିସବୁ ପଢ଼ିଲି। ତା' ପରେ ଦିଲୀପଦା'ଙ୍କ ବହି ପଢ଼ିବାକୁ ଆରମ୍ଭ କଲି। ଏହାପରେ ଆସିଲା ଘରକୁ ଫେରିଯିବାର ପାଳି। ଫେଣୀରେ ଯାଇ ଗପ ବହି ପଢ଼ିବା ପାଇଁ ଏମିତି ସୁଯୋଗ ଆଉ ହୋଇ ନ ଥିଲା।

ଫ୍ରେଞ୍ଚ କ୍ଲାସ ନେବାକୁ ଯାଇ ଦେଖିଲି ଗପ ବହି ପଢ଼ିବା ପାଇଁ ଆଉ ସମୟ ମିଳୁ ନାହିଁ। ସକାଳଠାରୁ ପ୍ରେସ୍ କାମ। ତା' ଭିତରେ ଦୌଡ଼ି ଆସି ଫ୍ରେଞ୍ଚ କ୍ଲାସ। ସନ୍ଧ୍ୟାରେ ଛାତ୍ରଛାତ୍ରୀମାନଙ୍କ ଖାତା ଦେଖା। ହଇରାଣ ହୋଇ ଯାଉଥିଲି। ଫ୍ରେଞ୍ଚ ବେଶୀ ଜାଣି ନ ଥିଲି। ତେଣୁ ପ୍ରଚୁର ଖଟଣୀ ହେଉଥିଲା। ରୀତିମତ ପଢ଼ାପଢ଼ି କରିବାକୁ ହେଉଥିଲା।

ଦିନେ ପ୍ଲେ-ଗ୍ରାଉଣ୍ଡରେ ସୁଯୋଗ ଉଣ୍ଡି ମା'ଙ୍କୁ କହିଲି, "ମା' ମୁଁ ଆଉ ସ୍କୁଲରେ ପଢ଼ାଇବି ନାହିଁ। ଆଦୌ ଫ୍ରେଞ୍ଚ ଜାଣି ନି। ତା' ଛଡ଼ା ମୁଁ ଗପ ବହି ପଢ଼ିବାକୁ ସମୟ ପାଉ ନାହିଁ।"

ମା' ଅବାକ୍ ହୋଇ ମୋ ଆଡ଼କୁ ଚାହିଁରହିଲେ। ତା'ପରେ କହିଲେ, "ଗପ ବହି ପଢ଼ି ତୁମର କି ଉପକାର ହେବ? ଉପନ୍ୟାସ ପଢ଼ିବାକୁ ମୁଁ ପସନ୍ଦ କରେ ନା। କେବଳ ଭାଷା ଶିଖିବା ପାଇଁ କିଛି ବହି ପଢ଼ିପାର। ବିଶେଷ କରି ବହିର ଯେଉଁ

ଅଂଶଗୁଡ଼ିକରେ ସୁନ୍ଦର ଚିନ୍ତା ଓ ଭାଷାର ଶୈଳୀ ରହିଛି ସେସବୁ ପଢ଼ିପାର। ଭାଷା ଉପରେ ଦକ୍ଷତା ହାସଲ କରିବା ପାଇଁ ତ ବହି ପଢ଼ା।''

''ସ୍କୁଲରେ ପଢ଼ାଇବ ନାହିଁ ବୋଲି କାହିଁକି କହୁଛ?'' ମା' ଦପ୍ କରି ଜଳି ଉଠିଲେ। ''ସ୍କୁଲରେ ପଢ଼ାଇଲେ ଭଲ ଭାବରେ ଫ୍ରେଞ୍ଚ ଶିଖିପାରିବ। ଯେତେ ପଢ଼ାଇବ, ସେତେ ବିଦ୍ୟା ଅର୍ଜନ କରିପାରିବ। ତୁମେ ଖୁବ୍ ଲଜ୍ଜାଶୀଳା। ସେଇଥିପାଇଁ ତ ତୁମକୁ ସ୍କୁଲରେ ପଢ଼ାଇବାକୁ ଦେଇଛି।''

ମୁଁ କିଛି କହିବା ପୂର୍ବରୁ ମା' ଜୋର୍ ଦେଇ କହିଉଠିଲେ, ''ମା' ଯେଉଁ କାମ ଦେଇଛନ୍ତି ସେଇ କାମ ତୁମକୁ କରିବାକୁହିଁ ହେବ।'' ସେ ଏକ ବିଶେଷ ପ୍ରକାରର ଫୁଲ ଦେଉଥିଲେ ଯାହାର ତାତ୍ପର୍ଯ୍ୟ ଥିଲା 'ନିଜ ଉପରେ ଶାନ୍ତ ଓ ସ୍ଥିର ବିଶ୍ୱାସ' (Calm and modest confidence in oneself)।

ନିଜ ବୋକାମି ବୁଝିପାରି ମୁଁ ଚଟ୍ କରି ପଳାଇ ଆସିଲି। ଗପ ବହି ପଢ଼ିବା ପାଇଁ ଆଉ ସୁଯୋଗ ହେଲା ନାହିଁ। ଏବେ ଏସବୁ କଥା ଲେଖିବାକୁ ବସି ମନେ ହେଉଛି ଆଜେବାଜେ ବହି ପଢ଼ିବାକୁ ଯେ ସୁଯୋଗ ପାଇ ନାହିଁ ତାହାହିଁ ମା'ଙ୍କ ଆଶୀର୍ବାଦ। କମ୍ ବୟସରେ ସାଧାରଣତଃ ଉପନ୍ୟାସ ପଢ଼ିବାର କୌତୁହଳ ହୁଏ। ହେଲେ କେତେ ଜଣ ଝିଅପୁଅ ଠିକ୍ ବହି ପଢ଼ିବାର ସୁଯୋଗ ପାଆନ୍ତି?

ଏଇ ପ୍ରସଙ୍ଗରେ ମା'ଙ୍କର କିଛି ଅଭିମତ ଉଦ୍ଧୃତ କରୁଛି। ବହୁବର୍ଷ ପରେ ଆମ ସ୍କୁଲରେ Free Progress Class ଆରମ୍ଭ ହେଲା। ହୈ ଚୈ ବ୍ୟାପାର। ମା' ଗପ ବହି ବାଛିବା ସମ୍ବନ୍ଧରେ ଶିକ୍ଷକମାନଙ୍କୁ ଅନେକ କଥା କହିଥିଲେ।

ମା' କହିଥିଲେ, ''ସ୍କୁଲ ଲାଇବ୍ରେରିରେ ଖୁବ୍ କମ୍ ଉପନ୍ୟାସ ରଖିବା ଉଚିତ (ଛାତ୍ରଛାତ୍ରୀମାନେ ଖୁବ୍ ବେଶୀ ଉପନ୍ୟାସ ପଢ଼ନ୍ତି)। ଆଧୁନିକ ଉପନ୍ୟାସ ଆଦୌ ରଖିବା ଉଚିତ ନୁହେଁ। ଅବଶ୍ୟ ଯଦି ଉତ୍କୃଷ୍ଟ ମାନର ଲେଖା ହୁଏ, ତା'ହେଲେ ରଖାଯାଇପାରେ।

''ସ୍କୁଲ ଲାଇବ୍ରେରିରେ ସାହିତ୍ୟର ବିଶେଷ ସ୍ଥାନ ରହିଛି ଯାହାଫଳରେ ଛାତ୍ରଛାତ୍ରୀମାନେ ସାହିତ୍ୟ ସମ୍ବନ୍ଧରେ ସମ୍ୟକ୍ ଜ୍ଞାନ ଲାଭ କରିପାରିବେ। ବହି ବାଛିବା ସମୟରେ ଦୁଇଟି ବିଷୟରେ ବିଶେଷ ଦୃଷ୍ଟି ଦେବା ଦରକାର — ଲେଖାର ଗୁଣାତ୍ମକ ମାନ ଏବଂ ଶୈଳୀ, ଯାହା ଆମେ Flaubertଙ୍କ ଲେଖାସବୁରେ ଦେଖିବାକୁ ପାଉ।''

ଏବେ ବୁଝିପାରେ ଆବାଲ୍ୟରୁ ଆମ ଅଜାଣତରେ ମା' ଆମମାନଙ୍କୁ କେମିତି ଭାବରେ ପରିଚାଳନା କରିଛନ୍ତି। ଏମିତିକି ସାମାନ୍ୟ ବହି ପଢ଼ିବାଠାରୁ ଆରମ୍ଭ କରି ଜୀବନର କେତେ ଭୁଲ୍‌ଭ୍ରାନ୍ତିଠାରୁ ଆମକୁ ଦୂରେଇ ରଖିଛନ୍ତି, ରକ୍ଷା କରିଛନ୍ତି।

୧୯୪୪ ମସିହା ଏପ୍ରିଲ ମାସରେ ସ୍ଥାୟୀ ଭାବରେ ଆଶ୍ରମରେ ରହିଗଲି। ସେସମୟରେ ମା'ଙ୍କ ପାଖକୁ ସମସ୍ତଙ୍କର ଯିବାର ଦିନ ନିର୍ଦ୍ଦିଷ୍ଟ ଥିଲା। ସପ୍ତାହରେ ଦୁଇ ଦିନ ମୁଁ ମା'ଙ୍କ ପାଖକୁ ଯିବାର ଅନୁମତି ପାଇଥିଲି। ସେତେବେଳର ଉତ୍ତେଜନା ଓ ଆନନ୍ଦର ଆଭାସ ଏବେ ବି ମନରେ ଖୋଜି ପାଏ। ସାରା ସପ୍ତାହ ଧରି ସେଥିପାଇଁ ପ୍ରସ୍ତୁତି ପର୍ବ ଚାଲୁଥିଲା। ମା'ଙ୍କ ପାଖକୁ ଯିବା ସମୟରେ କେମିତି ଗୋଟିଏ ଭୟ ମିଶ୍ରିତ ଶ୍ରଦ୍ଧାର ଭାବ ଅନୁଭବ କରୁଥିଲି। ଦିନେ ମା'ଙ୍କୁ କହିପକାଇଲି, ''ମା', ଜାଣ, ତୁମ ପାଖକୁ ଆସିବାକୁ ଖୁବ୍ ଇଚ୍ଛା ହୁଏ। କିନ୍ତୁ କେମିତି ଗୋଟିଏ ପ୍ରକାର ଭୟ ଓ ଉତ୍ତେଜନା ଅନୁଭବ କରେ। ଏମିତି କାହିଁକି ହୁଏ ମା'?''

ମା' ବୋଧହୁଏ ଏମିତି ପ୍ରଶ୍ନ ଆଶା କରି ନ ଥିଲେ। ମୋ ଦୁଇ କାନ୍ଧରେ ହାଲୁକା ଭାବରେ ତାଙ୍କ ଦୁଇ ହାତ ରଖି ସେ ମୋ ଆଡ଼କୁ ସ୍ନେହପୂର୍ଣ୍ଣ ଦୃଷ୍ଟିରେ ଚାହିଁ ରହିଲେ। ତାଙ୍କ ନୟନରୁ ସ୍ୱର୍ଗୀୟ ସ୍ନେହ, ଭଲପାଇବା ଝରି ପଡୁଥାଏ। ମା' ମୋତେ ଗଭୀର ଆଲିଙ୍ଗନରେ ଆବଦ୍ଧ କଲେ। ତା' ପରଠାରୁ ମା'ଙ୍କ ସହିତ ଧୀରେ ଧୀରେ ସଖ୍ୟ ଗଢ଼ିଉଠିଲା। ତାଙ୍କ ସ୍ନିଗ୍ଧ ମଧୁର ହସର ସୂର୍ଯ୍ୟକିରଣରେ ଭୟର ମେଘ କଟିଯିବାକୁ ଆରମ୍ଭ କଲା। ନୂଆ ଜୀବନର ସୂଚନା ଏମିତି ଭାବରେ ଆରମ୍ଭ ହେଲା। ମା'ଙ୍କ ସହିତ ସହଜ ଭାବରେ କଥା କହିବା ମୋ ପାଇଁ ଅସମ୍ଭବ ଥିଲା। କେବଳ ମନେ ହେଉଥିଲା, ''ମୁଁ ତ ନୂଆ ଆସିଛି। ମୁଁ ତ ଏଠାରେ ପୂରାପୂରି ନୂଆ ଝିଅଟିଏ।'' ସେତେବେଳେ ଆଶ୍ରମର ଅନ୍ତେବାସୀମାନେ ନବାଗତ ସାଧକ-ସାଧିକାମାନଙ୍କ ସହିତ ବିଶେଷ କଥାବାର୍ତ୍ତା କରୁ ନ ଥିଲେ। ଏକମାତ୍ର ନଳିନୀଦା' ଥିଲେ ମୋର ପରମ ହିତାକାଂକ୍ଷୀ। ଏମିତିକି ମୋର ସମବୟସୀ ଝିଅମାନେ ମଧ୍ୟ ବିଶେଷ କଥାବାର୍ତ୍ତା କରୁ ନ ଥିଲେ। ସ୍କୁଲକୁ ଝିଅଟିଏ ପ୍ରଥମ କରି ଆସିବା ପରି ଅବସ୍ଥା। ସେତେବେଳର ଆଶ୍ରମ ଜୀବନ ଏମିତି ଥିଲା। ଅନ୍ତତଃ ମୋର ଏମିତି ମନେହେଉଥିଲା। ଆଉ ମା'ଙ୍କ ପାଖକୁ ଗଲେ ତାଙ୍କୁ ଏତେ ମହୀୟସୀ, ଏତେ ସୁଦୂରର ବୋଲି ମନେହେଉଥିଲା ଯେ କେମିତି ଅସହାୟ ବୋଧ କରୁଥିଲି। କିନ୍ତୁ ଗୋଟିଏ ତୀବ୍ର ଆକର୍ଷଣ ମୋତେ ଚୁମ୍ବକ ପରି ମା'ଙ୍କ ପାଖକୁ ଟାଣି ନେଇ ଯାଉଥିଲା। ପ୍ରତିଦିନ ତାଙ୍କ କୋଠରିକୁ ପଶିବା ମାତ୍ରେ ମା' ''ସୁପ୍ରଭାତ, ମୋର ଶିଶୁ (Bonjour, mon enfant)'' ବୋଲି କହି ସ୍ନେହର ସହିତ ଫୁଲ ଦେଉଥିଲେ। ମୁଁ କିନ୍ତୁ କୌଣସି ପ୍ରକାରେ ଭୁଲିପାରୁ ନ ଥିଲି ଯେ ମା' ହେଉଛନ୍ତି ସେହି ମହାଶକ୍ତି ଯାହାଙ୍କ ନିର୍ଦ୍ଦେଶରେ ଏଇ ବିଶ୍ୱବ୍ରହ୍ମାଣ୍ଡ ଚାଲିଛି। ମୋତେ ସହଜ ସ୍ୱାଭାବିକ କରିବାକୁ ମା' ଆପ୍ରାଣ ଚେଷ୍ଟା କରୁଥିଲେ, ମୋତେ ଅନାଇ ହସୁଥିଲେ, ମୁଁ କିନ୍ତୁ ସଦା ସନ୍ତ୍ରସ୍ତ। କେବଳ ମନେହେଉଥିଲା ମୁଁ ତ ସେଇ ଛୋଟ ଫେଣୀ ସହରର ଅତି

ସାଧାରଣ ଝିଅଟିଏ। କୌଣସି ପ୍ରକାରେ ସେଇ ସଙ୍କୋଚ ଛାଡ଼ିପାରୁ ନ ଥିଲି। କିନ୍ତୁ ଦିନେ ମା'ଙ୍କ କୋଠରିକୁ ଯାଇ ହଠାତ୍ ନିଜର ଅଜାଣତରେ କହି ଉଠିଲି, "ସୁପ୍ରଭାତ, ମଧୁମୟୀ ଜନନୀ (Bonjour, Douce Mère)"। କିନ୍ତୁ କହିସାରି ଖୁବ୍ ଲଜ୍ଜିତ ହେଲି।

ମା' ମୋତେ ଖୁସିରେ କୁଣ୍ଢାଇ ପକାଇ କହିଲେ, "ଏଇ ତ ମୁହଁରୁ କଥା ବାହାରିଛି! ଭଲ, ଖୁବ୍ ଭଲ।" ଏମିତି ଭାବରେ Bonjour ମାଧ୍ୟମରେ ସଙ୍କୋଚର ବାଡ଼ଟି ଭାଙ୍ଗି ଚୁର୍‌ମାର୍ ହୋଇଗଲା। କ୍ରମେ କ୍ରମେ ମା'ଙ୍କ ସାଥିରେ ନିବିଡ଼ ବନ୍ଧୁତ୍ୱ ଗଢ଼ିଉଠିଲା। ଏମିତି କିଛି କଥା ନାହିଁ ଯାହା ମୁଁ ନିଃସଙ୍କୋଚରେ ମା'ଙ୍କୁ ନ କହିଛି। ପରେ ଉପଲବ୍ଧି କଲି ଯେ ମା' ଆମର ଚିରଦିନର ବନ୍ଧୁ। ଏଇ ଅନୁଭବର ଯେଉଁ ଅପାର୍ଥିବ ଆନନ୍ଦ ତା'ର ତୁଳନା ନାହିଁ। ନୂଆ ଆସିଥିବା ବେଳେ ଦିନେ ମା' ମୋତେ ଫୁଲ ଦେବା ସମୟରେ କହିଥିଲେ, "ପ୍ରତିଦିନ ସକାଳେ ଶ୍ରୀଅରବିନ୍ଦଙ୍କ The Mother ବହିର କିଛି ଅଂଶ ପଢ଼ିବ। ଭାରତବର୍ଷରେ ଯେମିତି ସମସ୍ତେ ପ୍ରତ୍ୟୁଷରେ ଗୀତା ପାଠ କରନ୍ତି ସେମିତି ପଢ଼ିବ। ଗୀତା ପଢ଼ିଲେ ଯେମିତି ଅନ୍ତରର ଉନ୍ନତି ହୁଏ The Mother ବହିଟି ପଢ଼ିଲେ ସେମିତି ଉନ୍ନତି ହୁଏ। ନିୟମ କରି ପ୍ରତିଦିନ ସକାଳେ ପଢ଼ିବ।"

ମା'ଙ୍କର ଏଇ କଥା ବୁଝିବା ପରି କ୍ଷମତା ସେତେବେଳେ ମୋର ନ ଥିଲା। ଅବାକ୍ ହୋଇ ମା'ଙ୍କ ଆଡ଼କୁ ଚାହିଁ ରହି ଭାବୁଥିଲି, ଇଏ କ'ଣ ସେଇ ମା'! ସାରା ଦେହ ମୋର ରୋମାଞ୍ଚିତ ହୋଇ ଉଠିଥିଲା। ମା' ଯେ ଆଦ୍ୟାଶକ୍ତି, ମାହେଶ୍ୱରୀ ସେ କଥା ଅନୁଭବରେ କିଛିଟା ବୁଝିପାରିଥିଲି। କିନ୍ତୁ ସ୍ୱୟଂ ମା' ଯେତେବେଳେ ଇଙ୍ଗିତରେ ବୁଝାଇ ଦେଉଛନ୍ତି ସେ କିଏ, ସେତେବେଳର ଅନୁଭୂତି ବର୍ଣ୍ଣନା କରିବାର ସାଧ୍ୟ ମୋର ନାହିଁ। ଗୋଟିଏ ଅନୈସର୍ଗିକ ଅନୁଭୂତି ମୋତେ ଆଚ୍ଛନ୍ନ କରିପକାଇଲା। ମା' ବହିଟିର ଷଷ୍ଠ ଅଧ୍ୟାୟ ପଢ଼ି ଉପଲବ୍ଧି କଲି ମା'ଙ୍କ ପାଖକୁ ଗଲେ କାହିଁକି ଭୟ ମିଶ୍ରିତ ଶ୍ରଦ୍ଧା ଓ ଭଲପାଇବା ମୋତେ ଉଦ୍‌ବେଳିତ କରୁଥିଲା।

କ୍ରମଶଃ ମା' ଆମ ଭିତରୁ ସବୁ ସଙ୍କୋଚ, କୁଣ୍ଠା ଦୂର କରିଦେଲେ। ତାଙ୍କ ପ୍ରସନ୍ନ ପ୍ରଶ୍ରୟରେ ଆମେ ସାହସୀ ହୋଇଉଠିଲୁ। ମା' ଆମମାନଙ୍କର ବନ୍ଧୁ ଏକଥା ସେ ଆମମାନଙ୍କ ମନରେ ଏମିତି ଭାବରେ ଗୁନ୍ଥି ଦେଇଥିଲେ ଯେ ଆମେ ମନ ଖୋଲି ତାଙ୍କ ସହିତ କେତେ କଥା ହେଉଥିଲୁ। ଭୁଲି ଯାଉଥିଲୁ ଯେ ଆମେମାନେ ସାମାନ୍ୟ ମଣିଷ। ଏମିତି କିଛି ଗୋପନୀୟ କଥା ନ ଥିଲା ଯାହା ଆମେ ମା'ଙ୍କୁ ନିଃସଙ୍କୋଚରେ କହି ନାହୁଁ। ତା' ଛଡ଼ା କିଛି ଲୁଚାଇବାର ସାଧ୍ୟ ବି ନ ଥିଲା। ମା'ଙ୍କ ପାଖକୁ ଯିବା ମାତ୍ରେ ଭିତରୁ କେହି ଯେମିତି ଆପେ ଆପେ ସବୁକିଛି କହିଦେଉଥିଲା। ତାହା ଏକ

ଅଦ୍ଭୁତ ପରିସ୍ଥିତି। ସବୁ କହି ସାରିଲେ ସେଇ ଭିତରର 'ମୁଁ'ଟି ନିଜେହିଁ ଚୁପ୍ ହୋଇଯାଉଥିଲା। ମା' ମଧୁର ଭାବରେ ହସି ଦିବ୍ୟକରୁଣାରେ ଆମମାନଙ୍କୁ ଆପ୍ଲୁତ କରୁଥିଲେ। ଧୀରେ ଧୀରେ କିଛି ଫୁଲ ଆମ ହାତରେ ଦେଇ କିଛି ସମୟ ଆମକୁ ଚାହିଁ ରହୁଥିଲେ। ତାଙ୍କ ଦୃଷ୍ଟିପ୍ରସାଦ ଲାଭ କରି ଆମେ ଧନ୍ୟ ହେଉଥିଲୁ। ସବୁ ବାଧାବିଘ୍ନ ବିଷୟରେ ତାଙ୍କୁ କହିଦେଇ ନିଶ୍ଚିନ୍ତ ହେଉଥିଲୁ। ମା' କହୁଥିଲେ, ''କେବେ ବି ଭୁଲି ଯାଅ ନା ଯେ ତୁମେମାନେ ମୋର ଅତି ପ୍ରିୟ ସନ୍ତାନ।'' ମା'ଙ୍କ ପ୍ରଶ୍ରୟ ପାଇ ଆମ ଭିତରେ କ୍ରମେ ଏକ ବିସ୍ମୟକର ନୂଆ ଚେତନା ଫୁଟି ଉଠିବାକୁ ଲାଗିଲା। ଆମମାନଙ୍କ ପରି ତୁଚ୍ଛ ସାଧାରଣ ସନ୍ତାନମାନଙ୍କ ବ୍ୟକ୍ତିତ୍ୱର ବିକାଶ ପାଇଁ ମା' ପରମ ସ୍ନେହରେ ଧୈର୍ଯ୍ୟର ସହିତ ବର୍ଷ ବର୍ଷ ଧରି କେତେ ସମୟ ବ୍ୟୟ କରିଛନ୍ତି। ପ୍ରତ୍ୟେକଙ୍କୁ ସେମାନଙ୍କର ଗ୍ରହଣ କରିବାର ସାମର୍ଥ୍ୟ ଅନୁଯାୟୀ କେତେ ପ୍ରକାରର କଥା କହିଛନ୍ତି। କେତେ ଶିକ୍ଷା ଦେଇଛନ୍ତି। ଆମମାନଙ୍କ ପାଇଁ ତାଙ୍କର କି ସହାନୁଭୂତି ! ଅସମୟରେ ତ ମା'ଙ୍କ ଛଡ଼ା ଆମର ଦିନ ବିତୁ ନ ଥିଲା। ଆଜି ଏତେ ବର୍ଷ ପରେ ସେଇସବୁ ଘଟଣା ବିଷୟରେ ଭାବିଲେ ଆଖି ଦୁଇଟି ଅଜାଣତରେ ଭିଜିଯାଏ। ଆମ ଅନ୍ତର ଭିତରେ ମା' ଏମିତି ଜଣକୁ ଦେଖିପାରୁଥିଲେ ଯିଏ ଆମଠାରୁ ବହୁଗୁଣରେ ଶ୍ରେଷ୍ଠ। ତାଙ୍କୁ ପ୍ରକାଶ କରିବା ପାଇଁ ମା'ଙ୍କର ଅସୀମ ଧୈର୍ଯ୍ୟ ଓ କରୁଣାପ୍ରବାହ ପ୍ରତିଦିନ ଆମକୁ ଟିକିଏ ଟିକିଏ କରି ଆଗେଇ ନେଇଯାଉଥିଲା। ସେଇ ଗତିର ଶେଷ ନାହିଁ...। ଆନନ୍ଦରେ ଭରପୂର ହୋଇ ଆମେ ପାହାଡ଼ ପ୍ରମାଣ ବାଧାବିଘ୍ନସବୁ ଡେଇଁ ଚାଲୁଥିଲୁ। ମା'ଙ୍କ ହାତ ଧରି ରୋଗ, ଶୋକ, ଦୁଃଖ, କଷ୍ଟ ସବୁକିଛିକୁ ଅନାୟାସରେ ଅତିକ୍ରମ କରିପାରୁଥିଲୁ। ମା' ଅଛନ୍ତି। ଭୟ କ'ଣ ? ମା'ଙ୍କୁ ଡାକ। କେବଳ ଆକୁଳ ହୋଇ ଡାକ, ମା', ମା', ମା'। ଆପଦ-ବିପଦରେ ଏଇ ମା' ଡାକଟି ତ ମା' ନିଜେହିଁ ଆମମାନଙ୍କୁ ଶିଖାଇ ଦେଇଛନ୍ତି।

ଥରେ ଆଖି ଭୀଷଣ ବ୍ୟଥା ହେଉଥିଲା। ମା'ଙ୍କୁ ଯାଇ କହିଲି। ମା' ଭିତରକୁ ଯାଇ blue water ନେଇ ଆସିଲେ। ଆଖି ଧୋଇବାର କପ୍‌ଟିରେ କେମିତି ଔଷଧ ରଖି ଆଖିରେ ଦେବାକୁ ହେବ ଆଉ ସେଇ ସମୟରେ କେମିତି ମା', ମା', ମା' ଡାକିବାକୁ ହେବ ଶିଖାଇ ଦେଲେ। ମା'ଙ୍କ ନିଜ ମୁହଁରେ ମା', ମା', ମା' ଡାକ ଶୁଣି ଅପୂର୍ବ ଆନନ୍ଦର ପ୍ରବାହରେ ମନ ଭରି ଯାଉଥିଲା। ସାରା ଜୀବନ ଏଇ ମାତୃମନ୍ତ୍ର ଚିରସାଥୀ ହୋଇ ରହିଲା। ଏମିତିକି ସ୍ୱପ୍ନରେ ମଧ୍ୟ ବିପଦରେ ପଡ଼ିଲେ ସ୍ୱତଃସ୍ଫୂର୍ତ୍ତ ଭାବରେ ଆମେ ଆକୁଳ ହୋଇ ମା'ଙ୍କୁ ଡାକୁ କିଂବା କୁହାଯାଇପାରେ କିଏ ଯେମିତି ମା' ମା' ବୋଲି ଭିତରୁ ଡାକି ଉଠେ। ଏଇ ଅଦ୍ଭୁତ ଅଭିଜ୍ଞତା ଏବେ ବି ପ୍ରତ୍ୟେକଙ୍କର

ହୁଏ । ମା' ଯେ ଆମକୁ ଛାଡ଼ି ଚାଲିଯାଇ ନାହାନ୍ତି ଏଇ ଡାକହିଁ ତା'ର ପ୍ରମାଣ । କେବଳ ତାଙ୍କୁ ଚର୍ମଚକ୍ଷୁରେ ଦେଖିବାକୁ ପାଉ ନାହୁଁ, ଏହାହିଁ ଆମକୁ କଷ୍ଟ ଦିଏ ।

ମା'ଙ୍କ ମଙ୍ଗଳମୟୀ ଦିବ୍ୟ ସାନ୍ନିଧ୍ୟ ତଥା ପ୍ରେମର ସଂସ୍ପର୍ଶରେ ଆମ ଅନ୍ତରରେ ଏକ ନୂଆ 'ମୁଁ' ଜନ୍ମଗ୍ରହଣ କଲା । ଆମର ସେଇ ନୂଆ 'ମୁଁ'ଟି ଆତ୍ମବିଶ୍ୱାସରେ ପରିପୂର୍ଣ୍ଣ । ସେ କହେ, ''ମୁଁ ଚେଷ୍ଟା କରିବି । ମୁଁ ନିଜକୁ ନିଶ୍ଚୟ ମା'ଙ୍କ ବିଶ୍ୱାସର ଯୋଗ୍ୟ କରି ତୋଳିବି ।'' ଆମ ପ୍ରତ୍ୟେକଙ୍କ ଭିତରେ ଅନନ୍ତ ଶକ୍ତି ନିହିତ ରହିଛି । ମଣିଷ ଥରେ ଜାଗି ଉଠିଲେ ତା'ର ଅସାଧ୍ୟ କିଛି ରହେ ନାହିଁ । ଆମ ଭିତରର ସେଇ ନୂଆ ମଣିଷଟିକୁ ଜାଗ୍ରତ କରାଇବାକୁ ମା' ସର୍ବଦା ସଚେଷ୍ଟ ।

ଫେଣୀର ଅନେକ ସ୍ମୃତି ମନରେ ଭାସି ଉଠୁଛି । ସେସମୟରେ ମଧ୍ୟ ଛୋଟ ଫେଣୀ ସହରରେ କେତେ ପ୍ରକାରର ଖେଳାଖେଳି ଓ ଥିଏଟର କରିବାର ବ୍ୟବସ୍ଥା ଥିଲା । ବାପା ନିଜେ ସବୁକିଛି ପରିଚାଳନା କରୁଥିଲେ । କଲେଜର ଜିମ୍‌ନାସିୟମ୍‌ରେ ଶରୀର ଚର୍ଚ୍ଚା ପାଇଁ ପ୍ରାୟ ସବୁପ୍ରକାର ଯନ୍ତ୍ରପାତିର ବ୍ୟବସ୍ଥା ଥିଲା । ଦୌଡ଼ାଦୌଡ଼ି ପାଇଁ ଗୋଟିଏ ବିରାଟ ପଡ଼ିଆ ଥିଲା । ଫୁଟ୍‌ବଲ ପଡ଼ିଆରେ ଫୁଟ୍‌ବଲ ଖେଳ ହେଉଥିଲା । ଟେନିସ୍ ପଡ଼ିଆରେ ଟେନିସ୍ । ସବୁ ପ୍ରଫେସର ଓ ପିଲାମାନେ ମିଶି ଟେନିସ୍ ଖେଳୁଥିଲେ । ଶୀତଦିନେ ଖେଳାଖେଳି ପରେ ସମସ୍ତେ ମିଶି ଝୁଡ଼ି ଝୁଡ଼ି କମଳା ଖାଉଥିଲେ । ଆମେ, ସାନପିଲାମାନେ ଖେଳ ସମୟରେ ବଲ୍ ଗୋଟାଇ ଆଣୁଥିଲୁ । ସୁତରାଂ ଶୀତଦିନରେ କମଳାଲେମ୍ବୁ ଆମ ଭାଗ୍ୟରେ ମଧ୍ୟ ଜୁଟୁଥିଲା । ଚାରି ପାଞ୍ଚଟି ଦଳରେ ବ୍ୟାଡ଼ମିଣ୍ଟନ୍ ଖେଳ ମଧ୍ୟ ହେଉଥିଲା । ଏମିତି ଭାବରେ ଉପରଓଳିଟି ଆନନ୍ଦ ଓ ଉତ୍ତେଜନା ମଧ୍ୟରେ କଟୁଥିଲା । ଫୁଟ୍‌ବଲ ପ୍ରତିଯୋଗିତା ସମୟର ମଜା ତ କଥାରେ କହି ହେବ ନାହିଁ । କଲେଜ ଓ ସ୍କୁଲ ଛାତ୍ରମାନଙ୍କ ମଧ୍ୟରେ ଯେଉଁ ଦିନ ଫୁଟ୍‌ବଲ ପ୍ରତିଯୋଗିତା ହେଉଥିଲା ସେଦିନ ସାରା ସହରରେ ଉତ୍ତେଜନା ! ଗୋଟିଏ ଗୋଲ୍ ହେଲେ ଗୋଲ୍ ଗୋଲ୍ ବୋଲି ଚିତ୍କାର କରି, ଛତା ଆକାଶକୁ ଫୋପାଡ଼ି ପିଲାମାନଙ୍କର ସେ କି ନାଚ ! ସ୍କୁଲ ଛାତ୍ରମାନଙ୍କ ମଧ୍ୟରୁ କେହି ଗୋଲ୍ ଦେଲେ ଆମେ ଚିତ୍କାର କରି ଉଠୁଥିଲୁ, ''ଗୋଲ୍, ଗୋଲ୍ ।'' ସବୁଠାରୁ ମଜାର କଥା ହେଲା ଆମ ଭାଇ ସରୋଜ ନିଦରେ ମଧ୍ୟ ଜୋର୍‌ରେ ଗୋଇଠା ମାରି ଗୋଲ୍ ଗୋଲ୍ ବୋଲି ଚିତ୍କାର କରି ଉଠୁଥିଲା । ଫୁଟ୍‌ବଲ ଖେଳର ସେଇ ନିର୍ଦ୍ଦିଷ୍ଟ ସମୟ ଆସିଗଲେ ସାରା ଫେଣୀ ସହରରେ କି ପ୍ରଚଣ୍ଡ ଉତ୍ତେଜନା !

ହକି ଓ କ୍ରିକେଟ ଖେଳର ବ୍ୟବସ୍ଥା ମଧ୍ୟ ଥିଲା । ପିଲାମାନଙ୍କ ସାଥିରେ ବାପା ହକି ଓ କ୍ରିକେଟ ଖେଳୁଥିଲେ । ସେଇ ଖରାବେଳଟାରେ କି ଉତ୍ତେଜନାପୂର୍ଣ୍ଣ ଖେଳ !

ବାପାଙ୍କୁ ପାଇ ପିଲାମାନେ ଖୁବ୍ ଉତ୍ସାହର ସହିତ ଖେଳୁଥିଲେ । ବାପା ଖୁବ୍ ଭଲ ଟେନିସ୍ ଖେଳୁଥିଲେ । ଏଠାରେ ଯେତେବେଳେ ମା' ଟେନିସ୍ ଖେଳିବାକୁ ଆରମ୍ଭ କଲେ ସେଇ ସମୟରେ ୧୯୪୮ ମସିହା ଜୁଲାଇ ୧୧ ତାରିଖ ବାପାଙ୍କ ଜନ୍ମଦିନରେ ତାଙ୍କ ସହିତ ଟେନିସ୍ ଖେଳିବା ପାଇଁ ମା' ତାଙ୍କୁ ପଡ଼ିଆକୁ ଡାକିଥିଲେ । ମା' ତପତୀକୁ ଓ ମୋତେ କହିଥିଲେ, ''ତୁମେ ଦୁଇ ଜଣ ଟେନିସ୍ ପଡ଼ିଆକୁ ଆସିବ । ତୁମ ବାପାଙ୍କ ସହିତ ମୁଁ ଆଜି ଟେନିସ୍ ଖେଳିବି ।'' ଏହାଶୁଣି ଆମେ ଦୁଇ ଜଣ ଖୁବ୍ ଖୁସି । ପଡ଼ିଆରେ ଯାଇ ବସୁଧାଙ୍କ ପାଖରେ ବସିଲୁ । ବାପା ଖୁବ୍ ସୁନ୍ଦର ଖେଳିଥିଲେ । କିଛି ଦିନ ସେ ମା'ଙ୍କ ସହିତ ଖେଳିବା ପାଇଁ ସୁଯୋଗ ପାଇଥିଲେ । ପରେ ପ୍ରେସ୍ କାମରେ ସେ ଏତେ ବ୍ୟସ୍ତ ରହିଲେ ଯେ ଚାରିଟା ଭିତରେ ଟେନିସ୍ ପଡ଼ିଆକୁ ଯିବା ଆଉ ସମ୍ଭବ ହେଲା ନାହିଁ । କାମ ଥିଲା ବାପାଙ୍କ ଜୀବନର ତପସ୍ୟା ।

ବାପା ନିଜେ କଲେଜରେ ଛାତ୍ରମାନଙ୍କୁ ଅଭିନୟ କରିବାକୁ ଶିଖାଉଥିଲେ । ପ୍ରତିଟି ଅଭିନେତାର ପାର୍ଟ ବାପା ନିଜେ କରି ଦେଖାଇ ଦେଉଥିଲେ । ଯେଉଁ ଦିନ ମଞ୍ଚରେ ଅଭିନୟ ହେଉଥିଲା ସେଦିନ ବାପାଙ୍କ ବ୍ୟସ୍ତତାର ସୀମା ରହୁ ନ ଥିଲା । ସ୍କ୍ରୀନ୍, ଷ୍ଟେଜ୍ ସବୁକିଛି ତାଙ୍କରି ନିର୍ଦ୍ଦେଶରେ ସଜା ହେଉଥିଲା । ପ୍ରତ୍ୟେକ ଅଭିନେତାକୁ ବାପା ନିଜେ ସଜାଇଦେଇ ପୋଷାକ ପିନ୍ଧାଇ ଦେଉଥିଲେ । ନୀରବରେ ଘଣ୍ଟା ପରେ ଘଣ୍ଟା ବାପାଙ୍କୁ ପରିଶ୍ରମ କରିବାର ଦେଖିଛି । ଆମେ, ସାନ ପିଲାମାନେ ସବୁ ଜାଗାକୁ ଯିବାର ଅଧିକାର ପାଇଥିଲୁ । ସେଇଥିପାଇଁ ବାପାଙ୍କର ଅଭିନୟ କରିବାର ଦକ୍ଷତା ଯେ କେତେ ବେଶୀ ଥିଲା ତାହା ଅନୁମାନ କରିପାରୁଥିଲୁ । ତାଙ୍କ ପରି ଦକ୍ଷ ଶିଳ୍ପୀ ଖୁବ୍ କମ୍ ଦେଖାଯା'ନ୍ତି । ମନୋଜ, ଆରତି ବାପାଙ୍କ ପାଖରୁହିଁ ଅଭିନୟ କରିବାର ଦକ୍ଷତା ପାଇଛନ୍ତି ।

ଏଠାରେ ମନେପଡୁଛି ବାପାଙ୍କର ସାବିତ୍ରୀ ଭୂମିକାରେ ଅଭିନୟ କରିବାର କଥା । ଆମ ମାମୁ ଘରେ (ପାଟଗ୍ରାମର ନିୟୋଗୀ ପରିବାର) ଦୁର୍ଗାପୂଜା ସମୟରେ ସବୁ ମାମୁମାନେ ମିଶି ନାଟକଟିଏ ଅଭିନୟ କରୁଥିଲେ । କିଛିଦିନ ଧରି ଏଇ ନାଟକ ଶିଖିବା ଚାଲୁଥିଲା । ଥରେ ପୂଜା ସମୟରେ ସାବିତ୍ରୀ ଓ ସତ୍ୟବାନଙ୍କ ଉପରେ ନାଟକଟିଏ କରାଯାଇଥିଲା । ବାପା ସାବିତ୍ରୀ ଭୂମିକାରେ ଅଭିନୟ କରିଥିଲେ । ସେସମୟରେ ପୁଅମାନେହିଁ ଝିଅ ଭୂମିକାରେ ଅଭିନୟ କରୁଥିଲେ । ନାଟକରେ ସାବିତ୍ରୀ ମୃତ୍ୟୁଦେବତା ଯମଙ୍କୁ କହୁଥିଲେ ଯେ ତାଙ୍କୁ ସତ୍ୟବାନଙ୍କୁ ଫେରାଇଦେବାକୁ ହେବ । ସାବିତ୍ରୀ ଓ ମୃତ୍ୟୁଦେବତା ଯମଙ୍କ କଥୋପକଥନ ବୁଝିବାର ବୟସ ମୋର ସେତେବେଳେ ହୋଇ ନ ଥିଲା । କିନ୍ତୁ ବାପା ଓ ମଣିମାମୁ (ସୁବୋଧ ନିୟୋଗୀ)ଙ୍କ

ଅପୂର୍ବ ଅଭିନୟର ସେଇ ଦୃଶ୍ୟ ମୋ କଅଁଳ ମନରେ ଗୋଟିଏ ଗଭୀର ଛାପ ରଖିଯାଇଥିଲା। ଶ୍ରୀଅରବିନ୍ଦଙ୍କ 'ସାବିତ୍ରୀ' ବହିଟି ମା' ଯେତେବେଳେ ମୋତେ ଥରେ ମୋ ଜନ୍ମଦିନରେ ଦେଲେ ସେଇ ଅଭିନୟର ଯମ ଓ ସାବିତ୍ରୀଙ୍କ କଥୋପକଥନର ଦୃଶ୍ୟ ମନେପଡ଼ିଥିଲା। ଶ୍ରୀଅରବିନ୍ଦଙ୍କ 'ସାବିତ୍ରୀ' ବହିରୁ ଯମ ଓ ସାବିତ୍ରୀଙ୍କ କଥୋପକଥନ ପଢ଼ିବାର ସୁଯୋଗ ପାଇଥିଲି।

ସବୁପ୍ରକାର ସାଧାରଣ କାମରେ ମଧ୍ୟ ବାପା ପାରଦର୍ଶୀ ଥିଲେ। ବଗିଚା କାମ କରିବା, ଫୁଲ ଓ ପନିପରିବା ଲଗାଇବା ଏସବୁ ତ ନିତିଦିନିଆ କଥା ଥିଲା। ଏମିତିକି ବଗିଚାରେ ଆଳୁ ମଧ୍ୟ ଲଗାଉଥିଲେ। ସାରା ବଗିଚା ଫୁଲଫଳରେ ଭରପୂର ହୋଇରହୁଥିଲା। ନିଜ ହାତରେ ମାଟି ତାଡ଼ିବା, ସାର ଦେବା, ଗଛରେ ପାଣିଦେବା ମଧ୍ୟ ବାଦ୍ ପଡୁ ନ ଥିଲା। କର୍ମୀ ମଣିଷଟିଏ ଥିଲେ। ଚାଳକୁ ଉଠି ଛପରିଆମାନଙ୍କ ସହିତ ଚାଳ ଛପର କରିବା କାମ ବି କରୁଥିଲେ। ବେତ ଚାଞ୍ଚ ପାଲିସ୍ କରି ସେମାନଙ୍କ ସହିତ ବାଡ଼ ବାନ୍ଧୁଥିଲେ। ଛପରିଆମାନେ ବାପାଙ୍କୁ ସାଥିରେ ପାଇ ଖୁବ୍ ଖୁସି ହେଉଥିଲେ। ସେମାନେ ବାପାଙ୍କର ଉଚ୍ଛ୍ୱସିତ ପ୍ରଶଂସା କରୁଥିଲେ। ଏମିତିକି ଜୋତା ମଧ୍ୟ ବାପା ମରାମତି କରିପାରୁଥିଲେ।

ପୁଣି ଯେତେବେଳେ ପଢ଼ିବାକୁ ବସୁଥିଲେ, ସେତେବେଳେ ସେ ଭିନ୍ନ ମଣିଷଟିଏ। ଏମିତି ନିବିଷ୍ଟ ଚିତ୍ତରେ ପଢୁଥିଲେ ଯେ ଆମେ ଜାଣିପାରୁ ନ ଥିଲୁ ବାପା ଘରେ ଅଛନ୍ତି କି ନାହିଁ। କଲେଜରେ କ୍ଲାସ୍ ନେବାବେଳେ ପଦଚାରଣା କରୁ କରୁ ପଢ଼ାଉଥିଲେ। ଦର୍ଶନର ପ୍ରତିଟି ଦୁରୂହ ବିଷୟ ଏମିତି ସହଜ କରି ବୁଝାଉଥିଲେ ଯେ ଛାତ୍ରମାନେ ଗଭୀର ମନୋଯୋଗ ସହକାରେ ବାପାଙ୍କ ବ୍ୟାଖ୍ୟାନ ଶୁଣୁଥିଲେ। ବାପାଙ୍କର ପଢ଼ାଇବାର ସହଜାତ କ୍ଷମତା ଥିଲା। ସେଇଥିପାଇଁ ଦର୍ଶନଶାସ୍ତ୍ରର କ୍ଲାସ୍‌ଗୁଡ଼ିକ ଖୁବ୍ ଆକର୍ଷଣୀୟ ହେଉଥିଲା। ଅଗାଧ ପାଣ୍ଡିତ୍ୟ ଏବଂ ନାନା ପ୍ରକାର କାମର ଦକ୍ଷତା ତାଙ୍କ ଜୀବନକୁ ସର୍ବୋତ୍ତମ ଭାବେ ଉନ୍ନତ ଓ ପୂର୍ଣ୍ଣ କରିଥିଲା।

ମଜାର କଥାଟିଏ ମନେପଡୁଛି। ଶ୍ରୀଅରବିନ୍ଦ ଥରେ ବାପାଙ୍କୁ କହିଥିଲେ, "ନରେନ୍, ଯୋଗ ଆରମ୍ଭ କର।"

ବାପାଙ୍କ ବୟସ ସେତେବେଳେ କେତେ ବା ହେବ। ତାଙ୍କର ଧାରଣା ଥିଲା ପୃଥିବୀର ସବୁକିଛିକୁ ତ୍ୟାଗ କରିଦେଇ ଆଖି ବନ୍ଦ କରି ବସି ଧ୍ୟାନ କରିବାହିଁ ଯୋଗ। ବାପା ଶ୍ରୀଅରବିନ୍ଦଙ୍କୁ କହିଥିଲେ, "ମୁଁ ଏମିତି ଯୋଗସାଧନା କରିବାକୁ ଚାହେଁ ଯାହା ପୃଥିବୀ ଏବଂ ବିଶ୍ୱଜଗତର ସବୁକିଛିର ପରିବର୍ତ୍ତନ ସାଧନ କରିବ। କିଛି ବି ଛାଡ଼ି ଦେବା ଦରକାର ହେବ ନାହିଁ।"

ଶ୍ରୀଅରବିନ୍ଦ ହସ ହସ ମୁହଁରେ ବାପାଙ୍କ ଆଡ଼କୁ କିଛି ସମୟ ଚାହିଁରହିଥିଲେ। ତା'ପରେ ମୃଦୁ ହସି କହିଥିଲେ, ''ଓ! ଏମିତି କଥା।''

ଚିତ୍ର ଆଙ୍କିବାରେ ମଧ୍ୟ ବାପା ପାରଦର୍ଶୀ ଥିଲେ। ଗୋଟିଏ ଖାତା ଭର୍ତ୍ତି କରି କେତେ ଦେବଦେବୀ ଓ ମଣିଷମାନଙ୍କ ମୁହଁ ଆଙ୍କି ରଖିଥିଲେ। ସେଇ ଖାତାଟି କେଉଁଠି ହଜିଗଲା...। ବାପାଙ୍କ ପୂଜା ଘରର ଟେବୁଲ୍ ଉପରେ ତାଙ୍କ ଦ୍ୱାରା ଅଙ୍କିତ ମା'ଙ୍କର ଚରଣ ଯୁଗଳ ଥିଲା। ପାଦରେ ନୁପୁର, ସାମନାରେ ପଦ୍ମଫୁଲ ଅଙ୍କିତ ହୋଇଥିଲା। ଅପୂର୍ବ ସୁନ୍ଦର। ଦେଖୁ ଦେଖୁ ମା'ଙ୍କ ପ୍ରତି ଭଲପାଇବାରେ ମନ ପୂରିଯାଉଥିଲା। ମା'ଙ୍କର ସେଇ ଚରଣ ଦୁଇଟି ଦର୍ଶନ କରିବାର ସୌଭାଗ୍ୟ ହେଲା ଯେତେବେଳେ ଏଠାକୁ ଆସି ପ୍ରଥମ ଦିନ ସନ୍ଧ୍ୟାବେଳେ ତାଙ୍କୁ ପ୍ରଣାମ କଲି। ଦେଖିଲି, ମା' ସତରେ ପାଦରେ ନୁପୁର ପିନ୍ଧିଥିଲେ। ଗୋଟିଏ ଚଉଡ଼ା ବିଛା ହାରରେ ନୁପୁରଟି ତିଆରି ହୋଇଥିଲା।

ବାପାଙ୍କ ଦ୍ୱାରା ଅଙ୍କିତ ମା'ଙ୍କର ସେହି ଚରଣ କେଉଁଠି ହଜିଗଲା...। ଏଇ ଚରଣ ଓ ପଦ୍ମଫୁଲ ଥିଲା ଜଣେ ଦକ୍ଷ ଶିଳ୍ପୀଙ୍କ ଶିଳ୍ପର ନମୁନା।

ବାପା ଥିଲେ ଖୁବ୍ ସ୍ନେହୀ ମଣିଷଟିଏ। ସେଇଥିପାଇଁ ନିଜ ଭାଇ, ଭଉଣୀ ଓ ଆମମାନଙ୍କୁ ଛାଡ଼ି ଏକା ଆସି ଆଶ୍ରମବାସୀ ହୋଇପାରି ନ ଥିଲେ। ସାନକକା ଯେତେବେଳେ ଫେଣୀ କଲେଜର ଅଧ୍ୟାପକ ଥିଲେ ସେତେବେଳେ ବାପା ତାଙ୍କୁ ପ୍ରାୟ ସନ୍ଧ୍ୟାରେ ଆଦରରେ ପ୍ରଶ୍ନ କରୁଥିଲେ, ''ଶଚୀନ ଦାସ, କ'ଣ ପଢୁଛ ?'' ସାନକକା ସାନପିଲାଟି ପରି ବାପାଙ୍କୁ କ'ଣ ପଢ଼ାପଢ଼ି ପ୍ରସ୍ତୁତ କରିଛନ୍ତି ଦେଖାଉଥିଲେ। ବାପା ପ୍ରତିଦିନ ସନ୍ଧ୍ୟାରେ ସାନକକାଙ୍କୁ ନୂଆ କିଛି ପଢ଼ିବାକୁ ଦେଉଥିଲେ। ସେଇ ସମୟରେ ସାନକକା ଆଇ. ସି. ଏସ୍. ପାଇଁ ପ୍ରସ୍ତୁତ ହେଉଥିଲେ। ଏପଟେ ବାପାଙ୍କ ମନ କିନ୍ତୁ ରହିଥିଲା ଗୁରୁ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଚରଣରେ। ପ୍ରତିଦିନ ରାତିରେ ବାପାଙ୍କର ସେଇ ଆକୁଳ ଡାକ ଶ୍ରୀଅରବିନ୍ଦ, ଶ୍ରୀଅରବିନ୍ଦ... ଯେମିତି ଏବେ ବି ଶୁଣିବାକୁ ପାଏ।

ବାପା ଜୀବନର ପ୍ରଥମରୁ ସାଧନା କରିଥିଲେ। ସବୁ ଅଭିଜ୍ଞତା ଶ୍ରୀଅରବିନ୍ଦଙ୍କୁ ଲେଖି ଜଣାଉଥିଲେ। ୧୯୨୫ ମସିହାରେ ଏଠାକୁ ଆସିବାର ସୌଭାଗ୍ୟ ହେଲା। ସେସମୟରେ ଶ୍ରୀଅରବିନ୍ଦ ସାଧକମାନଙ୍କ ସହିତ ସେମାନଙ୍କ ସାଧନା ବିଷୟରେ କିଛି ସମୟ ଆଲୋଚନା କରୁଥିଲେ, ନାନା ପ୍ରକାର ନିର୍ଦ୍ଦେଶ ଦେଉଥିଲେ। ଶ୍ରୀଅରବିନ୍ଦଙ୍କ ସହିତ ବାପାଙ୍କର ଯେଉଁ କଥାବାର୍ତ୍ତା ହେଉଥିଲା ବାପା ସେହି ଅମୂଲ୍ୟ କଥୋପକଥନସବୁ ଗୋଟିଏ ଖାତାରେ ଲେଖି ରଖୁଥିଲେ। କିନ୍ତୁ ତାଙ୍କ ସାଧନାର ଉଚ୍ଚସ୍ତରର ଉପଲବ୍ଧି କିଂବା ଶ୍ରୀଅରବିନ୍ଦଙ୍କ ସହିତ ତାଙ୍କର ଯେଉଁ କଥାବାର୍ତ୍ତା ହେଉଥିଲା

ସେ ସମ୍ପର୍କରେ ସେ କିଛି ହେଲେ ଆମମାନଙ୍କ ପାଖରେ ଉଲ୍ଲେଖ ମଧ୍ୟ କରି ନାହାନ୍ତି। ସମ୍ପ୍ରତି ମନୋଜ ବାପାଙ୍କ ବହି ଆଲମାରି ସଜାଡ଼ିବାକୁ ଯାଇ ସେହି ଖାତାଟି ପାଇଛି। ଶ୍ରୀଅରବିନ୍ଦଙ୍କର କେତେ ଚିଠି ମଧ୍ୟ ହଜିଯାଇଛି। ସେସମୟରେ ସାଧନା ସମ୍ବନ୍ଧରେ ସବୁ କଥା ଗୋପନ ରଖାଯାଉଥିଲା। ତାଙ୍କର କୌଣସି ଅଭିଜ୍ଞତା କଥା, ସେ କେବେହେଲେ କାହାକୁ କହି ନାହାନ୍ତି। ଶେଷ ଆଡ଼କୁ ଗୋଟିଏ ଦୁଇଟି ଅଭିଜ୍ଞତା ବିଷୟରେ କହିପକାଇଥିଲେ। ମନୋଜ ଏଇ ୧୯୯୪ ଜୁଲାଇ ୧୧ ତାରିଖ ବାପାଙ୍କ ଶତବାର୍ଷିକୀ ଦିନ ସେଇ ଖାତାରୁ କିଛି ଆମମାନଙ୍କୁ ପଢ଼ି ଶୁଣାଇଲା। ସେସବୁ ଅପୂର୍ବ।

ସେତେବେଳେ ମୁଁ ଆଶ୍ରମକୁ ନୂଆ କରି ଆସିଥାଏ। ପରୀକ୍ଷାରେ ପାଶ୍ କରିବା ଖବର ପାଇ ମା'ଙ୍କ ପାଖକୁ ଦୌଡ଼ିଗଲି। କି ଖୁସି !

''ମା', ମୁଁ ପାଶ୍ କରିଛି।''

ମା' ମୋ ହାତ ଦୁଇଟି ଧରି କହିଲେ, ''ଆଗାମୀ କାଲି ବେଞ୍ଜାମିନ ପାଖକୁ ଯିବ। ତା'ଠାରୁ ଫରାସୀ ଶିଖିବାକୁ ଆରମ୍ଭ କରିବ। ସେ ଖୁବ୍ ଭଲ ଉଚ୍ଚାରଣ ଶିଖାଏ।''

ମା' ସଙ୍ଗେ ସଙ୍ଗେ ସବୁ ବ୍ୟବସ୍ଥା କରିଦେଲେ। ଏମିତି ଭାବରେ ମୋର ଫରାସୀ ଶିଖିବାର ପ୍ରଥମ ସୂତ୍ରପାତ ହେଲା। ପରଦିନ ମିଃ ବେଞ୍ଜାମିନଙ୍କ ପାଖକୁ ଗଲି। ସେ ଜଣେ ତାମିଲ୍ ଭଦ୍ରଲୋକ। ଖୁବ୍ ଖୁସି ମିଜାଜର ଓ ମଧୁର ସ୍ୱଭାବର ମଣିଷ ଥିଲେ। ପଢ଼ାଇବାକୁ ଯାଇ କହିଲେ, ''ମୁଁ ଯାହା କହିବି, ତୁମେ ଠିକ୍ ସେମିତି ଉଚ୍ଚାରଣ କରି କହିଯିବ। ବୁଝିବା ଦରକାର ନାହିଁ।''

ସେ କହିବାକୁ ଆରମ୍ଭ କଲେ, ''Sans le Divin, la vie est une illusion douloureuse. Avec lui tout est félicité.'' — La Mère

ମୁଁ ଠିକ୍ ତାଙ୍କ ପରି ଉଚ୍ଚାରଣ କରି କହୁଥାଏ। ମନେ ମନେ ଭାବୁଥାଏ ଏହାର ଅର୍ଥ ନ ବୁଝିଲେ ତ ମନେରଖିବା ମୁସ୍କିଲ୍ ହେବ।

ମିଃ ବେଞ୍ଜାମିନ କହିଲେ, ''ଏବେ ବୁଝାଇ ଦେଉଛି। Without the Divine life is a painful illusion, with the Divine all is bliss.'' — The Mother

ମୁଁ ବିସ୍ମିତ ହୋଇ ତାଙ୍କ ଆଡ଼କୁ ଚାହିଁବାରୁ ସେ କହିଲେ, ''ପରେ ବୁଝିବ କି ଅମୂଲ୍ୟ ବାଣୀ ତୁମକୁ ଆଜି ପ୍ରଥମ ଫରାସୀ ଶିଖିବା ମୁହୂର୍ତ୍ତରେ ଶିଖାଇ ଦେଲି।'' ଆଜି ବହୁ ବର୍ଷ ପରେ ସେଇ କଥା ବାରଂବାର ମନେପଡ଼େ...।

''ଭଗବାନଙ୍କ ଛଡ଼ା ଜୀବନ ଏକ ଦୁଃସହ ବିଡ଼ମ୍ବନା, ଭଗବାନଙ୍କ ସହ ସବୁକିଛି ପରମ ଆନନ୍ଦ।'' — ଶ୍ରୀମା

ବେଞ୍ଜାମିନଙ୍କ ପାଖରେ ମା'ଙ୍କର ଏଇ ବାଣୀଟି ପଢ଼ି ମୋ ଜୀବନର ଗୋଟିଏ ବିରାଟ ପରିବର୍ତ୍ତନ କଥା ମନେପଡୁଛି...। ସେତେବେଳେ ମୋ ବୟସ ବା କେତେ। ନଅ ଦଶ ବର୍ଷର ଝିଅଟିଏ ମୁଁ। ସେତେବେଳକୁ ଭାଇର ଏଗାର ବାର ବର୍ଷ ବୟସ ହୋଇଥାଏ। ଦିନେ ସେ ମୋତେ କହିଲା, "ଜାଣିଛୁ, ଏଇ ଯେଉଁ ଆମ ବାପା ମା' ଏମାନେ କିନ୍ତୁ ଆମର ସତ ବାପା ମା' ନୁହଁନ୍ତି।"

ଏକଥା ଶୁଣି ତ ମୁଁ ଡରିଗଲି। କହିଲି, "ଏମିତି କହିବୁନି, ଭାଇ। ଭଲ ହେବନି କହି ଦେଉଛି। ତା'ହେଲେ ଆମ ବାପା ମା' କିଏ?"

ଭାଇ ଦୋହଲି ଦୋହଲି କହିବାକୁ ଲାଗିଲା, "ବାପାଙ୍କ ବାପା, ତାଙ୍କ ବାପା, ତାଙ୍କ ବାପା, ତାଙ୍କ ବାପା...।" ପଚାରିଲା, "ଏହାର କ'ଣ ଶେଷ ଅଛି, କହିଲୁ?"

ମୁଁ କହିଲି, "ତା' ହେଲେ ସତ ବାପା କିଏ?"

ଭାଇ ଆକାଶ ଆଡ଼କୁ ଅଙ୍ଗୁଳି ଦେଖାଇ କହିଲା, "ଏଇ ଯେ, ସେଠାରେ ସତ ବାପା ବସିଛନ୍ତି। ଭଗବାନ ହେଲେ ଆମର ସତ ବାପା।"

ଏଇ କଥା କହିସାରି ଭାଇ ପୁଣି ହଲି ହଲି କହିବାକୁ ଲାଗିଲା, "ମା'ର ମା', ତା'ର ମା', ତା'ର ମା', ତା'ର ମା'," ଅଙ୍ଗୁଳି ଉଠାଇ ଆକାଶ ଆଡ଼କୁ ଚାହିଁ କହିଲା, "ସେଠାରେ ଆମମାନଙ୍କ ସତ ମା' ବସିଛନ୍ତି। ମା' ଭଗବତୀ ହେଲେ ଆମମାନଙ୍କର ସତ ମା'।"

ଭାଇର କଥା ଶୁଣି କେମିତି ହତାଶ ହୋଇଗଲି। ପଚାରିଲି, "ତା'ହେଲେ ସତ ମା'ବାପାଙ୍କ ଦେଖା ପାଇବା କେମିତି?"

ଭାଇ ଛୋଟ ପିଲାଟିଏ, କିନ୍ତୁ ବିଜ୍ଞ ପରି କହିଲା, "ପ୍ରତିଦିନ ପ୍ରାର୍ଥନା କରିବାକୁ ହେବ। ନିଶ୍ଚୟ ଦିନେ ଆମେ ତାଙ୍କ ଦେଖା ପାଇ ପାରିବା।"

ପଡ଼ିଆ ଆଡ଼କୁ ଚାହିଁ ଦେଖେ ସନ୍ଧ୍ୟା ହୋଇଆସୁଛି। ନିଜକୁ ଖୁବ୍ ଅସହାୟ ମନେହେଲା। ସେଇଦିନଠାରୁ ପ୍ରତିଦିନ ସନ୍ଧ୍ୟାବେଳେ ପଡ଼ିଆକୁ ଚାହିଁ ଚୁପ୍‌ହୋଇ ବସିରହୁଥିଲି। ଆଉ ଖାଲି ଭାବୁଥିଲି, ଆମେ କାହିଁକି ଜନ୍ମ ହୋଇଛୁ? ପୃଥିବୀରେ କି କାମ କରିବାକୁ ମା' ଭଗବତୀ ଆମକୁ ପଠାଇଛନ୍ତି? ମଣିଷ କାହିଁକି ଏତେ କଷ୍ଟ ପାଏ? ମଣିଷ ମରିଗଲେ କୁଆଡ଼େ ଯାଏ? ଏମିତି କେତେ ବିଚିତ୍ର ପ୍ରଶ୍ନସବୁ ମନରେ ଉଙ୍କି ମାରୁଥିଲା।

ବଡ଼ ହେଲା ପରେ ବଙ୍କିମଚନ୍ଦ୍ରଙ୍କ 'ଆନନ୍ଦମଠ' ପଢ଼ିବା ବେଳେ ପ୍ରାୟ ସେଇ ସମାନ ପ୍ରଶ୍ନ ପାଇଲି। ପ୍ରତ୍ୟେକ ମଣିଷ ମନରେ ଏଇ ପ୍ରଶ୍ନ ଆସେ, "ଏଇ ଜୀବନରେ କ'ଣ କରିବି?"

ଶୈଶବକାଳରୁ ଏଇ ପ୍ରଶ୍ନଗୁଡ଼ିକୁ ନେଇ ମୁଁ ଘାରି ହେଉଥିଲି। ଜୀବନରେ ଆନନ୍ଦ ବୋଲି କିଛି ନ ଥିଲା।

କ୍ରମେ ବୟସ ବଢ଼ିବାକୁ ଲାଗିଲା। କେଉଁଥିରେ ବି ଶାନ୍ତି ଖୋଜି ପାଇଲିନି। ଏ ପୃଥିବୀକୁ ମୁଁ କାହିଁକି ଆସିଛି? ମଣିଷ କାହିଁକି ଜନ୍ମ ହୁଏ? ମରିଗଲେ ପୁଣି କୁଆଡ଼େ ଯାଏ? ମଣିଷ ଏତେ କଷ୍ଟ ପାଏ କାହିଁକି? କାହିଁକି? କାହିଁକି?

ହଠାତ୍ ବାପାଙ୍କ ସହିତ ତପତୀ ଓ ମୁଁ ୧୯୪୧ ମସିହାରେ ପଣ୍ଡିଚେରୀ ଆସିଲୁ। ଅଗଷ୍ଟ ୧୫ ତାରିଖ ଦିନ ଦର୍ଶନ ସମୟରେ ଦେଖେ ଭାଇ ଆଙ୍ଗୁଳି ଦେଖାଇ ମୋତେ କହିଥିବା ଆମମାନଙ୍କର ଚିରଦିନର ବାପା ମା' ପାଖାପାଖି ବସିଛନ୍ତି, ଏଇ ମାଟିର ପୃଥିବୀରେ!

ଦର୍ଶନ ସମୟରେ ଗୋଟିଏ ମୁହୂର୍ତ୍ତରେ ଭିତରୁ ସବୁ ଚିନ୍ତା ଓ ଭାବନା ଚାଲିଗଲା। ପୂରା ସମୟଟି ଶ୍ରୀଅରବିନ୍ଦ ଓ ମା' ମନଟିକୁ ଗଭୀର ଭକ୍ତି ଓ ଭଲପାଇବାରେ ଭରି ରଖିଥିଲେ।

ଆମେ ଫେଣୀକୁ ଫେରିଗଲୁ। ପୂର୍ବପରି ସନ୍ଧ୍ୟା ହେଲେ ପଡ଼ିଆ ଆଡ଼କୁ ଚାହିଁ ଚୁପ୍‌ହୋଇ ବସିରହେ। ଆଉ ସେହି ପ୍ରଶ୍ନଗୁଡ଼ିକ ବାରଂବାର ମନରେ ଉଦୟ ହୁଏ। ସନ୍ଧ୍ୟା ହେବା ମାତ୍ରେ ଖୁବ୍ ଅସହାୟ ଲାଗେ।

ଯେତେବେଳେ ୧୯୪୪ ମସିହାରେ ମୁଁ ଏଠାକୁ ଆସିଲି, ସେତେବେଳେ 'ନାନ୍‌ତାଇ'ରେ ମା' ମୋତେ ରହିବାକୁ ଦେଲେ। ପାଖାପାଖି ଆଉ କେହି ନ ଥା'ନ୍ତି। ସବୁ ଘରଗୁଡ଼ିକ ବନ୍ଦ। କେବଳ ଅମ୍ବୁଭାଇ ଓ ଅନ୍ୟ ଦୁଇ ଜଣ ନାନ୍‌ତାଇରେ ସେତେବେଳେ ରହୁଥା'ନ୍ତି। କାହାରି ସାଥିରେ କାହାରି ଦେଖାସାକ୍ଷାତ ହେଉ ନ ଥିଲା। ସମସ୍ତେ ନିଜ ନିଜ କାମରେ ବ୍ୟସ୍ତ ରହୁଥିଲେ। ସନ୍ଧ୍ୟା ବେଳର ଧ୍ୟାନ ପରେ ଆଶ୍ରମରୁ ଫେରିଆସି ଏଇ ବିରାଟ ନିର୍ଜନ ଘରଟିର ବାହାରେ ଥିବା ପାହାଚ ଉପରେ ବସିରହୁଥିଲି। ସେତେବେଳେ ଯୁଦ୍ଧ ସମୟ। ରାସ୍ତାଘାଟରେ ଆଲୁଅ ନ ଥାଏ। ଚାରିଆଡ଼େ ଅନ୍ଧକାର। ଏଇ ପରିବେଶରେ ପିଲାବେଳର ସେଇ ପ୍ରଶ୍ନଗୁଡ଼ିକ ପୁଣି ମୋ ମନକୁ ବିଷଣ୍ଣ କରି ପକାଉଥିଲା। କେତେ ସମୟ ଯେ ଏମିତି ଚୁପ୍‌ଚାପ୍ ଏକା ଏକା ବସିରହୁଥିଲି ଜାଣିନି। ମନଟା ଭାରାକ୍ରାନ୍ତ ହୋଇ ରହୁଥିଲା। ଦିନେ ଭୋରରୁ ମା'ଙ୍କ ପାଖକୁ ଆଶୀର୍ବାଦ ଫୁଲ ଆଣିବାକୁ ଯାଇଛି, ମା' ସ୍ନେହରେ ମୋ ହାତ ଦୁଇ ହାତକୁ ଧରି ଅତି ପରିଚିତ ବନ୍ଧୁ ପରି କହିଲେ, "ତୁମେ ପ୍ରତିଦିନ ସନ୍ଧ୍ୟାବେଳେ ଏମିତି ସବୁ ଚିନ୍ତା କର କାହିଁକି?" କହି ସାରି ମୋ ପ୍ରଶ୍ନଗୁଡ଼ିକ ଗୋଟିଏ ପରେ ଗୋଟିଏ କହିଯିବାକୁ ଲାଗିଲେ। ସେତେବେଳେ ମୁଁ ତ ନୂଆ ଆସିଥାଏ। ବିସ୍ମୟରେ ମା'ଙ୍କ ମୁହଁକୁ

ଚାହିଁ ରହି ଭାବୁଥିଲି ମା' ଆମମାନଙ୍କ ଚିନ୍ତା ମଧ୍ୟ ଜାଣିପାରନ୍ତି ! ସେଦିନ ମା'ଙ୍କର ଗୋଟିଏ ଅଭାବନୀୟ ରୂପର ପରିଚୟ ପାଇଲି । ମା' କହିଲେ, ''ଏଇ ସବୁ ଚିନ୍ତା କରିବନି । ତୁମମାନଙ୍କୁ ସବୁ ଦୁଃଖ, ସବୁ ବେଦନା ହାତରୁ ରକ୍ଷା କରିବାକୁ ଏଥର ଶ୍ରୀଅରବିନ୍ଦ ଏବଂ ମୁଁ ଆସିଛୁ । ସବୁ ପ୍ରଶ୍ନର ସମାଧାନ ଆମେ କରିବୁ । ଆମ ଉପରେ ନିର୍ଭର କରି ତୁମେମାନେ ଆନନ୍ଦରେ ରୁହ । ଦାୟିତ୍ୱ ଆମର । ଶ୍ରୀଅରବିନ୍ଦ ଅଛନ୍ତି । ମୁଁ ଅଛି । ତୁମମାନଙ୍କର ଚିନ୍ତା କ'ଣ ? ଖୁସିରେ ରୁହ । କେବଳ ଆନନ୍ଦରେ ଭରିଯାଅ ।''

ଆଶୈଶବ ଯେଉଁ ପ୍ରଶ୍ନଗୁଡ଼ିକ ମୋତେ ଘାରୁଥିଲା, ମା'ଙ୍କ ଏଇ ଆଶ୍ୱାସ ବାଣୀ ଶୁଣି ଗୋଟିଏ ମୁହୂର୍ତ୍ତରେ ତାହା ମନରୁ ପୋଛି ହୋଇଗଲା । ସଜଳ ନୟନରେ ମା'ଙ୍କୁ ଚାହିଁରହିଲି । ମା' ମୋ ହାତରେ ଆଶୀର୍ବାଦ ଫୁଲ ଦେଲେ । କୃତଜ୍ଞ ହୋଇ ମା'ଙ୍କୁ ପ୍ରଣାମ ନିବେଦନ କରି ଫେରିଆସିଲି ।

ତା'ପରେ ମୁଁ ପୂରା ନୂଆ ମଣିଷଟିଏ । ଦେଖିଲି ସବୁକିଛି ଭଲ ଲାଗୁଛି । ସେଇ ଦିନରୁ ମୋ ଜୀବନରେ ଗୋଟିଏ ବିରାଟ ପରିବର୍ତ୍ତନ ସୂଚିତ ହେଲା । ଶ୍ରୀଅରବିନ୍ଦ ଅଛନ୍ତି । ମା' ଅଛନ୍ତି । ଚିନ୍ତା କ'ଣ ? ସେମାନଙ୍କ ଉଦ୍ଦେଶ୍ୟରେ ପ୍ରଣାମ ନିବେଦନ କରି ନୂଆ ଜୀବନ ଆରମ୍ଭ କଲି ।

ଭାଇ କହିଥିଲା, ''ମା' ଭଗବତୀ ହେଉଛନ୍ତି ଆମର ସତ ମା' । ଦିନେ ଅଭାବନୀୟ ଭାବରେ ମା'ଙ୍କ ମୁହଁରୁ ମଧ୍ୟ ଏଇ କଥାଟି ବାହାରି ଆସିଥିଲା । ଆମମାନଙ୍କର ଜଣେ ସମ୍ପର୍କୀୟ ଭଉଣୀ ତା'ର ଛୋଟ ଝିଅଟିକୁ ଟିକିଏ ଶାସନ କରି ଗାଳି ଦେଇଥିଲା । ଝିଅଟି ମା'ଙ୍କ ପାଖକୁ ଯେତେବେଳେ ଗଲା ତା'ର ଚେହେରା ବିଷଣ୍ଣ ।

ମା' ତାକୁ ପଚାରିଲେ, ''ତୁମର କ'ଣ ହୋଇଛି ? ଏତେ ଦୁଃଖିତ କାହିଁକି ?''

ଛୋଟ ଝିଅଟି ଉତ୍ତର ଦେଲା, ''ମୋତେ ମୋ ମା' ଗାଳି ଦେଇଛନ୍ତି ।'' ମା' ଝିଅଟିକୁ ଆଦର କରି ଅନେକ ଫୁଲ ଦେଲେ । ବହୁତ କଥା କହିଲେ । ଶିଶୁଟିର କୋମଳ ମନ ଆନନ୍ଦରେ ଭରିଗଲା । ପିଲାଟିର ମା' ଯେତେବେଳେ ଆଶୀର୍ବାଦ ଫୁଲ ନେବାକୁ ଗଲେ ମା' ତାଙ୍କୁ କହିଲେ, ''ତୁମେମାନେ ପିଲାମାନଙ୍କୁ ଅକାରଣରେ ଶାସନ କରିବ ନାହିଁ । ସେମାନେ ମୋର ସନ୍ତାନ । ମୁଁ ସେମାନଙ୍କୁ ତୁମମାନଙ୍କ ପାଖକୁ ପଠାଇଛି । ମୁଁ ହେଉଛି ସେମାନଙ୍କର ପ୍ରକୃତ ମା' ।''

ଏଇ ଘଟଣା ଶୁଣି ମୁଁ ଅତ୍ୟନ୍ତ ବିସ୍ମିତ ହେଲି । ପିଲାଦିନର ଘଟଣାଟି ମନେ ପଡ଼ିଲା: ଭାଇ ଓ ମୁଁ ସନ୍ଧ୍ୟାବେଳେ ପଡ଼ିଆ ଆଡ଼କୁ ଚାହିଁ ବସିଛୁ । ଭାଇ କହୁଛି, ''ମା' ଭଗବତୀ ହେଲେ ଆମର ପ୍ରକୃତ ମା' ।''

ଏମିତି ଭାବରେ ଭାଇ ମୁହଁରୁ ଏଇ ଶାଶ୍ୱତବାଣୀ ନିସୃତ ହେବ ବୋଲି କିଏ ବା ଜାଣିଥିଲା। ଶିଶୁମାନେ ଅନେକ କିଛି ଅନୁଭବ ଦ୍ୱାରା ବୁଝିପାରନ୍ତି ଯାହା ବଡ଼ମାନେ ଚେଷ୍ଟା କରି ମଧ୍ୟ ପାରନ୍ତିନାହିଁ। ମା' ସେଇଥିପାଇଁ ଶିଶୁମାନଙ୍କୁ ଏତେ ଭଲପାଆନ୍ତି, ଏତେ ଅବାଧ ସ୍ୱାଧୀନତା ଦେଇଛନ୍ତି। ମା'ଙ୍କ ମୁହଁରୁ ଜାଣିଲୁ ଯେ ସେହିଁ ଆମର ପ୍ରକୃତ ମା'।

ମୋ ନିଜର ଗୋଟିଏ ବିଚିତ୍ର ସ୍ୱପ୍ନ କଥା ମନେପଡୁଛି। ବହୁଦିନ ପୂର୍ବର କଥା। ମୁଁ ସେତେବେଳେ ଆଶ୍ରମକୁ ନୂଆ କରି ଆସିଥାଏ। ମା'ଙ୍କ ପାଖରୁ ଆଶ୍ରମରେ ରହିବାର ଅନୁମତି ପାଇସାରିଥାଏ।

ମା' ମୋତେ ପ୍ରତିଦିନ ସକାଳେ ପ୍ରଶ୍ନ କରୁଥିଲେ, "ରାତିରେ କି ସ୍ୱପ୍ନ ଦେଖିଛ ?"

ମୁଁ ଗୋଟିଏ ପରେ ଗୋଟିଏ ସ୍ୱପ୍ନଗୁଡ଼ିକ କହିଯାଉଥିଲି। ମଝିରେ ମଝିରେ ମା' ବୁଝାଇ କିଛି କହୁଥିଲେ। ସବୁ ସ୍ୱପ୍ନ ନ କହିବା ପର୍ଯ୍ୟନ୍ତ ମୋତେ ଛାଡୁ ନ ଥିଲେ। ସୁବୋଧ ବାଳିକାଟିଏ ପରି ମୁଁ ବି ସବୁ କହିଯାଉଥିଲି।

ସ୍ୱପ୍ନଟି ଥିଲା: ଦିନେ ରାତିରେ ନିଦ ଭିତରେ ହଠାତ୍ ଛାତିରେ ଭୀଷଣ ଯନ୍ତ୍ରଣା ହେଲା। ଠିକ୍ ମଝିରେ ଯେମିତି। ଦେଖିଲି, ମା' ଖୁବ୍ ମନୋଯୋଗ ସହକାରେ ମୋ ଛାତି ଭିତରେ ହାତ ପୂରାଇ ଠିକ୍ ସ୍କ୍ରୁ ଦେଇ ବୋତଲ ଖୋଲିବା ପରି କିଛି ଖୋଲି ଚାଲିଛନ୍ତି। ମୁଁ ଯନ୍ତ୍ରଣାରେ ଚିତ୍କାର କରୁଛି। କହୁଛି, "ଛାଡ଼, ଛାଡ଼, ମା'। କଷ୍ଟ ହେଉଛି। କ'ଣ କରୁଛ ମା' ? ଓଃ, ଭୀଷଣ କଷ୍ଟ ହେଉଛି।" କିନ୍ତୁ ମା'ଙ୍କର କି ନିବିଷ୍ଟ ଭଙ୍ଗୀ ! କି ଅକ୍ଳାନ୍ତ ପରିଶ୍ରମ ଓ ପରମ ଧୈର୍ଯ୍ୟର ସହିତ ମା' ମୋ ଛାତି ଭିତରେ ହାତ ପୂରାଇ ସର୍ଜନଟିଏ ପରି ଅସ୍ତ୍ରୋପଚାର କରି ଚାଲିଥା'ନ୍ତି ! ମା'ଙ୍କ ହାତ ମୁଁ କୌଣସି ପ୍ରକାରେ ବାହାର କରି ପାରୁ ନ ଥାଏ। କେବଳ ଅସହାୟ ଭାବରେ କାନ୍ଦି ଚାଲିଥାଏ...।

ନିଦ ଭାଙ୍ଗିଗଲା। ଅସ୍ତ୍ରୋପଚାର ସମୟରେ ରୋଗୀ ଯେମିତି ଭୟ ପାଏ ଆଉ ଶେଷ ହୋଇଗଲେ ଆରାମ ବୋଧ କରେ, ଠିକ୍ ସେମିତି ଗୋଟିଏ ଆରାମର ଅନୁଭୂତି ମୋତେ ଘେରି ରହିଲା। କିନ୍ତୁ ମା'ଙ୍କ ଉପରେ ଟିକିଏ ରାଗ ବି ଲାଗୁଥିଲା। ଏ କ'ଣ ! ପରଦିନ ସକାଳେ ମା'ଙ୍କ ପାଖକୁ ଯାଇଛି, ମା' ଖୁବ୍ ଆଦର କରି ମୋ ହାତ ଧରିଲେ। କହିଲେ, "କାଲି କି ସ୍ୱପ୍ନ ଦେଖିଛ ?" ଆଉ ଯାଏ କୁଆଡ଼େ। ଦୁଃଖରେ ମୋର କାନ୍ଦ ଆରମ୍ଭ ହୋଇଗଲା।

ମା' ମୋତେ କହୁଥା'ନ୍ତି, "ଆସ୍ତେ, ଆସ୍ତେ। ଶ୍ରୀଅରବିନ୍ଦ ସେ ଘରେ ଅଛନ୍ତି।" ମୁଁ କାନ୍ଦ ବନ୍ଦ କରିପାରୁ ନ ଥାଏ। ଶେଷରେ ଧୀରେ ଧୀରେ ମା'ଙ୍କୁ ସ୍ୱପ୍ନଟି

କଥା କହିଲି। ମୋ କଥା ଶୁଣି ମା' ତ ଯେମିତି ହସରେ ଫାଟି ପଡ଼ିଲେ। କହିଲେ, "ସ୍ୱପ୍ନ ନୁହେଁ, ଏଇଟା ସତ୍ୟ ଘଟଣା। ମୁଁ ଯାଇ ତୁମ ଭିତରେ କାମ କରୁଥିଲି। ପ୍ରତ୍ୟେକଙ୍କ ଭିତରେ ଏମିତି ଭାବରେ କାମ କରେ। ଯେଉଁ ଅଂଶଟି ଗ୍ରହଣ କରିବାକୁ ଚାହେଁ ନାହିଁ ବା ଟିକିଏ ବନ୍ଦ ଥାଏ, ତାକୁ ଠିକ୍ ଏମିତି ଭାବରେ ଖୋଲେ, ଯେମିତି ତୁମେ ଦେଖିଲ। ଜାଣ, ପ୍ରତିଦିନ ରାତିରେ ମୁଁ ସମସ୍ତଙ୍କ ପାଖକୁ ଯାଏ। ତା'ଛଡ଼ା ତୁମେମାନେ ଯେମିତି ସିନେମାରେ ଛବି ଦେଖ, ସେମିତି ଭୋରରୁ ଆଶ୍ରମର ସବୁ ଘଟଣା ଏବଂ କିଏ କ'ଣ କରୁଛି ମୁଁ ସବୁ ଦେଖିବାକୁ ପାଏ।" ମୁଁ ଅବାକ୍ ହୋଇ ଗମ୍ଭୀର ଭାବରେ ମା'ଙ୍କୁ ଚାହିଁ ରହିଥାଏ। ମା' ମୋର ଅବସ୍ଥା ଦେଖି ହସିଚାଲିଥା'ନ୍ତି। ହସର ପ୍ରଭାବରେ ତାଙ୍କ ଦୁଇ ଆଖି ଲୁହରେ ଛଳ ଛଳ ହେଉଥାଏ।

ଏମିତି ଭାବରେ ମା' ମହାସରସ୍ୱତୀରୂପେ ଅକ୍ଳାନ୍ତ ପରିଶ୍ରମ ଓ ଧୈର୍ଯ୍ୟର ସହିତ ଆମ ଭିତରେ ଦିନରାତି ନିବିଷ୍ଟ ଭାବରେ କାମ କରି ଚାଲିଛନ୍ତି।

ଏଇ ପ୍ରସଙ୍ଗରେ ଗୋଟିଏ ଖୁବ୍ ମଜାର ଘଟଣା ମନେ ପଡୁଛି। ଆମ ତରୁଣମାନଙ୍କ ମଧ୍ୟରୁ ଜଣେ ଭୋରରୁ ଆଶୀର୍ବାଦ ଫୁଲ ଆଣିବାକୁ ମା'ଙ୍କ ପାଖକୁ ଯାଇଥିଲା। ମା' ତାକୁ ଫୁଲ ଦେବା ସମୟରେ କହିଲେ, "ତୁମେ ପ୍ରତିଦିନ ଯାହା କର ମୁଁ କିନ୍ତୁ ସେସବୁ ଜାଣେ।" ପିଲାଟି ଏକଥା ବିଶ୍ୱାସ କରି ପାରିଲା ନାହିଁ।

ମା' ପିଲାଟି ଆଡ଼କୁ ଚାହିଁ ଗୋଟିଏ ପରେ ଗୋଟିଏ ଘଟଣା କହି ଚାଲିଲେ। ତା'ପରେ ଏମିତି ଗୋଟିଏ ପ୍ରସଙ୍ଗ କହିବାକୁ ଆରମ୍ଭ କଲେ ଯେ ପିଲାଟି ପଳାଇଯାଇ ବଞ୍ଚିଗଲା। ରାତିରେ ମା' ଏବେ ବି ଆମମାନଙ୍କ ପାଖକୁ ଆସନ୍ତି। କେତେ ବିପଦରୁ ଆମକୁ ରାତିରେ ମା' ରକ୍ଷା କରନ୍ତି। ମା' ଆମର ବିପଦର ବନ୍ଧୁ।

ସନ୍ଧ୍ୟାବେଳେ ମା' ଯେତେବେଳେ ପ୍ଲେ-ଗ୍ରାଉଣ୍ଡରେ ଶ୍ରୀଅରବିନ୍ଦଙ୍କ 'ମା' ବହିଟି ପଢ଼ାଉଥିଲେ ସେତେବେଳେ ଥରେ "ଶକ୍ତି ଚତୁଷ୍ଟୟଙ୍କ ଭିତରେ ସେହିଁ କନିଷ୍ଠା" ଏହି ପ୍ରସଙ୍ଗ ଉପରେ ପ୍ରଶ୍ନ କରାଗଲା। ପ୍ରଶ୍ନଟି ଥିଲା, "ମା', ମା'ଙ୍କର ଚାରୋଟି ମହାରୂପ ମଧ୍ୟରେ ମହାସରସ୍ୱତୀଙ୍କୁ କାହିଁକି ସର୍ବାପେକ୍ଷା କନିଷ୍ଠା ବୋଲି କୁହାଯାଇଛି ?"

ମା' କହିଲେ, "କାରଣ ତାଙ୍କ କାମ ସମସ୍ତଙ୍କ ଶେଷରେ। ସେଇଥିପାଇଁ ସେ ଶେଷରେ ଆସିଛନ୍ତି।" ଟିକିଏ ଚୁପ୍ ରହି ମା' ପୁଣି କହିଲେ, "ମା' ବହିଟିରେ ଯେମିତି ଭାବରେ ବର୍ଣ୍ଣନା କରାଯାଇଛି ଠିକ୍ ସେମିତି ଭାବରେ ଶକ୍ତି ଚତୁଷ୍ଟୟଙ୍କ ଆବିର୍ଭାବ ଘଟିଛି। ଯେମିତି ମା'ଙ୍କର ଚାରୋଟି ଗୁଣ, କର୍ମର ପ୍ରୟୋଜନ ଅନୁଯାୟୀ ଏଇ ଶକ୍ତି ଚତୁଷ୍ଟୟଙ୍କର କ୍ରମପ୍ରକାଶ ଘଟିଛି। ନିଖୁଣ, ନିର୍ଦୋଷ, ଉତ୍କୃଷ୍ଟତାର

ପ୍ରୟୋଜନ ସର୍ବ ଶେଷରେ। ସେଇ କାରଣରୁ ତାଙ୍କୁ କୁହାଯାଏ ସର୍ବକନିଷ୍ଠା।

"ଅନ୍ୟାନ୍ୟ ଶକ୍ତିଙ୍କର ଯାବତୀୟ କର୍ମ ସେମାନଙ୍କ ସମ୍ପୂର୍ଣ୍ଣତା ପାଇଁ ଏଇ ଶକ୍ତିକୁହିଁ ଅବଲମ୍ବନ କରି ରହିଛନ୍ତି।"

ମା' କହିଲେ, "ମହାସରସ୍ୱତୀ, ହଁ। କାରଣ ମହାସରସ୍ୱତୀ (ମା' କିଛି ସମୟ ଚୁପ୍ ହୋଇ ରହିଲେ) ହେଲେ ପୂର୍ଣ୍ଣତା, ନିଖୁଣତା, ଦୋଷଲେଶ ଶୂନ୍ୟ ସର୍ବାଙ୍ଗସୁନ୍ଦର କର୍ମର ଦେବୀ। ତାଙ୍କ ମତରେ ସବୁକିଛି ପୁଙ୍ଖାନୁପୁଙ୍ଖ ଭାବରେ ଏବଂ ସର୍ବାଙ୍ଗସୁନ୍ଦର ଭାବରେ କରିବା ଉଚିତ। ଏଇ ସ୍ଥୂଳ ଜଗତର, ବିଶ୍ୱ ଜଡ଼ ପ୍ରକୃତିର ସବୁକିଛିରେ ଯେମିତି ସମ୍ପୂର୍ଣ୍ଣରୂପେ ନିଖୁଣ ସମନ୍ୱୟ ଘଟେ ତାହାହିଁ ସେ ଚାହାନ୍ତି ଏବଂ ତାହାହିଁ ତାଙ୍କର ଦାବୀ। କେବଳ ମନ ଓ ପ୍ରାଣରେ ଏହା ପ୍ରତିଷ୍ଠିତ ହେଲେ ଚଳିବ ନାହିଁ, ପୁଙ୍ଖାନୁପୁଙ୍ଖ ଭାବରେ ଏଇ ସ୍ଥୂଳ ଜଗତରେ ମଧ୍ୟ ତା'ର ପ୍ରତିଷ୍ଠା ହେବା ଦରକାର। ପୂର୍ଣ୍ଣାଙ୍ଗ ପୂର୍ଣ୍ଣତାହିଁ ତା'ର ଲକ୍ଷ୍ୟ। କିଛି ବି ଭୁଲିଗଲେ, ଅବହେଳା କଲେ ବା ପକାଇ ରଖିଲେ ଚଳିବ ନାହିଁ। ସୁତରାଂ ଦେଖାଯାଉଛି ଯେ ଅନ୍ୟାନ୍ୟ ମହାଶକ୍ତିମାନେ ଯେଉଁ କର୍ମ ସୂକ୍ଷ୍ମ ଜଗତରେ ଓ ଅନ୍ୟାନ୍ୟ ଜଗତରେ କରି ଚାଲିଛନ୍ତି, ସେଇସବୁ କର୍ମର ସ୍ଥୂଳ ବାସ୍ତବ ପ୍ରତିଷ୍ଠା ଏଇ ଦେବୀ ସୁନିଶ୍ଚିତ କରିଦିଅନ୍ତି। ସ୍ଥୂଳ ଜଗତରେ ଏଇ ମହାଶକ୍ତିମାନଙ୍କ କର୍ମର ପୂର୍ଣ୍ଣାଙ୍ଗ ପୂର୍ଣ୍ଣତା ଏଇ ଦେବୀ ଦୃଢ଼ବଦ୍ଧ କରି ତୋଳନ୍ତି।"

ଭାବିଲେ ଅବାକ୍ ଲାଗେ, ଦୁର୍ଗାପୂଜା ସମୟରେ ଦେବୀ ଦୁର୍ଗାଙ୍କୁ ସାଥିରେ ନେଇ ମା' ଓହ୍ଲାଇ ଆସନ୍ତି। ଲକ୍ଷ୍ମୀପୂଜା ଦିନ ମା' ମହାଲକ୍ଷ୍ମୀଙ୍କୁ ସାଥିରେ ନେଇ ମେଡ଼ିଟେଶନ ହଲକୁ ଓହ୍ଲାଇ ଆସନ୍ତି। ପୁଣି କାଳୀପୂଜା ଦିନ ମା' ମହାକାଳୀଙ୍କୁ ସାଥିରେ ନେଇ ଆସନ୍ତି। ସରସ୍ୱତୀ ପୂଜା ଦିନ ମା' ଆସନ୍ତି ମହାସରସ୍ୱତୀ ରୂପରେ। ବିନା ଚେଷ୍ଟାରେ ଆମେମାନେ ମା'ଙ୍କର ଏଇ ବିଭିନ୍ନ ରୂପର ଦର୍ଶନ ପାଉଥିଲୁ।

ମା' ଯେତେବେଳେ ପ୍ଲେ-ଗ୍ରାଉଣ୍ଡରେ ଶ୍ରୀଅରବିନ୍ଦଙ୍କ 'ମା' ବହିଟି ପଢୁଥିଲେ ଏବଂ ପ୍ରତିଟି ଶକ୍ତି ବିଷୟରେ ନିଜେ ଆମମାନଙ୍କୁ ସରଳ ଭାଷାରେ ବୁଝାଇ ଦେଉଥିଲେ, ସେତେବେଳେ ଗୋଟିଏ ବିଚିତ୍ର ଅନୁଭୂତି ଆମମାନଙ୍କୁ ଆଚ୍ଛନ୍ନ କରି ପକାଉଥିଲା। ମା' ମହା ଆଦ୍ୟାଶକ୍ତି ତାଙ୍କ ସନ୍ତାନମାନଙ୍କ ପାଖରେ ନିଜର ପ୍ରତିଟି ରୂପ ବର୍ଣ୍ଣନା କରି ଚାଲୁଥିଲେ। ସ୍ଥିର ବିସ୍ମୟରେ ଆମେ ତାଙ୍କୁ ଚାହିଁ ରହୁଥିଲୁ।

ସ୍ୱୟଂ ଶ୍ରୀକୃଷ୍ଣଙ୍କ ମୁହଁରୁ ସେ ଯେ କିଏ ଏହା ଜାଣିବାର ସୌଭାଗ୍ୟ ଅର୍ଜୁନଙ୍କର ହୋଇଥିଲା। ସେଇ ସୌଭାଗ୍ୟ ନେଇ ଆମେମାନେ ମଧ୍ୟ ଜନ୍ମିଛୁ। ଶ୍ରୀଅରବିନ୍ଦଙ୍କ 'ମା' ବହିଟି ଉପରେ — ମା'ଙ୍କର ପ୍ରତିଟି ଶକ୍ତି ସମ୍ବନ୍ଧରେ କେତେ ପ୍ରଶ୍ନ ମା'ଙ୍କୁ କରା ନ ଯାଇଛି ! ମା' ଧୈର୍ଯ୍ୟର ସହିତ ସବୁ ପ୍ରଶ୍ନର ଉତ୍ତର ଦେଇଯାଇଛନ୍ତି।

ଗୀତାରେ ଶ୍ରୀକୃଷ୍ଣ ରୂପେ ସ୍ୱୟଂ ଭଗବାନ ଅର୍ଜୁନଙ୍କ ପାଖରେ ତାଙ୍କ ନିଜର କର୍ମଧାରା ଏବଂ ସେ କିଏ ତା'ର ବିଶଦ ବ୍ୟାଖ୍ୟା କରିଥିଲେ। 'ମା' ବହିଟି ଆମମାନଙ୍କୁ ପଢ଼ାଇବା ସମୟରେ ମା' ସ୍ୱୟଂ ଆଦ୍ୟା ଅଦ୍ୱିତୀୟା ମହାଶକ୍ତି ଆମମାନଙ୍କ ପାଖରେ ତାଙ୍କ ପ୍ରତିଟି ଶକ୍ତିଧାରାର ବିଶଦ ବ୍ୟାଖ୍ୟା କଲେ। ସେ କିଏ ଏକଥା ଶ୍ରୀଅରବିନ୍ଦ 'ମା' ବହିଟିରେ ବିଶଦଭାବରେ ଲେଖିଛନ୍ତି:

''ମା'ଙ୍କର ଯେଉଁ ଚାରୋଟି ଶକ୍ତି, ତାଙ୍କର ଯେଉଁ ଚାରୋଟି ପ୍ରଧାନ ବ୍ୟକ୍ତି-ରୂପ, ତାହା ତାଙ୍କ ଦିବ୍ୟ ସ୍ୱରୂପର ଅଂଶ ଓ ବିଗ୍ରହ। ଏମାନଙ୍କ ମଧ୍ୟଦେଇ ମା' ତାଙ୍କ ସନ୍ତାନମାନଙ୍କ ଉପରେ କାର୍ଯ୍ୟ କରନ୍ତି; ଭୁବନ ଭୁବନରେ, ତାଙ୍କର ସୃଷ୍ଟି ମଧ୍ୟରେ ଶୃଙ୍ଖଳା ଓ ସାମଞ୍ଜସ୍ୟ ବିଧାନ କରନ୍ତି; ତାଙ୍କର ସହସ୍ର ଶକ୍ତିକୁ ନିଜର ଯଥାଯଥ କର୍ମ ଧାରାରେ ନିୟନ୍ତ୍ରିତ କରନ୍ତି। କାରଣ ମା' ହେଲେ ଏକ, ତେବେ ସେ ଆମମାନଙ୍କ ସମ୍ମୁଖରେ ନାନାରୂପରେ ଆବିର୍ଭୂତା ହୁଅନ୍ତି, ତାଙ୍କର ବହୁ ଶକ୍ତି ଓ ମୂର୍ତ୍ତି, ତାଙ୍କର ବହୁ ପ୍ରକାଶ ଓ ବିଭୂତି — ଏହି ସକଳହିଁ ତାଙ୍କର କାର୍ଯ୍ୟ ବିଶ୍ୱରେ ସମ୍ପନ୍ନ କରୁଛନ୍ତି। ଯେଉଁ ଅଦ୍ୱିତୀୟାଙ୍କୁ ମା' ବୋଲି ଆମେମାନେ ପୂଜା କରୁ, ସେ ହେଲେ ବିଶ୍ୱସତ୍ତାର ଅଧିଷ୍ଠାତ୍ରୀ, ଭାଗବତୀ ଚିତ୍‌ଶକ୍ତି।

''ମା'ଙ୍କର ଚାରୋଟି ମହାରୂପ, ଚାରୋଟି ମୁଖ୍ୟ ଶକ୍ତି ଓ ବିଗ୍ରହ ସମ୍ମୁଖରେ ରହି ଏହି ବିଶ୍ୱକୁ ପରିଚାଳନା କରନ୍ତି ଏବଂ ପାର୍ଥିବ ଲୀଳାରେ କାର୍ଯ୍ୟ କରନ୍ତି। ପ୍ରଥମ ବିଗ୍ରହ ହେଲା — ପ୍ରଶାନ୍ତ ବିଶାଳତା, ସର୍ବବ୍ୟାପକ ଜ୍ଞାନ, ସ୍ଥିର ମଙ୍ଗଳମୟତା, ଅଫୁରନ୍ତ କରୁଣା, ଅତୁଳ ଏବଂ ଅଦ୍ୱିତୀୟ ମହିମା, ସର୍ବଶାସକ ମହତ୍ତ୍ୱ। ଦ୍ୱିତୀୟ ବିଗ୍ରହ ହେଲା — ତାଙ୍କର ଭାସ୍ୱର ବୀର୍ଯ୍ୟ ଓ ଅଦମ୍ୟ ଆବେଗ, ତାଙ୍କର ଯୋଦ୍ଧୃଭାବ, ତାଙ୍କର ସର୍ବଜୟୀ ସଙ୍କଳ୍ପ, ତାଙ୍କର ପ୍ରଖର କ୍ଷିପ୍ରତା ଆଉ ପ୍ରଳୟଙ୍କର ପ୍ରତାପ। ତାଙ୍କର ତୃତୀୟ ବିଗ୍ରହଟି ହେଲା କାନ୍ତିମୟ, ମାଧୁର୍ଯ୍ୟମୟ, ଆଶ୍ଚର୍ଯ୍ୟମୟ; ସେଥିରେ ଅଛି ମା'ଙ୍କର ସୌନ୍ଦର୍ଯ୍ୟ, ସୁସଙ୍ଗତି ଓ ସୁଚାରୁ ଛନ୍ଦର ପ୍ରଗାଢ଼ ରହସ୍ୟ, ବିଚିତ୍ର ସୁକୁମାର ବୈଭବ, ଦୁର୍ବାର ଆକର୍ଷଣ, ମୋହିନୀ ମାଧୁରିମା। ମା'ଙ୍କର ଚତୁର୍ଥ ବିଗ୍ରହଟି ହେଲା — ଅନ୍ତରଙ୍ଗ ଗଭୀର ଜ୍ଞାନ ତଥା ନିପୁଣ ନିର୍ଦୋଷ କର୍ମ ଓ ସକଳ ବସ୍ତୁକୁ ପ୍ରଶାନ୍ତି ଏବଂ ନିର୍ଦ୍ଦିଷ୍ଟ ପୂର୍ଣ୍ଣତା ପ୍ରଦାନର ଏକ ନିବିଡ଼ ଗଭୀର ସାମର୍ଥ୍ୟରେ ବିଭୂଷିତ। ଜ୍ଞାନ, ବଳ, ସଙ୍ଗତି, ପୂର୍ଣ୍ଣତା, — ଏହିସବୁ ହେଲା ସେମାନଙ୍କର ବିଭିନ୍ନ ଗୁଣ। ଏହି ଶକ୍ତିଗୁଡ଼ିକୁ ସେମାନଙ୍କ ବିଭୂତିସକଳ ମଧ୍ୟରେ ପ୍ରକାଶ କରିବା ସକାଶେ ମାନବୀୟ ଆବରଣର ଆଶ୍ରୟରେ ସେମାନେ ନିଜ ସଙ୍ଗରେ ଜଗତ ମଧ୍ୟରେ ନେଇଆସିଛନ୍ତି ଏବଂ ଯେଉଁମାନେ ମା'ଙ୍କର ସାକ୍ଷାତ୍ ଓ ଜୀବନ୍ତ ପ୍ରଭାବ ପ୍ରତି ନିଜର ପାର୍ଥିବ ପ୍ରକୃତିକୁ ଖୋଲି ଧରିପାରନ୍ତି,

ସେମାନେ. ସେମାନଙ୍କ ମଧ୍ୟରେ ଉର୍ଦ୍ଧ୍ୱସ୍ଥ ଦିବ୍ୟସ୍ଥିତିର ଧର୍ମାନୁସାରେ ଏହି ସକଳ ଐଶ୍ୱର୍ଯ୍ୟ ପ୍ରତିଷ୍ଠିତ କରନ୍ତି। ଏହି ଶକ୍ତିଚତୁଷ୍ଟୟକୁ ଆମେମାନେ ଏହି ଚାରୋଟି ମହାନ୍ ନାମ ଦେଉଛୁ — ମାହେଶ୍ୱରୀ, ମହାକାଳୀ, ମହାଲକ୍ଷ୍ମୀ, ମହାସରସ୍ୱତୀ।''

ମା' ତାଙ୍କ ପ୍ରତିଟି ସନ୍ତାନ ପାଇଁ ଅବାରିତ ଭାବରେ ଦ୍ୱାର ଖୋଲି ରଖିଥିଲେ। ସାନବଡ଼ ସମସ୍ତେ ମା'ଙ୍କ କଥା ଶୁଣିବା ପାଇଁ ଉନ୍ମୁଖ ହୋଇ ବସି ରହୁଥିଲେ। ଫରାସୀ ଭାଷା ଜାଣି ନ ଥିଲେ ମଧ୍ୟ କେବଳ ମା'ଙ୍କ ଦର୍ଶନ ଲାଭ କରିବା ପାଇଁ, ତାଙ୍କ ଅପାର୍ଥିବ ମଧୁମୟ କଣ୍ଠସ୍ୱର ଶୁଣିବା ପାଇଁ ସମସ୍ତେ ସେଠାରେ ଉପସ୍ଥିତ ରହୁଥିଲେ। ଦୂରଦୂରାନ୍ତରରୁ କେତେ ଭକ୍ତ ଶିଷ୍ୟ ଆସି ମା'ଙ୍କ କ୍ଲାସ ଦିନ ସ୍ୱଚ୍ଛନ୍ଦଭାବରେ ପ୍ଲେ-ଗ୍ରାଉଣ୍ଡରେ ବସୁଥିଲେ। ସେଇ ଦିନରୁ ଆମମାନଙ୍କ ଭିତରେ ତଥା ବିଶ୍ୱଜନ-ମାନସରେ ଏଇ ଅନୁଭୂତି ସଞ୍ଚାରିତ ହୋଇଯାଇଥିଲା ଯେ ମା' ସମସ୍ତଙ୍କର ବନ୍ଧୁ, ଆମ ସମସ୍ତଙ୍କର ଅତିପ୍ରିୟ ବନ୍ଧୁ, ସେ ସମସ୍ତଙ୍କର ମା' ।

ମା'ଙ୍କର ତେରବର୍ଷ ବୟସରେ ଘଟିଥିବା ବିଚିତ୍ର ଅଭିଜ୍ଞତା କଥା ଏଠାରେ ମନେପଡୁଛି। ମା' ସେଇ ଛୋଟ ବୟସରେ ପ୍ରତିଦିନ ରାତିରେ ନିଜ ଦେହ ଛାଡ଼ି, ନିଜ ଘର ଛାଡ଼ି, ସହର ଛାଡ଼ି ଆକାଶରେ ଅନେକ ଉପରକୁ ଉଠି ଯାଉଥିଲେ। ମା'ଙ୍କର ପୋଷାକ ଥିଲା ଗୋଟିଏ ସୁନେଲି ରଙ୍ଗର ଅତି ସୁନ୍ଦର ଗାଉନ୍। ତାଙ୍କଠାରୁ ଏଇ ଗାଉନ୍‌ଟି ଥିଲା ବହୁତ ଲମ୍ବା, ବେଶ୍ ବଡ଼। ମା' ଯେତେ ଉପରକୁ ଉଠୁଥିଲେ ଗାଉନ୍‌ଟି ତାଙ୍କ ଚାରିପାଖକୁ ଘେରି ଗୋଲ ହୋଇ ସେତେ ମେଲିହୋଇ ଯାଉଥିଲା। ସାରା ସହରଟି ଉପରେ ଏଇ ଗାଉନ୍ ବିରାଟ ଆଚ୍ଛାଦନ ସୃଷ୍ଟି କରୁଥିଲା। ତା'ପରେ ମା' ଦେଖିବାକୁ ପାଉଥିଲେ ସହରର ଚାରିଆଡୁ ଲୋକମାନେ, ଆବାଳବୃଦ୍ଧବନିତା, ଅସୁସ୍ଥ, ଦୁଃଖୀ ସମସ୍ତେ ବାହାରି ଆସି ମା'ଙ୍କର ଏଇ ପରିଚ୍ଛଦ ତଳେ ଜମା ହେଉଥିଲେ। ସେମାନେ ନିଜର ଦୁଃଖକଷ୍ଟ, ସୀମାହୀନ ବ୍ୟଥା ବେଦନା କଥା ମା'ଙ୍କୁ ଜଣାଇ ତାଙ୍କ ସାହାଯ୍ୟ ଲୋଡୁଥିଲେ। ମା'ଙ୍କର ଏଇ ପରିଚ୍ଛଦଟି ଜୀବନ୍ତଭାବେ ବିସ୍ତୃତ ହୋଇ ପ୍ରତ୍ୟେକଙ୍କ ପାଖକୁ ଆସୁଥିଲା। ଯେଉଁ ମୁହୂର୍ତ୍ତରେ ଏଇ ମଣିଷମାନେ ମା'ଙ୍କ ପରିଚ୍ଛଦର ସ୍ପର୍ଶ ଲାଭ କରୁଥିଲେ ତତ୍‌କ୍ଷଣାତ୍ ସେମାନେ ଭରସା ପାଉଥିଲେ, ସାନ୍ତ୍ୱନା ପାଉଥିଲେ, ସୁସ୍ଥ ହୋଇ ଉଠୁଥିଲେ। ଆଗଠାରୁ ଆହୁରି ସୁଖୀ ଓ ସୁସ୍ଥ ହୋଇ ନିଜ ନିଜ ଶରୀରରେ ଯାଇ ପ୍ରବେଶ କରୁଥିଲେ। ପ୍ରତି ରାତିରେ ଘଟୁଥିବା ଏଇ ଅପୂର୍ବ ଘଟଣା ମା'ଙ୍କୁ ବେଶ୍ ଆନନ୍ଦ ଦେଉଥିଲା। ଅନ୍ୟ କୌଣସି ଘଟଣା ତାଙ୍କ ପାଖରେ ଏତେ ସୁନ୍ଦର ବୋଲି ପ୍ରତିଭାତ ହେଉ ନ ଥିଲା। ଏଇ ଘଟଣାରୁ ଆମେ ଜାଣିବାକୁ ପାଉ ଯେ ସାନବେଳୁ ମା' ତାଙ୍କ ସ୍ନେହ ଆଦର ପୃଥିବୀର

ମଣିଷମାନଙ୍କ ପାଇଁ ଅସରନ୍ତି ଭାବରେ ବିତରଣ କରି ଚାଲିଥିଲେ।

ମା'ଙ୍କ ପାଇଁ ତାଙ୍କ ମା' ଛୋଟ ଚେଆରଟିଏ ତିଆରି କରାଇ ଦେଇଥିଲେ। ମା' ସେଇ ଚେୟାରରେ ଗମ୍ଭୀର ଭାବରେ ଘଣ୍ଟା ଘଣ୍ଟା ଧରି ବସି ରହୁଥିଲେ। ଗୋଟିଏ ଛୋଟ ଝିଅ ପକ୍ଷରେ ଏହା ବେଶ୍ ଆଶ୍ଚର୍ଯ୍ୟଜନକ ଘଟଣା ବୋଲି ମନେହୁଏ। ତାଙ୍କୁ ଦେଖି କେହି ବୁଝିପାରୁ ନ ଥିଲେ ଏଇ ଛୋଟ ଝିଅଟିର ମୁହଁ ଏତେ ଗମ୍ଭୀର କାହିଁକି? କ'ଣ ସେ ଚିନ୍ତା କରେ? ମା'ଙ୍କୁ ଦିନେ ତାଙ୍କ ମା' ପ୍ରଶ୍ନ କଲେ, "ତୋ'ର କ'ଣ ହୋଇଛି? ତୁ ଏମିତି ଗମ୍ଭୀର ହୋଇ ସବୁବେଳେ କାହିଁକି ବସିରହୁ? ମନେ ହେଉଛି ଯେମିତି ପୃଥିବୀର ସମସ୍ତ ବୋଝ ତୋ' କାନ୍ଧରେ ଲଦି ଦିଆଯାଇଛି।"

ମା' ସେଇ ଛୋଟ ବୟସରେ ଗମ୍ଭୀର ଭାବରେ ଉତ୍ତର ଦେଇଥିଲେ, "ଠିକ୍ ସେଇଆ, ଏଇ ପୃଥିବୀର ସମସ୍ତ ଦୁଃଖ ମୋତେ ବୋହିବାକୁ ହେଉଛି। ସେଇଥିପାଇଁ ମୁଁ ସବୁବେଳେ ଏତେ ଗମ୍ଭୀର।"

ସେଇ ଛୋଟ ଝିଅଟି ଆମ ଛୋଟ ମା'ଟି ଆଜି ବିଶ୍ୱଜନନୀରୂପେ ଆମ ଭିତରେ ବିରାଜମାନ ହୋଇଛନ୍ତି। ସୁଖଦୁଃଖରେ ଆକୁଳ ହୋଇ ଡାକିଲେ ଆମେ ତତ୍‌କ୍ଷଣାତ୍ ତାଙ୍କ ଉତ୍ତର ପାଉ। ଏମିତିକି କଥା କହି ଶିଖି ନ ଥିବା ଛୋଟ ଶିଶୁଟିଏ ମା'ଙ୍କ ପାଖକୁ ଦୌଡ଼ି ଯାଇ ନିଜ ଦୁଃଖ କଥା ନାନା ଭଙ୍ଗୀରେ ତାଙ୍କୁ ବୁଝାଇଦେଲେ ମା' ଠିକ୍ ବୁଝିଯାଆ'ନ୍ତି ।

ମୋର ଜଣେ ମାମୁଝିଅ ଭଉଣୀ ତା'ର ପାଞ୍ଚ ଛଅ ମାସର ପୁଅକୁ ନେଇ ମା'ଙ୍କ ପାଖକୁ ଯାଇଥିଲା। ପିଲାଟି ମନୋଜର କୋଳରେ ଥିଲା। ମା'ଙ୍କ ପାଖକୁ ଯିବା ମାତ୍ରେ ପିଲାଟି ଖୁବ୍ ଜୋରରେ କାନ୍ଦିବାକୁ ଲାଗିଲା। ଦୁଃଖରେ ତା'ର କି କାନ୍ଦ! ମୋ ଭଉଣୀ, ମାଉସୀ ଓ ମନୋଜକୁ ଖୁବ୍ ଅପ୍ରସ୍ତୁତ ଲାଗୁଥାଏ। ପିଲାଟି ଯେମିତି ମା'ଙ୍କୁ କିଛି କହିବାକୁ ଚାହୁଁଥିଲା। କିନ୍ତୁ ବିଚରା ତ କଥା କହି ଶିଖି ନ ଥାଏ। କିନ୍ତୁ ଅନୁଭବରେ ଠିକ୍ ବୁଝିଥିଲା ଯେ ଏଇ ମା' ହେଲେ ତା'ର ଏକମାତ୍ର ହିତାକାଂକ୍ଷୀ, ପରମ ବନ୍ଧୁ, ଯାହାଙ୍କ ପାଖରେ କଥା ନ କହି ପାରିଲେ ବି ସବୁ କହି ହୋଇଯାଏ! ମା' ବି ତା'ର ନାଲିଶ୍ ଠିକ୍ ବୁଝିପାରିଲେ। ଗୋଲାପ ଫୁଲଟିଏ ତା' ହାତରେ ଦେଲେ। ତାକୁ ଖୁବ୍ ଆଦର କଲେ। ମା'ଙ୍କ ସ୍ପର୍ଶ ପାଇ ଓ ଗୋଲାପଟି ପାଇ ପିଲାଟି ସଙ୍ଗେ ସଙ୍ଗେ ଶାନ୍ତ ହୋଇଗଲା। ଏମିତି ଭାବରେ ଆମ ସମସ୍ତଙ୍କ ଜୀବନ ମା'ଙ୍କ ସହିତ ଏକ ସୁବର୍ଣ୍ଣ ସୂତାରେ ଗୁନ୍ଥା ହୋଇଯାଇଛି। ସେଇ ଗୋଟିଏ ସୂତ୍ରରେ ସହସ୍ର ଜୀବନ ଗୁନ୍ଥା ହୋଇଛି।

ପ୍ରତ୍ୟେକ ବର୍ଷ ଆଶ୍ରମ ସ୍କୁଲରୁ ପଢ଼ା ଶେଷ କରି ବିଦାୟ ନେବାକୁ ଯାଉଥିବା ଛାତ୍ରମାନେ ସେମାନଙ୍କର ନୂଆ ଜୀବନ ଆରମ୍ଭ କରିବା ପୂର୍ବରୁ ନଳିନୀଦା'ଙ୍କୁ ପ୍ରଣାମ

କରିବାକୁ ଯାଉଥିଲେ। ପ୍ରତିଥର ନଳିନୀଦା' ସେମାନଙ୍କୁ ସୁନ୍ଦର କଥାସବୁ କହୁଥିଲେ। ଅପୂର୍ବ ସେଇ ଭାଷଣସବୁ। ଥରେ ତାଙ୍କର ସେମିତି ଏକ ବକ୍ତୃତାରେ The Golden Chainର ନିହିତାର୍ଥ କ'ଣ ତାହା ସେ ବ୍ୟାଖ୍ୟା କରିଥିଲେ। ସେ କହିଥିଲେ, ''ମା' ପ୍ରାୟ କହୁଥିଲେ ଯେ ଯିଏ ମୋ' ସ୍ପର୍ଶ ପାଇଛି, ଯାହାର ଅନ୍ତରରେ ଗୋଟିଏ ମୁହୂର୍ତ୍ତ ପାଇଁ ହେଲେ ବି ଆସ୍ପୃହା ଜାଗି ଉଠିଛି, ଯାହା ହୃଦୟରେ ମୋ ପାଇଁ ଯଥାର୍ଥ ଭଲପାଇବା ରହିଛି, ତା'ର ଏଇ ଜୀବନ ଏବଂ ପର ଜୀବନଗୁଡ଼ିକ ମଧ୍ୟ ଚିରକାଳ ପାଇଁ ମୋ ସହିତ ଗୁନ୍ଥା ହୋଇଯାଇଛି। ଗୋଟିଏ ସୁନାର ହାର ମୁଁ ତା' ଗଳାରେ ପିନ୍ଧାଇ ଦେଇଛି। ଶାଶ୍ୱତ କାଳ ପାଇଁ ତା' ହୃଦୟ ମୋ ହୃଦୟ ସହିତ ବନ୍ଧା ହୋଇଯାଇଛି।''

ମା'ଙ୍କ ଏଇ କଥା ଉଲ୍ଲେଖ କରି ନଳିନୀଦା' କହିଥିଲେ, ''ମା' ଦେଇଥିବା ସୁନାର ହାର ତୁମମାନଙ୍କ ଅନ୍ତରରେ ନିହିତ ରହିଛି। ତୁମେମାନେ ଯୁଆଡ଼େ ବି ଯାଅ ନା କାହିଁକି, ଯେତେ ଦୂରରେ ଥାଅ ନା କାହିଁକି ଏଇ ସୁନାର ହାରଟି ଲମ୍ୱିଯାଇ ସବୁବେଳେ ତୁମମାନଙ୍କୁ ଘେରି ରହିଥିବ।''

ଏଇ ହାର ହେଲା ମା'ଙ୍କର ଭଲପାଇବା, ସମସ୍ତଙ୍କ ଅନ୍ତରରେ ତାଙ୍କ ଉପସ୍ଥିତି। ଦୁଃସମୟରେ, ଜୀବନର ଝଡ଼ଝଞ୍ଜା ଭିତରେ ମା'ଙ୍କର ଏଇ ଭଲପାଇବା ଆମକୁ ଯୁଦ୍ଧ କରିବାର ଶକ୍ତି ଯୋଗାଏ, ଭରସା ଦିଏ। ଏହା ହେଲା ମା'ଙ୍କର ଅସୀମ ବନ୍ଧୁତ୍ୱ, ସମସ୍ତଙ୍କ ପାଇଁ ଅସରନ୍ତି ଭଲପାଇବା। ପୁଣି ଥରେ କହୁଛି, ମା' ଆମର ମା', ମା' ଆମର ବନ୍ଧୁ, ଆମ ସମସ୍ତଙ୍କର ବନ୍ଧୁ।

ମା' ଆମମାନଙ୍କୁ, ପ୍ରତ୍ୟେକ ମଣିଷକୁ ଭଲପାଆନ୍ତି, ବିଶ୍ୱାସ କରନ୍ତି। ମା'ଙ୍କ ବିଶ୍ୱାସର ଶକ୍ତି ସାହାଯ୍ୟରେ ଆମ ଭିତରେ ଏକ ନୂଆ 'ମୁଁ' ଜନ୍ମଗ୍ରହଣ କଲା ଯେଉଁ 'ମୁଁ' ଜୀବନର ପ୍ରତି ପଦରେ ଝୁଣ୍ଟି ପଡୁଥିଲା, ସେଇ 'ମୁଁ' ମା'ଙ୍କ ଅସରନ୍ତି ଭଲପାଇବା ଓ ବନ୍ଧୁତ୍ୱ ପାଇ ହଠାତ୍ ରୂପାନ୍ତରିତ ହୋଇଉଠିଲା। ଏହା ଏକ ବିସ୍ମୟକର ଘଟଣା।

ମା' ଆମ ମନର ଗହନ ଅନ୍ଧକାରରେ ପ୍ରବେଶ କରି ଘୁମନ୍ତ 'ମୁଁ'ଟିକୁ ତାଙ୍କ ଭଲ ପାଇବାର ସୁନା-କାଉଁରୀକାଠି ଛୁଆଁଇ ଜଗାଇଦେଲେ। ଆମେମାନେ କ୍ରମେ ଆତ୍ମବିଶ୍ୱାସରେ ପରିପୂର୍ଣ୍ଣ ହୋଇଉଠିବାକୁ ଲାଗିଲୁ। ଯେତେବେଳେ ମା' ଯାହା ନିର୍ଦ୍ଦେଶ ଦେଇଛନ୍ତି, ଆମ ନୂଆ 'ମୁଁ' କହିଛି, ''ମୁଁ ଆପ୍ରାଣ ଚେଷ୍ଟା କରିବି। ମୁଁ ନିଶ୍ଚୟ ମା'ଙ୍କ ବିଶ୍ୱାସର ଉପଯୁକ୍ତ ହୋଇଉଠିବି।''

ଆମମାନଙ୍କ ନାଁରେ କେତେ ନାଲିଶ ମା'ଙ୍କ କାନକୁ ଯାଉ ନ ଥିଲା! ମା' ମଧୁର ଭାବରେ ହସି ସେସବୁ କଥା ଆମମାନଙ୍କୁ କହୁଥିଲେ। ସେଇସବୁ

ଅପବାଦଗୁଡ଼ିକୁ ମା' କେବେ ବି ବିଶ୍ୱାସ କରୁ ନ ଥିଲେ। ହସି ହସି କହୁଥିଲେ, ''ଜାଣ, ମୋ ନାଁରେ ବି ଏମିତି କେତେ ନାଲିଶ୍, କେତେ ତିରସ୍କାରପୂର୍ଣ୍ଣ ଚିଠିସବୁ ଆସେ। ଦିନେ ସେଇସବୁ ଚିଠି ତୁମମାନଙ୍କୁ ଦେଖାଇବି। ଏମିତି ଛୋଟ ଛୋଟ କଥାରେ ମନ ଖରାପ କରିବ ନାହିଁ। ନିଜକୁ ବଡ଼ କର। ଭାବ ଯେ ତୁମେ ତୁମ ଘର ପରି ବିଶାଳ ହୋଇଯାଇଛ। ନିଜକୁ ଆହୁରି ବିସ୍ତୃତ କରି ସହର ପରି ହୋଇଯାଅ। ନିଜକୁ ବିସ୍ତୃତ କର ସମସ୍ତଙ୍କ ଭିତରେ! ସମସ୍ତଙ୍କୁ ଭଲପାଅ। ବିଶ୍ୱର ଶେଷପ୍ରାନ୍ତ ପର୍ଯ୍ୟନ୍ତ ନିଜର 'ମୁଁ'ଟିକୁ ବିସ୍ତୃତ କର।''

ବିସ୍ମୟରେ, ଆନନ୍ଦରେ, କୃତଜ୍ଞତାରେ ଆମ ମନ ଭରିଯାଉଥିଲା। ଅନ୍ତର ଆମ ଶିର ନତକରି ମା'ଙ୍କୁ ପ୍ରଣାମ ଜଣାଉଥିଲା। ଏମିତି ଭାବରେ ଯେ ମଣିଷକୁ ଆପଣାର କରି ନିଆଯାଇପାରେ, ଭଲପାଇ ହୁଏ, ଏହା ତ ଆମକୁ ଜଣା ନ ଥିଲା!

ଏଠାରେ ଆଉ ଗୋଟିଏ ଘଟଣା ମନେପଡୁଛି। ମା' ବାରଟା ସମୟରେ ଶିଡ଼ି ଉପରେ ଆସି ଛିଡ଼ା ହେଉଥିଲେ। ଆମେ ସମସ୍ତେ ହଲ୍‌ରେ ତାଙ୍କୁ ଅପେକ୍ଷା କରି ରହୁଥିଲୁ। ମା' ଶିଡ଼ିର ମଝିକୁ ଓହ୍ଲାଇ ଆସି ସମସ୍ତଙ୍କ ପାଇଁ ଟଫି ବିଞ୍ଚି ଦେଉଥିଲେ। ଗୋଟିଏ, ଦୁଇଟି କେବେ କେବେ ଏକା ସାଥିରେ ତିନୋଟି। ସାନପିଲାମାନଙ୍କ ପାଇଁ ମା'ଙ୍କର ଏଇ ଟଫି ବିତରଣର ସମୟ ଠିକ୍ ନ ଥିଲା। କେବେ କେବେ ଦେଢ଼ଟା ବି ବାଜି ଯାଉଥିଲା। ମାଧୁରୀ ଓ ମୁଁ ମା'ଙ୍କୁ ଅପେକ୍ଷା କରିଥିବା ସମୟରେ ନଳିନୀଦା'ଙ୍କ ଘର ପାଖରେ ବସି ଛୋଟ ଛୋଟ କବିତା ମୁଖସ୍ଥ କରୁଥିଲୁ। ଏଠାରେ ସେଥିରୁ ଗୋଟିଏ କବିତା ଉଦ୍ଧାର କଲେ ଅପ୍ରାସଙ୍ଗିକ ହେବ ନାହିଁ।

''ଚାରିଆଡ଼େ ବିବାଦ, ବିଦ୍ୱେଷ,
ମନେହୁଏ, ନାହିଁ ତା'ର ଶେଷ।
ଚିତ୍ତେ ଯଦି କ୍ଷମା ଲଭ
ତେବେ ହେବ ଶାନ୍ତି ଲାଭ।''

ମା'ଙ୍କ ପାଖରୁ ଏଇ ଶିକ୍ଷା ପାଇଥିଲି: ''ସମସ୍ତଙ୍କୁ ପାଇଲେ ହିଁ ଭଲ, ଘୁଞ୍ଚିବ ଯାଇ ମନର ଅନ୍ଧକାର।''

ସେତେବେଳେ ଉପର ଶ୍ରେଣୀରେ ପଢୁଥାଏ। ଶ୍ରୀଅରବିନ୍ଦଙ୍କ ''କ୍ଷମାର ଆଦର୍ଶ'' ଗପଟି ଆମ ବଙ୍ଗଳା ପାଠ୍ୟତାଲିକାଭୁକ୍ତ ଥିଲା। ଗପଟି ବେଶ୍ ଭଲ ଲାଗୁଥିଲା। ଭାବୁଥିଲି, ଏମିତି ଭାବରେ ତା'ହେଲେ ଶତ୍ରୁକୁ କ୍ଷମା କରାଯାଏ! ଶ୍ରୀଅରବିନ୍ଦ ବଶିଷ୍ଠଦେବଙ୍କ ଚରିତ୍ରର ଯେଉଁ ବର୍ଣ୍ଣନା ଦେଇଛନ୍ତି ତାହା ଆମ ତରୁଣ

ମନକୁ ଛୁଇଁଥିଲା । କୌଣସି ମଣିଷର ଅନ୍ତର କ'ଣ ଏତେ ବିଶାଳ ହୋଇପାରେ? ବଶିଷ୍ଠଦେବ ଭଲପାଇ, କ୍ଷମା ଦ୍ୱାରା ବିଶ୍ୱାମିତ୍ରଙ୍କୁ ଜୟ କରି ନେଇଥିଲେ । ଶ୍ରୀଅରବିନ୍ଦଙ୍କ ଏଇ ଲେଖାଟି ପଢୁ ପଢୁ ଆମ ଅନ୍ତର ବିଶାଳ ହୋଇଯାଉଥିଲା, ଆନନ୍ଦରେ ଭରି ଯାଉଥିଲା । ଶ୍ରୀଅରବିନ୍ଦଙ୍କ ସମ୍ବନ୍ଧରେ ଜାଣିବାକୁ ସେଇ ସମୟରୁ ଆମମାନଙ୍କର ଥିଲା ଅଦମ୍ୟ କୌତୂହଳ ।

ଜଗାଇ ମାଧାଇଙ୍କ ସ୍ୱଭାବ ରୂପାନ୍ତରିତ ହେବା ପଛରେ ଚୈତନ୍ୟଦେବଙ୍କର ମଧ୍ୟ ଭାଗବତ ପ୍ରେମ ଓ କ୍ଷମାର ଅବଦାନ ଥିଲା ।

"ଭଙ୍ଗା କଳସୀରେ ମାଇଲୁ ମୋତେ,
ତା' ବୋଲି କି ପ୍ରେମ ଦେବିନି ତୋତେ?"

ପିଲାବେଳେ ଦେଖିଥିବା 'ଶ୍ରୀଚୈତନ୍ୟଦେବ' ନାଟକ ଏବେ ବି ମୋର ମନେପଡ଼େ । ଛୋଟ ଝିଅଟିର ଚେତନାର ଗଭୀରରେ ଏଇ ପ୍ରେମ ଓ ଦୟାର ବୀଜ ସେଇ ସମୟରୁହିଁ ବପନ କରାହୋଇ ସାରିଥିଲା । ଏଠାରେ ମା'ଙ୍କ ପାଖରେ ବସି ଆମେ ସାରା ଆଶ୍ରମର ଲୋକେ ଚୈତନ୍ୟଦେବଙ୍କ ଆଲେଖ୍ୟ ସିନେମାଟିକୁ ଦୁଇତିନି ଥର ଦେଖିଛୁ । ଏଇ ସିନେମା ଦେଖିବା ସମୟରେ ମା'ଙ୍କୁ ବାରଂବାର ଅନାଇ ଦେଖୁଥିଲି ।

ଏଇ ନୂଆ ଜୀବନର ସୂଚନା ପାଇବା ମୁହୂର୍ତ୍ତରେ ମା'ଙ୍କ ପାଖରୁ ଆମେ ଶିକ୍ଷା ପାଇଥିଲୁ କେମିତି ଭାବରେ ମଣିଷର ନୀଚତା ଓ କ୍ଷୁଦ୍ରତାକୁ କ୍ଷମା କରିବାକୁ ହୁଏ ।

"ଦୟା କରି ନ ଧୋଇଲେ
ଜୀବନ ମୋହର,
ଛୁଇଁକି ପାରିବି ତୁମ
ଚରଣଯୁଗଳ ।"

୧୯୪୮ ମସିହାର ମୋ ଜନ୍ମଦିନଟି ଦୁଇଟି ସ୍ମରଣୀୟ ଘଟଣା ବହନ କରେ । ବହୁଦିନରୁ ଇଚ୍ଛା ଥିଲା ମା'ଙ୍କୁ ନିଜ ହାତରେ କିଛି ମିଠା ଦେବି । ଅବଶ୍ୟ ମୋ ମା' (ବିଭାବତୀ) ବହୁ ସମୟରେ ସନ୍ଦେଶ ତିଆରି କରି ମା'ଙ୍କୁ ଦେଇଆସୁଥିଲେ । ଏଇ ଜନ୍ମଦିନରେ ମୋର ଜଣେ ସାଙ୍ଗ ମାଧ୍ୟମରେ ଗାଜରରେ ତିଆରି କିଛି ମିଠା ପ୍ରସ୍ତୁତ କରିଥିଲି । ମୋର ସେଇ ସାଙ୍ଗଟିର ପ୍ରତ୍ୟେକଟି କାମ ବେଶ୍ ନିଖୁଣ । ମା'ଙ୍କ ରୋଷେଇ ଘରେ ତାଙ୍କ ପାଇଁ ନାନା ପ୍ରକାର ଖାଦ୍ୟ ସଜାଇ ରଖିବାରେ ତା' ସରି ଆଉ

କେହି ନ ଥିଲେ। ବିଶେଷ ଦିନଗୁଡ଼ିକରେ ଖାଦ୍ୟପଦାର୍ଥ ସଜାଇବା ପାଇଁ ତାକୁ ଡକରା ପଡୁଥିଲା। ଗାଜରର ସନ୍ଦେଶଗୁଡ଼ିକୁ ସେ ଏତେ ସୁନ୍ଦର ଭାବରେ ସଜାଇ ଦେଲା ଯେ ମୋ ମନ ଖୁସିରେ ଭରିଗଲା।

କୁଣ୍ଠାର ସହିତ ସେଇ ମିଠା ଥାଳିଟି ନେଇ ମା'ଙ୍କୁ ନିବେଦନ କଲି। ହୁଏତ ମୋର ଏତେ ସଙ୍କୋଚ ଓ କୁଣ୍ଠା ଦେଖି ମା' ଦୁଇ ହାତ ବଢ଼ାଇ ମୋଠାରୁ ଥାଳିଟି ନେଲେ। ଖୁବ୍ ଖୁସି ହେଲେ। ଖୁସିରେ କହି ଉଠିଲେ, ''ତୁମ ପାଇଁ ଏଇ ମିଠା ନିଶ୍ଚୟ ବିଭା କରିଦେଇଛି।''

ମୁଁ ତ ଅବାକ୍। ମା' ଏକଥା କେମିତି ଜାଣିଲେ? ମୁଣ୍ଡ ହଲାଇ କହିଲି, ''ହଁ, ମା'। ବିଭା କରିଦେଇଛି। କେତେ ସୁନ୍ଦର ଭାବରେ ଯତ୍ନ କରି ସଜାଇ ଦେଇଛି ଦେଖ।''*

ମା' ବେଶ୍ କିଛି ସମୟ ଧରି ସଜା ହୋଇଥିବା ଥାଳିଟି ଦେଖିଲେ। ମନେହେଉଥିଲା ସତରେ ଯେମିତି ଥାଳିରେ କେତେଗୁଡ଼ିଏ ଫୁଲ ଫୁଟିଛି। ଯାହାହେଉ ମୁଁ 'ହଁ' କହିବା ମାତ୍ରେ ମା' ଗୋଟିଏ ମିଠା ଉଠାଇ ନେଇ ଖାଇବାକୁ ଆରମ୍ଭ କଲେ। ମୁଁ ତ ବିସ୍ମିତ। ଖୁବ୍ ଖୁସି ହେଲି। ଏତେ ଖୁସି ଲାଗିଲା ଯେ ସେକଥା କେମିତି କହିବି?

କିନ୍ତୁ ଆହୁରି ବିସ୍ମୟ ମୋ ପାଇଁ ଅପେକ୍ଷା କରିଥିଲା। ଗୋଟିଏ ମିଠାରୁ ମା' ଟିକିଏ ଖାଉଥା'ନ୍ତି ଆଉ ଟିକିଏ ମୋତେ ଖୁଆଇ ଦେଉଥା'ନ୍ତି। ଏମିତି ଭାବରେ ଦୁଇ ତିନୋଟି ମିଠା ଖିଆ ହୋଇଗଲା।

ମୋତେ କେମିତି ଟିକିଏ ଲଜ୍ଜା ଲାଗୁଥିଲା। ମା' ଛିଡ଼ା ହୋଇ ଖାଉଥା'ନ୍ତି ଆଉ ମଝିରେ ମଝିରେ ମୋତେ ଖୁଆଇ ଦେଉଥା'ନ୍ତି। ଚାହିଁ ଦେଖେ ମା'ଙ୍କ ମୁହଁଟି କୌତୁକ ମିଶା ହସରେ ଉଜ୍ଜ୍ୱଳ ଦେଖାଯାଉଛି। ମୋତେ ଅପେକ୍ଷା କରିବାକୁ କହି ସେ ମିଠା ଥାଳିଟି ନେଇ ଭିତରକୁ ଗଲେ।

ଚୁପ୍ ହୋଇ ଛିଡ଼ା ହୋଇଥିଲି। ହଠାତ୍ ମନେପଡ଼ିଲା 'ସୁଦାମା' ନାଟକରେ

* ବିଭା ଲେଖିଛି, ''ନିଜର ଜନ୍ମଦିନରେ ମା'ଙ୍କୁ ମିଠା ଖୁଆଇବାକୁ ପ୍ରୀତିର ଇଚ୍ଛା ହେଲା। ସେ ମୋତେ ଏକଥା କହିଲା। ମୋର କୌଣସି ବ୍ୟବସ୍ଥା ନ ଥିଲା। ତଥାପି ଗାଜର ଓ ବାଦାମ ଏକାଠି କରି ମସୃଣ କରି ବାଟି, ଅଳ୍ପ କ୍ଷୀର ଦେଇ ସନ୍ଦେଶ ପରି ପାଗ କଲି। ତା'ପରେ ସେସବୁକୁ ଫୁଲ ଓ ପତ୍ର ଆକାରରେ ତିଆରି କରି କାଚ ବାସନରେ ସଜାଡ଼ି ଦେଲି। ଗାଜର ଓ ବାଦାମ ପ୍ରୀତି ଦେଇଥିଲା। ମୁଁ ରୋଷେଇ ଘରେ ମା'ଙ୍କ ଖାଇବା ସଜାଡ଼େ। ଏଇ ସୁଯୋଗଟି ପାଇ ମୁଁ ଖୁବ୍ ଖୁସି ହୋଇଥିଲି। ଅନ୍ତରରେ ପ୍ରାର୍ଥନା କରୁଥିଲି, 'ମା' ଖାଇବେ ତ?' ହଁ, ଖବର ପାଇଲି ସେ ଖାଇଛନ୍ତି।''

ଅଭିନୟ କରିବା କଥା । କେତେବେଳେ ଯେ କ'ଣ ମନେପଡ଼େ !

ସେତେବେଳେ ମୋର ବୟସ ବାର କିଂବା ତେର ହେବ । ଆମେ ସେତେବେଳେ ଫେଣୀରେ ଥିଲୁ । ବାପା ସେଠାକାର କଲେଜରେ ପ୍ରଫେସର ଥା'ନ୍ତି । ଆମେ ସବୁ ସାଙ୍ଗମାନେ ମିଶି ଠିକ୍ କଲୁ 'ସୁଦାମା' ନାଟକ କରିବୁ । ମୋତେ ସୁଦାମା ଚରିତ୍ରରେ ଅଭିନୟ କରିବାକୁ ଦିଆଯାଇଥିଲା । ତପତୀକୁ ରୁକ୍ମିଣୀ ଓ ତପତୀର ଜଣେ ସାଙ୍ଗକୁ ଶ୍ରୀକୃଷ୍ଣଙ୍କ ଭୂମିକା ଦିଆଯାଇଥିଲା । ନାଟକଟି ଖୁବ୍ ଭଲ ହୋଇଥିଲା । ଲୋକମାନଙ୍କ ଅନୁରୋଧରେ ସେଇ ନାଟକଟି ଆମେ ବହୁବାର କରିଥିଲୁ ।

ଏଇ ନାଟକର ଗୋଟିଏ ଜାଗାରେ ସୁଦାମା ତାଙ୍କ ସ୍ତ୍ରୀଙ୍କ ଏକାନ୍ତ ଅନୁରୋଧରେ ବାଲ୍ୟସଖା ଶ୍ରୀକୃଷ୍ଣଙ୍କ ପାଖକୁ ଯିବାକୁ ବାଧ୍ୟ ହୁଅନ୍ତି । ଗାମୁଛାରେ କେତୋଟି ଲଡୁ ବାନ୍ଧିନେଇ ଅତିକୁଣ୍ଠାର ସହିତ ସୁଦାମା ଶ୍ରୀକୃଷ୍ଣଙ୍କ ରାଜସଭାରେ ଉପସ୍ଥିତ ହେଲେ । ବାଲ୍ୟସଖା ଶ୍ରୀକୃଷ୍ଣଙ୍କ ପାଇଁ କେତୋଟି ଲଡୁ ନେଇ ଆସିଛନ୍ତି । ସୁଦାମାଙ୍କୁ ଦେଖିବା ମାତ୍ରେ ଶ୍ରୀକୃଷ୍ଣ କହି ଉଠିଲେ, ''ସଖା, କେତେ ଯୁଗ ପରେ ଯାଇ ତୁମ ସାଥିରେ ଦେଖାହେଲା । ମୋର ସେଇ ଅତି ପ୍ରିୟ ଲଡୁ ଆଣି ନାହଁ ?''

ଏତେ ଜାକଜମକପୂର୍ଣ୍ଣ ରାଜସଭାରେ ମନ୍ତ୍ରୀ, ଅମାତ୍ୟମାନଙ୍କ ସାମନାରେ ସୁଦାମା ଲଜ୍ଜାରେ ଅଧୋବଦନ ହୋଇ ରହିଲେ । କିନ୍ତୁ ଶ୍ରୀକୃଷ୍ଣଙ୍କ ଅନୁରୋଧରେ ଶେଷରେ ତାଙ୍କୁ ଲଡୁ ଦେବାକୁହିଁ ହେଲା । ଶ୍ରୀକୃଷ୍ଣ ପରମ ତୃପ୍ତିରେ ସେଇ ଲଡୁଗୁଡ଼ିକ ଖାଇବା ସମୟରେ ଶୈଶବର କେତେ ସ୍ମୃତି କହିବାକୁ ଲାଗିଲେ ।

ମୁଁ ଦେଇଥିବା ସେଇ ସାମାନ୍ୟ ମିଠାଗୁଡ଼ିକ ମା' ଏତେ ତୃପ୍ତିରେ ଖାଉଥିବାର ଦେଖି ସୁଦାମାଙ୍କ କଥା ମନେପଡ଼ିଲା । ପିଲାବେଳେ ଭଗବାନଙ୍କ ସହିତ ସୁଦାମାଙ୍କ ବନ୍ଧୁତ୍ୱର ଅଭିନୟ ବେଶ୍ ଦରଦ ଦେଇ କରୁଥିଲି । ନିଜ ଭିତରେ କେମିତି ଗୋଟିଏ ପରିବର୍ତ୍ତନ ଅନୁଭବ କରୁଥିଲି । ଆଜି ସେଇ ସୁଦାମା ଚରିତ୍ର ଅଭିନୟ କରିବାର ସାର୍ଥକତା ପାଇଲି । ସ୍ୱୟଂ ମା' ଭଗବତୀଙ୍କୁ ମିଠା ଖୁଆଇପାରିବି ଏବଂ ସେ ଏମିତି ସୁନ୍ଦର ଭାବରେ ମୁଁ ଦେଇଥିବା ମିଠା ଗ୍ରହଣ କରିବେ ଏହା ତ କେବେହେଲେ କଳ୍ପନା ବି କରି ନ ଥିଲି । ସ୍ୱୟଂ ଶ୍ରୀକୃଷ୍ଣଙ୍କର ସୁଦାମାଙ୍କ ହାତରୁ ଲଡୁ ନେବା ପରି ଏକ ଅଭାବନୀୟ ଘଟଣା ମୋ ଜୀବନରେ ବି ଘଟିଗଲା ।

ଅନ୍ୟମନସ୍କ ହୋଇ ଏମିତି କେତେ କଥା ଭାବୁଥାଏ । ହଠାତ୍ ଦେଖେ ମା' କେତେବେଳେ ଆସି ମୋ ସାମନାରେ ଛିଡ଼ା ହୋଇ ମୃଦୁ ମୃଦୁ ହସୁଛନ୍ତି । ମୋତେ ଅପ୍ରସ୍ତୁତ ଲାଗୁଥାଏ । ଦେଖିଲି, ମା'ଙ୍କ ହାତରେ କାଗଜରେ ଗୁଡ଼ାହୋଇ କିଛି ରହିଛି । ସେଇ ଗୁଡ଼ା ହୋଇଥିବା କାଗଜରୁ ମା' ଗୋଟିଏ ମୁଦି ବାହାର କଲେ । ମୋ

ଅଙ୍ଗୁଳିରେ ପିନ୍ଧାଇ ଦେଲେ। ଆଗରୁ ପ୍ରତିଦିନ ସନ୍ଧ୍ୟାରେ ଯେତେବେଳେ ମା'ଙ୍କ ପାଖକୁ ଯାଉଥିଲି, ମା' କଥା କହୁ କହୁ ମୋ ହାତର ଅଙ୍ଗୁଳିଗୁଡ଼ିକ ଧରି ଟାଣି ଟାଣି ଦେଖୁଥିଲେ ଆଉ କହୁଥିଲେ, ''ତୁମେ କେତେ ପତଳା! କି ସରୁ ସରୁ ଅଙ୍ଗୁଳି ତୁମର!'' ଏବେ ବୁଝିପାରିଲି, ମା' ପ୍ରକୃତରେ ମୁଦିଟି କି ମାପର କରିବେ ତାହା ବୁଝିବା ପାଇଁ ମୋ ଅଙ୍ଗୁଳିଗୁଡ଼ିକୁ ଧରି ଏମିତି ଦେଖୁଥିଲେ।

ମୁଦିଟି ପିନ୍ଧାଇ ଦେଇ ମଧୁର ଭାବରେ ହସି ମା' କହିଲେ, ''ଆଜିଠାରୁ ଆମେ ପରମ ବନ୍ଧୁ ହେଲୁ। ମୋ ଓ ତୁମ ଭିତରେ ନିବିଡ଼ ବନ୍ଧୁତ୍ୱ ହେଲା।''

ଏମିତି କଥା ଯେ ସ୍ୱୟଂ ମା'ଙ୍କ ମୁହଁରୁ ଶୁଣିବାକୁ ପାଇବି ତାହା ତ କେବେ ବି କଳ୍ପନା କରିପାରି ନ ଥିଲି! ବିସ୍ମୟରେ, ଆନନ୍ଦରେ, କୃତଜ୍ଞତାରେ ମୋ ମନ ଭରି ଉଠିଲା।

ମା' ମୋର ବନ୍ଧୁ। ମା' ଆମମାନଙ୍କର ବନ୍ଧୁ। ମା' ସମସ୍ତଙ୍କର ବନ୍ଧୁ। ପୁଣି ମନେପଡୁଛି ଅତୀତର ଗୋଟିଏ ଘଟଣା।

ପ୍ରତି ରବିବାର ପ୍ରାୟ ବାରଟାରେ ଜଣେ ଯୋଗୀ ଓ ତା'ର ଛୋଟ ପୁଅଟିଏ ଭିକ୍ଷା କରିବାକୁ ଆମ ଘରକୁ ଆସୁଥିଲେ। ଏକତାରା ବଜାଇ ପିଲାଟି ସୁଲଳିତ କଣ୍ଠରେ ସୁନ୍ଦର ଗୀତ ଗାଉଥିଲା। ଗୋଟିଏ ଗୀତ ସବା ଶେଷରେ ଖୁବ୍ ଦରଦ ଦେଇ ଗାଉଥିଲା। ଗୀତଟି ଥିଲା ଏମିତି:

''ବନ୍ଧୁ, ତୁମ ପାଏ ନା ଠିକଣା  
କେଉଁ ଦେଶେ ବନ୍ଧୁ ତୁମେ, କେଉଁଠି ତୁମ ଥାନ,  
ବନ୍ଧୁ, ପାଏ ନା ଠିକଣା।''

ଟୁଂଟୁଂ ଟୁଂଟୁଂ ତୁଂତୁଂ ତୁଂତୁଂ ହୋଇ ଗୀତର ତାଳେ ତାଳେ ଏକତାରା ବାଜୁଥିଲା। ଆକାଶ ଆଡ଼କୁ ଚାହିଁ ମଧୁର ସ୍ୱରରେ ପିଲାଟି ଏଇ ଗୀତଟିକୁ ଗାଉଥିଲା ପୂର୍ଣ୍ଣ ପ୍ରାଣରେ। ଗୀତଟିକୁ ଶୁଣିଲେ ମନଟା କେମିତି ଉଦାସ ହୋଇଯାଉଥିଲା। ପ୍ରାଣ ମୋର ସେଇ ଗୀତର ସୁରେ ସୁରେ କାନ୍ଦୁଥିଲା। ଦୃଷ୍ଟି ମୋର ଚାଲି ଯାଉଥିଲା ଦୂରକୁ... ଦୂର ଦିଗ୍‌ବଳୟକୁ।

କିଏ ଏଇ ବନ୍ଧୁ? ନିଶ୍ଚୟ ଭଗବାନଙ୍କ କଥା, ଶ୍ରୀକୃଷ୍ଣଙ୍କ କଥା କୁହାଯାଇଛି। ଖୁସିରେ ମନ ଭରିଯାଉଥିଲା। ସେମାନଙ୍କୁ ବେଶୀ କରି ଚାଉଳ ଦେଉଥିଲି।

''ଦିଦି, ପୁଣି ଆମେ ଆସିବୁ,'' କହି ପଡ଼ିଆ ଅତିକ୍ରମ କରି ସେମାନେ ଚାଲିଯାଉଥିଲେ। ଟୁଂଟୁଂ ତୁଂତୁଂ କରି ଏକତାରା ସୁଦୂର ପ୍ରାନ୍ତରରୁ ଶୁଭୁଥିଲା। ମନରେ

ଗୁଞ୍ଜରିତ ହେଉଥିଲା, "ବନ୍ଧୁ, ତୁମ ପାଏ ନା ଠିକଣା।" ଆଜି ଜନ୍ମଦିନର ଏଇ ଶୁଭ ମୁହୂର୍ତ୍ତରେ ଶାଶ୍ୱତ କାଳ ପାଇଁ ସେଇ ବନ୍ଧୁଙ୍କ ଠିକଣା ପାଇଲି।

ମା'ଙ୍କ ସହିତ ଅନେକଙ୍କର ବନ୍ଧୁତ୍ୱ ହେଲା। ବନ୍ଧୁତ୍ୱର ନିଦର୍ଶନ ସ୍ୱରୂପ ମା' ଆମ ଭିତରୁ ଅନେକଙ୍କୁ ମୁଦି ଦେଲେ। ଗୌରୀ, ଚିତ୍ରା, ମିଲିଦି', ବସୁଧା, ମିନୁ, ଡେମିବେନ୍, ତପତୀ ଏବଂ ଆହୁରି ଅନେକେ ମା'ଙ୍କ ପାଖରୁ ମୁଦି ପାଇଲେ। ପୁଣି ଅନେକେ ମନେରଖିବା ପରି ନାନା ପ୍ରକାର ଉପହାରମାନ ମା'ଙ୍କ ପାଖରୁ ପାଇଲେ। ନ ଚାହିଁ ଥିଲେ ବି ଏଇ ଯେଉଁ ପାଇବା, ଏହା ତ ଆମେମାନେ କଳ୍ପନା ମଧ୍ୟ କରିପାରି ନ ଥିଲୁ। ଏଇ ଯେଉଁ ନିବିଡ଼ ବନ୍ଧୁତ୍ୱ ମା'ଙ୍କ ସାଥିରେ ଆମମାନଙ୍କର ଗଢ଼ି ଉଠିଲା ତାହା ମା' ନିଜେ କରାଇଲେ। ମା' ଆମ ସମସ୍ତଙ୍କୁ ପ୍ରାୟ ପ୍ରତିଦିନ 'ଭଗବାନଙ୍କ ସହିତ ବନ୍ଧୁତ୍ୱ' (Friendship with the Divine) ଫୁଲଟି ଦେଉଥିଲେ। ଏଇ ଫୁଲର ରଙ୍ଗ ଦୁଇ ପ୍ରକାରର: ଲାଲ୍ ଓ ଗାଢ଼ ହଳଦିଆ। ସୁନେଲୀ ହଳଦିଆ ରଙ୍ଗର ଫୁଲଟିର ନିହିତାର୍ଥ ହେଉଛି 'ଭଗବାନଙ୍କ ସହିତ ଅତିମାନସିକ ବନ୍ଧୁତ୍ୱ' (Supramental friendship with the Divine)। ମା' ପ୍ରତ୍ୟେକ ଫୁଲର ଭିନ୍ନ ଭିନ୍ନ ନାଁ ଦେଇଛନ୍ତି। ଏଇ ଫୁଲଟି ପାଖରେ ଥିଲେ ମା' ଆମ ସମସ୍ତଙ୍କୁ ତାହା ଦେଉଥିଲେ। ସେତେବେଳେ ମନ ଆନନ୍ଦରେ ଭରିଯାଉଥିଲା। ଏତେ ସହଜରେ ବିନା ପ୍ରୟାସରେ ସ୍ୱୟଂ ଭଗବତୀ ମା'ଙ୍କ ସାଥିରେ ଆମର ବନ୍ଧୁତ୍ୱ ହେବ ତାହା କ'ଣ ଆମେ ଜାଣିଥିଲୁ! ଏଇ ଅସମ୍ଭବ କଥା ଆମ ଜୀବନରେ ସମ୍ଭବ ହେଲା।

ପିଲାବେଳେ ପ୍ରହ୍ଲାଦ ଓ ଧ୍ରୁବଙ୍କର ଭଗବାନଙ୍କ ସହିତ ବନ୍ଧୁତ୍ୱର କାହାଣୀ ଶୁଣିବାବେଳେ ଶତ ଶତ ପ୍ରଶ୍ନ ମନରେ ଭିଡ଼ ଜମାଉଥିଲେ। କାହିଁକି ଆମେ ଭଗବାନଙ୍କୁ ଦେଖି ପାରିବା ନାହିଁ? କାହିଁକି ସାଙ୍ଗଟିଏ ପରି ତାଙ୍କ ସାଥିରେ କଥା ହୋଇ ପାରିବା ନାହିଁ? ଧ୍ରୁବ ଓ ପ୍ରହ୍ଲାଦଙ୍କ ପରି ଭଗବାନଙ୍କୁ ଡାକିଲେ ସେ କାହିଁକି ଆସିବେ ନାହିଁ? ଇତ୍ୟାଦି। ବଡ଼ମାନେ କହୁଥିଲେ, "ସେମିତି ହୁଏ ନାହିଁ। ଏଇ କଳିଯୁଗରେ ଭଗବାନ ଏମିତି ଭାବରେ ଦେଖା ଦେବେ ନାହିଁ।" କିନ୍ତୁ ଆମମାନଙ୍କର ଏମିତି ସୌଭାଗ୍ୟ ଯେ ସ୍ୱୟଂ ଭଗବାନ ଓ ଭଗବତୀ ଓହ୍ଲାଇ ଆସିଲେ ଏଇ ପୃଥିବୀକୁ ଏବଂ ସେମାନେ ନିଜେ ଆମର ପରମ ବନ୍ଧୁ ହୋଇଗଲେ।

'ସାନ୍ଧ୍ୟ ବୈଠକ'ରେ ଶ୍ରୀଅରବିନ୍ଦଙ୍କ କେତେ ରସିକତା, ହାସ୍ୟକୌତୁକ କରୁଥିଲେ। ସେ ତାଙ୍କ ସେବକମାନଙ୍କ ସହିତ ବନ୍ଧୁଟିଏ ପରି ବ୍ୟବହାର କରୁଥିଲେ। ତାଙ୍କ ସେବକମାନଙ୍କର ଏଇ ଯେଉଁ ପରମ ପ୍ରାପ୍ତି ତାହା ମଧ୍ୟ ସମ୍ଭବ ହେଲା ଏଇ ଯୁଗରେ। 'ସାନ୍ଧ୍ୟ ଆଳାପ' ବହିଗୁଡ଼ିକ ପଢ଼ି ଆମେ ପରମ ତୃପ୍ତି ଅନୁଭବ କରୁ। ପୁଣି

Entretiens ଅର୍ଥାତ୍ ମା'ଙ୍କ ସହିତ ଆଳାପଗୁଡ଼ିକ ଆମମାନଙ୍କ ପାଇଁ ଗୋଟିଏ ଗୋଟିଏ ବିସ୍ମୟ।

ଶ୍ରୀଅରବିନ୍ଦ ସାନ୍ଧ୍ୟ ବୈଠକରେ ତାଙ୍କ ସେବକମାନଙ୍କ ସହିତ ନାନା ବିଷୟରେ ଆଳାପ ଆଲୋଚନା କରୁଥିଲେ। ଯେମିତି ଗୁରୁଗମ୍ଭୀର ବିଷୟସବୁ ଅର୍ଥାତ୍ ରାଜନୀତି, ଭାରତର ସ୍ୱାଧୀନତା, ଦ୍ୱିତୀୟ ବିଶ୍ୱଯୁଦ୍ଧ, ହିଟଲର, ଷ୍ଟାଲିନ୍ ଇତ୍ୟାଦି ସମ୍ପର୍କରେ କଥା ଚାଲୁଥିଲା ସେମିତି ନାନା ପ୍ରକାର କୌତୁକ ଓ ହାଲୁକା କଥାରେ ମଧ୍ୟ ହାସ୍ୟରସର ସ୍ୱଚ୍ଛନ୍ଦ ପ୍ରବାହ ବହିଯାଉଥିଲା। ଶ୍ରୀଅରବିନ୍ଦଙ୍କ କଥୋପକଥନରେ କେବଳ ଯେ ଗଭୀର ଓ ଗମ୍ଭୀର ଅଭିଜ୍ଞତା ଓ ପାଣ୍ଡିତ୍ୟର ନିର୍ଯ୍ୟାସ ରହିଛି ତାହା ନୁହେଁ, ରହିଛି ମଧ୍ୟ ହାସ୍ୟରସର ଅଜସ୍ର ମଣିମୁକ୍ତାର ଝରଣା ଧାରା। ସେଥିରୁ ଦୁଇଟି ଉଦାହରଣ ଏଠାରେ ନ ଲେଖି ରହି ପାରୁ ନାହିଁ।

ନୀରଦଦା'ଙ୍କ ଲିଖିତ 'ଶ୍ରୀଅରବିନ୍ଦଙ୍କ ସହିତ ବାରବର୍ଷ' ବହିଟିରେ ବେଶ୍ ମଜାର କଥାଟିଏ ପଢ଼ିଥିଲି। ଦିନେ ଶ୍ରୀଅରବିନ୍ଦ ଟିକିଏ ରହସ୍ୟ କରି ତାଙ୍କ ସେବକମାନଙ୍କୁ କହିଥିଲେ, "ବିଷୟଟି ହେଉଛି ସାହାଯ୍ୟର ପରିମାଣ ବେଶୀ କିମ୍ବା କମ୍।" ରହସ୍ୟଟି ସେବକମାନଙ୍କର ବୋଧଗମ୍ୟ ନ ହେବାରୁ ସେ ଏମତି ଭାବରେ ବୁଝାଇ କହିଥିଲେ:

ବୋଏର୍ ଯୁଦ୍ଧ (Boer War) ସମୟରେ ଦୁଇ ଜଣ ବୋଏର୍ ସୈନିକ ଘୋଡ଼ାରେ ଚଢ଼ି ପଳାଉଥିଲେ। ଦୁଇଜଣଙ୍କ ମଧ୍ୟରୁ ଜଣେ ଥିଲା ମୋଟା ଓ ଗେଡ଼ା। ସେ ଘୋଡ଼ା ପିଠିରୁ ପଡ଼ିଗଲା। ଥରେ ଦୁଇ ଥର ଉଠିବାକୁ ଚେଷ୍ଟା କରି ବିଫଳ ହେଲା। ଏପଟେ ଶତ୍ରୁ ଆସି ହାତପାହାନ୍ତାରେ। ସେ ପ୍ରାର୍ଥନା କଲା, "ହେ ଭଗବାନ, ମୋତେ ଘୋଡ଼ାରେ ଚଢ଼ିବାକୁ ସାହାଯ୍ୟ କର।" ଏହା କହି ସେ ଲମ୍ଫ ପ୍ରଦାନ କଲା। କିନ୍ତୁ ଏମିତି ଭାଗ୍ୟ, ଲମ୍ଫଟି ଏତେ ବେଶୀ ହୋଇଗଲା ଯେ ସେ ଘୋଡ଼ାକୁ ଡେଇଁଯାଇ ଆର ପଟରେ ପଡ଼ିଲା। ଇତ୍ୟବସରରେ ଶତ୍ରୁ ସୈନ୍ୟ ଆସି ତାକୁ ଧରିନେଲେ। ସେତେବେଳେ ସେ ଦୁଃଖର ସହିତ କହିଲା, "ଭଗବାନ, ତୁମେ ଟିକିଏ ବେଶୀ ସାହାଯ୍ୟ କରିଦେଲ।" ଏକଥା ଶୁଣି ସମସ୍ତଙ୍କର କି ହସ। ଶ୍ରୀଅରବିନ୍ଦ ଏକଥା ଏତେ ମଜା କରି କହିଛନ୍ତି ବୋଲି ଭାବି ହୁଏ ନା।

ଏବେ ସ୍ୱୟଂ ଶ୍ରୀଅରବିନ୍ଦଙ୍କୁ ନେଇ ଆଉ ଗୋଟିଏ ମଜା ଘଟଣା କଥା ଲେଖୁଛି। ତୁମେମାନେ ନ ହସି ରହିପାରିବ ନାହିଁ।

ଆମେ ଜାଣୁ, ୧୯୩୮ ମସିହା ନଭେମ୍ବର ୨୩ ତାରିଖ ମଧ୍ୟରାତ୍ରି ପ୍ରାୟ ଦୁଇଟା ସମୟରେ ଶ୍ରୀଅରବିନ୍ଦ ଝୁଣ୍ଟିପଡ଼ିବା ଫଳରେ ଚଟାଣ ଉପରେ ପଡ଼ିଯାଇଥିଲେ।

ଆଘାତ ଲାଗିବା ଯୋଗୁଁ ତାଙ୍କ ଡାହାଣ ଜଙ୍ଘର ହାଡ଼ଟି ଭାଙ୍ଗି ଯାଇଥିଲା । ତିନି ମାସ ଧରି ସେ ଶଯ୍ୟାଶାୟୀ ହୋଇଥିଲେ । ସୁତରାଂ ତାଙ୍କ ମୁଣ୍ଡରେ ପାଣି ଲାଗି ନ ଥିଲା ବା କେଶ କୁଣ୍ଡାଯାଇ ନ ଥିଲା । ତା'ପରେ ପୁଣି ଏତେ ଦିନ ଧରି ବିଛଣାରେ ପଡ଼ିରହିବା ଫଳରେ ତାଙ୍କ ସୁଦୀର୍ଘ କେଶରାଶି ଜଟ ବାନ୍ଧି ଯାଇଥିଲା ।

ତିନି ମାସ ପରେ ଯେତେବେଳେ ସେ ବସି ପାରିଲେ ସେତେବେଳେ ସେଇ ଜଟାର ବନ୍ଧନ ଖୋଲା ହେଲା । ନନ୍ଦିଭୃଙ୍ଗି ଶିବଙ୍କ ଜଟା ଖୋଲିବା ପରି ନୀରଦଦା' ଓ ଚମ୍ପକଲାଲ ଖୁବ୍ ସାହସର ସହିତ ଏଇ କାମଟି କରିବାକୁ କୃତସଂକଳ୍ପ ହେଲେ । ଦୁଇ ବୀର ପୁରୁଷ ମିଶି (ଯେଉଁମାନଙ୍କ ନିଜ ମୁଣ୍ଡରେ କେଶ ପ୍ରାଚୁର୍ଯ୍ୟର ଅଭାବ) ଜଟ ଖୋଲିଲେ । ପ୍ରାୟ ଘଣ୍ଟାଟିଏ ଧରି ଚେଷ୍ଟା କଲା ପରେ ସେମାନେ ଶ୍ରୀଅରବିନ୍ଦଙ୍କ କେଶର ଜଟା ଖୋଲି ପାରିଲେ ।

ଶ୍ରୀଅରବିନ୍ଦ ଚୁପ୍ ହୋଇ ବସି ତାଙ୍କର ଏଇ କେଶବିନ୍ୟାସ ସହ୍ୟ କଲେ । ଅବଶେଷରେ ଶାନ୍ତ ମୃଦୁ ସ୍ୱରରେ କହିଲେ, ''ମୁଣ୍ଡରେ ଆଉ କିଛି କେଶ ରହିଛି ତ ?'' ଏକଥା ଶୁଣି ସମସ୍ତେ ହସରେ ଫାଟି ପଡ଼ିଲେ ।

ଆଖି ସାମନାରେ ଯେମିତି ସେଇ ଦୃଶ୍ୟ ଦେଖିବାକୁ ପାଉଛି । ଶ୍ରୀଅରବିନ୍ଦ ସୁବୋଧ ବାଳକଟିଏ ପରି ବସିଛନ୍ତି ଆଉ ନୀରଦଦା' ଓ ଚମ୍ପକଲାଲ ତାଙ୍କ କେଶର ଜଟ ଛଡ଼ାଇବାକୁ ଆପ୍ରାଣ ଚେଷ୍ଟା ଚଳାଇଛନ୍ତି । ଏହାଠାରୁ ଆଉ ଅଧିକ ମଜାର କଥା କ'ଣ ଥାଇପାରେ କହିଲ ? ଏଇ ଦୁଇଟି ଘଟଣାରୁ ଶ୍ରୀଅରବିନ୍ଦଙ୍କ ସହିତ ସେମାନଙ୍କର କେତେ ଗଭୀର ସଖ୍ୟ ଥିଲା ତା'ର ପରିଚୟ ମିଳେ ।

# ଆମର ପିତୃଦେବ

୧୯୯୪ ମସିହା ଜୁଲାଇ ୧୧ ତାରିଖ। ଆଜି ଆମ ବାପା ଶ୍ରୀଯୁକ୍ତ ନରେନ୍ଦ୍ରନାଥ ଦାଶଗୁପ୍ତଙ୍କ ଶତବାର୍ଷିକୀ। ସେଇ ଉପଲକ୍ଷେ ମୋର ଏଇ ସ୍ମୃତିଚାରଣ। ଅସୁମାରି ଘଟଣା ମନରେ ଭିଡ଼ ଜମାଉଛି...।

ବାପା ଥିଲେ ବୈପ୍ଳବିକ ଆନ୍ଦୋଳନର ଜଣେ ବିଶିଷ୍ଟ କର୍ମୀ ଯଦିଓ ତାଙ୍କ ନାଁ କେଉଁଠି ହେଲେ ପ୍ରକାଶ ପାଇ ନାହିଁ। ଶ୍ରୀଅରବିନ୍ଦ ଥିଲେ ତାଙ୍କ ସାଧନା-ପଥର ଗୁରୁ। ବାଘା ଯତୀନ୍ ଥିଲେ ତାଙ୍କ ରାଜନୈତିକ ଉପଦେଷ୍ଟା ଏବଂ ପଥ ନିର୍ଦ୍ଦେଶକ। ତାଙ୍କ ପଢ଼ାପଢ଼ି, ବୈପ୍ଳବିକ କାମ ଏବଂ ସାଧନା ସବୁ ଏକାସାଥିରେ ଚାଲିଥିଲା।

ବାଘା ଯତୀନ୍‌ଙ୍କ ପରାମର୍ଶ ଅନୁଯାୟୀ ଥରେ ଦଳେ ତରୁଣ ଛାତ୍ର ଗୋଟିଏ ଗାଡ଼ିରୁ ପ୍ରଚୁର ଟଙ୍କା ଲୁଟ୍ କରିଥିଲେ। ସେମାନଙ୍କୁ ଧରିବା ପାଇଁ ପୁଲିସ ପିଛା କଲେ। ସେସବୁ ଟଙ୍କା ବାପାଙ୍କ ପାଖରେ ଗଚ୍ଛିତ ଥିଲା। ପୁଲିସ ବାପାଙ୍କୁ ଧରିବାକୁ ପିଛା କରିବା ମାତ୍ରେ ବାପା ଦୌଡ଼ି ଦୌଡ଼ି ତାଙ୍କ କଲେଜର ହଷ୍ଟେଲରେ ପଶିଯାଇଥିଲେ। ବାଘା ଯତୀନ୍‌ଙ୍କ କଡ଼ା ଆଦେଶ ଥିଲା କେହି ଯେମିତି ବାହାରୁ ଆସି ପ୍ରଥମେ ନିଜ କୋଠରିରେ ପ୍ରବେଶ ନ କରେ। ବାପା କିଛି ସମୟ ଅନ୍ୟ ଜଣେ ଛାତ୍ରର କୋଠରିରେ ରହି ପରେ ନିଜ କୋଠରିକୁ ଆସିଲେ। ସଙ୍ଗେ ସଙ୍ଗେ ସବୁ ଟଙ୍କା ନିଜ ବିଛଣା ତଳେ ରଖି ସେ ନିଶ୍ଚିନ୍ତ ରହିଲେ, ଯେମିତି କିଛି ବି ହୋଇ ନାହିଁ।

ପୁଲିସ କିନ୍ତୁ ଛାଡ଼ିବାର ପାତ୍ର ନୁହେଁ। ସେମାନେ ହଷ୍ଟେଲ ଘେରାଉ କଲେ। ବାପାଙ୍କ ହଷ୍ଟେଲର ସୁପରିନ୍‌ଟେଣ୍ଡେଣ୍ଟ ଥିଲେ ଜଣେ ଆଇରିଶ୍ ଭଦ୍ରଲୋକ। ହଷ୍ଟେଲ ଖାନ୍‌ତଲାସ କରିବାକୁ ପୁଲିସ ତାଙ୍କ ଅନୁମତି ଚାହିଁଲା। ସୁପରିନ୍‌ଟେଣ୍ଡେଣ୍ଟ କିନ୍ତୁ ନାରାଜ। ସେ କହିଲେ, "ଏଇ ପିଲାମାନେ ମୋ ପୁତ୍ରତୁଲ୍ୟ।" ଅନେକ ବାକ୍‌ବିତଣ୍ଡା ପରେ ଯେଉଁ କୋଠରିଟିରେ ପ୍ରଥମେ ବାପା ପଶିଥିଲେ ସେଇ କୋଠରିଟି ପୁଲିସ ଖାନ୍‌ତଲାସ କରିବାକୁ ଚାହିଁବାରୁ ହଷ୍ଟେଲ ସୁପରିନ୍‌ଟେଣ୍ଡେଣ୍ଟ ରାଜି ହୋଇଗଲେ। କାରଣ ସେଇ କୋଠରିରେ ବାପା ରହୁ ନ ଥିଲେ। ବାପାଙ୍କର ଯେ ବିପ୍ଳବୀମାନଙ୍କ ସହିତ ଯୋଗାଯୋଗ ଥିଲା ସେକଥା ସୁପରିନ୍‌ଟେଣ୍ଡେଣ୍ଟ ଭଲଭାବରେ ଜାଣିଥିଲେ। ସେ ବାପାଙ୍କୁ ଖୁବ୍ ସ୍ନେହ କରୁଥିଲେ। ଯାହାହେଉ, ପୁଲିସ ଖାନ୍‌ତଲାସ କରି ସେହି କୋଠରିରୁ କିଛି ପାଇ ନ ଥିଲା। ସବୁ ଟଙ୍କା ଯେ ବାପାଙ୍କ ବିଛଣା ତଳେ ଅଛି, ଏକଥା ଯଦି ପୁଲିସ ଜାଣିପାରିଥା'ନ୍ତା! ଏହାକୁହିଁ କହନ୍ତି, 'ରଖେ ହରି ମାରେ କିଏ?'

ଉପରଓଳି ହଷ୍ଟେଲ ସୁପରିନ୍‌ଟେଣ୍ଡେଣ୍ଟ ବାପାଙ୍କୁ ଡାକି ପଠାଇଲେ। କହିଲେ,

''ନରେନ୍, ଚାଲ ଆମେ ଟିକିଏ ବୁଲି ଆସିବା।'' ସେ ନିଜ ଗାଡ଼ିରେ ବାପାଙ୍କୁ ଗଙ୍ଗା କୂଳକୁ ନେଇଗଲେ। ବୁଲୁ ବୁଲୁ କହିଲେ, ''ମୁଁ ନିଜେ ଆଇରିଶ୍। ଇଂରେଜମାନଙ୍କ ପ୍ରତି ତୁମମାନଙ୍କର ଯେଉଁ ଘୃଣା ଓ କ୍ଷୋଭ ସୃଷ୍ଟି ହୋଇଛି, ତାହା ମୁଁ ବେଶ୍ ଅନୁଭବ କରିପାରେ। ତୁମେମାନେ ମୁଷ୍ଟିମେୟ କେତେ ଜଣ ତରୁଣ କେତୋଟି ପିସ୍ତଲ ନେଇ ଏଇ ବିରାଟ ସାମ୍ରାଜ୍ୟର ଶକ୍ତି ବିରୁଦ୍ଧରେ କ'ଣ କରିପାରିବ? ତା' ଅପେକ୍ଷା ମୋ ମତରେ ତୁମେ ଡେପୁଟି ମାଜିଷ୍ଟ୍ରେଟ୍ ହୁଅ। ମୁଁ କହିଦେଲେ ବେଙ୍ଗଲ ଗଭର୍ଣ୍ଣର ତୁମକୁ ଏଇ ପଦରେ ସାନନ୍ଦରେ ଗ୍ରହଣ କରିବେ।'' କିନ୍ତୁ ବାପା ନାରାଜ। ସେ ପାଠପଢ଼ା ଓ ବୈପ୍ଳବିକ କାର୍ଯ୍ୟ ଏକାସାଥିରେ ଚଳାଇଲେ। ଦୁଇ ଥର ଏମ୍. ଏ. ପରୀକ୍ଷାରେ ସ୍ୱର୍ଣ୍ଣପଦକ ଲାଭ କରିଥିଲେ। ଏଇ ପ୍ରସଙ୍ଗରେ କହିପାରେ ଯେ ଯେତେବେଳେ ବାଘା ଯତୀନ୍ ତାଙ୍କ ଦଳର କେତେ ଜଣ ତରୁଣଙ୍କୁ ନେଇ ବୈପ୍ଳବିକ କାମରେ ବାଲେଶ୍ୱର ଯିବେ ବୋଲି ଠିକ୍ କଲେ, ସେଇ ତାଲିକାରେ ବାପାଙ୍କ ନାଁ ଥିଲା। ଶୁଣିଛି ଯେ ମେଘନାଦ ଶାହା ଓ ବାପାଙ୍କୁ ବାଘା ଯତୀନ୍ କହିଥିଲେ, ''ମୋର ତୁମ ପରି ମେଧାବୀ ଛାତ୍ର ଦରକାର। ତୁମେମାନେ ଦେଶକୁ ଜ୍ଞାନର ଆଲୋକ ଦେଇପାରିବ।'' ଯୋଗକୁ ବାପାଙ୍କର ବାଲେଶ୍ୱର ଯିବା ନୋହିଲା। ଏମିତି ଭାବରେ ଶ୍ରୀଅରବିନ୍ଦ ବାପାଙ୍କୁ ଦୁଇ ଥର ମୃତ୍ୟୁ ମୁଖରୁ ବଞ୍ଚାଇଥିଲେ।

ବିଶ୍ୱବିଦ୍ୟାଳୟ ଶିକ୍ଷା ଶେଷ ହେବା ପରେ, ମାଜିଷ୍ଟ୍ରେଟ୍ ହେବା ପାଇଁ ବାପାଙ୍କୁ ପ୍ରସ୍ତାବ ଦିଆଯାଇଥିଲା। କିନ୍ତୁ ବିଦେଶୀ ଶାସକମାନଙ୍କ ଦ୍ୱାରା ପ୍ରଦତ୍ତ କୌଣସି ଚାକିରୀ କରିବେ ନାହିଁ ବୋଲି ସେ ତାହା ପ୍ରତ୍ୟାଖ୍ୟାନ କରିଥିଲେ। ରେଙ୍ଗୁନ ବିଶ୍ୱବିଦ୍ୟାଳୟରେ ପ୍ରଫେସର ପଦ ପାଇଁ ମଧ୍ୟ ସ୍ୱତଃ ସୁଯୋଗ ଆସିଥିଲା। କିନ୍ତୁ ବାପା ତାହା ମଧ୍ୟ ଗ୍ରହଣ କରି ନ ଥିଲେ। ମାସକୁ ଶତର ଶହ ଟଙ୍କା ଦରମା। ସେଇ ଯୁଗରେ ଏହି ପରିମାଣ ଥିଲା ବହୁତ ବେଶୀ।

ଶେଷରେ ସ୍ୱାଧୀନ ଭାବରେ କିଛି କରିବା ପାଇଁ ଶ୍ରୀଅରବିନ୍ଦଙ୍କର କେତେ ଜଣ ଶିଷ୍ୟଙ୍କ ସହ ମିଶି ସେ ଆର୍ଯ୍ୟ ପବ୍‌ଲିଶିଂ ହାଉସ୍ ପ୍ରତିଷ୍ଠା କଲେ। ଶ୍ରୀଅରବିନ୍ଦଙ୍କ The Life Divine ପ୍ରଥମେ ଆର୍ଯ୍ୟ ପବଲିଶିଂ ହାଉସ୍‌ରୁ ପ୍ରକାଶିତ ହୋଇଥିଲା। The Life Divine ଉପରେ ସମୀକ୍ଷାଟିଏ ଲେଖିବାକୁ ବାପାଙ୍କୁ ଦାୟିତ୍ୱ ଦିଆଯାଇଥିଲା। ପରେ ସମୀକ୍ଷାଟି ଉପରେ ଶ୍ରୀଅରବିନ୍ଦଙ୍କ ମତାମତ ଜାଣିବାକୁ ତାଙ୍କ ପାଖକୁ ପଠାଯାଇଥିଲା। ଶ୍ରୀଅରବିନ୍ଦ ତାହା ଦେଖି ପଚାରିଥିଲେ, ''ଏଇ ସମୀକ୍ଷାଟି କିଏ ଲେଖିଛି?''

''ନରେନ୍'' — ବାପାଙ୍କ ନାଁ ଶୁଣି ପ୍ରଥମେ ଶ୍ରୀଅରବିନ୍ଦ ମନେପକାଇ ପାରି ନ ଥିଲେ କିଏ ଏଇ ନରେନ୍। ପରେ ହଠାତ୍ ତାଙ୍କର ବାପାଙ୍କ କଥା ମନେପଡ଼ିଥିଲା। ସେ

ଖୁବ୍ ଆନନ୍ଦିତ ହୋଇ କହି ଉଠିଥିଲେ, "ଓ ନରେନ୍, ଯିଏ ପଥର ପରି ଦୃଢ଼। (Oh! Naren! He is as firm as a rock.)"

ଏଇ ପ୍ରସଙ୍ଗରେ ଆଉ ଗୋଟିଏ କଥା ଲେଖୁଛି। ମୁଁ ସେତେବେଳକୁ ଏଠାକୁ ଆସି ସାରିଥାଏ। ଥରେ ଶ୍ରୀଅରବିନ୍ଦଙ୍କ Collected Poems ବହିରୁ ଦୁଇଟି କିଣି ପୁରାଣୀଙ୍କ ପାଖକୁ ଗଲି। ବଡ଼ କୁଣ୍ଠିତ ଭାବରେ ତାଙ୍କୁ କହିଲି, "ଏଇ ଦୁଇଟି ବହିରେ ଯଦି ଶ୍ରୀଅରବିନ୍ଦଙ୍କ ସ୍ୱାକ୍ଷର ପାଆନ୍ତି, ତେବେ ଖୁବ୍ କୃତଜ୍ଞ ହୁଅନ୍ତି।" ପୁରାଣୀ କହିଲେ, "ଶ୍ରୀଅରବିନ୍ଦ ନିଶ୍ଚୟ ସ୍ୱାକ୍ଷର କରିବେ। ଏମିତି କୁଣ୍ଠିତ ହେଉଛ କାହିଁକି?" ପରଦିନ ବହି ଦୁଇଟି ସେ ଶ୍ରୀଅରବିନ୍ଦଙ୍କ ପାଖକୁ ନେଇଗଲେ। ସନ୍ଧ୍ୟାରେ ଯେତେବେଳେ ମୁଁ ତାଙ୍କ ପାଖକୁ ବହିଗୁଡ଼ିକ ଆଣିବାକୁ ଗଲି ପୁରାଣୀ ହସହସ ମୁହଁରେ ସେଗୁଡ଼ିକ ମୋତେ ଦେଇ କହିଲେ, "ଦେଖ, ଏବେ ଖୋଲି ଦେଖ"। ଶ୍ରୀଅରବିନ୍ଦଙ୍କ ହାତରେ ଲେଖା ହୋଇଥିବା ମୋ ନାଁ ଦେଖି ମୁଁ କି ଖୁସି! ଶୁଣିଲି, ପୁରାଣୀଙ୍କୁ ଶ୍ରୀଅରବିନ୍ଦ ପଚାରିଥିଲେ, "ଏଇ ଝିଅଟି କିଏ? ସେ କାହାର ଝିଅ?"

ପୁରାଣୀ କହିଥିଲେ, "ନରେନ୍‌ର ଝିଅ।"

ଶ୍ରୀଅରବିନ୍ଦ କିଛି ସମୟ ଚୁପ୍ ହୋଇ ରହିଥିଲେ। ତା'ପରେ ଖୁସି ହୋଇ କହିଥିଲେ, "ଓ, ନରେନ୍‌ର ଝିଅ, ଆମ ସେଇ ନରେନ୍!"

ପୁରାଣୀ ଖୁସି ହୋଇ ମୋ ପିଠି ଥାପୁଡ଼ାଇ ଦେଲେ। ସେ ଥିଲେ ଆମ ବାପାଙ୍କର ଜଣେ ଘନିଷ୍ଠ ବନ୍ଧୁ। ଶ୍ରୀଅରବିନ୍ଦଙ୍କ ସହିତ ସେ ଏମିତି ଭାବରେ ମୋର ପରିଚୟ କରାଇ ଦେଇଥିଲେ – "ନରେନ୍‌ର ଝିଅ।" ଏହା ଶୁଣି ମୁଁ ଏତେ ଖୁସି ହୋଇଯାଇଥିଲି ଯେ ତାହା ବର୍ଣ୍ଣନା କରିପାରିବି ନାହିଁ।

ବାପା ଓ ତାଙ୍କର ଅନ୍ୟାନ୍ୟ ସହକର୍ମୀମାନେ ମିଶି ଘିଅ ବ୍ୟବସାୟ ଆରମ୍ଭ କରିଥିଲେ। ଦୁଇଟି କାମ ଏକା ସାଥିରେ ଚାଲିଥିଲା। ଘିଅ ବିକ୍ରି କରି ଯାହା ଲାଭ ହେଉଥିଲା, ତା'ର ସାମାନ୍ୟ କିଛି ନିଜର ଭରଣପୋଷଣ ପାଇଁ ରଖି ଆଉ ସବୁ ଶ୍ରୀଅରବିନ୍ଦଙ୍କ ପାଖକୁ ପଠାଇ ଦିଆଯାଉଥିଲା। ସେମାନେ ଥିଲେ ସତରେ ସମର୍ପିତ କର୍ମୀ। ନିଜ ପାଇଁ ସେମାନେ ଚିନ୍ତା କରୁ ନ ଥିଲେ। ଥରେ ଗୋଟିଏ ଘିଅ ଟିଣ ଖୋଲିବାରୁ ତା' ଭିତରୁ ସାପ କାତିଟିଏ ମିଳିଲା। ସଙ୍ଗେ ସଙ୍ଗେ ଶ୍ରୀଅରବିନ୍ଦଙ୍କୁ ଏକଥା ଜଣାଇ ଦିଆଗଲା। ଶ୍ରୀଅରବିନ୍ଦ ଟେଲିଗ୍ରାମ କରି ନିର୍ଦ୍ଦେଶ ଦେଲେ, "ଏହା ବନ୍ଦ କର। ଏସବୁରେ ମୋର ଆଉ କିଛି କରିବାର ନାହିଁ। (Stop it. I will have nothing to do with it anymore.)" ଘିଅ ବ୍ୟବସାୟ ସେଇ ଦିନରୁ ବନ୍ଦ ହେଲା।

୧୯୨୫ ମସିହାରେ ବାପା ପ୍ରଥମେ ପଣ୍ଡିଚେରୀ ଆସିଥିଲେ। ତାଙ୍କ ଆଶ୍ରମ

ଆସିବା ନେଇ ଆତ୍ମୀୟସ୍ୱଜନମାନଙ୍କ ମନରେ ଅହେତୁକ ଆଲୋଡ଼ନ ସୃଷ୍ଟି ହୋଇଥିଲା। ସେମାନେ ଭାବି ନେଇଥିଲେ ଯେ ବାପା ଆଉ ଫେରିବେ ନାହିଁ, ଆଶ୍ରମରେ ରହିଯିବେ।

କିଛିଦିନ ଆଶ୍ରମରେ ରହିବା ପରେ ଶ୍ରୀଅରବିନ୍ଦ ବାପାଙ୍କୁ ଫେରିଯିବାକୁ ନିର୍ଦ୍ଦେଶ ଦେଲେ। ସେ ଶ୍ରୀଅରବିନ୍ଦଙ୍କୁ ପଚାରିଥିଲେ, ''ଫେରିଗଲା ପରେ ଜୀବନଧାରଣ ପାଇଁ ମୁଁ କ'ଣ କରିବି ?''

ଶ୍ରୀଅରବିନ୍ଦ କିଛି ସମୟ ଚୁପ୍ ରହି ତା'ପରେ କହିଥିଲେ, ''କୌଣସି ଛୋଟ ସହରର କଲେଜରେ କାହିଁକି ଚାକିରୀଟିଏ ନ ଦେଖିବ ?''

ଫେରିଯିବା ମୁହୂର୍ତ୍ତରେ ବାପା ଶ୍ରୀଅରବିନ୍ଦଙ୍କୁ ପଚାରିଥିଲେ, ''ମୁଁ କ'ଣ ମା'ଙ୍କୁ ପ୍ରଣାମ କରିପାରିବି ?''

ଶ୍ରୀଅରବିନ୍ଦ ବିସ୍ମିତ ହୋଇ କିଛି ସମୟ ବାପାଙ୍କୁ ଚାହିଁ ରହିଲେ। ତା'ପରେ କହିଉଠିଲେ, ''ଓ ! ତୁମେ ମୀରାଙ୍କ କଥା କହୁଛ ? ଅପେକ୍ଷା କର, ମୁଁ ଭିତରକୁ ଯାଇ ତାଙ୍କୁ କହିଦେଉଛି।'' କିଛି ସମୟ ପରେ ମା' ବାହାରି ଆସିଲେ। ପିନ୍ଧିଥିଲେ ଅତି ସାଧାରଣ ଶାଢ଼ୀଟିଏ। ମା'ଙ୍କୁ ପ୍ରଣାମ କରି ତାଙ୍କଠାରୁ ଆଶୀର୍ବାଦ ନେଇ ବାପା ଫେରିଆସିଲେ। ତା'ପରେ ବହୁବର୍ଷ ସେ ଆଶ୍ରମକୁ ଆସିପାରି ନ ଥଲେ। ପଣ୍ଡିଚେରୀରୁ ଫେରିବା ପରେ ଦିନେ ଖବର କାଗଜ ପଢ଼ିବା ସମୟରେ ବିଜ୍ଞାପନଟିଏ ତାଙ୍କ ନଜରରେ ପଡ଼ିଲା। ଫେଣୀ କଲେଜରେ ଦର୍ଶନଶାସ୍ତ୍ର ପଢ଼ାଇବାକୁ ଜଣେ ପ୍ରଫେସର ଦରକାର। ବାପା ତତ୍‌କ୍ଷଣାତ୍ କଲେଜକୁ ଦରଖାସ୍ତ ପଠାଇଦେଲେ। ଫେଣୀ କଲେଜ ବାପାଙ୍କ ପରି ଜଣେ ବିଦ୍ୱାନ୍‌ଙ୍କୁ ପାଇ ସଙ୍ଗେ ସଙ୍ଗେ ତାଙ୍କୁ ପ୍ରଫେସର ଭାବରେ ବରଣ କରିନେଲା।

ଏବେ ଆରମ୍ଭ ହେଲା ବାପାଙ୍କର ନୂଆ ଜୀବନ। ମାସକୁ ମାତ୍ର ୧୫୦ ଟଙ୍କା ଦରମାର ଏଇ ଚାକିରୀରେ ବାପାଙ୍କ ସାଂସାରିକ ଜୀବନ ଆରମ୍ଭ ହେଲା। ତାଙ୍କ ଗୁରୁ ଶ୍ରୀଅରବିନ୍ଦ ପଇସାପତ୍ରକୁ ବିଶେଷ ମୂଲ୍ୟ ଦେଉ ନ ଥିଲେ। ଜୀବନର ଆଦର୍ଶକୁହିଁ ସେ ବାଛି ନେଇଥିଲେ। ଆଇ. ସି. ଏସ୍. ହେବା ପରି ସୁଯୋଗକୁ ସେ ସ୍ୱେଚ୍ଛାରେ ତ୍ୟାଗ କରିଥିଲେ। ସେଇ ଆଦର୍ଶକୁ ଶ୍ରଦ୍ଧାର ସହିତ ଗ୍ରହଣ କରି ଫେଣୀ ପରି ଗୋଟିଏ ଛୋଟ ସହରର କଲେଜରେ ବାପା ସାରା ଜୀବନ କଟାଇଦେଲେ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜାପାନୀମାନେ ଚଟ୍ଟଗ୍ରାମରେ ବୋମା ପକାଇବା ପରେ କଲେଜ ବନ୍ଦ ହୋଇଯିବାରୁ ବାପା ବାଧ୍ୟ ହୋଇ କଲିକତା ଚାଲିଆସିଲେ। କେତେ ବଡ଼ ବଡ଼ ଚାକିରୀ କରିବାର ସୁଯୋଗ ତାଙ୍କ ପାଇଁ ଆସିଥିଲା। କିନ୍ତୁ ସେ ଥିଲେ ଶ୍ରୀଅରବିନ୍ଦଙ୍କ ଏକାନ୍ତ ଅନୁଗତ ଶିଷ୍ୟ। ଶ୍ରୀଅରବିନ୍ଦଙ୍କ ନିର୍ଦ୍ଦେଶ ଅନୁଯାୟୀ ସେ ଫେଣୀ କଲେଜରେହିଁ ରହିଲେ।

''କୌଣସି ଛୋଟ ସହରର କଲେଜରେ କାହିଁକି ଚାକିରୀଟିଏ ନ ଦେଖିବ ?'' ଶ୍ରୀଅରବିନ୍ଦଙ୍କର ଏଇ ଉକ୍ତିଟି ବାପାଙ୍କୁ ଫେଣୀ କଲେଜରେ ରଖାଇଥିଲା । ଅନ୍ୟ କୌଣସି ଆକର୍ଷଣ ତାଙ୍କୁ ସେଠାରୁ ହଟାଇପାରି ନ ଥିଲା । ସେଇ ସାମାନ୍ୟ ଦରମାରୁ ବାପା ପ୍ରତିମାସ ଶ୍ରୀଅରବିନ୍ଦଙ୍କୁ ପ୍ରଣାମୀ ପଠାଉଥିଲେ, ନିଜର ଦୁଇ ଭାଇଙ୍କୁ ସେମାନଙ୍କ ପଢ଼ାପଢ଼ି ପାଇଁ ଟଙ୍କା ପଠାଉଥିଲେ । ସାମାନ୍ୟ ଯାହା ରହୁଥିଲା ସେଥିରେ ସ୍ତ୍ରୀ ଓ ସନ୍ତାନମାନଙ୍କର ଭରଣପୋଷଣ କରୁଥିଲେ ।

ଆମ ମା' (ବିଭାବତୀ) ହସହସ ମୁହଁରେ ସବୁ ସାଂସାରିକ ଅଭାବ ଅନଟନ ସହ୍ୟ କରୁଥିଲେ । କୌଣସି ପ୍ରକାରର ଦୁଃଖକଷ୍ଟ ତାଙ୍କୁ ସ୍ପର୍ଶ କରୁ ନ ଥିଲା । ତାଙ୍କ ପିତା (ସ୍ୱର୍ଗୀୟ ହେମକୁମାର ନିୟୋଗୀ) ଥିଲେ ସେସମୟରେ ଜିଲା ଜଜ୍ । ବହୁ ସମ୍ମାନ ଓ ସ୍ୱଚ୍ଛଳତା ମଧ୍ୟରେ ବଢ଼ିଥିଲେ ବି ଆମ ମା', ବାପାଙ୍କ ପରି ଶ୍ରୀଅରବିନ୍ଦଙ୍କ ଆଦର୍ଶକୁ ମାନିନେଇଥିଲେ ଏବଂ ସର୍ବଦା ବାପାଙ୍କୁ ଶ୍ରୀଅରବିନ୍ଦଙ୍କ ଆଦର୍ଶ ଅନୁସରଣ କରିବାକୁ ଉତ୍ସାହ ଦେଉଥିଲେ ।

ବୈପ୍ଲବିକ ଆନ୍ଦୋଳନ ସମୟରେ ବାପାଙ୍କ ପାଖରେ ସବୁବେଳେ ପିସ୍ତଲଟିଏ ରହୁଥିଲା । କୌଣସି କାମରେ ବାହାରକୁ ଗଲେ ସେ ଆମ ମା'ଙ୍କ ପାଖରେ ନିଶ୍ଚିନ୍ତ ମନରେ ପିସ୍ତଲଟି ରଖିଯାଉଥିଲେ । ମା' ପିସ୍ତଲଟି ନିଜ ବ୍ଲାଉଜ ଭିତରେ ରଖି ସ୍ୱାଭାବିକ ଭାବରେ ଘରର ସବୁ କାମଦାମ କରୁଥିଲେ । କେମିତି ପିସ୍ତଲ ମାରିବାକୁ ହୁଏ ତାହା ବାପା ରାତିରେ ମା'ଙ୍କୁ ଶିଖାଉଥିଲେ ।

ଆମ ଜେଜେବାପା (ସ୍ୱର୍ଗୀୟ ରସିକଚନ୍ଦ୍ର ଦାଶଗୁପ୍ତ) ଥିଲେ ଦେବତୁଲ୍ୟ ମଣିଷ । ସେ ବାପାଙ୍କୁ କୌଣସି କାମରେ କେବେ ବାଧା ଦେଇ ନ ଥିଲେ । ବାପା ଶ୍ରୀଅରବିନ୍ଦଙ୍କ ସାଧନା ପଥର ପଥିକ ଏକଥା ଜାଣି ମଧ୍ୟ ସେ ଦିନେ ହେଲେ ବାପାଙ୍କୁ ସେସମ୍ବନ୍ଧରେ ପ୍ରଶ୍ନ କରି ନ ଥିଲେ । କିନ୍ତୁ ଜେଜେମା' ବାପାଙ୍କର ଏତେ ବଡ଼ ବଡ଼ ଚାକିରୀସବୁ ଛାଡ଼ିଦେବା କଥାଟିକୁ ବରଦାସ୍ତ କରିପାରି ନ ଥିଲେ । ସେଥିପାଇଁ ସେ ଶ୍ରୀଅରବିନ୍ଦଙ୍କୁ ଦୋଷାରୋପ କରୁଥିଲେ । ଜେଜେମା'ଙ୍କର ସ୍ୱପ୍ନ ଥିଲା ତାଙ୍କ ପୁଅ ବହୁତ ବଡ଼ ଚାକିରୀଟିଏ କରିବ ଆଉ ସେ ସମ୍ମାନ ଓ ସ୍ୱଚ୍ଛଳତାର ସହିତ ସଂସାର କରିବେ । କେଉଁ ମା' ବା ଏମିତି ସ୍ୱପ୍ନ ନ ଦେଖେ ?

ଫେଣୀରେ ଆମେ ଖୁବ୍ ଶାନ୍ତିରେ ବସବାସ କରୁଥିଲୁ । ନିର୍ଜନ ପରିବେଶ । କେବଳ ପୋଖରୀ ଆଉ ପ୍ରାନ୍ତର ପରେ ପ୍ରାନ୍ତର । ପ୍ରାନ୍ତର ଅତିକ୍ରମ କଲେ ଯାଇ ସ୍କୁଲ, କଲେଜ ଓ ହଷ୍ଟେଲ । ଆମ ସାହିର ନାଁ ଥିଲା ମାଷ୍ଟର ସାହି । ପ୍ରାୟ ପ୍ରଫେସର ଓ ସ୍କୁଲର ମାଷ୍ଟରମାନେ ଏହି ସାହିରେ ବସବାସ କରୁଥିଲେ । ଘରଗୁଡ଼ିକ ଥିଲା ବଙ୍ଗଳା

ଧରଣର। ବାଉଁଶରେ ତିଆରି। ଚାରିପଟେ ଫୁଲଗଛସବୁ ଥିଲା। ଶୁଣିଛି, ଫେଣୀର ସ୍କୁଲ ଓ କଲେଜ ଏବେ ଖୁବ୍ ବଡ଼ ହୋଇଗଲାଣି। ବାଳିକା ବିଦ୍ୟାଳୟ ଆମ ମୁଷ୍ଟିମେୟ କେତେ ଜଣଙ୍କୁ ନେଇ ଆରମ୍ଭ ହୋଇଥିଲା। ଆମେ ଥିଲୁ କଲେଜର ଦ୍ୱିତୀୟ ବ୍ୟାଚ୍। ମାତ୍ର ତିନି ଚାରି ଜଣ ଝିଅ। ପ୍ରଥମ ବ୍ୟାଚ୍‌ରେ ବି ସେମିତି ତିନି ଚାରି ଜଣ ଝିଅ ଥିଲେ। ସହ-ଶିକ୍ଷା ବ୍ୟବସ୍ଥା! ପୁଅଝିଅଙ୍କର ଏକାଠି ଗୋଟିଏ କଲେଜରେ ପାଠପଢ଼ା, ପୁଣି ଫେଣୀ ପରି ଗୋଟିଏ ଛୋଟ ସହରରେ! ଫେଣୀ ସବୁ ଦୃଷ୍ଟିରୁ ଅନ୍ୟାନ୍ୟ ସହର ତୁଳନାରେ ଉନ୍ନତମାନର ଥିଲା। ଆମେ ସ୍କୁଲକୁ ବା କଲେଜକୁ ଗଲାବେଳେ ମନେହେଉଥିଲା ଯେମିତି ଯୁଦ୍ଧ ଜୟ କରିବାକୁ ଯାଉଛୁ। ପୁଅପିଲାମାନଙ୍କ ସହିତ ଗୋଟିଏ କଲେଜରେ ପଢ଼ିବା, ଏହା ସେଯୁଗରେ ଅକଳ୍ପନୀୟ କଥା ଥିଲା। ମୋର ଶୈଶବର ସାଙ୍ଗ ଲତିକା ଢାକାରୁ ଆଇ. ଏ. ପାଶ୍ କରି ଆସି ତୃତୀୟ ବର୍ଷରେ ଫେଣୀ କଲେଜରେ ଭର୍ତ୍ତି ହେଲା। ଅନାବିଳ ଆନନ୍ଦରେ ଦିନ ବିତିଯାଉଥିଲା।

ବାପା ଚିରଦିନ ସ୍ପଷ୍ଟବାଦୀ ଥିଲେ। କଲେଜରେ ପ୍ରାୟ ଅନ୍ୟାନ୍ୟ ଅଧ୍ୟାପକମାନଙ୍କ ସହିତ ବିଶେଷ କରି ଜୁନିୟର ଅଧ୍ୟାପକମାନଙ୍କ ସହିତ ତାଙ୍କର ତର୍କ ଚାଲୁଥିଲା। ଶ୍ରୀଅରବିନ୍ଦ-ବିରୋଧି କୌଣସି କଥା ସେ ଆଦୌ ସହ୍ୟ କରିପାରୁ ନ ଥିଲେ। ତାହାର ପ୍ରତିବାଦ କରୁଥିଲେ। ଥରେ ଫେଣୀର ମୁସଲମାନ ଏସ୍. ଡ଼ି. ଓ. ଶ୍ରୀଅରବିନ୍ଦ-ବିରୋଧି କିଛି ମନ୍ତବ୍ୟ କରିବାରୁ ବାପା ଜୋର୍‌ରେ ଟେବୁଲ ବାଡ଼ାଇ ଅତ୍ୟନ୍ତ ତେଜର ସହିତ ତାହାର ପ୍ରତିବାଦ କରିଥିଲେ। ଜଣେ ଏସ୍. ଡ଼ି. ଓ. ସହିତ ଏମିତି ବ୍ୟବହାରର ଫଳାଫଳ ସମ୍ବନ୍ଧରେ ବାପା ଯଥେଷ୍ଟ ସଚେତନ ଥିଲେ ମଧ୍ୟ ନିଜ ଆଦର୍ଶ ଓ ମତାମତରୁ ସେ ଏତେ ଟିକିଏ ହେଲେ ବି ଘୁଞ୍ଚିଆସି ନ ଥିଲେ।

ଜଣେ ସିନିୟର ପ୍ରଫେସର ବାପାଙ୍କର ଏମିତି ବ୍ୟବହାର ବିଷୟରେ ଶ୍ରୀଅରବିନ୍ଦଙ୍କୁ ଜଣାଇଥିଲେ। ଶ୍ରୀଅରବିନ୍ଦ ଲେଖିଥିଲେ, "ସେ ଯାହା କରୁଛନ୍ତି ଏବଂ ସେ ଯାହା କହୁଛନ୍ତି ତାହା ଠିକ୍। ମୁଁ ସର୍ବଦା ତାଙ୍କ ପଛରେ ରହିଛି।"

ଦ୍ୱିତୀୟ ମହାଯୁଦ୍ଧ କ୍ରମଶଃ ଭୟାବହ ରୂପ ଧାରଣ କରୁଥିଲା। ମିତ୍ରଶକ୍ତିକୁ ସାହାଯ୍ୟ କରିବା କଥା ସ୍ୱପ୍ନରେ ମଧ୍ୟ ଭାବିହେଉ ନ ଥିଲା। ଶ୍ରୀଅରବିନ୍ଦ, ଯିଏ ଇଂରେଜମାନଙ୍କ ବିରୁଦ୍ଧରେ ବିପ୍ଳବ ସୃଷ୍ଟି କରିଥିଲେ ଏବଂ 'ଆମେ ସ୍ୱାଧୀନ ଭାରତ ଚାହୁଁ' ଏଇ କଥା ଯାହାଙ୍କ କର୍ମରେ ମଧ୍ୟ ପ୍ରକାଶ ପାଉଥିଲା, ସେ ଘୋଷଣା କଲେ ଯେ ସମସ୍ତ ପ୍ରକାରେ ମିତ୍ରଶକ୍ତିକୁ ସାହାଯ୍ୟ କରିବାକୁ ହେବ। ଏହା ଶୁଣି ସମସ୍ତେ ବିସ୍ମୟରେ ହତବାକ୍। ରାଜନୈତିକ ନେତାମାନେ ତାଙ୍କ କଥାକୁ କାନ ଦେଲେ ନାହିଁ। କ୍ଲାସ ନ ଥିବା ପରିୟଡ଼ଗୁଡ଼ିକରେ ପ୍ରଫେସରମାନଙ୍କ ବସିବା କୋଠରିରେ ଚାଲୁଥିବା

ବାକ୍‌-ବିତଣ୍ଡା ଆମ ବସିବା କୋଠରି ପର୍ଯ୍ୟନ୍ତ ଶୁଣାଯାଉଥିଲା । ଗୋଟିଏ ପଟେ ବାପା ଓ ଅନ୍ୟପଟେ ସମସ୍ତ ଜୁନିୟର ପ୍ରଫେସରମାନଙ୍କର ତୁମୁଳ ତର୍କ ଚାଲୁଥିଲା । ଶ୍ରୀଅରବିନ୍ଦଙ୍କ ଘୋଷଣା ସେମାନେ ମାନିନେବାକୁ ରାଜି ନ ଥିଲେ । ହିଟଲର ଥିଲା ସେମାନଙ୍କର ଆଦର୍ଶ ପୁରୁଷ । ସେତେବେଳ ପର୍ଯ୍ୟନ୍ତ କେନ୍ଦ୍ରଶକ୍ତିର ସ୍ୱରୂପ ବିଶ୍ୱ ଆଖିରେ ଧରାପଡ଼ି ନ ଥିଲା । ଶ୍ରୀଅରବିନ୍ଦଙ୍କ ରାଜନୈତିକ ଦୂରଦର୍ଶିତା ଓ ଦୂରଦୃଷ୍ଟି ସମ୍ବନ୍ଧରେ ବାପା ପ୍ରତିଦିନ ସେଇ ଜୁନିୟର ପ୍ରଫେସରମାନଙ୍କୁ ବୁଝାଇବାକୁ ଆପ୍ରାଣ ଚେଷ୍ଟା କରୁଥିଲେ । ଇତିମଧ୍ୟରେ ଜାପାନୀମାନେ ଚଟ୍ଟଗ୍ରାମ ଓ ବଜ୍ଜବଜାରରେ ବୋମା ପକାଇବାକୁ ଆରମ୍ଭ କଲେ । ସଙ୍ଗେ ସଙ୍ଗେ ଫେଣୀ ସହର ପ୍ରାୟ ଜନଶୂନ୍ୟ ହୋଇଗଲା । ଆମ ଜୀବନଯାତ୍ରା ଏକ ଭିନ୍ନ ରୂପ ନେଲା । ଗୋଟି ଗୋଟି କରି ପ୍ରତ୍ୟେକଟି ପରିବାର ଫେଣୀ ଛାଡ଼ି ଚାଲିଯିବାକୁ ଲାଗିଲେ । ଆମ ମା' (ବିଭାବତୀ)ଙ୍କ ସହିତ ଦେଖାକରି ସମସ୍ତେ ଭାରାକ୍ରାନ୍ତ ମନରେ ଫେଣୀ ଛାଡ଼ି ଚାଲିଯାଉଥା'ନ୍ତି । ମୋ ପାଇଁ ସର୍ବାପେକ୍ଷା ଦୁଃଖଦାୟକ ଘଟଣା ଘଟିଥିଲା ଯେତେବେଳେ ମୋ ସାଙ୍ଗ ଲତିକା ତା' ବାପାମା'ଙ୍କ ସାଥିରେ ଫେଣୀ ଛାଡ଼ି ଚାଲିଗଲା । ସେଇ ଦିନଗୁଡ଼ିକର ସ୍ମୃତି ଏବେ ବି ମୋତେ ପଛକୁ ଟାଣେ... । ଫେଣୀ, ପାହାଡ଼ତଳି, ସୀତାକୁଣ୍ଡ, ଚଟ୍ଟଗ୍ରାମ ମୋ ସ୍ମୃତିରେ ଏବେ ବି ଜୀବନ୍ତ । ଏଇସବୁ ସ୍ଥାନର ମଣିଷମାନେ ସମସ୍ତେ ସ୍ୱଦେଶପ୍ରେମୀ, ସତ୍‌, ନିଷ୍ଠାବାନ୍‌ ଓ ସ୍ନେହୀ ।

ଅନ୍ତତଃ ଆମମାନଙ୍କୁ ଓ ଆମ ମା'ଙ୍କୁ କୌଣସି ନିରାପଦ ସ୍ଥାନକୁ ପଠାଇଦେବାକୁ ସବୁ ପ୍ରଫେସର ଓ ଭଦ୍ରଲୋକ ଫେଣୀ ଛାଡ଼ିଯିବା ମୁହୂର୍ତ୍ତରେ ବାପାଙ୍କୁ ଅନୁରୋଧ କରିଥିଲେ । ସମସ୍ତଙ୍କ ପାଖରୁ ସେଇ ଏକା ଅନୁରୋଧ ଶୁଣି ବାପା ଟିକିଏ ଚିନ୍ତିତ ହୋଇପଡ଼ିଲେ । ଏ ସମ୍ବନ୍ଧରେ ଶ୍ରୀଅରବିନ୍ଦଙ୍କ ମତାମତ ଜାଣିବାକୁ ବାପା ତାଙ୍କୁ ଚିଠି ଲେଖିଲେ । ଶ୍ରୀଅରବିନ୍ଦ ଉତ୍ତର ଦେଇଥିଲେ, ''ସପରିବାରେ ସେଠାରେ ରୁହ । କୁଆଡ଼େ ଯାଅ ନାହିଁ ।'' ଆହୁରି ମଧ୍ୟ ନଳିନୀଦା' ଲେଖି ପଠାଇଲେ, ''ଯୁଆଡ଼େ ଗଲେ ବି ଭୟ ତୁମ ପଛରେ ଯିବ ।''

ବାପା ନିଶ୍ଚିନ୍ତ ହେଲେ । ତାଙ୍କର ଥିଲା ଲୌହ ସଦୃଶ ସ୍ନାୟୁ । ସେ ଥିଲେ ଅସୀମ ସାହସୀ ଓ ଦୃଢ଼ଚେତା । ପ୍ରତିଦିନ ସନ୍ଧ୍ୟାରେ ବାପା ଓ ମା' ଆମ ଭାଇଭଉଣୀମାନଙ୍କ ସହିତ ଧ୍ୟାନ କରୁଥିଲେ । ସେଇ ନିସ୍ତବ୍ଧ, ନିର୍ଜନ ପରିବେଶରେ ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କ ଉଦ୍ଦେଶ୍ୟରେ ଧ୍ୟାନ କରିବାକୁ ଖୁବ୍‌ ଭଲ ଲାଗୁଥିଲା । ସେତେବେଳେ ଫେଣୀ ସହରରେ କେବଳ ଆମ ପରିବାରହିଁ ବାସ କରୁଥିଲା । ଏବେ ଭାବେ, ବାପା କି ଅପରିସୀମ ସାହସର ପରିଚୟ ଦେଇ ନ ଥିଲେ ! ଆମ ମା' (ବିଭାବତୀ) ଚୁପଚାପ୍‌

ସାଂସାରିକ କାମସବୁ କରିଯାଉଥିଲେ। ତାଙ୍କ ଚେହେରାରେ କେଉଁଠି ହେଲେ ଏତେ ଟିକିଏ ଚିନ୍ତାର ଛାପ ପଡ଼ି ନ ଥିଲା। ଶ୍ରୀଅରବିନ୍ଦ ଓ ଶ୍ରୀମା ଆମମାନଙ୍କୁ ଘେରି ରହିଛନ୍ତି, ଏହାହିଁ ଥିଲା ଆମ ସମସ୍ତଙ୍କର ଦୃଢ଼ ପ୍ରତ୍ୟୟ।

କିଛି ଦିନ ଭିତରେ ସ୍କୁଲ ଓ କଲେଜର ବାରଣ୍ଡାଗୁଡ଼ିକୁ ଏବଂ ପ୍ରତିଟି ଛାତ୍ରନିବାସକୁ ସୈନ୍ୟମାନେ ଦଖଲ କରିନେଲେ। ଆମ ଘରଟି କଲଜର ପୂରାପୂରି ପାଖରେ ଥିଲା। ସେଠାରେ କେବଳ ଆମେହିଁ ରହୁଥିଲୁ। ଜଣେ ହେଲେ କେହି ପ୍ରତିବେଶୀ ନ ଥିଲେ। ସନ୍ଧ୍ୟା ହେଲେ କେମିତି ଗୋଟିଏ ବିଚିତ୍ର ଅନୁଭୂତି ମନକୁ ଆଚ୍ଛନ୍ନ କରିପକାଉଥିଲା। ନୀରବରେ ବେଶ୍ ସାବଧାନତା ସହ ଦିନ କଟାଇବାକୁ ହେଉଥିଲା।

ବାପା ଭାବିଲେ ସାବଧାନ ହୋଇ ରହିଲେ କିଛି ଅସୁବିଧା ହେବ ନାହିଁ। ତେଣୁ ପରିଶ୍ରମ କରି ଅଗଣାର ଗୋଟିଏ ପାଖରେ ମାଟି ଖୋଳି ବିରାଟ ପରିଖାଟିଏ (trench) ତିଆରି କଲେ। ସମସ୍ତେ ମିଶି ସେଇ ପରିଖା ଭିତରେ ଯେମିତି ବସିପାରିବୁ ସେଇ ବ୍ୟବସ୍ଥା ବି ହୋଇଗଲା। ବାପାଙ୍କ ନିର୍ଦ୍ଦେଶ ଥିଲା ଯେ ସେ ତିନି ଥର ଶଙ୍ଖ ବଜାଇଲେ ସଙ୍ଗେସଙ୍ଗେ ଆମ ସମସ୍ତଙ୍କୁ ଆସି ଏଇ ପରିଖା ଭିତରେ ପଶିଯିବାକୁ ହେବ। ବେଶ୍ କିଛି ଦିନ ଧରି ଆମର ଏଇ ଅଭ୍ୟାସ ଚାଲିଥିଲା। ଏବେ ବି ମନେହୁଏ ବାପା ଯେମିତି ସିଧା ଠିଆହୋଇ ଗୋଟିଏ ବିରାଟ ଶଙ୍ଖ ବଜାଉଛନ୍ତି। ସେଇ ଶଙ୍ଖ ନିନାଦ ଆମ ସମସ୍ତଙ୍କୁ ସାହସୀ କରି ଦେଉଥିଲା। ଜାପାନୀମାନେ କିନ୍ତୁ ଶେଷ ପର୍ଯ୍ୟନ୍ତ ଫେଣୀରେ ବୋମା ପକାଇ ନ ଥିଲେ। ଆମର ଦୃଢ଼ ବିଶ୍ୱାସ ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କ ଅପାର କରୁଣା ଫେଣୀକୁ ରକ୍ଷା କରିଥିଲା।

ବହୁ ବର୍ଷ ବାପା ପଣ୍ଡିଚେରୀ ଆସିପାରି ନ ଥିଲେ। ପ୍ରତିଦିନ ରାତିରେ ବଡ଼ ଆକୁଳ ହୋଇ ସେ ଶ୍ରୀଅରବିନ୍ଦଙ୍କୁ ଡାକୁଥିଲେ। ତାଙ୍କର ସେଇ ଆକୁଳ ଡାକ ଶୁଣି ଆମମାନଙ୍କର ମନେହେଉଥିଲା ବାପା ଯେମିତି ଅନେକ କଷ୍ଟ ସହ୍ୟ କରୁଛନ୍ତି। କିନ୍ତୁ କାହା ପାଇଁ? ମନଟି ମୋର ଭାରାକ୍ରାନ୍ତ ହୋଇ ଉଠୁଥିଲା। ଦିନେ ମା'ଙ୍କୁ ପଚାରିଲି, ''ମା', ବାପାଙ୍କର କି ଦୁଃଖ ଏତେ? ସେ କାହାକୁ ଏମିତି ଆକୁଳ ଭାବରେ ଡାକନ୍ତି?'' ମା' କହିଲେ, ''ତୁମ ବାପା ତାଙ୍କ ଗୁରୁ ଶ୍ରୀଅରବିନ୍ଦଙ୍କୁ ଡାକନ୍ତି। କିଛି ଚିନ୍ତା କର ନାହିଁ।''

ତେଣୁ ମୋର ବୟସ ବଢ଼ିବା ସଙ୍ଗେ ସଙ୍ଗେ ସ୍ୱାଭାବିକ ଭାବରେ କ୍ରମଶଃ ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କୁ ଜାଣିବାର କୌତୂହଳ ବଢ଼ିଲା। ବାପା କଲେଜକୁ ଯିବା ପରେ ଲୁଚି ଲୁଚି ତାଙ୍କ ପୂଜା ଘରେ ପଶି ଗଭୀର ଶ୍ରଦ୍ଧା ଓ ଭକ୍ତିର ସହିତ ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କ ଫଟୋଗୁଡ଼ିକୁ ଚାହିଁରହୁଥିଲି। ଯେଉଁ ଫଟୋଟିରେ ମା' ଗୋଟିଏ ଗାଉନ୍ ପିନ୍ଧି ଠିଆହୋଇଥା'ନ୍ତି, ସେହି ଫଟୋଟି ବାପାଙ୍କ ଟେବୁଲ ଉପରେ ଥିଲା। ଫଟୋ ଦୁଇଟି

ସର୍ବଦା କପଡ଼ା ଦେଇ ଢଙ୍କା ହୋଇରହୁଥିଲା। ସେସମୟରେ ଶ୍ରୀଅରବିନ୍ଦ ଓ ମା'ଙ୍କ ସାଧନା ପଥର ଅନୁଗାମୀମାନେ ସବୁକିଛି ଗୋପନ କରି ରଖୁଥିଲେ। ତେଣୁ ବାପାଙ୍କ ପୂଜାଘରେ ପ୍ରବେଶ ନିଷିଦ୍ଧ ଥିଲା।

୧୯୪୧ ମସିହାରେ ବାପା ପଣ୍ଡିଚେରୀ ଆସିଲେ। ସାଥିରେ ତପତୀ ଓ ମୁଁ ବି ଆସିଲୁ। ନଳିନୀଦା'ଙ୍କ ପରାମର୍ଶ ଅନୁଯାୟୀ ପୂର୍ବରୁ ତପତୀର ଓ ମୋର ଫଟୋ ପଠାଯାଇଥିଲା। ସେସମୟରେ କେହି ଆଶ୍ରମକୁ ଆସିବାକୁ ଚାହିଁଲେ, ତା'ର ଫଟୋ ମା'ଙ୍କ ପାଖକୁ ପଠାଇବାକୁ ହେଉଥିଲା। ଫଟୋ ଦେଖି ମା' ଆଶ୍ରମକୁ ଆସିବାର ଅନୁମତି ଦେଲେ ଯାଇ ଜଣେ ଆଶ୍ରମକୁ ଆସିପାରୁଥିଲା। ସୁତରାଂ ଆମେ ଦୁଇ ଜଣ ଏଇ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବୁ କି ନାହିଁ ଭାବି ଭୟରେ ଦିନ କାଟୁଥିଲୁ। ଯାହାହେଉ ଶେଷରେ ନଳିନୀଦା'ଙ୍କ ପାଖରୁ ଚିଠି ଆସିଲା ଯେ ମା' ଆମ ଦୁଇ ଜଣଙ୍କ ଫଟୋ ଦେଖି ଆଶ୍ରମକୁ ଆସିବାର ଅନୁମତି ଦେଇଛନ୍ତି। ଏଇ ଖବର ପାଇ ସେଦିନ କେତେ ଯେ ଆନନ୍ଦିତ ହୋଇଥିଲି ତାହା ବୁଝାଇପାରିବି ନାହିଁ।

ପଣ୍ଡିଚେରୀରେ ପହଞ୍ଚି ସେଇ ଦିନ ସନ୍ଧ୍ୟାରେ ମା'ଙ୍କ ପାଖକୁ ଯିବାର ସୌଭାଗ୍ୟ ହୋଇଥିଲା। ନଳିନୀଦା' ତାଙ୍କ ଘରର କବାଟ ପାଖରେ ଠିଆହୋଇ ଆମମାନଙ୍କ ପାଇଁ ଅପେକ୍ଷା କରିଥିଲେ। ବାପା ଥିଲେ ତାଙ୍କର ଜଣେ ଅତି ପ୍ରିୟ ବନ୍ଧୁ। ଆମେମାନେ ତାଙ୍କୁ ପ୍ରଣାମ କରିବା ମାତ୍ରେ ସେ ସମସ୍ତଙ୍କ ହାତରେ ଫୁଲ ଦେଇ କହିଲେ, "ଏଇ ଫୁଲ ନେଇ ତୁମେମାନେ ମା'ଙ୍କୁ ଦେବ।" ବାପାଙ୍କ ସହିତ ଆମେ ମା'ଙ୍କ ପାଖକୁ ଗଲୁ। ସାଥିରେ ଥିଲେ ରଣିକକା, ସୁନିତୀ ଖୁଡ଼ୀ ଓ ସାନମାମୁ।

ଶିଡ଼ି ଚଢ଼ି ଉପରକୁ ଉଠିବା ମାତ୍ରେ ଦେଖିଲି ମା' କବାଟ ପାଖରେ ଠିଆହୋଇ ପ୍ରତ୍ୟେକଙ୍କୁ ଆଶୀର୍ବାଦ ଫୁଲ ଦେଉଛନ୍ତି। ଏମିତି ଅପୂର୍ବ ରୂପ ମା'ଙ୍କର ଯେ ଆଖି ଫେରାଇ ହେଲା ନାହିଁ। ତାଙ୍କ ପାଖକୁ ଯିବା ମାତ୍ରେ ମନେହେଲା ଯେମିତି ମା' ଦୁର୍ଗା ଠିଆହୋଇଛନ୍ତି। ମଥାରେ ମୁକୁଟ, ଚରଣରେ ନୂପୁର। ପିନ୍ଧିଥା'ନ୍ତି ସୁନ୍ଦର ଶାଢ଼ୀଟିଏ। ଆଖି ଦୁଇଟିରୁ ବିଚ୍ଛୁରିତ ହେଉଥିଲା ସୁନେଲୀ ଆଭା। ସବୁକିଛି ସୁନେଲୀ ଆଲୋଅରେ ଭରପୂର। ତାଙ୍କ ସ୍ପର୍ଶରେ ଜୀବନର ଗୋଟିଏ ପଟ୍ଟ ପରିବର୍ତ୍ତନ ହେଲା। ଫେଣୀକୁ ଫେରିଯିବାକୁ ଆଉ ତିଳେମାତ୍ର ଆଗ୍ରହ ହେଲା ନାହିଁ। ପୁଣି ଭାବିଲି, କଲେଜ ପଢ଼ା ଶେଷ କରି ଆସିବା ଭଲ। ଶେଷରେ ଏଠାରେ ଯଦି ରହି ନ ପାରିଲି ଅନ୍ତତଃ ନିଜ ଗୋଡ଼ରେ ଠିଆହେବାର ବ୍ୟବସ୍ଥା ତ କରିପାରିବି।

ଫେଣୀକୁ ଫେରିଗଲି। କିନ୍ତୁ ଦିନ ବିତୁ ନ ଥିଲା। ସାଙ୍ଗମାନେ ମୋତେ ଏତେ ଦୁଃଖିତ ଓ ଚିନ୍ତିତ ଦେଖି ଆଶ୍ଚର୍ଯ୍ୟ ହେଲେ। "ତୋର କ'ଣ ହୋଇଛି ?" ଏହାହିଁ ଥିଲା

ସେମାନଙ୍କର ପ୍ରଶ୍ନ। ମା'ଙ୍କ ପାଇଁ ମନ ଖରାପ ହେଉଛି ଏକଥା ଶୁଣି ସେମାନେ ଅବାକ୍। କିନ୍ତୁ କେମିତି ସେମାନଙ୍କୁ ବୁଝାଇବି? ଏମିତି ଭାବରେ ଦିନ ବିତିବାକୁ ଲାଗିଲା। କ୍ରମେ ବି. ଏ. ପରୀକ୍ଷା ଦେବାର ସମୟ ଆଗେଇ ଆସିଲା। ଚିଠି ଲେଖି ନଳିନୀଦା'ଙ୍କୁ ଜଣାଇଲି, "ପରୀକ୍ଷା ଶେଷ ହେଲେ ସବୁଦିନ ପାଇଁ ଆଶ୍ରମକୁ ଚାଲିଆସିବାକୁ ଚାହେଁ। ଯେମିତି ମା'ଙ୍କ ଅନୁମତି ପାଇବି, ସେ ବ୍ୟବସ୍ଥା କରିବେ।" ନଳିନୀଦା' ଉତ୍ତର ଦେଲେ, "ଆଗ ପଢ଼ାପଢ଼ି ଶେଷ କର, ତା' ପରେ ଦେଖାଯିବ।"

୧୯୪୪ ମସିହା ଏପ୍ରିଲ ଦର୍ଶନ ପାଇଁ ବାପାଙ୍କ ସହିତ ଆମେ ସମସ୍ତେ ଆସିଲୁ। କିନ୍ତୁ ନଳିନୀଦା' ମୋର ଏଠାରେ ରହିବା ନେଇ କିଛି ବି କହୁ ନ ଥା'ନ୍ତି! କ'ଣ କରିବି କିଛି ବୁଝିପାରୁ ନ ଥାଏ। ଦିନେ ମା'ଙ୍କ ପାଖକୁ ଯାଇଥିବା ସମୟରେ ମା' ଖୁବ୍ ସ୍ନେହରେ ମୋତେ Bonjour କହିଲେ। ମା'ଙ୍କର ସ୍ନେହପୂର୍ଣ୍ଣ ସେଇ Bonjour ଶୁଣି ମୋ ମନରେ ଗୋଟିଏ ପ୍ରଚଣ୍ଡ ଆଲୋଡ଼ନ ହେଲା। ଅନୁଭବ କଲି ମା'ଙ୍କୁ ଛାଡ଼ି ଅନ୍ୟ କେଉଁଠି ରହିବା ମୋ ପାଇଁ ଏବେ ଅସମ୍ଭବ। ହଠାତ୍ କହିଉଠିଲି, "ମା' ମୁଁ ଏଇଠି, ତୁମ ପାଖରେ ରହିବାକୁ ଚାହେଁ।" କହିସାରି ଭାବିଲି, ଠିକ୍ ଭାବରେ କହି ପାରିଲି ତ! କିଛି ଭୁଲ୍ କରିନି ତ! ପ୍ରକୃତରେ ସ୍କୁଲ କଲେଜରେ ଆମେ କେବେ ବି ଇଂରାଜୀରେ କଥା କହି ନାହୁଁ। ଆମେମାନେ ଯେ ଇଂରେଜ ଅଧୀନରେ ଏକ ପରାଧୀନ ଜାତି ଏଇ କଥା ମନରେ ଖଟ୍‌କା ଆଣୁଥିଲା। ତେଣୁ କେବଳ ପଢ଼ିବାକୁ ହେଉଥିଲା ବୋଲି ଇଂରାଜୀ ପଢୁଥିଲୁ।

ମୋ କଥା ଶୁଣିବା ମାତ୍ରେ ମା' ମୋତେ କୁଣ୍ଢାଇ ପକାଇଲେ। କହିଲେ, "ଭିତରକୁ ଆସ।" ପଛକୁ ଚାହିଁ ଦେଖିଲି ବାପା ଆସୁଛନ୍ତି। ତାଙ୍କୁ ଦେଖି ମୁଁ ଭୟରେ କଳାକାଠ। ବାପାମା'ଙ୍କ ଅନୁମତି ବିନା ମୁଁ ଏଠାରେ ରହିବାକୁ ଠିକ୍ କରିଛି। ସୁତରାଂ ଭୟ ତ ଲାଗିବା କଥା।

ମା' ବାପାଙ୍କୁ କହିଲେ, "ପ୍ରୀତିକୁ ମୋ ପାଖରେ ରଖୁଛି।" ବାପା ବିସ୍ମିତ ହୋଇ ମା'ଙ୍କୁ ଚାହିଁରହିଥା'ନ୍ତି। କହିଉଠିଲେ, "କିନ୍ତୁ ମା', ପ୍ରୀତିର ମା' (ବିଭାବତୀ) ଯେ ଖୁବ୍ ଦୁଃଖ କରିବେ।"

ମା' ବାପାଙ୍କର ଦୁଇ ହାତକୁ ଧରି ଅତି ସ୍ନେହରେ କହିଲେ, "ଆସନ୍ତା ବର୍ଷ ତୁମେମାନେ ସମସ୍ତେ ଏଠାକୁ ଚାଲିଆସିବ।"

ବାପାଙ୍କ ଆଖିରେ ଆନନ୍ଦାଶ୍ରୁ। କୃତଜ୍ଞତାର ସହିତ ସେ ମା'ଙ୍କ ହାତ ଚୁମ୍ବନ କଲେ। ଏତେ ଦିନ ପରେ ତାଙ୍କ ମନସ୍କାମନା ପୂର୍ଣ୍ଣ ହେଲା। ସ୍ୱୟଂ ମା' ଏଠାରେ ଆମର ରହିବାର ବ୍ୟବସ୍ଥା କରିଥିଲେ। ସେଇ ଦିନଟିର କଥା ପ୍ରାୟ ମନେପଡ଼େ...।

ବାପାଙ୍କୁ ଯଦି କେତେବେଳେ ପଚାରୁଥିଲି, ''ଆମମାନଙ୍କର କାହିଁକି କିଛି ଅନୁଭୂତି ହେଉ ନାହିଁ ? ସାହାନାଦି' ତ ତାଙ୍କର କେତେ ଅନୁଭୂତି କଥା କହନ୍ତି।'' ବାପା କହୁଥିଲେ, ''ଆମ ସମୟରେ ସମସ୍ତଙ୍କର ନାନା ପ୍ରକାରର ଅନୁଭୂତି ହେଉଥିଲା। ଆମେ ବିଭିନ୍ନ ପ୍ରକାରର ସୁନ୍ଦର ସୁନ୍ଦର ଅଭିଜ୍ଞତା ମଧ୍ୟ ଦେଇ ଯାଇଛୁ। ଏଥିରେ କିନ୍ତୁ କାହାରି ବାହାଦୁରୀ ନାହିଁ। ସେସମୟରେ ଶ୍ରୀଅରବିନ୍ଦ ଓ ମା' ଉଚ୍ଚଭୂମିରେ କାମ କରୁଥିଲେ। ଧ୍ୟାନ କରିବା ସହଜ ଥିଲା। ଏମିତିକି ଦେବତାମାନଙ୍କୁ ମଧ୍ୟ ମା' ଆମମାନଙ୍କ ମଧ୍ୟକୁ ଓହ୍ଲାଇ ଆଣୁଥିଲେ। ମା' ଓ ଶ୍ରୀଅରବିନ୍ଦ ଏବେ ନିମ୍ନପ୍ରକୃତିକୁ ନେଇ କାମ ଆରମ୍ଭ କରୁଛନ୍ତି। ପ୍ରତ୍ୟେକଙ୍କୁ ଏବେ ନିମ୍ନପ୍ରକୃତିର ନାନା ସମସ୍ୟା ଭିତର ଦେଇ ଯିବାକୁ ହେବ। ନିଜକୁ ମା' ଓ ଶ୍ରୀଅରବିନ୍ଦଙ୍କ ପାଖରେ ଖୋଲି ଧରିଲେ, ସେମାନେ ନିମ୍ନପ୍ରକୃତିର ସମସ୍ୟାଗୁଡ଼ିକର ସମାଧାନ କରିବେ। ଏଇ ସାଧନାର ପଥ ଖୁବ୍ ଆଗ୍ରହପ୍ରଦ, ଯଦିଓ ଦୁରୂହ। କିନ୍ତୁ ମା' ତ ସାହାଯ୍ୟ କରିବାକୁ ହାତ ବଢ଼ାଇ ରହିଛନ୍ତି।''

ଏମିତି କେତେ କଥା ଜୀବନର ଶେଷଭାଗରେ ବାପା ଆମକୁ ବୁଝାଇ କହୁଥିଲେ। ଦିନେ ମୁଁ ବାପାଙ୍କୁ ପଚାରିଥିଲି, ''ବାପା, ଏଠାରେ କାହିଁକି ସମସ୍ତେ ହତାଶା (depression)ର କବଳରେ ପଡ଼ି ଏତେ କଷ୍ଟ ପାଆନ୍ତି ?''

ବାପା କହିଥିଲେ, ''ସାବଧାନ, ହତାଶା ହେଉଛି ଆସୁରିକ ଶକ୍ତିର ଗୋଟିଏ ମାରାତ୍ମକ ଫାଶ। ଏହା କ୍ରମେ କ୍ରମେ ସାଧକମାନଙ୍କୁ ମା' ଓ ଶ୍ରୀଅରବିନ୍ଦଙ୍କ ଆଶ୍ରୟରୁ ଦୂରେଇ ନିଏ। ପ୍ରଥମେ ସାମାନ୍ୟ ହତାଶାର ଭାବ ମନକୁ ଆଚ୍ଛନ୍ନ କରେ। ଧୀରେ ଧୀରେ ନାନା ପ୍ରକାର କୁପ୍ରରୋଚନା ସାଧକର ମନକୁ ଗ୍ରାସ କରେ। ଖୁବ୍ ସାବଧାନ। ମୋର ଗୋଟିଏ ଅଭିଜ୍ଞତାର କଥା କହୁଛି ଶୁଣ। ମୁଁ ଧ୍ୟାନ କରୁଥିଲି। ଟିକିଏ ଅସ୍ୱସ୍ତି ଅନୁଭବ କଲି। କେଉଁଠୁ ଗୋଟିଏ ଆସୁରିକ ଶକ୍ତିର ପ୍ରଭାବ ଯେମିତି ମୋତେ ଗ୍ରାସ କରିବାକୁ ଚାହୁଁଥିଲା। ମୁଁ କିନ୍ତୁ ସଚେତନ ହୋଇ ଧ୍ୟାନ କରିବାକୁ ଚେଷ୍ଟା କଲି। ଦେଖିଲି, ମୋ ପଛରେ ଗୋଟିଏ ଭୀଷଣ କଳା, କଦାକାର ମୂର୍ତ୍ତି ଠିଆହୋଇଛି। ତା'ର ତୀକ୍ଷ୍ଣ ଦୃଷ୍ଟି ମୋ ଉପରେ। କିନ୍ତୁ ମୁଁ ଡରି ନ ଯାଇ ଧ୍ୟାନରେ ବୁଡ଼ିରହିଲି। ଶ୍ରୀଅରବିନ୍ଦ ଓ ମା'ଙ୍କ ଅସୀମ କରୁଣାରୁ ବୁଝିପାରିଲି ଯେ ଏଇ ସତ୍ତାଟି ଥିଲା ହତାଶାର ଅସୁର। ଖୁବ୍ ସାବଧାନ। ପ୍ରଥମରୁ ସଚେତନ ହେବାକୁ ଚେଷ୍ଟା କରିବ। ହତାଶାକୁ ଟିକିଏ ହେଲେ ପାଖକୁ ଆସିବାକୁ ଦେବ ନାହିଁ।''

ଏଇ ହତାଶା ଅସୁରର ମୂର୍ତ୍ତି ଏତେ ଜୀବନ୍ତ ଓ ସଜୀବ ଭାବରେ ବାପା ବର୍ଣ୍ଣନା କରିଥିଲେ ଯେ ମନ ଖରାପ କରିବା ବା ହତାଶ ହେବାର ସାଧ୍ୟ ମୋର ନ ଥିଲା।

ମନେହେଉଥିଲା, ଏଇ ବୋଧହୁଏ ଅସୁରଟି ଆସୁଛି, ଧରିନେବ।

୧୯୪୫ ମସିହାର କଥା। ବାପା ଏପ୍ରିଲ ଦର୍ଶନ ସମୟରେ ମା' ଓ ସବୁ ଭାଇ ଭଉଣୀମାନଙ୍କୁ ନେଇ ସବୁଦିନ ପାଇଁ ଆଶ୍ରମକୁ ଚାଲିଆସିଲେ। ଆରତି ଓ ମନୋଜଙ୍କୁ ମା' ନିଜେ ଆଶ୍ରମ ସ୍କୁଲରେ ଭର୍ତ୍ତି କରିଦେଲେ। ମନୋଜଙ୍କୁ ମା' ପୂର୍ବରୁ କହିଥିଲେ, "ଗୋଟିଏ ସ୍କୁଲ ପ୍ରତିଷ୍ଠା କରୁଛି। ତୁମେ ଭବିଷ୍ୟତରେ ଏଇ ସ୍କୁଲରେ ପଢ଼ିବ।" ବାପାଙ୍କୁ ପ୍ରକାଶନ ବିଭାଗର ମୁଖ୍ୟ ଭାବରେ କାମ ଦେଲେ। ପରେ ସେ ଆମ ଆଶ୍ରମ ପ୍ରେସର ମ୍ୟାନେଜର ହୋଇଥିଲେ। ଯେତେବେଳେ ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା ହେଲା, ମା' ସେତେବେଳେ ବାପାଙ୍କୁ ଦର୍ଶନ ଶାସ୍ତ୍ର ପଢ଼ାଇବାକୁ ନିଯୁକ୍ତ କଲେ। ବହୁ ବର୍ଷ ଧରି ବାପା ସ୍କୁଲରେ ଦର୍ଶନ ଶାସ୍ତ୍ର ପଢ଼ାଇଛନ୍ତି, ଆଉ ତା' ସହିତ ପ୍ରେସର ମ୍ୟାନେଜର ଭାବରେ ମଧ୍ୟ କାମ କରିଛନ୍ତି। ସବୁ final proof ନିଜେ ରାତିରେ ଅଭିନିବେଶ ସହକାରେ ଦେଖୁଥିଲେ। ପ୍ଲେ-ଗ୍ରାଉଣ୍ଡରେ ମାର୍ଚ୍ଚପାଷ୍ଟ ଶେଷ ହେବା ପରେ ମା'ଙ୍କ ହାତରୁ ବାଦାମ ବା ଟଫି ନେଇ ସେ ସମୁଦ୍ର କୂଳ ଦେଇ ଧୀରେ ଧୀରେ ସିଧା ପ୍ରେସକୁ ଯାଉଥିଲେ। ଗଭୀର ମନୋଯୋଗରେ ନାନା କାମରେ ବୁଡ଼ିଯାଉଥିଲେ। ଏକା କେତେ କ'ଣ କାମ କରୁଥିଲେ। ପୂରା ପ୍ରେସ ସେତେବେଳକୁ ନିସ୍ତବ୍ଧ।

ବାପା ନିଜକୁ ମା'ଙ୍କ କାମରେ ସମ୍ପୂର୍ଣ୍ଣ ଭାବରେ ସମର୍ପଣ କରିଦେଇଥିଲେ। ମା' ଓ ଶ୍ରୀଅରବିନ୍ଦଙ୍କ କାମ ଥିଲା ତାଙ୍କ ସାଧନାର ଅଙ୍ଗ। ଏମିତିକି ଯେଉଁ ଦିନ ଆମ ମା' (ବିଭାବତୀ) ଶରୀର ଛାଡ଼ିଲେ ସେଦିନ ମଧ୍ୟ ସେ ପ୍ରେସର କାମ ବନ୍ଦ କରି ନ ଥିଲେ। ହାତରେ ବ୍ୟାଗ ଧରି ସେ ଧୀରେ ଧୀରେ ଶିଡ଼ି ଦେଇ ଓହ୍ଲାଇ କାମକୁ ଯାଇଥିଲେ।

ଆମ ମା' ୧୯୫୩ ମସିହା ଅକ୍ଟୋବର ୧୨ ତାରିଖ ଦିନ ମୃତ୍ୟୁବରଣ କରିଥିଲେ। ତା'ର ଠିକ୍ ବର୍ଷଟିଏ ପରେ ୧୯୫୪ ମସିହା ଡିସେମ୍ବର ୨୧ ତାରିଖରେ ଆମ ବଡ଼ଭାଇ ସରୋଜର ମୃତ୍ୟୁ ହୋଇଥିଲା।

ଆଶ୍ଚର୍ଯ୍ୟ ଘଟଣା। ଭାଇର କଲିକତା ଯିବାର ଥିଲା। ମା'ଙ୍କ ପାଖରୁ ଆଶୀର୍ବାଦ ପାଇବାକୁ ସେ ବ୍ୟାକୁଳ। ଏପଟେ ସେଦିନ ମା' କାହାକୁ ଦେଖା କରିବେ ନାହିଁ ବୋଲି ଠିକ୍ କରିଥା'ନ୍ତି। ଭାଇ କିନ୍ତୁ ନଛୋଡ଼ବନ୍ଧା। ଉପରଓଳି ଟେନିସ୍ ପଡ଼ିଆରୁ ଫେରି ପ୍ଲେ-ଗ୍ରାଉଣ୍ଡକୁ ଆସି ଦେଖିଲି ଭାଇ କାନ୍ଥକୁ ଆଉଜି ମା'ଙ୍କ ପାଇଁ ଅପେକ୍ଷା କରି ଠିଆହୋଇ ରହିଛି। ମୁଁ କହିଲି, "ଭାଇ, ମା' ଆଜି କାହାକୁ ଦେଖା କରିବେ ନାହିଁ।" ସେ ସେମିତି ଠିଆହୋଇ ରହିଲା। ସେତିକିବେଳେ ଏପଟେ ସାକ୍ଷାତ୍କାର

କୋଠରିକୁ ଯିବା ପାଇଁ ମା' ନିଜ କୋଠରିରୁ ବାହାରି ଆସିଥା'ନ୍ତି। ମା' ସିଧା ଭାଇ ପାଖକୁ ଆଗେଇ ଆସିଲେ। ମୋତେ ଭୀଷଣ ଡର ଲାଗୁଥିଲା। ଭାବିଲି, ମା' ଆଜି ନିଶ୍ଚୟ ଭାଇକୁ ଗାଳିଦେବେ। କିନ୍ତୁ ଠିକ୍ ଓଲଟା କଥା! ଅତି ସ୍ନେହର ସହିତ ମା' ଭାଇକୁ ପଚାରିଲେ, "ତୁମେ କ'ଣ ଆଜି ଯାଉଛ?" ଭାଇ ତ ଖୁବ୍ ଖୁସି। ଉତ୍ସାହର ସହିତ କହିଲା, "ହଁ, ମା', ମୁଁ ଆଜି ଯିବି। ତୁମ ପାଖରୁ ଆଶୀର୍ବାଦ ନେବାକୁ ଆସିଛି।" ମା' କହିଲେ, "ପୁଣି କେବେ ଆସିବ?" ସେ କହିଲା, "ମା', ନଭେମ୍ବର ଦର୍ଶନ ପୂର୍ବରୁ ଫେରିଆସିବି।" ମୁଁ ତ ମା'ଙ୍କର ଏତେ ସ୍ନେହ ଓ ଏମିତି କଥାବାର୍ତ୍ତା ଶୁଣି ବିସ୍ମିତ। ସେ ପୁଣି ମା'ଙ୍କୁ କହିଲା, "ମା', ଜାଣିଛ, ପ୍ରୀତି ଭାବେ ଯେ ତୁମେ କେବଳ ତାକୁହିଁ ଭଲପାଅ।" ଏକଥା ଶୁଣି ମୁଁ ଅପ୍ରସ୍ତୁତ। ଆମ ଦୁଇ ଜଣଙ୍କ ଆଡ଼କୁ ମା' ହସହସ ମୁହଁରେ ଚାହିଁଥା'ନ୍ତି। ଭାଇଭଉଣୀଙ୍କ ଭିତରେ ଏମିତି ଚିଡ଼ା-ଚିଡ଼ି ତ ଲାଗି ରହିଥାଏ। ଭାଇ ଆଡ଼କୁ ଚାହିଁ ମା' କହିଲେ, "ମୋର ସନ୍ତାନ, ପୁଣି ଦେଖା ହେବ। ଏବେ ରହୁଛି।"

ଭାଇ କଲିକତା ଯିବା ପରେ ଟାଇଫଏଡ୍ ରୋଗରେ ଆକ୍ରାନ୍ତ ହେଲା। ପ୍ରତିଦିନ ଭାଇ ପାଖରୁ ଗୋଟିଏ କରି ଚିଠି ଆସୁଥିଲା। ବାପାଙ୍କୁ କଲିକତା ଯିବାକୁ ଅନୁରୋଧ କରି ସେ ଚିଠିଗୁଡ଼ିକ ଲେଖୁଥିଲା। କ୍ରମେ ସେ ଏତେ ଦୁର୍ବଳ ହୋଇଗଲା ଯେ ତା'ର ଅକ୍ଷର ଆଉ ପଢ଼ିହେଲା ନାହିଁ। ଶେଷ ଆଡ଼କୁ କେବଳ ଥରିବା ହାତରେ ଲେଖା ପୋଷ୍ଟକାର୍ଡ଼ ଭର୍ତ୍ତି ରେଖାଗୁଡ଼ିକହିଁ ଆସୁଥିଲା! ଆତ୍ମୀୟସ୍ୱଜନ ସମସ୍ତେ ବାପାଙ୍କୁ କଲିକତା ଯିବାକୁ ଅନୁରୋଧ କରି ଚିଠିସବୁ ଲେଖୁଥିଲେ। ଭାଇର ଅବସ୍ଥା ଖୁବ୍ ଖରାପ ଆଡ଼କୁ ଯାଉଥାଏ। ପ୍ରତିଦିନ ତା'ର ଅବସ୍ଥା ଜଣାଇ ଟେଲିଗ୍ରାମ ଆସୁଥାଏ। ସେଇ ଟେଲିଗ୍ରାମଗୁଡ଼ିକ ପଢ଼ି ମା'ଙ୍କୁ ଶୁଣାଇବା ପାଇଁ ମୁଁ ନଳିନୀଦା'ଙ୍କୁ ଦେଇଆସୁଥାଏ। ସବୁ ଶୁଣି ମା' ଚୁପ୍‌ହୋଇ ରହିଥା'ନ୍ତି। କଥା ଯେ କ'ଣ କିଛି ବୁଝିହେଉ ନ ଥାଏ। କିନ୍ତୁ ବାପାଙ୍କୁ କଲିକତା ଯିବାକୁ ମା' ମନା କଲେ। ଆତ୍ମୀୟସ୍ୱଜନ ସମସ୍ତେ ବାପାଙ୍କ ଉପରେ ବିରକ୍ତ। ସେମିତି ଅବସ୍ଥାରେ ଭାଇକୁ ପଣ୍ଡିଚେରୀ ନେଇଆସିବାକୁ ମା' କହିଲେ। ଏକଥା ଶୁଣି ସମସ୍ତେ ବିସ୍ମିତ। ଯାହାହେଉ, ଆମ ସାନ ପିଉସୀର ବଡ଼ପୁଅ କେତାଭାଇ, ମଝିଆଁ ମାଉସୀ ଓ ମଝିଆଁ ମାଇଁ ଅସୀମ ସାହସର ସହିତ ସୁଦୀର୍ଘ ପଥ ଅତିକ୍ରମ କରି ଭାଇକୁ ନେଇ ପଣ୍ଡିଚେରୀରେ ପହଁଞ୍ଚିଲେ। କେତାଭାଇ ଛଡ଼ା ଭାଇ ଗୋଟିଏ ମୁହୂର୍ତ୍ତ ମଧ୍ୟ ରହିପାରୁ ନ ଥିଲା। ପିଲାଟି ଦିନରୁ ଦୁଇ ଜଣଙ୍କ ମଧ୍ୟରେ ନିବିଡ଼ ବନ୍ଧୁତ୍ୱ ଥିଲା। ବନ୍ଧୁତ୍ୱ କଥା କହିଲେ ସତ୍ୟବ୍ରତ କଥା ମଧ୍ୟ ମନେପଡ଼େ। କେତାଭାଇ କଲିକତା ଫେରିଗଲା ପରେ ସତ୍ୟବ୍ରତ, ଭାଇକୁ ଖୁଆଇବା, ପୋଛାପୋଛି

କରିବା, ନାନାପ୍ରକାର କଥା କହି ତା'କୁ ଭୁଲାଇ ରଖିବା ଇତ୍ୟାଦି ସବୁକିଛି ହସହସ ମୁହଁରେ ଦିନ ପରେ ଦିନ କରୁଥିଲା। ଭାଇ କିନ୍ତୁ କୌଣସି ପ୍ରକାରେ ମା'ଙ୍କ ପାଖକୁ ଯିବାକୁ ଚାହୁଁ ନ ଥିଲା। ଅନେକ ଚେଷ୍ଟା କରି ମଧ୍ୟ ଭାଇକୁ କୌଣସି ପ୍ରକାରେ ରାଜି କରାଯାଇ ପାରିଲା ନାହିଁ। ମା' ସବୁ ଶୁଣି ଚୁପହୋଇ ରହିଲେ। କଥା କ'ଣ କିଛି ବୁଝି ହେଉ ନ ଥିଲା।

ସାରାଦିନ ଶୋଇ ଶୋଇ ଭାଇ ଗୀତ ଶୁଣୁଥିଲା। ସେ ନିଜେ ମଧ୍ୟ ଖୁବ୍ ଭଲ ଗାଇପାରୁଥିଲା। ଅପୂର୍ବ ଥିଲା ତା'ର କଣ୍ଠସ୍ୱର। ଆସିବା ସମୟରେ କଲିକତାରୁ କେତେଗୁଡ଼ିଏ ରେକର୍ଡ଼ ନେଇ ଆସିଥିଲା। ଗୋଟିଏ ରେକର୍ଡ଼ ତା'ର ଖୁବ୍ ପ୍ରିୟ ଥିଲା। ସେଇ ଗୀତଟିର ଦୁଇ ତିନୋଟି ଧାଡ଼ି ମନେପଡୁଛି:

''ଭବଖେଳା ମୋର ଏବେ ହୋଇଲା ଶେଷ,
ଜୀବନ ତରୀ ଭସାଇ ଦେବି ପରପାରିର ଦେଶ,
ଜୀର୍ଣ୍ଣ ଏଇ ବସନ ଛାଡ଼ି ପିନ୍ଧିବି ନୂଆ ବେଶ।''

ମନେହୁଏ ଭାଇ ବୁଝିପାରିଥିଲା ଯେ ଏଥର ତାକୁ ଯିବାକୁ ହେବ। ଗୀତଟି ଶୁଣୁ ଶୁଣୁ ସେ କେମିତି ଶାନ୍ତ ହୋଇଯାଉଥିଲା। ବାପା ଓ ଆମମାନଙ୍କ ପାଇଁ ଚରମ ପରୀକ୍ଷା ଆରମ୍ଭ ହେଲା। ପ୍ରତିଦିନ ସନ୍ଧ୍ୟାବେଳେ ଭାଇ ପାଇଁ ମା' କେତେଗୁଡ଼ିଏ ଜୁଇଫୁଲ ପଠାଉଥିଲେ। ମନୋଜ ଭାଇକୁ ଏଇ ଫୁଲ ଦେବାମାତ୍ରେ ସେ ତା'ର କଙ୍କାଳସାର ସେଇ ଦୁର୍ବଳ ଶରୀର ନେଇ ଅତିକଷ୍ଟରେ କାନ୍ଥକୁ ଆଉଜି ବସି ମା'ଙ୍କ ପାଇଁ ମାଳା ଗୁନ୍ଥିବାକୁ ବସୁଥିଲା। ସେଇ ମାଳାଟି ମନୋଜ ନେଇ ମା'ଙ୍କୁ ଦେଇ ଆସୁଥିଲା। ଏଇସବୁ କଷ୍ଟ ବାପା ଚୁପ୍‌ଚାପ ସହ୍ୟ କରୁଥିଲେ। ବାପାଙ୍କ ପ୍ରତିଦିନର ବ୍ୟବହାରରେ ଶ୍ରୀଅରବିନ୍ଦଙ୍କ ଉକ୍ତି, 'ସେ ପଥର ପରି ଦୃଢ଼' ଏହି କଥାର ପ୍ରମାଣ ମୁଁ ପାଇଛି। ସେହି ସ୍ନେହୀ ମଣିଷଟି ଯେମିତି ପଥର ପାଲଟି ଯାଇଥିଲେ। ଖୁବ୍ ଗମ୍ଭୀର ହୋଇ ରହୁଥିଲେ। ତା'ହେଲେ ସେ କ'ଣ କିଛି ଅନୁମାନ କରିପାରିଥିଲେ?

ଭାଇ ଯେଉଁ ଦିନ ଦେହ ଛାଡ଼ିଲା ସେଦିନ ବାପା ସ୍କୁଲକୁ ଦର୍ଶନଶାସ୍ତ୍ରର କ୍ଲାସ ନେବାକୁ ଯାଇଥା'ନ୍ତି। ତପତୀ ଯାଇ ଖବର ଦେବାମାତ୍ରେ ସେ ଧୀର ପଦକ୍ଷେପରେ ଘରକୁ ଫେରିଆସିଲେ, ଯେମିତି କିଛି ବି ହୋଇ ନାହିଁ। ଭାଇ କାନ୍ଥକୁ ଆଉଜି ଚକାମାଡ଼ି ବସିଥାଏ। ହାତ ଦୁଇଟି ନମସ୍କାର କରିବା ଭଙ୍ଗୀରେ ଥାଏ। ଯେମିତି ମହାଯୋଗୀଟିଏ। ଆଶ୍ଚର୍ଯ୍ୟର କଥା, ସେମିତି ଅବସ୍ଥାରେ ସେ ଶେଷ ନିଃଶ୍ୱାସ ଛାଡ଼ିଲା। ବାପା ଆସି ଭାଇକୁ କୁଣ୍ଢାଇ ପକାଇଲେ। କିଛି ସମୟ ପରେ ଅତି ଯତ୍ନର ସହିତ ତା'କୁ

ଶୁଆଇ ଦେଲେ । ଚାଦରଟିଏ ଦେଇ ତା' ଦେହକୁ ଘୋଡ଼ାଇ ଦେଲେ । ଭାଇର ମୁହଁକୁ ଚାହିଁ ଗୋଟିଏ ଚେୟାରରେ ସାରାଦିନ ସ୍ଥିର, ଶାନ୍ତ ହୋଇ ବସିରହିଲେ । ଆଖିରେ ବିନ୍ଦୁମାତ୍ର ଲୁହ ନାହିଁ 'ପଥର ପରି ଦୃଢ଼' ।

ମା' ମୋତେ କହିଥିଲେ, "ମୁଁ ତୁମ ବାପାଙ୍କୁ କଲିକତା ଯିବାକୁ ମନା କରିଥିଲି । ତା'ର ଏକ ବିଶେଷ କାରଣ ଥିଲା । ତୁମର ନିଶ୍ଚୟ ମନେଥିବ ଯେ ଯେଉଁ ଦିନ ସରୋଜ କଲିକତା ଗଲା, ସେଦିନ ମୁଁ ସାକ୍ଷାତ୍‌କାର କୋଠରିକୁ ଯିବା ବାଟରେ ଦେଖିଲି ସେ ମୋତେ ଅପେକ୍ଷା କରିଥିଲା । ମୁଁ ସିଧା ତା' ପାଖକୁ ଯାଇଥିଲି । କାରଣ ସରୋଜର ଆତ୍ମା ବାହାରି ଆସି ମୋତେ କହୁଥିଲା, 'ମା', ତୁମ ସାଥିରେ ଏହା ମୋର ଶେଷ ଦେଖା । ଏଇ ମରଦେହରେ ତୁମ ସାଥିରେ ମୋର ଆଉ ଦେଖା ହେବ ନାହିଁ ।' ମୁଁ ସରୋଜକୁ ଆଶୀର୍ବାଦ କରିଥିଲି ।"

ସେଇ ଦିନଟିର କଥା ମୋର ମନେପଡ଼ିଲା । ପ୍ଲେ-ଗ୍ରାଉଣ୍ଡରେ କେହି ନ ଥିଲେ । ପିଲାମାନଙ୍କ ଗ୍ରୁପ୍ ନେବାରେ ପ୍ରଣବ ବ୍ୟସ୍ତ ଥିଲା । ମା' ଭାଇ ସହିତ କଥା କହୁଥା'ନ୍ତି । ଦୂରରେ କେବଳ ମୁଁ ଠିଆହୋଇଥାଏ ।

ମା' ଆମମାନଙ୍କୁ କହିଥିଲେ, "ସରୋଜର ଆତ୍ମା ଖୁବ୍ ଉନ୍ନତ ଥିଲା, କିନ୍ତୁ ସେଇ ଅନୁପାତରେ ତା'ର ଶରୀର ଥିଲା ଦୁର୍ବଳ । ଭିତରେ ସେ ଥିଲା ଖୁବ୍ ପରିଣତ । ସେଇଥିପାଇଁ ଏଇ ବାହ୍ୟ ଜଗତର ସବୁକିଛି ତା'କୁ ଖେଳ ପରି ମନେହେଉଥିଲା । ସବୁକିଛିକୁ ସେ ସାଧାରଣ ଭାବରେ ଦେଖୁଥିଲା, ହାଲ୍‌କା ଭାବରେ ନେଉଥିଲା । କେବଳ ତା' ଆତ୍ମା ପାଇଁ କେତେ ବର୍ଷର ଅଭିଜ୍ଞତା ଦରକାର ଥିଲା । ସେଇ ଅଭିଜ୍ଞତା ସମ୍ପୂର୍ଣ୍ଣ ହେବା ପରେ ତା'ର ଆତ୍ମା ବିଦାୟ ନେଲା ।"

ମା'ଙ୍କ କଥା ଶୁଣି ବୁଝିପାରିଲି ଭାଇ କାହିଁକି ଶତ ଅନୁରୋଧ ସତ୍ତ୍ୱେ ମଧ୍ୟ ମା'ଙ୍କ ପାଖକୁ ଯିବାକୁ ଚାହୁଁ ନ ଥିଲା । କେବଳ କହୁଥିଲା, "ଏଇ କଙ୍କାଳସାର ଶରୀର ନେଇ ମା'ଙ୍କ ପାଖକୁ କେବେ ବି ଯିବିନି ।" ତା'ର ଆତ୍ମା ଯେ ମା'ଙ୍କ ପାଖରୁ ଆଗରୁ ବିଦାୟ ନେଇ ସାରିଥିଲା !

*

ବାପା ହୁଏତ ବୁଝିପାରିଥିଲେ ଯେ ତାଙ୍କ ଜୀବନ-ପ୍ରଦୀପ ଲିଭିଯିବାର ସମୟ ହୋଇଛି । ସବୁବେଳେ କେମିତି ଅନ୍ୟମନସ୍କ, ଉଦାସ ହୋଇ ରହୁଥିଲେ । ମୋତେ ପ୍ରାୟ କହୁଥିଲେ, "ସନ୍ଧ୍ୟାବେଳେ ଆଶ୍ରମକୁ ଯାଇ ବେଶ୍ କିଛି ସମୟ ବସିବୁ । ସମାଧିରେ ନିଶ୍ଚିତରୂପେ ପ୍ରଣାମ କରିବୁ । ସବୁ ସମୟରେ ଧ୍ୟାନ ନ କରି ପାରିଲେ ବି ମା'ଙ୍କୁ ଛୁଇଁ

ଯେଉଁ ପବନ ଆମ ଶରୀରରେ ଆସି ବାଜୁଛି, ତାହା ଆମ ପାଇଁ ଏକ ବିରାଟ ସୁଯୋଗ। ମା'ଙ୍କ ଆଶୀର୍ବାଦ ହେଉଛି ଭଗବତ୍ ପ୍ରସାଦ। ତେଣୁ ଆଶ୍ରମରେ ଯାଇ ବସିବୁ।'' ଏକଥା ଶୁଣି ମୁଁ ବିସ୍ମିତ। ଏମିତି ଭାବରେ ମୁଁ ତ କେବେ ଚିନ୍ତା କରି ନ ଥିଲି।

ଦେଖିଲି, କିଛିଦିନ ଧରି ବାପା ପ୍ଲେ-ଗ୍ରାଉଣ୍ଡରୁ ଫେରିଆସି ମେଡ଼ିଟେଶନ ହଲରେ ଧ୍ୟାନ କରିବାକୁ ବସୁଛନ୍ତି। ଏବେ ଯେଉଁ ଜାଗାରେ ଶ୍ରୀଅରବିନ୍ଦଙ୍କ ବ୍ରୋଞ୍ଜର ମୂର୍ତ୍ତିଟି ରହିଛି ସେଇ ଜାଗାରେ ବାପା ପ୍ରାୟ ବସୁଥିଲେ। ବାପାଙ୍କ ମୃତ୍ୟୁ ପରେ ସେଇ ଜାଗାଟି ଫାଙ୍କା ଫାଙ୍କା ଲାଗୁଥିଲା। ଦିନେ ସନ୍ଧ୍ୟାରେ ମୁଁ ମେଡ଼ିଟେଶନ ହଲରେ ବସିଥିଲି। ନଳିନୀଦା' ଉପରୁ ଓହ୍ଲାଇ ଆସିଲେ। ସେ ମୋତେ ଦେଖିପାରି ନ ଥିଲେ। ତାଙ୍କ କୋଠରିକୁ ଯିବା ସମୟରେ ସେଇ ଜାଗାଟିରେ ଆଖି ପଡ଼ିବାମାତ୍ରେ କହିଉଠିଲେ, ''ଜାଗାଟିକୁ ପୂରା ଶୂନ୍ୟ କରିଦେଇ ଗଲେ।'' ବାପାଙ୍କ ପ୍ରତି ନଳିନୀଦା'ଙ୍କର ଥିଲା ଗଭୀର ଭଲପାଇବା।

ମେଡ଼ିଟେଶନ ହଲରୁ ଆସି ସମାଧିରେ ମୁଣ୍ଡ ଲଗାଇ ବାପା ସେମିତି ବସିରହୁଥିଲେ ଆଉ ଉଠିବାର ନାଁ ଧରୁ ନ ଥିଲେ। ବାପାଙ୍କ ପାଇଁ ମୋର କେମିତି ଗୋଟିଏ ଚିନ୍ତା ହେଉଥିଲା। ମଝିରେ ମଝିରେ ତାଙ୍କୁ ସମାଧିରୁ ଡାକି ଉଠାଇ ଆଣିବାକୁ ପଡୁଥିଲା। ''ଅନେକ ରାତି ହେଲାଣି, ଘରକୁ ଯିବନି ?'' କହିବା ପରେ ଯାଇ ବାପା ଧୀର ଶାନ୍ତ ଭାବରେ ସମାଧିରୁ ଉଠି ଆସୁଥିଲେ। ଘରକୁ ଯିବା ବାଟରେ ନାନାପ୍ରକାର ଅଭିଜ୍ଞତାର କଥାସବୁ କହୁଥିଲେ।

ଘରେ ବାପା ମଝିରେ ମଝିରେ କହୁଥିଲେ, ''ଏଇ ଶରୀର ଏବେ ବୁଢ଼ା ହୋଇଯାଇଛି। ଏହାକୁ ଛାଡ଼ିଦେବାକୁ ହେବ।'' ସବୁବେଳେ କେମିତି ଏକ ଅନ୍ୟମନସ୍କ, ଉଦାସ ଭାବ। ତାଙ୍କର ଯେ ପ୍ରାୟ ଛାତିରେ ଯନ୍ତ୍ରଣା ହେଉଥିଲା ସେକଥା ସେ ଆମମାନଙ୍କୁ କେବେ ବି କହି ନ ଥିଲେ।

ସେଦିନ ଥିଲା ମେ ୨୧ ତାରିଖ। ଉପରଓଳି ମୁଁ ଟିକିଏ କାମରେ ବ୍ୟସ୍ତ ଥିଲି। ତପତୀ ହଠାତ୍ ଦୌଡ଼ିଆସି କହିଲା, ''ଦିଦି, ବାପା ଖୁବ୍ ଅସୁସ୍ଥ ହୋଇପଡ଼ିଛନ୍ତି।'' ତରତର ହୋଇ ବାପାଙ୍କ କୋଠରିକୁ ଯାଇ ଦେଖିଲି ସେ ଚଟାଣ ଉପରେ ବସିଛନ୍ତି। ଚେୟାର ଉପରେ ମା'ଙ୍କର ଫଟୋ ରହିଛି। ଦୁଇ ହାତରେ ଫଟୋଟିକୁ ଧରି ପ୍ରଣାମ କରିବା ଭଙ୍ଗୀରେ ନିଜ ମୁଣ୍ଡଟିକୁ ସେଇ ଫଟୋ ଉପରେ ରଖିଛନ୍ତି। ତାଙ୍କ ଶରୀର ହୋଇଯାଇଛି ପୂରାପୂରି ନୀଳବର୍ଣ୍ଣ। ଟପ୍‌ଟପ୍ ହୋଇ ଦେହରୁ ଝାଳ ବୋହିପଡୁଛି। ହାତ ଦେଇ ଦେଖିଲି ବାପାଙ୍କ ଦେହ ବରଫ ପରି ଥଣ୍ଡା। ଆଶ୍ରମକୁ ଦୌଡ଼ିଗଲି। କୁମୁଦକୁ କହିଲି, ''ମା'ଙ୍କୁ କୁହ ବାପା ଖୁବ୍ ଅସୁସ୍ଥ।'' କୁମୁଦ ମା'ଙ୍କୁ ଏକଥା କହିବା

ମାତ୍ରେ ସେ ବାପାଙ୍କୁ ଦେଖିବାକୁ ଡାଃ ସାନ୍ୟାଲଙ୍କୁ ପଠାଇଲେ। ମୁଁ ତିନି ତାଲାର ଶିଡ଼ିରେ ଠିଆହୋଇ ଅପେକ୍ଷା କରିଥିଲି। ସାନ୍ୟାଲଦା'ଙ୍କ ସହିତ ଘରକୁ ଆସି ଦେଖିଲି, ବାପା ବାରନ୍ଦାରେ ଖଟ ଉପରେ ହସହସ ମୁହଁରେ ବସିଛନ୍ତି। ଆଶ୍ଚର୍ଯ୍ୟର କଥା ! ସେ ସାନ୍ୟାଲଦା'ଙ୍କ ସହିତ ନାନାପ୍ରକାର ଥଟ୍ଟା ପରିହାସ ମଧ୍ୟ ଆରମ୍ଭ କରିଦେଲେ। ସାନ୍ୟାଲଦା' ନିଶ୍ଚିନ୍ତ ହୋଇ ଫେରିଗଲେ।

ବାପା କିନ୍ତୁ ଯେମିତି କିଛି ଚିନ୍ତା କରୁଥିଲେ। ଖୁବ୍ ଗମ୍ଭୀର। ଆମେ ବାପାଙ୍କ ପାଖରେ ବସିଥାଉ। କିଛି ସମୟ ପରେ ସେ କହିଲେ, "ଆଗାମୀକାଲି (ମେ ୨୨ ତାରିଖ) ମାନୁ (ଆରତି)ର ଜନ୍ମଦିନ। ମୁଁ ତା' ଜନ୍ମଦିନରେ ଯିବି ନାହିଁ। ତା'ର ଜନ୍ମଦିନ ଶେଷ ହେବା ପର୍ଯ୍ୟନ୍ତ ନିଶ୍ଚୟ ରହିବି।" ମନୋଜ ଆଡ଼କୁ ଚାହିଁ କହିଲେ, "ତୁମେ ଏଇ ଘରେ ନେବୁ (ତପତୀ) ସହିତ ରହିବ।" ଏମିତି ଭାବରେ ସେ କଥାଗୁଡ଼ିକ କହିଲେ ଯେ ଆମେ ଚମକି ଉଠିଲୁ। ମୁଁ ପଚାରିଲି, "ତୁମେ ଏମିତି କାହିଁକି କହୁଛ ? ଆମମାନଙ୍କୁ ଛାଡ଼ି ତୁମେ କୁଆଡ଼େ ଯିବ ?" ବାପା ଚୁପ୍‌ହୋଇ ରହିଲେ। ମନେହେଉଥିଲା ସେ ଯେମିତି କିଛି ଚିନ୍ତା କରୁଥିଲେ। କ୍ରମେ ରାତି ବଢ଼ିବା ସଙ୍ଗେ ସଙ୍ଗେ ତାଙ୍କ ଛାତିର ଯନ୍ତ୍ରଣା ବଢ଼ିବାକୁ ଲାଗିଲା। ସାନ୍ୟାଲଦା' ବାରଂବାର ଆସି ଇଞ୍ଜେକ୍ସନ୍ ଦେଇଯାଉଥା'ନ୍ତି। ପରଦିନ ଥିଲା ମେ ୨୨ ତାରିଖ। ଯନ୍ତ୍ରଣା ଟିକିଏ ବି କମି ନ ଥାଏ। ଏତେ ଯନ୍ତ୍ରଣା ଭିତରେ ମଧ୍ୟ ଆରତିର ଜନ୍ମଦିନ କଥା ମନେରଖିଥା'ନ୍ତି। ବାରଂବାର ପ୍ରଶ୍ନ କରୁଥା'ନ୍ତି, "ମାନୁ ମା'ଙ୍କ ପାଖରୁ ଏପର୍ଯ୍ୟନ୍ତ ଫେରିଆସିନି ?" କେମିତି ଗୋଟିଏ ଅସ୍ଥିର ଭାବ। ସେଦିନ ଉପରଓଳି ମା'ଙ୍କର ସବୁକାମ ଖୁବ୍ ଡେରିରେ ଶେଷ ହୋଇଥିଲା। ଆରତି ଘରକୁ ଫେରିବା ବେଳକୁ ପ୍ରାୟ ସନ୍ଧ୍ୟା ଛଅଟା। ତାକୁ ଦେଖିବା ମାତ୍ରେ ବାପା ପୂରା ସୁସ୍ଥ ହୋଇଉଠିଲେ, ଚେୟାରରେ ଆସି ବସିଲେ। "ପାଖକୁ ଆସ ମାନୁ", କହି ଆରତିକୁ କୁଣ୍ଢାଇ ପକାଇଲେ। ଜନ୍ମଦିନ ସମ୍ବନ୍ଧରେ ଟିକିନିଖି ସବୁକଥା ପଚାରିଲେ। ମା'ଙ୍କ କଥା ବାରଂବାର ପଚାରିଲେ।

ତା'ପରେ ବିଛଣାରେ ଶୋଇ ସେ ପାଲଟିଗଲେ ଏକ ଭିନ୍ନ ମଣିଷ; ଯନ୍ତ୍ରଣା ବଢ଼ିଗଲା। ଅସହ୍ୟ ଯନ୍ତ୍ରଣା। ଆଖିରେ ଦେଖିହେଉ ନ ଥାଏ। ସେ ଯେମିତି ମା'ଙ୍କ ପାଖରୁ ଆରତିର ଫେରିଆସିବାକୁ ଅପେକ୍ଷା କରିଥିଲେ। ମୃତ୍ୟୁ ସହିତ ଯୁଦ୍ଧ ଚଳାଇ ଚାଲିଥିଲେ। ଛାତିର ଯନ୍ତ୍ରଣା ବଢ଼ି ଚାଲିଥିଲା। ଇସାରା କରି ସେ କିଛି କାଗଜ ଚାହିଁଲେ। ପାଟି ଦେଇ ରକ୍ତ ବାହାରି ଆସୁଥାଏ। ଆମେ ବୁଝି ନ ପାରିବା ପରି ସେଇ ରକ୍ତ କାଗଜରେ ପୋଛି ଗୋଟିଏ ପାତ୍ରରେ ଜମା କରି ରଖୁଥା'ନ୍ତି। ଆମମାନଙ୍କ ଆଡ଼କୁ ଚାହୁଁ ନ ଥା'ନ୍ତି। ଆଶ୍ଚର୍ଯ୍ୟ ! ଗଭୀର ରାତି। ଇସାରା କରି ଆମ ଭାଇଭଉଣୀମାନଙ୍କୁ

ଶୋଇବାକୁ କହିଲେ। ଆଲୁଅ ଲିଭାଇଦେଇ ବାପାଙ୍କ ପିଠିରେ ହାତ ବୁଲାଇଦେବାକୁ ଲାଗିଲି। ମା'ଙ୍କୁ ଡାକୁ ଡାକୁ ଆପଣାଛାଏଁ ଆଖିରୁ ଲୁହ ବୋହିଯାଉଥାଏ। ହଠାତ୍ ବାପା ଜୋର୍‌ରେ କହିଉଠିଲେ, "ରୋଗୀ ପାଖରେ ଶାନ୍ତ ହୋଇ ବସିବାକୁ ହୁଏ। ପରିବେଶ ଖରାପ କର ନାହିଁ।" ମୁଁ ତ ଜୋର୍‌ରେ କାନ୍ଦୁ ନ ଥିଲି। ବାପା ଜାଣିଲେ କେମିତି ! ମେ ୨୨ ତାରିଖ ଶେଷ ରାତି ଆଡ଼କୁ ବାପାଙ୍କ ଅବସ୍ଥା ଖୁବ୍ ଖରାପ ହୋଇ ଆସିଲା। ମେ ୨୩ ତାରିଖ ଭୋର ସମୟରେ ମନୋଜ ଆଶ୍ରମକୁ ଯାଇ ବାପାଙ୍କ ଅବସ୍ଥା ବିଷୟରେ ମା'ଙ୍କୁ ଜଣାଇବାରୁ ସେ କହିଲେ, "ତୁମ ବାପାଙ୍କୁ କହିବ, ଯଦି ସେ ଏଇ ଶରୀରରେ ବଞ୍ଚିରହିବାକୁ ଚାହାନ୍ତି, ତା'ହେଲେ ତାଙ୍କୁ ଯନ୍ତ୍ରଣା ସହ୍ୟ କରିବାକୁ ହେବ।" ବାପାଙ୍କ ପାଇଁ ମନୋଜ ହାତରେ ମା' ଆଶୀର୍ବାଦ ପଠାଇଥିଲେ। ଘରକୁ ଫେରିଆସି ମା' ଯାହାସବୁ କହିଥିଲେ ମନୋଜ ସବୁ ବାପାଙ୍କୁ କହିଲା, ମା'ଙ୍କ ଆଶୀର୍ବାଦ ବାପାଙ୍କ କପାଳରେ ଛୁଆଁଇ ତାଙ୍କ ଛାତି ଉପରେ ରଖିଲା। ବାପାଙ୍କ ମୁହଁରେ ଗୋଟିଏ ବିଚିତ୍ର ରହସ୍ୟମୟ ହସ ଫୁଟିଉଠିଲା। ତା'ପରେ ହଠାତ୍ ଯନ୍ତ୍ରଣା ଆହୁରି ବଢ଼ିଗଲା। ମନୋଜ ବାପାଙ୍କୁ କୁଣ୍ଢାଇ ଧରିଥାଏ। ବାପା ଶେଷ ନିଶ୍ୱାସ ଛାଡ଼ିଲେ। ମା'ଙ୍କ ଫଟୋ ଓ ଆଶୀର୍ବାଦ ସେମିତି ତା'ଙ୍କ ଛାତି ଉପରେ ରହିଥାଏ।

ବାପାଙ୍କୁ ଚାହିଁ ଆମେ ଚୁପ୍‌ହୋଇ ବସିଥାଉ। କ'ଣ ଯେ ଘଟିଗଲା କିଛି ବୁଝିହେଉ ନ ଥାଏ। ବାପାଙ୍କ ମୃତ୍ୟୁ ଖବର ଆଶ୍ରମରେ ବ୍ୟାପି ଯାଇଥାଏ। ରଞ୍ଜୁଦା' ଆସି କହିଲେ, "ମା' ତୁମମାନଙ୍କ ପାଇଁ ଅପେକ୍ଷା କରିଛନ୍ତି। ବାପା (ନଳିନୀଦା') ଏବେ ତୁମମାନଙ୍କୁ ଆଶ୍ରମକୁ ଯିବାକୁ କହିଛନ୍ତି। ବାପାଙ୍କ ରୁମ୍ ପାଖରେ ଯେଉଁ ଗେଟ୍ ରହିଛି ସେ ସେଇଠି ତୁମମାନଙ୍କ ପାଇଁ ଅପେକ୍ଷା କରିଛନ୍ତି। ଶୀଘ୍ର ଆସ।" ଆମେ ଅବାକ୍ ହୋଇ ଚାହିଁ ରହିଥାଉ। ଭାବୁଥାଉ, ବାପାଙ୍କୁ ଏମିତି ଅବସ୍ଥାରେ ଛାଡ଼ି ଆମେ ଯିବୁ କେମିତି ?

ରଞ୍ଜୁଦା' ଏକଥା ବୁଝିପାରିଲେ। ସେ କହିଲେ, "ତୁମେମାନେ ଚିନ୍ତା କର ନାହିଁ। ଆମେ ଏଠାରେ ଅଛୁ।" ବାହାର ବାରନ୍ଦା ଓ ଅଗଣାକୁ ଆସି ଦେଖିଲି ବହୁ ଆଶ୍ରମବାସୀ ଶାନ୍ତ ଭାବରେ ଠିଆହୋଇ ରହିଛନ୍ତି। ଆମେ ଆଶ୍ରମକୁ ଗଲୁ। ସତରେ ନଳିନୀଦା' ଆମମାନଙ୍କ ପାଇଁ ଅପେକ୍ଷା କରି ରହିଥିଲେ। ଆମକୁ ଚାହିଁ ସ୍ନେହଭରା କଣ୍ଠରେ କହିଲେ, "ଉପରକୁ ଯାଅ। ଉପର ମହଲାର ମେଡ଼ିଟେଶନ ହଲରେ ମା' ତୁମମାନଙ୍କୁ ଅପେକ୍ଷା କରିଛନ୍ତି।" ଉପରକୁ ଯାଇ ଦେଖିଲୁ, ଦର୍ଶନ ଦିନ ଓ ଡିସେମ୍ବର ୫ ତାରିଖ ଦିନ ମା' ଯେଉଁ ଚେୟାରରେ ବସୁଥିଲେ, ସେଇ ଚେୟାରରେ ବସିଛନ୍ତି। ଏବେ ବି ଚେୟାରଟି ସେଇ ଜାଗାରେ ରଖାଯାଇଛି। ଆମେ ସବୁ ଦର୍ଶନ

ଦିନଗୁଡ଼ିକରେ ଓ ଡିସେମ୍ବର ୫ ତାରିଖରେ ମା'ଙ୍କର ସେଇ ଚେୟାର ଛୁଇଁ ପ୍ରଣାମ କରୁ। ଡିସେମ୍ବର ୫ ତାରିଖ ସକାଳ ଦଶଟାରୁ ସାଢ଼େ ଦଶଟା ପର୍ଯ୍ୟନ୍ତ ଏଇ ଚେୟାର ସାମନାରେ ବସି ସମସ୍ତେ ଧ୍ୟାନ କରୁ।

ଆମେ ମା'ଙ୍କ ସାମନାରେ ଯାଇ ବସିଲୁ। ଆମମାନଙ୍କୁ ଚାହିଁ ମା' କହିଲେ, "ତୁମ ବାପାଙ୍କ ବିଛଣା ପାଖରେ ଯାଇ ଏବେ ବସିବ ଏବଂ ପୂରା ଘଣ୍ଟାଟିଏ ଧ୍ୟାନ କରିବ।" ମୋ ଆଡ଼କୁ ଚାହିଁ କହିଲେ, "କାନ୍ଦିବ ନାହିଁ।" ତା'ପରେ ପୁଣି କହିଲେ, "ନିଶ୍ଚୟ ପୂରା ଘଣ୍ଟାଟିଏ ଧ୍ୟାନ କରିବ। ଫୁଲ ପାଇଁ ଚିନ୍ତା କରିବ ନାହିଁ। ନଳିନୀ, ଅମୃତ ଓ ପବିତ୍ର ହାତରେ ଫୁଲ ପଠାଇଦେବି। ସେମାନେ ମଧ୍ୟ ତୁମ ସାଥିରେ ଧ୍ୟାନ କରିବେ। ଯେଉଁମାନେ ସେଠାରେ ଅଛନ୍ତି ସେମାନେ ମଧ୍ୟ ଧ୍ୟାନ କରିବେ।" ଆମେ ମା'ଙ୍କୁ ପ୍ରଣାମ କରି ଫେରିଆସି ବାପାଙ୍କ ବିଛଣା ପାଖରେ ବସିଲୁ। ଧ୍ୟାନ ଆରମ୍ଭ ହେଲା। କିନ୍ତୁ ଏ କ'ଣ ! ମୁଁ କେବଳ ବାପାଙ୍କୁହିଁ ଦେଖୁଥିଲି। ହସହସ ସେଇ ଉଜ୍ଜ୍ୱଳ ଚେହେରା, ଦେହରେ ଈଷତ୍ ପୀତବର୍ଣ୍ଣର ରେଶମୀ ପଞ୍ଜାବୀ, ବିଶେଷ କିଛି ଉତ୍ସବକୁ ଯିବାବେଳେ ବାପା ଯେମିତି ପିନ୍ଧୁଥିଲେ ସେମିତି। କାନ୍ଧରେ ରେଶମୀ ଚାଦର, ଝଲମଲ ସୁନ୍ଦର ଚେହେରା। ନିଜ ଶରୀରର ଟିକିଏ ଉପରେ ବାପା ଯେମିତି ବସିଥିଲେ ଆଉ ଆମ ସମସ୍ତଙ୍କ ନାଁ ଧରି ଡାକୁଥିଲେ। ଧୀରେ ଧୀରେ ବାପା ଉପରକୁ ଉଠି ଚାଲିଲେ। ଅପୂର୍ବ ତାଙ୍କ ଚେହେରା। ମୋର ଆଉ ଧ୍ୟାନ ହେଲା ନାହିଁ। କେବଳ ପ୍ରାଣ ଭରି ବାପାଙ୍କୁ ଦେଖୁଥାଏ।

ଧ୍ୟାନ ପରେ ମିନୁ ମୋତେ କହିଲା, "ମୁଁ ସମାଧିରେ ପ୍ରଣାମ କରୁଥିଲି, ଦେଖିଲି ସାରା ସମାଧି 'ସେବା' (service) ଫୁଲ ଦେଇ ଢଙ୍କା ହୋଇଛି। ଫୁଲଗୁଡ଼ିକ ମଉସାଙ୍କ ଶରୀରର ଆକାର ନେଇ କ୍ରମେ ଉପରକୁ ଉଠିଯିବାକୁ ଲାଗିଲା। ଏଇ ଅଲୌକିକ ଦର୍ଶନ ଶେଷ ହେବା ସଙ୍ଗେ ସଙ୍ଗେ ମୁଁ ଦୌଡ଼ି ଚାଲିଆସିଲି। ଆସି ଦେଖିଲି, ମଉସା ଦେହ ଛାଡ଼ିଛନ୍ତି !" ମେ ୨୪ ତାରିଖ, ବାପାଙ୍କ ମୃତ୍ୟୁର ପରଦିନ ଆମେ ପୁଣିଥରେ ମା'ଙ୍କ ପାଖକୁ ଗଲୁ। ଉପରର ମେଡ଼ିଟେଶନ ହଲରେ ଥିବା ଚେୟାରରେ ବସି ମା' ଆମକୁ ଅପେକ୍ଷା କରିଥିଲେ। ଆମେ ମା'ଙ୍କୁ ଘେରି ବସିବା ମାତ୍ରେ ସେ ମୃତ୍ୟୁ ସମ୍ବନ୍ଧରେ ନାନା କଥା ଆମକୁ କହିଲେ। ନିଜ ହାତଟିକୁ ବାରଂବାର ସ୍ପର୍ଶ କରି କହୁଥା'ନ୍ତି, "ଏଇ ଦେହ କିଛି ନୁହେଁ। ଶାଢ଼ୀଟିଏ ପୁରୁଣା ହୋଇଗଲେ ଯେମିତି ସେଇ ଶାଢ଼ୀ ବଦଳରେ ଆମେ ଆଉ ଗୋଟିଏ ନୂଆ ଶାଢ଼ୀ ପିନ୍ଧୁ, ସେମିତି ଦେହ ଯେତେବେଳେ ବାର୍ଦ୍ଧକ୍ୟ ଓ ଜରାଗ୍ରସ୍ତ ହୁଏ ଆମେ ଏଇ ଦେହ ଛାଡ଼ିଦେଇ ନୂଆ ଦେହ ଧାରଣ କରୁ। ଏହା ଗୋଟିଏ ଘରୁ ଆଉ ଗୋଟିଏ ଘରକୁ ପ୍ରବେଶ କରିବା

ପରି।'' ଏଇ କଥା କହୁ କହୁ ହଠାତ୍ ମା' କହିଉଠିଲେ, ''ସେଠାରେ, ସେଇ କୋଣରେ, ଦର୍ଶନ କୋଠରି ପାଖରେ ତୁମ ବାପା ହସହସ ମୁହଁରେ ଠିଆହୋଇଛନ୍ତି। ତୁମମାନଙ୍କୁ କହୁଛନ୍ତି, 'ମୁଁ ଖୁବ୍ ଖୁସିରେ ଅଛି। ଏପାରିକୁ ଆସିବା କିଛି କଠିନ ନୁହେଁ। ଖୁବ୍ ସହଜ। ମୁଁ ଖୁବ୍ ଖୁସିରେ ଅଛି'।'' ଆମେ ପଛକୁ ଫେରି ସେଇ କୋଣକୁ ଚାହିଁଲୁ କିନ୍ତୁ ବାପାଙ୍କୁ ଦେଖି ପାରିଲୁ ନାହିଁ।

ବାପା ଚାଲିଗଲା ପରେ ମା' ଯେ କାହିଁକି ଆମମାନଙ୍କୁ ଘଣ୍ଟାଟିଏ ଧ୍ୟାନ କରିବାକୁ କହିଥିଲେ, ଏଇ କଥାଟି ନେଇ ମୋର କେମିତି ଗୋଟିଏ ଅଶାନ୍ତି ହେଉଥିଲା। ମନରେ ଆସୁଥିଲା, ମୃତ୍ୟୁ ପରେ କୌଣସି ଅଘଟଣ ଘଟିଥିଲା କି ? ତେଣୁ ମା'ଙ୍କୁ ପଚାରିଲି, ''ମା', ବାପା ଦେହ ଛାଡ଼ିବା ସଙ୍ଗେ ସଙ୍ଗେ ତୁମେ କାହିଁକି ଆମମାନଙ୍କୁ ଡାକି ପଠାଇଥିଲ, କାହିଁକି ଘଣ୍ଟାଟିଏ ଧ୍ୟାନ କରିବାକୁ କହିଥିଲ ?''

ମା' କହିଲେ, ''ତୁମ ବାପାଙ୍କ ବିଛଣା ପାଖରେ ବସି ତୁମମାନଙ୍କୁ ଧ୍ୟାନ କରିବାକୁ କହିଥିଲି। କାରଣ ମୁଁ ସେଇ ସମୟରେ ତାଙ୍କ ପାଇଁ ଶ୍ରାଦ୍ଧ କରୁଥିଲି।''

ମା' ବୁଝିପାରିଥିଲେ ଯେ ତାଙ୍କ କଥା ଶୁଣି ମୁଁ ସେମିତି ସାନ୍ତ୍ୱନା ପାଇ ନାହିଁ। ବାପାଙ୍କ ପାଇଁ ତଥାପି ମୋର ଦୁଶ୍ଚିନ୍ତା ରହିଛି। ସେ ହଠାତ୍ ମୋତେ ପଚାରିଲେ, ''ଧ୍ୟାନ ସମୟରେ ତୁମେ କ'ଣ କିଛି ଦେଖି ନାହଁ?''

ମୁଁ କହିଲି, ''ଦେଖିଲି, ବାପା ତାଙ୍କ ଶରୀରର ଟିକିଏ ଉପରେ ବସିଥିଲେ। ହସହସ ଉଜ୍ଜ୍ୱଳ ଚେହେରା। ସେ ଆମ ସମସ୍ତଙ୍କ ନାଁ ଧରି ଡାକୁଥିଲେ। କ୍ରମେ ଉପରକୁ ଉଠିଯିବାକୁ ଲାଗିଲେ।''

ମା' କହିଲେ, ''ଠିକ୍ ଦେଖିଛ। ମୃତ୍ୟୁ ପରେ ତାଙ୍କ ସମଗ୍ର ସତ୍ତା ଉପରକୁ ଉଠିଯାଇଥିଲା, କିନ୍ତୁ ପିତୃସ୍ନେହ ତାଙ୍କୁ ସୂତାର ଖିଅ ପରି ଅଟକାଇ ରଖିଥିଲା — ମୋ ପିଲାମାନଙ୍କର କ'ଣ ହେବ? ମୁଁ ନ ଥିଲେ ସେମାନେ କେମିତି ରହିବେ? ଏଇ ଦୁଶ୍ଚିନ୍ତା ତାଙ୍କୁ ଅଟକାଇ ରଖିଥିଲା। ମୁଁ ଶ୍ରାଦ୍ଧ କରି ତାଙ୍କୁ ପିତୃସ୍ନେହର ସେଇ ବନ୍ଧନରୁ ମୁକ୍ତି ଦେବାର ବ୍ୟବସ୍ଥା କଲି। ତୁମ ବାପା ଆଉ ମଣିଷ ଭାବରେ ଜନ୍ମଗ୍ରହଣ କରିବେ ନାହିଁ। ଅତିମାନସିକ ସତ୍ତା ଭାବରେ ସିଧା ପୃଥିବୀକୁ ଓହ୍ଲାଇଆସିବେ।''

ବାପା ଅତିମାନସିକ ସତ୍ତା ଭାବରେ ପୃଥିବୀକୁ ଆସିବେ ଶୁଣି ଆମେ ଉଲ୍ଲସିତ ହୋଇଉଠିଲୁ। ଆମର ସେଇ ଆନନ୍ଦର ଧ୍ୱନି ଶୁଣି ଚମ୍ପକଲାଲ ଆସି କବାଟ ପାଖରେ ଠିଆହେଲେ। ତାଙ୍କ ମୁହଁରେ ବି ହସ।

ବାପାଙ୍କ ମୃତ୍ୟୁ ପରେ ମିନୁର ଯେଉଁ ସୂକ୍ଷ୍ମଦର୍ଶନ (vision) ହୋଇଥିଲା, ସେକଥା ମୁଁ ମା'ଙ୍କୁ କହିଲି। ସବୁ ଶୁଣି ମା' କହିଲେ, ''ମିନୁ ଠିକ୍ ଦେଖିଛି। ତୁମ ବାପା

ତାଙ୍କ ସମଗ୍ର ଜୀବନ ସମର୍ପଣର ମନୋଭାବ ନେଇ ଶ୍ରୀଅରବିନ୍ଦଙ୍କ ସେବାରେ କଟାଇଛନ୍ତି। ତାଙ୍କ ସତ୍ତାର ପ୍ରତିଟି ଅଂଶ, ଚୈତ୍ୟସତ୍ତାକୁ କେନ୍ଦ୍ର କରି ଗଠିତ ହୋଇଥିଲା। ଖୁବ୍ ସଚେତନ ମଣିଷଟିଏ ଥିଲେ। ତାଙ୍କୁ ଆଜି ସିଧା ଉପରକୁ ଉଠିଯିବାର ଦେଖିଲି। ତାଙ୍କ ସତ୍ତାର ପ୍ରତିଟି ଅଂଶକୁ ଏକତ୍ରିତ କରି ଯେଉଁଠାରେ ଶ୍ରୀଅରବିନ୍ଦ ଅଛନ୍ତି ସେଠାକୁ ସେ ଚାଲିଗଲେ।''

ସତ୍‌ପ୍ରେମଙ୍କୁ ମା' ମୃତ୍ୟୁ ସମ୍ବନ୍ଧରେ ଅନେକ କଥା କହିଛନ୍ତି। କଥା ପ୍ରସଙ୍ଗରେ ବାପାଙ୍କ ମୃତ୍ୟୁ ସମୟର ଘଟଣା ମଧ୍ୟ ସେ ସତ୍‌ପ୍ରେମଙ୍କ ପାଖରେ ବର୍ଣ୍ଣନା କରିଛନ୍ତି। ସେସବୁ ଏଠାରେ ଲେଖୁଛି। ମଣିଷ ସଚେତନ ଭାବରେ ଜୀବନ ଅତିବାହିତ କଲେ ତା' ଆତ୍ମାର ସଦ୍‌ଗତି ହୁଏ। ବାପାଙ୍କ ଜୀବନ ଅନୁଶୀଳନ କଲେ ଏହାର ପ୍ରମାଣ ମିଳେ।

ମା' କହିଛନ୍ତି: ''ଉଦାହରଣ ଭାବେ 'ନ'ଙ୍କୁ ଦେଖ। ଶ୍ରୀଅରବିନ୍ଦଙ୍କ ସେବା କରିବା ପାଇଁ ସେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ମୋ ଫଟୋକୁ ଛାତିରେ ଜାବୁଡ଼ି ଧରି ଶରୀର ଛାଡ଼ିଲେ। ସେ ଥିଲେ ଜଣେ ଉତ୍ସର୍ଗୀକୃତ ଖୁବ୍ ସଚେତନ ମଣିଷଟିଏ। ତାଙ୍କର ସମସ୍ତ ସତ୍ତା ଚୈତ୍ୟସତ୍ତାକୁ କେନ୍ଦ୍ର କରି ସଂଗଠିତ ହୋଇଉଠିଥିଲା। ସେ ଶରୀର ଛାଡ଼ିବା ଦିନ ଛୋଟଝିଅ 'ମ' ସମାଧି ପାଖରେ ଧ୍ୟାନ କଲାବେଳେ ତା'ର ଗୋଟିଏ ସୂକ୍ଷ୍ମଦର୍ଶନ ହୋଇଥିଲା। ସେ ଦେଖିଥିଲା ସମାଧି ପାଖରେ ଥିବା ସେବାବୃକ୍ଷର ଫୁଲସବୁ ଏକାଠି ହୋଇ ଗୋଟିଏ ଫୁଲତୋଡ଼ାର ଆକାର ଧାରଣ କରି ଉପରକୁ ଉଠିବାକୁ ଲାଗିଲା। ତା'ର ସୂକ୍ଷ୍ମଦର୍ଶନରେ ସେଇ ଫୁଲଗୁଡ଼ିକ ସହିତ 'ନ'ଙ୍କ ଚେହେରାର ସାଦୃଶ୍ୟ ଥିଲା। ତା'ପରେ 'ମ' 'ନ'ଙ୍କ ଘରକୁ ଦୌଡ଼ିଯାଇ ଦେଖିଲା ଯେ ସେ ଶରୀର ଛାଡ଼ିଛନ୍ତି।

''ମୁଁ ଏହି ସୂକ୍ଷ୍ମଦର୍ଶନ ସମ୍ବନ୍ଧରେ ଅବଶ୍ୟ ପରେ ଜାଣିଲି। କିନ୍ତୁ ସେ ଶରୀର ଛାଡ଼ିବାବେଳେ ମୁଁ ଦେଖିଥିଲି, ତାଙ୍କ ସମଗ୍ର ସତ୍ତା ଗୋଟିଏ ବିରାଟ ଆସ୍ପୃହାକୁ ନେଇ ଏକତ୍ରିତ ହେଲା ଓ ବେଶ୍ ସୁନ୍ଦର ଭାବରେ ସଜାଡ଼ି ହୋଇ, କିଛିହେଲେ ବିଚ୍ୟୁତ ବା ବିକ୍ଷିପ୍ତ ନ ହୋଇ ସିଧା ଉପରକୁ ସେଠାକୁ ଉଠିଗଲା ଯାହାକୁ ଶ୍ରୀଅରବିନ୍ଦ 'ଊର୍ଦ୍ଧ୍ୱ ଗୋଲାର୍ଦ୍ଧର ଜଗତ' କୁହନ୍ତି। ଯେଉଁଠାରୁ ଶ୍ରୀଅରବିନ୍ଦ ପୃଥିବୀ ଉପରେ ତାଙ୍କ ଅତିମାନସିକ କର୍ମର ପ୍ରତିନିଧିତ୍ୱ କରନ୍ତି ସେଇ ଆଲୋକରେ ସେ ଏକାକାର ହୋଇଗଲେ।

''ହୃଦ୍-ଯନ୍ତଣା ଆରମ୍ଭ ହେବାର କିଛି ସମୟ ପୂର୍ବରୁ ସେ ତାଙ୍କ ପିଲାମାନଙ୍କୁ କହିଥିଲେ, 'ଏଇ ପୋଷାକଟି ପୁରୁଣା ହୋଇଗଲାଣି, ତାକୁ ଫୋପାଡ଼ି ଦେବାକୁ ହେବ'।''

# ଖେଳ ଓ ପ୍ଲେ-ଗ୍ରାଉଣ୍ଡ ସମ୍ପର୍କରେ

ଶାରୀରିକ ଶିକ୍ଷା ପ୍ରଥମେ ଦଳେ ଛୋଟ ପିଲାଙ୍କୁ ନେଇ ଆରମ୍ଭ ହୋଇଥିଲା। ଆଶ୍ରମରେ ପ୍ରଥମରୁ ଖେଳ କସରତ ପ୍ରତିଯୋଗିତା ପାଇଁ କୌଣସି ବ୍ୟବସ୍ଥା ନ ଥିଲା। ମନା, ମନୋଜ, ହରିତ୍, କିଟ୍ଟୁ, ଗାମା, ସୁମନ୍ତ ଓ ଆହୁରି ଅନେକ ପିଲା ଏଠିସେଠି ଖେଳୁଥିଲେ। ନିର୍ମଳ ଭାଇ ଓ ଶାନ୍ତିଭାଇ ଏଇ ପିଲାମାନଙ୍କୁ ନେଇ ଗୋଟିଏ ଦଳ ଗଢ଼ି ଖେଳାଖେଳିର ବ୍ୟବସ୍ଥା କରିଥିଲେ। ସେମାନେହିଁ ଥିଲେ ଏଇ ପିଲାମାନଙ୍କର କ୍ୟାପ୍‌ଟେନ୍।

ଏବେ ଯେଉଁ ଶାରୀରିକ ଶିକ୍ଷା ବ୍ୟବସ୍ଥା ଚାଲିଛି ତାହା ୧୯୪୫ ମସିହାରେ ପ୍ରଣବ ଏଠାକୁ ଆସିବା ପରେ ଆରମ୍ଭ ହେଲା। କ୍ରମେ ଅନ୍ୟାନ୍ୟ ଗ୍ରୁପସବୁ ଗଢ଼ାହେଲା ଏବଂ ୧୯୪୯ ମସିହାରେ J. S. A. S. A.ର ସୃଷ୍ଟି ହେଲା। ସେହି ବର୍ଷ ପ୍ରଥମ ବୁଲେଟିନ୍ ଆଶ୍ରମ ପ୍ରେସ୍‌ରେ ଛପା ହେଲା। ଚିତ୍ରା, ସୁଜାତା, ସୁପ୍ରଭା, ତପତୀ ଓ ମୁଁ ଖୁବ୍ ଉତ୍ସାହର ସହିତ ମନୋଟାଇପ୍‌ରେ ବୁଲେଟିନ୍ ଟାଇପ୍ କରୁଥିଲୁ। ଶ୍ରୀଅରବିନ୍ଦଙ୍କୁ ବୁଲେଟିନ୍ ପାଇଁ କିଛି ଲେଖା ଦେବାକୁ ଶ୍ରୀମା ଅନୁରୋଧ କରିଥିଲେ। ଶ୍ରୀଅରବିନ୍ଦଙ୍କ ଲେଖା କ୍ରମାଗତ ଭାବେ ପ୍ରଥମେ ବୁଲେଟିନ୍‌ରେହିଁ ବାହାରିବାକୁ ଲାଗିଲା। ଆଶ୍ରମରେ କି ଉତ୍ତେଜନା! ଏଇ ସଂଖ୍ୟାର ବୁଲେଟିନ୍‌ରେ ଶ୍ରୀଅରବିନ୍ଦ କ'ଣ ଲେଖିବେ -- ଏଥିନେଇ ନାନା ପ୍ରକାର କଳ୍ପନା ଜଳ୍ପନା ଚାଲୁଥିଲା। ଆମେ, ଯେଉଁମାନେ ପ୍ରେସ୍‌ରେ କାମ କରୁଥିଲୁ, ଆମର ତ ମହାଭାଗ୍ୟ। ବହି ଛପା ହୋଇ ବାହାରିବା ପୂର୍ବରୁ ଆମର ବହୁବାର ପଢ଼ା ହୋଇଯାଉଥିଲା।

ବହୁବର୍ଷ ପରେ ଥରେ ମା' ଟିକିଏ ଅଭିମାନ କରି କହିଥିଲେ, ''ଆଶ୍ରମରେ ତୁମେମାନେ କେହି ବୁଲେଟିନ୍ ପଢ଼ ନାହିଁ। ମୋର ସନ୍ତାନମାନେ, ଯେଉଁମାନେ ବାହାରେ ରହନ୍ତି, ସେମାନେ ଅଧୀର ଭାବରେ ଅପେକ୍ଷା କରିଥା'ନ୍ତି, କେବେ ସେମାନଙ୍କୁ ବୁଲେଟିନ୍ ମିଳିବ।''

ମୁଁ ସିଧା ମା'ଙ୍କୁ ପ୍ରଶ୍ନ କଲି, ''ତୁମକୁ କିଏ କହିଛି ଯେ ଆଶ୍ରମର ଲୋକମାନେ ବୁଲେଟିନ୍ ପଢ଼ନ୍ତି ନାହିଁ? ଠିକ୍ ଅଛି, ଯେକୌଣସି ପୃଷ୍ଠାରୁ ପ୍ରଶ୍ନ ପଚାର ଆଉ ଦେଖ, ମୁଁ ତାର ଉତ୍ତର ଦେଇ ପାରୁଛି କି ନାହିଁ।''

ମା' ଆଉ କ'ଣ କରିବେ, ଚୁପ୍‌ହୋଇ ରହିଲେ।

୧୯୪୭ ମସିହାରୁ ମା' ପ୍ଲେ-ଗାଉଣ୍ଡକୁ ଆସିବାକୁ ଆରମ୍ଭ କଲେ। ମା'ଙ୍କ ଉପସ୍ଥିତିର ପ୍ରଭାବରେ ପ୍ରତ୍ୟେକ ଗ୍ରୁପ୍ ସ୍ୱାଭାବିକ ଭାବରେ ସଂଗଠିତ ହୋଇ ଉଠିଲା।

ଶାରୀରିକ ଶିକ୍ଷାର ପ୍ରଥମ ପର୍ଯ୍ୟାୟରେ ଭଲିବଲ୍ ଓ ଅନ୍ୟାନ୍ୟ କେତେକ ଖେଳ ପ୍ଲେ-ଗ୍ରାଉଣ୍ଡରେ ହେଉଥିଲା। ପୁଅ ଓ ଝିଅମାନଙ୍କର ଖେଳିବାର ସମୟ ଭିନ୍ନ ଭିନ୍ନ ଥିଲା। କେବେ କେବେ ଝିଅମାନେ ଆଗେ ଖେଳୁଥିଲେ ପୁଣି କେବେ ପୁଅମାନେ। ଭୋରରୁ ପୁଅମାନେ ଫୁଟବଲ୍ ଖେଳିବାକୁ ମିଲିଟାରୀ ଗ୍ରାଉଣ୍ଡକୁ ଯାଉଥିଲେ।

୧୯୪୮ ମସିହାରେ ଟେନିସ୍ ଗ୍ରାଉଣ୍ଡ ଓ ଭଲିବଲ୍ ଗ୍ରାଉଣ୍ଡ ତିଆରି ହେଲା। ତା'ପରେ ଏଇ ତିନୋଟି ଯାକ ପଡ଼ିଆରେ ଏକା ସମୟରେ ଖେଳିବାର ବ୍ୟବସ୍ଥା କରାଗଲା। ପରେ ୧୯୫୨ ମସିହାରେ ସ୍ପୋର୍ଟସ୍ ଗ୍ରାଉଣ୍ଡ ତିଆରି ହେଲା।

ପ୍ଲେ-ଗ୍ରାଉଣ୍ଡର ଅବସ୍ଥା ସେସମୟରେ ଅତି ଶୋଚନୀୟ ଥିଲା। ପିଲାମାନେ ମିଳିମିଶି ପ୍ଲେ-ଗ୍ରାଉଣ୍ଡର ମାଟି ଖୋଳି, ପରିଷ୍କାର କରି ତାକୁ ଖେଳୋପଯୁକ୍ତ କଲେ। ପୂରା ପ୍ଲେ-ଗ୍ରାଉଣ୍ଡଟି ଖଣ୍ଡ ଖଣ୍ଡ ଟୁକୁରା କାଚରେ ଭର୍ତ୍ତି ହୋଇଥିଲା। ପୂର୍ବରୁ ଏହା ଥିଲା ଜଣେ ମଦ ବ୍ୟବସାୟୀର କର୍ମକ୍ଷେତ୍ର। ସୁତରାଂ ଏଠିସେଠି ସାରା ପଡ଼ିଆରେ କାଚର ଟୁକୁରା ମିଳୁଥିଲା। ଏଇ ପରିତ୍ୟକ୍ତ ପଡ଼ିଆରେ ପ୍ରଚୁର ଅନାବନା ଗଛ ଉଠିଥିଲା। ଛୋଟ ପିଲାମାନେ ମିଳିମିଶି କେତେ ପରିଶ୍ରମ କରି ଏଇ ପଡ଼ିଆଟିକୁ ତିଆରି କରିଛନ୍ତି। ଆନନ୍ଦ ଓ ଉତ୍ସାହ ଥିଲେ କେତେ କାମ ଯେ ଅନାୟାସରେ କରିହୁଏ ତାହାର ଉଦାହରଣ ହେଉଛି ଆମ ଏଇ ପ୍ଲେ-ଗ୍ରାଉଣ୍ଡ। ସେସମୟର ପ୍ଲେ-ଗ୍ରାଉଣ୍ଡ ଆଉ ଆଜିର ପ୍ଲେ-ଗ୍ରାଉଣ୍ଡ ମଧ୍ୟରେ ଆକାଶ ପାତାଳ ତଫାତ୍। ଶୃଙ୍ଖଳାର ସହ ପିଲାମାନେ କି ସୁନ୍ଦର ପ୍ଲେ-ଗ୍ରାଉଣ୍ଡଟିଏ ତିଆରି ନ କଲେ!

ଏବେ ଯାହାକୁ 'ଡି'ଗ୍ରୁପ୍ କୁହାଯାଏ, ଆଗରୁ ତାହାର ନାମ ଥିଲା 'ସି'ଗ୍ରୁପ୍। ମନା, ମନୋଜ, ହରିଦ୍ ଓ ଅନ୍ୟ ପିଲାମାନେ ଏଇ 'ସି'ଗ୍ରୁପରେ ଥିଲେ। ବୀରେନ୍‌ଦା' ଥିଲେ ଏଇ ଗ୍ରୁପର କ୍ୟାପ୍‌ଟେନ୍। ସେ ଥିଲେ ଜଣେ ନାମକରା ମୁଷ୍ଟିଯୋଦ୍ଧା। ସେ ପିଲାମାନଙ୍କୁ ବକ୍‌ସିଂ, ଭଲ୍‌ଟିଂ ଓ ଆହୁରି ନାନା ପ୍ରକାରର ଖେଳ ଶିଖାଉଥିଲେ। ପ୍ରତ୍ୟେକ ମାସରେ ବୀରେନ୍‌ଦା' ଦୁଇ ଜଣ ପିଲାଙ୍କୁ କ୍ୟାପ୍‌ଟେନ୍ କରି ସେମାନେ କେମିତି ଗ୍ରୁପର ଅନ୍ୟ ପିଲାମାନଙ୍କୁ ଶିଖାଉଛନ୍ତି ତା'ହା ଲକ୍ଷ୍ୟ କରୁଥିଲେ। ଏମିତି ଭାବରେ ସେମାନଙ୍କୁ ନିୟମ, ଶୃଙ୍ଖଳା, ଦାୟିତ୍ୱବୋଧ ଇତ୍ୟାଦି ଶିକ୍ଷା ଦେଉଥିଲେ। ପ୍ରତି ମାସର ଶେଷରେ ସମସ୍ତଙ୍କୁ ନେଇ ଗୋଟିଏ ଛୋଟ କ୍ରୀଡ଼ା ପ୍ରଦର୍ଶନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିଲା।

ମା' ମଝିରେ ମଝିରେ ଏଇ ପ୍ରଦର୍ଶନ କାର୍ଯ୍ୟକ୍ରମ ଦେଖିବାକୁ ଆସୁଥିଲେ। ଦୁଇ କ୍ୟାପ୍‌ଟେନ୍ ନିଜ ନିଜ ଗ୍ରୁପ୍‌କୁ ମାର୍ଚ୍ଚିଂ କରାଉଥିଲେ ଓ ସେ ସମ୍ବନ୍ଧରେ ନିର୍ଦ୍ଦେଶମାନ ଦେଉଥିଲେ। ପ୍ରଦର୍ଶନ କାର୍ଯ୍ୟକ୍ରମ ଶେଷ ହେବା ପରେ ଯେଉଁ କ୍ୟାପ୍‌ଟେନ୍ ସବୁଠାରୁ

ଭଲ ନିର୍ଦ୍ଦେଶ ଦେଇପାରୁଥିଲେ ଓ ଭଲ ମାର୍ଚ୍ଚିଂ କରାଇ ପାରୁଥିଲେ ତାଙ୍କୁ ପୁରସ୍କାର ଦିଆଯାଉଥିଲା।

ସେତେବେଳର କଥା ଭାବିଲେ ଆଶ୍ଚର୍ଯ୍ୟ ଲାଗେ। ସମସ୍ତଙ୍କ ଭାଗ୍ୟ ପୂର୍ବନିର୍ଦ୍ଧାରିତ। ଆମ ତରଫରୁ କେବଳ ଦରକାର ବ୍ୟକ୍ତିଗତ ପ୍ରଚେଷ୍ଟା ଓ ଆସ୍ପୃହା।

୧୯୪୮ ମସିହାରେ ସବୁ ଗ୍ରୁପ୍‌କୁ ସଂଗଠିତ କରାଯାଇ ପ୍ରତ୍ୟେକ ଗ୍ରୁପ୍‌କୁ ବିଭିନ୍ନ ରଙ୍ଗର ୟୁନିଫର୍ମ ଦିଆଗଲା। ମନା, ନରେନ୍ଦ୍ର (ପ୍ରୋମିଜ୍‌ର ଭାଇ), ହରିତ୍ (ପ୍ରଣବର ସାନ ଭାଇ), ସୁମନ୍ତ ଓ ମନୋଜ — ଏଇ ପାଞ୍ଚ ଜଣଙ୍କୁ ମା' କ୍ୟାପ୍‌ଟେନ୍ ଭାବରେ ମନୋନୀତ କଲେ। ମନାକୁ ମୁଖ୍ୟ କ୍ୟାପ୍‌ଟେନ୍ କରାଗଲା। ଏଇ ପିଲାମାନଙ୍କର ବୟସ ସେତେବେଳେ ମାତ୍ର ବାର କିଂବା ତେର।

୧୯୫୨ ମସିହା ଜାନୁଆରୀ ୬ ତାରିଖରେ ଆମ ସ୍କୁଲ ଅର୍ଥାତ୍ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରର ପ୍ରତିଷ୍ଠା ହେଲା। ସ୍କୁଲର ଦକ୍ଷିଣ ଦିଗରେ ଥିବା ବଡ଼ ଫାଟକରେ ଫିତା ଲଗାଇ ରଖାଯାଇଥିଲା। ମା' ଉପରଓଳି ଆସି ସେଇ ଫିତାକୁ କାଟିଲେ। ସେଇ ଶୁଭ ମୁହୂର୍ତ୍ତରେ ସ୍କୁଲର ଆରମ୍ଭ ହେଲା। ଆଗରୁ ଆମ ସ୍କୁଲର ନାମ ଥିଲା, ଶ୍ରୀଅରବିନ୍ଦ ସ୍କୁଲ (L'École de Sri Aurobindo)। ୧୯୫୨ ମସିହା ଜାନୁଆରୀ ୬ ତାରିଖରୁ ଏହାର ନାମ ହେଲା ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର (Centre International d'Éducation Sri Aurobindo)।

ମା' ସ୍କୁଲର ଦକ୍ଷିଣ ପଟରେ ଥିବା ବଡ଼ ଫାଟକରେ ବନ୍ଧାହୋଇଥିବା ଫିତା କାଟିବା ସମୟରେ ତାଙ୍କ ପାଖରେ କୁନୁମା ଠିଆହୋଇଥିଲେ। ସେଇ ଫଟୋଟି ତୁମେମାନେ ନିଶ୍ଚୟ ଦେଖିଥିବ। ସେଇ ଫିତା ଓ କଇଁଚି ଗୋଟିଏ କାଚ ବାକ୍ସରେ ଯତ୍ନ ସହକାରେ ରଖାଯାଇଛି। ମା'ଙ୍କ ସ୍ପର୍ଶ ପାଇଥିବା ସେଇ ଫିତା ଓ କଇଁଚି ସ୍କୁଲକୁ ଗଲେ ଦେଖିବାକୁ ମିଳେ।

୧୯୫୦ ମସିହାର କଥା ମନେପଡ଼େ। ସେଇ ବର୍ଷ ମା' Prix d'honneur ନାମକ ଏକ ପୁରସ୍କାର ଦେବାର ବ୍ୟବସ୍ଥା କଲେ। ସେଇ ପୁରସ୍କାର ପାଇବାକୁ ହେଲେ ସବୁ ବିଷୟରେ ସାମଗ୍ରିକ ଦକ୍ଷତା ଥିବା ଦରକାର। ପ୍ଲେ-ଗ୍ରାଉଣ୍ଡରେହିଁ ମା' ଏହି ପୁରସ୍କାର ବିଷୟରେ ଘୋଷଣା କଲେ। ଉଭୟ ପଢ଼ାପଢ଼ି ଓ ଖେଳାଖେଳିରେ ଯାହାର ସମାନ ଉନ୍ନତି ହୋଇଥିବ ଏବଂ ଯାହାର ବ୍ୟକ୍ତିତ୍ୱର ପୂର୍ଣ୍ଣ ବିକାଶ ହୋଇଥିବ ସେମିତି ପିଲାମାନଙ୍କ ପାଇଁ ମା' ଏଇ ପୁରସ୍କାରର ବ୍ୟବସ୍ଥା କଲେ। ନିଜ ସନ୍ତାନମାନଙ୍କୁ ନିଜେ ପୁରସ୍କାର ଦେଇ ଆନନ୍ଦରେ ତା'ର ପ୍ରଶଂସା କରିବାକୁ ଲାଗିଲେ। ମା'ଙ୍କର କି ଗର୍ବ! ପଡ଼ିଆରେ ଉପସ୍ଥିତ ଥିବା ସମସ୍ତଙ୍କର କି ଖୁସି। ପ୍ରଣବ ଖୁସିରେ ମୁରୁକି ମୁରୁକି

ହସୁଥାଏ। ଏଇ ପିଲାମାନେ ତ ତା'ରି ହାତରେ ଗଢ଼ା। ମନା, ସୁମନ୍ତ, ଦେବୁ, ହରିଦ୍ର, ଚିଣ୍ଟୁ, ମନୋଜ, ଅମରେନ୍ଦ୍ର, ବାଛି, ନରେନ୍ଦ୍ର, ବିଶ୍ୱେଶ୍ୱର ଓ ଆହୁରି ଅନେକେ ପ୍ରଣବର ଅତ୍ୟନ୍ତ ପ୍ରିୟ। ସୁତରାଂ ପ୍ରଣବ ନିଜ ପରିଶ୍ରମର ସାର୍ଥକତା ଦେଖି ସେଦିନ ଖୁବ୍ ଆନନ୍ଦିତ।

ମୁଁ ସମସ୍ତଙ୍କୁ ଦେଖୁଥାଏ। ମା' ଆମ 'ଇ'ଗ୍ରୁପ୍‌କୁ ବାଦାମ ଦେଲାବେଳେ ଯେତେବେଳେ ମୋ ପାଖକୁ ଆସିଲେ ସେତେବେଳେ ଏମିତି ଭାବରେ ମୋତେ ଅନାଇଲେ ଯେମିତି ସେ ଖୁସିରେ ଫାଟି ପଡୁଛନ୍ତି। ଆମ ମା'ମାନେ ଯେମିତି ତାଙ୍କ ପିଲାମାନଙ୍କୁ ନିଜେ ନିଜେ ପ୍ରଶଂସା କରି ଖୁସିରେ ଫାଟି ପଡ଼ନ୍ତି ମା'ଙ୍କର ଠିକ୍ ସେମିତି ଭାବ ଦେଖିଲି। ପ୍ରଥମ Prix d'Honneur ପୁରସ୍କାରଟି ମନୋଜ ପାଇଲା। ଏଇ ପୁରସ୍କାର ଦେଖିବାକୁ ସାନ ସାନ ପିଲାମାନେ ଦୌଡ଼ି ଆସିଲେ। ଲକ୍ଷଣରାଜ ନଇଁପଡ଼ି ପୁରସ୍କାରଟି ଦେଖୁଥା'ନ୍ତି।

୧୯୫୩ ମସିହାରୁ ପ୍ରତ୍ୟେକ ବର୍ଷ ଏଇ Prix d'honneur ପୁରସ୍କାର ସ୍ୱୟଂ ମା' ତାଙ୍କ ସନ୍ତାନମାନଙ୍କୁ ଦେଉଥିଲେ। ୧୯୬୦ ମସିହାରୁ ଏଇ ପୁରସ୍କାର ଦେବା ବନ୍ଦ ହୋଇଗଲା। ତା' ବଦଳରେ ଦୁଇଟି ପୁରସ୍କାର ଦେବାର ବ୍ୟବସ୍ଥା କରାଗଲା। ଯିଏ ପଢ଼ାପଢ଼ିରେ କୃତିତ୍ୱ ପ୍ରଦର୍ଶନ କରିବ, ତା' ପାଇଁ Prix d'Excellence ପୁରସ୍କାର ଆଉ ଯିଏ ଖେଳାଖେଳିରେ କୃତତ୍ୱ ପ୍ରଦର୍ଶନ କରିବ ତା' ପାଇଁ Sports Star ପୁରସ୍କାରର ବ୍ୟବସ୍ଥା କରାଗଲା। ଏଇ ବ୍ୟବସ୍ଥା ଏବେ ବି ଚାଲିଛି।

ଫୁଟବଲ ଖେଳିବାକୁ ଯାଇ ଆମ ପିଲାମାନେ ନାନା ପ୍ରକାର ଦୁର୍ଘଟଣା ଘଟାଉଥିଲେ। ତେଣୁ ମା' ଖୁବ୍ ଚିନ୍ତିତ ହେଉଥିଲେ। ମନା ସେତେବେଳେ କ୍ୟାପ୍‌ଟେନ୍। ଫୁଟବଲ ଖେଳ ଆରମ୍ଭ ହେବା ପୂର୍ବରୁ ସେ ଅନୁମତି ନେବା ପାଇଁ ମା'ଙ୍କ ପାଖକୁ ଯାଇଥାଏ।

ମା' ମନାକୁ କହିଲେ, "ତୁମେମାନେ କ'ଣ ଆଘାତ ନ ଲଗାଇ ଫୁଟବଲ ଖେଳିପାର ନାହିଁ? କଥା କ'ଣ? ପ୍ରତିଦିନ କିଛି ନା କିଛି ଦୁର୍ଘଟଣା, ଗୋଳମାଳ ବା ଅପ୍ରୀତିକର ଘଟଣାମାନ ଲାଗିରହିଛି। କେହି ଛୋଟେଇ ଛୋଟେଇ ଚାଲୁଛି, କେହି ହାତ ଭାଙ୍ଗି ବସିଛି, କାହାର ପୁଣି ଗୋଡ଼ ମକଚି ହୋଇଯାଇଛି। ଏହି ଦୁର୍ଘଟଣା ତାଲିକାର ଶେଷ ନାହିଁ। ଏହାହିଁ ତୁମମାନଙ୍କର ଅବସ୍ଥା। ଟିକିଏ ସଚେତନ ହୋଇପାରନା ତୁମେମାନେ? ଗୋଟିଏ ଶୋଚନୀୟ ତାମସିକ ଅବସ୍ଥା ମଧ୍ୟରେ ତୁମମାନେ ବାସ କରୁଛ। ମାଟି କାଦୁଅରେ ଗଡ଼ାଗଡ଼ି କରୁଛ। ଭଲ ହେବାକୁ ବା ଭଲ କରିବାକୁ କୌଣସି ଚେଷ୍ଟାହିଁ ନାହିଁ।"

ମନା: ମା', ତା'ହେଲେ କ'ଣ କରିବାକୁ ହେବ କୁହ।

ମା': ସଚେତନ ହେବାକୁ ତୁମେମାନେ କ'ଣ ଏମିତି ଭାବରେ ଚେଷ୍ଟା କରୁଛ ?

ମନା: ମଝିରେ ମଝିରେ ସଚେତନ ହେବାକୁ ଚେଷ୍ଟା କରୁ। କିନ୍ତୁ ପରେ ପୁଣି ଭୁଲିଯାଉ।

ମା': ତୁମମାନଙ୍କର ଏଇସବୁ ତାମସିକତା, ନିଶ୍ଚେତନା ହାତରୁ ମୁକ୍ତି ପାଇବାକୁ ଇଚ୍ଛା ହୁଏ ନା ?

ମନା: କିନ୍ତୁ ମା'...

ମା': ନା, ମୁଁ କୌଣସି କଥା ଶୁଣିବିନି। କୌଣସି ଆପତ୍ତି ଚଳିବନି।

(ଦୁଇ ଜଣ କିଛି ସମୟ ଚୁପ୍‌ହୋଇ ରହିଲେ।)

ତା'ପରେ ମନା କହିଉଠିଲା, ''ମା' ଏକମାତ୍ର ଉପାୟ ହେଲା ଫୁଟବଲ ଖେଳ ବନ୍ଦ କରିଦେବା। ତୁମର ଯଦି ମନେହୁଏ ଯେ କେବଳ ଫୁଟବଲ ଖେଳରେହିଁ ଦୁର୍ଘଟଣା ଘଟୁଛି, ତାହେଲେ ତୁମ ଇଚ୍ଛା ହେଲେ ଏହା ବନ୍ଦ କରିଦେଇପାର।''

ମା' ଉତ୍ତର ଦେଲେ, ''ଏ କ'ଣ! ଏମିତି ନିଷ୍ପତ୍ତି ନିଆଯାଇ ନ ପାରେ। ଫୁଟବଲ ଖୁବ୍ ଭଲ ଖେଳଟିଏ। ଭଲ ଭାବରେ ଖେଳିଲେ ଏଇ ଖେଳରେ ସହ୍ୟଶକ୍ତି ଓ ଶାରୀରିକ କ୍ଷମତା ପ୍ରଚଣ୍ଡ ଭାବରେ ବଢ଼ିଯାଏ। ମନେପଡୁଛି, କଲିକତାରୁ ଥରେ ଦଳେ ଖେଳୁଆଡ଼ ଆସିଥିଲେ। ସେମାନଙ୍କ ଖେଳ ଦେଖି ମୋତେ ଖୁବ୍ ଭଲ ଲାଗିଥିଲା।''

ମନା କହିଲା, ''କଲିକତାରୁ ମୋହନବାଗାନ୍‌ର ପିଲାମାନେ ଖେଳିବାକୁ ଆସିଥିଲେ।''

ମା' କହିଲେ, ''ହଁ, ଯେମିତି ସୁନ୍ଦର ସେମିତି ଦର୍ଶନୀୟ ଖେଳଟିଏ ସେଦିନ ଦେଖିଲି। ସେମାନଙ୍କ ଖେଳ ନିଖୁଣ ଓ ଖୁବ୍ ଉଚ୍ଚକୋଟୀର ଥିଲା। କି ଅପୂର୍ବ ଏକତା! ନିଜ ନିଜ ଭିତରେ କି ସୁନ୍ଦର ଯୋଗାଯୋଗ ଏବଂ ତା' ସହିତ କି ସୁଶୃଙ୍ଖଳ ଗତି! ସମସ୍ତେ ନିଜ ନିଜର କର୍ତ୍ତବ୍ୟ ସୁନ୍ଦର ଭାବରେ କରିଯାଉଥିଲେ। ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ଫାଙ୍କି ଦେଇ କି ସୁନ୍ଦର ଭାବରେ ଜଣେ ଅନ୍ୟଜଣକୁ ବଲ ଦେଉଥିଲା। ବିଶେଷ କରି ସେମାନେ ସଠିକ୍ ଭାବରେ ଅନୁମାନ କରିପାରୁଥିଲେ ଅନ୍ୟ ଖେଳାଳି ଜଣକ କେମିତି ଖେଳିବ। ସବୁ ଦୃଷ୍ଟିରୁ ସେଦିନର ଖେଳରେ ଶକ୍ତି ଓ ବଳବୀର୍ଯ୍ୟର ପ୍ରଚୁର ପ୍ରଦର୍ଶନ ଥିଲା ଏବଂ ତା' ସହିତ ଖେଳଟି ଥିଲା ଯେମିତି ନିଖୁଣ ସେମିତି ନିପୁଣ। ସେଥିରେ କୌଣସି ଧସ୍ତାଧସ୍ତି, ଉତ୍ତେଜନା ବା କଳି-ତକରାଳର ନାମଗନ୍ଧ ବି ନ ଥିଲା।

ସେମାନେ ଖୁବ୍ ସୁନ୍ଦର ଖେଳିଥିଲେ। ସେଇ ଖେଳଟିକୁ ମୁଁ ବେଶ୍ ଉପଭୋଗ କରିଥିଲି।

"ଏମିତି ଭାବରେ ଫୁଟବଲ ଖେଳିବା ଉଚିତ। ଏଇ ଖେଳରେ କୌଣସି ପ୍ରକାର ଧକ୍କା ମାରିବା ବା ନିଷ୍ଠୁର ବ୍ୟବହାର କରିବା ଉଚିତ ନୁହେଁ। ତୁମେମାନେ ଫୁଟବଲ ଖେଳିବାକୁ ଏତେ ଭଲପାଅ। ତେଣୁ ମୋ ପକ୍ଷରେ ଏହି ଖେଳ ବନ୍ଦ କରିଦେବା ସମ୍ଭବ ନୁହେଁ। ତା'ଛଡ଼ା ଏଇ ଖେଳରେ ପ୍ରଚୁର ବୁଦ୍ଧି ଓ ନୈପୁଣ୍ୟ ଦରକାର ହୁଏ। ଖେଳିବା ସମୟରେ ଯେମିତି କିଛି ଦୁର୍ଘଟଣା ନ ଘଟେ, ସେମିତି କିଛି ପନ୍ଥା ଖୋଜି ବାହାର କର। କେବଳ ଫୁଟବଲ ନୁହେଁ, ସବୁପ୍ରକାର ଖେଳରେ ତୁମେମାନେ ଟିକିଏ ସଚେତନ ହେବାକୁ ଚେଷ୍ଟା କର। ଟିକିଏ ସଚେତନ ହୁଅ। ଉତ୍ତେଜନା କମାଇବାକୁ ଚେଷ୍ଟା କର। ଏହାହିଁ ମୁଁ ତୁମଠାରୁ ଆଶା କରେ। ପ୍ରତି ମୁହୂର୍ତ୍ତରେ ମୁଁ ତୁମମାନଙ୍କ ପ୍ରତି ଦୃଷ୍ଟି ରଖିଥାଏ। ତୁମେମାନେ କେମିତି ଟିକିଏ ସଚେତନ ହୋଇପାରିବ ସେଥିପାଇଁ ସର୍ବଦା ମୁଁ ତୁମମାନଙ୍କୁ ଶାନ୍ତି ଓ ଶକ୍ତି ଦେଉଛି। ତୁମମାନଙ୍କ ଚାରିପଟେ କ'ଣ ହେଉଛି ନ ହେଉଛି ସେସମ୍ବନ୍ଧରେ ସଚେତନ ହୁଅ। ନିଜ ସମ୍ବନ୍ଧରେ ସଚେତନ ହୁଅ। କିନ୍ତୁ କୌଣସି ଫଳ ହେଉ ନାହିଁ। କେବଳ ଫୁଟବଲ ଖେଳକୁ ଦୋଷ ଦେଉ ନାହିଁ। ସବୁଖେଳର ଏମିତି ଅବସ୍ଥା।

"ପ୍ରଥମ କଥା ହେଉଛି, ମୁଁ ଚାହେଁନା ଯେ ତୁମେମାନେ କେହି ଆଘାତ ପାଅ। କାରଣ ଗୋଟିଏ ସ୍ୱଚ୍ଛ ଆବରଣ ମଧ୍ୟରେ ମୁଁ ପ୍ରତିଟି ସନ୍ତାନକୁ ଘେରାଇ ରଖିଛି ଯେମିତି କୌଣସି ବିରୋଧିଶକ୍ତି ସେମାନଙ୍କୁ ସ୍ପର୍ଶ କରି ନ ପାରେ। ଏହି ଆବରଣଟି ଦେଖିବାକୁ ଗୋଟିଏ କାଚର ବାକ୍ସ ବା ଏଣ୍ଡିପୋକର କୋଷା ପରି। ଦିବ୍ୟ ଶକ୍ତି ଓ ଦିବ୍ୟ ଆଲୋକ ତୁମମାନଙ୍କୁ ଘେରିରହିଛି, ଯେମିତି କୌଣସି ଅନିଷ୍ଟକାରୀ ଶକ୍ତି ତୁମ ଭିତରେ ପ୍ରବେଶ କରି ନ ପାରେ। ଚୂଡ଼ାନ୍ତ ବିପଦତ୍ରାଣ ଶକ୍ତି ଦେଇ ମୁଁ ତୁମମାନଙ୍କୁ ଘେରାଇ ରଖିଛି। ତଥାପି ତୁମେମାନେ ଯଦି ଆଘାତ ପାଅ, ଆଉ କ'ଣ କରାଯାଇପାରିବ ଜାଣିନି। ମନେହୁଏ ତୁମମାନଙ୍କର ବିଶ୍ୱାସର ଅଭାବ କିଂବା ଶାରୀରିକ ଉତ୍ତେଜନାହିଁ ଏହାର କାରଣ। ଦେଖାଯାଉ କ'ଣ କରିପାରିବି। ତୁମକୁ (ମନା) ମୋର ଶକ୍ତି ଓ ଆଶୀର୍ବାଦ ଦେଉଛି, ତୁମେ ଯେମିତି ଜାଗ୍ରତ, ସଚେତନ ହୋଇଉଠ। ତୁମକୁହିଁ ଏଇ ଅଜ୍ଞାନତା, ତାମସିକତା ଓ ଉତ୍ତେଜନାରୁ ସାନପିଲାମାନଙ୍କୁ ବାହାର କରି ଆଣିବାକୁ ହେବ। ଖେଳିବା ସମୟରେ କେବେ ବି ଉତ୍ତେଜନାକୁ ପ୍ରଶ୍ରୟ ଦେବ ନାହିଁ। ଉତ୍ତେଜିତ ହେବ ନାହିଁ। ତୁମକୁ ସାହାଯ୍ୟ କରିବାକୁ ମୁଁ ତୁମ ପାଖରେ ଉପସ୍ଥିତ ରହିବି। ଫଳ କ'ଣ ହେଉଛି ଦେଖାଯାଉ।"

କିନ୍ତୁ ଆଶ୍ରମରେ ପ୍ରଥମେ ଖେଳାଖେଳିର ବ୍ୟବସ୍ଥା ନ ଥିଲା। ନଳିନୀଦା',

ସୁରେଶ ଚକ୍ରବର୍ତ୍ତୀ ଓ ଆହୁରି କେତେଜଣ ତରୁଣ ସ୍ଥାନୀୟ ପିଲାମାନଙ୍କ ସହିତ ବାହାର ପଡ଼ିଆରେ ଖେଳୁଥିଲେ। ସେମାନେ ସମସ୍ତେ ଫୁଟବଲ ଖେଳରେ ପାରଦର୍ଶୀ ଥିଲେ। ସ୍ଥାନୀୟ ଲୋକମାନେ ନଳିନୀଦା'ଙ୍କ ଖେଳର ଉଚ୍ଛ୍ୱସିତ ପ୍ରଶଂସା କରୁଥିଲେ। ସମସ୍ତଙ୍କ ମୁହଁରେ ରୟ, ସକ୍ରା ଓ ବସାକ୍‌ର ନାଁ। ଏଇ ଛଦ୍ମନାମରେ ସେତେବେଳେ ସେମାନେ ପରିଚିତ ଥିଲେ। ସାର୍କେଲ ସ୍ପୋଟିଫ୍‌କୁ ସେମାନେ ଖେଳିବାକୁ ଯାଉଥିଲେ। ଏମାନେ ଥିଲେ ସେଇ ଭୟଲେଶହୀନ ମୁରାରୀପୁକୁରର ବିପ୍ଳବୀ ତରୁଣବୃନ୍ଦ।

ଏଠାରେ ଦୁଇଟି ମଜାର କଥା ଉଲ୍ଲେଖ କରୁଛି:

ଏଇ ସକ୍ରା ଅର୍ଥାତ୍ ମଣି ହେଉଛନ୍ତି, ସୁରେଶ ଚକ୍ରବର୍ତ୍ତୀ। ସେ ପ୍ରଥମେ ପଣ୍ଡିଚେରୀ ଆସି ଶ୍ରୀଅରବିନ୍ଦଙ୍କ ପାଇଁ ବାସସ୍ଥାନର ବ୍ୟବସ୍ଥା କରିଥିଲେ। ଶ୍ରୀଅରବିନ୍ଦଙ୍କୁ ଶଙ୍କର ଚେଟ୍ଟିୟାର ଖୁବ୍ ଶ୍ରଦ୍ଧା କରୁଥିଲେ। ସେ ତାଙ୍କ ନିଜ ଘରର ତୃତୀୟ ମହଲାରେ ଶ୍ରୀଅରବିନ୍ଦ, ସୁରେଶ ଚକ୍ରବର୍ତ୍ତୀ ଓ ବିଜୟ ନାଗଙ୍କୁ ରହିବାକୁ ଦେଇଥିଲେ। ଭାବିହୁଏ ନା ଯେ ସେତେବେଳେ ଯେଉଁମାନଙ୍କ ବୟସ କୋଡ଼ିଏରୁ କମ୍ ସେଇ ମଣି ଓ ବିଜୟ ଛଅମାସ ମଧ୍ୟରୁ ତିନିମାସ ଶଙ୍କର ଚେଟ୍ଟିୟାରଙ୍କ ଘରର ତିନି ମହଲାରେ ଶ୍ରୀଅରବିନ୍ଦଙ୍କ ସହିତ ଦିନରାତି ରହୁଥିଲେ। କେବଳ ଗାଧୋଇବାକୁ ଥରେ ତଳକୁ ଆସୁଥିଲେ। ତିନି ମାସ ଅତିକ୍ରମ କଲା ପରେ ଶ୍ରୀଅରବିନ୍ଦ ଏଇ କିଶୋର ଦୁଇ ଜଣଙ୍କୁ ବାହାରକୁ ଯିବାକୁ ଅନୁମତି ଦେଇଥିଲେ। ଶ୍ରୀଅରବିନ୍ଦ ବୁଝିପାରିଥିଲେ ଯେ ବିପଦ କଟିଯାଇଛି, ଏବେ ସେମାନେ ବାହାରକୁ ଯାଇପାରନ୍ତି। ଯାହାହେଉ ଏତେ କଥା କାହିଁକି ଲେଖୁଛି ସେକଥା ଶୁଣ।

ସୁରେଶ ଚକ୍ରବର୍ତ୍ତୀ ଓ ବିଜୟ ନାଗ ବାହାରକୁ ବାହାରିଆସି ପ୍ରଥମେ ବଜାରରୁ ଅଣ୍ଡା କିଣିଆଣିଲେ। ପାଟିର ରୁଚି ତ ଟିକିଏ ବଦଳାଇବା ଦରକାର! ତିନି ମାସ ଧରି କେବଳ ଭାତ ଓ ମୁଗଡାଲିରେ ବାଇଗଣ ଓ ବିଲାତି ବାଇଗଣ ଘାଣ୍ଟ କରି ଖାଇଛନ୍ତି। ରାତିରେ କ୍ଷୀରରେ କିଛି ଚାଉଳ ଓ ଚିନି ଦେଇ କ୍ଷୀରି କରି ଖାଇଛନ୍ତି। ଅଣ୍ଡା ତ ଖିଆହେଲା କିନ୍ତୁ ବୋକାମୀ କରି ତା'ର ଖୋଳପାଗୁଡ଼ିକ ଉପରେ ଥିବା ପାଇପ୍‌ରେ ପୂରାଇଦେଲେ। ଭାବିଥିଲେ ପାଇପ୍‌ଟି ନିଶ୍ଚୟ ରାସ୍ତାରେ ଯାଇ ପଡ଼ିଥିବ।

ଦିନେ ସୁରେଶ ଚକ୍ରବର୍ତ୍ତୀ ତଳକୁ ଓହ୍ଲାଉଥିଲେ। ହଠାତ୍ ଚେଟ୍ଟିୟାର ମହାଶୟ ତାଙ୍କୁ ଧରି ସେଇ ପାଇପ୍ ପାଖକୁ ନେଇଗଲେ। ପାଇପ୍‌ଟି ଚଟାଣଠାରୁ ଗୋଟିଏ ଫୁଟ ଉଚ୍ଚରେ ଶେଷ ହୋଇ ହାଁ କରି ଚାହିଁରହିଥିଲା। ଆଉ ଚଟାଣ ଉପରେ ଅଣ୍ଡାର ଖୋଳପାଗୁଡ଼ିକ ପଡ଼ିରହିଥିଲା। ଚେଟ୍ଟିୟାର ମହାଶୟ ଗମ୍ଭୀର ଭାବରେ ପ୍ରଶ୍ନ କଲେ- "ଇଏ କ୍ୟା ହ୍ୟାୟ?" କଥାରେ କହନ୍ତି ମୂକର ଶତ୍ରୁ ନାହିଁ। ସୁରେଶ ଚକ୍ରବର୍ତ୍ତୀ ଭୟରେ

ଯେମିତି କାଠଖଣ୍ଡଟିଏ। ପୂରାପୂରି ଚୁପ୍‌ଚାପ୍। ଚେଟ୍ଟିୟାର ମହାଶୟ କହିଲେ, "ଏୟସା ମତ୍ କରନା।"

ଏହାପରେ ବି ସେମାନେ ଅଣ୍ଡା ଖାଉଥିଲେ। କିନ୍ତୁ ପରେ ଅକଲ ବଢ଼ିଥିଲା। ଉପରଓଳି ବୁଲିବାକୁ ଗଲାବେଳେ ସେମାନେ ଅଣ୍ଡା ଖୋଳପାଗୁଡ଼ିକୁ ପକେଟ୍‌ରେ ନେଇ ଫୋପାଡ଼ି ଦେଇଆସୁଥିଲେ।

ତା' ପରେ ମତ୍ସ୍ୟ ପର୍ବ।

ସୁରେଶ ଚକ୍ରବର୍ତ୍ତୀ ଓ ବିଜୟ ନାଗଙ୍କର ମାଛ ଖାଇବାକୁ ପ୍ରବଳ ଇଚ୍ଛା ହେଲା। ସେମାନେ ଆଇୟାରଙ୍କ (ଏଇ ତାମିଲ ଯୁବକ ଜଣକ ଶ୍ରୀଅରବିନ୍ଦଙ୍କ ଦେଖାଶୁଣା କରୁଥିଲେ। ଶ୍ରୀଅରବିନ୍ଦ ଆଚାରିଆଙ୍କ ଘରେ ଛଅ ମାସ ବାସ କରିଥିଲେ। ଆଇୟାର ସକାଳ ସନ୍ଧ୍ୟା ସେଇ ଘରେ ଆସି ହାଜିର ହେଉଥିଲେ।) ଶରଣାପନ୍ନ ହେଲେ। ସେ ନିରାମିଷାଶୀ ତାମିଲ ବ୍ରାହ୍ମଣ ହେଲେ ମଧ୍ୟ କ୍ଷୁଦ୍ର ସଂସ୍କାର ଦ୍ୱାରା ଆବଦ୍ଧ ନ ଥିଲେ। ବୟସରେ ସେ ଥିଲେ ତରୁଣ। ସୁରେଶ ଚକ୍ରବର୍ତ୍ତୀ ଓ ବିଜୟ ନାଗଙ୍କୁ ତାଙ୍କ ନିଜ ଘରେ ମାଛ ରାନ୍ଧିବାକୁ ଅନୁମତି ଦେଇଥିଲେ। ସେମାନେ ସେଠାରେ ରାନ୍ଧି ନିଜ ଘରକୁ ଆଣି ପରମ ତୃପ୍ତିରେ ଖାଉଥିଲେ। ଶଙ୍କର ଚେଟ୍ଟିୟାରଙ୍କ ଘରର ତଳ ମହଲାରେ କେହି ନ ଥିବା ସମୟରେ ରନ୍ଧା ମାଛ ନେଇଆସୁଥିଲେ। ଦିନେ ଉପରଓଳି ମଣି ବଜାରରୁ ମାଛ କିଣି ଆଣି ଆଇୟାରଙ୍କ ଘରେ ଭାଜି, ଭଲଭାବରେ କାଗଜରେ ଗୁଡ଼ାଇ ଶଙ୍କର ଚେଟ୍ଟିୟାରଙ୍କ ଘରକୁ ଆସୁଥା'ନ୍ତି। ଭଜାମାଛ ଗୁଡ଼ାହୋଇଥିବା କାଗଜ ପୁଟୁଳିଟି ନେଇ ଘରକୁ ପଶି ଦେଖିଲେ ତଳ ମହଲାର ବସିବା ଘରେ ଚେଟ୍ଟିୟାର ମହାଶୟ ସଶରୀରେ ବିଦ୍ୟମାନ! ତଳ ମହଲାରେ ଥିବା ସେଇ ଘରଟିର ଦକ୍ଷିଣ-ପୂର୍ବ କୋଣରେ ଉପର ମହଲାକୁ ଯିବାର ଶିଡ଼ିଟି ଥିଲା।

ମଣି କୌଣସି ଆଡ଼କୁ ନ ଅନାଇ ସିଧା ଶିଡ଼ି ଆଡ଼କୁ ଆଗେଇ ଯାଉଥା'ନ୍ତି। କିନ୍ତୁ ଚେଟ୍ଟିୟାର ମହାଶୟ ଶୀଘ୍ର ଚାଲି ଆସି ଶିଡ଼ି ତଳେ ତାଙ୍କ ପଥ ଅଟକାଇଲେ। ପୁଟୁଳାଟି ପ୍ରତି ଲକ୍ଷ୍ୟ କରି ମଣିଙ୍କୁ ପ୍ରଶ୍ନ କଲେ, "ଇସ୍‌ମେ କ୍ୟା ହ୍ୟାୟ?"

ମଣି ଉତ୍ତର ଦେଲେ, "କୁଛ୍ ମିଠାଇ ହ୍ୟାୟ।"

ଏପଟେ କେହି ଯେମିତି ତାଙ୍କ ଛାତିରେ ହାତୁଡ଼ିଟିଏ ପିଟି ଚାଲିଥାଏ। ଚେଟ୍ଟିୟାର ମହାଶୟ ପୁଣି ପ୍ରଶ୍ନ କଲେ, "କାହାଁସେ ମିଲା?"

ମଣି କହିଲେ, "ବାଜାର୍‌ସେ ଖରିଦ୍..."

ଭୟରେ ତାଙ୍କ ଗଳା ଶୁଖିଯାଉଥାଏ। ହଠାତ୍ ମୁଣ୍ଡରେ ଦୈବୀ ପ୍ରେରଣାଟିଏ ଖେଳିଗଲା। ସେ କହିପକାଇଲେ, "ବାବୁକେ ଲିୟେ।"

ଏହାର ଅର୍ଥ ହେଲା ସେ ଶ୍ରୀଅରବିନ୍ଦଙ୍କ ପାଇଁ ଏଇ ମିଠାଇ କିଣି ଆଣିଛନ୍ତି। ବେଶ୍। ବାବୁଙ୍କ ନାମ କହିବାରୁ ଚେଟ୍ଟିୟାର ମହାଶୟ ବିଦ୍ୟୁତ୍ ଆଘାତ ପାଇବା ପରି ମଣିଙ୍କ ସାମନାରୁ ଘୁଞ୍ଚିଯାଇ ବାଟ ଛାଡ଼ିଦେଲେ। ମଣି ଦୌଡ଼ିଯାଇ ଶିଡ଼ି ପାଖରେ ପହଞ୍ଚି ଏକାଥରକେ ଦୁଇଟି ଲେଖାଏଁ ପାହାଚ ଚଢ଼ି ଉପରକୁ ଉଠିଗଲେ।

ମଣିଙ୍କ ନିଜ ଭାଷାରେ: ''ମଣିଷ ସମାଜରେ ମହାପୁରୁଷମାନଙ୍କ ନାଁ ନେଇ ମାରି ଖାଇବାର ରୀତି ରହିଛି। କିନ୍ତୁ ସେମାନଙ୍କ ନାଁ ନେଇ ମାଛଭଜା ଖାଇବା, ଏହା ବୋଧହୁଏ ପ୍ରଥମ।''

ଏଇ ଗପ ଦୁଇଟି ପଢ଼ି ମୋତେ ଏତେ ଖୁସି ଲାଗିଥିଲା ଯେ କ'ଣ ଆଉ କହିବି। ଦୁଇ ଜଣ କିଶୋର ବଙ୍ଗାଳୀ ପିଲାଙ୍କ ପାଇଁ ମାସ ମାସ ଧରି ମାଛ, ଅଣ୍ଡା ନ ଖାଇବା ଯେ କେତେ ବଡ଼ ଅସାଧ୍ୟ ସାଧନ ତାହା ବେଶ୍ ବୁଝିହୁଏ।

ପୁଣି ଫେରିଯିବା ଖେଳ ବିଷୟକୁ। ସେଇ ସମୟରୁ ସାଧନା ପାଇଁ ଶରୀର ପ୍ରତି ଦୃଷ୍ଟି ଦିଆଯାଇଥିଲା। ତେବେ ରୀତିଟି ଥିଲା ଭିନ୍ନ ପ୍ରକାରର। ଉପରଓଳି ସୁରେଶ ଚକ୍ରବର୍ତ୍ତୀ, ନଳିନୀଦା' ଇତ୍ୟାଦି ଖେଳିବାକୁ ବାହାରିଗଲା ପରେ ଶ୍ରୀଅରବିନ୍ଦ ମଧ୍ୟ ବହୁ ସମୟ ଧରି ବାରଣ୍ଡାରେ ପଦଚାରଣା କରୁଥିଲେ। ସନ୍ଧ୍ୟାରେ ସେମାନେ ଫେରିଆସିବା ପରେ ଯାଇ ଶ୍ରୀଅରବିନ୍ଦ ପଦଚାରଣା ବନ୍ଦ କରୁଥିଲେ।

ଶ୍ରୀଅରବିନ୍ଦଙ୍କ ଏଇ ପଦଚାରଣା ଦେଖିବାର ସୌଭାଗ୍ୟ ଅମୃତଦା'ଙ୍କର ହୋଇଥିଲା। ଶ୍ରୀଅରବିନ୍ଦ ସେସମୟରେ ଯେଉଁ ଘରେ ରହୁଥିଲେ ସେ ଘରେ ତିନୋଟି ଚତ୍ୱର ଥିଲା। ପ୍ରତିଟି ଚତ୍ୱରର ଚାରିପଟ ବାରନ୍ଦା ଦ୍ୱାରା ଘେରା ହୋଇଥିଲା। ଶ୍ରୀଅରବିନ୍ଦ ରହୁଥିଲେ ତୃତୀୟ ବ୍ଲକ୍‌ରେ। ସାମନା ବ୍ଲକ୍‌ରେ ରହୁଥିଲେ ନଳିନୀ, ସୌରିନ୍, ବିଜୟ। ମଣି ରହୁଥିଲେ ଦ୍ୱିତୀୟ ବ୍ଲକ୍‌ରେ। ଏହି ଘରେ ଶ୍ରୀଅରବିନ୍ଦ ପ୍ରତିଦିନ ଉପରଓଳି ପାଞ୍ଚଟାରୁ ସନ୍ଧ୍ୟା ଆଠଟା, ସାଢ଼େ ଆଠଟା ପର୍ଯ୍ୟନ୍ତ ଚତ୍ୱରର ଚାରିପଟେ ପଦଚାରଣା କରୁଥିଲେ। ଦିନେ ଅମୃତଦା' ଓ ତାଙ୍କ ବନ୍ଧୁ କୃଷ୍ଣସ୍ୱାମୀ ଚେଟ୍ଟିୟାର ସମୁଦ୍ର କୂଳକୁ ବୁଲିବାକୁ ଯିବା ପୂର୍ବରୁ ଶ୍ରୀଅରବିନ୍ଦଙ୍କ ଘରେ ତାଙ୍କ ସାଇକେଲଟି ରଖିଦେଇ ଯିବାକୁ ଚେଟ୍ଟିୟାର ପ୍ରସ୍ତାବ ଦେଲେ। ତା'ହେଲେ ଖୁସିରେ ବୁଲାବୁଲି କରିହେବ। ଅମୃତଦା' ଓ ଚେଟ୍ଟିୟାର ଶ୍ରୀଅରବିନ୍ଦଙ୍କ ଘର ସାମନାରେ ଆସି ଦେଖନ୍ତି କବାଟ ବନ୍ଦ ରହିଛି। ଟିକିଏ ସଙ୍କୋଚରେ ସେମାନେ କବାଟରେ କରାଘାତ କଲେ। ହଠାତ୍ କବାଟଟି ଖୋଲିଗଲା। ଶ୍ରୀଅରବିନ୍ଦ ପଦଚାରଣା କରୁଥିବା ସମୟରେ ନିଃଶବ୍ଦରେ ଆସି କବାଟଟି ଖୋଲିଦେଇ ସଙ୍ଗେ ସଙ୍ଗେ ପଛକୁ ବୁଲିପଡ଼ି ଫେରିଗଲେ।

ଏମିତି ଭାବରେ ଶ୍ରୀଅରବିନ୍ଦଙ୍କ ପଦଚାରଣା ଦେଖିବାର ସୌଭାଗ୍ୟ

ଅମୃତଦା'ଙ୍କର ହୋଇଥିଲା। ଶ୍ରୀଅରବିନ୍ଦଙ୍କର ପ୍ରତିଦିନ ପଦଚାରଣା କରିବାର ଅଭ୍ୟାସ ଥିଲା। ପରେ ଯେତେବେଳେ ଗେଷ୍ଟହାଉସକୁ ଆସିଲେ ସେତେବେଳେ ସେ ତାଙ୍କ ଘରେ ଏକ ନିର୍ଦ୍ଦିଷ୍ଟ ସମୟରେ ପଦଚାରଣା କରୁଥିଲେ। ଆଉ ଆଶ୍ଚର୍ଯ୍ୟଜନକ ଘଟଣାଟି ହେଉଛି, ସେହି ଘରର ଚଟାଣ ଉପରେ ତାଙ୍କ ପାଦଚିହ୍ନସବୁ ଫୁଟି ଉଠିଥିଲା। ଆମମାନଙ୍କର ଦୁର୍ଭାଗ୍ୟ ଯେ ଏଇ ଚଟାଣଟି ନୂଆ ଭାବରେ ତିଆରି କରିବା ସମୟରେ ସେସବୁ ପାଦଚିହ୍ନ ସମ୍ପୂର୍ଣ୍ଣ ଭାବରେ ଲୁପ୍ତ ହୋଇଗଲା ! ପରେ କିନ୍ତୁ ଶ୍ରୀଅରବିନ୍ଦ ତାଙ୍କ ଘରର ବାରନ୍ଦାରେ ଚମ୍ପକଲାଲ ଏବଂ ନୀରଦଦା'ଙ୍କ କାନ୍ଧରେ ଭରା ଦେଇ ଚାଲୁଥିଲେ। ସେସମୟରେ ଦୁର୍ଘଟଣା ଯୋଗୁଁ ସେ ଏକା ଚାଲିବା ସମ୍ଭବ ନ ଥିଲା। ତଥାପି ଚାଲୁଥିଲେ। ସାଧନା ପାଇଁ ଶରୀରକୁ ସୁସ୍ଥ ରଖିବା ପ୍ରୟୋଜନ, କିଛି କିଛି ବ୍ୟାୟାମ କରିବା ଦରକାର ଏକଥା ସେ ଶିକ୍ଷା ଦେଇଛନ୍ତି।

୧୯୪୨ ମସିହାରୁ ଛୋଟ ପିଲାମାନେ ଆଶ୍ରମକୁ ଆସିବାକୁ ଆରମ୍ଭ କଲେ। ସେମାନେ ଥିଲେ ଯୁଦ୍ଧ ଯୋଗୁଁ ଆଶ୍ରୟପ୍ରାର୍ଥୀ ପରିବାରର ଅନ୍ତର୍ଭୁକ୍ତ। ସେତେବେଳ ପର୍ଯ୍ୟନ୍ତ ନିୟମବଦ୍ଧ ସୁଶୃଙ୍ଖଳ ଖେଳାଖେଳି ଆରମ୍ଭ ହୋଇ ନ ଥିଲା।

ଏବେ ଆମମାନଙ୍କର ଯେଉଁ ପ୍ଲେ-ଗ୍ରାଉଣ୍ଡ ତା'ର ମାତ୍ର କିଛି ଅଂଶ ପ୍ରଥମେ ପିଲାମାନଙ୍କ ଦଖଲକୁ ଆସିଲା। ଦୁଇଟି କାଠି ଦେଇ ଗୋଲପୋଷ୍ଟ ଏବଂ ଦଉଡ଼ି ଟାଣି କ୍ରସ୍‌ବାର୍ ତିଆରି କରି ପରମ ଉତ୍ସାହରେ ପିଲାମାନେ ଫୁଟବଲ ଖେଳୁଥିଲେ। ଏହି ପଡ଼ିଆରେ ପ୍ରାୟ ସମସ୍ତଙ୍କର ଫୁଟବଲ ଖେଳର ପ୍ରଥମ ପାଠ ଆରମ୍ଭ ହୋଇଥିଲା। ଏଠାରେହିଁ ତରୁଣ ଓ ପ୍ରବୀଣମାନଙ୍କ ମଧ୍ୟରେ ପ୍ରଥମ ଫୁଟବଲ ମ୍ୟାଚ୍ ହୋଇଥିଲା। ୧୬ଟି ଗୋଲରେ ପ୍ରବୀଣମାନେ ହାରିଯାଇଥିଲେ। ପରେ ଖେଳ ଉପଯୋଗୀ ଗୋଟିଏ ପଡ଼ିଆରେ ପୁଣି ପ୍ରବୀଣ ଓ ତରୁଣମାନଙ୍କ ମଧ୍ୟରେ ଆଉ ଗୋଟିଏ ମ୍ୟାଚ୍ ହୋଇଥିଲା। ତାହା ସହରର ବିଖ୍ୟାତ ସର୍କେଲ୍ ସ୍ପୋଟିଫ୍ ପଡ଼ିଆରେ ଅନୁଷ୍ଠିତ ହୋଇଥିଲା। ସେଠାରେ ଏକଦା ନଳିନୀକାନ୍ତ ଗୁପ୍ତ, ସୁରେଶ ଚକ୍ରବର୍ତ୍ତୀ, ବିଜୟ ନାଗ ପ୍ରଭୃତି ଖେଳି ସ୍ଥାନୀୟ ଲୋକମାନଙ୍କ ପାଖରୁ ଉଚ୍ଛ୍ୱସିତ ପ୍ରଶଂସା ପାଇଥିଲେ। ରୟ, ସକ୍ରା, ବସାକ୍ ଏଇ ଛଦ୍ମନାମରେ ସେମାନେ ସହରରେ ପରିଚିତ ଥିଲେ। ଏହି ଦ୍ୱିତୀୟ ମ୍ୟାଚ୍‌ର ଫଳାଫଳ ଅମୀମାଂସିତ ଭାବରେ ଶେଷ ହୋଇଥିଲା। ଯଦିଓ ନୀରଦଦା' ଗୋଟିଏ ଗୋଲ୍ ଦେଇଥିଲେ କିନ୍ତୁ ତାହା ଅଫ୍ ସାଇଡ଼େଡ୍ ବୋଲି ନାକଚ ହୋଇଯାଇଥିଲା। କଲ୍ୟାଣଦା', ଋଷଭଚାନ୍ଦଦା', କାଳୀକୁମାରଦା' ଖୁବ୍ ସୁନ୍ଦର ଖେଳିଥିଲେ। ଉଦାର, ବୁଲାଦା', ରାଜେନ୍‌ଦା' ଇତ୍ୟାଦି ମଧ୍ୟ ଖେଳିଥିଲେ।

ପରେ ଟେନିସ୍ ଗ୍ରାଉଣ୍ଡରେ ଫୁଟବଲ ଖେଳ ଆରମ୍ଭ ହେଲା। ଆଶ୍ରମର

ପିଲାମାନେ ପ୍ରଫେସର ସାରାଭାନ୍ (ଫ୍ରେଞ୍ଚ କଲେଜର ଅଧ୍ୟାପକ) ଓ ଜଣେ ବର୍ଦ୍ଧିଷ୍ଣୁ ଜମିଦାରଙ୍କ ଆମନ୍ତ୍ରଣକ୍ରମେ ତାଙ୍କ ଗ୍ରାମରେ ବାହାର ପିଲାମାନଙ୍କ ସହିତ ପ୍ରଥମ ମ୍ୟାଚ୍ ଖେଳିଥିଲେ। ଆମ ପିଲାମାନେ ହାରିଯାଇଥିଲେ କାରଣ ବଡ଼ ପଡ଼ିଆରେ ଖେଳିବା ପାଇଁ ସେପର୍ଯ୍ୟନ୍ତ ସେମାନେ ଅଭ୍ୟସ୍ତ ନ ଥିଲେ। ଏଇ ପ୍ରଥମ ମ୍ୟାଚ୍‌ରେ ରଞ୍ଜୁ ଅଧିନାୟକତ୍ୱ କରିବାର ସୁଯୋଗ ପାଇଥିଲା। ପ୍ରଥମ ଖେଳଟିର ଚାକ୍ଷୁଷ ବିବରଣ ଲେଖି ଶ୍ରୀମାଙ୍କ ନିର୍ଦ୍ଦେଶ ଅନୁଯାୟୀ ତାଙ୍କ ପାଖରେ ପେସ କରିଥିଲେ ଶ୍ରୀଅରବିନ୍ଦଙ୍କ ଅନୁରାଗୀ, ସେତେବେଳର ବିପ୍ଳବୀ, ଦର୍ଶନର ଅଧ୍ୟାପକ ଆମମାନଙ୍କର ପିତୃଦେବ ନରେନ୍ଦ୍ରନାଥ ଦାଶଗୁପ୍ତ। କିଛିଦିନ ପରେ ସେଇ ପଡ଼ିଆରେ ପୁଣି ଥରେ ଖେଳି ଆମ ପିଲାମାନେ ଜିତିଲେ। ସେହି ଖେଳ ଦେଖିବାକୁ ମା' ପଡ଼ିଆକୁ ଯାଇଥିଲେ। ଅବଶ୍ୟ ଖେଳ ଶେଷ ହେବା ପୂର୍ବରୁ ମା' ଫେରିଆସିଥିଲେ। ବେଶ୍ କେତୋଟି ଫୁଟବଲ ମ୍ୟାଚ୍‌ରେ ମା' ଉପସ୍ଥିତ ଥିଲେ। ଏମିତି ଏକ ବାହାର ପିଲାମାନଙ୍କ ସହିତ ହେଉଥିବା ମ୍ୟାଚ୍‌ରେ ହୃଦୟ (ପ୍ରଣବର ଭାଇ) ବ୍ୟାକ୍‌ରେ ଖେଳୁଥିଲା। ତା'ର ସାହସ ଥିଲା ଅସୀମ ଏବଂ ଖେଳ ଥିଲା କ୍ଷିପ୍ରତର। ସେ ହଠାତ୍ ପ୍ରତିପକ୍ଷର ଜଣେ ଖେଳାଳୀର ଅବୈଧ ଆକ୍ରମଣରେ ଆହତ ହେଲା। ସେ ଆଉ ଖେଳି ପାରିଲା ନାହିଁ। ମ୍ୟାଚ୍ ଶେଷ ହେବାର ଅଳ୍ପ ସମୟ ପୂର୍ବରୁ ରଞ୍ଜୁ ଓ ସେଇ ଖେଳାଳୀ ମଧ୍ୟରେ ହେଡ଼ିଙ୍ଗ୍ ଚାଲିଥିବାବେଳେ ପ୍ରତିପକ୍ଷର ସେଇ ଖେଳାଳୀର କପାଳରେ ଆଘାତ ଲାଗିଲା। ସେ ରକ୍ତାକ୍ତ ହୋଇଗଲେ। ସେତେବେଳେ ମା' ସେଇ ପୁଲିସ୍ ପଡ଼ିଆ (Terrain Militaire)ରେ ଉପସ୍ଥିତ ଥିଲେ। ଖେଳ ଶେଷ ହେବାପରେ ଉଭୟ ଦଳର ଖେଳାଳୀମାନେ ଯେତେବେଳେ ମା'ଙ୍କ ପାଖକୁ ଆସିଲେ ମା' ପ୍ରତିପକ୍ଷର ସେଇ ଖେଳାଳୀଟିକୁ କହିଥିଲେ, ''ଦେଖିଲ ତ! କଥାଟା ଏତେ ସହଜ ନୁହେଁ।''

କ୍ରମେ ଆଶ୍ରମ ପିଲାମାନେ ଫୁଟବଲ ଖେଳରେ ପାରଦର୍ଶୀ ହୋଇ ଉଠିଲେ। କାଡ଼ାଲୋର୍‌ର ଗୋଟିଏ ସ୍ଥାନୀୟ ଦଳ ସହିତ ଆଶ୍ରମ ପିଲାମାନେ ମ୍ୟାଚ୍ ଖେଳିବାକୁ ଯାଇଥିଲେ। ସେଥର ହୃଦୟ ବଦଳରେ ମଞ୍ଜୁ ରାଇଟ୍ ଆଉଟ୍‌ରେ ଖେଳିଥିଲା। ଏଇ ଫୁଟବଲ ଖେଳ ଦେଖିବାକୁ ମା' ସେଠାରେ ଉପସ୍ଥିତ ଥିଲେ।

ଏବେ ସ୍ପୋର୍ଟସ୍ ଗ୍ରାଉଣ୍ଡରେ ଆମମାନଙ୍କର ଫୁଟବଲ ପଡ଼ିଆ ତିଆରି ହୋଇଛି। ଏଇ ପଡ଼ିଆଟି ଥିଲା ଜଳଦଦା'ଙ୍କ ଚିନାବାଦାମ କ୍ଷେତ। ଏଇ ପଡ଼ିଆଟିକୁ ଫୁଟବଲ ଖେଳିବା ପାଇଁ ଦେବାକୁ ପିଲାମାନେ ଜଳଦଦା'ଙ୍କୁ ଅନୁରୋଧ କରିଥିଲେ। ଅଗତ୍ୟା ସେ ପଡ଼ିଆଟି ଦେବାକୁ ରାଜି ହୋଇଥିଲେ।

ତା'ପରେ ହେଲା ଦ୍ୱିତୀୟ ପଡ଼ିଆଟି। ଏହି ପଡ଼ିଆରେ ଆଶ୍ରମ ପିଲାମାନଙ୍କ ସହିତ ଦୁର୍ଦ୍ଧର୍ଷ ବେଙ୍ଗଲ ଦଳ ଖେଳିଥିଲେ। କଲିକତାର ଖ୍ୟାତନାମା ମୋହନବାଗାନ କ୍ଲବ ପୁଲିସ ପଡ଼ିଆ (ମିଲିଟାରୀ ଗ୍ରାଉଣ୍ଡ)ରେ ଯେତେବେଳେ ପ୍ରଥମ ପ୍ରଦର୍ଶନୀ ମ୍ୟାଚ୍ ଖେଳିଲେ, ପ୍ରଧାନ ଅତିଥି ଭାବରେ ମା' ସେଠାରେ ଉପସ୍ଥିତ ଥିଲେ। ସେହି ଦଳରେ ଥିଲେ ଥଙ୍ଗରାଜ, ଶୈଳେନ ମାନ୍ନା, ଶରତ ଦାସ, ଅନିଲ ଦେ, ନାୟାର ଓ ରଞ୍ଜୁର କଲେଜ ସହପାଠୀ ମାନସ ଦାସଗୁପ୍ତ। ମୋହନବାଗାନର ପରିଚ୍ଛନ୍ନ, କୌଶଳୀ ଓ ସଂଘବଦ୍ଧ ଖେଳ ଦେଖି ମା' ମନ୍ତବ୍ୟ କରିଥିଲେ, "ଏହା ଏକ ନୈପୁଣ୍ୟଯୁକ୍ତ ଖେଳ ଥିଲା।"

ଆମ ପିଲାମାନେ ଖେଳିବାକୁ ଗଲେହିଁ ଜଖମ ହୋଇ ଫେରୁଥିଲେ। ସୁନୀଲଦା' ପ୍ରତ୍ୟେକ ଥର ଆମ ଦଳର କ୍ୟାପ୍ଟେନ୍ ହେଉଥିଲେ। ଖୁବ୍ ସୁନ୍ଦର ସିତାର ବଜାଉଥିଲେ। କିନ୍ତୁ ଏମିତି ଦୁର୍ଭାଗ୍ୟ ଯେ ଥରେ ଫୁଟବଲ ଖେଳିବାକୁ ଯାଇ ତାଙ୍କ ଡାହାଣ ହାତଟି ଭାଙ୍ଗିଗଲା। ସିତାର ବଜାଇବାରେ ତାଙ୍କର ପୂର୍ଣ୍ଣଚ୍ଛେଦ ପଡ଼ିଲା। ଆମମାନଙ୍କର ଅପେକ୍ଷାର ସୀମା ନ ଥିଲା। ବିଶେଷ କରି ସୁନୀଲଦା'ଙ୍କ ମା' ଇନ୍ଦୁମୁଖୀ ମାଉସୀ ଖୁବ୍ ଦୁଃଖିତ ହୋଇଥିଲେ। ଏମିତି ସମସ୍ତେ ଜଖମ ହେବା ଦେଖି ମା' ଫୁଟବଲ ଖେଳର ନାଁ ଦେଇଥିଲେ 'ନୃଶଂସ ଖେଳ'।

କିନ୍ତୁ ମୋହନବାଗାନ ପିଲାମାନଙ୍କର ଖେଳ ଦେଖି ମା'ଙ୍କ ଅଭିମତ ବଦଳି ଯାଇଥିଲା। ଖେଳ ପରେ ସେ ମୋହନବାଗାନର ଖେଳାଳୀମାନଙ୍କୁ ସ୍ନେହରେ ଉପହାର ଦେଇଥିଲେ। ତାଙ୍କ ଦଳର ନେତା ଅନିଲ ଦେ ଖେଳ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଜଣାଇବା ପରେ ଉଦାତ୍ତ କଣ୍ଠରେ ଦଳର ସମସ୍ତଙ୍କ ସହିତ ମିଳିତ ହୋଇ ଘୋଷଣା କରିଥିଲେ, "Three cheers for our Ma"। କହିବା ବାହୁଲ୍ୟ ଯେ ମା' ତାଙ୍କ ସନ୍ତାନମାନଙ୍କର, ସେଇ ଭକ୍ତ ଖେଳାଳୀମାନଙ୍କର ଶିଷ୍ଟ ଆଚରଣ ଦେଖି ଖୁବ୍ ସନ୍ତୁଷ୍ଟ ହୋଇଥିଲେ।

ଏଇ ଫୁଟବଲ ଖେଳ ପ୍ରାରମ୍ଭରେ ଅରୁଣ ଗୋଲ୍‌କିପର୍ ଭାବେ ଖେଳୁଥିଲା। ତା'ର ଖେଳ ଖୁବ୍ ନିଖୁଣ ଓ ନିର୍ଭରଯୋଗ୍ୟ ଥିଲା। ବ୍ୟାକ୍‌ରେ ହୃଦୟ ଓ ଚଟ୍ଟଗ୍ରାମର ସୁଧୀର ଖେଳୁଥିଲେ। ପରେ କାଶୀଦାସ ବି ଖେଳିଥିଲେ। ହାଫ୍‌ରେ ଖେଳୁଥିଲେ ବୀର ସିଂ, ଅଭୟ ସିଂ, ଦୟାକର, କୁଞ୍ଜବିହାରୀ ଓ ରବି ଗୁପ୍ତ। ପୁରୋଭାଗରେ ସୁନୀଲଦା', ଅମୀୟ, କନକ, ଜୟନ୍ତ, ମଞ୍ଜୁ ଗୁପ୍ତ ଓ ରଞ୍ଜୁ ଗୁପ୍ତ ଖେଳୁଥିଲେ। ସୁନୀଲଦା' ବହୁବାର ଦଳର ନେତୃତ୍ୱ ନେଇଥିଲେ। ତାଙ୍କ ଖେଳରେ ଥିଲା ସାହସ, କ୍ଷିପ୍ରତା, ଶକ୍ତ ସଟ୍ ଓ ହେଡ଼ିଂ। ସେ ଥିଲେ ସେଣ୍ଟର ଫରୱାର୍ଡ଼ଭାବରେ ବେଶ୍ ଉପଯୁକ୍ତ। ଆଜିକାଲି ଏମାନଙ୍କୁ

ଷ୍ଟ୍ରାଇକର କୁହାଯାଏ। କନକର ଖେଳରେ ଥିଲା ନିପୁଣ ପାସିଂ, ଇନ୍‌ସାଇଡ୍ ଫରଓ୍ୱାର୍ଡ଼ ହୋଇ ଅନ୍ୟମାନଙ୍କୁ ଖେଳାଇ ନେବାର କୌଶଳ। ତା' ଖେଳର ପ୍ରଧାନ ଗୁଣ ଥିଲା ଶୃଙ୍ଖଳା।

ପରେ ଫୁଟବଲ ଖେଳ ପାଇଁ ଅଳ୍ପ ବୟସ୍କ ପିଲାମାନଙ୍କୁ ନେଇ ଆଉ ଗୋଟିଏ ଦଳ ତିଆରି ହୋଇଥିଲା। ଏମାନଙ୍କ ମଧ୍ୟରେ ଉଲ୍ଲେଖଯୋଗ୍ୟ ଥିଲେ ରଥିନ, କାଲୁ, ମନା, ପ୍ରଭାକର, ଅମରେନ୍ଦ୍ର, କିଚ୍ଛୁ, ଦେବୁ, ମନୋଜ, ଅରବିନ୍ଦ ବାବୁ, ଶୈଳେଶ, ଅଶୋକ ଇତ୍ୟାଦି। ମନାର ଖେଳରେ ଥିଲା ସବୁ ଗୁଣର ସମାବେଶ। ଦୁଇ ଗୋଡ଼ରେ ସମାନ ଭାବରେ ସୁଟିଂ, ବଲ କଣ୍ଟ୍ରୋଲ, ହେଡ଼ିଂ, ସ୍ୱାସ୍ଥ୍ୟ, ଦମ୍ ଓ ଗତି। ସେ ଥିଲା ପିଭଟ ବା ସେଣ୍ଟର ହାଫ୍‌ର ଆଦର୍ଶ। ଇଚ୍ଛା କଲେ ସେ କୌଣସି ଷ୍ଟେଟ ଖେଳାଳୀ ହୋଇ ପାରିଥା'ନ୍ତା। ଦେବୁର ଖେଳ ବି ଥିଲା ଖୁବ୍ ସୁନ୍ଦର। ସେ ଖୁବ୍ କମ୍ ଖେଳିଥିଲା। ତଥାପି କ୍ରୀଡ଼ାପ୍ରେମୀମାନଙ୍କର ଚିତ୍ତ ସେ ଜୟ କରିପାରିଥିଲା। କିଚ୍ଛୁ ଓ ପ୍ରଭାକର ମଧ୍ୟ ସୁନ୍ଦର ଖେଳୁଥିଲେ।

ପ୍ରବୀଣମାନଙ୍କ ସହିତ ତରୁଣମାନଙ୍କର ପ୍ରାୟ ପ୍ରଦର୍ଶନୀ କ୍ରୀଡ଼ା ପ୍ରତିଯୋଗିତା ହେଉଥିଲା। ସେହି ଖେଳର ଫଟୋ ବୁଲେଟିନରେ ମଧ୍ୟ ବାହାରିଥିଲା। ଏହି ଫଟୋଟିରେ ଖେଳ ପ୍ରାରମ୍ଭରେ ମା' ତାଙ୍କ ଚରଣସ୍ପର୍ଶ ଦେଇ ବଲଟିକୁ ଗଡ଼ାଇଦେଉଛନ୍ତି। ପାଖରେ ପ୍ରବୀଣ ଦଳର ଅଧିନାୟକ ଶ୍ରଦ୍ଧେୟ ନଳିନୀଦା' ସ୍ମିତହାସ୍ୟ ସହିତ ମା'ଙ୍କ ଚରଣ ଆଡ଼କୁ ଚାହିଁରହିଛନ୍ତି। ଆମେ ସମସ୍ତେ ମା'ଙ୍କର ବଲ ଖେଳିବାର ଭଙ୍ଗୀ, ତାଙ୍କ ବଲ ଚାଳନା ଦୂରରୁ ଉତ୍ସାହର ସହିତ ଦେଖୁଛୁ। ୧୯୫୪ ମସିହା ଜୁଲାଇ ୩୧ ତାରିଖ ଦିନ ଏଇ ଖେଳ ହୋଇଥିଲା।* ସେହି ମୁହୂର୍ତ୍ତଗୁଡ଼ିକ ଖୁବ୍ ଉପଭୋଗ୍ୟ ଥିଲା। ସବୁ କାମରେ ମା'ଙ୍କର କି ଉତ୍ସାହ ଓ ଉଦ୍ଦୀପନା! ଆଉ ସେହି ଉତ୍ସାହ ସମସ୍ତଙ୍କ ମଧ୍ୟକୁ ସଞ୍ଚାରିତ ହେଉଥିଲା।

ବାହାରକୁ ଫୁଟବଲ ଖେଳିବାକୁ ଯିବା ପୂର୍ବରୁ ପିଲାମାନେ ଆଶ୍ରମରେ ପବିତ୍ରଦା'ଙ୍କ ଘର ସାମନାରେ ଆସି ଏକାଠି ହେଉଥିଲେ। ଏବେ ସେଠାରେ ପବିତ୍ରଦା'ଙ୍କ ଅଫିସ ରହିଛି। ଆମ 'ଚମ୍' ସେଇ ଅଫିସର ତତ୍ତ୍ୱାବଧାନରେ ରହିଛି। ବିଦେଶରୁ ବିଶେଷତଃ ଫ୍ରାନ୍ସରୁ ଯେଉଁସବୁ ଚିଠିପତ୍ର ଆସେ ଚମ୍ ସେଇସବୁ ଚିଠିର ଉତ୍ତର ପଠାଇବାର ବ୍ୟବସ୍ଥା କରେ। ମା' ବେଶ୍ ମଧୁର ଭାବରେ ଚମ୍‌କୁ 'ଚୁମ୍' ବୋଲି ଡାକୁଥିଲେ।

* ରଞ୍ଜୁର ସୌଜନ୍ୟରୁ ଫୁଟବଲ ସମ୍ବନ୍ଧରେ ଏଇସବୁ ଖବର ପାଇଛି।

ପିଲାମାନେ ପବିତ୍ରଦା'ଙ୍କ ଘର ସାମନାରେ ଏକାଠି ହେବାପରେ ସେମାନଙ୍କୁ ଆଶୀର୍ବାଦ ଦେବାକୁ ମା' ଉପରୁ ଓହ୍ଲାଇଆସୁଥିଲେ। ପିଲାମାନେ ଯେ ବାହାରକୁ ଖେଳିବାକୁ ଯାଉଛନ୍ତି। ମା'ଙ୍କର କି ଉତ୍ସାହ! ଆମେମାନେ ମଧ୍ୟ ସେଇ ଉତ୍ସାହରେ ଆନନ୍ଦରେ ଭରପୂର ହୋଇଯାଉଥିଲୁ ଯେମିତି ଆମେ ନିଜେ ମଧ୍ୟ ଖେଳିବାକୁ ଯାଉଛୁ।

# ମା'ଙ୍କ ପାଇଁ ପ୍ରତୀକ୍ଷା

ପ୍ରଭୁ, ତୁମ ଲାଗି ରହେ ଜାଗି:
ଦରଶନ ନ ପାଏ ତୁମର,
ରହିଥାଏ ପଥ ଚାହିଁ,
ପ୍ରତୀକ୍ଷା ବି ଆନନ୍ଦ ଅପାର।

ଆଗରୁ ସନ୍ଧ୍ୟାରେ ଯେତେବେଳେ ମା'ଙ୍କ ପାଖକୁ ଯାଉଥିଲୁ ସେତେବେଳେ ଶିଡ଼ି ସାମନା କବାଟଟି ମା' ପ୍ରାୟ ଆଠଟା ପାଖାପାଖି ଖୋଲୁଥିଲେ। ଆମେ ଅଳ୍ପ କେତେଜଣ ସେଇ ସମୟରେ ମା'ଙ୍କ ପାଖରୁ ଆଶୀର୍ବାଦ ଫୁଲ ପାଉଥିଲୁ। ସନ୍ଧ୍ୟା ସାତଟାରୁ ଆମେ ଯାଇ ଶିଡ଼ି ଉପରେ ବସି ମା'ଙ୍କ ପାଇଁ ଅପେକ୍ଷା କରୁଥିଲୁ। ମା'ଙ୍କୁ ଅପେକ୍ଷା କରି କରି କେବେ କେବେ ରାତି ଆଠଟା, ନଅଟା, ଦଶଟା ବାଜିଯାଉଥିଲା। ମା କିନ୍ତୁ ଆସୁ ନ ଥିଲେ। ନ ଖାଇ ନ ପିଇ ଏମିତି ଭାବରେ ପ୍ରାୟ ସବୁଦିନ ବସି ରହିବାକୁ ହେଉଥିଲା। ତା' ପରେ ସେ କବାଟ ଖୋଲି ଶୀଘ୍ର ଶୀଘ୍ର ଆମମାନଙ୍କୁ ଫୁଲ ଦେଉଥିଲେ। କୌଣସି କୌଣସି ଦିନ ଧ୍ୟାନରେ ଏମିତି ବୁଡ଼ି ଯାଉଥିଲେ ଯେ କବାଟ ଖୋଲୁ ନ ଥିଲେ। ମା'ଙ୍କ ପାଇଁ ସନ୍ଧ୍ୟାବେଳେ ଘଣ୍ଟା ପରେ ଘଣ୍ଟା ଶିଡ଼ି ଉପରେ ଅପେକ୍ଷା କରି ବସି ରହିବାକୁ ଆମକୁ କିନ୍ତୁ ବେଶ୍ ଭଲଲାଗୁଥିଲା। ଆମ ଜେଜେମା', ଆଈମା'ମାନେ ଯେମିତି ସନ୍ଧ୍ୟା ହେଲେ ପୂଜା ଆହ୍ନିକ ଇତ୍ୟାଦି କରନ୍ତି ଆମେ ବି ସେମିତି ମା'ଙ୍କୁ ସ୍ମରଣ କରି ଶାନ୍ତ ଭାବରେ ବସି ରହୁଥିଲୁ। ଟିକିଏ ବି କ୍ଳାନ୍ତି ବା ଅଧୈର୍ଯ୍ୟ ଲାଗୁ ନ ଥିଲା। ମନେହେଉଥିଲା ଯେମିତି ମା'ଙ୍କ ପାଖରେହିଁ ବସି ରହିଛୁ। ସେଇଥି ପାଇଁ ତ କହୁଛି:

ପ୍ରଭୁ, ତୁମ ଲାଗି ରହେ ଜାଗି;
ଦରଶନ ନ ପାଏ ତୁମର,
ରହିଥାଏ ପଥ ଚାହିଁ,
ପ୍ରତୀକ୍ଷା ବି ଆନନ୍ଦ ଅପାର।

ଦିନେ ଆମ ଭିତରୁ ଜଣେ ବୟସ୍କା ମହିଳା ମା'ଙ୍କ ପାଇଁ ଅପେକ୍ଷା କରୁ କରୁ ଅଧୈର୍ଯ୍ୟ ହୋଇ ଉଠିଲେ। ସେ ଆଣିଥିବା ଫୁଲଥାଳୀଟି କବାଟ ଅଳ୍ପ ଖୋଲି ସାମନାରେ ଥିବା ଆଲମାରି ଉପରେ ରଖିଦେଇ ଚାଲିଯିବାକୁ ଉପକ୍ରମ କଲେ। ମା'ଙ୍କ

ପାଇଁ ଅପେକ୍ଷା କରିବାକୁ ମୁଁ ତାଙ୍କୁ ବାରଂବାର ଅନୁରୋଧ କଲି। କହିଲି, "ଆପଣ ଚାଲିଯିବେ, ଆଉ ମା' ହୁଏତ ସଙ୍ଗେ ସଙ୍ଗେ କବାଟ ଖୋଲିବେ।" ସେ କିନ୍ତୁ କିଛି ଶୁଣିଲେ ନାହିଁ। ମୋ ଉପରେ ଟିକିଏ ବିରକ୍ତ ମଧ୍ୟ ହେଲେ।

ସେ ଓହ୍ଲାଇଗଲେ। ଆଉ ଆଶ୍ଚର୍ଯ୍ୟର କଥା, ମା' ଠିକ୍ ସେଇ ମୁହୂର୍ତ୍ତରେ କବାଟ ଖୋଲିଲେ! ଆମେ ସମସ୍ତେ ଉଠି ଛିଡ଼ାହେଲୁ। ଆମେ ସମସ୍ତେ ତ ଅବାକ୍। ଇଏ ପୁଣି କି ପରୀକ୍ଷା! ସମସ୍ତେ ଜଣ ଜଣ କରି ମା'ଙ୍କ ପାଖରୁ ଆଶୀର୍ବାଦ ଫୁଲ ନେଇ ଓହ୍ଲାଇଗଲେ। ମୁଁ ସବା ଶେଷରେ ମା'ଙ୍କ ପାଖକୁ ଗଲି।

ମୁଁ ଘରେ ପଶିବା ମାତ୍ରେ ମା' ପଚାରିଲେ, "ଏଇ ଫୁଲ ଥାଳୀଟି କିଏ ରଖିଛି ?"

କ'ଣ ଯେ ହେଲା ଜାଣିନି, ମୁଁ ଚୁପ୍‌ହୋଇ ରହିଲି।

ମା' ପୁଣି ପଚାରିଲେ, "ମୁଁ ଜାଣିଛି, କିଏ ଏଇ ଫୁଲ ଥାଳୀଟି ରଖିଯାଇଛି। ସମସ୍ତଙ୍କ ଫୁଲଦାନୀ ଓ ଫୁଲଥାଳୀ ମୁଁ ଚିହ୍ନିଛି। (ମା'ଙ୍କୁ ଅନେକେ ନିଜ ନିଜ ଥାଳୀରେ ବା ଫୁଲଦାନୀରେ ଫୁଲ ନିବେଦନ କରୁଥିଲେ। ଆଉ ମା' ସେମାନଙ୍କ ଥାଳୀ ଓ ଫୁଲଦାନୀ ଭର୍ତ୍ତି କରି ନାନାପ୍ରକାର ଫୁଲ ଦେଉଥିଲେ।) ଅତ୍ୟନ୍ତ ଦୁଃଖର ସହିତ ମା' କହିଲେ, "ତୁମେମାନେ ମୋତେ ଆଶ୍ଚର୍ଯ୍ୟ କରାଇଲ। ମୋ ପାଇଁ ଟିକିଏ ସମୟ ତୁମେମାନେ ଅପେକ୍ଷା କରିପାର ନାହିଁ? ଏମିତି ଅଧୈର୍ଯ୍ୟ ହୋଇପଡ଼!" ପୁଣି କହିଲେ, "ଜାଣ, ଏମିତିକି ଦେବଦେବୀମାନେ ମଧ୍ୟ ମୋର ଟିକିଏ ଦର୍ଶନ ପାଇବାକୁ କେମିତି ଉନ୍ମୁଖ ହୋଇ ରହିଥା'ନ୍ତି ? ମୁନିଋଷିମାନେ ଧ୍ୟାନରେ ବା ସ୍ୱପ୍ନରେ ମୁହୂର୍ତ୍ତକ ପାଇଁ ମୋ ଦର୍ଶନ ପାଇଲେ ସାରା ଜୀବନ ଧନ୍ୟ ହୋଇଗଲା ବୋଲି ମନେ କରନ୍ତି। ତୁମେମାନେ ମୋତେ ଅତି ସହଜରେ ପାଇଛ ତ, ତେଣୁ ମୂଲ୍ୟ ଦେଇ ଜାଣି ନାହଁ।"

ମା'ଙ୍କ ମୁହଁରୁ ଏଇ କଥାଗୁଡ଼ିକ ଶୁଣି ମୋ ଅନ୍ତର ଯେମିତି ଦୁଃଖରେ ଭରିଗଲା। ମା'ଙ୍କୁ କହିଲି, "ମା', ଦେବତା ଓ ମୁନିଋଷିମାନେ ତୁମକୁ କେବଳ ଭଗବତୀ, ଆଦ୍ୟାଶକ୍ତି ଭାବରେ ଜାଣନ୍ତି। କିନ୍ତୁ ମା', ତୁମେ ଯେ ଆମମାନଙ୍କ ମା', ଆମମାନଙ୍କ ବନ୍ଧୁ। ଆମେ ତୁମକୁ ଦେବୀ ଆଦ୍ୟାଶକ୍ତି ଭାବରେ ଜାଣୁ, କିନ୍ତୁ ତା'ଠାରୁ ତୁମକୁ ବେଶୀ ଜାଣୁ ଆମର ସ୍ୱୟଂ ଜନନୀ ରୂପେ, ବନ୍ଧୁ ରୂପେ। ସେଇଥିପାଇଁ ତ ତୁମ ପାଖରେ ଆମର ଏତେ ଅଳି, ଏତେ ଅଭିମାନ। ଗଛର ଛାଇରେ ଆମେ ଯେତେବେଳେ ଠିଆହେଉ ବା ବସୁ ସେତେବେଳେ ଆମେ କ'ଣ ଭାବୁ, 'ଆଃ, ଗଛ ଆମକୁ କି ସୁନ୍ଦର ଛାୟା ଦେଉଛି ?' ତୁମେ ତ ଆମର ବନ୍ଧୁ, ତୁମେ ତ ଆମର ମା'।"

ଏସବୁ କହୁ କହୁ ହୃଦୟ ମୋର କେମିତି ଭାରି ହୋଇଉଠିଲା। ସମସ୍ତଙ୍କ ପାଇଁ

ମୋ ଅନ୍ତର ମା'ଙ୍କ ପାଖରେ କ୍ଷମା ଚାହିଁବାକୁ ଲାଗିଲା। ଅବୋଧ ଶିଶୁଟିଏ ପରି ମା'ଙ୍କ ସାଥିରେ ଆମର ଏଇ ଯେଉଁ ବ୍ୟବହାର ଏହାର କ'ଣ କ୍ଷମା ନାହିଁ?

ମା' ମଧ୍ୟ ଆଶ୍ଚର୍ଯ୍ୟଜନକ ଭାବରେ ଶାନ୍ତ ହୋଇଗଲେ। ତାଙ୍କ ନୟନରୁ ସ୍ନିଗ୍ଧ ଭଲପାଇବା ଚନ୍ଦ୍ରାଲୋକ ପରି ବିଚ୍ଛୁରିତ ହେବାକୁ ଲାଗିଲା। ତୁମେ ଯେ ଆମମାନଙ୍କ ମା' — ଏଇ ମା' ଡାକରେ ମା' ଉତ୍ତର ଦେଲେ। ମନେହେଲା ମା' ମଣିଷମାନଙ୍କର ଅଜ୍ଞାନତାକୁ ଓ ଆସ୍ପର୍ଦ୍ଧାକୁ କ୍ଷମା କଲେ। କ୍ଷମା ତ କରି ଚାଲିଛନ୍ତି ସଦାବେଳେ। ମା' ମୋତେ କୁଣ୍ଢାଇ ପକାଇଲେ। ସେଇ ସ୍ନେହର ସ୍ପର୍ଶ ଏବେ ବି ଏଇ ଦେହ କୃତଜ୍ଞତାର ସହିତ ଅନୁଭବ କରେ।

ଚମ୍ପକଲାଲଙ୍କୁ ମା' କହିଥିଲେ, "ତୁମେମାନେ ମୋତେ ମଣିଷ ଭାବରେ ଦେଖ। କେବଳ ଏଇ ରୂପଟିହିଁ ତୁମ ଆଖିରେ ପଡ଼େ। ଏମିତି ଭାବରେ ତୁମେମାନେ ମୋ ସହିତ ବ୍ୟବହାର କର ଯେମିତି ମୁଁ ସତରେ ମଣିଷଟିଏ, ଆଉ କିଛି ନୁହେଁ!"

ନଳିନୀଦା' ଲେଖିଛନ୍ତି ଶ୍ରୀଅରବିନ୍ଦ ତାଙ୍କ ସେବକମାନଙ୍କୁ କହିଥିଲେ, ମୁଁ ତୁମମାନଙ୍କର ଏତେ ପାଖକୁ ଓହ୍ଲାଇ ଆସିଛି ତଥାପି ତୁମେମାନେ ମୋତେ ବୁଝିପାରୁ ନାହଁ, ଜାଣିପାରୁ ନାହଁ, ମୋ ଥଳକୂଳ ପାଉ ନାହଁ।

ସାଧକ ରାମପ୍ରସାଦଙ୍କ କବିତାର ଧାଡ଼ିଟିଏ ମନେପଡୁଛି: "କିଏ ବା ତୁମକୁ ଜାଣିପାରେ, ତୁମେ ନ ଜଣାଇଲେ!"

ନଳିନୀଦା' ଲେଖିଛନ୍ତି, "ସେମାନଙ୍କ ଦେହ ଆମ ପାଖରେ ଏତେ ସହଜଲଭ୍ୟ ହୋଇଥିଲା ଯେ ସେଥିପାଇଁ ଆମକୁ କୌଣସି ଶ୍ରମ ବା ପ୍ରୟାସ କରିବାକୁ ପଡ଼ି ନ ଥିଲା। ଫଳରେ ଯେଉଁ ଅମୂଲ୍ୟ ସମ୍ପଦ ଆମକୁ ଦିଆଯାଇଥିଲା ଆମେ ସେସବୁର ମୂଲ୍ୟବୋଧ ହରାଇଲୁ। ସେ ଅନେକ ଥର ଦୁଃଖର ସହିତ ଏକଥା ଉଲ୍ଲେଖ ମଧ୍ୟ କରିଛନ୍ତି। ଧନୀ ବ୍ୟକ୍ତିର ଆଦରର ପୁଅ ପରି ଆମେ ସକଳ ସମ୍ପଦର ଅପବ୍ୟୟ କରୁଛୁ।"

ଏଇ ପ୍ରସଙ୍ଗରେ ଶ୍ରୀଅରବିନ୍ଦଙ୍କ ମହାପ୍ରୟାଣ ପରର ଗୋଟିଏ ଘଟଣା ଉଲ୍ଲେଖ କରୁଛି: ମା'ଙ୍କ ପାଖକୁ ଯିବି ବୋଲି ଶିଡ଼ିରେ ଅପେକ୍ଷା କରିଥିଲି। ସେତେବେଳକୁ ଦିନ ପ୍ରାୟ ସାଢ଼େ ଦଶଟା ହେବ। ସାଧକ 'ଦ' ଜଣେ ମହିଳାଙ୍କ ସହିତ ସିଧା ମା'ଙ୍କ ଘରକୁ ପଶିଗଲେ। ଆଉ ଯିବା ମାତ୍ରେ ଆଶ୍ରମ ସମ୍ବନ୍ଧରେ ନାନା ପ୍ରକାର ନିନ୍ଦା କରିବାକୁ ଲାଗିଲେ। ତା' ପରେ ମା'ଙ୍କ ନାମରେ କେତେ କ'ଣ ନାଲିଶ! ମହିଳା ଜଣକ କାନ୍ଦି ଚାଲିଥା'ନ୍ତି ଆଉ ମଝିରେ ମଝିରେ ଆଶ୍ରମ ଲୋକମାନଙ୍କ ନାଁ ଯୋଡ଼ି ଦେଉଥା'ନ୍ତି। ମା' ଚୁପ୍‌ହୋଇ ସବୁ ଶୁଣୁଥା'ନ୍ତି। ନିଜର ନିନ୍ଦା ଶୁଣି ମଧ୍ୟ କୌଣସି

ପ୍ରତିବାଦ କରୁ ନ ଥା'ନ୍ତି। ସ୍ତବ୍ଧ ହୋଇଗଲା ପରି ଠିଆହୋଇ ରହିଥା'ନ୍ତି। ମୁଁ ଯେ କ'ଣ କରିବି କିଛି ବୁଝିପାରୁ ନ ଥାଏ। ମନ ଭିତରେ ଅଶାନ୍ତିର ଝଡ଼ ବୋହି ଯାଉଥାଏ। କେବଳ ମା'ଙ୍କର ସେଇ କେତୋଟି କଥା ମୋ ମନରେ ଅନୁରଣିତ ହେଉଥାଏ, ''ତୁମେମାନେ ମୋତେ ଅତି ସହଜରେ ପାଇଛ ତ, ତେଣୁ ମୂଲ୍ୟ ଦେଇ ଜାଣି ନାହଁ।''

ଭଦ୍ରବ୍ୟକ୍ତି ମା'ଙ୍କୁ ନାନା ଭାବରେ ଅପମାନିତ କରି ମହିଳାଙ୍କ ସହିତ ବାହାରି ଆସିଲେ। ମା'ଙ୍କ ହାତରୁ ଆଶୀର୍ବାଦ ଫୁଲ ମଧ୍ୟ ନେଲେ ନାହିଁ, ପ୍ରଣାମ କରିବା ତ ଦୂରର କଥା।

ସାହାନାଦି'ଙ୍କ 'ଘରୋଇ ସମ୍ପଦ' ବହିଟି ପଢ଼ିଲି। ମା' ସାହାନାଦି'ଙ୍କୁ ଲେଖିଛନ୍ତି, ''ସ୍ପଷ୍ଟତଃ ପ୍ରତୀୟମାନ ହେଉଛି ଯେ ଗୋଟିଏ ଶକ୍ତି ଚେଷ୍ଟା କରୁଛି 'ଦ'ଙ୍କୁ ଜୋର୍ କରି ବାହାର କରିନେବାକୁ ଏବଂ ସେ ତାହା ବୁଝିବାକୁ ଅକ୍ଷମ। ସେ ଭାବୁଛନ୍ତି ଯେ ଏହା ତାଙ୍କ ନିଜରହିଁ କୌଣସି ଗତିବିଧି। ଏଇ ଶକ୍ତି ତାଙ୍କୁ କ୍ରମାଗତ ସାମନାକୁ ଠେଲି ଦେଉଛି ଏମିତି ସବୁ ଚିଠି ଲେଖିବାକୁ ଯାହା କ୍ରମେ କ୍ରମେ ଦୋଷାରୋପ, ଦ୍ୱିଧା ଓ ତିରସ୍କାରରେ ପୂର୍ଣ୍ଣ ହୋଇଉଠୁଛି। ମୁଁ ତାଙ୍କୁ ଦେଖାଇ ଦେବାକୁ ବାଧ୍ୟ ହୋଇଛି ଯେ ଆମ ସମ୍ବନ୍ଧରେ ତାଙ୍କର ବ୍ୟାଖ୍ୟା ଓ ସିଦ୍ଧାନ୍ତ ସମ୍ପୂର୍ଣ୍ଣ ମିଥ୍ୟା ଉପରେ ପର୍ଯ୍ୟବସିତ। ମନେହୁଏ ଏହା ତାଙ୍କୁ କ୍ଷୁବ୍ଧ କରିଛି ଓ ଆଘାତ ଦେଇଛି।'' ୧୯୩୫ ମସିହାରୁ 'ଦ'ଙ୍କୁ ବିପଥକୁ ନେଇଯିବାକୁ ଆସୁରିକ ଶକ୍ତିଗୁଡ଼ିକ ଚେଷ୍ଟା କରୁଥିଲେ। ଶ୍ରୀଅରବିନ୍ଦଙ୍କ ମହାପ୍ରୟାଣ ପରେ ସେଇ ଆସୁରିକ ଶକ୍ତିଗୁଡ଼ିକ 'ଦ'ଙ୍କୁ ମା'ଙ୍କ ପଣତ ତଳୁ ଟାଣି ନେଇଗଲେ। ସେ ତାଙ୍କର ଶେଷ ବିଦାୟ ଏମିତି ଭାବରେ ନେଇଥିଲେ।

ମୁଁ ଡରି ଡରି ଅତି ସଂକୋଚରେ ଘରେ ପଶିଲି। ମା' ପଥରଟିଏ ପରି ଠିଆ ହୋଇଥିଲେ। ଆଖିର ଦୃଷ୍ଟି କିନ୍ତୁ ଲାଖି ରହିଥିଲା ତାଙ୍କ ଅତିପ୍ରିୟ ସନ୍ତାନଟିର ଚିର ବିଦାୟ ନେଇ ଚାଲିଯିବାର ବାଟକୁ...। ଟେବୁଲର ଧାରକୁ ଭରାଦେଇ ମା' ଠିଆହୋଇଥା'ନ୍ତି। ଏମିତି ଆଘାତ କେବଳ ମା'ଙ୍କ ପକ୍ଷରେହିଁ ସହ୍ୟ କରିବା ସମ୍ଭବ। ମା'ଙ୍କ ଆଖିର ସେଇ ଚିର ଉଜ୍ଜ୍ୱଳ ଆଲୋକ ଗଭୀର ଦୁଃଖରେ ସ୍ତିମିତ ହୋଇଯାଇଥାଏ। ସନ୍ତାନଠାରୁ ଆଘାତ ପାଇବାର ଯେଉଁ ଦୁଃଖ, ଯେଉଁ ଅପରିସୀମ ବେଦନା ତା'ର କ'ଣ ତୁଳନା କରିହୁଏ? ତୁମମାନଙ୍କ ମଧ୍ୟରୁ ଯେଉଁମାନେ ମା' ହୋଇଛ, ସେମାନେ ମା'ଙ୍କର ଏଇ ଗଭୀର କଷ୍ଟ, ଅସହ୍ୟ ଦୁଃଖ ହୃଦୟଙ୍ଗମ କରିପାରିବ। ସନ୍ତାନମାନଙ୍କ ପାଇଁ ମା'ମାନଙ୍କୁ କେତେ ତ୍ୟାଗ ସ୍ୱୀକାର କରିବାକୁ ନ ହୁଏ? ଆଉ ଆମ ମା' ତ ବିଶ୍ୱଜନନୀ।

ଯେତେବେଳେ ସାଧକମାନେ ମା'ଙ୍କୁ ମା' ବୋଲି ଗ୍ରହଣ କରିବାକୁ ଚାହିଁ ନ ଥିଲେ ସେତେବେଳେ ଶ୍ରୀଅରବିନ୍ଦ 'ମା'' ବହିଟି ଲେଖିଥିଲେ। ଅନେକ ସାଧକ ବିଦ୍ରୋହ କରିଥିଲେ ଏବଂ ଅନେକ ଆଶ୍ରମ ଛାଡ଼ି ଚାଲିଯାଇଥିଲେ। ତୁମେମାନେ ଏହା ଭାବିପାରୁଛ ?

କୌଣସି ପ୍ରକାରେ ମା'ଙ୍କୁ ପ୍ରଣାମ କରି, ତାଙ୍କ ହାତରୁ ଆଶୀର୍ବାଦ ଫୁଲ ନେଇ ଫେରିଆସିଲି। ସାରାଦିନ ମନଟା ଭାରାକ୍ରାନ୍ତ ହୋଇରହିଲା। ମା'ଙ୍କ ବେଦନାଭରା କଣ୍ଠସ୍ୱର ମୋ ଅନ୍ତରରେ ଅନୁରଣିତ ହେବାକୁ ଲାଗିଲା... ''ତୁମେମାନେ ମୋତେ ଅତି ସହଜରେ ପାଇଛ ତ, ତେଣୁ ମୂଲ୍ୟ ଦେଇ ଜାଣି ନାହଁ।''

ମା' ଓ ଶ୍ରୀଅରବିନ୍ଦ ସର୍ବଦା ଆମ ମଣିଷମାନଙ୍କର ଅଜ୍ଞାନତା ଓ ଆସ୍ପର୍ଦ୍ଧାକୁ କ୍ଷମା କରିଛନ୍ତି ଏବଂ ଏବେ ମଧ୍ୟ କରୁଛନ୍ତି। ଆମେ ମଣିଷମାନେ ତାଙ୍କ ସମ୍ବନ୍ଧରେ କେତେ ସମାଲୋଚନା ନ କରୁ! ଯୀଶୁଖ୍ରୀଷ୍ଟଙ୍କ ସେଇ ବିଖ୍ୟାତ ବାଣୀ, 'ହେ ପ୍ରଭୁ, ସେମାନଙ୍କୁ କ୍ଷମା କର, କାରଣ ସେମାନେ କ'ଣ କରୁଛନ୍ତି ତାହା ଜାଣିନାହାନ୍ତି' — ଆଜିର ମଣିଷମାନଙ୍କ ପାଇଁ ମଧ୍ୟ ଏହା ପ୍ରଯୁଜ୍ୟ। ମା' ଓ ଶ୍ରୀଅରବିନ୍ଦ ଠିକ୍ ଏମିତି ଭାବରେ ଆମମାନଙ୍କୁ କ୍ଷମା କରିଛନ୍ତି। ମା'ଙ୍କ ବିରୋଧରେ ଲୋକମାନଙ୍କର କେତେ କୁଚିନ୍ତା ନ ଥିଲା! ଶ୍ରୀଅରବିନ୍ଦ ଯେତେବେଳେ ମା'ଙ୍କୁ ଅଦିତି ବୋଲି କହିଲେ ଏବଂ ନିଜେ ଅନ୍ତରାଳରେ ରହି ସାଧନା କରିବାକୁ ଆରମ୍ଭ କଲେ ପୁରୁଣା ସାଧକମାନଙ୍କ ମଧ୍ୟରୁ ଅନେକେ ମା'ଙ୍କୁ ଗ୍ରହଣ କରିବାକୁ ନାରାଜ ଥିଲେ। ସେମାନେ ବିଦ୍ରୋହ କରି ଉଠିଥିଲେ।

ମଝିରେ ମଝିରେ ନଳିନୀଦା' ସନ୍ଧ୍ୟାବେଳେ ତାଙ୍କ ସାମନା ଘରେ ମୁଷ୍ଟିମେୟ କେତେ ଲୋକଙ୍କୁ ନିଜ ଲେଖା ପଢ଼ାଇ ଶୁଣାଉଥିଲେ। କ୍ରମେ ଲୋକସଂଖ୍ୟା ବଢ଼ିଯିବାରୁ ମେଡ଼ିଟେଶନ ହଲରେ ଏଇ କ୍ଲାସର ବ୍ୟବସ୍ଥା କରାଯାଇଥିଲା। ନଳିନୀଦା'ଙ୍କ ସାମନାରେ ଆମେ ସମସ୍ତେ ବସୁଥିଲୁ। ଏଇ କ୍ଲାସରେ ଦିନେ ନଳିନୀଦା' କହିଥିଲେ, ''ତୁମେମାନେ ଯେମିତି ଅତି ସହଜରେ ମା'ଙ୍କୁ ମା' ବୋଲି ଜାଣିଛ, ଆମ ଭାଗ୍ୟରେ ତାହା ଘଟି ନ ଥିଲା। ମା'ଙ୍କୁ ଗ୍ରହଣ କରିବାକୁ ଆମକୁ ଅନେକ କଷ୍ଟ କରିବାକୁ ପଡ଼ିଥିଲା।''

ମୋ ପାଖରେ ମାଧୁରୀ ବସିଥିଲା। ଆମେ ଦୁଇ ଜଣ ପରସ୍ପରକୁ ଚାହିଁଲୁ। ମାଧୁରୀ ହସି ହସି ଗଡ଼ିଗଲା। ମୁଁ ବି ହସ ଚାପି ପାରିଲି ନାହିଁ। ମାଧୁରୀ ମୋ ଆଡ଼କୁ ଚାହିଁ କହିଲା, ''ମା' ଲୋ, ଏମାନଙ୍କ କାଣ୍ଡ ଦେଖ!'' ମାଧୁରୀର କହିବାର ଢଙ୍ଗ ଦେଖି ମୁଁ ହସରେ ଫାଟି ପଡ଼ିଲି। କ୍ଲାସର ଅନ୍ୟମାନେ ମଧ୍ୟ ହସି ଉଠିଲେ। ନଳିନୀଦା'

ମଧ୍ୟ ଆମ ହସରେ ଯୋଗ ଦେଲେ। ଆମର ଏହି ହସର ଜୁଆରକୁ ସେ ମଧ୍ୟ ବେଶ୍ ଉପଭୋଗ କରିଥିଲେ।

ଦେବତାମାନେ କିନ୍ତୁ ଆମମାନଙ୍କର ଏଇ ଧୃଷ୍ଟତା ସହ୍ୟ କରନ୍ତି ନାହିଁ। ସେମାନେ ବି ତ ମା'ଙ୍କର ସନ୍ତାନ। ମଣିଷମାନଙ୍କ ଆସ୍ପର୍ଦ୍ଧାକୁ ସେମାନେ ଶାସ୍ତି ଦିଅନ୍ତି। ଏଠାରେ ଆଉ ଗୋଟିଏ ଘଟଣାର ଉଲ୍ଲେଖ କରୁଛି। ବହୁ ବର୍ଷ ପୂର୍ବର ଘଟଣା। ସେତେବେଳେ ପଣ୍ଡିଚେରୀର ଜନସାଧାରଣ ପୂରାପୂରି ଆଶ୍ରମ ବିରୋଧରେ।

ଆଶ୍ରମର ପିଲାଟିଏ ସମୁଦ୍ରକୂଳରେ ବୁଲୁଥିଲା। ହଠାତ୍ ସେ ଦେଖିବାକୁ ପାଇଲା, ଦଳେ ସ୍ଥାନୀୟ ବ୍ୟକ୍ତି ମା'ଙ୍କ ଫଟୋଟିଏ ନଷ୍ଟ କରିବା ପାଇଁ ସମୁଦ୍ରକୂଳରେ ପ୍ରସ୍ତୁତ ହେଉଛନ୍ତି। ନିଜ ଜୀବନକୁ ବିପନ୍ନ କରି ପିଲାଟି ଜେଟି ଉପରୁ ଲମ୍ଫଦେଇ ତଳକୁ ଡେଇଁ ପଡ଼ିଲା। ଜୋର୍ କରି ସେମାନଙ୍କ ପାଖରୁ ମା'ଙ୍କ ଫଟୋଟି ଛଡ଼ାଇ ଆଣିଲା। ମା'ଙ୍କ ପାଖରେ ଏଇ ଘଟଣାଟି କୁହାଗଲା। ମା' ମଣିଷମାନଙ୍କର ଏଇ ଆସ୍ପର୍ଦ୍ଧାକୁ କ୍ଷମା କଲେ କିନ୍ତୁ ଦେବତାମାନେ ଏହାର ପ୍ରତିଶୋଧ ନେଲେ। ଏଇ ଘଟଣା ପରଠାରୁ ପଣ୍ଡିଚେରୀରେ ବର୍ଷା ହେବା ବନ୍ଦ ହୋଇଗଲା। କେତେ ବର୍ଷ ଧରି ବିନ୍ଦୁଟିଏ ମଧ୍ୟ ବର୍ଷା ହେଲା ନାହିଁ। କି ଜଳକଷ୍ଟ ଯେ ହୋଇଛି କହିହେବ ନାହିଁ। ଗାଡ଼ି କରି ଦୂରରୁ ପାଣି ଆଣି ଘରେ ଘରେ ଦିଆଯାଉଥିଲା। କି କଷ୍ଟରେ ସେତେବେଳେ ଯେ ଦିନ କଟିଛି! ଶେଷରେ ମା' ନିଜେ ମଣିଷମାନଙ୍କ କଷ୍ଟ ଲାଘବ କରିବାକୁ ବର୍ଷାର ଦେବତା ଇନ୍ଦ୍ରଙ୍କୁ ଆହ୍ୱାନ କଲେ। ରେଡ଼୍ ଗ୍ରୁପ୍‌ର ପିଲାମାନଙ୍କୁ ମା' ପ୍ରାର୍ଥନାଟିଏ ଶିଖିବାକୁ ଦେଲେ। ପ୍ରତୀକାତ୍ମକ ଭାବରେ ମା' ପାଣିର ଟୋପାଟିଏ ଭୂମିରେ ଅଙ୍କନ କଲେ ଆଉ ତା'ରି ଉପର ଦେଇ ଦଳ ବାନ୍ଧି ପିଲାମାନେ ଫ୍ରେଞ୍ଚ ଭାଷାରେ ନିମ୍ନଲିଖିତ ପ୍ରାର୍ଥନାଟି ଆବୃତ୍ତି କରି ବାରଂବାର ଚାଲି ଚାଲି ଗଲେ।

ବର୍ଷା, ବର୍ଷା, ବର୍ଷା, ଆମେ ଚାହୁଁଛୁ ବର୍ଷା
ବର୍ଷା, ବର୍ଷା, ବର୍ଷା, ଆମେ ମାଗୁଛୁ ବର୍ଷା
ବର୍ଷା, ବର୍ଷା, ବର୍ଷା, ଆମର ଦରକାର ବର୍ଷା
ବର୍ଷା, ବର୍ଷା, ବର୍ଷା, ଆମର ପ୍ରାର୍ଥନା ବର୍ଷା ପାଇଁ।

ଆମେ ଯେଉଁମାନେ ପ୍ଲେ-ଗ୍ରାଉଣ୍ଡରେ ଉପସ୍ଥିତ ଥିଲୁ ସମସ୍ତେ ମା'ଙ୍କର ଏହି ବିସ୍ମୟକର କାର୍ଯ୍ୟକଳାପ ଦେଖି ହତବାକ୍। ଏଇ ପ୍ରାର୍ଥନା ମାଧ୍ୟମରେ ପ୍ଲେ-ଗ୍ରାଉଣ୍ଡରେ ଯଜ୍ଞ କରାଗଲା। ମୁଁ ଅବାକ୍ ହୋଇ ଦେଖୁଥିଲି ଆଉ ଭାବୁଥିଲି, ଏସବୁ ତା' ହେଲେ କ'ଣ ସତ? ପିଲାବେଳେ ଆଈ, ଜେଜେମା'ଙ୍କଠାରୁ ଯେତେବେଳେ ଶୁଣୁଥିଲି

ଯେ ଦେବତାମାନେ କ୍ରୋଧାନ୍ୱିତ ହେଲେ ମହାମାରୀ, ଦୁର୍ଭିକ୍ଷ ଇତ୍ୟାଦି ନାନା ପ୍ରକାର ଅଶୁଭ ଘଟଣା ଘଟେ, ଗ୍ରାମ ପରେ ଗ୍ରାମ ନିଶ୍ଚିହ୍ନ ହୋଇଯାଏ ସେତେବେଳେ ମନେ ମନେ ହସୁଥିଲି । କେତେ ଯାଗଯଜ୍ଞ କରି ଦେବତାମାନଙ୍କୁ ସନ୍ତୁଷ୍ଟ କରା ନ ଯାଏ ! ନାନା ପୌରାଣିକ କାହାଣୀରେ, ମହାଭାରତରେ କେତେ ପ୍ରକାର ଯାଗଯଜ୍ଞ କଥା ଆମେ ପଢ଼ିଛୁ ଏବଂ ବଡ଼ମାନଙ୍କଠାରୁ ପିଲାବେଳେ କେତେ କଥା ଶୁଣିଛୁ । ଏବେ ସ୍ୱୟଂ ମା' ଯେତେବେଳେ ସାନପିଲାମାନଙ୍କ ମାଧ୍ୟମରେ ଇନ୍ଦ୍ରଦେବଙ୍କୁ ଡାକି ପ୍ରାର୍ଥନା କରିବାର ବ୍ୟବସ୍ଥା କଲେ ସେତେବେଳେ ବୁଝିପାରିଲି ଯେ ଶୁଣିଥିବା ସେଇ କାହାଣୀ ଗପ ନୁହେଁ କିଂବା କଳ୍ପନା ନୁହେଁ । ଆମ ଦେଶ ଭାରତରେ ଏଇ ଆଧୁନିକ ଯୁଗରେ ମଧ୍ୟ କୌଣସି ଅଶୁଭ ଘଟଣା ଘଟିଲେ ବା ଦୁର୍ଭିକ୍ଷ ପଡ଼ିଲେ ଦେବତାମାନଙ୍କୁ ସନ୍ତୁଷ୍ଟ କରିବାକୁ ଯଜ୍ଞ କରାଯାଏ ।

# ରୋଗ ଓ ରୋଗର ଚିକିତ୍ସା

ସେତେବେଳେ ମନେହେଉଥିଲା ମା' କି କଠୋର। ସେ କଥା ଭାବିଲେ ଏବେ ଦୁଇ ଆଖି ଅଶ୍ରୁସଜଳ ହୋଇଉଠେ। ଏଇ କଠୋର କୃପା ଯିଏ ପାଇଛି ସେହିଁ ଜାଣେ କେତେ ବିପଦ ହାତରୁ ମା' ଆମକୁ ରକ୍ଷା କରିଛନ୍ତି ଏବଂ ଏବେ ବି କରୁଛନ୍ତି।

ଦିନେ ସନ୍ଧ୍ୟାବେଳେ ମାର୍ଚ୍ଚପାଷ୍ଟର ସାଲ୍ୟୁଟ୍ ନେବାକୁ ମା' ପ୍ଲେ-ଗ୍ରାଉଣ୍ଡରେ ଥିବା ତାଙ୍କ ରୁମ୍‌ରୁ ବାହାରି ଆସୁଥିଲେ। ଆମେ (ମିନିଦି', ମିଲିଦି', ଗୌରୀ, ଭିଓଲେଟ୍ ଓ ମୁଁ) ପ୍ରତିଦିନ ପରି ଭାରତ ମାନଚିତ୍ର ପାଖରେ ଛିଡ଼ା ହୋଇଥିଲୁ। ମା'ଙ୍କ ପାଇଁ ଅପେକ୍ଷା କରିଥିଲୁ। ମା' ଆସି ଗମ୍ଭୀର ଭାବରେ ଆମ ଆଡ଼କୁ କିଛି ସମୟ ଚାହିଁରହିଲେ। ଆମେ ତ ଭୟରେ କାଠ! ଭାବୁଛୁ, ''ଆମେ ଆଉ କ'ଣ କିଛି କରିଦେଇଛୁ କି?''

ମା' ଧୀର ଗମ୍ଭୀର ଭାବରେ କହିଲେ, ''ଭୁଲ୍‌ରେ ମଧ୍ୟ ଭାବ ନାହିଁ ଯେ ମୁଁ ତୁମମାନଙ୍କୁ ଛାଡ଼ିଦେବି।'' ମା'ଙ୍କର ଏଇ କଥା ଶୁଣିବା ମାତ୍ରେ ଆମେ ଆହୁରି ଭୟଭୀତ ହୋଇଉଠିଲୁ। ମା' କହିଲେ, ''ବିରାଡ଼ି ଯେମିତି ତା' ପିଲାର ବେକକୁ କାମୁଡ଼ି ଧରି ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନେଇଯାଏ ସେମିତି ମୁଁ ମଧ୍ୟ ତୁମମାନଙ୍କୁ ଟାଣି ଟାଣି ନେଇଯିବି।'' ଏହା କହି ସେ ଆମ ବେକ ଧରିବାକୁ ତାଙ୍କ ଦୁଇ ହାତକୁ ଏମିତି ଆଗେଇ ଆଣିଲେ ଯେ ଆମେସବୁ ଟିକିଏ ଘୁଞ୍ଚିଗଲୁ। ପୁଣି କହିଲେ, ''ତୁମେମାନେ କେବେ ବି ରକ୍ଷା ପାଇବ ନାହିଁ।'' ଭୟରେ ଓ ବିସ୍ମୟରେ ମୁଁ ମା'ଙ୍କ ମୁହଁକୁ ଚାହିଁରହିଥାଏ। କିଛି ବି ବୁଝିପାରୁ ନ ଥାଏ। ଭାବୁଥାଏ, ବାବାରେ, ଆମ ଉପରେ ମା'ଙ୍କର କାହିଁକି ଏତେ ରାଗ? ଶେଷରେ ବିରାଡ଼ି ଛୁଆ ପରି ଅବସ୍ଥା ହେବ!

ମା'ଙ୍କ ପାଖରେ ରହିବାକୁ ଭୀଷଣ ଡର ଲାଗୁଥାଏ। ମା'ଙ୍କୁ ଡାକି ଚାଲିଥାଏ। ସେଦିନ ଆଉ ଗପ, ହସ, ପ୍ରଶ୍ନ କିଛି ବି ହେଲା ନାହିଁ। ଆମେ ସମସ୍ତେ ଚୁପ୍‌ଚାପ୍ ଶାନ୍ତ ଶିଶୁ ପରି ମା'ଙ୍କ ପାଖରେ ବସି ରହିଥାଉ ଆଉ ତାଙ୍କୁ ମଝିରେ ମଝିରେ ଚାହୁଁଥାଉ। ମା' ଯେମିତି କିଛି ଗଭୀର ଚିନ୍ତାରେ ମଗ୍ନ ଥା'ନ୍ତି। ସେ ସେତେବେଳେ ଥା'ନ୍ତି ଆମ ଅଜଣା ଜଗତରେ। ତା'ଛଡ଼ା ଆମେ ତାଙ୍କୁ ଆଉ ଜାଣିପାରିଲୁ ବା କେଉଁଠି? କ୍ରମେ କ୍ରମେ ଭିତରୁ ଭୟ କଟିଯିବାକୁ ଲାଗିଲା।

ମା'ଙ୍କ ପାଖରେ ବସିବାକୁ ଖୁବ୍ ଭଲ ଲାଗୁଥାଏ। ଭୟର ମେଘ କଟି ଯାଇଥାଏ। ମା' ସେଇ ମୁହୂର୍ତ୍ତରେ ମନେହେଉଥା'ନ୍ତି ଖୁବ୍ ଦୂରର ଅଥଚ କେତେ ନିଜର ମଧ୍ୟ। ମା' ମାହେଶ୍ୱରୀ ରୂପରେ ବସିଥା'ନ୍ତି ଏବଂ ଚାରିପାଖରୁ ସ୍ଥିର ଅଚଞ୍ଚଳ

ପ୍ରଶାନ୍ତ ବିଶାଳତା ବିଚ୍ଛୁରିତ ହେଉଥାଏ। ଜାଣିନି, ସେ ଆମମାନଙ୍କ ପାଇଁ କେଉଁ ସୁଦୂରରେ ପଥ ତିଆରି କରୁଛନ୍ତି। କେଉଁଠିକି ନେଇଯିବେ? ସେ ପଥର ଶେଷ କେଉଁଠି? ଜାଣିନି, ସେ ପଥର ଶେଷ ଅଛି କି ନାହିଁ। ତାହା ବି ତ ଅଜଣା। କାହିଁକି ଯେ ଜନ୍ମ ହୋଇଛୁ ତାହା ବି ତ ଏକ ପ୍ରହେଳିକା। ମା'ଙ୍କ ପାଖରେ ବସି ମନରେ ଏଇସବୁ ଚିନ୍ତା ଗୁଡ଼େଇ ତୁଡ଼େଇ ହେବାକୁ ଲାଗିଲା।

ପ୍ଲେ-ଗ୍ରାଉଣ୍ଡ ପର୍ବ ଶେଷ ହେବା ପରେ ବାପା ସେଦିନ ଘରକୁ ଫେରିଆସି ମୋତେ ପ୍ରଶ୍ନ କଲେ, "କ'ଣ କିରେ? ଆଜି ମା' ତୁମମାନଙ୍କ ପାଖକୁ ଆସି ଜୋର୍‌ରେ କିଛି କହୁଥିଲେ। ତୁମେମାନେ ପୂରା ଚୁପ୍‌ଚାପ୍ ବସି ରହିଥିଲ। କ'ଣ ହୋଇଛି? ତୁମେମାନେ ଖୁବ୍ ଡରିଯାଇଥିଲ?"

ମା' ଆମକୁ ଯାହା କହିଥିଲେ ପୁଙ୍ଖାନୁପୁଙ୍ଖ ଭାବରେ ସେସବୁ ବାପାଙ୍କୁ କହିଲି। ବାପା କିଛି ସମୟ ଚୁପ୍‌ହୋଇ ରହିଲେ। ଦୁଇ ହାତ ଉଠାଇ ମା'ଙ୍କ ଫଟୋକୁ ଚାହିଁ ପ୍ରଣାମ କଲେ। ଆଖି ତାଙ୍କର ଅଶ୍ରୁସିକ୍ତ। ଅବାକ୍ ହୋଇ ଭାବୁଥାଏ, କ'ଣ ହେଲା? ବାପା କହିଲେ, "ଆମମାନଙ୍କର କି ସୌଭାଗ୍ୟ! ସ୍ୱୟଂ ମା' ନିଜେ ତାଙ୍କ ପ୍ରତିଟି ସନ୍ତାନକୁ ତାଙ୍କ ପଥରେ ଆଗେଇ ନେବେ। କାହିଁକି, ତୁ କ'ଣ ଶ୍ରୀରାମକୃଷ୍ଣଙ୍କ ବିରାଡ଼ି ଛୁଆ ଓ ମାଙ୍କଡ଼ ଛୁଆର ଗପ ଜାଣି ନାହୁଁ?" ଶ୍ରୀରାମକୃଷ୍ଣଙ୍କ ବିରାଡ଼ି ଛୁଆ ଓ ମାଙ୍କଡ଼ ଛୁଆର ଗପଟି ମୋର ମନେପଡ଼ିଲା।

ମା' କହିଛନ୍ତି, "ଯୋଗସାଧନାର ଦୁଇଟି ମାର୍ଗ ରହିଛି। ଗୋଟିଏ ହେଉଛି ତପସ୍ୟା ଏବଂ ଅନ୍ୟଟି ହେଉଛି ସମର୍ପଣ। ତପସ୍ୟାର ମାର୍ଗଟି ହେଉଛି ଦୁଃସାଧ୍ୟ। ଏଥିରେ ତୁମକୁ କେବଳ ତୁମ ନିଜ ଉପରେ ନିର୍ଭର କରିବାକୁ ହୁଏ, ତୁମ ନିଜ ଶକ୍ତିରେ ତୁମେ ଆଗେଇ ଚାଲ। ଅନ୍ୟ ପଥଟି ଅର୍ଥାତ୍ ସମର୍ପଣର ପଥଟି ନିରାପଦ ଓ ନିଶ୍ଚିତ। ଅନ୍ୟ ପ୍ରକାରେ କହିଲେ, ଶ୍ରୀରାମକୃଷ୍ଣ ଯେମିତି କହିଛନ୍ତି ତୁମେ ମାଙ୍କଡ଼ ଛୁଆ ବା ବିରାଡ଼ି ଛୁଆ ଯେକୌଣସି ପଥରେ ଯାଇପାର। ମାଙ୍କଡ଼ ଛୁଆ କୁଆଡ଼େ ଯିବାକୁ ହେଲେ ତା' ମା'କୁ ଜାବୁଡ଼ି ଧରେ ଏବଂ ତାକୁ ଖୁବ୍ ଶକ୍ତ ଭାବରେ ଜାବୁଡ଼ି ଧରିବାକୁ ହୁଏ। ଆଉ ସେ ଯଦି ତା' ଧରିବାରେ ହୁଗୁଳା କରେ ତା'ହେଲେ ପଡ଼ିଯାଏ। ଅନ୍ୟ ପକ୍ଷରେ, ବିରାଡ଼ି ଛୁଆ ତା' ମା'କୁ ଜାବୁଡ଼ି ଧରେ ନାହିଁ କିନ୍ତୁ ତା' ମା' ତାକୁ ଜାବୁଡ଼ି ଧରିଥାଏ। ତେଣୁ ତା'ର ପଡ଼ିଯିବାର କୌଣସି ଭୟ ବା ଦାୟିତ୍ୱ ନ ଥାଏ। ଜାବୁଡ଼ି ଧରିବା କାମଟି ମା' ଉପରେ ଛାଡ଼ିଦେଇ ନିଜେ କେବଳ ମା' ମା' ବୋଲି ଡାକିବା ଛଡ଼ା ତାକୁ ଆଉ କିଛି କରିବାକୁ ପଡ଼େ ନାହିଁ।"

ମୋ ଭିତରଟା ହାଲୁକା ହୋଇଗଲା। ମା'ଙ୍କ ଉଦ୍ଦେଶ୍ୟରେ ଅଜସ୍ର ପ୍ରଣାମ

ଜଣାଇଲି। ଥରେ ନୀରଦଦା' ଏଇ ମାଙ୍କଡ଼ ଛୁଆ ଓ ବିରାଡ଼ି ଛୁଆ ପରି ସାଧକମାନଙ୍କ ସମ୍ବନ୍ଧରେ ଶ୍ରୀଅରବିନ୍ଦଙ୍କୁ ପ୍ରଶ୍ନ କରିଥିଲେ। ତାହା ଏଠାରେ ଉଲ୍ଲେଖ କରୁଛି:

ନୀରଦବରଣ: "ସାର୍, ମୁଁ କହିବାକୁ ଚାହେଁ ଯେ ଏମିତିକି ଶ୍ରୀରାମକୃଷ୍ଣଙ୍କ ବିରାଡ଼ି ଛୁଆ ଶ୍ରେଣୀର ସାଧକମାନଙ୍କୁ ମଧ୍ୟ ସମର୍ପଣ କରିବା ପାଇଁ ସଂକଳ୍ପ କରିବାକୁ ହେବ ଏବଂ ଏହାକୁ ମାନିନେବାକୁ ଅନ୍ୟାନ୍ୟ ସତ୍ତାମାନଙ୍କୁ ବାଧ୍ୟ କରିବାକୁ ହେବ ଯାହା ହେଉଛି ସବୁଠାରୁ କଷ୍ଟସାଧ୍ୟ ବ୍ୟାପାର।"

ଶ୍ରୀଅରବିନ୍ଦ: "ମୁଁ କେବେ ବି ଶୁଣି ନାହିଁ ଯେ ବିରାଡ଼ି ଛୁଆ ଏମିତି ବୋଲି -- ଯଦି ଏମିତି ହୋଇଥା'ନ୍ତା ତାହେଲେ ଏହା ବିରାଡ଼ି ଛୁଆ ହୋଇ ନ ଥା'ନ୍ତା। (ଏହା ହେଉଛି ଏକ ମାଙ୍କଡ଼ ଛୁଆ ଯିଏ ବିରାଡ଼ି ଛୁଆ ହେବାକୁ ଚେଷ୍ଟା କରୁଛି, କାରଣ ଏମାନେହିଁ ଏମିତି କରନ୍ତି।) କିନ୍ତୁ ସ୍ପଷ୍ଟତଃ ତୁମର ଏତେ ବେଶୀ ଆଧ୍ୟାତ୍ମିକ ଜ୍ଞାନ ରହିଛି (ମୋ ଠାରୁ ଓ ଶ୍ରୀରାମକୃଷ୍ଣଙ୍କ ଠାରୁ ବଳି) ଯେ ମୁଁ କେବଳ ମଥା ନତ କରି ବିନମ୍ରତାର ସହିତ ସ୍ୱଳ୍ପଜ୍ଞାନୀ ଲୋକମାନଙ୍କୁ କିଛି କହିବି।"

ନୀରଦଦା'ଙ୍କୁ ଲେଖିଥିବା ଶ୍ରୀଅରବିନ୍ଦଙ୍କ ଏହି ଉକ୍ତିରୁ ଆମେ ଆହୁରି ବୁଝିପାରୁ ଯେ ସ୍ୱୟଂ ମା' ଓ ଶ୍ରୀଅରବିନ୍ଦ କି ଅପରିସୀମ କରୁଣାଧାରାରେ ଆମମାନଙ୍କୁ ଆବୋରି ରଖିଛନ୍ତି ଏବଂ ପ୍ରାଣ, ଦେହର ତାମସିକତା ଓ ମନର ଜଡ଼ବୁଦ୍ଧିର ଶତ ଅନିଚ୍ଛା ସତ୍ତ୍ୱେ ମଧ୍ୟ ଆମକୁ ଶାଶ୍ୱତ ଜୀବନ ପଥରେ ଟାଣିନେଇ ଚାଲିଛନ୍ତି। ଶ୍ରୀମା ଶ୍ରୀଅରବିନ୍ଦଙ୍କ ଚରଣ କମଳରେ ଆମର ଅଜସ୍ର ପ୍ରଣାମ। ସେମାନେ ତାଙ୍କ ଦିବ୍ୟକରୁଣାରେ ଆମମାନଙ୍କୁ ଅନନ୍ତ କାଳ ପାଇଁ ଘେରି ରଖିଛନ୍ତି। ବାରଂବାର ମା'ଙ୍କର ସେଇ କଥାଟି ମନେପଡ଼େ, "ଭୁଲରେ ମଧ୍ୟ ଭାବିବ ନାହିଁ ଯେ ମୁଁ ତୁମମାନଙ୍କୁ ଛାଡ଼ିଦେବି, ରକ୍ଷା ପାଇବ ନାହିଁ ତୁମେମାନେ।"

ପିଲାବେଳୁ ସନ୍ଧ୍ୟା ହେଲେହିଁ ମୋତେ ଜ୍ୱର ଜ୍ୱର ଲାଗୁଥିଲା। ଗଳାରେ ଟନ୍‌ସିଲ୍ ବଢ଼ିଯାଇ ଏଇ ଉପସର୍ଗ ଦେଖାଯାଉଥିଲା। ମୋତେ ଯେତେବେଳେ ଚଉଦବର୍ଷ ବୟସ ସେତେବେଳେ ଏଇ ଟନ୍‌ସିଲ୍ ଅସ୍ତ୍ରୋପଚାର କରାଯାଇଥିଲା। କିନ୍ତୁ ଜ୍ୱର ମୋତେ ଛାଡ଼ିଲା ନାହିଁ। ସେଇ ଅସୁସ୍ଥ ଶରୀର ନେଇ ସବୁକିଛି କରୁଥିଲି। ଏଠାକୁ ଆସିବା ପରେ ଜ୍ୱର ଆହୁରି ବଢ଼ିଗଲା। ସବୁଦିନ ସନ୍ଧ୍ୟାରେ ମା'ଙ୍କ ପାଖକୁ ଯିବାମାତ୍ରେ ମା' ପଚାରୁଥିଲେ, "କେମିତି ଅଛ?" ମୁଁ କିଛି କହିପାରୁ ନ ଥିଲି। ମୋତେ ସ୍ନେହାଲିଙ୍ଗନରେ ଆବଦ୍ଧ କରି ମା' ବହୁସମୟ ଏକାଗ୍ର ହେଉଥିଲେ। ମା'ଙ୍କ ସ୍ନେହସ୍ପର୍ଶ ପାଇ ମୋ ଦେହ ମନ ଗଭୀର ଶାନ୍ତିରେ ଭରିଯାଉଥିଲା। ତାଙ୍କ ହାତରୁ ଆଶୀର୍ବାଦ ଫୁଲ ନେଇ ଧୀର ପଦକ୍ଷେପରେ ଘରକୁ ଫେରିଆସୁଥିଲି। ଏମିତି ଭାବରେ ଦିନ

ପରେ ଦିନ ବିତିଯାଉଥିଲା। ଦିନେ ବେଶ୍ ଜ୍ୱର ବଢ଼ିଲା। ସନ୍ଧ୍ୟାରେ ମା'ଙ୍କ ପାଖକୁ ଯାଇଥିବାବେଳେ ଏମିତିକି ଛିଡ଼ା ହୋଇପାରୁ ନ ଥାଏ। ମା' ମୋତେ ପ୍ରଶ୍ନ କଲେ, ''କେମିତି ଅଛ?''

ମୁଁ ଚୁପ୍‌ହୋଇ ଛିଡ଼ା ହୋଇ ରହିଥାଏ। ହଠାତ୍ କ'ଣ ହେଲା ଜାଣିନି। ମା' ମୋ ବେକକୁ ବଜ୍ରମୁଷ୍ଟିରେ ଚାପିଧରି ହଲାଇବାକୁ ଲାଗିଲେ। ଯନ୍ତ୍ରଣାରେ ମୁଁ ଚିତ୍କାର କରି କାନ୍ଦିବାକୁ ଲାଗିଲି, ''ମା', ଛାଡ଼ ଛାଡ଼। ଭୀଷଣ କଷ୍ଟ ହେଉଛି।''

ମା' କିନ୍ତୁ ମୋ ବେକକୁ ସେମିତି ହଲାଇ ଚାଲିଥା'ନ୍ତି। କହୁଥା'ନ୍ତି, ''କୁହ ମୁଁ ଭଲ ଅଛି।''

ମୁଁ ତ ଅବାକ୍। ଦେହରେ ଏତେ ଜ୍ୱର। କେମିତି କହିବି ଯେ ମୁଁ ଭଲ ଅଛି! ମୋ ମୁହଁରୁ କଥା ବାହାରୁ ନ ଥାଏ। ମା' ଆହୁରି ଜୋର୍‌ରେ ମୋ ବେକକୁ ଚାପି ଧରି କହିଲେ, ''କୁହ, ମୁଁ ଭଲ ଅଛି।''

ମୁଁ ଯନ୍ତ୍ରଣାରେ ଜୋର୍‌ରେ କାନ୍ଦିଉଠିଲି।

ମା' କହିଲେ, ''ଚୁପ୍ କର, ଚୁପ୍ କର। ଶ୍ରୀଅରବିନ୍ଦ ସେ ଘରେ ଅଛନ୍ତି।''

ଶ୍ରୀଅରବିନ୍ଦଙ୍କ ନାଁ ଶୁଣି ମୋ କାନ୍ଦ ଆହୁରି ବଢ଼ିଗଲା। ମା' ବଜ୍ରମୁଷ୍ଟିରେ ମୋ ବେକକୁ ଚାପି ଧରି ସେମିତି ହଲାଇ ଚାଲିଥା'ନ୍ତି। କହୁଥା'ନ୍ତି, ''କୁହ, ମୁଁ ଭଲ ଅଛି। ଭଲ ଅଛି।'' ବେକ ସେମିତି ହଲାଇ ଚାଲିଥା'ନ୍ତି।

ଅଗତ୍ୟା ମା'ଙ୍କ ପ୍ରଚଣ୍ଡ ବଜ୍ରମୁଷ୍ଟି ହାତରୁ ମୁକ୍ତି ପାଇବା ପାଇଁ କାନ୍ଦି କାନ୍ଦି କହିଲି, ''ମୁଁ ଭଲ ଅଛି, ଭଲ ଅଛି, ଭଲ ଅଛି।''

ଶେଷରେ ମୋତେ ''ମୁଁ ଭଲ ଅଛି'' କୁହାଇ ପାରି ମା' ଖୁସି ହୋଇ କହିଲେ, ''ସାବାସ୍, ଖୁବ୍ ଭଲ।''

କାନ୍ଦି କାନ୍ଦି ଘରକୁ ଫେରିଲି। ରାତିରେ ଗଭୀର ନିଦରେ ଶୋଇପଡ଼ିଲି। ଆଶୈଶବ ଯେଉଁ ଜ୍ୱର ମୋତେ କୌଣସି ଦିନ ତା' କବଳରୁ ମୁକ୍ତି ଦେଇ ନ ଥିଲା ସେଇ ଦିନରୁ ତାହା ମା'ଙ୍କ ଭୟରେ ମୋତେ ଛାଡ଼ି ପଳାଇଲା!

ଏମିତି ଭାବରେ ମା' ତାଙ୍କ ସନ୍ତାନମାନଙ୍କୁ କେତେ ବିପଦ ହାତରୁ ରକ୍ଷା କରିଛନ୍ତି ଏବଂ ଏବେ ବି କରିଚାଲିଛନ୍ତି। କିନ୍ତୁ ସେଇ ମୁହୂର୍ତ୍ତରେ ମନେହେଉଥିଲା ମା' କି କଠୋର!

*

୧୯୫୦ ମସିହାର ପ୍ରଥମଠାରୁ ଦୁଇ ତିନି ବର୍ଷ ମୁଁ ଖୁବ୍ ଭୋଗିଛି। ଗୋଟିଏ

ପରେ ଗୋଟିଏ ବଥ ବହୁ ମୁହଁ ନେଇ କାଖ ତଳେ ବାହାରୁଥିଲା । ସେଇ କେତେ ବର୍ଷ ସତରେ ଶରୀରକୁ ନେଇ ଖୁବ୍ ପରୀକ୍ଷା ମଧ୍ୟରେ ଦିନ କଟାଇଛି । ପ୍ରଥମେ ଯେତେବେଳେ ମା'ଙ୍କୁ ବଥ ବିଷୟରେ କହିଲି ସେ ଡାଃ ସତ୍ୟବ୍ରତଙ୍କୁ ଦେଖାଇବାକୁ କହିଲେ । ମୁଁ ନାରାଜ । ମା' କହିଲେ, ''ଜାଣିଛ, ସତ୍ୟବ୍ରତ ଯେ କେବଳ ଭଲ ଡାକ୍ତର ତାହା ନୁହେଁ, ସେ ମଧ୍ୟ ବିଶ୍ୱାସ କରନ୍ତି ଯେ ଡାକ୍ତରମାନେ ରୋଗୀକୁ ଔଷଧ ଦେଇପାରନ୍ତି, ରୋଗ ଧରିପାରନ୍ତି, କିନ୍ତୁ ଅନ୍ୟ କୌଣସି ଅଦୃଶ୍ୟ ଶକ୍ତିର କରୁଣାରେ ରୋଗୀ ସୁସ୍ଥ ହୋଇଉଠେ । ଏହା ତାଙ୍କ ନିଜ ଅଭିଜ୍ଞତାରେ ସତ୍ୟବ୍ରତ ବାରଂବାର ବୁଝିଛନ୍ତି ।'' ମୁଁ ଚୁପ୍ ହୋଇ ଛିଡ଼ାହୋଇ ରହିଥିଲି । ସତ୍ୟବ୍ରତ ହେଉଛନ୍ତି ଚିତ୍ରାର ବଡ଼ଭାଇ । ମୋ ବଡ଼ଭାଇର ସାଙ୍ଗ । ମୋ ଭାଇ ସହିତ ସତ୍ୟବ୍ରତଙ୍କର ଖୁବ୍ ଅନ୍ତରଙ୍ଗତା ଥିଲା । ସମବୟସ୍କ ଜଣେ ପିଲାକୁ ଡାକ୍ତର ବୋଲି ମନେକରିବା ସମ୍ଭବ ନୁହେଁ । କଥାରେ କହନ୍ତି, 'ଗାଁ ଯୋଗୀ ଭିକ୍ଷା ପାଏ ନା ।' ମା' ମୋତେ ଆଉ କିଛି କହିଲେ ନାହିଁ । ମୋର କେମିତି ଗୋଟିଏ ଜିଦ୍ ଆସିଲା ଯେ ମା'ହିଁ ମୋତେ ଏଇ ଯନ୍ତ୍ରଣା କବଳରୁ ଉଦ୍ଧାର କରିବେ । ମା'ଙ୍କ କରୁଣା ଉପରେ ନିର୍ଭର କରି ଦିନ କଟାଇବାକୁ ଲାଗିଲି । ରାତିରେ ଆଖିକୁ ନିଦ ଆସେ ନାହିଁ । ଆଦୌ ଶୋଇ ପାରେ ନାହିଁ । ଚଲାବୁଲା କରି ସମୟ କଟାଏ । ମଝିରେ ମଝିରେ ଆରାମଚେୟାରର ଦୁଇ ପାଖରେ ତକିଆ ରଖି ତା' ଉପରେ ହାଲୁକା ଭାବରେ ଦୁଇ ହାତକୁ ରଖି ବସେ । ଦେହରେ ଖଇ ଫୁଟିବା ପରି ଜ୍ୱର । ଦିନ ପରେ ଦିନ ଏମିତି କଟୁଥାଏ । ବାମ ହାତଟି ବେଶ୍ ଫୁଲିଥାଏ ଆଉ ଲାଲ୍ ଟୁକ୍‌ଟୁକ୍ ହୋଇଥାଏ । ତା' ସାଥିରେ କି ଯନ୍ତ୍ରଣା ! କିନ୍ତୁ ମା' ପ୍ରତିଦିନ ପଚାରି ଚାଲିଥା'ନ୍ତି, ''କେମିତି ଅଛ ?''

ଦିନେ ଧୈର୍ଯ୍ୟହରା ହୋଇ ମା'ଙ୍କୁ କହିଲି, ''ମା', ତୁମେ ତ ଇଚ୍ଛା କଲେ ମୋତେ ଏଇ କଷ୍ଟରୁ ମୁକ୍ତି ଦେଇପାରିବ ।'' କହିସାରି ମୋ ବାମ ହାତଟି ମା'ଙ୍କୁ ଦେଖାଇଲି । ''ଦେଖ, କେମିତି ପୂଜ ବାହାରୁଛି ।'' ହାତଟି ଟିକିଏ ଚିପିଦେଲି । ଘନ ପୂଜ ଛିଟିକି ହୋଇ ବାହାରି ଆସିଲା । କହିଲି, ''ଦେଖ, ଶିରା ପର୍ଯ୍ୟନ୍ତ ଘା ହୋଇଯାଇଛି । ମା' ତୁମେ କାହିଁକି ଭଲ କରି ଦେଉ ନାହଁ ?'' ଆଖିରୁ ମୋର ଦୁଃଖର ଅଶ୍ରୁ ବହିଯିବାକୁ ଲାଗିଲା । ମା' ମୋ ଦୁଇ କାନ୍ଧରେ ହାତ ରଖି ମୋତେ ସ୍ନିଗ୍ଧ ଦୃଷ୍ଟିରେ ଚାହିଁ ରହିଲେ । କହିଲେ, ''ଏଇ ବଥର ଯନ୍ତ୍ରଣା ମାଧ୍ୟମରେ ମୁଁ ଯେ ତୁମକୁ କେତେ ବିପଦରୁ ରକ୍ଷା କରୁଛି ଯେତେବେଳେ ସଚେତନ ହେବ ସେତେବେଳେ ଯାଇ ତାହା ବୁଝିପାରିବ ।'' ମା'ଙ୍କ ପ୍ରତିଟି କଥାରେ ସ୍ନେହ ଝରିପଡୁଥିଲା । ମୁଁ ଖୁବ୍ ଲଜ୍ଜିତ ହେଲି । ମା'ଙ୍କ ଦୁଇ ଚରଣକୁ ଜାବୁଡ଼ି ଧରି ରୁଦ୍ଧ କଣ୍ଠରେ କହି ଉଠିଲି, ''ମା' ମୋତେ କ୍ଷମା

କର। ଏତେ ଯନ୍ତ୍ରଣା ସହ୍ୟ କରି ନ ପାରି ଏମିତି କହିଦେଲି। ମୋତେ କ୍ଷମା କର ମା'।'' ମା' ମୋତେ କୁଣ୍ଢାଇ ଧରି ବହୁ ସମୟ ଧ୍ୟାନସ୍ଥ ହୋଇ ରହିଲେ। ସେହି ମୁହୂର୍ତ୍ତରୁ କେମିତି ଯେ ସେହି ଯନ୍ତ୍ରଣା କବଳରୁ ରକ୍ଷା ପାଇଲି ତାହା ତୁମେମାନେ ନିଶ୍ଚୟ ଅନୁମାନ କରିପାରୁଥିବ।

*

ବର୍ଷ ଶେଷ ହେଉ ନ ହେଉ ଆଉ ଥରେ ବଥର କବଳରେ ପଡ଼ିଲି। ଏଥର ଡାହାଣ ହାତର କାଖ ତଳେ। ବହୁତ ଗୁଡ଼ିଏ ମୁହଁ ସହ ଅସ୍ୱାଭାବିକ ଭାବରେ ବଡ଼ ବଥଟିଏ ଦେଖାଦେଲା। ମା' ପ୍ରତିଦିନ ସନ୍ଧ୍ୟାବେଳେ ଚିନ୍ତିତ ଭାବରେ ପ୍ରଶ୍ନ କରୁଥିଲେ, ''କେମିତି ଅଛ?'' ତା'ପରେ ମୋ ଦୁଇ କାନ୍ଧରେ ହାତ ରଖି ଧ୍ୟାନସ୍ଥ ହୋଇଯାଉଥିଲେ। ଏପଟେ ବଥଟି କିନ୍ତୁ ଫାଟୁ ନ ଥିଲା। ଦେହରେ ଥିଲା ଭୀଷଣ ଜ୍ୱର।

ଦିନେ ମା' କହିଲେ, ''ତୁମ ଶରୀର ଆଉ ପବିତ୍ରର* ଶରୀର ଏକା ପ୍ରକାର ଦେଖୁଛି। ଶରୀରରେ ଗ୍ରହଣ ସାମର୍ଥ୍ୟ ବୋଲି କିଛି ନାହିଁ। ରୂପାନ୍ତର ଫୁଲର ଗଛ ପରି ତୁମ ଶରୀର। ମୂଳ ଶକ୍ତ ନୁହେଁ, ଚେର ମଧ୍ୟ ଭିତରକୁ ଯାଇ ନ ଥାଏ।''

ମା' ପୁଣି କହିଲେ, ''ଟିକିଏ ହେଲେ ଜୀବନୀ ଶକ୍ତି ନେଇ ତୁମେ ଜନ୍ମ ହୋଇ ନାହଁ।''

ମା' ଯେତେବେଳେ ରୂପାନ୍ତର ଫୁଲର ଗଛ କଥା କହିଲେ ଥରେ ଆଶ୍ରମ ଭିତରେ ଧରାଶାୟୀ ହୋଇଥିବା ଗୋଟିଏ ରୂପାନ୍ତର ଗଛ କଥା ମନେପଡ଼ିଲା। ୧୯୪୪ ମସିହାରେ ଯେତେବେଳେ ମୁଁ ଏଠାକୁ ସବୁଦିନ ପାଇଁ ଚାଲିଆସିଲି ସେତେବେଳେ ଗୋଟିଏ ଭୀଷଣ ଝଡ଼ ଦେଖିବାର ଅଭିଜ୍ଞତା ହୋଇଥିଲା। ଫେଣୀରେ ମଧ୍ୟ ପ୍ରଚଣ୍ଡ ଝଡ଼ତୋଫାନ ହେଉଥିଲା। ପ୍ରତ୍ୟେକ ବର୍ଷ ଚଟ୍ଟଗ୍ରାମ ଝଡ଼ର କବଳରେ ପଡୁଥିଲା। ତଥାପି ପୂରାପୂରି ସମୁଦ୍ର କୂଳରେ ଏମିତି ଝଡ଼ ଦେଖିବାର ସୁଯୋଗ ହୋଇ ନ ଥିଲା। ବିରାଟ ବିରାଟ ପାହାଡ଼ ପ୍ରମାଣ ଢେଉସବୁ ଆସି ରାସ୍ତା ଉପରେ କଚାଡ଼ି ହୋଇ ପଡୁଥିଲା। ପୀୟର (ବନ୍ଧ) ତ ଝଡ଼ର ପ୍ରକୋପରେ ଟଳମଳ ହେଉଥିଲା।

* ପବିତ୍ରଦା' ଜଣେ ଫରାସୀ ସାଧକ। ମା'ଙ୍କ ଅତ୍ୟନ୍ତ ପ୍ରିୟ ସନ୍ତାନ। ତାଙ୍କ ପରି ବିଦ୍ୱାନ୍ ଓ ବିନୟୀ ଖୁବ୍ କମ୍ ଦେଖାଯା'ନ୍ତି। ସେ ଆମ ସ୍କୁଲର ଡିରେକ୍ଟର ଥିଲେ। ସେ ମା'ଙ୍କର ସେକ୍ରେଟାରୀ ଥିଲେ ଏବଂ ତାଙ୍କ ଗାଡ଼ି ମଧ୍ୟ ଚଳାଉଥିଲେ।

ସମୁଦ୍ର ପିନ୍ଧିଥିଲା ଗେରୁଆ ବସନ କିନ୍ତୁ ଆଚରଣ ତା'ର ଥିଲା ଜଳଦସ୍ୟୁ ପରି। ସେଇ ପ୍ରଚଣ୍ଡ ଝଡ଼ ସାରା ପଣ୍ଡିଚେରୀକୁ ଛିନ୍ନଛତ୍ର କରିଦେଇଗଲା। ମଣ୍ଟୁ ଆଶ୍ରମ ଭିତରେ ଯେଉଁଠି ଛୋଟ ଛୋଟ ପଥର ଦେଇ ବଗିଚାଟିଏ ତିଆରି କରି ନାନା ପ୍ରକାରର କାକ୍‌ଟସ୍ ଗଛ ଲଗାଇଛି, ସେହି ଜାଗାରେ ଗୋଟିଏ ବିରାଟ ରୂପାନ୍ତର ଫୁଲର ଗଛ ଥିଲା। ଝଡ଼ର ତାଣ୍ଡବ ନୃତ୍ୟରେ ସେଇ ଗଛଟି ଧରାଶାୟୀ ହୋଇଥିଲା। ଝଡ଼ ପରଦିନ ଆଶ୍ରମକୁ ଯାଇ ଦେଖେ ପରିଚାନ୍ଦଦା' ଲୋକମାନଙ୍କ ସାହାଯ୍ୟରେ ଗଛଟିକୁ ଉଠାଇ ନେଇଯାଉଛନ୍ତି। ମା' ଯେତେବେଳେ କହିଲେ ମୂଳଦୂଆ ଶକ୍ତ ନୁହେଁ ସେତେବେଳେ ମୋର ସେହି ରୂପାନ୍ତର ଗଛ କଥା ମନେପଡ଼ିଥିଲା।

ଏବେ ଅସଲ କଥାକୁ ଫେରିଆସୁଛି। ମା'ଙ୍କ କଥା ଶୁଣି ଚୁପ୍‌ହୋଇ ରହିଲି। କେତେ ପ୍ରକାରର ଶାରୀରିକ କଷ୍ଟ, ଯନ୍ତ୍ରଣା ମଧ୍ୟଦେଇ ଯେ ମୋ ଦିନ ବିତେ ଏ କଥା ତ ଅସ୍ୱୀକାର କରି ପାରିବିନି।

ଦିନେ ସନ୍ଧ୍ୟାରେ ମା'ଙ୍କ ପାଖକୁ ଯାଇଥିବା ବେଳେ ସେ ଏମିତି ରୁଦ୍ରମୂର୍ତ୍ତି ଧାରଣ କଲେ ଯେ ମୁଁ ଖୁବ୍ ଡରିଗଲି। ମା' କହିଉଠିଲେ, ''ଶୁଣ, ତୁମକୁ କାଲି ଏଠାରୁ ଚାଲିଯିବାକୁ ହେବ। କାଲି ଟିକେଟ୍ କାଟି ତୁମକୁ ପଠାଇଦେବି। ଯାଅ, ପ୍ରସ୍ତୁତ ହୋଇଯାଅ।''

ମୋତେ ଏଠାରୁ ଚାଲିଯିବାକୁ ହେବ ଭାବି ଖୁବ୍ ଡରିଗଲି। କେଉଁଠିକି ଯିବି? ମା'ଙ୍କୁ ଛାଡ଼ି କେମିତି ରହିବି? ଏସବୁ ଭାବି ମା'ଙ୍କୁ କୁଣ୍ଢାଇଧରି ଖୁବ୍ କାନ୍ଦିବାକୁ ଲାଗିଲି।

''ମୁଁ ଯିବି ନି ମା'। ମୁଁ ଯିବି ନି ମା'।''

''ଯିବାକୁହିଁ ହେବ। କାଲିହିଁ ଯିବାକୁ ହେବ। ଏବେ ଯାଅ, ଶୀଘ୍ର ପ୍ରସ୍ତୁତ ହୋଇଯାଅ।''

ମୁଁ ଖୁବ୍ କାନ୍ଦୁଥାଏ। କାନ୍ଦି କାନ୍ଦି ଘରକୁ ଫେରିଆସି କେମିତି ଗୋଟିଏ ଆଚ୍ଛନ୍ନ ହେବାପରି ବିଛଣାରେ ପଡ଼ିଗଲି। ରାତିର ଶେଷ ପ୍ରହର ଆଡ଼କୁ ସେହି ଆଚ୍ଛନ୍ନ ଭାବଟି କଟିଗଲା। ଆଖି ଖୋଲି ଦେଖେ ବିଭା ଓ ମାୟା ଉଦ୍‌ବିଗ୍ନ ଭାବରେ ମୋତେ ଚାହିଁ ବସିଛନ୍ତି।

''ମୋର କ'ଣ ହୋଇଛି? ତୁମେମାନେ ଏତେ ଚିନ୍ତିତ କାହିଁକି?''

ସେମାନେ କହିଲେ ଯେ ତାଙ୍କ ଘରୁ ମୋ କାନ୍ଦ ଶୁଣି ସେମାନେ ଏଠାକୁ ଆସିଥିଲେ। ଆସି ଦେଖିଲେ ଯେ ମୁଁ ଯେମିତି ଆଚ୍ଛନ୍ନ ହୋଇ ରହିଛି ଆଉ କହୁଛି, ''ମୁଁ ଯିବି ନାହିଁ। କୌଣସି ପ୍ରକାରେ ଯିବି ନାହିଁ।'' ସାରା ବିଛଣା ରକ୍ତ ପୂଜରେ ଭାସୁଛି।

ସେମାନେ ଦୁଇ ଜଣ ମିଶି ସାରା ରାତି ଗରମ ପାଣି ସେକ ଦେଇଛନ୍ତି। ମୁଁ କିନ୍ତୁ କିଛି ବି ଜାଣିପାରି ନାହିଁ। ମୋ ଶରୀର ପୂରା ହାଲୁକା ଲାଗୁଥାଏ। ବିଭା ଓ ମାୟା ମୋତେ ରୁଟି ଓ ଚା' ଖୁଆଇଦେଲେ। ଲୁଗାପଟା ପିନ୍ଧାଇଦେଲେ। ସେସମୟରେ ପ୍ରତିଦିନ ଦଶଟାରେ ମା' ତଳକୁ ଆସି ସମସ୍ତଙ୍କୁ ଆଶୀର୍ବାଦ ଫୁଲ ଦେଉଥିଲେ। ଆଶ୍ରମକୁ ଯାଇ ଲାଇନ୍‌ରେ ଠିଆହେଲି। ଯେତେବେଳେ ବୁଲାଦା'ଙ୍କ ଘରଠାରୁ ଟିକିଏ ଆଗେଇଛି ମା' ଦୂରରୁ ମୋତେ ଥରେ ଚାହିଁଦେଲେ। ମୁଁ ମେଡ଼ିଟେଶନ୍ ହଲ୍‌ରେ ପଶିଲି। ମନେମନେ କହୁଥାଏ, ''ମୋ ଦେହ ତ ଗ୍ରହଣଶୀଳ ନୁହେଁ। ତା'ହେଲେ ବଥ ଫାଟିଲା କେମିତି?'' ସଦର୍ପେ ମା'ଙ୍କ ପାଖକୁ ଆଗେଇଗଲି। ମା' କିନ୍ତୁ ମୋତେ ଚାହିଁଲେ ନାହିଁ! ହାତରେ ଆଶୀର୍ବାଦ ଫୁଲ ଦେଇ ବିଦା କରିଦେଲେ। ବହୁତ ଚିନ୍ତା କରି ପରେ ବୁଝିପାରିଲି ଯେ ମୋ ଶରୀରର ଜଡ଼ତା ଓ ତାଙ୍କ ଶକ୍ତି ଗ୍ରହଣ କରିବାର ଅକ୍ଷମତା ଦୂର କରିବା ପାଇଁ ମା' ମହାକାଳୀ ରୂପ ଧାରଣ କରିଥିଲେ। ତେଣୁ ତାଙ୍କ ଶକ୍ତିର ଦୁର୍ଜୟ କ୍ଷିପ୍ରତାର ପ୍ରସାଦରୁ ଏଇ ପ୍ରଚଣ୍ଡ ବାଧାବିପତ୍ତିରୁ ଉତ୍ତୀର୍ଣ୍ଣ ହେବା ପାଇଁ ତୀବ୍ର ଆସ୍ପୃହାଗ୍ନି ପ୍ରଜ୍ୱଳିତ କରିବା ମୋ ଦେହ ପକ୍ଷରେ ସମ୍ଭବ ହୋଇଥିଲା। ଗୋଟିଏ ମୁହୂର୍ତ୍ତରେ ଚୂର୍ଣ୍ଣ ହେଲା ସେହି ବାଧା ଯାହା କବଳରେ ପଡ଼ି ଦୁଇ ତିନି ବର୍ଷ ମୁଁ ଅସହ୍ୟ ଯନ୍ତ୍ରଣା ସହ୍ୟ କରିଥିଲି।

ମା'ଙ୍କର ସେହି କଠିନ ରୁଦ୍ରମୂର୍ତ୍ତି ମଝିରେ ମଝିରେ ମନେପଡ଼େ। କେତେ ଡରି ଯାଇ ନ ଥିଲି ସେଦିନ! ସେତେବେଳେ ବୁଝିପାରି ନ ଥିଲି ଯେ ମା'ଙ୍କର ଅସୀମ କରୁଣା ଓ କୃପା ବଳରେ ଗୋଟିଏ ମୁହୂର୍ତ୍ତରେ ସବୁ ବାଧା ଚୂର୍ଣ୍ଣବିଚୂର୍ଣ୍ଣ ହୋଇଗଲା।

ସେହି ଅସହ୍ୟ ଯନ୍ତ୍ରଣା କବଳରୁ ମୁକ୍ତି ପାଇ ଦେହ ମନ ମୋର କୃତଜ୍ଞତାରେ ମା'ଙ୍କ ଚରଣରେ ନତ ହୋଇ ରହିଲା। ମା'ଙ୍କ ପ୍ରଚଣ୍ଡ ରୁଦ୍ରମୂର୍ତ୍ତି ଦେଖିଲେ ଏବେ ବୁଝିପାରେ ଯେ ମା' ଆମ ମଙ୍ଗଳ ପାଇଁ ଏଇ ରୂପ ଧାରଣ କରନ୍ତି। ଭୟ ଯେ ଲାଗେ ନାହିଁ ତାହା ନୁହେଁ କିନ୍ତୁ ଅନୁଭବ କରିହୁଏ ତା' ପଛରେ ଥିବା ସୁଗଭୀର କରୁଣା।

ଦିନ ବିତି ଯାଉଥାଏ। କିନ୍ତୁ ଏ କ'ଣ? ପୁଣି ମୁଣ୍ଡରେ ଏତେ ଯନ୍ତ୍ରଣା କାହିଁକି? କ୍ରମେ ବିରାଟ ବଥଟିଏ ମୁଣ୍ଡର ଠିକ୍ ମଝିରେ ଦେଖାଦେଲା। ଠିକ୍ କଲି ଏଥର ଆଉ ମା'ଙ୍କୁ କିଛି କହିବି ନାହିଁ। ଯନ୍ତ୍ରଣା ସହ୍ୟ କରିବାକୁ ଲାଗିଲି। ମା' କିନ୍ତୁ ଠିକ୍ ବୁଝିପାରୁଥିଲେ ଯେ ମୋର କିଛି ଗୋଟିଏ ହେଉଛି। କାରଣ ଆଶୀର୍ବାଦ ଫୁଲ ନେଇ ସାରିବା ପରେ ମୁଁ ଆଉ ମଥା ନତ କରିପାରୁ ନ ଥିଲି। ସିଧା ଫେରିଆସୁଥିଲି।

ଦିନେ ହଠାତ୍ ମା' ମୋ ମୁଣ୍ଡକୁ ଜୋର୍‌ରେ ଚାପିଧରିଲେ। ମୁଁ ଯନ୍ତ୍ରଣାରେ ଚିତ୍କାର କରି କାନ୍ଦି ପକାଇଲି। ମା' କହିଉଠିଲେ, ''ପୁଣି! ନା, ନା! ଏହା ହୋଇ

ପାରେ ନା !'' ମା' ଏମିତି ଜୋର୍‌ରେ ଗର୍ଜନ କରିଉଠିଲେ ଯେ ଉପରେ ଯେଉଁମାନେ କାମ କରୁଥିଲେ ସେମାନେ ମା' କାହାକୁ ଗାଳି ଦେଉଛନ୍ତି ଦେଖିବାକୁ ଦୌଡ଼ିଆସିଲେ। ମୁଁ କିନ୍ତୁ ନିଶ୍ଚିନ୍ତ ଥାଏ। ବୁଝିପାରିଲି ବିପଦ କଟିଗଲା। ପରଦିନ ଭୋରରୁ ନିଦ ଭାଙ୍ଗିଗଲା। ମୁଣ୍ଡରେ ଟିକିଏ ହେଲେ ଯନ୍ତ୍ରଣା ନାହିଁ! ହାତ ବୁଲାଇ ଆଣି ଦେଖିଲି ବଥର ଚିହ୍ନବର୍ଣ୍ଣ ମଧ୍ୟ ନାହିଁ!

ଏମିତି ଭାବରେ ବର୍ଷ ପରେ ବର୍ଷ ବହୁ ପରୀକ୍ଷା ମଧ୍ୟଦେଇ ମୋତେ ଯିବାକୁ ହୋଇଛି। ତା'ପରେ ପୁଣି ବଥ ବାହାରିଲା। ଏଥର ଏମିତି ଜାଗାରେ ବାହାରିଲା ଯେ ଚାଲିପାରୁ ନ ଥାଏ କି ବସିପାରୁ ନ ଥାଏ। ଅନେକ ଦ୍ୱିଧା ପରେ ଶେଷରେ ମା'ଙ୍କୁ ବଥ କଥା କହିବାକୁ ବାଧ୍ୟ ହେଲି। ମା' ହୁଙ୍କାର ଦେଇ କହିଉଠିଲେ, ''ମୁଁ କହୁଛି, ନା, ନା।''

ମା'ଙ୍କର ସେଇ ତେଜୋମୟୀ ରୁଦ୍ରମୂର୍ତ୍ତି ଦର୍ଶନ କରି ମୁଁ ଅନୁଭବ କଲି ଯେ ମୋ ବିପଦ କଟିଗଲା। ଉପରଓଳି ମାର୍ଚ୍ଚପାଷ୍ଟର ସାଲ୍ୟୁଟ୍ ନେବା ପାଇଁ ଭାରତର ମାନଚିତ୍ର ସାମନାକୁ ଆସି ପୁଣି ମା' ମୋ ଆଡ଼କୁ ଚାହିଁ ଉଚ୍ଚସ୍ୱରରେ କହିଉଠିଲେ, ''ନା, ନା।'' ସମସ୍ତେ ବିସ୍ମିତ ହୋଇ ମୋ ଆଡ଼କୁ ଚାହିଁଥା'ନ୍ତି, ଆଉ ଭାବୁଥା'ନ୍ତି ପ୍ରୀତି ମା'ଙ୍କଠାରୁ ଏତେ ଗାଳି ଖାଉଛି କାହିଁକି ?

ପ୍ଲେ-ଗ୍ରାଉଣ୍ଡର ସମସ୍ତ କାମ ଶେଷ କରି ମା' ଆଶ୍ରମକୁ ଫେରିଗଲେ। ମୁଁ ବି ଘରକୁ ଫେରିଲି। ନିଦରେ ଆଖି ମାଡ଼ି ପଡୁଥାଏ। ବହୁଦିନ ପରେ ନିଦ୍ରାଦେବୀଙ୍କ କୋଳରେ ଶୋଇପଡ଼ିଲି। ଭୋରରୁ ନିଦ ଭାଙ୍ଗିଗଲା। ଦେହରେ ତ କୌଣସି ଯନ୍ତ୍ରଣା ବା ଜ୍ୱର ନାହିଁ! ବଥ ଗଲା କୁଆଡ଼େ ?

*

ଥରେ ମିନୁର ଖୁବ୍ ଜୋର୍‌ରେ ଗୋଡ଼ ମକଚି ହୋଇ ଯାଇଥିଲା। ଚାଲିପାରୁ ନ ଥିଲା। ତଥାପି ଛୋଟେଇ ଛୋଟେଇ ଶିଡ଼ି ପାହାଚ ଚଢ଼ି ମା'ଙ୍କ ପାଖକୁ ଗଲା। ମା' ପଚାରିଲେ, ''ଛୋଟେଇ ଛୋଟେଇ ପାହାଚରେ ଉଠିଲ କାହିଁକି ?''

''ଠିଆହୋଇ ପାରୁନି ମା'।''

ମା' ଗମ୍ଭୀର ଭାବରେ କହିଲେ, ''ସିଧା ହୋଇ ଚାଲ।'' ମିନୁ ତ ଭୟରେ ଅଧାମରା। କ'ଣ କରିବ ବୁଝିପାରୁ ନ ଥାଏ।

''ଚାଲ କହୁଛି'', ମା'ଙ୍କର କଡ଼ା ନିର୍ଦ୍ଦେଶ ଆସିଲା। ମା'ଙ୍କ କଣ୍ଠସ୍ୱରରେ ଏମିତି ତେଜ ଥିଲା ଯେ ମିନୁ ଭୟରେ ପ୍ରାଣପଣେ ଚେଷ୍ଟା କରି ସତରେ ଚାଲିବାକୁ

ଆରମ୍ଭ କଲା । ଅଳ୍ପ କେତେ ଦିନ ମଧ୍ୟରେ ପୂରାପୂରି ସ୍ୱାଭାବିକ ଭାବରେ ଚଲାବୁଲା କରିପାରିଲା ।

*

ଗୋଟିଏ ଝିଅର ପ୍ରାୟ ଜ୍ୱର ହେଉଥିଲା । ସେ ଦିନେ ମା'ଙ୍କ ପାଖକୁ ଯାଇଥିବାବେଳେ ସତରେ ଯେମିତି ଜ୍ୱରରେ ତା' ଦେହରେ ଖଇ ଫୁଟୁଥିଲା । ମା' ଝିଅଟିକୁ ଗାଳିଦେବାକୁ ଆରମ୍ଭ କଲେ । ଏତେ ଜୋର୍‌ରେ ଧମକ ଦେଉଥା'ନ୍ତି ଯେ ପଛରେ ଠିଆହୋଇ ମୁଁ ସବୁ ଶୁଣୁଥାଏ ଆଉ ମନେ ମନେ ହସୁଥାଏ । ମୋ ନିଜ ଭାଗ୍ୟରେ ତ ଏଇ ଗର୍ଜନ କେତେ ଥର ଜୁଟିଛି । କାନ୍ଦି କାନ୍ଦି ଝିଅଟି ଚାଲିଗଲା । ଦେଖିଲି ମା' ଝିଅଟିର ଯିବା ପଥକୁ ସ୍ଥିର ଭାବରେ ଚାହିଁ ଠିଆ ହୋଇଥା'ନ୍ତି । ମୁଁ ଘରକୁ ପଶିବା ମାତ୍ରେ ସେ କହିଲେ, "ଦେଖ, ମୁଁ ତା'ର ଜ୍ୱରକୁ ଗାଳି ଦେଇ ତଡ଼ିଦେଲି । ଆଉ ସେ ଭାବିଲା ଯେ ମୁଁ ତା'କୁ ଭଲପାଏ ନାହିଁ ।"

ମା'ଙ୍କଠାରୁ ଗାଳି ଖାଇବାକୁ ମୁଁ ତ ଅଭ୍ୟସ୍ତ ହୋଇ ଯାଇଥିଲି । ତେଣୁ କେବଳ ଟିକିଏ ହସିଲି । ମା'ଙ୍କୁ ପ୍ରଣାମ କରିସାରି ସେଇ ଝିଅଟିର ଘରକୁ ଗଲି । ଯାଇ ଦେଖିଲି ଝିଅଟି ବିଛଣାରେ ଶୋଇ ଆକୁଳ ଭାବରେ କାନ୍ଦୁଛି । ତାକୁ କହିଲି, "ଜାଣିଛୁ, ମା' କହିଲେ ତୋ' ଜ୍ୱରକୁ ତଡ଼ିବା ପାଇଁ ସେ ଏମିତି ଗର୍ଜି ଉଠିଥିଲେ ଆଉ ତୁ ଭାବିନେଲୁ ଯେ ମା' ତୋତେ ଭଲପାଆନ୍ତି ନାହିଁ ।" ସେଇ ଧମକ ଖାଇବା ପରଠାରୁ ଝିଅଟିକୁ ଆଉ ଜ୍ୱର କବଳରେ ପଡ଼ିବାକୁ ହୋଇ ନ ଥିଲା । ମା'ଙ୍କ କରୁଣା କେତେ ପ୍ରକାରେ କାମ ନ କରେ !

*

ଆମମାନଙ୍କର ଟେନିସ୍ ଖେଳିବା ପୂରାଦମ୍‌ରେ ଆରମ୍ଭ ହୋଇଯାଇଥାଏ । ଖେଳ ସମୟରେ ଗୋଟିଏ ଝିଅର ପ୍ରାୟ ପେଟ ବ୍ୟଥା ହେଉଥିଲା । ସେ ଖେଳିବାକୁ ଯାଇପାରୁ ନ ଥିଲା । ତାକୁ ସବୁ ଖେଳ ବନ୍ଦ କରିବାକୁ ପଡୁଥିଲା ।

ଦିନେ ଝିଅଟି ମା'ଙ୍କ ପାଖକୁ ଯାଇଥାଏ । ସେହି ଦିନ ତା'ର ଟେନିସ୍ ଖେଳିବାକୁ ଯିବାର ଥିଲା । ଏପଟେ ଭୀଷଣ ପେଟ ବ୍ୟଥା ଆରମ୍ଭ ହୋଇଯାଇଥାଏ । ପେଟ ବ୍ୟଥା ପାଇଁ ଖେଳିବାକୁ ଯାଇପାରିବ ନାହିଁ ବୋଲି କହିବା ମାତ୍ରେ ମା' ଗର୍ଜନ କରି ଉଠିଲେ । ଏମିତି ଗାଳିଦେଲେ ଯେ ବିଚରା ଝିଅଟି କାନ୍ଦି କାନ୍ଦି ଘରକୁ ଫେରିଗଲା । ତା' ସାଙ୍ଗମାନେ ବୁଝାଇବାକୁ ଲାଗିଲେ ଯେ ଯେହେତୁ ମା' ତାକୁ

ଖେଳିବାକୁ ଯିବାକୁ କହିଛନ୍ତି, ତାକୁ ଅବଶ୍ୟହିଁ ଯିବାକୁ ହେବ। ତା'ର ପେଟ ବ୍ୟଥା ଭଲ ହୋଇଯିବ। ଆଶ୍ଚର୍ଯ୍ୟର କଥା ହେଉଛି ସେହି ଦିନଠାରୁ ତା'ର ଆଉ ଦିନେ ହେଲେ ପେଟ ବ୍ୟଥା ହୋଇ ନ ଥିଲା ଏବଂ ସେ ଠିକ୍ ଭାବରେ ଟେନିସ୍ ଖେଳି ପାରିଥିଲା।

*

ଆମ ମା' (ବିଭାବତୀ) ଅଧିକାଂଶ ସମୟରେ ପଡ଼ିଯାଉଥିଲେ। ଯେଉଁଠି ସେଇଠି ଶୁଖିଲା ଭୂଇଁରେ ମଧ୍ୟ ପଡ଼ିଯାଉଥିଲେ। ଆଣ୍ଠୁରେ ଏତେ ଆଘାତ ଲାଗୁଥିଲା ଯେ କେତେଦିନ ଧରି ଚଲାବୁଲା କରିପାରୁ ନ ଥିଲେ। ପିଲାଦିନରୁ ଆମେ ମା'ଙ୍କର ଏଇ ପଡ଼ିଯିବା ଦେଖିବାରେ ଅଭ୍ୟସ୍ତ ହୋଇଯାଇଥିଲୁ। ଆଶ୍ରମକୁ ଆସିବା ପରେ ମଧ୍ୟ ସେ ସେମିତି ପଡ଼ିଯାଉଥିଲେ। ଆଣ୍ଠୁର ଯନ୍ତ୍ରଣା ତାଙ୍କୁ କାବୁକରି ରଖୁଥିଲା। ଅମୃତଦା' ଯାଇ ଶ୍ରୀମାଙ୍କୁ ମା'ଙ୍କର ଏମିତି ପଡ଼ିଯିବାର ସମ୍ବାଦ ଦେଉଥିଲେ। ପ୍ରଥମେ କେତେ ଥର ଶ୍ରୀମା ଗମ୍ଭୀର ଭାବରେ ସବୁ ଶୁଣି ଅମୃତଦା'ଙ୍କ ହାତରେ ଆଶୀର୍ବାଦ ଫୁଲ ପଠାଇ ଦେଉଥିଲେ। କିନ୍ତୁ ଆଉଥରେ ମା' ପଡ଼ିଯିବାର ସମ୍ବାଦ ନେଇ ଯେତେବେଳେ ଅମୃତଦା' ଶ୍ରୀମାଙ୍କ ପାଖକୁ ଗଲେ ସେ ଗର୍ଜନ କରି କହିଉଠିଲେ, "ବାରଂବାର ବିଭାବତୀ ପଡ଼ିଯାଏ କାହିଁକି ?" ଖୁବ୍ ରାଗିଗଲେ। ସେହି ଦିନରୁ ଆମ ମା' ଆଉ ପଡ଼ି ନ ଥିଲେ। ଏତେ ବର୍ଷର ସେଇ ଅଭ୍ୟାସ ଶ୍ରୀମାଙ୍କର ଗୋଟିଏ ହୁଙ୍କାରରେ କ୍ଷଣକରେ ଦୂର ହୋଇଯାଇଥିଲା। ଶ୍ରୀମା ଯେତେବେଳେ ନିଜ ସ୍ୱରୂପରେ ବିରାଜମାନ କରି ଶକ୍ତି ପ୍ରୟୋଗ କରନ୍ତି ସେତେବେଳେ ସବୁ ବାଧା ଗୋଟିଏ ମୁହୂର୍ତ୍ତରେ ଚୂର୍ଣ୍ଣବିଚୂର୍ଣ୍ଣ ହୋଇଯାଏ। ସେତେକିବେଳେ ଆମେ ତାଙ୍କର ମହାକାଳୀ ରୂପ ଦେଖିବାକୁ ପାଉ। ଆଶୁ ଫଳଦାୟୀ ପ୍ରକ୍ରିୟା ପାଇଁ ସେ ମଝିରେ ମଝିରେ ଏହି ତେଜୋମୟୀ ରୂପ ଧାରଣ କରନ୍ତି।

*

ଆମ ବାପା ନରେନ୍ ଦାଶଗୁପ୍ତ ଫେଣୀ କଲେଜର ପ୍ରଫେସର ଥିଲେ। ଶ୍ରୀଅରବିନ୍ଦଙ୍କ ନିର୍ଦ୍ଦେଶରେ ସେ ଫେଣୀ ପରି ଗୋଟିଏ ଛୋଟ ସହରରେ ଚାକିରୀ କରିଥିଲେ। ଟଙ୍କାପଇସା ପ୍ରତି ତାଙ୍କର ଭ୍ରୂକ୍ଷେପ ନ ଥିଲା। ଶ୍ରୀଅରବିନ୍ଦଙ୍କ ଆଦର୍ଶ ଓ ନିର୍ଦ୍ଦେଶ ମାନି ଚଳିବାହିଁ ଥିଲା ସେତେବେଳର ତରୁଣମାନଙ୍କର ଏକମାତ୍ର ଧ୍ୟାନ ଓ ଜ୍ଞାନ। ମା'ଙ୍କ ଆଦେଶକ୍ରମେ ସଂସାର ଛାଡ଼ି, ସ୍ତ୍ରୀ ଓ ସନ୍ତାନମାନଙ୍କୁ ନେଇ ସେ ଚିରଦିନ ପାଇଁ ଆଶ୍ରମକୁ ଚାଲିଆସିଥିଲେ। ଏମିତି ମଣିଷଟିଏ ହେଲେ ମଧ୍ୟ

ନାସ ନେବାର ଅଭ୍ୟାସଟି ତାଙ୍କର ରହିଯାଇଥିଲା ।

ଏକଦା କେତେ ଦିନ ଧରି ମା'ଙ୍କୁ ପ୍ରଣାମ କରିବାକୁ ବାପା ଯାଇପାରି ନ ଥିଲେ । ପ୍ରଚଣ୍ଡ ହିକ୍କା ଦିନ ପରେ ଦିନ ବାପାଙ୍କୁ ଅସ୍ଥିର କରିପକାଉଥିଲା । ଆମେ ସମସ୍ତେ ବାପାଙ୍କ ପାଇଁ ଉଦ୍‌ବିଗ୍ନ ଥିଲୁ । ଦିନେ ସନ୍ଧ୍ୟାରେ ମା'ଙ୍କ ପାଖକୁ ଯାଇଥିବାବେଳେ ମା' ମୋତେ ପଚାରିଲେ, ''ତୁମ ବାପା କେତେ ଦିନ ଧରି ମୋ ପାଖକୁ ଆସି ନାହାନ୍ତି କାହିଁକି ?''

ମା'ଙ୍କୁ ବାପାଙ୍କର ହିକ୍କା ଉଠୁଥିବା କଥା କହିଲି । ମା' କେତେ ସମୟ ଚୁପ୍‌ହୋଇ ରହିଲେ । ତା'ପରେ କହିଲେ, ''ତୁମ ବାପାଙ୍କୁ ଏବେ ମୋ ପାଖକୁ ନେଇଆସ ।''

ସଙ୍ଗେ ସଙ୍ଗେ ଘରକୁ ଯାଇ ବାପାଙ୍କୁ ମା'ଙ୍କର ଆଦେଶ କଥା କହିଲି । ମୋ ସହିତ ବାପା ଆଶ୍ରମକୁ ଆସିଲେ । କିନ୍ତୁ ହିକ୍କା ସେମିତି ଚାଲିଥାଏ । ପାଖକୁ ଆସିବା ମାତ୍ରେ ମା' ମୋ ବାପାଙ୍କୁ ଖୁବ୍ ଜୋର୍‌ରେ ଗାଳିଦେଇ କହିଲେ, ''ତୁମର ନାସ ନେବାର ଅଭ୍ୟାସ ଅଛି କି ?''

ଖୁବ୍ ଅପ୍ରସ୍ତୁତ ଭାବରେ ମୁଣ୍ଡ ହଲାଇ ବାପା ତାହା ସ୍ୱୀକାର କଲେ । ମା' ଆହୁରି ରାଗିଯାଇ ବାପାଙ୍କୁ ଧମକ ଦେବାକୁ ଆରମ୍ଭ କଲେ । ସେ ଅପରାଧିଟିଏ ପରି ଲଜ୍ଜାରେ ତଳକୁ ମୁଣ୍ଡ କରି ଠିଆହୋଇ ରହିଥା'ନ୍ତି । ବାପା ଗାଳି ଖାଉଥିବାର ଦେଖି ମୋତେ ଖୁବ୍ ମଜା ଲାଗୁଥିଲା । ଭାବୁଥିଲି, ବଡ଼ମାନେ ବି ତା'ହେଲେ ମା'ଙ୍କଠାରୁ ଗାଳି ଖା'ନ୍ତି !

ଏଥର ମା' ଶକ୍ତ ଗଳାରେ ଆଦେଶ ଦେଲେ, ''ଏବେ ଘରକୁ ଯାଇ ଯେତେ ଡବା ନାସ ତୁମ ପାଖରେ ଅଛି ସେସବୁ ରାସ୍ତାକୁ ଫୋପାଡ଼ିଦିଅ ।''

ମା'ଙ୍କ ପାଖରୁ ଆଶୀର୍ବାଦ ଫୁଲ ନେଇ ବାପା ତଳକୁ ଓହ୍ଲାଇଆସିଲେ । ମା'ଙ୍କ ପାଖରୁ ଗାଳି ଖାଇ ହିକ୍କା ସେତେବେଳକୁ ବନ୍ଦ ହୋଇଯାଇଥାଏ । ଘରକୁ ଫେରି ସେ ଗୋଟି ଗୋଟି କରି ସମସ୍ତ ଦାମୀ ନାସର ଡବାଗୁଡ଼ିକ ଦୋତାଲାର ବାରନ୍ଦାରୁ ରାସ୍ତାକୁ ଫୋପାଡ଼ିବାକୁ ଲାଗିଲେ । ବାପାଙ୍କ ସେତେବେଳର ଅବସ୍ଥା ଦେଖିବା ପରି । ମା'ଙ୍କ ନିର୍ଦ୍ଦେଶରେ ସବୁକିଛି କରିବା ସମ୍ଭବ । ଏତେ ବଡ଼ ଗୋଟିଏ ନିଶାର କବଳରୁ ମା' ଗୋଟିଏ ମୁହୂର୍ତ୍ତରେ ବାପାଙ୍କୁ ଉଦ୍ଧାର କଲେ ।

ଆମେ ଅବାକ୍ ହୋଇ ବାପାଙ୍କ କାଣ୍ଡ ଦେଖୁଥିଲୁ । ଜୀବନରେ ସେ ଆଉ କୌଣସି ଦିନ ନାସ ନେଇ ନାହାନ୍ତି । ଜୀବନର ଶେଷ ଦିନ ପର୍ଯ୍ୟନ୍ତ ମା'ଙ୍କ ଆଦେଶକୁ ଅକ୍ଷରେ ଅକ୍ଷରେ ପାଳନ କରି ଯାଇଛନ୍ତି । ଏତେ ଶକ୍ତି ସେ ପାଇଲେ କେଉଁଠୁ ?

କାହାର କଠୋର କୃପା ଫଳରେ ବାପା ଏତେ ସହଜରେ ନିଶା କବଳରୁ ମୁକ୍ତି ପାଇଲେ ?

*

"କ୍ଷଣେ କ୍ଷଣେ
ପ୍ରତି ମୁହୂର୍ତ୍ତେ
ମୋ ଜୀବନେ
ତୁମ ଅଙ୍ଗୁଳି ଦେଲା ଯେଉଁ ପରଶ
ସାଧ୍ୟ କି ଅଛି ମୋର ମୂର୍ତ୍ତ କରିବି ସେଇ ମୁହୂର୍ତ୍ତ।"

ଦିନେ ଖରାବେଳେ ଖାଇସାରିବା ପରେ ଚେୟାରରୁ ଉଠୁଛି, ଭୀଷଣ ପେଟ ବ୍ୟଥା ଆରମ୍ଭ ହେଲା। କି ଅସହ୍ୟ ଯନ୍ତ୍ରଣା ! ମନେହେଲା ଯେମିତି ପେଟରୁ ସବୁ ଅନ୍ତନାଡ଼ି ବାହାରି ଆସୁଛି। ଚଟାଣ ଉପରେ ଶୋଇପଡ଼ି ଚିତ୍କାର କରି କାନ୍ଦୁଥାଏ। ଘରେ କେହି ନ ଥା'ନ୍ତି। ସେତିକିବେଳେ ଡାଇନିଂ ରୁମ୍‌ରୁ ଖାଇସାରି ମନୋଜ ଘରକୁ ଫେରିଲା। ମୋ କାନ୍ଦ ଶୁଣି ଦୌଡ଼ିଆସିଲା। ମନୋଜକୁ କହିଲି, "ଶୀଘ୍ର ମା'ଙ୍କ ପାଖକୁ ଯାଇ କହ ଯେ ମୋର ଭୀଷଣ ପେଟ ବ୍ୟଥା ହେଉଛି। ସହ୍ୟ କରିପାରୁ ନାହିଁ।" ମନୋଜ ଦୌଡ଼ିଯାଇ ମା'ଙ୍କୁ ସବୁ କହିଲା। ମା' ସବୁ ଶୁଣିସାରି ଗୋଟିଏ ରୁମାଲରେ କିଛି ଜୁଇଫୁଲ ମନୋଜ ହାତରେ ଦେଇ କହିଲେ, "ପ୍ରୀତିକୁ କୁହ ସେ ଯେମିତି ଏଇ ଫୁଲଗୁଡ଼ିକ ତା' ପେଟ ଉପରେ ରଖି ଶାନ୍ତ ଭାବରେ ଶୋଇରହେ। ସବୁ ଯନ୍ତ୍ରଣା ଦୂର ହୋଇଯିବ।"

ମନୋଜ ଫେରିଆସି ମୋତେ ଫୁଲଗୁଡ଼ିକ ଦେଲା ଏବଂ ମା' ଯାହା କହିଥିଲେ ସବୁ କହିଲା। ମୁଁ ଚିତ୍‌ହୋଇ ଶୋଇରହି ପେଟ ଉପରେ ଫୁଲଗୁଡ଼ିକ ରଖିବା ମାତ୍ରେ ଗଭୀର ନିଦ୍ରାରେ ଶୋଇପଡ଼ିଲି। କି ଅପୂର୍ବ ସେ ଶାନ୍ତି ! ଯନ୍ତ୍ରଣା କୁଆଡ଼େ ଉଭେଇ ଗଲା। ଉପରଓଳି ମା' ପ୍ଲେ-ଗ୍ରାଉଣ୍ଡକୁ ଆସିଲେ। ମୁଁ ତାଙ୍କ ପାଇଁ ଅପେକ୍ଷା କରିଥାଏ। ମୋତେ ନ ଦେଖି ପାରିଲା ପରି ମା' ନିଜ କୋଠରିରୁ ବାହାରି ସାକ୍ଷାତ୍‌କାର କୋଠରିକୁ ଚାଲିଗଲେ। ମୁଁ ପଛରୁ ଡାକିଲି, "ମା"। ମୋ ଡାକ ଶୁଣି ସେ ଛିଡ଼ାହେଲେ। ତାଙ୍କ ପାଖକୁ ଆଗେଇଯାଇ କହିଲି, "ମା', ମୋର କ'ଣ ହୋଇଥିଲା ?" ମା' ଭ୍ରୂକ୍ଷେପ ମଧ୍ୟ କଲେ ନାହିଁ। ପୁଣି ଚାଲୁ ଚାଲୁ କହିଲେ, "ସେକଥା ଜାଣିବା ତୁମର କ'ଣ ଦରକାର ?" ମୁଁ ତ ଅପ୍ରସ୍ତୁତ। କେତେ ବିପଦ କବଳରୁ ମା' ଏମିତି ଆମକୁ ରକ୍ଷା କରିଛନ୍ତି ଏବଂ ଏବେ ବି କରୁଛନ୍ତି।

ସନ୍ଧ୍ୟାବେଳେ ଗୌରୀ ଓ ମୁଁ ଏକାସାଥିରେ ମା'ଙ୍କ ପାଖକୁ ଯାଉଥିଲୁ। ଆଶୀର୍ବାଦ ଫୁଲ ନେଇସାରି କଥା ହୋଇ ହୋଇ ଘରକୁ ଫେରୁଥିଲୁ। ହଠାତ୍ ଦିନେ କ'ଣ ହେଲା ଜାଣିନି, ମିନୁର ଘର ପର୍ଯ୍ୟନ୍ତ ଆସିବା ପରେ କଥା କହୁ କହୁ ଗୌରୀର କାନ୍ଧ ଉପରେ ମୁଁ ପ୍ରାୟ ଅଚେତ ହୋଇ ଢଳି ପଡ଼ିଲି। ବିଚରା ଗୌରୀ ଟାଣିଟାଣି କୌଣସି ପ୍ରକାରେ ମୋତେ ଘରକୁ ନେଇଆସିଲା। କହିଲା, ''ପ୍ରୀତି, ତୁ ଟିକିଏ ଶୋଇରହ। ମୁଁ ମା'ଙ୍କ ପାଖକୁ ଯାଇ ତୋ କଥା କହିଆସେ।'' କେମିତି ଗୋଟିଏ ଆଚ୍ଛନ୍ନ ହେବା ପରି ଅବସ୍ଥାରେ ଥିଲି। ଏହା ମଧ୍ୟରେ ମୋ ମା' ବିଭାବତୀ ଖବର ପାଇ ଆସି ସାରିଥା'ନ୍ତି। ଉଦ୍‌ବିଗ୍ନ ହୋଇ ମୋତେ ଚାହିଁ ବସିଥା'ନ୍ତି। ଗୌରୀ ଫେରିଆସିଲା। ମା'ଙ୍କ ପାଖରୁ ଫୁଲ ନେଇ ଆସିଥାଏ। କହିଲା, ''ପ୍ରୀତି, ଛାତି ଉପରେ ଏହି ଫୁଲ ରଖି ଶାନ୍ତ ଭାବରେ ଶୋଇ ରହିବାକୁ ମା' କହିଛନ୍ତି।'' ଗୌରୀ ଓ ମୋ ମା' କବାଟ ବନ୍ଦ କରି ଚାଲିଗଲେ। ପରଦିନ ମା'ଙ୍କ ପାଖକୁ ଯିବା ମାତ୍ରେ ସେ ମୋତେ ଜୋର୍‌ରେ ଗାଳିଦେବାକୁ ଲାଗିଲେ। କହିଲେ, ''କ'ଣ ଭାବିଛ ? ତୁମେମାନେ ଯେତେବେଳେ ମୋ ପାଖକୁ ଆସ, ମୁଁ ତୁମମାନଙ୍କ ଭିତରେ କିଛି କାମ କରେ। ଆଉ ଫେରି ଯାଉ ଯାଉ ତୁମେମାନେ ସେସବୁ ନଷ୍ଟ କରିଦିଅ। ସବୁବେଳେ ଖାଲି ଗପ, କଥା। ଶାନ୍ତ ହୋଇ କିଛି ସମୟ ବସି ରହିବ, ତା'ପରେ ଘରକୁ ଫେରିବ। ଜାଣିଛ, ସଂଯୋଗଟି ପ୍ରାୟ କଟିଯାଇଥିଲା। ଚୈତ୍ୟପୁରୁଷ ସେତେବେଳ ପର୍ଯ୍ୟନ୍ତ ଭିତରକୁ ପ୍ରବେଶ କରି ନ ଥିଲା, ଆଉ ତୁମେ ସିଧା ଚାଲିଗଲ। କି ବିପଦରେ ପଡ଼ିଥିଲ ତୁମେ ଧାରଣା କରିପାରିବ ନାହିଁ।'' ଗୌରୀ ମୋ ପଛରେ ଥାଇ ସବୁ ଶୁଣୁଥିଲା। ସେହି ଦିନରୁ ମା'ଙ୍କ ପାଖରୁ ସନ୍ଧ୍ୟାବେଳେ ଆଶୀର୍ବାଦ ଫୁଲ ନେବା ପରେ ଦୁଇ ବନ୍ଧୁ କିଛି ସମୟ ଶାନ୍ତ ଭାବରେ ମେଡ଼ିଟେଶନ ହଲରେ ବସୁଥିଲୁ। ତା' ପରେ ଘରକୁ ଫେରୁଥିଲୁ। ଏମିତି ଭାବରେ ବହୁବାର ମୁଁ ମୃତ୍ୟୁର ମୁହାଁମୁହିଁ ହୋଇଛି। ମା'ଙ୍କ ଅସୀମ କରୁଣାରୁ ପ୍ରତ୍ୟେକଥର ଫେରିଆସିଛି।

*

ଥରେ ମୋତେ ଖୁବ୍ ସର୍ଦ୍ଦି ହୋଇଥାଏ। ଏତେ ସର୍ଦ୍ଦି ଯେ ପ୍ଲେ-ଗ୍ରାଉଣ୍ଡକୁ ଯାଇ ଠିଆ ହୋଇପାରୁ ନ ଥାଏ। ମା' ତାହା ଲକ୍ଷ୍ୟ କରିଥିଲେ। କିଛି ସମୟ ମୋତେ ଚାହିଁ ରହିଲେ। ମୋତେ ଭୀଷଣ ଭୟ ଲାଗୁଥାଏ।

ମାର୍ଚ୍ଚପାଷ୍ଟ ପରେ ମିଲିଦି'ଙ୍କୁ ମା' କହିଲେ, ''ପ୍ରୀତିକୁ ତୁମ ଘରକୁ ନେଇଯାଅ। ଗୋଟିଏ ଗ୍ଲାସ ଈଷଦୁଷ୍ଣ ପାଣିରେ ଲେମ୍ବୁରସ ଓ ମହୁ ମିଶାଇ ତାକୁ

ଖାଇବାକୁ ଦେବ।'' ତା'ପରେ ମା' ଭିତରକୁ ଚାଲିଗଲେ। ମିଲିଦି'ଙ୍କ ସହିତ ମୁଁ ତାଙ୍କ ଘରକୁ ଗଲି। କଥା ହେଉ ହେଉ ଉଷୁମ ପାଣିରେ ମହୁ ଓ ଲେମ୍ବୁରସ ମିଶାଇବା କାମଟି ହୋଇଗଲା। ମିଲିଦି' କହିଲେ, ''ପ୍ରୀତି, ଚେୟାରରେ ବସି ଅଳ୍ପ ଅଳ୍ପ କରି ଏଇ ପାଣି ପିଇ ନେ। ଏହା ମା'ଙ୍କ ଔଷଧ।'' ସତରେ ସେଇ ପାଣି ପିଇସାରିବା ପରେ ଖୁବ୍ ଭଲ ଲାଗିଲା। ଏବେ ସୁଯୋଗ ପାଇଲେ ସମସ୍ତଙ୍କୁ ମା'ଙ୍କର ଏଇ ଔଷଧ ଖାଇବାକୁ କୁହେ।

*

ମୋର ଖୁବ୍ କୋଷ୍ଠକାଠିନ୍ୟ ହେଉଥିଲା। ବ୍ୟାୟାମ କରି ମଧ୍ୟ କଷ୍ଟ କମୁ ନ ଥିଲା। ସକାଳେ ମା'ଙ୍କ ପାଖକୁ ଯିବା ମାତ୍ରେ ମା' ଭିତରୁ ଗୋଟିଏ ଛୋଟ ବାଡ଼ି ନେଇଆସିଲେ। ବାଡ଼ିଟି ନିଜ ପିଠି ଉପରେ ରଖି ଗୋଡ଼ ଶକ୍ତ କରି ଚାଲିବାକୁ ଲାଗିଲେ। ଏମିତି କେତେଥର ଚାଲିବା ପରେ ବାଡ଼ିଟି ମୋ ହାତରେ ଦେଇ ଦେଖାଇ ଦେଲେ କେମିତି ଚାଲିବାକୁ ହେବ। ମୁଁ କେତେଥର ଚାଲିଲି। ତା' ପରେ ମା' କହିଲେ, ''ପ୍ରତିଦିନ ସକାଳୁ ଉଠି ଏମିତି ଚାଲିବ।'' ପୁଣି ଭିତରକୁ ଯାଇ ଗୋଟିଏ ବଡ଼ ଗ୍ଲାସ ନେଇଆସିଲେ। ଗ୍ଲାସଟି ଦେଖାଇ କହିଲେ, ''ଏମିତି ଗୋଟିଏ ଗ୍ଲାସରେ ସାତ ଗ୍ଲାସ ପାଣି ସକାଳୁ ଉଠି ପିଇବ।'' ଏହା ଦେଖି ତ ମୋ ଚକ୍ଷୁ ସ୍ଥିର। ଭାବୁଥାଏ, ଏତେ ପାଣି ପିଇବି କେମତି! ପିଇବା ପରେ କିନ୍ତୁ ବେଶ୍ ଉପକାର ହୋଇଥିଲା।

*

ଗୋଟିଏ ଝିଅ ଅର୍ଶ ପାଇଁ ଖୁବ୍ କଷ୍ଟ ପାଉଥିଲା। ମା' ଝିଅଟିକୁ କହିଲେ, ''ପ୍ରତିଦିନ ଗୋଟିଏ ବାଲ୍ତି ଥଣ୍ଡା ପାଣିରେ କିଛି ସମୟ ବସିରହିବ। ତା'ହେଲେ ଅର୍ଶର ଯନ୍ତ୍ରଣା ଓ ଫୁଲା କିଛିଦିନ ମଧ୍ୟରେ ଭଲ ହୋଇଯିବ।'' ଝିଅଟି ମା'ଙ୍କ କଥାନୁଯାୟୀ ପ୍ରତିଦିନ ଥଣ୍ଡା ପାଣିରେ ବସିଲା। ଆଶ୍ଚର୍ଯ୍ୟର କଥା ଯେ କିଛି ଦିନ ମଧ୍ୟରେ ଝିଅଟିର ଅର୍ଶ ପୂରା ଭଲ ହୋଇଗଲା।

*

ତପତୀ ଓ ମୁଁ ସକାଳେ ପ୍ରେସକୁ କାମ କରିବାକୁ ଯାଉଥିଲୁ। ଦିନେ ଦେଖିଲି, ରାଜସେନା, ସୁଜାତା, ସୁମିତ୍ରା, ସୁପ୍ରଭା, ଚିତ୍ରା, ଶିବରାଣୀଦି' ଏବଂ ଆହୁରି ଅନେକେ ମିଶି ପ୍ରେସ୍‌ର ସବୁ ଜିନିଷପତ୍ର ସଜାଡ଼ି ରଖୁଛନ୍ତି। ସମସ୍ତଙ୍କର କି ଉତ୍ସାହ! ମା' ଚିତ୍ରାକୁ

କହିଥା'ନ୍ତି ଯେ ସେ ଉପରଓଳି ପ୍ରେସ୍ ଦେଖିବାକୁ ଆସିବେ । ଚିତ୍ରା ଦୌଡ଼ି ଦୌଡ଼ି ଖୁବ୍ କାମ କରୁଥାଏ । ଉପରଓଳି ମା' ପ୍ରେସ୍‌କୁ ଆସିଲେ । ଆମେ ସମସ୍ତେ ଠିଆ ହୋଇଥାଉ । ମା' କିନ୍ତୁ କାହାରି ଆଡ଼କୁ ଅନାଇଲେ ନାହିଁ । ପ୍ରତିଟି ଘରେ, ପ୍ରତିଟି ମେସିନ୍ ପାଖରେ ଠିଆହୋଇ ନାନା ପ୍ରକାର ପ୍ରଶ୍ନ କରୁଥା'ନ୍ତି ! ଆମେସବୁ ଟିକିଏ ଦୂରେଇ ରହି ମା'ଙ୍କ ପଛରେ ଘୁରିବୁଲୁଥାଉ । ଗୋଟିଏ ଘରେ ମା'ଙ୍କ ପାଇଁ ଚେୟାରଟିଏ ସଜାଡ଼ି ରଖାଯାଇଥିଲା । ମା' ସେହି ଘରକୁ ଯାଇ ସବୁକିଛି ଦେଖିଲେ, ତା'ପରେ ଯାଇ ଚେୟାରଟିରେ ବସିଲେ । ମା'ଙ୍କ ପାଖରେ ଗୋଟିଏ ଥାଳିରେ ଟଫି ରଖାଯାଇଥିଲା । ସମସ୍ତେ ଜଣ ଜଣ କରି ଆସି ମା'ଙ୍କ ପାଖରୁ ଟଫି ନେଇଗଲେ । ଆମେ ସମସ୍ତେ ମଧ୍ୟ ଟଫି ପାଇଁ ଗଲୁ । ଚିତ୍ରା ମା'ଙ୍କ ପାଖରେ ଥାଏ । ତା'ର ମୁହଁ ବିଷଣ୍ଣ । ମୁଁ ଭାବୁଥାଏ, ଚିତ୍ରାର କ'ଣ ହେଲା ? ତା'ପରେ ମା' ଆଶ୍ରମକୁ ଫେରିଗଲେ । ସନ୍ଧ୍ୟାରେ ଯେତେବେଳେ ମା'ଙ୍କ ପାଖକୁ ଗଲି, ସେ ବେଶ୍ ଚିନ୍ତିତ ଭାବରେ ପଚାରିଲେ, ''ଚିତ୍ରାର କ'ଣ ହୋଇଛି ତୁମେ ଜାଣିଛ ? ପ୍ରେସ୍‌ରେ ଟଫି ନେବାକୁ ଆସିଲା ବେଳେ ସେ ଖୁବ୍ ବିଷଣ୍ଣ ମନେହେଉଥିଲା ।'' ମୁଁ କହିଲି, ''ମା', ତୁମେ ଉପରଓଳି ପ୍ରେସ୍‌କୁ ଆସିବ ବୋଲି ଚିତ୍ରାକୁହିଁ କହିଥିଲ । ସେ ଖବୁ ଉତ୍ସାହରେ ସାରାଦିନ ପ୍ରେସ୍‌ର ସବୁ ଜିନିଷପତ୍ର ସଜାଇଛି । ଖୁବ୍ ପରିଶ୍ରମ କରିଛି । ଆମେ ସମସ୍ତେ ଖୁବ୍ ଖଟିଛୁ । କିନ୍ତୁ ତୁମେ ପ୍ରେସ୍‌କୁ ଆସି ଆମକୁ ଟିକିଏ ବି ଚାହିଁଲ ନାହିଁ । ବିଚରା ଚିତ୍ରା ସମସ୍ତଙ୍କଠାରୁ ଛୋଟ । ତେଣୁ ତା'ର ହୁଏତ ଟିକିଏ ଅଭିମାନ ହୋଇଛି ।'' ମା' ମୋ କଥା ଶୁଣି ସମାଧିସ୍ଥ ହୋଇଗଲେ । ଟିକିଏ ପରେ ମୋତେ ଆଶୀର୍ବାଦ ଫୁଲ ଦେଲେ । ମୁଁ ତଳକୁ ଓହ୍ଲାଇ ଆସିଲି । ବୁଝିପାରିଲି ଏମିତିକି ସାନଝିଅଟିଏ ମୁହଁ ଭାରି କରି ମା'ଙ୍କ ପାଖକୁ ଯାଇଥିବା କଥା ମଧ୍ୟ ମା'ଙ୍କ ଦୃଷ୍ଟିକୁ ଏଡ଼ାଇପାରି ନ ଥିଲା ।

ଏମିତି ଭାବରେ ଆମମାନଙ୍କର ସାନବଡ଼, ତୁଚ୍ଛ କେତେ ଦୁର୍ବଳତା ମା'ଙ୍କ ପାଖରେ ଧରା ପଡ଼ିଯାଉଥିଲା । ସବୁ ମାନୁଷୀ ଦୁର୍ବଳତାର ଉପରକୁ ଉଠିଯିବାକୁ ସର୍ବଦା ମା' ଆମମାନଙ୍କୁ ସାହାଯ୍ୟ କରୁଥିଲେ । କେତେ କ'ଣ ଆମେ ନ ଶିଖିଛୁ ମା'ଙ୍କ ପାଖରୁ !

ଚିତ୍ରା ସମ୍ବନ୍ଧରେ ଗୋଟିଏ ମଜାର କଥା କହୁଛି । ଆମେ ପ୍ରେସ୍‌ରେ କାମ ଆରମ୍ଭ କରିଥାଉ । ସକାଳଠାରୁ ସାଢ଼େ ଏଗାରଟା ପର୍ଯ୍ୟନ୍ତ କାମ କରିବାକୁ ହେଉଥିଲା । ବିଚରା ଚିତ୍ରାକୁ ଖୁବ୍ ଭୋକ ଲାଗୁଥିଲା । ଆଉ ଭୋକ ଲାଗିଲେହିଁ ତା'ର ପେଟ ବ୍ୟଥା ଆରମ୍ଭ ହୋଇଯାଉଥିଲା । କିନ୍ତୁ ଦଶଟା ସମୟରେ କୌଣସି ଖାଦ୍ୟ ପାଇବା ସମ୍ଭବ ନ ଥିଲା । କାରଣ ପ୍ରେସ୍ ତ ଏତେ ଦୂରରେ । ମା' ଚିତ୍ରାର ପେଟ ବ୍ୟଥା କଥା ଜାଣିପାରି

ପ୍ରତିଦିନ ନିଜ ହାତରେ ତାକୁ ଗୋଟିଏ କରି ଚକୋଲେଟ୍ ଦେଉଥିଲେ। ଫ୍ରାନ୍ସର ପ୍ରସିଦ୍ଧ ଚକୋଲେଟ୍।

*

ଆଉ ଗୋଟିଏ ଝିଅ ଖୁବ୍ ଦୁର୍ବଳ ଥିଲା। ମା' ଝିଅଟି ପାଇଁ ଖୁବ୍ ଚିନ୍ତା କରୁଥିଲେ। ପ୍ରତିଦିନ ସକାଳେ ନିଜ ହାତରେ ତିଆରି କରି ଗୋଟିଏ ଗ୍ଲାସ୍ ଗ୍ଲୁକୋଜ୍ ତାକୁ ପିଆଉଥିଲେ। ଝିଅଟି କ୍ରମେ ସୁସ୍ଥ ହୋଇଉଠିଲା। ମା'ଙ୍କ ଉପରେ ଥିବା ଅପାର ଆସ୍ଥା ଏମିତି ଭାବରେ ଦେହର ଅଣୁ ପରମାଣୁରେ ମଧ୍ୟ କାମ କରୁଥିଲା।

*

"ମା', ମୋ ଗଳାରେ କେମିତି ଚର୍ମରୋଗ ହେଲାଣି ଦେଖ", କହିଲା ଝିଅଟିଏ। ଝିଅଟିର ଗଳାର ସେହି ଜାଗାରେ ମା' ଅଙ୍ଗୁଳି ଦେଇ କିଛି ସମୟ ଜୋର୍‌ରେ ଘସିଦେଲେ। ମା'ଙ୍କର ସେହି ଭଙ୍ଗୀ ଥିଲା ଦେଖିବା ପରି। କେଉଁଠି ମିଳେଇଗଲା ସେଇ ଚର୍ମରୋଗ !

*

ପିଲାଟିଏ ଭଲ୍‌ଟିଂ ବାକ୍ସରୁ ପଡ଼ିଗଲା। ମେରୁଦଣ୍ଡରେ ଭୀଷଣ ଆଘାତ ଲାଗିଥାଏ। ମା' ସେତେବେଳେ ପ୍ଲେ-ଗ୍ରାଉଣ୍ଡରେ ଥିଲେ। ଦୌଡ଼ିଯାଇ ପିଲାଟି ପାଖରେ ବସିପଡ଼ିଲେ। ମହିଷମର୍ଦ୍ଦିନୀ ଭଙ୍ଗୀରେ ପିଲାଟିର ମେରୁଦଣ୍ଡକୁ ଚାପିଧରିଲେ। ପୂରା ପ୍ଲେ-ଗ୍ରାଉଣ୍ଡ ନିଝୁମ, ନିସ୍ତବ୍ଧ। ସମସ୍ତେ ମା'ଙ୍କୁ ଡାକୁଥାଉ। ପ୍ରତିଦିନ ଟେନିସ୍ ଖେଳିସାରି ମା' ସେହି ପିଲାଟିର ଘରକୁ ଯାଉଥିଲେ ! ବେଶ୍ କିଛି ସମୟ ତା' ସହିତ କଥା ହେଉଥିଲେ। ପିଲାଟି କେତେ ମାସ ମଧ୍ୟରେ ସୁସ୍ଥ ହୋଇଉଠିଲା। ମୁଁ ତ ଭାବି ନ ଥିଲି ଯେ ସେଇ ଦୁଷ୍ଟ ପିଲାଟି ଏତେ ଗୁରୁତର ଆଘାତ ପାଇବା ପରେ ସିଧାହୋଇ ଚାଲିପାରିବ !

*

ଚିତ୍ରା ଜହର ହେଉଛି ଲତା, ତାରା ଇତ୍ୟାଦିଙ୍କର ଭଉଣୀ। ତା' ସମ୍ବନ୍ଧରେ ଗୋଟିଏ ମଜାର ଘଟଣା ଲେଖୁଛି। ଦିନ ବାରଟାବେଳେ ମା' ଉପର ମେଡ଼ିଟେଶନ ହଲ୍‌ରେ ସବୁ ସାନସାନ ପିଲାମାନଙ୍କୁ ଟଫି ଦେଉଥିଲେ। ଆମେସବୁ କାଛକୁ ଆଉଜି

ବସି ରହୁଥିଲୁ। ମା' ଘରେ ପଶିବା ମାତ୍ରେ ''ସୁପ୍ରଭାତ ପିଲାମାନେ'' ବୋଲି କହୁଥିଲେ। ଆମେ ସମସ୍ତେ ମିଶି ଏକାସାଥିରେ ''ସୁପ୍ରଭାତ ମଧୁମୟୀ ଜନନୀ'' ବୋଲି କହିଉଠୁଥିଲୁ। ଏତେ ପାଟିତୁଣ୍ଡ ହୈ ଚୈ ହେଉଥିଲା ଯେ ମା' କହୁଥିଲେ, ''ମନେହେଉଛି ଏହା ଗୋଟିଏ ପକ୍ଷୀର ବିରାଟ ବସା! ସବୁବେଳେ କିଚିରି ମିଚିରି ଚାଲିଛି।'' ମୁହଁରେ କିନ୍ତୁ ତାଙ୍କର ପ୍ରଶ୍ରୟର ହସ। ପାଖରେ ଥିବା ଥାଳିରୁ ମା' ପ୍ରତ୍ୟେକଙ୍କୁ ଗୋଟିଏ କରି ଟଫି ଦେଉଥିଲେ। ଦିନେ ଠିକ୍ ସେହି ସମୟରେ ବିଚରା ଚିତ୍ରାର ଖୁବ୍ ହିକ୍କା ଆରମ୍ଭ ହେଲା। ମା' ଥରେ ତା' ଆଡ଼କୁ ଅନାଇଲେ। ଚିତ୍ରା ପାଖକୁ ଯେତେବେଳେ ଟଫି ଦେବାକୁ ଆସିଲେ ହଠାତ୍ ଦୁମ୍ କରି ତା' ପିଠିରେ ବିଧାଟିଏ ମାରି ଗମ୍ଭୀର ଭାବରେ ଅନ୍ୟମାନଙ୍କ ପାଖକୁ ଟଫି ଦେବାକୁ ଚାଲିଗଲେ। ଆମେ ଭୟରେ କମ୍ପୁଥାଉ। କ'ଣ ହେଲା? ଚିତ୍ରା ପିଠିରେ ବିଧା କାହିଁକି ବସିଲା? କିନ୍ତୁ ମା'ଙ୍କର ଗୋଟିଏ ବିଧାରେ ଚିତ୍ରାର ହିକ୍କା ବନ୍ଦ! ଆମେ ତ ହସି ହସି ବେଦମ୍।

ଥରେ ଏଇ ଟଫି ବିତରଣ ସମୟରେ ପାଞ୍ଚ ଛଅ ବର୍ଷ ବୟସର ଅରୁଣକାନ୍ତି (ଉଷା ଓ ଉର୍ମିଳାର ଭାଇ) ଢୁଳାଉଥାଏ। ସାରା ଦେହ ତା'ର ବଥରେ ଭର୍ତ୍ତି। ବଥ ଉପରେ ଏକ ପ୍ରକାରର ପଟି (ପୁଲ୍‌ଟିସ୍) ଲଗାଯାଇଥାଏ। ତେଣୁ ଆମେ ତାକୁ 'ପୁଲ୍‌ଟିସ୍ ବାବାଜୀ' ବୋଲି ଡାକୁଥିଲୁ। ବେଶ୍ ଗୋଲ୍‌ଗାଲ୍ ପିଲାଟିଏ। ଅରୁଣକାନ୍ତିର ଅବସ୍ଥା ମା' ସବୁଦିନ ଲକ୍ଷ୍ୟ କରୁଥା'ନ୍ତି। ଦିନେ ସେ ଲାଲୁଭାଇଙ୍କୁ କହିଲେ, ''ଅରୁଣକାନ୍ତିକୁ ତା' ଘରେ ଛାଡ଼ିଦେଇ ଆସ।'' ଲାଲୁଭାଇ ଅରୁଣକାନ୍ତିକୁ ଉଠାଇ ପାରୁ ନ ଥାନ୍ତି। ତେଣୁ ସେ ବଙ୍ଗଳାରେ କହିଉଠିଲେ, ''ଏଟା ଏକ୍‌ଟା ଭାରି ଜିନିଷ୍ ଆଛେ।'' ଆମେ ଲାଲୁଭାଇଙ୍କ ବଙ୍ଗଳା ଶୁଣି ଜୋର୍‌ରେ ହସିଉଠିଲୁ। ମା' ଆମ ହସର କାରଣ ଜାଣିବାକୁ ଚାହିଁଲେ। ସବୁ ଶୁଣି ସାରି ନିଜେ ମଧ୍ୟ ହସିବାକୁ ଲାଗିଲେ। ବେଶ୍ ହୈ ଚୈ ଚାଲିଥାଏ। ସାମନାରେ ଶ୍ରୀଅରବିନ୍ଦଙ୍କ କୋଠରି। ସେ କ'ଣ ଅନୁମାନ କରିପାରିଥିବେ ଏଇ ସାନ ସାନ ପିଲାମାନଙ୍କର ଏତେ ହସର କାରଣ କ'ଣ?

# ପ୍ଲେ-ଗ୍ରାଉଣ୍ଡରେ ମା'ଙ୍କ କ୍ଲାସ

ପ୍ଲେ-ଗ୍ରାଉଣ୍ଡ ଭିତରେ ପୂର୍ବଦିଗର ଗୋଟିଏ ଛୋଟ ଘରେ ମା' ପ୍ରଥମେ ଫ୍ରେଞ୍ଚ କ୍ଲାସ ନେବା ଆରମ୍ଭ କରିଥିଲେ। ସେହି ଘରଟିରେ ମଧ୍ୟ ମା' ସାକ୍ଷାତ୍କାର ନେଉଥିଲେ। ଆମେ ସେହି ଘରଟିକୁ କହୁଥିଲୁ ମା'ଙ୍କ ଇନ୍‌ଟରଭ୍ୟୁ ରୁମ୍।

ସେଇ ଛୋଟ ଘରଟି ପାଖରେ ପବିତ୍ରଦା'ଙ୍କ ଲ୍ୟାବରେଟରୀ ଥିଲା। ମା'ଙ୍କ କ୍ଲାସର ସମସ୍ତ ଛାତ୍ରଛାତ୍ରୀ ଥିଲେ ପରିଣତ ବୟସ୍କ। ଆମେ ପ୍ରାୟ ଦଶ ବାର ଜଣ ମାତ୍ର ଛାତ୍ରଛାତ୍ରୀ ସେଇ କ୍ଲାସରେ ଥିଲୁ — ପବିତ୍ରଦା', ନଳିନୀଦା', ଅମୃତଦା', କଲ୍ୟାଣଦା', ଦୟାକର, ରଞ୍ଜୁ, ଅମୀୟ ଏବଂ ମିନିଦି', ମିଲିଦି', ଡେମିବେନ୍, ଭିଓଲେଟ୍ ଓ ମୁଁ ଏମିତି ଆମେ ପାଞ୍ଚ ଛଅ ଜଣ ଝିଅ ଥିଲୁ।

ମା' ଟେନିସ୍ ଖେଳି ଫେରିବା ପରେ କ୍ଲାସକୁ ଆସୁଥିଲେ। ପ୍ରାୟ ପ୍ରତିଦିନ ଶ୍ରୁତଲିଖନ ଲେଖିବାକୁ ହେଉଥିଲା। ସେତେବେଳେ ମୁଁ ଫରାସୀ ଭାଷାର ଦ୍ୱିତୀୟ ଭାଗ ମାତ୍ର ଆରମ୍ଭ କରିଥାଏ। ସୁତରାଂ ସେଇ କ୍ଲାସରେ ଶ୍ରୁତଲିଖନ ଲେଖିବା ମୋ ପାଇଁ ଥିଲା ଖୁବ୍ ଭୀତିପ୍ରଦ ବ୍ୟାପାର। ବଡ଼ ବଡ଼ ଜ୍ଞାନୀମାନଙ୍କ ମଝିରେ ମୁଁ ବିରାଟ ମୂର୍ଖଟିଏ ହାତରେ ପେନ୍‌ସିଲ୍ ଧରି ପଣ୍ଡିତଟିଏ ପରି ବସିରହୁଥିଲି। ମା' ମୃଦୁ ସ୍ୱରରେ ଶ୍ରୁତଲିଖନ ଡାକି ମୋତେ ଲେଖାଉଥିଲେ। ଭୟରେ ମୁଁ ଝାଳରେ ଗାଧୋଇ ଯାଉଥିଲି। ଶ୍ରୁତଲିଖନ ଡାକି ସାରି ସମସ୍ତଙ୍କଠାରୁ ଖାତା ନେଇ ମା' ନିବିଷ୍ଟ ଚିତ୍ତରେ ଭୁଲ୍‌ଗୁଡ଼ିକ ସଂଶୋଧନ କରୁଥିଲେ। ମୋ ଖାତା ତ ପୂରାପୂରି ଲାଲ୍ ହୋଇଯାଉଥିଲା। ମା' ମୋତେ ଚାହିଁ ମୃଦୁ ମୃଦୁ ହସୁଥିଲେ। ଯେମିତି କହିବାକୁ ଚାହୁଁଥିଲେ, "ହାତରେ କାଳି, ମୁହଁରେ କାଳି, ଧନ ମୋ ଲେଖେ କଲମ ଚାଳି।" ଅନ୍ୟମାନେ ଯେମିତି ଦେଖି ନ ପାରିବେ ସେମିତି ଭାବରେ ମୁଁ ଖାତାଟି ଆଡୁଆଳ କରି ରଖୁଥିଲି। ଶ୍ରୁତଲିଖନ ପରେ ସମସ୍ତଙ୍କୁ କବିତା ଆବୃତ୍ତି କରିବାକୁ ପଡୁଥିଲା। ଏମିତିକି ନଳିନୀଦା', ଅମୃତଦା', ପବିତ୍ରଦା' ସମସ୍ତଙ୍କୁ କବିତା ଆବୃତ୍ତି କରିବାକୁ ପଡୁଥିଲା। କାହାରିକୁ ଛାଡ଼ ମିଳୁ ନ ଥିଲା। ମା'ଙ୍କ ସାମନାରେ ସମସ୍ତେ ଘାବରେଇ ଯାଉଥିଲେ। ମୁଁ ଫ୍ରେଞ୍ଚରେ କେତେଗୁଡ଼ିଏ କବିତା ମା'ଙ୍କ ସାମନାରେ ଆବୃତ୍ତି କରିଥିଲି। ସେଗୁଡ଼ିକ ହେଲା: Leconte de Lisleଙ୍କ *Les Elfes*, Paul Eluardଙ୍କ *Liberté*, Victor Hugoଙ୍କ *Booz Endormi*, *La Conscience*, Georges Duhamelଙ୍କ ବିଖ୍ୟାତ କବିତା *Ballade de Florentin Prunier* ଏବଂ ଆହୁରି କେତେ ଜଣ ବିଖ୍ୟାତ କବିଙ୍କର କେତୋଟି କବିତା। ମିନିଦି' ଥରେ ତାଙ୍କ ସୁମଧୁର କଣ୍ଠରେ

ଗୋଟିଏ କବିତା ଖୁବ୍ ସୁନ୍ଦର ଭାବରେ ଆବୃତ୍ତି କରିଥିଲେ। ଆମେ ତାହା ମୁଗ୍ଧ ହୋଇ ଶୁଣିଥିଲୁ। ତେମିବେନ୍ ସୁନ୍ଦର ଭାବରେ Paul Verlaineଙ୍କ ଅତିବିଖ୍ୟାତ କବିତା 'Il pleure dans mon coeur/ Comme il pleut sur la ville' ଆବୃତ୍ତି କରିଥିଲେ।

ଦୁଷ୍ଟଙ୍କ ଶିରୋମଣି ଅମୃତଦା' ସବୁଠାରୁ ସାନ କବିତାଟିଏ ଆବୃତ୍ତି କରିବାକୁ ବାଛୁଥିଲେ। ଦୁଇ ମିନିଟ୍ ଭିତରେ ତାଙ୍କର ଆବୃତ୍ତି ଶେଷ ହୋଇଯାଉଥିଲା। ସ୍ୱସ୍ତିରେ ନିଶ୍ୱାସ ମାରି ଅନ୍ୟମାନଙ୍କୁ ଅନାଇ ମୁଚୁକି ମୁଚୁକି ହସୁଥିଲେ। ସେ ଥିଲେ ବେଶ୍ ରସିକ ମଣିଷଟିଏ। ତାଙ୍କ ରସିକତା ଆଶ୍ରମରେ ବିଖ୍ୟାତ। ଏମିତିକି ସେ ମା'ଙ୍କ ସହିତ ମଧ୍ୟ ଦୁଷ୍ଟାମି କରି କଥା କହୁଥିଲେ। ଏହି ପ୍ରସଙ୍ଗରେ ଗୋଟିଏ ମଜାର ଘଟଣା କହୁଛି। ମା'ଙ୍କ ଘରର କବାଟ ପାଖରେ ଗୋଟିଏ ଉଚ୍ଚା ଜାଗା ଥିଲା। ପ୍ରାୟ ସମସ୍ତେ ସେଠାରେ ଝୁଣ୍ଟି ପଡୁଥିଲେ। ଥରେ ମା'ଙ୍କୁ ପ୍ରସ୍ତାବ ଦିଆଗଲା ଯେ ସେହି ଜାଗାଟି ସମାନ କରି ଦିଆଯାଉ। ମା' କିନ୍ତୁ ଭୀଷଣ ଆପତ୍ତି କରି କହିଥିଲେ, "ତୁମେମାନେ ସଚେତନ ହେବାକୁ ଚେଷ୍ଟା କର।" ଦିନେ ଅମୃତଦା' ସେଇ କବାଟ ପାଖ ଦେଇ ଆସିବା ସମୟରେ ବେଶ୍ ଜୋର୍‌ରେ ଝୁଣ୍ଟିପଡ଼ିଲେ। ମା' ଜୋର୍‌ରେ କହିଉଠିଲେ, "ଅମୃତ?" ରସିକତାଭରା ଦୃଷ୍ଟିରେ ଅମୃତଦା' ସପ୍ରତିଭ ଭାବରେ ଉତ୍ତର ଦେଲେ, "ମା' ମୁଁ ସଚେତନ ହେବାକୁ ଚେଷ୍ଟା କରୁଛି।" ସେଠାରେ ଯେଉଁମାନେ ଉପସ୍ଥିତ ଥିଲେ ସମସ୍ତେ ହୋ ହୋ ହୋଇ ହସି ଉଠିଲେ। ମା' ନିଜେ ମଧ୍ୟ ହସ ଚାପିପାରିଲେ ନାହିଁ। ଏଇ ହେଲେ ଆମ ଅମୃତଦା'। ସୁତରାଂ ଅମୃତଦା'ଙ୍କ ଉପସ୍ଥିତିରେ ଆମ ଫ୍ରେଞ୍ଚ କ୍ଲାସ ବେଶ୍ ଜମିଉଠୁଥିଲା।

ଆମେ ଆବୃତ୍ତି କରିଥିବା କବିତାଗୁଡ଼ିକ ପୁଣି ମା' ନିଜେ ଆବୃତ୍ତି କରି ଆମମାନଙ୍କୁ ଶୁଣାଉଥିଲେ। ଏବେ ମନେହୁଏ ଆହା, ସେଇସବୁ କବିତା ଯଦି ମା' ଆବୃତ୍ତି କରିବା ସମୟରେ ରେକର୍ଡ଼ କରି ରଖାଯାଇ ପାରିଥା'ନ୍ତା! ଶବ୍ଦ ସହିତ ଶବ୍ଦର ତାଳ ଦେଇ କେମିତି ଛନ୍ଦରେ କବିତାର ଭାବମୂର୍ତ୍ତି ଫୁଟିଉଠେ, ମା'ଙ୍କ କବିତା ଆବୃତ୍ତି ଶୁଣି ତାହା ବୁଝିପାରିଥିଲି।

ମା' ଏଇ ଫ୍ରେଞ୍ଚ କ୍ଲାସରେ Molière, Racine, Corneille, Anatole Franceଙ୍କ ବହିସବୁ ପଢୁଥିଲେ। Anatole Franceଙ୍କ *La Révolte des Anges* ଓ Edmond Rostandଙ୍କ *Cyrano de Bergèrac* ମା' ବେଶ୍ ସୁନ୍ଦର ଭାବରେ ପଢୁଥିଲେ। ସେ *Andromaque, Le Cid, Les Femmes Savantes* ଏବଂ ଆହୁରି ଅନେକ ବହି କ୍ଲାସରେ ପଢୁଥିଲେ। ଆମେ ମୁଗ୍ଧ ହୋଇ ସବୁ ଶୁଣୁଥିଲୁ।

ଗୋଟିଏ ଦିନର ଘଟଣା ମନେପଡୁଛି। ମା' ମୋତେ ବ୍ଲାକବୋର୍ଡ଼ରେ କିଛି

ଲେଖିବାକୁ କହିଲେ। ମୁଁ ଲେଖିଲି। ଲେଖା ଶେଷ ହେବା ପରେ ଦେଖେ ଧାଡ଼ିଗୁଡ଼ିକ ସିଧା ନ ହୋଇ ଉପରକୁ ଉଠିଯାଇଛି। ମୋତେ ତ ଖୁବ୍ ଅପ୍ରସ୍ତୁତ ଲାଗୁଥାଏ। ସମସ୍ତେ ମୁରୁକି ମୁରୁକୁ ହସୁଥା'ନ୍ତି। ମା' ମୃଦୁକଣ୍ଠରେ ମୋତେ କହିଲେ, ''ଏହା ହେଉଛି ତୁମର ଆସ୍ପୃହା। ସିଧା ଭଗବାନଙ୍କ ଆଡ଼କୁ, ଊର୍ଦ୍ଧ୍ୱକୁ ଉଠିଯାଇଛି।'' ଏମିତି ଥିଲା ମା'ଙ୍କ ଶିକ୍ଷା ପଦ୍ଧତି। କୌଣସି ପ୍ରକାରେ କାହାକୁ ଅପ୍ରସ୍ତୁତ ହେବାକୁ ଦେବେ ନାହିଁ। ପ୍ରତି ମୁହୂର୍ତ୍ତରେ କେବଳ ଉତ୍ସାହିତ କରି ଚାଲିଥିବେ। ମନରୁ ଭୟ, ସଙ୍କୋଚ ବାହାର କରିଦେବାକୁ ଆମମାନଙ୍କୁ ମା' ସତରେ କେତେ ପ୍ରକାରେ ସାହାଯ୍ୟ କରୁ ନ ଥିଲେ!

ଦିନେ ଶ୍ରୁତଲିଖନ ଲେଖିବା ସମୟରେ ମୁଁ vraiment ଲେଖିବା ପରିବର୍ତ୍ତେ vraiement ଲେଖିଥିଲି। ପବିତ୍ରଦା' ସେଥିପାଇଁ ମୋତେ ଚିଡ଼ାଇଲେ। ମୁଁ ମା'ଙ୍କୁ କହିଲି, ''ମା', ଫ୍ରେଞ୍ଚରେ ତ ବିଶେଷଣର ସ୍ତ୍ରୀଲିଙ୍ଗ ରୂପ ଅନୁଯାୟୀ କ୍ରିୟାବିଶେଷଣ ହୁଏ।''

ମା' ପବିତ୍ରଦା'ଙ୍କୁ ଡାକି କହିଲେ, ''ଏଇ ଯେ ପଣ୍ଡିତ, ଏବେ ବୁଝାଅ ଏଠାରେ କାହିଁକି vraiment ଲେଖିବାକୁ ହେବ।'' ରସିକତାଭରା ଆଖିରେ ମା' ପବିତ୍ରଦା'ଙ୍କୁ ଅନାଇ ରହିଥା'ନ୍ତି। ପବିତ୍ରଦା' କହିଲେ, ''ପ୍ରୀତି, ଏ କ୍ଷେତ୍ରରେ ଏମିତିହିଁ ଲେଖାଯାଏ।'' ମୁଁ ନୀରବ ରହିଲି।

ମା' ମୋତେ ଚାହିଁ ହସୁଥିଲେ। ସାନ୍ତ୍ୱନା ଦେବା ପାଇଁ କହିଲେ, ''ପୁର୍ବରୁ ମୋର ମଧ୍ୟ ବହୁତ ବନାନ ଭୁଲ ହେଉଥିଲା।'' ଏମିତି ଥିଲା ମା'ଙ୍କର ଶିକ୍ଷା ପଦ୍ଧତି। ଉତ୍ସାହ ଦେଇ, ନିଜ ଦୃଷ୍ଟାନ୍ତ ଦେଇ ଆମକୁ ଆଗେଇ ନେଇ ଚାଲନ୍ତି। ଯାହାହେଉ ଘରକୁ ଫେରି ଫ୍ରେଞ୍ଚ ବ୍ୟାକରଣ ବହିରୁ ମନୋଯୋଗ ସହକାରେ କ୍ରିୟା ବିଶେଷଣ ଅଧ୍ୟାୟଟି ପଢ଼ିଲି। ତା'ପରେ ନିଶ୍ଚିନ୍ତ।

ଫ୍ରେଞ୍ଚରେ ନିର୍ଭୁଲ ଭାବରେ କଥା କହିବାକୁ ମୋର ସବୁଠାରୁ ବେଶୀ ଅସୁବିଧା ହେଉଥିଲା। ମା' ପୁଣି ମୋ ସହିତ ଫ୍ରେଞ୍ଚ ଛଡ଼ା ଅନ୍ୟ ଭାଷାରେ କଥା ହେଉ ନ ଥିଲେ।

ଏଠାରେ ଅମୃତଦା'ଙ୍କ କିଶୋର ଜୀବନର ଗୋଟିଏ ମଜା ଘଟଣା ମନେପଡୁଛି। ଶ୍ରୀଅରବିନ୍ଦଙ୍କ ଦର୍ଶନ ପାଇବାକୁ ଅମୃତଦା' ଖୁବ୍ ବ୍ୟାକୁଳ ହୋଇଉଠିଥାନ୍ତି। ତାଙ୍କୁ ଶ୍ରୀଅରବିନ୍ଦଙ୍କ ପାଖକୁ ନେଇଯିବା ପାଇଁ ସେ ବିଜୟକାନ୍ତଙ୍କୁ ଅନୁରୋଧ କଲେ। ତା' ପୂର୍ବରୁ ଅବଶ୍ୟ ଅମୃତଦା' କେତେ ଥର ଶ୍ରୀଅରବିନ୍ଦଙ୍କ ଦର୍ଶନ ଲାଭ କରିଥିଲେ। ବିଜୟକାନ୍ତ (ଯିଏ ପ୍ରଥମେ ଶ୍ରୀଅରବିନ୍ଦଙ୍କ ସହିତ ପଣ୍ଡିଚେରୀ ଆସିଥିଲେ) କହିଲେ ଯେ ସେ ଶ୍ରୀଅରବିନ୍ଦଙ୍କୁ ପଚାରି ତାଙ୍କୁ ଜଣାଇବେ। ଚାରିପାଞ୍ଚ ଦିନ ପରେ ବିଜୟକାନ୍ତ ଦିନେ ସକାଳେ ଅମୃତଦା'ଙ୍କୁ କହିଲେ ଯେ ସେହିଦିନ ସନ୍ଧ୍ୟାରେ

ସେ ଶ୍ରୀଅରବିନ୍ଦଙ୍କ ଦର୍ଶନ ପାଇପାରିବେ। ସନ୍ଧ୍ୟାରେ କିଛିଟା ଦ୍ୱିଧାର ସହିତ ବିଜୟକାନ୍ତ ଅମୃତଦା'ଙ୍କୁ ଶ୍ରୀଅରବିନ୍ଦଙ୍କ ପାଖକୁ ନେଇଗଲେ। ଶ୍ରୀଅରବିନ୍ଦ ସେତେବେଳେ କିଛି ଲେଖୁଥିଲେ। ସେ ଲେଖୁଥିବା କାଗଜଟିକୁ ଆଡ଼େଇଦେଇ ଅମୃତଦା' ଓ ବିଜୟକାନ୍ତଙ୍କ ଆଡ଼କୁ ଚାହିଁଲେ। ଅମୃତଦା' ହଠାତ୍ ଦେଖିଲେ ଯେ ତାଙ୍କ ପାଖରେ ବିଜୟକାନ୍ତ ନାହାନ୍ତି। ଶ୍ରୀଅରବିନ୍ଦଙ୍କ ସାମନାରେ ଅମୃତଦା' ପୂରାପୂରି ଏକା !

ଶ୍ରୀଅରବିନ୍ଦ ଅମୃତଦା'ଙ୍କୁ ଚାହିଁଥା'ନ୍ତି। ତାଙ୍କ ଦୃଷ୍ଟିରେ ଅମୃତଦା' ଯେମିତି ବୁଡିଯାଉଥା'ନ୍ତି। ସେସମୟରେ ଅମୃତଦା' ଭଲ ଭାବରେ ଇଂରାଜୀରେ କଥା କହିପାରୁ ନ ଥା'ନ୍ତି । ତେଣୁ ଘାବରେଇ ଯାଉଥାନ୍ତି। ତଥାପି କଥା କହିବାକୁ ଚେଷ୍ଟା କରୁଥା'ନ୍ତି। ଯେଉଁ ଦୁଇଟି ଶବ୍ଦ ଭଲ ଭାବରେ ଶିଖିକରି ଯାଇଥିଲେ ତାହା ମଧ୍ୟ କଣ୍ଠରୁ ବାହାରୁ ନ ଥାଏ। କୌଣସି ପ୍ରକାରେ କହିଲେ, "I want come daily see you."

ଫରାସୀ ଭାଷାରେ କଥା କହିବାକୁ ଗଲେ ମୋ ଅବସ୍ଥା ସେତେବେଳେ ଅମୃତଦା'ଙ୍କ ଇଂରାଜୀ କହିବା ପରି ହେଉଥିଲା। ଅମୃତଦା'ଙ୍କ ଇଂରାଜୀ ଶୁଣି ଶ୍ରୀଅରବିନ୍ଦ ହସିଥିଲେ କି ନାହିଁ ଜାଣିନି କିନ୍ତୁ ମୋ ଫରାସୀ ଭାଷା ଶୁଣି ମା' ପ୍ରାୟ ଥଟ୍ଟା କରୁଥିଲେ। ମୋତେ ରଗାଇଦେଇ ଅସ୍ଥିର କରିପକାଉଥିଲେ। ସେମିତି ଗୋଟିଏ ଦୁଇଟି ଘଟଣା ଉଲ୍ଲେଖ କରୁଛି:

ଦିନେ ମୋତେ ବେଶ୍ ଜ୍ୱର ହୋଇଥାଏ। ଏହା ଜଣାଇବାକୁ ମା'ଙ୍କ ପାଖକୁ ଗଲି। ହଠାତ୍ ମୁହଁରୁ ବାହାରି ଗଲା, "Mère, j'ai du fièvre." କଥାଟି କହି ପକାଇ ଭୀଷଣ ଅପ୍ରସ୍ତୁତ ଲାଗୁଥାଏ। "ମା' ମୋତେ ଜ୍ୱର ହୋଇଛି"ର ଭୁଲ ଫରାସୀ ଭାଷା ଶୁଣି ମା' ମୋତେ ଥଟ୍ଟା କରିବାକୁ ଲାଗିଲେ। ବାରଂବାର କହୁଥା'ନ୍ତି, "J'ai du fièvre." ଗୋଟିଏ କରି ଫୁଲ ମୋ ହାତରେ ଦେଉଥା'ନ୍ତି ଆଉ କହୁଥା'ନ୍ତି, "J'ai du fièvre."

ଆଉ ଦିନେ କହିପକାଇଲି, "Ce livre appartient à moi." ସଙ୍ଗେ ସଙ୍ଗେ ମା' କହିବାକୁ ଲାଗିଲେ, "appartient à moi, appartient à moi." ଏମିତି ଭଙ୍ଗୀରେ କହିବାକୁ ଲାଗିଲେ ଯେ ମୋତେ ଭୀଷଣ ଲଜ୍ଜା ଲାଗୁଥାଏ। ମା'ଙ୍କ ଆଖିରେ ଥାଏ ରସିକତାଭରା ଉଜ୍ଜ୍ୱଳ ଚାହାଣି। ତାହା ଭୁଲି ହୁଏ ନା। ଏବେ ମଧ୍ୟ ସେଇ ଚାହାଣି ଚିତ୍ରଟିଏ ପରି ବାରଂବାର ମୋ ସ୍ମୃତିପଟରେ ଭାସି ଉଠେ।

*

ମା' ବହିଟିଏ ଖୋଲିଧରି ବସିଥା'ନ୍ତି। ଆମେ ସମସ୍ତେ ତାଙ୍କ ମୁହଁକୁ ଚାହିଁ,

ତାଙ୍କୁ ଘେରି ବସିଥାଉ। ସମସ୍ତେ ନୀରବ। ମନେ ମନେ ଆମେ ଗୋଟିଏ ଚାପା ଉତ୍ତେଜନା ବୋଧ କରୁଥାଉ, ଆଜି ମା' କ'ଣ କହିବେ? ପଢ଼ିବାକୁ ସୁବିଧା ହେବ ବୋଲି ଗୋଟିଏ ଆଲୁଅ ଜଳାଇ ଦିଆଗଲା। ଯେମିତି ଶତଧାରାରେ ସେହି ଆଲୁଅ ମା'ଙ୍କ ସର୍ବାଙ୍ଗକୁ ଘେରି ତାଙ୍କୁ ପ୍ରଣତି ଜଣାଇଲା। ଆମେ ସମସ୍ତେ ସ୍ତବ୍ଧ। ସେହି ଆଲୋକର ଝରଣାଧାରାରେ ସ୍ନାତ ମା'ଙ୍କ ଶୁଭ୍ର, ପବିତ୍ର ଦେବୀଅଙ୍ଗର ଅପରୂପ ସୌନ୍ଦର୍ଯ୍ୟ ଅବର୍ଣ୍ଣନୀୟ।

"ନୟନ ମୋର ମେଣ୍ଟାଏ ସାଦ
ପାଇଛି ଦରଶନ,
ଶ୍ରବଣ ମୋର ଗଭୀର ସୁରେ
ହୋଇଛି ନିମଗନ।"

ସାନ, ବଡ଼, ବୟସ୍କ ସମସ୍ତେ ଗୋଟିଏ ପ୍ରଚଣ୍ଡ ଆକର୍ଷଣରେ ସ୍ଥିର ହୋଇ ମା'ଙ୍କୁ ଚାହିଁ ବସିଥାଉ। ମା' ବହିର ପୃଷ୍ଠା ଓଲଟାଉଥା'ନ୍ତି। କେବଳ ଶୁଣାଯାଉଥାଏ ପୃଷ୍ଠା ଓଲଟାଇବାର ଖସ୍‌ଖସ୍ ଶବ୍ଦ। ମା'ଙ୍କ ଶ୍ରୁତିମଧୁର କଣ୍ଠସ୍ୱର ଶୁଣିବା ପାଇଁ ବିଶ୍ୱଚରାଚର ଉନ୍ମୁଖ ହୋଇ ରହିଥା'ନ୍ତି। ମନେ ହେଉଥାଏ ଯେମିତି ଦେବତାମାନେ ମଧ୍ୟ ପ୍ଲେ-ଗ୍ରାଉଣ୍ଡରେ ଉପସ୍ଥିତ ଥା'ନ୍ତି। ଆମମାନଙ୍କ ଭିତରେ ସେମାନେ ବି ବସିଥା'ନ୍ତି। କିନ୍ତୁ ସ୍ୱୟଂ ମା' ଅଦିତି ମାନବ ଶିଶୁମାନଙ୍କୁ ଶିକ୍ଷା ଦେବା ପରି ଅଭାବନୀୟ ଘଟଣା ସେମାନେ କେବେ ପୂର୍ବରୁ ଦେଖି ନ ଥିବେ! ଶୁଣିଛି, ଦେବତାମାନେ ଆଗରୁ ମା'ଙ୍କୁ ଏମିତି ମାନବୀ ତନୁରେ ଦେଖି ନ ଥିଲେ। ତେଣୁ ସେମାନେ ମଧ୍ୟ ମା'ଙ୍କ ସାନ୍ନିଧ୍ୟ ପାଇବା ପାଇଁ ଓହ୍ଲାଇ ଆସୁଥିଲେ। ଆଶ୍ରମରେ ମା' ଯେତେବେଳେ ତଳକୁ ଓହ୍ଲାଇ ଆସି ଆମମାନଙ୍କୁ ଆଶୀର୍ବାଦ ଫୁଲ ଦେଉଥିଲେ ସେତେବେଳେ ସେମାନେ ମଧ୍ୟ ମେଡ଼ିଟେଶନ ହଲ୍‌ରେ ଏକାଠି ହେଉଥିଲେ। ସ୍ୱୟଂ ମା' ଅଦିତି ମାନୁଷୀ ତନୁ ଧାରଣ କରି ଏଇ ଧୂଳିଧୂସର ପୃଥିବୀରେ ଅବତରଣ କରିଛନ୍ତି। ତେଣୁ ତାଙ୍କ ଦର୍ଶନ ପାଇବାର ଆକାଂକ୍ଷା ଦେବତାମାନଙ୍କର ହେବାରହିଁ କଥା। ସେମାନେ ତ ଏମିତି ଭାବରେ ମା'ଙ୍କୁ କେବେ ପାଆନ୍ତି ନାହିଁ। ଧନ୍ୟ ଆମମାନଙ୍କ ମାନବ ଜୀବନ।

ମା' ଯେତେବେଳେ ଶ୍ରୀଅରବିନ୍ଦଙ୍କ ଲିଖିତ 'ମା' ବହିରୁ ମା'ଙ୍କ ଶକ୍ତି ଚତୁଷ୍ଟୟ ବିଷୟରେ ପଢୁଥିଲେ ସେତେବେଳେ ଆମେ ଅନିମେଷ ଦୃଷ୍ଟିରେ ତାଙ୍କ ମୁହଁକୁ ଚାହିଁ ରହୁଥିଲୁ। ମାହେଶ୍ୱରୀ, ମହାକାଳୀ, ମହାଲକ୍ଷ୍ମୀ, ମହାସରସ୍ୱତୀ — ପ୍ରତିଟି ଶକ୍ତିଙ୍କ ବର୍ଣ୍ଣନା ପଢ଼ିବା ସମୟରେ ସେହି ଶକ୍ତିଙ୍କୁ ମା' ପ୍ଲେ-ଗ୍ରାଉଣ୍ଡକୁ ଓହ୍ଲାଇ ଆଣୁଥିଲେ।

ଏମିତିକି ପ୍ରତିଟି ଶକ୍ତିଙ୍କ ବର୍ଣ୍ଣନା କରିବା ସମୟରେ ମା'ଙ୍କ କଣ୍ଠସ୍ୱର ମଧ୍ୟ ଭିନ୍ନ ଭିନ୍ନ ହେଉଥିଲା । ''ମହାକାଳୀ ଭିନ୍ନ ଏକ ପ୍ରକୃତିର । ବିସ୍ତୃତି ନୁହେଁ, ଉଚ୍ଚତା — ଜ୍ଞାନ ନୁହେଁ ବଳ ଓ ବୀର୍ଯ୍ୟ ତାଙ୍କ ନିଜସ୍ୱ ବିଶେଷତ୍ୱ'' — ଏହା ପଢ଼ିବା ସମୟରେ ମା'ଙ୍କ କଣ୍ଠସ୍ୱରରେ ଥିଲା କି ତେଜ! ତାଙ୍କ ସେହି ଗୁରୁଗମ୍ଭୀର କଣ୍ଠସ୍ୱର ପୂରା ପ୍ଲେ-ଗ୍ରାଉଣ୍ଡରେ ପ୍ରତିଧ୍ୱନିତ ହେଉଥିଲା । ଏମିତିକି ତାଙ୍କ ଚେହେରା ମଧ୍ୟ ବଦଳି ଯାଉଥିଲା । ମା'ଙ୍କ ସେହି ମହାକାଳୀ ରୂପ ଦେଖି ନିଜକୁ ଯେମିତି ଛୋଟ ପିମ୍ପୁଡ଼ିଟିଏ ପରି ମନେହେଉଥିଲା । ପୂରା ପ୍ଲେ-ଗ୍ରାଉଣ୍ଡ ଥିଲା ନିସ୍ତବ୍ଧ । ବୟସ୍କ ଓ ଅଳ୍ପବୟସ୍କ ସମସ୍ତେ ରହୁଥିଲେ ଶାନ୍ତ । ଏଇ କ୍ଲାସ୍‌ଗୁଡ଼ିକରେ କି ଅପୂର୍ବ ପରିବେଶ ହେଉଥିଲା ! କହିବାକୁ ଇଚ୍ଛା ହୁଏ:

''ଜନନୀ ଗୋ ତୁମ ମରଣହରଣ ବାଣୀ
ନୀରବ ଗଗନେ ଭରିଯାଏ ତୁନିତୁନି ।''

ମଝିରେ ମଝିରେ କିଛି ପ୍ରଶ୍ନର ଉତ୍ତର ଦେବାକୁ ଯାଇ ମା' ଥଟ୍ଟା-ମଜା ମଧ୍ୟ କରୁଥିଲେ । ଯେଉଁ ଦିନ ଖୁବ୍ ଖୁସି ରହୁଥିଲେ ସେଦିନ ତାଙ୍କ ନିଜ ଜୀବନର ନାନା କଥା ମଧ୍ୟ ଆମମାନଙ୍କୁ କହୁଥିଲେ । ସେସବୁ କଥାକୁ ଆମେ ପରେ ଆସିବା । କଥାଗୁଡ଼ିକ ଯେମିତି ବୁଢ଼ୀମା'ର ପେଡ଼ିରୁ ବାହାରିବା ପରି ମନେହେଉଥିଲା । କେତେ କଥା ମା'ଙ୍କ ପେଡ଼ିରେ ଗଚ୍ଛିତ ନ ଥିଲା ! ଯେତେ ଶୁଣୁଥିଲୁ ଆମେ ସେତେ ଶୁଣିବାକୁ ଉଦ୍‌ଗ୍ରୀବ ହୋଇ ଉଠୁଥିଲୁ । ସମସ୍ତେ ଗୁଞ୍ଜିହୋଇ ମା'ଙ୍କୁ ଚାରିପାଖରୁ ଘେରି ବସୁଥିଲୁ । ମା'ଙ୍କ କଥା କହିବା ଭଙ୍ଗୀଟି ଥିଲା ଚମତ୍କାର । ଆଲ୍‌ଜେରିଆରେ ତେଓଁ ନାମକ ଜଣେ ବ୍ୟକ୍ତିଙ୍କଠାରୁ ମା' ଗୁହ୍ୟବିଦ୍ୟା ଶିଖୁଥିବା ସମୟର ଛୋଟ ଛୋଟ ନାନା ଘଟଣା କଥା ସେହି କ୍ଲାସରେ କହୁଥିଲେ । ସେହି ଦିନଗୁଡ଼ିକ ଯେମିତି ଖୁବ୍ ଶୀଘ୍ର ବିତିଯାଉଥିଲା... ।

କେବଳ କ୍ଲାସରେ ମା' କ'ଣ ସବୁ କହୁଛନ୍ତି ତାହା ବୁଝିବା ପାଇଁ ସମସ୍ତେ ଫ୍ରେଞ୍ଚ ଶିଖିବାକୁ ଚେଷ୍ଟା କରୁଥିଲେ । ଦିନେ ଦିନେ କ୍ଲାସ ଶେଷ ହେବା ବେଳକୁ ପ୍ରାୟ ରାତି ନଅଟା ବାଜିଯାଉଥିଲା । କିନ୍ତୁ ମା'ଙ୍କର କ୍ଲାନ୍ତି ନ ଥିଲା । ସେ କଥା କହି ଚାଲୁଥିଲେ । ଆମେମାନେ ମଧ୍ୟ ମହାଆନନ୍ଦରେ ସେଇ ଅମୃତବାଣୀ ପାନ କରିଚାଲୁଥିଲୁ । ଦର୍ଶନର ବିଭିନ୍ନ ଜଟିଳ ତତ୍ତ୍ୱ ଓ ମୃତ୍ୟୁ ସମ୍ବନ୍ଧୀୟ ଗୂଢ଼ ରହସ୍ୟସବୁ ଏତେ ସହଜ ଭାବରେ ମା' ବୁଝାଇଦେଉଥିଲେ ଯେ ତା'ର କିଛି ବିନ୍ଦୁ ଛିଟିକି ଆସି ଅନାୟାସରେ ଆମ ମଗଜରେ ପଡୁଥିଲା ।

ମଝିରେ ମଝିରେ ଏତେ ମଜାର କଥାସବୁ ମା' କହୁଥିଲେ ଯେ ସମସ୍ତେ

ଏମିତିକି ନ ହସୁଥିବା ଗୁରୁଗମ୍ଭୀର ଲୋକମାନେ ମଧ୍ୟ ହସରେ ଫାଟି ପଡୁଥିଲେ। ଆଉ ସେତେବେଳେ ମୁରୁକି ମୁରୁକି ହସି ମା' ଏସବୁ ବେଶ୍ ଉପଭୋଗ କରୁଥିଲେ।

ନିୟମିତ ଭାବରେ ନଳିନୀଦା' ଓ ପବିତ୍ରଦା' ଏଇ କ୍ଲାସକୁ ଆସୁଥିଲେ। ମା' ପବିତ୍ରଦା'ଙ୍କୁ ତାଙ୍କ ସାନପୁଅଟି ପରି ଦେଖୁଥିଲେ। କ୍ଲାସରେ ବିଜ୍ଞାନଭିତ୍ତିକ କୌଣସି ବିଷୟ ବୁଝାଇବା ଦରକାର ହେଲେ ମା' ପବିତ୍ରଦା'ଙ୍କୁ କହୁଥିଲେ, ''ପବିତ୍ର, ହେ ବିଦ୍ୱାନ୍! ଏଇ ପ୍ରଶ୍ନଟି ଟିକିଏ ବୁଝାଇଦେବ କି?'' ଆଉ ଏମିତି କହିବାକୁ ଯାଇ ରସିକତାରେ ମା'ଙ୍କ ଆଖି ଉଜ୍ଜ୍ୱଳ ହୋଇଉଠୁଥିଲା। ବିଚରା ପବିତ୍ରଦା' ଏତେଗୁଡ଼ିଏ ଛାତ୍ରଛାତ୍ରୀଙ୍କ ସାମନାରେ ଖୁବ୍ ଘାବରେଇ ଯାଇ ଗମ୍ଭୀର ଭାବରେ ବିଷୟଟି ବୁଝାଇବାକୁ ଆରମ୍ଭ କରୁଥିଲେ। ତାଙ୍କ ଅବସ୍ଥା ଦେଖି ଆମେସବୁ ଚୁପିଚୁପି ହସୁଥିଲୁ ଆଉ ଭାବୁଥିଲୁ, ବେଶ୍ ଏବେ ଜବଦ୍ ହୋଇଛ।

ନଳିନୀଦା'ଙ୍କ ସହିତ ମା'ଙ୍କର ବ୍ୟବହାର ଥିଲା ପୂରାପୂରି ଅନ୍ୟ ପ୍ରକାରର। ତାଙ୍କ ସହିତ ମା' ନିଜ ବଡ଼ପୁଅ ପରି ବ୍ୟବହାର କରୁଥିଲେ। ଦିନେ ପୁରୁଷ ଓ ପ୍ରକୃତି ନେଇ କ୍ଲାସରେ ଆଲୋଚନା ଚାଲିଥାଏ। ଅସଲ କଥାଟି ହେଉଛି ସାନମାନଙ୍କ ମୁଣ୍ଡରେ ଏହା ପଶୁ ନ ଥାଏ।

ଏଇ ପ୍ରସଙ୍ଗରେ ମୋ କଲେଜ ଜୀବନର କଥା ମନେପଡୁଛି। ଭାରତୀୟ ଦର୍ଶନ କ୍ଲାସରେ ପୁରୁଷ ଓ ପ୍ରକୃତି ସମ୍ବନ୍ଧରେ ବୁଝାଇବାକୁ ଆମ ପ୍ରଫେସର ଆପ୍ରାଣ ଚେଷ୍ଟା କରୁଥିଲେ। ସମସ୍ତଙ୍କ ଭିତରେ ଉଭୟ ପୁରୁଷ ଓ ପ୍ରକୃତି ବିଦ୍ୟମାନ ଏହା ଶୁଣିବା ମାତ୍ରେ ଆମେ ସମସ୍ତେ ଏକାସାଥିରେ ହସିଉଠିଥିଲୁ। ଏହା କିପରି ସମ୍ଭବ — ଆମ ମୁଣ୍ଡରେ କୌଣସି ପ୍ରକାରେ ଏକଥା ପଶୁ ନ ଥିଲା। ଆମ ଅପରିଣତ ମନର ଧାରଣା ଥିଲା — ପୁରୁଷ ତ ପୁରୁଷ, ଆଉ ପ୍ରକୃତି ହେଉଛନ୍ତି ନାରୀ! ତା'ହେଲେ ଏ ପ୍ରଫେସର କ'ଣ କହୁଛନ୍ତିରେ ବାବା!

ଆଉ ସେହି ପୁରୁଷ ଓ ପ୍ରକୃତି ବିଷୟରେ ଯେ ମା'ଙ୍କ କ୍ଲାସରେ ଏମିତି ଦିନେ ଶୁଣିବାକୁ ହେବ ତାହା ସେତେବେଳେ ଜାଣି ନ ଥିଲି। ବେଶ୍ ଉତ୍କଣ୍ଠିତ ହୋଇ ଉଠିଥିଲି। ମା' କିନ୍ତୁ ପ୍ରଶ୍ନଟି ଏଡ଼ାଇଦେଇ ମଧୁର ଭାବରେ ନଳିନୀଦା'ଙ୍କୁ ଡାକି କହିଲେ, ''ନଳିନୀ, ମୁଁ କିଛି ଜାଣିନି। ତୁମେ ଟିକିଏ ସହଜ ଭାବରେ ଏମାନଙ୍କୁ ବୁଝାଇ ଦିଅ ତ ଦେଖି।''

ଆମେ ସଜାଡ଼ି ହୋଇ ବସିଲୁ। ଦେଖାଯାଉ, ନଳିନୀଦା' କେମିତି ବ୍ୟାଖ୍ୟା କରୁଛନ୍ତି। କିନ୍ତୁ ଇଏ କ'ଣ? ନଳିନୀଦା' ଚୁପ୍‌ହୋଇ କିଛି ସମୟ ବସିରହିଲେ। ଆମେସବୁ କୌତୂହଳୀ ହୋଇ ତାଙ୍କ ମୁହଁକୁ ଚାହିଁ ରହିଥାଉ। ଶେଷରେ ମୃଦୁ ସ୍ୱରରେ

କହିଲେ, ''ସ୍ୱୟଂ ମା' ଯଦି ନ ଜାଣନ୍ତି ତେବେ ନଳିନୀ ବା କେମିତି ଜାଣିବ ?''

ଆମେ ତ ଅବାକ୍ ! ଉତ୍ତର ଭଳି ଉତ୍ତରଟିଏ ! ସାବାସ୍। ପବିତ୍ରଦା', ଅମୃତଦା ନଳିନୀଦା' ଏବଂ ଅନ୍ୟାନ୍ୟ ପୁରୁଣା ସାଧକ ସାଧିକାମାନଙ୍କର ଏମିତି ନିବେଦିତ ଭାବ ମା'ଙ୍କ ସାମନାରେ ସର୍ବଦା ପ୍ରକାଶ ପାଉଥିଲା। ସେମାନଙ୍କର ସେଇ ଆଚରଣ ଖୁବ୍ ଭଲଲାଗୁଥିଲା। ସେମାନଙ୍କର ସେଇ ସୁନ୍ଦର ବ୍ୟବହାର, ମା'ଙ୍କ ପ୍ରତି ଶ୍ରଦ୍ଧାପୂର୍ଣ୍ଣ ଭଲପାଇବା ଦେଖି ଆମେ ଅନେକ କିଛି ଶିଖିଛୁ।

ମା' ନଳିନୀଦା'ଙ୍କୁ କିଛି ସମୟ ଚାହିଁ ରହିଲେ। ସେତେବେଳେ ତାଙ୍କ ନୟନ ଯୁଗଳରୁ ସ୍ନେହ ଝରିପଡୁଥିଲା।

ଅଗତ୍ୟା ମା' ନିଜେ ପୁରୁଷ ଓ ପ୍ରକୃତି ପରି ଦୁରୂହ ବିଷୟ ଅତି ସହଜ ଭାଷାରେ ଏତେ ସୁନ୍ଦର ଭାବରେ ବୁଝାଇଲେ ଯେ ଆମେମାନେ ଅବାକ୍ ହୋଇଗଲୁ। ପରେ ଶ୍ରୀଅରବିନ୍ଦଙ୍କ 'ଯୋଗ ସମନ୍ୱୟ' ଗ୍ରନ୍ଥର 'ଦିବ୍ୟ ଶକ୍ତି' ଅଧ୍ୟାୟଟି ପଢ଼ିବା ସମୟରେ ମନେହୋଇଥିଲା, ଆରେ ! ଏବେ ବୁଝିପାରୁଛି ତ !

ସହଜ ଭାଷାରେ କଠିନ ଦର୍ଶନ ଓ ଆଧ୍ୟାତ୍ମିକ ତତ୍ତ୍ୱ ସମ୍ବନ୍ଧରେ ବୁଝାଇବାର ସ୍ୱାଭାବିକ କ୍ଷମତା ମା'ଙ୍କର ଥିଲା। ଧୀରେ ଧୀରେ ପରମ ଧୈର୍ଯ୍ୟର ସହିତ ମା' ଆମମାନଙ୍କୁ କେତେ ପ୍ରକାରର ଶିକ୍ଷା ଦେଇଛନ୍ତି। ଯେଉଁ ବିଷୟଗୁଡ଼ିକ କୌଣସି ଦିନ ବୁଝିହେବ ବୋଲି ଭାବିପାରି ନ ଥିଲି ସେସବୁ ବିଷୟଗୁଡ଼ିକ ମଧ୍ୟ କେମିତି ନିଜର ଅଜାଣତରେ ବୁଝିବାକୁ ଆରମ୍ଭ କରିଥିଲି। କି ଅସୀମ ଧୈର୍ଯ୍ୟର ସହିତ ମା' ଆମମାନଙ୍କୁ ଗଢ଼ିତୋଳୁଥିଲେ। ତାଙ୍କ ନିଜ ଜୀବନର କେତେ କଥା ମଧ୍ୟ ଆମମାନଙ୍କୁ କହୁଥିଲେ। ସେହିସବୁ ଦିନଗୁଡ଼ିକ ଥିଲା ଆମ ପାଇଁ ପରମ ପ୍ରାପ୍ତିର ଦିନ। ଏବେ ମଧ୍ୟ ଯେମିତି ମା'ଙ୍କର ସେହି ସୁମଧୁର କଣ୍ଠସ୍ୱର ଶୁଣିବାକୁ ପାଏ। ସେଇ ପରିବେଶରେ ମା'ଙ୍କ ମାଧୁର୍ଯ୍ୟମଣ୍ଡିତ କଣ୍ଠର ସୁଲଳିତ ସୁର-ଝଙ୍କାରରେ ଆମେମାନେ ଯେମିତି ଆପ୍ଲୁତ ହୋଇଉଠୁଥିଲୁ ତାହା କୌଣସି ପ୍ରକାରେ ଲେଖାରେ ପ୍ରକାଶ କରାଯାଇ ପାରିବ ନାହିଁ। ସେଇ ଶବ୍ଦଝଙ୍କାର ଏବେ ବି ଯେମିତି ଇସାରା ଦିଏ।

ପଢ଼ା ଶେଷ ହେଲେ ଆମେ ସମସ୍ତେ ସ୍ତବ୍ଧ ହୋଇ ବସିରହୁଥିଲୁ। କୁହାଯାଇପାରେ ଗଭୀର ଶାନ୍ତି ପ୍ଲେ-ଗ୍ରାଉଣ୍ଡକୁ ଓହ୍ଲାଇ ଆସୁଥିଲା। ଉଜ୍ଜ୍ୱଳ ଆଲୋକରେ ମା'ଙ୍କର ସେହି ସ୍ନିଗ୍ଧ ସୌନ୍ଦର୍ଯ୍ୟ ଅବର୍ଣ୍ଣନୀୟ। ତାଙ୍କ ସୁମଧୁର କଣ୍ଠସ୍ୱର ଆମ ହୃଦୟରେ କେବଳ ଗୁଞ୍ଜନ ତୋଳୁଥିଲା, ଆମକୁ ଜଗାଇ ଦେଉଥିଲା। କେତେ କଥା ଏବେ ବାରଂବାର ମନରେ ଉଙ୍କିମାରେ। ପଢ଼ା ଶେଷ ହେଲେ ବହି ବନ୍ଦ କରି ମା' କହୁଥିଲେ, ''ଚାଲ, ଆମେ ଟିକିଏ ଧ୍ୟାନ କରିବା।''

ଆମେ ସମସ୍ତେ ବହି ବନ୍ଦ କରି ସ୍ଥିର ହୋଇ ବସି ରହୁଥିଲୁ ଯେମିତି ଆମକୁ ବେଶ୍ ଧ୍ୟାନ କରିବା ଜଣାଅଛି! ଗୋଟିଏ ଗୋଟିଏ କରି ସବୁ ଆଲୁଅ ଲିଭାଇ ଦିଆଯାଉଥିଲା। ଶୁକ୍ଲପକ୍ଷ ଜ୍ୟୋତ୍ସ୍ନାର ସ୍ନିଗ୍ଧ ଆଲୁଅ ପ୍ଲେ-ଗ୍ରାଉଣ୍ଡକୁ ଭରି ଦେଉଥିଲା। ମା'ଙ୍କ ସର୍ବାଙ୍ଗକୁ ଘେରି ଚନ୍ଦ୍ରାଲୋକ ଯେମିତି ପ୍ରଣାମ ଜଣାଉଥିଲା। ଝିରିଝିରି ହୋଇ ଆମ ବାଡ଼ିର ଅଶ୍ୱତ୍ଥ ଗଛର ପତ୍ରଗୁଡ଼ିକ ହଲୁଥିଲା। ସେମାନଙ୍କ ସାରା ଅଙ୍ଗରେ ଆଲୁଅ ଅନ୍ଧକାରର ଖେଳ। ଥରେ ଚାରିଆଡ଼କୁ ଚାହିଁ ଦେଖିଲି ସମସ୍ତେ ଗଭୀର ଧ୍ୟାନରେ ବୁଡ଼ି ଯାଇଛନ୍ତି। ଦୂରରୁ ସମୁଦ୍ରର ଗର୍ଜନ ଭାସିଆସୁଥାଏ। ତାହା ଯେମିତି ଅନ୍ୟ ଏକ ପୃଥିବୀ। ମା'ଙ୍କୁ ଦେଖି ମଧ୍ୟ ମନର ପିପାସା ମେଣ୍ଟୁ ନ ଥିଲା। ମନେହେଉଥିଲା ଆମେ ଯେମିତି କୌଣସି ସ୍ୱପ୍ନ ରାଜ୍ୟରେ ବିରାଜମାନ। ଆକାଶକୁ ଦେଖି ମନେହେଉଥିଲା ସେ ମଧ୍ୟ ମଥା ନତ କରି ଯେମିତି ମା'ଙ୍କ ଆଡ଼କୁ ଚାହିଁ ରହିଛି। କି ଶାନ୍ତ ଓ ମଧୁର ପରିବେଶ...! ବିଶ୍ୱଚରାଚର ଯେମିତି ଧ୍ୟାନମଗ୍ନ।

ମୁଁ ଦୂର ଦିଗନ୍ତକୁ ଚାହିଁରହିଥାଏ। ସମୁଦ୍ରର ପବନ ଆମ ସମସ୍ତଙ୍କୁ ଛୁଇଁ ଯାଉଥାଏ। ତାହା ଥିଲା ଏକ ଦେବ ମୁହୂର୍ତ୍ତ। ମନଟା ସତେ ଯେମିତି କେମିତି ଉଦାସ ହୋଇ ଉଠୁଥିଲା।

ମୃଦୁ ସମୀରଣ ମା'ଙ୍କ ଶରୀରରୁ ମଧୁର ସୁଗନ୍ଧ ବୋହି ଆଣୁଥିଲା। ସେଇ ସୁଗନ୍ଧ ଆମର ଅତି ପରିଚିତ। ଯେତେବେଳେ ମା'ଙ୍କ ପାଖକୁ ଯାଉଥିଲୁ ତାଙ୍କ ସ୍ନେହସ୍ପର୍ଶର ଏଇ ସୁବାସ ବହନ କରି ଆମେ ଫେରିଆସୁଥିଲୁ। ସାରାଦିନ ଏଇ ସୁଗନ୍ଧ ଆମକୁ ଘେରି ରହୁଥିଲା। ମନେହେଉଥିଲା ଯେମିତି ମା' ସର୍ବଦା ଆମମାନଙ୍କ ସାଥିରେ ହିଁ ଅଛନ୍ତି। ସେସବୁ ଦିନଗୁଡ଼ିକ କି ସୁନ୍ଦର ଲାଗୁ ନ ଥିଲା!

ମା' ତାଙ୍କ ଦୁଇ ହାତ ନିଜ କୋଳ ଉପରେ ରଖି ବସିଥା'ନ୍ତି। ସ୍ନିଗ୍ଧ ଜ୍ୟୋତ୍ସ୍ନାଲୋକ ମା'ଙ୍କ ମୁହଁକୁ ଦିବ୍ୟ ସୁଷମାରେ ଭରିଦେଇଥାଏ। ମା'ଙ୍କ ସର୍ବାଙ୍ଗରେ ଯେମିତି ସହସ୍ର ଚନ୍ଦ୍ର ବିଚ୍ଛୁରିତ ହେଉଥାଏ। ମା'ଙ୍କର ଏପରି ରୂପ ଦେଖି ପିଲାବେଳର ଗୀତଟିଏ ମନେପଡ଼ିଯାଉଥାଏ:

''କିଏ କହେ ରୂପ ନାହିଁ ଦେବତାଙ୍କ, କିଏ କହେ ତାଙ୍କ ମୂର୍ତ୍ତି ନାହିଁ,
ଯିଏ କହେ ସେ ନୟନ ମେଲି, ଆଜି ରାତିରେ ଦେଖୁ ଚାହିଁ।
ଦେଖୁ ଆସି ଅବିଶ୍ୱାସୀ, ମୋ ମାଆର ରୂପ ଶୋଭା,
ଚରଣେ ତାଙ୍କ ଲୋଟେ କି ନାହିଁ ଲକ୍ଷ ଚନ୍ଦ୍ରର ରୌପ୍ୟବିଭା।''

ମା'ଙ୍କୁ କେବଳ ଦେଖୁଥାଏ, ଆଉ ଦେଖୁଥାଏ...। ନିଜ ଅଜାଣତରେ

କେତେବେଳେ ଯେ ତନ୍ମୟ ହୋଇ ଧ୍ୟାନରେ ବୁଡ଼ିଯାଇଥିଲି, ଜାଣିନି। ହଠାତ୍ ମନେହେଲା ଯେମିତି କେହି କୁଆଡ଼େ ନାହାନ୍ତି। କେଉଁଠି କେଜାଣି, ମୁଁ ପୂରାପୂରି ଏକା ବସିଛି। ଚମକି ଉଠି ଚାହିଁ ଦେଖିଲି, ସମସ୍ତେ ଧ୍ୟାନସ୍ଥ। ମା'ଙ୍କୁ ଚାହିଁ ଦେଖେ ସେ ମଧ୍ୟ ଗଭୀର ଧ୍ୟାନରେ ମଗ୍ନ। ବୁଝିଲି, ଧ୍ୟାନ ଶେଷ ହୋଇ ନାହିଁ। ଏମିତି ଭାବରେ ବାରଂବାର ଧ୍ୟାନ ଭାଙ୍ଗିଯାଉଥିଲା। ତାହା ଥିଲା ଏକ ଅଦ୍ଭୁତ ଅଭିଜ୍ଞତା। ମା'ଙ୍କ ମୁହଁକୁ ଦେଖୁ ଦେଖୁ ପରମ ନିର୍ଭରତାରେ ପୁଣି ଆଖି ବୁଜିହୋଇ ଆସୁଥିଲା। ଏଇସବୁ ମୁହୂର୍ତ୍ତରେ ମା'ଙ୍କ ପାଖରେ ବସି ରହିବାକୁ ସତରେ କେତେ ଭଲ ଲାଗୁ ନ ଥିଲା !

କୃଷ୍ଣପକ୍ଷରେ ଧ୍ୟାନ ସମୟରେ ପ୍ଲେ-ଗ୍ରାଉଣ୍ଡ ଅନ୍ୟ ରୂପ ଧାରଣ କରୁଥିଲା। ଆଲୁଅ ଲିଭାଇ ଦେବା ମାତ୍ରେ ସମସ୍ତେ ଏକାକାର ହୋଇଯାଉଥିଲେ। ପ୍ଲେ-ଗ୍ରାଉଣ୍ଡରେ ଅନ୍ଧକାରର ପ୍ଲାବନ ବୋହିଯାଉଥିଲା। ଆକାଶକୁ ଚାହିଁ ତାରାମାନଙ୍କୁ ଦେଖୁଥିଲି। ନକ୍ଷତ୍ରରାଜି ଯେମିତି ମା'ଙ୍କୁ ଅନାଇ ରହୁଥିଲେ। କେଉଁ ସୁଦୂରରେ ରହି ସେମାନେ ଯେମିତି ଇଶାରା କରି ଆମମାନଙ୍କୁ ଡାକୁଥିଲେ। ସେଇ ଗଭୀର ଅନ୍ଧକାରରେ ମା'ଙ୍କ ପାଖରେ ବସି ମା'ଙ୍କୁ ଅଚିହ୍ନା, ଅଜଣା କେହି ଜଣେ ପରି ମନେହେଉଥିଲା। ମା' ତ ଚିରଦିନ ଆମ ଧରାଛୁଆଁର ବାହାରେ। ସେ ନିଜେ ଏଇ ଧରାକୁ ଓହ୍ଲାଇ ଆସିଛନ୍ତି। ସେଇଥିପାଇଁ ତ ତାଙ୍କୁ ଦର୍ଶନ କରି ଆମେମାନେ ଧନ୍ୟ ହୋଇଛୁ।

"ସ୍ୱର୍ଗକୁ ଯିଏ ମଣାଇ ଆଣିବ ମର୍ତ୍ତ୍ୟ ଭୁବନ ପରେ
ପଙ୍କରେ ତା'କୁ ଥୋଇବାକୁ ହେବ ପ୍ରଥମେ ଆପଣା ପାଦ
ପାର୍ଥିବ ଏଇ ପ୍ରକୃତି-ଭାର ଆପଣା ସ୍କନ୍ଧେ ତୋଳି
ଚାଲିବାକୁ ହେବ, ଯେ ପଥେ ରହିଛି ଶୋକ ଆଉ ଅବସାଦ।"

(ଅନୁବାଦ: ଶ୍ରୀ ରବୀନ୍ଦ୍ର କୁମାର ପାଢ଼ୀ)

ଅନ୍ଧକାରର ଯେ ଏତେ ରୂପ ଅଛି ତାହା ମୁଁ ଜାଣି ନ ଥିଲି। ଚିରଦିନ ଅନ୍ଧାର ବିଭୀଷିକା ବୋଲି ମନେହୁଏ। ମା' ଏଇ ଅନନ୍ତ ଆକାଶ ତଳେ ଆମମାନଙ୍କ ମଝିରେ ଉପସ୍ଥିତ ଅଛନ୍ତି। ଅଜଣାକୁ ଭୟ କାହିଁକି ? ପିଲାବେଳର କଥା ମନେପଡୁଛି:

ସନ୍ଧ୍ୟାବେଳେ କବାଟ ଖୋଲି ସାମନାରେ ଥିବା ପଡ଼ିଆକୁ ଚାହିଁ ବସିରହୁଥିଲି। ଚାରିଆଡ଼ ଖାଁ ଖାଁ ଲାଗୁଥାଏ। କେଉଁଠି ହେଲେ ଜନପ୍ରାଣୀ ନ ଥା'ନ୍ତି। ଛୋଟ ମୋର ମନଟି ସୀମାହୀନ ଅନ୍ଧାରକୁ ଚାହିଁ କେମିତି ବିଷାଦଗ୍ରସ୍ତ ହୋଇଯାଉଥିଲା। କିନ୍ତୁ ଅନ୍ଧାର ଧରଣୀର ପ୍ରଚଣ୍ଡ ଆକର୍ଷଣ ମୋତେ ସେଇ କବାଟ ପାଖରେ ଥିବା ପାହାଚରେ ବସାଇ

ରଖୁଥିଲା । ସେଇ ଅନ୍ଧକାର, ସେଇ ରାତ୍ରି ଯେମିତି ମନ୍ଦ ଗତିରେ ପ୍ଲେ-ଗ୍ରାଉଣ୍ଡକୁ ଓହ୍ଲାଇ ଆସିଥିଲା । କିନ୍ତୁ ବିଷାଦ ପରିବର୍ତ୍ତେ ଆମ ଦେହ ମନରେ ଶାନ୍ତି ଭରିଯାଉଥିଲା । ମା'ଙ୍କ ଉପସ୍ଥିତିରେ ସବୁକିଛି ରୂପାନ୍ତରିତ ହୋଇଯାଉଥିଲା ଶାନ୍ତିରେ । ଧ୍ୟାନରେ ବୁଡ଼ି ଯାଉଥିଲି । ମନେହେଉଥିଲା ଯେମିତି ମୋର ଅସ୍ତିତ୍ୱ ନାହିଁ ! ଗୋଟିଏ ଛୋଟ ବିନ୍ଦୁରେ ପରିଣତ ହୋଇଯାଇଛି । ତାହା ଏକ ଆଶ୍ଚର୍ଯ୍ୟଜନକ ଅନୁଭୂତି । ଆଖି ଖୋଲି ଦେଖୁଥିଲି ମା'ଙ୍କ ଚାରିପାଖରେ ମଧ୍ୟ ଅନ୍ଧକାରର ବନ୍ୟା... । ହଠାତ୍ ମନକୁ ଆସୁଥିଲା, ଆମେମାନେ କାହା ପାଖରେ ବସିଛୁ ? ଜଣେ ଲେଖକ ଲେଖିଛନ୍ତି, "ସର୍ବଲୋକାଶ୍ରୟ, ଆଲୋକର ଆଲୋକ, ଗତିର ଗତି, ଜୀବନର ଜୀବନ, ସକଳ ସୌନ୍ଦର୍ଯ୍ୟର ପ୍ରାଣପୁରୁଷ ଯିଏ ସେ ମଧ୍ୟ ମଣିଷ ଆଖିରେ ନିବିଡ଼ ଅନ୍ଧକାର । ଏହା କ'ଣ ରୂପର ଅଭାବରେ ? ଯାହାକୁ ଆମେ ବୁଝି ନାହୁଁ, ଜାଣି ନାହୁଁ, ଯାହାର ଅନ୍ତରରେ ପ୍ରବେଶ କରିବାକୁ ପଥ ପାଇ ନାହୁଁ ତାହା ଅନ୍ଧକାର ।" ସେଇ ଲେଖକ ହୁଏତ ଜାଣି ନ ଥିଲେ ଯେ ସ୍ୱୟଂ ମା' ଅଦିତି ଓ ପରମ ପୁରୁଷଙ୍କୁ ଆମେ ମାନୁଷୀ ତନୁରେ ଦର୍ଶନ କରି ଧନ୍ୟ ହେବୁ । ସେମାନେ ସୁଦୂରର ଅଧିବାସୀ ହେଲେ ମଧ୍ୟ ଏଇ ମର୍ତ୍ତ୍ୟଧାମକୁ ଓହ୍ଲାଇ ଆସିବେ । ମଣିଷମାନଙ୍କ ଆଖିରେ ସେମାନେ ଆଉ ନିବିଡ଼ ଅନ୍ଧକାର ନୁହଁନ୍ତି । ଏଇ କଥା ଆବିଷ୍କାର କରି ମୋର ଦେହ ମନରେ ଗଭୀର ଆନନ୍ଦର ଶିହରଣ ଖେଳିଯିବାକୁ ଲାଗିଲା । ମା' ଅଦିତି, ଯିଏ ଜୀବନର ଜୀବନ, ଆଲୋକର ଆଲୋକ, ସକଳ ସୌନ୍ଦର୍ଯ୍ୟର ପ୍ରାଣପ୍ରତିମା ସେ ଆମମାନଙ୍କ ପାଖରେ ଧ୍ୟାନସ୍ଥ ହୋଇ ବସିଛନ୍ତି ! ମା'ଙ୍କୁ ଚାହିଁରହିଥାଏ, ତଥାପି ଯେମିତି ମୋର ପିପାସା ମେଣ୍ଟୁ ନ ଥାଏ ।

ମା'ଙ୍କ ମୁଖନିସୃତ ସହଜ, ସରଳ ଭାଷାର ଯେଉଁ ଦାର୍ଶନିକ ତତ୍ତ୍ୱ କଥାସବୁ ଆମ ମଗଜରେ ପ୍ରବେଶ କରୁଥିଲା, ତା'ର କେତେ ଟିକିଏ ବା ଆମେ ଜୀବନରେ ପ୍ରୟୋଗ କରିପାରୁଥିଲୁ । କେତେ ଦୁରୂହ କଥା ସହଜ କରି ମା' ଆମମାନଙ୍କୁ ବୁଝାଉଥିଲେ । ସେତେବେଳେ ସେସବୁକୁ ଆମେ ବିଶେଷ ମୂଲ୍ୟ ଦେଇ ନ ଥିଲୁ । କୁହାଯାଇପାରେ ସେସବୁକୁ ମୂଲ୍ୟ ଦେବା ପରି କ୍ଷମତା ମଧ୍ୟ ଆମର ସେପର୍ଯ୍ୟନ୍ତ ହୋଇ ନ ଥିଲା ।

ଦର୍ଶନ କକ୍ଷର ସାମନାରେ ଥିବା ବଡ଼ ହଲ୍‌ଟିରେ ମା' ପ୍ରାୟ ସାଢ଼େ ବାରଟା ପରେ ଆମମାନଙ୍କୁ 'ଧ୍ୟାନ ଓ ପ୍ରାର୍ଥନା' ବହିଟି ପଢ଼ାଉଥିଲେ । ଆମ ପରି ଅପରିଣତ ପିଲାମାନଙ୍କ ସହିତ ଅଭିଜ୍ଞ ସାଧକମାନେ ମଧ୍ୟ ଯୋଗ ଦେଉଥିଲେ । ପ୍ରଣବ ମା'ଙ୍କ ସାମନାରେ ବସୁଥିଲା । ମା'ଙ୍କ ଚେୟାର ପଛରେ ତାଙ୍କର ଜଣେ ଅନୁଗତ ସେବିକା ବସୁଥିଲେ । ଆମେସବୁ ମା'ଙ୍କ ଆଡ଼କୁ ମୁହଁ କରି ତାଙ୍କ ପାଖରେ ବସୁଥିଲୁ । ଆମ

ପଛକୁ ବଡ଼ମାନେ ବସୁଥିଲେ। ମା' ନାନା ପ୍ରକାର ପ୍ରଶ୍ନର ଉତ୍ତର ଦେଉଥିଲେ। ମୁଁ ସେସବୁ ବିଶେଷ ବୁଝୁ ନ ଥିଲି। ସେତେବେଳ ପର୍ଯ୍ୟନ୍ତ ମୁଁ ଭଲ ଫ୍ରେଞ୍ଚ ବୁଝିପାରୁ ନ ଥିଲି। ତା' ସହିତ ସେସବୁ ଥିଲା ଦର୍ଶନର ଦୁରୂହ ବିଷୟ। କ୍ଳାସ ପରେ ମା'ଙ୍କ ରୁମ୍‌କୁ ଯାଇ ତାଙ୍କଠାରୁ ଆଶୀର୍ବାଦ ଫୁଲ ନେବା ସମୟରେ ଦିନେ କହିପକାଇଲି, ''ମା', କ୍ଳାସ ପରେ ମୋର ଖୁବ୍ ମୁଣ୍ଡ ବିନ୍ଧେ। ଏମିତି କାହିଁକି ହୁଏ ମା'?'' ମୋ କଥା ଶୁଣି ମା' ହସି ପକାଇଲେ। କହିଲେ, ''ତୁମେମାନେ ଏପର୍ଯ୍ୟନ୍ତ ଏଇ ଦୁରୂହ ତତ୍ତ୍ୱକଥା ସବୁ ବୁଝିବା ପାଇଁ ପ୍ରସ୍ତୁତ ହୋଇ ନାହଁ। ତୁମମାନଙ୍କ ମସ୍ତିଷ୍କରେ ମୁଁ ନୂଆ କୋଷସବୁ ତିଆରି କରୁଛି। କ୍ରମେ କ୍ରମେ ବୁଝିପାରିବ। କ୍ଳାସ ପରେ ଘରକୁ ଯାଇ ଶାନ୍ତଭାବରେ ଧ୍ୟାନ କରିବ। ସମୟ ହେଲେ ସବୁ ଠିକ୍ ବୁଝିପାରିବ।''

ଆଜି ସେଇସବୁ କଥାଗୁଡ଼ିକ ମା'ଙ୍କ ମୁହଁରୁ ଶୁଣିବାକୁ ଇଚ୍ଛା ହୁଏ। ଏବେ ଶ୍ରୀଅରବିନ୍ଦଙ୍କ ବହିଗୁଡ଼ିକ ପଢ଼ିଲେ ଖୁବ୍ ଆନନ୍ଦ ପାଏ। ଆଗ ପରି ବୁଝିବାକୁ କଷ୍ଟ ହୁଏ ନାହିଁ। ଆମ ଅଜାଣତରେ ମା' ମହାସରସ୍ୱତୀ ନିପୁଣ ଶିଳ୍ପୀର ଦକ୍ଷତାରେ କ୍ରମେ କ୍ରମେ ଆମ ମନ ଓ ବୁଦ୍ଧିକୁ କେତେ ଧୈର୍ଯ୍ୟର ସହିତ ପ୍ରସ୍ତୁତ କରାଇଛନ୍ତି! ଆମେ ମା'ଙ୍କର ଏଇ ଅତନ୍ଦ୍ର ଅକ୍ଳାନ୍ତ ନିରବଚ୍ଛିନ୍ନ କର୍ମ ପ୍ରବାହର କେତେ ରୂପ ଦେଖିଛୁ। ସେତେବେଳେ ମନେହେଉଥିଲା ଏହା ଏମିତି କ'ଣ ବିଚିତ୍ର କଥା ଯେ! ମା' ତାଙ୍କ ସନ୍ତାନମାନଙ୍କ ପାଇଁ ଏମିତି ଭାବରେ ତ କାମ କରିବେ। ଏବେ ଭାବେ, ଏଇ ଦାବୀ ଏଇ ଅଧିକାରବୋଧ ମା' ନିଜେ ଆମମାନଙ୍କୁ ଦେଇଥିଲେ। ତା' ନହେଲେ ଏତେ ବଡ଼ ସ୍ପର୍ଦ୍ଧା ଆମେ କେଉଁଠୁ ପାଇଥା'ନ୍ତୁ! ସ୍ୱୟଂ ମା' ଏଇ ଅଧିକାରବୋଧ ଦେଇ ନ ଥିଲେ ଏମିତି କେବେ କ'ଣ ହୋଇପାରିଥା'ନ୍ତା ?

ଏଇ ଉପରର ମେଡ଼ିଟେଶନ ହଲ୍‌ରେ ହେଉଥିବା ଫ୍ରେଞ୍ଚ କ୍ଳାସର ଅୟମାରମ୍ଭ ହୋଇଥିଲା ମା'ଙ୍କ ରୁମ୍‌ରେ। ଦଶଟା ପରେ ମା' 'ଧ୍ୟାନ ଓ ପ୍ରାର୍ଥନା' ବହିଟି ପଢ଼ାଉଥିଲେ। ମା'ଙ୍କ ତିନି ତାଲାର ଘରକୁ ଯିବା ସମୟରେ ବାଙ୍କ ଜାଗାରେ ଯେଉଁ ଆଲମାରିଟି ଦେଖିବାକୁ ମିଳେ ସେଠାରେ ମା'ଙ୍କ ବିଶ୍ରାମ ପାଇଁ ଗୋଟିଏ ବଡ଼ ସୋଫା ରଖାଯାଇଥିଲା। ସେହି ସୋଫାରେ ବସି ମା' ପ୍ରାର୍ଥନାଗୁଡ଼ିକ ପଢୁଥିଲେ। ମା'ଙ୍କ ପାଖରେ 'ଧ୍ୟାନ ଓ ପ୍ରାର୍ଥନା' ବହିଟି ପଢ଼ିବାକୁ ଆମମାନଙ୍କର ଖୁବ୍ ଇଚ୍ଛା ଥିଲା। ନିଜ ନିଜ ଭିତରେ ଆମେ କଥା ହେଉଥିଲୁ, ''ମା' ଯଦି ହଠାତ୍ ଦିନେ 'ଧ୍ୟାନ ଓ ପ୍ରାର୍ଥନା' ଆମକୁ ପଢ଼ାଇବେ ବୋଲି ଆମକୁ ଡାକନ୍ତେ...!'' ଏଇ କଳ୍ପନାର ଆନନ୍ଦରେ ଆମେ ନିଜେ ନିଜେ ପ୍ରାର୍ଥନାଗୁଡ଼ିକ ମୁଖସ୍ଥ କରିପକାଉଥିଲୁ। ସେତେବେଳେ ଆମେ ଜାଣି ନ ଥିଲୁ ଯେ ମା' ପ୍ରତିଦିନ ପ୍ରଣବକୁ ଏଇ ବହିଟି ପଢ଼ାନ୍ତି। ମା' ପ୍ରାୟ ଦଶଟା ସମୟରେ

ଛାତକୁ ଆସୁଥିଲେ ଯାହାକୁ ଟେରାସ୍ ଦର୍ଶନ କୁହାଯାଉଥିଲା। ଦର୍ଶନର ବହୁ ପୂର୍ବରୁ ଆମେ ଯାଇ ସତ୍ୟକର୍ମାଙ୍କ ଘର ପାଖରେ ଥିବା ଛୋଟ ଅଗଣାଟିରେ ଅପେକ୍ଷା କରି ରହୁଥିଲୁ। 'ଧ୍ୟାନ ଓ ପ୍ରାର୍ଥନା' ବହିଟି ସାଥିରେ ନେଇ ଯାଉଥିଲୁ। ଚିତ୍ରା ଓ ମୁଁ ନିଜ ନିଜ ବହି ଧରି ବସି ପଢୁଥିଲୁ। ସେଇ ସମୟରୁ ମା'ଙ୍କ ସାଥିରେ ଏଇ ବହିଟି ପଢ଼ିବାକୁ ତୀବ୍ର ଆଗ୍ରହ ହୋଇଥିଲା। କିନ୍ତୁ କି ଆଶ୍ଚର୍ଯ୍ୟ! ସେଇ ପ୍ରାର୍ଥନା ଦିନେ ପୂର୍ଣ୍ଣ ହେଲା। ଦିନେ ଚିତ୍ରା, ତପତୀ ଓ ମୁଁ ମା'ଙ୍କ ପାଖକୁ ଯିବା ପାଇଁ ଶିଡ଼ି ପାଖରେ ଅପେକ୍ଷା କରିଥାଉ। ପ୍ରଥମେ ତପତୀ ଭିତରକୁ ଗଲା। ମନେହେଲା ମା' ଯେମିତି ତାକୁ କିଛି କହିଲେ। ଦେଖିଲୁ, ତପତୀ ଆଉ ବାହାରି ଆସିଲା ନାହିଁ! ଏଥର ଚିତ୍ରାର ପାଳି। ଟିକିଏ ଇତସ୍ତତଃ ହୋଇ ସେ ମା'ଙ୍କ ପାଖକୁ ଗଲା। ସେ ମଧ୍ୟ ଫେରିଲା ନାହିଁ! ତାକୁ ମଧ୍ୟ ମା' କିଛି କହିବା ପରି ମନେହେଲା। ମୁଁ ଭାବିଲି, କ'ଣ ରେ ବାବା! ମୋ କପାଳରେ ପୁଣି କି ଶାସ୍ତି ଲେଖା ଅଛି କିଏ ଜାଣେ? ଡରି ଡରି ଭିତରକୁ ଗଲି। ମା' ପଚାରିଲେ, 'ଧ୍ୟାନ ଓ ପ୍ରାର୍ଥନା' ବହିଟି ପଢ଼ିବାକୁ ଚାହଁ କି?'' ସେଇ ଅକଳ୍ପନୀୟ ସୌଭାଗ୍ୟରେ ମୁଁ ତ ଆତ୍ମହରା। ମା'ଙ୍କ ସାଥିରେ ଘର ଭିତରକୁ ଯାଇ ଦେଖେ ତପତୀ ଓ ଚିତ୍ରା ପ୍ରଣବ ପାଖରେ ବସିଛନ୍ତି। ସେମାନଙ୍କ ମୁହଁର ଭାବ କହୁଛି, ଦେଖିଲ ତ, କେମିତି ଆମ ପ୍ରାର୍ଥନା ପୂର୍ଣ୍ଣ ହେଲା! ଏବେ ଆମେ ମୋଟ୍ ଚାରିଜଣ ହେଲୁ। ଏମିତି ଭାବରେ 'ଧ୍ୟାନ ଓ ପ୍ରାର୍ଥନା'ର କ୍ଲାସ ଆରମ୍ଭ ହେଲା। ଅବଶ୍ୟ ତପତୀର ଜନ୍ମଦିନରେ ମା' ତାକୁ 'ଧ୍ୟାନ ଓ ପ୍ରାର୍ଥନା' ବହିଟିଏ ପଢ଼ିବାକୁ ଦେଇଥିଲେ। କିନ୍ତୁ ତାହା ଥିଲା କ୍ଲାସ ଆରମ୍ଭ ହେବାର ବହୁ ପୂର୍ବର କଥା। କ୍ରମେ କ୍ରମେ ଏଇ କ୍ଲାସକୁ ଆହୁରି କେତେ ଜଣ ଆସିଲେ। ଜାଗା ନିଅଣ୍ଟ ହେବାରୁ ଶ୍ରୀଅରବିନ୍ଦଙ୍କ ଘରର ପାଖରେ ଥିବା ମେଡ଼ିଟେଶନ ହଲ୍‌ରେ କ୍ଲାସ ଚାଲିଲା।

ମା' କ୍ଲାସ ନେବା ସମୟରେ ଘଟିଥିବା ମଜାର ଘଟଣାସବୁ ନ ଲେଖି ରହିପାରୁ ନାହିଁ। ଆମେ ପ୍ରଶ୍ନସବୁ ଘରେ ପ୍ରସ୍ତୁତ କରି କ୍ଲାସକୁ ଯାଉଥିଲୁ। ସେତେବେଳେ ଫରାସୀ ଭାଷା ନୂଆ କରି ଶିଖୁଥାଉ। ତେଣୁ ପ୍ରଶ୍ନଗୁଡ଼ିକ ବାରଂବାର ପଢ଼ି ଠିକ୍ କରି କ୍ଲାସକୁ ଯିବାକୁ ହେଉଥିଲା। ତଥାପି ଫ୍ରେଞ୍ଚରେ କଥା କହିବାକୁ ପଡ଼ିଲେ ବେଶ୍ ଘାବରାଇ ଯାଉଥିଲୁ। ଆମ ଭିତରୁ ଜଣେ ପ୍ରଶ୍ନ କରିବାକୁ ଯାଇ ଏମିତି ଘାବରାଇ ଗଲା ଯେ ଫରାସୀରେ 'N'est-ce pas cela?' କହିବାକୁ ଯାଇ କହିପକାଇଲା, 'N'est ta pas ta la?'

ଶୁଣିବା ମାତ୍ରେ ଆମେ ହସି ହସି ଅସ୍ଥିର। ଆମମାନଙ୍କୁ ଦେଖି ମା' ମଧ୍ୟ ହସୁଥା'ନ୍ତି। ଆଉ ସେହି ଝିଅଟିର ସେତେବେଳେ କି ଅବସ୍ଥା...। 'ଛାଡ଼ି ଦେ ମା' କାନ୍ଦି

ବଞ୍ଚେ,' ଏଇ ବାକ୍ୟଟି ସେତେବେଳେ ସେଇ ଝିଅଟି ପ୍ରତି ସର୍ବତୋଭାବେ ପ୍ରଯୁଜ୍ୟ ଥିଲା।

ଏଇ ପ୍ରସଙ୍ଗରେ ଆଉ ଗୋଟିଏ କଥା ଲେଖୁଛି। ମୋ ସାଙ୍ଗ ଗୌରୀ (ଯିଏ ପରେ ପ୍ଲେ-ଗ୍ରାଉଣ୍ଡରେ ମା'ଙ୍କ ସେବାର ଦାୟିତ୍ୱ ପାଇଥିଲା) ଓ ମୁଁ ଦୁଇ ଜଣ ମିଶି ବହୁତ ପରିଶ୍ରମ କରି ପ୍ରଶ୍ନସବୁ ପ୍ରସ୍ତୁତ କରୁଥିଲୁ। ଫରାସୀ ବିଦ୍ୟାରେ ଜ୍ଞାନ ଏତେ କମ୍ ଥିଲା ଯେ ଗୋଟିଏ ଧାଡ଼ି ଲେଖିବାକୁ ହେଲେ ବ୍ରେନ୍ ଅପରେଶନ୍ କରିବା ପରି ଅବସ୍ଥା ହେଉଥିଲା। ଆମ ଦୁଇଜଣଙ୍କର ସେସମୟର ଚେହେରା ମନେପଡ଼ିଲେ ହସ ଲାଗେ।

ଶ୍ରୀଅରବିନ୍ଦଙ୍କ ଘର ଆଡ଼କୁ ମୁହଁ କରି ମା'ଙ୍କ ପାଇଁ ଚେୟାର ରଖାଯାଉଥିଲା। ମା' ହୁଏତ ଶ୍ରୀଅରବିନ୍ଦଙ୍କୁ ଦେଖିବାକୁ ପାଉଥିଲେ। ମା'ଙ୍କ ଆଡ଼କୁ ମୁହଁକରି ଆମେମାନେ ବସୁଥିଲୁ। ସୁତରାଂ ଶ୍ରୀଅରବିନ୍ଦଙ୍କୁ ଦର୍ଶନ କରିବାର ସୁଯୋଗ ଆମମାନଙ୍କର ହେଉ ନ ଥିଲା। କୌଣସି ଦିନ କୌତୂହଳବଶତଃ ସେଆଡ଼କୁ ଆମେ ଫେରି ଚାହିଁ ନାହୁଁ ମଧ୍ୟ! ସୂକ୍ଷ୍ମ ଭାବରେ ଯେମିତି ଗୋଟିଏ ନିଷେଧର ପ୍ରାଚୀର ଆମ ଭିତରେ କାମ କରୁଥିଲା। ଏଇ କ୍ଲାସରେହିଁ ମା' ଆମ ପ୍ରତ୍ୟେକଙ୍କୁ ଆଖି ବନ୍ଦ କରି 'ଧ୍ୟାନ ଓ ପ୍ରାର୍ଥନା' ବହିଟି ଖୋଲିବାକୁ ନିର୍ଦ୍ଦେଶ ଦେଉଥିଲେ। ଯାହାର ପ୍ରଥମେ ଯେଉଁ ଧାଡ଼ିଟି ଆଖିରେ ପଡୁଥିଲା, ତାକୁ ସେଇ ଧାଡ଼ିଟି ବଡ଼ପାଟିରେ ପଢ଼ି ମା'ଙ୍କୁ ଶୁଣାଇବାକୁ ହେଉଥିଲା। ଜଣକ ଭାଗ୍ୟରେ ଦିନେ ଏଇ ଧାଡ଼ିଟି ଆସିଲା, 'ହେ ଜନନୀ, ମୋତେ ଦୟା କର।' ମା' ମୁଣ୍ଡ ହଲାଇ ଏହା ଅନୁମୋଦନ କଲେ! ମୋ ଭାଗ୍ୟରେ ଦିନେ ବାହାରିଲା, 'ଶାନ୍ତି, ସମଗ୍ର ପୃଥିବୀରେ ଶାନ୍ତି।' ତପତୀ ପଢ଼ିଲା, 'ଆମ ପ୍ରାର୍ଥନା ଶୁଣ, ଆମ ଆକୂତିର ପ୍ରତ୍ୟୁତ୍ତର ଦିଅ, ଆସ!'

ଆଖି ବନ୍ଦ କରି ମନୋଯୋଗ ସହକାରେ ଗୋଟିଏ କାଗଜ କଟା ଛୁରୀ ସାହାଯ୍ୟରେ ବହିର ଯେକୌଣସି ପୃଷ୍ଠାର ଯେକୌଣସି ଧାଡ଼ି ଛୁଇଁବାକୁ ହେଉଥିଲା। ଯେଉଁ ଧାଡ଼ିଟି ଯାହାର ପ୍ରଥମେ ଆଖିରେ ପଡ଼େ ସେଇ ଧାଡ଼ିଟି ତାକୁ କିଛି ନିର୍ଦ୍ଦେଶ ଦିଏ। ଏଇ ବିଷୟରେ ମା' ୧୯୬୦ ମସିହାର ଅଗଷ୍ଟ ସଂଖ୍ୟାର ବୁଲେଟିନ୍‌ରେ ଅନେକ କଥା ବିସ୍ତାରିତ ଭାବରେ କହିଛନ୍ତି। ତାହା ଖୁବ୍ ଆଗ୍ରହୋଦ୍ଦୀପକ। ମନ ଖରାପ ଲାଗୁଛି? ବେଶ୍, ଆଖି ବନ୍ଦ କରି ଏକାଗ୍ର ହୋଇ 'ଯୋଗାଧାର' ବହିଟିର ଯେକୌଣସି ପୃଷ୍ଠା ଖୋଲ। କେଉଁ ଧାଡ଼ିଟି ବାହାରିଲା? ନିଜ ମନର ଠିକ୍ ସେଇ ସମୟର ଅବସ୍ଥା ଅନୁଯାୟୀ କିଛି ଗୋଟିଏ ଧାଡ଼ି ମିଳିଯିବ! ମା' ଆମ ପ୍ରତ୍ୟେକଙ୍କୁ ଏମିତି ଭାବରେ ପଢ଼ିବାକୁ ଶିଖାଇଛନ୍ତି। ଆମମାନଙ୍କ ସାଥିରେ ମା'ଙ୍କର ଏମିତି ଭାବରେ ଖେଳ ଚାଲୁଥିଲା। ହୁଏତ ମା' ଏଇ ଖେଳ ମାଧ୍ୟମରେ ଆମ ଚେତନାର ଅଗ୍ରଗତି ଲକ୍ଷ୍ୟ

କରୁଥିଲେ। ବ୍ୟକ୍ତିଗତ ସମସ୍ୟାଗୁଡ଼ିକ ବିଷୟରେ ବୁଝିପାରୁଥିଲେ। ଯାହାର ଯାହା ପ୍ରୟୋଜନ ସମସ୍ତଙ୍କ ପାଇଁ ସୂକ୍ଷ୍ମ ଭାବରେ ତାଙ୍କ ସାହାଯ୍ୟ ପଠାଇ ଦେଉଥିଲେ। ଖେଳ ଛଳରେ ଯାହା ଘଟିଗଲା ତାହା ଆଜି ବିସ୍ମୃତିର ଗର୍ଭରେ ବିଲୀନ...। ସେତେବେଳେ କିଏ ଜାଣିଥିଲା ଯେ ଦିନେ ଏସବୁ ଚାଲିଯିବ। ଆମେ ସେତେବେଳେ ଏସବୁକୁ ମୂଲ୍ୟ ଦେଇ ନ ଥିଲୁ। ସ୍ମୃତି ଟିକିଏ ଛଡ଼ା ଅନ୍ୟ କିଛି ଅବଶିଷ୍ଟ ରହିବ ନାହିଁ, ଏକଥା ବୁଝିବା ପରି ଜ୍ଞାନ ମଧ୍ୟ ସେଇ ବୟସରେ ଆମର ହୋଇ ନ ଥିଲା।

ଏଇ କ୍ଲାସରେ ଦିନେ ମା' ପ୍ରଶ୍ନ କଲେ, "ଧ୍ୟାନ ଓ ପ୍ରାର୍ଥନା ବହିରେ କେଉଁଟି ସବୁଠାରୁ ଛୋଟ ପ୍ରାର୍ଥନା ?" ସମସ୍ତେ ସ୍ତବ୍ଧ। ବଡ଼ମାନେ, ଯେଉଁମାନେ ଭଲ ଫରାସୀ ଜାଣନ୍ତି ସେମାନେ ମଧ୍ୟ ମୁହଁ ତଳକୁ କରି ବସିରହିଲେ। କ୍ଲାସରେ ପାଠ କହି ନ ପାରିଲେ ଛାତ୍ରଛାତ୍ରୀମାନଙ୍କର ଯେଉଁ ଅବସ୍ଥା ହୁଏ ଠିକ୍ ସେମିତି। ଆମ ଭିତରୁ ଜଣେ (ତେମିବେନ୍) ମୃଦୁ କଣ୍ଠରେ ସେହି ପ୍ରାର୍ଥନାଟିର ତାରିଖ ଓ ମସିହା କହିଲେ। ତେମିବେନ୍ ସବୁବେଳେ ନିଜକୁ ଘୋଡ଼ାଇ ରଖୁଥିଲେ। ସେ ଥିଲେ ଖୁବ୍ ବିନୟୀ ଓ ଶାନ୍ତ ପ୍ରକୃତିର ଝିଅ। ମା' ସସ୍ନେହେ ତେମିବେନ୍‌ଙ୍କୁ କିଛି ସମୟ ଚାହିଁ ରହିଲେ। ଆମେ, ସାନମାନେ ସମସ୍ତେ ଗର୍ବରେ ଫୁଲିଉଠିଲୁ। ମନର ଭାବଟି ହେଲା: ବଡ଼ଲୋକମାନେ କହିପାରିଲେ ନାହିଁ କିନ୍ତୁ ଆମ ଭିତରୁ ଜଣେ ସେଇ ପ୍ରାର୍ଥନାର ତାରିଖ ଓ ମସିହା କହିଦେଇ ପାରିଲା। ସୂକ୍ଷ୍ମ ଭାବରେ ବଡ଼ ଓ ସାନମାନଙ୍କ ଭିତରେ ଏମିତି ପ୍ରାୟ ଚାଲୁଥିଲା। ଯେମିତି ପ୍ରଥମ ସନ୍ତାନ ନିଜର ସାନ ଭାଇ ଭଉଣୀଙ୍କୁ ଜନ୍ମ ହେବାର ଦେଖି ଭାବେ ଏମାନେ ଆସିଛନ୍ତି ତା' ମାତୃସ୍ନେହରୁ ଭାଗ ନେବାକୁ, ଏହା ଠିକ୍ ସେମିତି। ଟିକିଏ ଈର୍ଷାବୋଧ ଥିଲା। ଟେନିସ୍ ଖେଳରେ ଏଇ ଭାବ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିଲା। ଏମିତିକି ଫୁଟ୍‌ବଲ ଖେଳରେ ମଧ୍ୟ। ପ୍ରାୟ ଯୁବକ ବନାମ ବୟସ୍କ ଏମିତି ଦୁଇ ଦଳରେ ଖେଳ ହେଉଥିଲା। ଖୁବ୍ ମଜା ହେଉଥିଲା।

ଏଇ କ୍ଲାସ କିନ୍ତୁ ହଠାତ୍ ବନ୍ଦ ହୋଇଯାଇଥିଲା। ୧୯୪୭ ମସିହାର କଥା। ଭାରତ ସ୍ୱାଧୀନ ହେଲା। ଦୁଇଭାଗ ମଧ୍ୟ ହେଲା। ସେଇ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ଉପରଓଳି ଶ୍ରୀଅରବିନ୍ଦଙ୍କ ଜଣେ ସେବକକୁ ବାହାରର ଲୋକମାନେ ଖୁନ୍ କଲେ। ତାହା ଥିଲା ଏକ ଭୟଙ୍କର ଦୃଶ୍ୟ। ସେହି ଅଗଷ୍ଟ ୧୫ ତାରିଖର ଭୟାବହ ପରିସ୍ଥିତି ପରେ ମା' କ୍ଲାସରେ ଆମମାନଙ୍କୁ କହିବାକୁ ବାଧ୍ୟ ହୋଇଥିଲେ, "ତୁମେମାନେ ଆହୁରି ଆନ୍ତରିକ ହୁଅ। ସତ୍ୟ ପଥରେ ଚାଲ। ତା' ନ ହେଲେ ଦିନେ ହୁଏତ ଶ୍ରୀଅରବିନ୍ଦଙ୍କୁ ବା ମୋତେ ଚାଲିଯିବାକୁ ପଡ଼ିପାରେ।" ମା'ଙ୍କ କଥାରେ ଗଭୀର ଦୁଃଖର ସ୍ପର୍ଶ ଥିଲା। ଡରରେ ଆମ ଛାତି କମ୍ପି ଉଠିଥିଲା। ମା' ଏମିତି କ'ଣ

କହୁଛନ୍ତି ? ଆଉ ପରେ ତାହାହିଁ ଘଟିଲା । ଏହାକୁହିଁ କହନ୍ତି ଦୁର୍ଭାଗ୍ୟ ।

ମା' ଗୋଟିଏ କିଛି ଚାହାଁନ୍ତି ଆଉ ଆମେ ନିଜ ନିର୍ବୋଧତା ଯୋଗୁଁ ଅନ୍ୟ କିଛି କରି ବସୁ । ପ୍ଲେ-ଗ୍ରାଉଣ୍ଡରେ ଦିନେ ମା' ପଦଚାରଣା କରୁ କରୁ କହିଥିଲେ, ''ଏତେ ଦିନ ଧରି ଜାଣିଥିଲି, man proposes. God disposes କିନ୍ତୁ ଏବେ ଦେଖୁଛି, God proposes, man disposes'' । ମା'ଙ୍କ କଣ୍ଠସ୍ୱର ସେଇ ସମୟରେ ବିଷାଦରେ ଭରିଯାଇଥିବା ପରି ମନେହେଉଥିଲା ।

ମା'ଙ୍କ କାମରେ ଆମେ ବାଧାସ୍ୱରୂପ ଥିଲୁ । ତଥାପି ମା'ଙ୍କ କଥା ପୁନରାବୃତ୍ତି କରିବି, ''କୌଣସି ମାନବୀୟ ଇଚ୍ଛା ପରିଶେଷରେ ଭଗବତ୍ ଇଚ୍ଛାକୁ ପରାହତ କରିପାରିବ ନାହିଁ ।''

# ମା'ଙ୍କ ପାଖରୁ ଫରାସୀ ଶିକ୍ଷା

"ଏମିତି ଭାବେ ମୁହାଁମୁହିଁ
ସାମନାରେ ତୁମ ରହିବା,
କେବଳ ମାତ୍ର ତୁମକୁ ନେଇ
ପୂର୍ଣ୍ଣ ପ୍ରାଣ ହୋଇବା,
ଏମିତି ଦୟା ପାଇଛି ଯିଏ,
ତା'ର ଲୋଭର ସୀମା ନାହିଁ
ସକଳ ଲୋଭ ଦୂରେଇ ଦିଏ
ଦେବାକୁ ତୁମକୁ ଠାଇଁ।"

ମା'ଙ୍କ ପାଖରେ ଏକୁଟିଆ କ୍ଲାସ କରିବାର ସୌଭାଗ୍ୟ ମୋର ହୋଇଥିଲା। ଏତେ ଘାବରାଇ ଯାଉଥିଲି ଯେ କହିବାକୁ ନାହିଁ। ସେତେବେଳେ ତ ଫରାସୀ ଭାଷାରେ ଏତେ ଜ୍ଞାନ ନ ଥିଲା। ଏମିତିକି କିଛି ବି ଜାଣି ନ ଥିଲି। ମୁହଁ ଖୋଲିବାକୁ ଇଚ୍ଛା ହେଉ ନ ଥିଲା। କଥା କହିବାକୁ ଖୁବ୍ ସଙ୍କୋଚ ଲାଗୁଥିଲା। ଆଉ ମା' ମୁରୁକି ମୁରୁକି ହସି ଫରାସୀରେ କଥା କହି ଚାଲୁଥିଲେ। କିଛି ଜାଣି ନ ଥିବା ଏଇ ଝିଅଟି ମନରେ କ୍ରମେ କ୍ରମେ ସେ ଆତ୍ମବିଶ୍ୱାସର ବୀଜ ରୋପଣ କଲେ। ପ୍ରତିଦିନ ଗୋଟିଏ ଫୁଲ ଦେଇ କହୁଥିଲେ, "ନିଜ ଉପରେ ଶାନ୍ତ ଓ ବିନମ୍ର ବିଶ୍ୱାସ ରଖ।" ପ୍ରକୃତରେ ତାହାହିଁ ଥିଲା ଫୁଲଟିର ନିହିତାର୍ଥ। ପ୍ରଥମେ ମୁଁ ଭୟରେ କିଛି କହିପାରୁ ନ ଥିଲି। କିନ୍ତୁ ଆସ୍ତେ ଆସ୍ତେ ଆଶ୍ଚର୍ଯ୍ୟଜନକଭାବେ ସେହି ଭୟ କଟିଗଲା।

ପଢ଼ିବାକୁ ଥିବା ବହିଟି ଖୋଲି କହୁଥିଲେ, "ଆଜି ଆମେ ଏହି ପୃଷ୍ଠାଟି ପଢ଼ିବା।" ତା'ପରେ ସେ ନିଜେ ପଢ଼ିଯାଉଥିଲେ। ମଝିରେ ମଝିରେ ଦେଖିବାକୁ ଅସୁବିଧା ହେଲେ ଅଙ୍ଗୁଳି ଦେଖାଇ କହୁଥିଲେ, "ସେଠାରେ ଯେଉଁ ଆଲମାରିଟି ରହିଛି, ସେଥିରୁ ଯବକାଚଟି ବାହାର କରିଆଣ।" ଅଙ୍ଗୁଳି ଦେଖାଇ କହୁଥିଲେ, "ସେଠାରେ ଦେଖ।" ସେତେବେଳେ ମୋ ମୁଣ୍ଡ କାମ କରୁ ନ ଥିଲା। ଭୀଷଣ ଡର ଲାଗୁଥିଲା। ଆଉ ଆଲମାରି ଖୋଲି ଯବକାଚଟି କୌଣସି ପ୍ରକାରେ ପାଉ ନ ଥିଲି! ମା' ବାରଂବାର କହୁଥିଲେ, "ସେଇଠି, ଏଇତ ସେଇଠି ଅଛି।" ପରିଶେଷରେ ମୁଁ ତାହା ଖୋଜି ପାଉଥିଲି।

ସେତେବେଳେ ଜ୍ୱର ଛାଡ଼ିବା ପରି ଝାଳରେ ମୁଁ ପୂରା ଭିଜିଯାଉଥିଲି। ମା'ଙ୍କ

ପଢ଼ିବା ଶେଷ ହେଲେ ମୋର ପଢ଼ିବା ପାଳି। ପଢ଼ି ଚାଲିଥାଏ। ଚାହିଁ ଦେଖେ ମା' ଗଭୀର ଧ୍ୟାନରେ ମଗ୍ନ। ଶରୀର ତାଙ୍କର ସ୍ଥିର, ଅଚଞ୍ଚଳ। ହାତ ଦୁଇଟି କୋଳ ଉପରେ ରହିଥାଏ। ଗୋଟିଏ ଗଭୀର ନୀରବତା ମା'ଙ୍କୁ ବେଷ୍ଟନ କରି ତାଙ୍କୁ ବହୁଦୂରକୁ ନେଇଯାଇଥାଏ। ସେ ଟିକିଏ ସାମନାକୁ ଝୁଙ୍କି ବସିଥା'ନ୍ତି। ଅଥଚ ଟିକିଏ ଆଗରୁ ଆଲମାରିରେ କେଉଁଠି ଯବକାଚ ଅଛି ମୋତେ ଦେଖାଇ ଦେଉଥିଲେ, ଫରାସୀ ପଢ଼ାଉଥିଲେ !

ମା'ଙ୍କ ଚେୟାର ପାଖରେ ଦକ୍ଷିଣ ଦିଗର କବାଟଟି ଖୋଲା ରହୁଥିଲା। ଏବେ ବି ମା'ଙ୍କ ସେହି ଚେୟାରଟି ସେଇଠି ରହିଛି। ଦର୍ଶନ ଦିନଗୁଡ଼ିକରେ ମା'ଙ୍କ ତିନିତାଲାର ଘରକୁ ଯିବା ପାଇଁ ଥିବା ଶିଡ଼ିର ଠିକ୍ ପୂର୍ବରୁ ଏଇ ଚେୟାରଟି ଦେଖିବାକୁ ମିଳେ। ମା'ଙ୍କ ଉପର ଘରେ ତାଙ୍କୁ ପ୍ରଣାମ କରି ସାରି ପୁଣି ଏଇ ଚେୟାରକୁ ପ୍ରଣାମ କରି ଆମେ ତାଙ୍କୁ ସେଇ ପ୍ରଣାମଟି ନିବେଦନ କରୁ। ଅତୀତର କେତେ ଆନନ୍ଦମୟ ସ୍ମୃତି ବହନ କରି ବର୍ଷ ବର୍ଷ ଧରି ଚେୟାରଟି ସେଠାରେ ରହିଛି ! ଥାଉ ସେ କଥା। ମୁଁ ମା'ଙ୍କୁ ଚାହିଁ ଚୁପ୍ ହୋଇ ବସିରହିଥିଲି। 'ସେବା ବୃକ୍ଷ'ର ଗୋଟିଏ ଡାଳ ଛାତ ଉପରକୁ ଢଳି ରହିଥାଏ। ଡାଳରେ ସୁନେଲୀ ଫୁଲର ଉତ୍ସବ। ପବନ ବାଜି ଛାତ ଉପରେ ଟୁପଟାପ୍ ହୋଇ ଫୁଲସବୁ ପଡୁଥାଏ। ପେଣ୍ଠା ପେଣ୍ଠା ଫୁଲଗୁଡ଼ିକ ଝୁଲି ଝୁଲି ମା'ଙ୍କ ସ୍ତବ୍ଧ ଧ୍ୟାନ-ମୂର୍ତ୍ତି ଦେଖୁଥା'ନ୍ତି। ଆଉ ଯେମିତି କହୁଥା'ନ୍ତି, "ସୁପ୍ରଭାତ, ମଧୁମୟି ଜନନି !"

ମା'ଙ୍କର ସେହି ଧ୍ୟାନସ୍ଥ ମୂର୍ତ୍ତି ତାଙ୍କରି ଚରଣ ତଳେ ବସି ଦେଖୁ ଦେଖୁ ମନ ଏକ ନିର୍ମଳ ଆନନ୍ଦରେ ପୂର୍ଣ୍ଣ ହୋଇଯାଉଥିଲା। ଶରୀର ଓ ମନରେ ବୋହିଯାଉଥିଲା ଏକ ଅପୂର୍ବ ଅନୁଭୂତି। ଆଜି ବି ମନେପଡ଼େ ସେଇ ସୁନ୍ଦର ଦିନଗୁଡ଼ିକର କଥା...

ଦିନେ କ୍ଲାସ ସମୟରେ ମା' ମୋତେ ପଚାରିଲେ, "ତୁମେ ରୋଷେଇ କରି ଜାଣ?" ମା'ଙ୍କ କଥା ଶୁଣି ମୁଁ ଖୁବ୍ ଘାବରାଇ ଗଲି। ଏହାର ଗୋଟିଏ କାରଣ ରହିଛି।

ସେତେବେଳେ ମୋର ବୟସ ତେର କି ଚଉଦ ହେବ। ଦିନେ ଆମ ମା' (ବିଭାବତୀ)ଙ୍କର ସନ୍ଧ୍ୟାବେଳେ କୁଆଡ଼େ ବୁଲିବାକୁ ଯିବାର ଥିଲା। ମୋତେ ଡାକି କହିଲେ, "ଗୋଟିଏ ବିଶେଷ କାମରେ ମୋତେ ଯିବାକୁ ହେଉଛି। ତୁ ଆଜି ରୋଷେଇ କରିବୁ।" ଖୁସିହୋଇ ମୁଁ ରୋଷେଇ ଆରମ୍ଭ କରିଦେଲି। ଆଳୁଦମ୍ ! ପାଣି ବେଶୀ ଦେଇଦେଇଛି। କ'ଣ କରିବି? ତରକାରୀ ହେବାକୁ ତ ସମୟ ଲାଗିବ। ଭାବିଲି, ତା'ରି ଭିତରେ ଆସନ୍ତା କାଲିର ପଢ଼ା ଶେଷ କରି ଦେବି। ପଢ଼ା ପ୍ରସ୍ତୁତ କରୁ କରୁ

କେମିତି ଯେ ସମୟ ଚାଲିଗଲା ଜାଣିନି। ହଠାତ୍ ପୋଡ଼ା ଗନ୍ଧ ପାଇ ଦୌଡ଼ିଆସି ଦେଖେ ସବୁ କଳା ହୋଇଯାଇଛି। କେବଳ ଉପର ଆଳୁଗୁଡ଼ିକ ଯେମିତି ମୋତେ ଚାହିଁ ହସୁଛନ୍ତି। ରୋଷେଇ କରି ଜାଣିଛ କି ବୋଲି ମା' ପଚାରିବାରୁ ମୋର ସେଇ ପୋଡ଼ା ତରକାରୀ କଥା ଆଖି ସାମନାରେ ଭାସିଉଠିଲା। ସଜୋରେ ମୁଣ୍ଡ ହଲାଇ କହିଲି, ''ନା, ମୁଁ ରୋଷେଇ କରି ଜାଣି ନାହିଁ।''

ମା' କିଛି ସମୟ ଚୁପ୍ ହୋଇ ରହିଲେ। ତା'ପରେ କହିଲେ, ''ମୋତେ ଯଦି ଅଣ୍ଡା ଆଣିଦେବ ତା'ହେଲେ ମୁଁ ତିରିଶ ପ୍ରକାର ଅଣ୍ଡାର ତରକାରୀ କରି ତୁମକୁ ଖୁଆଇବି।''

ମୁଁ ତ ଅବାକ୍! ମା' ରାନ୍ଧି ଜାଣନ୍ତି! ପୁଣି ଏତେ ପ୍ରକାରର! ସତରେ ମୁଁ ଖୁବ୍ ଆଶ୍ଚର୍ଯ୍ୟ ହୋଇଗଲି। ଆହୁରି ବିସ୍ମିତ ହେଲି ଯେତେବେଳେ ମା' କହିଲେ, ''ଏଇ ରୋଷେଇ କରିବା ସମୟରେହିଁ ଯେତେ ଲେଖାଲେଖି ଓ ଗଭୀର ଚିନ୍ତାଯୁକ୍ତ ରଚନାସବୁ ମୁଁ ମନେ ମନେ ପ୍ରସ୍ତୁତ କରେ। 'ବହୁଦିନ ତଳର କଥା' ପୁସ୍ତକଟିର ଅଧିକାଂଶ ଲେଖା ରୋଷେଇ କରିବା ସମୟରେହିଁ ପ୍ରସ୍ତୁତ କରିଥିଲି।''

ଏସବୁ ଶୁଣି ମୁଁ ଅବାକ୍ ହୋଇଗଲି। ରୋଷେଇ ଓ ଗଭୀର ଚିନ୍ତା କେବେ କ'ଣ ଏକାସାଥିରେ କରାଯାଇପାରେ? ମା'ଙ୍କ ପାଖରେ କୌଣସି କାମ ଛୋଟ ବା ବଡ଼ ନୁହେଁ। ରୋଷେଇ କରୁ କରୁ ସେ ଗଭୀର ଚିନ୍ତାରେ ବୁଡ଼ିଯାଇ ପାରୁଥିଲେ। ଆମେମାନେ ତ ଗୋଟିଏ କାମ ଆରମ୍ଭ କଲେ ଅନ୍ୟ କାମରେ ମନ ଦେଇ ପାରୁ ନାହୁଁ। କିନ୍ତୁ ମା'ଙ୍କ ପାଖରେ ସବୁ ସମ୍ଭବ।

ପୁଣି ଦିନେ ପଚାରିଲେ, ''ତୁମେ ଗୀତ ଗାଇପାର?'' ମୁଣ୍ଡ ଉପରେ ଯେମିତି ଆକାଶ ଭାଙ୍ଗିପଡ଼ିଲା! ଗୀତ ଗାଇବାକୁ ହେବ ନା କ'ଣ? ପିଲାବେଳର କଥା ପୁଣି ମନେପଡ଼ିଲା। ଆମେ ଦୁଇ ଭଉଣୀ ନିୟମିତ ସଙ୍ଗୀତ ଚର୍ଚ୍ଚା କରୁଥିଲୁ। ଆମ ମା'ଙ୍କର ଖୁବ୍ ସଉକ୍ ଥିଲା ଆମେ ଯେମିତି ଗୀତ ଗାଇପାରୁ। ଜଣେ ସଙ୍ଗୀତ ଶିକ୍ଷକ ଉପରଓଳି ଆସି ଗୀତ ଶିଖାଉଥିଲେ। ସେ ଥିଲେ ସାଧକ ପ୍ରକୃତିର। ଗଳାରେ ତୁଳସୀର ମାଳା, ଦେହରେ ଗେରୁଆ ରଙ୍ଗର ପଞ୍ଜାବୀ। ସେ ଭକ୍ତିମୂଳକ ଗୀତସବୁ ଶିଖାଉଥିଲେ। ସେ ଶିଖାଉଥିବା ଗୀତସବୁରୁ ଗୋଟିଏ ଗୀତର ପ୍ରଥମ ଧାଡ଼ିଟି ଏମିତି: ''କରୁଣା ତୋର ଜାଣେ ମା'ଗୋ, ଆସିବ ଶୁଭ ଦିନ।'' ସେ ନିଜେ ବାରଂବାର ଏଇ ଗୀତଟି ଗାଉଥିଲେ। ଗାଇବା ସମୟରେ ତାଙ୍କ ଆଖିରୁ ବହିଯାଉଥିଲା ଶ୍ରାବଣର ଧାରା। ଏଇ ଗୀତଟିକୁ ସେ ମୋତେ ବାରଂବାର ଗାଇବାକୁ କହୁଥିଲେ। ମୋତେ ମଧ୍ୟ ଗାଇବାକୁ ବେଶ୍ ଭଲଲାଗୁଥିଲା। ଭାଇ ମୋତେ ଚିଡ଼ାଉଥିଲା, ''କି ଗୀତସବୁ ଯେ

ତୁମେମାନେ ଶିଖୁଛ ! ଦେଖ୍, ମୁଁ କେତେ ସୁନ୍ଦର ଗୀତ ଶିଖିଛି।'' ଏହା କହି ଆଧୁନିକ ଗାୟକମାନଙ୍କର ସୁନ୍ଦର ଗୀତସବୁ ସେ ଆମକୁ ଶୁଣାଉଥିଲା।

''ଗୀତ ଗାଇ ଜାଣ ?'' ମା'ଙ୍କର ଏଇ ପ୍ରଶ୍ନରେ ମନେହେଲା ଅନ୍ତତଃ ସେଇ ଗୀତର ପ୍ରଥମ ଧାଡ଼ିଟି ଗାଇବି: 'କରୁଣା ତୋର ଜାଣେ ମା'ଗୋ, ଆସିବ ଶୁଭଦିନ...।' କିନ୍ତୁ ଲାଜ ଲାଗିଲା। ତା'ଛଡ଼ା ମୋ ସ୍ୱର ମଧ୍ୟ ବିଶେଷ ଭଲ ନୁହେଁ। ମୋ ଭଉଣୀ ତପତୀର ସ୍ୱର ଥିଲା ଖୁବ୍ ମଧୁର। ଭାଇର ତ ସ୍ୱର ଥିଲା ଅପୂର୍ବ। ଦିଲୀପ ରାୟଙ୍କ ଦଳରେ ତପତୀ ମଧ୍ୟ ଗାଉଥିଲା। ପ୍ଲେ-ଗ୍ରାଉଣ୍ଡରେ ମା' ପ୍ରାୟ ସେମାନଙ୍କ ଗୀତ ଶୁଣୁଥିଲେ। ମା' ଦିନେ ତପତୀକୁ କହିଥିଲେ, ''ତୁମର ଖୁବ୍ ସୁନ୍ଦର ସ୍ୱର ତ!'' ଏତେଜଣଙ୍କ ଭିତରେ ମଧ୍ୟ ମା' ଠିକ୍ ତା' ସ୍ୱର ବୁଝିପାରିଥିଲେ। ଯାହାହେଉ ସେଦିନ ମୁଁ ମୁଣ୍ଡ ହଲାଇ ମା'ଙ୍କୁ କହିଥିଲି, ''ନା, ଗୀତ ଗାଇ ଜାଣି ନାହିଁ।''

ଏଥର ଆଶ୍ଚର୍ଯ୍ୟ ହେବାର ପାଳି ମୋର। ମା' ହଠାତ୍ ଗୁଣୁଗୁଣୁ କରିବାକୁ ଲାଗିଲେ। ତା'ପରେ ବେଶ୍ ସ୍ପଷ୍ଟଭାବରେ ମା'ଙ୍କ ଗୀତ ଆରମ୍ଭ ହେଲା। କି ମଧୁର ସ୍ୱରଯୁକ୍ତ କଣ୍ଠ ! ଗୀତ ଗାଇବା ସମୟରେ ଗାୟକ ଯେ ଏତେ ସୁନ୍ଦର ଦେଖାଯାଏ ସେ ଧାରଣା ମୋର ନ ଥିଲା। ମୁଁ ବିସ୍ମୟରେ ମୁଗ୍ଧ ହୋଇ ମା'ଙ୍କୁ ଅନାଇ ରହିଥାଏ। ଅନ୍ତର ମୋର ଏକ ଅନୈସର୍ଗିକ ଅନୁଭୂତିରେ ଭରିଗଲା...।

''ଆଗୋ, ସେଦିନ ତୁମେ ଗାଇଥିଲ ଯେଉଁ ଗୀତ
ତା'ର ଅର୍ଥ ବା କିଏ ଜାଣେ।
ଖାଲି ତା' ସାଥେ ଗାଇଥିଲା ମୋ ପ୍ରାଣ
ଅଶାନ୍ତ ହୃଦ ମୋ ନାଚିଥିଲା ତା'ର ତାନେ।''

ଏଇ କ୍ଲାସ ବଡ଼ ବିଚିତ୍ର ଭାବରେ ଆରମ୍ଭ ହୋଇଥିଲା। ମା' ଆମ ଚାରିପାଞ୍ଚ ଜଣଙ୍କୁ ଜଣେ ଫରାସୀ ମହିଳାଙ୍କଠାରୁ ଫରାସୀ ଭାଷା ଶିଖିବାକୁ କହିଥିଲେ। ସନ୍ଧ୍ୟାବେଳେ ଆମେ ତାଙ୍କ ପାଖରେ ପଢୁଥିଲୁ। ଦିନେ ମୋର ଖୁବ୍ ମୁଣ୍ଡ ବିନ୍ଧୁଥିଲା ବୋଲି କ୍ଲାସରେ ଦିଆଯାଇଥିବା ପଢ଼ା କରିପାରି ନ ଥିଲି। ମୁଣ୍ଡବିନ୍ଧା ପାଇଁ ଯେ ମୁଁ ପାଠ ପ୍ରସ୍ତୁତ କରିପାରି ନାହିଁ ଏକଥା ଭଦ୍ରମହିଳା କିନ୍ତୁ ବିଶ୍ୱାସ କଲେ ନାହିଁ। ସେ କହିଲେ, ''ତୁମେ ମିଛ କହୁଛ।''

ବାସ୍, ହୋଇଗଲା। ଦୁଃଖରେ ରାତିରେ ଶୋଇପାରିଲି ନାହିଁ। ପରଦିନ ସକାଳେ ସବୁଦିନ ପରି ମା'ଙ୍କ ପାଖକୁ ଯାଇଥାଏ। ମା' ମୋ ମୁହଁକୁ ଦେଖି ପ୍ରଶ୍ନ କଲେ, ''କ'ଣ ହୋଇଛି ?''

ମା'ଙ୍କ ପ୍ରଶ୍ନ ଶୁଣି ମୁଁ କାନ୍ଦି ପକାଇଲି। ତା'ପରେ ମା'ଙ୍କୁ ସବୁ କହିଲି। ଶୁଣିସାରି ମା' କହିଲେ, "ଏମିତି କଥା ? ଚାଲ, ଆଜିଠାରୁ ମୁଁ ତୁମକୁ ପଢ଼ାଇବି।"

ଏମିତି ଭାବରେ ଆରମ୍ଭ ହେଲା ଆମ କ୍ଲାସ। ତୁଚ୍ଛ ଘଟଣାଟିଏ ମୋ ଜୀବନରେ ମା'ଙ୍କୁ ଏକାନ୍ତ ଭାବରେ ପାଇବାର ସୁବର୍ଣ୍ଣ ସୁଯୋଗ ଆଣିଦେଲା।

ପ୍ରଥମ ପାଠ ଶେଷ ହେବା ପରେ ମା' ମୋତେ 'ଗଳ୍ପଶ୍ରୀ' (Belles Histoires) ବହିଟି ପଢ଼ାଇଲେ। 'ଧୈର୍ଯ୍ୟ ଓ ଅଧ୍ୟବସାୟ' ଅଧ୍ୟାୟଟି ପଢ଼ାଇବା ସମୟରେ ଏହାର ପ୍ରାରମ୍ଭରେ ଗୋଟିଏ ପଞ୍ଜାବୀ କବିତାର କିଛି ଅଂଶ ଲେଖା ହୋଇଥିବାର ଦେଖିଲି। ଏଇ ପଞ୍ଜାବୀ ଗୀତଟିର ଉଚ୍ଚାରଣ ଶିଖିବାକୁ ମୋର ଖୁବ୍ ଇଚ୍ଛା ହେଲା। ମା' ଆଉ କ'ଣ କରିବେ? ମୋ କୌତୂହଳ ମେଣ୍ଟାଇବା ପାଇଁ ସେ ଗୀତଟି ପଢ଼ିଦେବାକୁ ଲକ୍ଷ୍ମୀବାଈଙ୍କୁ ଡାକିଲେ। ଲକ୍ଷ୍ମୀବାଈ ପଢ଼ିଲେ,

"ସଦା ନା ବାଗୀନ, ବୁଲ୍‌ବୁଲ୍ ବଲେ,
ସଦା ନା ବାଗ ବାହାରାନ୍:
ସଦା ନା ରାଜଖୁଶୀ ଦେ ହୋନ୍ଦେ,
ସଦା ନା ମଜଲିସ୍ ଇୟାରାନ୍!"

ଅର୍ଥାତ୍:

"ବୁଲ୍‌ବୁଲ୍ ବଗିଚାରେ ଚିରଦିନ ଗୀତ ଗାଏ ନା,
ବଗିଚାର ଶୋଭା ମଧ୍ୟ ଚିରଦିନ ରହେ ନା;
ରାଜା ମହାନନ୍ଦରେ ଚିରଦିନ ରାଜତ୍ୱ କରିପାରନ୍ତି ନାହିଁ,
ପ୍ରିୟଜନମାନେ ମଧ୍ୟ ଚିରଦିନ ସାଥିରେ ରହିପାରନ୍ତି ନାହିଁ।"

ଏଇ ଲକ୍ଷ୍ମୀବାଈଙ୍କ କୁକୁର ପାଇଁ ମୋ ଜୀବନରେ ଗୋଟିଏ ହାସ୍ୟକର ଘଟଣା ଘଟିଥିଲା। ପ୍ରଥମରୁ କହିରଖୁଛି କୁକୁରକୁ ମୁଁ ଭୀଷଣ ଭୟ କରେ। ଏଠାରେ ଯେତେବେଳେ ପ୍ରଥମେ ଏକା ଥିଲି, ରାସ୍ତାରେ କୁକୁରଟିଏ ଦେଖିଲେ ଦୌଡ଼ିଯାଇ ଫୁଟ୍‌ପାଥ୍ ଉପରକୁ ଉଠିପଡୁଥିଲି। କୁକୁରଗୁଡ଼ିକ ମଧ୍ୟ ମୋତେ ଦେଖିଲେହିଁ ଭୁକୁଥିଲେ। ବୋଧହୁଏ ମୋର ଭୟର ସ୍ପନ୍ଦନ ସେମାନଙ୍କୁ ସଚକିତ କରିଦେଉଥିଲା। ଏଠାକୁ ଆସିବାର ଅଳ୍ପ କିଛି ଦିନ ପରେ ଆଉ ଜଣେ ଝିଅ (ପ୍ରତିମା) ସହିତ ମୋର ବେଶ୍ ବନ୍ଧୁତ୍ୱ ହୋଇଥିଲା। ପ୍ରତିମା ମଧ୍ୟ କିଛି ଦିନ ପୂର୍ବରୁ ଆଶ୍ରମକୁ ଆସିଥାଏ। ଆମେ ଥିଲୁ ସମବୟସୀ। ସାହାନାଦି'ଙ୍କ ସିଲାଇ ଡିପାର୍ଟମେଣ୍ଟରେ ଆମେ ଦୁଇ ଜଣ ମଧ୍ୟ କାମ କରୁଥିଲୁ। କୁକୁର ଦେଖିଲେ ପ୍ରତିମା ମଧ୍ୟ ଖୁବ୍ ଡରିଯାଉଥିଲା। ତେଣୁ

ଦୁଇ ଜଣ ମିଶି ସାଥିରେ ତିନି ଥର ଡାଇନିଂ ରୁମ୍‌କୁ ଖାଇବାକୁ ଯାଉଥିଲୁ ଓ ସମୁଦ୍ରକୂଳକୁ ବୁଲିବାକୁ ଯାଉଥିଲୁ। ଦିନେ ଉପରଓଳି ଆମେ ଦୁଇ ଜଣ ଯେମିତି ଘରୁ ବାହାରିଛୁ ପାଖରେ ଥିବା ମିଲ୍‌ରୁ ଦୁଇଟି ବିରାଟ ଆଲ୍‌ସେସିଆନ୍ କୁକୁର ଦୌଡ଼ି ଦୌଡ଼ି ବାହାରି ଆସିଲେ। (ଏହି ଘରଟି ପରେ ଆଶ୍ରମ କିଣି ନେଇଥିଲା। ଡାଃ ସାନ୍ୟାଲ ଏହି ଘରେହିଁ ରହୁଥିଲେ। ଏବେ ଏହି ଘରେ ହୋମିଓପ୍ୟାଥି, ଏଲୋପ୍ୟାଥି ଚିକିତ୍ସା ବିଭାଗ ରହିଛି। କିଛି ବର୍ଷ ଚକ୍ଷୁ ଚିକିତ୍ସା ମଧ୍ୟ ଏହି ଘରଟିରେ ହେଉଥିଲା।) ଏତେ ବଡ଼ ବାଘ ପରି କୁକୁର ଦେଖି ଆମେ ଦୌଡ଼ିବାକୁ ଆରମ୍ଭ କଲୁ। କିନ୍ତୁ କୁକୁର ସହିତ ଦୌଡ଼ିପାରିବୁ ବା କେମିତି? ପ୍ରତିମା ରାସ୍ତାରୁ ଛିଟିକି ପଡ଼ିଯାଇ ରକ୍ଷା ପାଇଗଲା। ମୁଁ ଫୁଟ୍‌ପାଥ୍ ଉପରକୁ ଉଠିପଡ଼ିଲି। ଆମ ଦୁଇ ଜଣଙ୍କ ଚିତ୍କାର ଶୁଣି ସେହି ଘରର ଦରୁଆନ୍ ଆସି କୁକୁର ଦୁଇଟିକୁ ଆୟତ୍ତ କଲା।

ତା'ପରେ ଏହି ବୀରାଙ୍ଗନାର ଭାଗ୍ୟରେ ହେଲା ଗୋଲ୍‌ଡ଼ିର ଆବିର୍ଭାବ! ଏ ପୁଣି କ'ଣ? ମା'ଙ୍କ ପାଖକୁ ଯିବା ସମୟରେ ମଧ୍ୟ କୁକୁର! ଯେତେ ଛାଡ଼ିଲେ ବି ନଛୋଡ଼ବନ୍ଧା। କି ବିପଦରେ ବାବା! ମହା ସମସ୍ୟାରେ ପଡ଼ିଲି।

ସକାଳ ଦଶଟା ସମୟରେ ମା' ଯେତେବେଳେ ଦୋ'ତାଲାର ଶିଡ଼ି ମୁଣ୍ଡର କବାଟ ପାଖରେ ଥିବା ଛୋଟ ଘରଟିରେ ଛିଡ଼ାହୋଇ ଜଣ ଜଣ କରି ସମସ୍ତଙ୍କୁ ଆଶୀର୍ବାଦ ଫୁଲ ଦେଉଥିଲେ ସେଇ ସମୟରେ ଲକ୍ଷ୍ମୀବାଈ ମୁଣ୍ଡରେ ଗୋଟିଏ ବିରାଟ ଟ୍ରେ ଧରି ଉପରକୁ ଆସୁଥିଲେ। ସେଇ ଟ୍ରେରେ ନାନା ରଙ୍ଗର ସୁନ୍ଦର ସୁନ୍ଦର ଗୋଲାପ ଫୁଲ ଭର୍ତ୍ତି ହୋଇଥିବା ଫୁଲଦାନୀସବୁ ସଜଡ଼ାହୋଇ ରହୁଥିଲା। ଲକ୍ଷ୍ମୀବାଈ ତାଙ୍କ ଘରେ ନିଜେ ଗୋଟିଏ ସୁନ୍ଦର ଗୋଲାପର ବଗିଚା କରିଥିଲେ। ସେ ଶିଡ଼ିରେ ଉଠି ମା'ଙ୍କ ପାଖଦେଇ ମା'ଙ୍କ ଘର ଭିତରେ ପଶୁଥିଲେ। ତାଙ୍କ ସାଥିରେ ରହୁଥିଲା ସେଇ ଗୋଲ୍‌ଡ଼ି, ମା'ଙ୍କର ଅତି ପ୍ରିୟ କୁକୁର। ମା'ହିଁ କୁକୁରଟିର ନାଁ ଦେଇଥିଲେ ଗୋଲ୍‌ଡ଼ି। କୁକୁରଟି ଦେଖିବାକୁ ସତରେ ଖୁବ୍ ସୁନ୍ଦର ଥିଲା। ଦେହରେ ତା'ର ସୁନେଲୀ ଲୋମ ଚକ୍‌ଚକ୍ କରୁଥିଲା। ସେଇ ସୁନେଲୀ ରଙ୍ଗର ଲୋମ ପାଇଁ ବୋଧହୁଏ ମା' ତା'ର ନାଁ ଦେଇଥିଲେ ଗୋଲ୍‌ଡ଼ି। ଲକ୍ଷ୍ମୀବାଈ କୁକୁରଟିକୁ ଖୁବ୍ ଯତ୍ନରେ ରଖିଥିଲେ। ଗୋଲ୍‌ଡ଼ି କାହାକୁ ଖାତିର ନ କରି ପ୍ରତିଦିନ ସିଧା ମା'ଙ୍କ ପାଖକୁ ଯାଇ ଆଗ ଗୋଡ଼ ଦୁଇଟି ଉଠାଇ ମା'ଙ୍କୁ ଜାବୁଡ଼ି ଧରୁଥିଲା। ମା' ତାକୁ ଖୁବ୍ ଆଦର କରୁଥିଲେ। ନାନା କଥା କହୁଥିଲେ। ସେଇ ସମୟରେ ଗୋଲ୍‌ଡ଼ିର ଭାବ ଦେଖିଲେ ମନେହେଉଥିଲା ସେ ଯେମିତି ସବୁକିଛି ବୁଝିପାରୁଛି। ଖୁବ୍ ଖୁସିରେ ସେ ମା'ଙ୍କୁ ଆଦର କରୁଥିଲା। ତା'ପରେ ସିଧା ଶ୍ରୀଅରବିନ୍ଦଙ୍କ ଘରକୁ ଯାଇ ତାଙ୍କୁ ଦର୍ଶନ କରୁଥିଲା! ଶୁଣିଛି,

ଶ୍ରୀଅରବିନ୍ଦ ଗୋଲ୍‌ଡ଼ିର ମଥାରେ ଟିକିଏ ହାତ ମଧ୍ୟ ବୁଲାଇ ଦେଉଥିଲେ।

ତୁମେମାନେ ନିଶ୍ଚୟ ଜାଣ ଶ୍ରୀଅରବିନ୍ଦଙ୍କର ଗୋଟିଏ କୁକୁର ଥିଲା। ତାହା ଅବଶ୍ୟ ମା' ପଣ୍ଡିଚେରୀ ଆସିବାର ବହୁ ପୂର୍ବର କଥା। ଆଉ ମା'ଙ୍କ ବିରାଡ଼ିମାନଙ୍କ କଥା କିଏ ନ ଜାଣେ? ମା'ଙ୍କର ଗୋଟିଏ ବିରାଡ଼ି ପ୍ରତିଦିନ ଧ୍ୟାନ ସମୟରେ ଗୋଟିଏ ଚେୟାର ଉପରେ ବସି ସମସ୍ତଙ୍କ ସହିତ ରୀତିମତ ଧ୍ୟାନ କରୁଥିଲା। ଏମିତିକି ସମାଧିସ୍ଥ ମଧ୍ୟ ହୋଇଯାଉଥିଲା! କେବଳ ମା' ବିଶେଷ ଭାବରେ ଡାକିଲେ ବିରାଡ଼ିଟିର ଧ୍ୟାନ ଭାଙ୍ଗୁଥିଲା। ଶୁଣିଛି, ସେଇ ବିରାଡ଼ିଟି ମଣିଷ ହୋଇ ଜନ୍ମ ନେଇଛି! ହୁଏତ ଗୋଲ୍‌ଡ଼ି ମଧ୍ୟ ମଣିଷ ଭାବରେ ଜନ୍ମ ନେଇଥିବ!

ଏଇ ଗୋଲ୍‌ଡ଼ିକୁ ମୁଁ କିନ୍ତୁ ଖୁବ୍ ଡରୁଥିଲି। ପୂର୍ବରୁ କହିଛି କୁକୁର ପ୍ରତି ଭୟ ମୋର ସବୁଦିନ ଥିଲା। ତେଣୁ ଗୋଲ୍‌ଡ଼ି ମା'ଙ୍କ ପାଖରୁ ଫେରିଗଲା ପରେ ଯାଇ ନିଶ୍ଚିନ୍ତ ମନରେ ମୁଁ ମା'ଙ୍କ ପାଖକୁ ଯାଉଥିଲି। ଦିନେ କ'ଣ ହେଲା ଜାଣିନି। ସାଢ଼େ ଦଶଟା ବାଜି ସାରିଥିଲା। ଭାବିଲି, ଗୋଲ୍‌ଡ଼ି ନିଶ୍ଚୟ ମା'ଙ୍କ ଦର୍ଶନ ପାଇ ଫେରିଯାଇଥିବ। ମୁଁ ଉପରକୁ ଯାଇ, ''ସୁପ୍ରଭାତ ମା',''ବୋଲି କହି ମା'ଙ୍କୁ ପ୍ରଣାମ କରିବାକୁ ତାଙ୍କ ଚରଣରେ ମୁଣ୍ଡ ଛୁଆଁଇଛି କି ନାହିଁ କେଉଁଠାରୁ କେଜାଣି ଗୋଲ୍‌ଡ଼ି ଝଡ଼ ପରି ଆସି ମୋ ପିଠି ଉପରେ ଝାମ୍ପି ପଡ଼ିଲା। ଭୟରେ ମୁଁ ଚିତ୍କାର କରି ଉଠିଲି। ଡେଇଁ ପଡ଼ି ମା'ଙ୍କ ପଛକୁ ଯାଇ ଦୁଇ ହାତରେ ତାଙ୍କୁ କୁଣ୍ଢାଇ ଧରିଲି। ଭୟରେ କମ୍ପୁଥାଏ ଆଉ ଚିତ୍କାର ବି କରୁଥାଏ। ମା' କୌଣସି ପ୍ରକାରେ ମୋତେ ଛଡ଼ାଇପାରୁ ନ ଥା'ନ୍ତି। ଶେଷରେ ବଳ ପ୍ରୟୋଗ କରି ମୋତେ ସାମନାକୁ ଟାଣି ଆଣିଲେ। ଆଉ କେତେ ଯେ ଗାଳି ଖାଇଲି କହିବା କଥା ନୁହେଁ। ପଛରେ ବହୁ ଲୋକ ଅପେକ୍ଷା କରିଥା'ନ୍ତି। ଭାବିଦେଖ, ସେତେବେଳେ ମୋ ଅବସ୍ଥା କି ଶୋଚନୀୟ। ମା' କହିଲେ, ''ସାମାନ୍ୟ ଗୋଟିଏ କୁକୁରକୁ ତୁମର ଏତେ ଡର? ସାଧନା କରିବ କେମିତି? ଜାଣିଛ, ଏ ସାଧନାର ପଥ ଏତେ ସହଜ ନୁହେଁ। ବହୁ ବିପଦ ଆପଦକୁ ସାମନା କରିବାକୁ ହେବ। ଡରିଲେ ଚଳିବ ନାହିଁ। ଏ ପଥ ଅତି କଠିନ, ଅତି ଦୁରୂହ। ପ୍ରଚୁର ସାହସ ଦରକାର।''

ମା'ଙ୍କର ଏଇ କଥା ଶୁଣିବା ମାତ୍ରେ ନଳିନୀଦା' କହିଥିବା ଗୋଟିଏ କଥା ମନେପଡ଼ିଲା। ପ୍ରତିଦିନ ସନ୍ଧ୍ୟାରେ ମୁଁ ନଳିନୀଦା'ଙ୍କ ପାଖକୁ ଯାଉଥିଲି। ମନ ଖୋଲି ତାଙ୍କ ସହିତ କଥା ହେଉଥିଲି। ବାପାମାଆ ଏଠାରୁ ଚାଲିଯିବା ପରେ ନଳିନୀଦା'ହିଁ ମୋର ଦେଖାଶୁଣା କରୁଥିଲେ। ଏମିତିକି ମୋ ପାଖକୁ ଆସୁଥିବା ଚିଠିଗୁଡ଼ିକ ମଧ୍ୟ ମୁଁ ତାଙ୍କଠାରୁ ପାଉଥିଲି। ଡାକଘର ପର୍ଯ୍ୟନ୍ତ ଯିବାକୁ ପଡୁ ନ ଥିଲା। ସବୁଦିନ ପରି ଦିନେ ସନ୍ଧ୍ୟାରେ ନଳିନୀଦା'ଙ୍କ ପାଖକୁ ଯାଇଥାଏ। ନଳିନୀଦା' ବିଭିନ୍ନ କଥା କହିସାରି

କହିଲେ, ''ପ୍ରୀତି, ଏଇ ଯେଉଁ ସାଧନାର ପଥ ତୁମେ ବାଛିନେଲ, ଏଇ ପଥଟି ବାହାରୁ ଦେଖିଲେ ସାଧାରଣ ତାରଟିଏ ପରି ମନେହୁଏ। କିନ୍ତୁ ଏହାକୁ ଛୁଇଁବା ମାତ୍ରେ ଶକ୍ (shock) ଲାଗେ।''

ମୁଁ ଅବାକ୍ ହୋଇ ନଳିନୀଦା'ଙ୍କୁ ଚାହିଁ ରହିଥାଏ। କଥାଟି କେମିତି ପ୍ରହେଳିକା ପରି ମନେହେଉଥାଏ। ଆଶ୍ରମକୁ ନୂଆ କରି ଆସିଥାଏ। ସାଧନା କଥା କିଛି ବି ଜାଣି ନ ଥାଏ। କେବଳ ମା'ଙ୍କୁ ଛାଡ଼ି ରହିପାରିବି ନାହିଁ ବୋଲି ତ ଏଠାକୁ ଚାଲି ଆସିଥିଲି।

ଆଜି ମା'ଙ୍କ ମୁହଁରୁ ଆହୁରି ସ୍ପଷ୍ଟଭାବରେ ଜାଣିବାକୁ ପାଇଲି ଯେ ଏଇ ସାଧନାର ପଥ କେତେ ଦୁରୂହ, କେତେ ବିପଦସଙ୍କୁଳ। ସବୁବେଳେ ହୁସିଆର ରହିବା ଦରକାର।

''ଦୁର୍ଗମ ଗିରି କାନ୍ତାର ମରୁ, ଦୁସ୍ତର ପାରାବାର
ଲଙ୍ଘିବାକୁ ହେବ ରାତ୍ରି-ନିଶୀଥେ, ଯାତ୍ରୀ ହେ ହୁସିଆର।''

ମା'ଙ୍କ ହାତରୁ ଆଶୀର୍ବାଦ ଫୁଲ ନେଇ ତଳକୁ ଓହ୍ଲାଇ ଆସିଲି। ଶିଡ଼ି ଭର୍ତ୍ତି ଲୋକ ମୁରୁକି ମୁରୁକି ହସୁଥା'ନ୍ତି। ଏହି ଘଟଣା ପରେ ମୋର କୁକୁର ପ୍ରତି ଭୟ ଅନେକ ପରିମାଣରେ କମିଗଲା। ଅବଶ୍ୟ ଦୂରରୁ କୁକୁର ଦେଖିଲେ ମା', ମା' କରୁଥିଲି। ଭୟକୁହିଁ ଭୟ କରୁଥିଲି। ଏମିତି ଭାବରେ ପ୍ରଥମରୁ ଚ୍ୟାଲେଞ୍ଜ କରି 'ଯୁଦ୍ଧଂ ଦେହି' ଘୋଷଣା କରି ପଥ ଚଲା ଆରମ୍ଭ କଲି।

ଆଉ ଦିନେ ମା' ମୋତେ ପଢ଼ାଉ ପଢ଼ାଉ ମୁରୁକି ମୁରୁକି ହସୁଥିବାର ଲକ୍ଷ୍ୟ କଲି। ଟିକିଏ ପରେ ହସି ହସି ମା' କହିଲେ, ''ଜାଣ, ଜଣେ ଲୋକ ଏଇ ସାଧନା ପଥରେ ବେଶ୍ ଅଗ୍ରସର ହୋଇଥିଲା। ଅତିମାନସିକ ସତ୍ତାମାନଙ୍କ ବିଷୟରେ ଦିନେ ମୁଁ ତାକୁ କିଛି କହୁଥିଲି। ଯେତେବେଳେ କହିଲି ଯେ ଅତିମାନସିକ ସତ୍ତାମାନଙ୍କର ଖାଇବା ଦରକାର ହେବ ନାହିଁ ଏବଂ ଖାଦ୍ୟ ଖାଇବାର ବାଧ୍ୟବାଧକତା ହାତରୁ ମୁକ୍ତି ମିଳିବ, ସେତେବେଳେ ଲୋକଟିର ସାମନାରେ ନାନା ପ୍ରକାରର ଭଲ ଭଲ ଖାଦ୍ୟ ଭାସିଉଠିଲା। ସେ ମନେ ମନେ ଭାବିବାକୁ ଲାଗିଲା, 'ଆହା! ଏଇ ସୁସ୍ୱାଦୁ ଖାଦ୍ୟ ମୁଁ ଆଉ ଖାଇପାରିବି ନାହିଁ! ଏଇ ଉପାଦେୟ ଖାଦ୍ୟସବୁ ଆଉ ଉପଭୋଗ କରିହେବ ନାହିଁ?' ତା'ର ସେଥିପାଇଁ କି ଦୁଃଖ'' — ଏକଥା କହି ମା' ଜୋର୍‌ରେ ହସିଉଠିଲେ।

କେବଳ ତୁଚ୍ଛ ଖାଦ୍ୟ ପାଇଁ ଏତେ ବଡ଼ ଗୋଟିଏ ସୁଯୋଗ ସେହି ବ୍ୟକ୍ତି ହରାଇଲେ। ଏମିତି ଭାବରେ ଆମେ ପ୍ରତ୍ୟେକେ ଲୋଭ କବଳରେ ପଡ଼ି ଜୀବନର ଅସଲ ଉଦ୍ଦେଶ୍ୟକୁ ହରାଇଛୁ ଏବଂ ଏବେ ବି ହରାଉଛୁ।

ଆଗରୁ ପ୍ରସ୍ତୁତ ହୋଇଥିବା ଖାଦ୍ୟ ମା' ଆମ ମୁହଁରେ ଦେବାକୁ ଚାହିଁଛନ୍ତି। କିନ୍ତୁ ଆମେ ସେହି ଖାଦ୍ୟ ପ୍ରତ୍ୟାଖ୍ୟାନ କରିଦେଇଛୁ। 'ଧ୍ୟାନ ଓ ପ୍ରାର୍ଥନା' ବହିରେ ଗୋଟିଏ ଜାଗାରେ ମା' କହିଛନ୍ତି, ''ଏତେ ଅନୁରାଗ, ଏତେ ଯତ୍ନର ସହିତ ଯେଉଁ ଭୋଜ୍ୟ ମୁଁ ପ୍ରସ୍ତୁତ କଲି ମଣିଷ ତାହା ଗ୍ରହଣ କଲା ନାହିଁ। ତେଣୁ ଭଗବାନଙ୍କୁ ଡାକିଲି ତାହା ଗ୍ରହଣ କରିବାକୁ।''

ନଳିନୀଦା' କହିଥିଲେ, ''ମା' ଯେଉଁ ଭୋଜ୍ୟ ମଣିଷମାନଙ୍କ ପାଇଁ ପ୍ରସ୍ତୁତ କରିଥିଲେ, ଯାହା ସେ ପ୍ରତ୍ୟାଖ୍ୟାନ କଲା ତାହା କ'ଣ ? ଏହା ଅନ୍ୟ କିଛି ନୁହେଁ। ଏହା ହେଲା ଏଠାରେ, ଏଇ ପୃଥିବୀ ବକ୍ଷରେ ଭାଗବତ ଅମର ଜୀବନ; ପୂର୍ଣ୍ଣ ପରାଜ୍ୟୋତି ଓ ପରାଶକ୍ତି ଦ୍ୱାରା ପ୍ରସ୍ତୁତ ପରମ ପ୍ରେମ ଓ ଦିବ୍ୟ ଆନନ୍ଦ ଯାହା ଦେବତାମାନଙ୍କର ଭୋଗ୍ୟ।''

ଆମମାନଙ୍କ ପକ୍ଷରେ ଏଇ ଦିବ୍ୟ ଜୀବନ ଲାଭ ଏବେ ମଧ୍ୟ ସୁଦୂର ସାପେକ୍ଷ। ଏଇ ଲକ୍ଷ୍ୟକୁ କାର୍ଯ୍ୟରେ ପରିଣତ କରିବା ସୁଦୂର ପରାହତ।

ନଳିନୀଦା' କହିଛନ୍ତି, ''ମଣିଷ ଏହାକୁ ପ୍ରତ୍ୟାଖ୍ୟାନ କଲା କାରଣ ତା' ପକ୍ଷରେ ଏହା ଥିଲା ଅତି ଉଚ୍ଚ ଓ ଅତି ମହାନ୍। ପୃଥିବୀ–ବଦ୍ଧ ଜୀବ ସେ, କ୍ଷୁଦ୍ର ତା'ର ପରିଧି, ସେ ଆୟତ୍ତ କରିପାରେ, ଉପଭୋଗ କରିପାରେ କେବଳ ସେହିସବୁ ଯାହା ସାମାନ୍ୟ ଓ କ୍ଷୁଦ୍ର ବା ଜଡ଼ ପୃଥିବୀର ତୁଚ୍ଛ କଣା ମାତ୍ର। ଏ ଦାନ ସେ ପ୍ରତ୍ୟାଖ୍ୟାନ କଲା ତା'ର ଅଜ୍ଞାନତା ଯୋଗୁଁ। ସେ ଜାଣେ ନା, ଧାରଣା ମଧ୍ୟ କରିପାରେ ନା ଯେ ଅମର ଜୀବନ, ଭାଗବତ ସତ୍ତା, ଛାୟାହୀନ ଜ୍ୟୋତି ବା ଶୋକହୀନ ପ୍ରେମ ବୋଲି କିଛି ଥାଇପାରେ କିଂବା ଥାଇପାରେ ପ୍ରୋଜ୍ଜ୍ୱଳ ପ୍ରଶାନ୍ତ କୌଣସି ଅଦୃଶ୍ୟ ଶକ୍ତିଧାରା। ସେ ଜାଣେ ନା ଯେ ସେ ଦମ୍ଭରେ ଭରପୂର — ଦମ୍ଭ ତା'ର ସାମାନ୍ୟ ଜ୍ଞାନର, ସାମର୍ଥ୍ୟର, ଅନ୍ଧ ଆତ୍ମତୁଷ୍ଟିର। କେବଳ ଅଜ୍ଞାନତା ଓ ଅହଂକାର ନୁହେଁ, ତା' ଭିତରେ ରହିଛି ଆହୁରି ଗୋଟିଏ ବିଦ୍ରୋହୀ ଅଂଶ — ତା'ର ଅପରିଣତ ଚେତନାର ଅର୍ଦ୍ଧ ଜାଗରଣରେ ଯଦି କେବେ ତା' ପରିସରର ବାହାରୁ ଉର୍ଦ୍ଧ୍ୱର କୌଣସି ସ୍ୱର୍ଶ ଓହ୍ଲାଇ ଆସେ, ଯଦି ତା'ର ଅଙ୍ଗନରେ ଅକସ୍ମାତ୍ ପଡ଼େ ଅନ୍ୟ କୌଣସି ଜଗତର ଛାୟା, ସେ ସେଥିରେ ସ୍ୱସ୍ତି ପାଏ ନା, ସେହି ବସ୍ତୁକୁ ସେ ସ୍ୱୀକାର କରିବାକୁ ଚାହେଁ ନା। ତା'କୁ ଅସ୍ୱୀକାର କରେ, ଏମିତିକି ଦିଏ ଅଭିସମ୍ପାତ ମଧ୍ୟ।''

ମା' ମଣିଷମାନଙ୍କୁ ପ୍ରଶ୍ନ କରିଥିଲେ, ''ତୁମେ କ'ଣ ପ୍ରସ୍ତୁତ ? (Are you ready?)''

ଆମେ କିନ୍ତୁ ଯେଉଁ ତିମିରରେ ସେହି ତିମିରରେହିଁ ରହିଛୁ। ଔଦ୍ଧତ୍ୟ, ଧୃଷ୍ଟତା,

ବିଦ୍ରୋହ ଆମକୁ ଚାପିଧରି ବସିଛି। ଆମେ ମା'ଙ୍କ କାମକୁ ସମାଲୋଚନା କରିବା ପରି କାମରୁ କ'ଣ କେବେ ନିଷ୍କୃତି ପାଇଛୁ? ତା'ପରେ ପୁଣି ଆମର କେତେ ମାନ ଅଭିମାନ! ହେଳା କରି ଆମେ ମା'ଙ୍କର ଏଇ ଅଯାଚିତ କରୁଣାକୁ ହରାଇଛୁ। ଅନୁତାପ ଦଗ୍ଧ ଆମେ ମଣିଷମାନେ। ଏବେ ମଧ୍ୟ ଆମେ ମା'ଙ୍କ କାମ ପାଇଁ ଉପଯୁକ୍ତ ହୋଇ ଉଠି ନାହୁଁ। ତେଣୁ କହୁଛି, ଆମେ ପାଇବା ଧନ ହରାଇ ବସିଛୁ।

# ପିଲାମାନଙ୍କ କ୍ଲାସ

ପିଲାମାନଙ୍କ କ୍ଲାସ କଥା ପୂର୍ବରୁ ଅଳ୍ପ ଲେଖିଛି। ଏବେ କ୍ଲାସଟି କେମିତି ଆରମ୍ଭ ହୋଇଥିଲା ସେକଥା ଲେଖୁଛି।

୧୯୫୦ ମସିହା ନଭେମ୍ବର ୧୭ ତାରିଖରେ ସବୁ କ୍ୟାପ୍ଟେନ୍‌ମାନେ ଠିକ୍ କଲେ ଯେ ଗ୍ରୁପ ସମୟରେ ଚାରିବର୍ଷରୁ ବାରବର୍ଷ ବୟସର ପିଲାମାନଙ୍କ ସହିତ ସମସ୍ତେ ଫରାସୀ ଭାଷାରେ କଥା ହେବେ। ଏଇ କଥା କ୍ୟାପ୍ଟେନ୍‌ମାନେ ମା'ଙ୍କୁ ଜଣାଇଲେ। ମା' ଖୁବ୍ ଖୁସି ହେଲେ। ମା' ଠିକ୍ କଲେ ଯେ ସେ ନିଜେ ମଧ୍ୟ ପିଲାମାନଙ୍କ ସହିତ କିଛି ସମୟ ଫରାସୀ ଭାଷାରେ କଥା ହେବେ। ସବୁଦିନ ଖେଳ ଶେଷ ହେବା ପରେ ମା' ପିଲାମାନଙ୍କୁ ବାଦାମ ଦେବା ପାଇଁ ଗେଷ୍ଟ ହାଉସର ଅଗଣାକୁ ଯାଉଥିଲେ। ଏହା ହେଉଛି ସେହି ଗେଷ୍ଟ ହାଉସ ଯେଉଁଠାରେ ଏକ ଶୁଭ ମୁହୂର୍ତ୍ତରେ ଶ୍ରୀଅରବିନ୍ଦଙ୍କ ସହିତ ମା'ଙ୍କର ପ୍ରଥମ ସାକ୍ଷାତ ହୋଇଥିଲା।

ପ୍ରଥମ ଦିନ ମା' ଗୋଟିଏ ସାନଝିଅକୁ (ଆମ କୋକିଳା ଯିଏ ଏବେ ପିଲାମାନଙ୍କୁ ଫରାସୀ ପଢ଼ାଏ) ପଚାରିଲେ, ''ତୁମର ବୟସ କେତେ?''

କୋକିଳାର ଉତ୍ତର ହେଲା, ''ମୋ ନାଁ କୋକିଳା।''

ପୁଣି ମା'ଙ୍କ ପ୍ରଶ୍ନ, ''ତୁମ ନାଁ କ'ଣ?''

କୋକିଳାର ସପ୍ରତିଭ ଉତ୍ତର, ''ମୋର ବୟସ ଆଠ ବର୍ଷ।''

ସେଠାରେ ଆମେ ଯେଉଁମାନେ ଉପସ୍ଥିତ ଥିଲୁ ସମସ୍ତେ ହସି ହସି ବେଦମ୍। ମା' ନିଜେ ମଧ୍ୟ କୋକିଳାର କଥାଗୁଡ଼ିକ ବେଶ୍ ଉପଭୋଗ କରୁଥା'ନ୍ତି। ପରେ କେତେ ଦିନ ଧରି ଆଶ୍ରମର ସମସ୍ତଙ୍କ ମୁହଁରେ ଶୁଣିବାକୁ ମିଳୁଥିଲା ମା'ଙ୍କ ପ୍ରଶ୍ନ ଓ କୋକିଳାର ଉତ୍ତର। ପରସ୍ପର ସହିତ ଦେଖା ହେଲେହିଁ ସେଇ କଥା ଚାଲୁଥିଲା। କୋକିଳାର ଏଇ ଓଲଟା ଉତ୍ତର ଶୁଣି ମୋର ସେଇ ଧରଣର କଥାଟିଏ ମନେପଡ଼ିଥିଲା:

ଫ୍ରେଡ଼ରିକ୍ ତାଙ୍କ ସୈନ୍ୟବାହିନୀରେ ଥିବା ସମସ୍ତ ସୈନ୍ୟଙ୍କ ମୁହଁ ଚିହ୍ନିଥିଲେ। ସୈନ୍ୟବାହିନୀରେ ନୂଆ କରି କୌଣସି ସୈନ୍ୟକୁ ଦେଖିଲେ ସେ ଏଇ ତିନୋଟି ପ୍ରଶ୍ନ କରୁଥିଲେ: ତୁମର ବୟସ କେତେ? କେତେ ବର୍ଷ ହେଲା ସୈନ୍ୟବାହିନୀରେ ଯୋଗ ଦେଇଛ? ତୁମକୁ ଦିଆଯାଉଥିବା ଦରମା ଓ ଖାଦ୍ୟରେ ତୁମେ ସନ୍ତୁଷ୍ଟ ତ?

ଜଣେ ଫରାସୀ ଯୁବକ ସମ୍ରାଟ ଫ୍ରେଡ଼ରିକ୍‌ଙ୍କ ସୈନ୍ୟବାହିନୀରେ ଯୋଗଦାନ କରିଥିଲା। ଏଇ ଯୁବକଟି ଜର୍ମାନ ଭାଷାର ଗୋଟିଏ ଅକ୍ଷର ବି ଜାଣି ନ ଥିଲା।

ସୁତରାଂ ସୈନ୍ୟଦଳର ସେନାପତି ଆପ୍ରାଣ ଚେଷ୍ଟା କରି ଯୁବକଟିକୁ ସେଇ ତିନୋଟି ପ୍ରଶ୍ନର ଉତ୍ତର ଶିଖାଇଥିଲେ। ସାଧାରଣତଃ ଫ୍ରେଡ଼ରିକ୍ ପ୍ରଥମେ ପ୍ରଶ୍ନ କରୁଥିଲେ: ତୁମର ବୟସ କେତେ? ତା'ପରେ କ୍ରମାନ୍ୱୟରେ ଆଉ ଦୁଇଟି ପ୍ରଶ୍ନ କରୁଥିଲେ। କିନ୍ତୁ ଏଇ ନୂଆ ସୈନ୍ୟଟିକୁ ଦେଖିବାମାତ୍ରେ ସମ୍ରାଟ ଫ୍ରେଡ଼ରିକ୍ ଦ୍ୱିତୀୟ ପ୍ରଶ୍ନଟି ଆଗେ ପଚାରିଦେଲେ, ''ତୁମେ କେତେ ବର୍ଷ ହେଲା ସୈନ୍ୟବାହିନୀରେ ଯୋଗ ଦେଇଛ?''

ବିଚରା ଫରାସୀ ଯୁବକଟି ସପ୍ରତିଭ ଭାବେ ଉତ୍ତର ଦେଲା, ''କୋଡ଼ିଏ ବର୍ଷ।''

ଫ୍ରେଡ଼ରିକ୍ ବିସ୍ମିତ ହୋଇ କହିଉଠିଲେ, ''କ'ଣ? ତା'ହେଲେ ତୁମର ବୟସ କେତେ?''

ସୈନିକଟି ଉତ୍ତର ଦେଲା, ''ଏକ ବର୍ଷ।''

ସମ୍ରାଟ ଫ୍ରେଡ଼ରିକ୍ କହିଲେ, ''ହେ ଭଗବାନ! ହୁଏତ ତୁମେ ବା ମୁଁ କେହି ଜଣେ ପାଗଳ।''

ଏଥର ସୈନ୍ୟଟି ଉତ୍ତର ଦେଲା, ''ଉଭୟ।''

ବିଚରା ସୈନ୍ୟଟି ତୃତୀୟ ପ୍ରଶ୍ନର ଉତ୍ତର 'ଉଭୟ' ବୋଲି ଜାଣିଥିଲା। ଫ୍ରେଡ଼ରିକ୍ ଏମିତି ଉତ୍ତର ଶୁଣି ଅବାକ୍ ହୋଇ କହିଥିଲେ, ''ପ୍ରଥମ ଥର ପାଇଁ ମୋର ଜଣେ ସୈନ୍ୟ ମୋତେ ପାଗଳ କହିଲା।''

ବିଚରା ସୈନ୍ୟଟି ସମ୍ରାଟ ଫ୍ରେଡ଼ରିକ୍‌ଙ୍କ ହାବଭାବରୁ ବୁଝିପାରିଲା ଯେ ସେ ଖୁବ୍ ଅସନ୍ତୁଷ୍ଟ ହୋଇଛନ୍ତି। ତେଣୁ ତାଙ୍କୁ ସନ୍ତୁଷ୍ଟ କରିବାକୁ ଫରାସୀ ଭାଷାରେ କହିଲା, ''ମୁଁ ଜର୍ମାନ ଭାଷା ଜାଣି ନାହିଁ!''

ସମ୍ରାଟ ଫ୍ରେଡ଼ରିକ୍ କହିଲେ, ''ଓ, ଏମିତି କଥା। ଜର୍ମାନ ଜାଣି ନାହଁ? ଯେତେ ଶୀଘ୍ର ପାରୁଛ ଜର୍ମାନ ଶିଖିପକାଅ। ମୋ ସୈନ୍ୟବାହିନୀରେ କାମ କରିବ ବୋଲି ଯେତେବେଳେ ଠିକ୍ କରିଛ ତୁମକୁ ଅବଶ୍ୟହିଁ ଆମ ଭାଷା ଶିଖିବାକୁ ପଡ଼ିବ।''

କୋକିଳାର ଅବସ୍ଥା ସେଇ ସୈନ୍ୟଟି ପରି ହୋଇଥିଲା। ଆଠ ବର୍ଷର ଛୋଟ ଝିଅଟି ମା'ଙ୍କ ପ୍ରଶ୍ନ ଶୁଣି ଘାବରାଇ ଯାଇ ଓଲଟାପାଲଟା ଉତ୍ତର ଦେଇଥିଲା।

ତାରା, ଉଷା, ନିରତା, ସୁମେଧା ଏବଂ ଅନ୍ୟାନ୍ୟ କ୍ୟାପ୍‌ଟେନ୍‌ମାନେ ପିଲାମାନଙ୍କ ସହିତ ଫରାସୀ ଭାଷାରେ କଥା ହେବେ ବୋଲି ବଦ୍ଧପରିକର ହେଲେ। ମା' ମଧ୍ୟ ଠିକ୍ କଲେ ସେ ନିଜେ ପିଲାମାନଙ୍କର କ୍ଲାସ ନେବେ। ୧୯୫୦ ମସିହା ନଭେମ୍ବର ୧୯ ତାରିଖରେ ଟାଇପ୍ କରାଯାଇଥିବା ପାଠ୍ୟକ୍ରମ ନେଇ ମା' କାର୍ଯ୍ୟକ୍ରମ ଆରମ୍ଭ କଲେ। ସେହି ଟାଇପ୍ ହୋଇଥିବା କାଗଜଟି ଉପରେ ମହୁମାଛିର ଚିତ୍ର ଅଙ୍କନ

କରାଯାଇଥିଲା। ସବୁଦିନର ପାଠ୍ୟକ୍ରମଗୁଡ଼ିକ ମା' ପ୍ରଥମେ ତାରାକୁ ଦେଉଥିଲେ। ତାରା ସଯତ୍ନେ ସେହି ପାଠଗୁଡ଼ିକ ପୂର୍ବରୁ ପିଲାମାନଙ୍କୁ ଶିଖାଇ ଦେଉଥିଲା। ପରଦିନ ସେହି ପାଠଗୁଡ଼ିକ ଉପରେ ମା' ପିଲାମାନଙ୍କୁ ପ୍ରଶ୍ନ କରୁଥିଲେ।

ମଝିରେ ଏଇ କ୍ଲାସ କିଛି ଦିନ ପାଇଁ ବନ୍ଦ ଥିଲା। ନଭେମ୍ବର ୨୪ ତାରିଖ ଦର୍ଶନ ଦିନ ଉପଲକ୍ଷେ ମା' ଖୁବ୍ ବ୍ୟସ୍ତ ଥିଲେ ଏବଂ ତା'ପରେ ଡିସେମ୍ବର ୫ ତାରିଖରେ ହଠାତ୍ ଶ୍ରୀଅରବିନ୍ଦଙ୍କ ତିରୋଧାନ ଆଶ୍ରମ ଜୀବନରେ ଗୋଟିଏ ବ୍ୟତିକ୍ରମ ଆଣି ଦେଇଥିଲା। ତେଣୁ ପିଲାମାନଙ୍କ ଫ୍ରେଞ୍ଚକ୍ଲାସ କିଛି ଦିନ ବନ୍ଦ ରହିଥିଲା। ପୁଣି ୧୯୫୦ ମସିହା ଡିସେମ୍ବର ୧୭ ତାରିଖରୁ ମା' ପିଲାମାନଙ୍କ ଫ୍ରେଞ୍ଚ କ୍ଲାସ ନେବା ଆରମ୍ଭ କଲେ।

ରବିବାର ଥିଲା ଶ୍ରୁତଲିଖନ, ମଙ୍ଗଳବାର ଆବୃତ୍ତି ଓ ଶୁକ୍ରବାର ଗପ କହିବା। ଶ୍ରୁତଲିଖନ ଓ ଆବୃତ୍ତିଗୁଡ଼ିକ ମା' ନିଜେ ତାରାର ଖାତାରେ ଲେଖି ଦେଉଥିଲେ। ଅଧିକାଂଶ ଶ୍ରୁତଲିଖନ ଓ ଆବୃତ୍ତିଗୁଡ଼ିକ ମା' ନିଜେ ରଚନା କରୁଥିଲେ। ଯେଉଁ ପିଲା ଭଲ ଆବୃତ୍ତି କରିପାରୁଥିଲା ମା' ତାକୁ କିଛି ବିଶେଷ ପୁରସ୍କାର ଦେଉଥିଲେ।

ଶୁକ୍ରବାର ଦିନ ଗପ କହୁଥିଲେ। ଗଳ୍ପଶ୍ରୀ (Belles Histoires), ବହୁଦିନ ତଳର କଥା (Paroles d'autrefois) ଏଇ କ୍ଲାସରେହିଁ ଆରମ୍ଭ ହୋଇଥିଲା। ମଝିରେ ମଝିରେ ତାଙ୍କ ନିଜ ଜୀବନର ନାନା ଘଟଣା ମଧ୍ୟ ସେ ମଜା କରି ପିଲାମାନଙ୍କୁ କହୁଥିଲେ। ଭାରତ, ପାରସ୍ୟ, ଜାପାନ, ଚୀନ, ଫରାସୀ ଦେଶ ଓ ଆହୁରି ଅନ୍ୟାନ୍ୟ କେତେ ଦେଶର କେତେ କାହାଣୀ ମା' ପିଲାମାନଙ୍କୁ କହୁଥିଲେ। ମା'ଙ୍କ କହିବାର ଶୈଳୀ ପାଇଁ କାହାଣୀଗୁଡ଼ିକ ଜୀବନ୍ତ ହୋଇଉଠୁଥିଲା। ମନେହେଉଥିଲା ଯେମିତି ଆମେ ସେଇ ଗଳ୍ପରାଜ୍ୟରେ ବାସ କରୁଛୁ। ସେଇସବୁ ଦିନଗୁଡ଼ିକର କଥା ବାରଂବାର ମନେପଡ଼େ...।

# ଭାରତର ମାନଚିତ୍ର ଓ ମା'ଙ୍କ ପ୍ରତୀକ

## ସ୍ୱଦେଶ ମୋର, ଜନନୀ ମୋର

ଯେଉଁ ଦିନରୁ ଭାରତବର୍ଷ ଦୁଇଭାଗ ହୋଇ ଭାରତ ଓ ପାକିସ୍ତାନରେ ପରିଣତ ହୋଇଛି, ସେଇ ଦିନରୁ ମୁଁ ଭାରତବର୍ଷର ମାନଚିତ୍ରକୁ ଦେଖିବାକୁ ଇଚ୍ଛା କରେ ନା। ଦେଖେ ନା ମଧ୍ୟ। ଏହି ଖଣ୍ଡିତ ମାନଚିତ୍ର ଦେଖି ଦେହ, ମନ, ଅନ୍ତରରେ ଏକ ତୀବ୍ର ବ୍ୟଥା ଅନୁଭବ କରେ। ଆମମାନଙ୍କ ଜନ୍ମଭୂମି ଭାରତବର୍ଷ ଖଣ୍ଡ ବିଖଣ୍ଡିତ ହୋଇ ରହି ପାରିବ ନାହିଁ। ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ସ୍ୱୟଂ ଶ୍ରୀଅରବିନ୍ଦଙ୍କ ବାଣୀ ଥିଲା, ଭାରତବର୍ଷ ଏକ ହେବ। ଏହି ଅମୃତବାଣୀ ବକ୍ଷରେ ଧରି ମୁଁ ଘୁରିବୁଲେ ଆଉ ଶ୍ରୀଅରବିନ୍ଦଙ୍କୁ ପ୍ରାର୍ଥନା କରେ, ହେ ଭଗବାନ, ହେ ପ୍ରଭୁ, ଭାରତବର୍ଷକୁ ଏକ କର, ଏକ କର।

ବଙ୍କିମଚନ୍ଦ୍ର ତାଙ୍କ 'ଆନନ୍ଦମଠ'ରେ ଭବାନନ୍ଦ ମୁହଁରେ ନିଜ ପ୍ରାଣର କଥା ତଥା ଭାରତବାସୀଙ୍କ ମନର କଥା କହିଛନ୍ତି। ଭବାନନ୍ଦ ଗାଇଛନ୍ତି:

''ବନ୍ଦେ ମାତରମ୍
ସୁଜଲାଂ ସୁଫଲାଂ ମଲୟଜଶୀତଲାମ୍
ଶସ୍ୟଶ୍ୟାମଲାଂ ମାତରମ୍।''

ମହେନ୍ଦ୍ର ଏଇ ଗୀତ ଶୁଣି ଟିକିଏ ବିସ୍ମିତ ହେଲେ, କିନ୍ତୁ କିଛି ବୁଝିପାରିଲେ ନାହିଁ। ସୁଜଳା, ସୁଫଳା, ମଳୟଜଶୀତଳା, ଶସ୍ୟଶ୍ୟାମଳା ମାତା କିଏ ? କିଛି ଉତ୍ତର ନ ଦେଇ ଭବାନନ୍ଦ ପୁଣି ଗାଇବାକୁ ଲାଗିଲେ:

''ଶୁଭ୍ର-ଜ୍ୟୋତ୍ସ୍ନା-ପୁଲକିତ ଯାମିନୀମ୍
ଫୁଲ୍ଲକୁସୁମିତ-ଦ୍ରୁମଦଲଶୋଭିନୀମ୍
ସୁହାସିନୀଂ ସୁମଧୁର ଭାଷିଣୀମ୍
ସୁଖଦାଂ ବରଦାଂ ମାତରମ୍।''

ମହେନ୍ଦ୍ର କହିଲେ, ''ଇଏ ତ ଦେଶ, ମା' ନୁହଁନ୍ତି।''

ଭବାନନ୍ଦ କହିଲେ, ''ଆମେ ଅନ୍ୟ ମା'ଙ୍କୁ ମାନୁ ନା। ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ। ଆମେ କହୁ ଜନ୍ମଭୂମିହିଁ ଜନନୀ। ଆମମାନଙ୍କର ମା' ନାହିଁ, ବାପ ନାହିଁ, ଭାଇ ନାହିଁ, ସ୍ତ୍ରୀ ନାହିଁ, ପୁତ୍ର ନାହିଁ, ଘର ନାହିଁ, ବାଡ଼ି ନାହିଁ, ଆମର ଅଛି

କେବଳ ସେଇ ସୁଜଳା, ସୁଫଳା, ମଳୟଜ-ସମୀରଣ-ଶୀତଳା, ଶସ୍ୟ-ଶ୍ୟାମଳା..."

ମହେନ୍ଦ୍ର ସବିସ୍ମୟେ ପ୍ରଶ୍ନ କଲେ, "ତୁମେମାନେ କିଏ ?"

ଭବାନନ୍ଦ କହିଲେ, "ଆମେ ସନ୍ତାନ।"

ମହେନ୍ଦ୍ର: "କେଉଁ ସନ୍ତାନ ? କାହାର ସନ୍ତାନ ?"

ଭବାନନ୍ଦ: "ମା'ଙ୍କ ସନ୍ତାନ।"

ଏବେ ଆମ ଦେଶ ଭାରତ ସମ୍ବନ୍ଧରେ ରବୀନ୍ଦ୍ରନାଥଙ୍କ ଉକ୍ତିଟି ବିଷୟରେ କହିବି। ପଙ୍କଜ ମଲ୍ଲିକ ଲେଖିଛନ୍ତି, "ଏକ ନମ୍ବର ଗାରଷ୍ଟିନ୍ ପ୍ଲେସ୍‌ର ବେତାର ଭବନର ମୁଖ୍ୟ ପ୍ରବେଶ ଦ୍ୱାର ପାଖରୁ ପ୍ରାୟ କୋଡ଼ିଏ ଫୁଟ ଦୀର୍ଘ ଓ ଆଠଫୁଟ ପ୍ରସ୍ଥଯୁକ୍ତ ପ୍ରବେଶ ପଥଟିର ମଧ୍ୟଭାଗରେ ଗୋଟିଏ ବୃତ୍ତ ମଧ୍ୟରେ ସବୁଜ ସିମେଣ୍ଟର ଗୋଟିଏ ରେଖାଚିତ୍ର ଥିଲା। ଚିତ୍ରଟି ଭାରତବର୍ଷର ମାନଚିତ୍ର। ସେତେବେଳେ ଅଲ୍ ଇଣ୍ଡିଆ ରେଡ଼ିଓର ଡାଇରେକ୍ଟର ଜେନେରାଲ ଥିଲେ ଏ. ଏସ୍. ବୋଖାରୀ ଏବଂ କଲିକତା ଷ୍ଟେଶନର ଡାଇରେକ୍ଟର ଥିଲେ ଅଶୋକ ସେନ୍।

"ବୋଖାରୀ ସାହେବ ଓ ସେନ୍ ମହାଶୟଙ୍କ ଆମନ୍ତ୍ରଣ କ୍ରମେ ବିଶ୍ୱକବି ରବୀନ୍ଦ୍ରନାଥ ଦିନେ ବେତାର ଭବନକୁ ଆସିଥିଲେ। ରବୀନ୍ଦ୍ରନାଥ ଯେତେବେଳେ ଆସିଲେ ସମସ୍ତେ ଅସ୍ତବ୍ୟସ୍ତ ହୋଇ ଯଥୋଚିତ ମର୍ଯ୍ୟାଦା ପ୍ରଦାନ କରିବାକୁ ଯତ୍ନଶୀଳ ହୋଇଉଠିଲେ। ସେଦିନ ସେଠାରେ ଉପସ୍ଥିତ ଥିବା ଅନ୍ୟାନ୍ୟ କର୍ମୀ ଓ ଶିଳ୍ପୀମାନଙ୍କ ମଧ୍ୟରେ ମୁଁ ମଧ୍ୟ ଥିଲି।

"କବିଙ୍କୁ ପଥ ଦେଖାଇ ଆଗେଇ ନେଇଗଲେ ବୋଖାରୀ ସାହେବ ଓ ସେନ୍ ମହାଶୟ। ସେମାନେ ଦୁଇ ଜଣ ଅନାୟାସରେ ବୃତ୍ତଟିକୁ ମାଡ଼ି ସିଧା ଚାଲିଗଲେ। କବି କିନ୍ତୁ ବୃତ୍ତଟିର ସାମନାକୁ ଆସି କିଛି ସମୟ ସ୍ଥିର ହୋଇ ଠିଆହେଲେ। ଭାରତ ଜନନୀଙ୍କ ସିମେଣ୍ଟ ନିର୍ମିତ ରେଖାଚିତ୍ରଟିକୁ ସେ ଆନତ ମସ୍ତକରେ ନିରୀକ୍ଷଣ କଲେ ଏବଂ ଏକ ଅପରୂପ ପ୍ରଶାନ୍ତ ଭଙ୍ଗୀରେ ଶ୍ରଦ୍ଧା ଓ ସମ୍ଭ୍ରମତାର ସହିତ ଅର୍ଦ୍ଧବୃତ୍ତାକାରରେ ବୁଲି, ମାନଚିତ୍ରରେ ତାଙ୍କ ପଦସ୍ପର୍ଶକୁ ସଯତ୍ନେ ଏଡ଼ାଇ ଯାଇ ପଥପ୍ରଦର୍ଶକଦ୍ୱୟଙ୍କୁ ଅନୁସରଣ କଲେ।

"ବେତାର ବିଭାଗର ଦୁଇ କର୍ତ୍ତା, ଯେଉଁମାନେ ଠିକ୍ ତାଙ୍କ ପୂର୍ବରୁ ଭାରତ ଜନନୀଙ୍କ ରେଖାଚିତ୍ରକୁ ଅକାରଣରେ ପଦ ଦଳନ କରି ଯାଇଥିଲେ, ପଛକୁ ଫେରି କବିଙ୍କର ଏଇ ସଶ୍ରଦ୍ଧ ଓ ସମ୍ଭ୍ରାନ୍ତ ଆଚରଣ ଦେଖି ସ୍ୱାଭାବିକ ଭାବେ ଅପରିସୀମ ଲଜ୍ଜାରେ ମାଟିରେ ମିଶିଗଲା ପରି ହୋଇଗଲେ। ସେମାନଙ୍କ ମୁହଁର ଚେହେରା ଦେଖି ଏହା ଅନୁମାନ କରିବାକୁ ମୋର ଆଦୌ ଅସୁବିଧା ହୋଇ ନ ଥିଲା। ପରେ ଭିତରକୁ

ଯାଇ କବି କହିଥିଲେ, 'ହେ ମୋର ଦେଶର ମାଟି, ତୁମକୁ ପ୍ରଣାମ'। ଏହି ପଙ୍‌କ୍ତିଟିର 'ମାଟି' ଶବ୍ଦକୁ ପୁଣି ଥରେ ଧୀରେ ଧୀରେ ମାଆ-ଟି ଏପରି ଭାବରେ ପୁନରୁଚ୍ଚାରଣ କରିଥିଲେ। ଯେମିତି କହିବାକୁ ଚାହୁଁଥିଲେ ଯେ ମା'ଙ୍କ ଅଙ୍ଗରେ ମଥା ଛୁଆଁଇବା କଥା, ପାଦ ଦେବି କେମିତି? ମାଟି ଯେ ମାଆ-ଟି!''*

ଏବେ ଫେରିଆସୁଛି ବିବେକାନନ୍ଦଙ୍କ କଥାକୁ। ସେ କହିଛନ୍ତି, ''ଆମ ପବିତ୍ର ଜନ୍ମଭୂମି ହେଉଛି ଧର୍ମ ଓ ଦର୍ଶନର ଦେଶ — ଆଧ୍ୟାତ୍ମିକ ମହାପୁରୁଷମାନଙ୍କ ଜନ୍ମସ୍ଥାନ — ନିର୍ବାଣର ଦେଶ, କେବଳ ଯେଉଁଠାରେ ପୁରାତନ ଯୁଗରୁ ସର୍ବାଧୁନିକ ଯୁଗ ପର୍ଯ୍ୟନ୍ତ ମଣିଷ ଜୀବନର ସର୍ବୋତ୍ତମ ଆଦର୍ଶଟି ତିଷ୍ଠି ରହିଛି।''

ଏବେ କହୁଛି ସ୍ୱୟଂ ଶ୍ରୀଅରବିନ୍ଦଙ୍କର ସେଇ ବିଖ୍ୟାତ ବାକ୍ୟଟିର କଥା। ସେ କହିଛନ୍ତି, ''ସମସ୍ତେ ସ୍ୱଦେଶକୁ ଗୋଟିଏ ଜଡ଼ ପଦାର୍ଥ, କେତେଗୁଡ଼ିଏ ଜମିବାଡ଼ି, ଜଙ୍ଗଲ, ପର୍ବତ, ନଦୀ ବୋଲି ଜାଣନ୍ତି; କିନ୍ତୁ ମୁଁ ସ୍ୱଦେଶକୁ ମା' ବୋଲି ଜାଣେ, ଭକ୍ତି କରେ, ପୂଜା କରେ।''

୧୮୯୩ ମସିହା। ବିଦେଶରେ ଶିକ୍ଷାଲାଭ କରି ଦେଶମାତୃକାର ସେବାରେ ନିଜ ଜୀବନକୁ ଉତ୍ସର୍ଗ କରିବାକୁ ଶ୍ରୀଅରବିନ୍ଦ ନିଜ ଦେଶକୁ ଫେରିଆସିଲେ। ଦେଶକୁ ପରାଧୀନତାର ଶୃଙ୍ଖଳରୁ ମୁକ୍ତ କରିବାକୁ ସେ ଥିଲେ ବଦ୍ଧପରିକର। ସେହି ସମୟରେ ଆଉ ଜଣେ ଭାରତୀୟ ଦେଶ ଓ ସନାତନ ଧର୍ମର ପ୍ରକୃତ ରୂପ ବିଶ୍ୱବାସୀଙ୍କୁ ଦେଖାଇବାକୁ ବିଦେଶକୁ ଗଲେ। ସେ ହେଉଛନ୍ତି ସ୍ୱାମୀ ବିବେକାନନ୍ଦ। ଦେଶମାତୃକାର ମଙ୍ଗଳକାମନାରେ ଉତ୍ସର୍ଗୀକୃତ ଦୁଇଟି ପ୍ରାଣର ବିପରୀତମୁଖୀ ଯାତ୍ରାକୁ ବକ୍ଷରେ ଧାରଣ କରି ସ୍ମରଣୀୟ ହୋଇ ରହିଲା ୧୮୯୩ ମସିହା।

ଆମେ ଜାଣୁ ଯେ ବଙ୍କିମଚନ୍ଦ୍ର, ରବୀନ୍ଦ୍ରନାଥ, ବିବେକାନନ୍ଦ ଏବଂ ଶ୍ରୀଅରବିନ୍ଦ ପ୍ରତ୍ୟେକେ ନିଜ ଦେଶ ଭାରତବର୍ଷକୁ ଭଗବତୀ ଜନନୀ, ମା' ବୋଲି ଅନୁଭବ କରୁଥିଲେ। ସେମାନଙ୍କ ଅଭିଜ୍ଞତାରେ ଭାରତବର୍ଷ କେବଳ ମାଟି ଦ୍ୱାରା ଗଠିତ ଏକ ଦେଶ ନୁହେଁ, ଜଡ଼ ପଦାର୍ଥ ନୁହେଁ। ସେମାନେ ମାଟିକୁ ମାଆ-ଟି ଭାବରେ ଉପଲବ୍ଧି କରିଥିଲେ। ତେଣୁ ସେମାନେ ସମଗ୍ର ବିଶ୍ୱକୁ ବିସ୍ମିତ କରି ଭାରତବର୍ଷର ପ୍ରକୃତ ସ୍ୱରୂପଟିକୁ ପ୍ରକାଶ କରିଥିଲେ।

ବିଦେଶରୁ ଫେରି ବିବେକାନନ୍ଦ କହିଥିଲେ, ''ବିଦେଶକୁ ଯିବା ପୂର୍ବରୁ ମୁଁ

* ପଙ୍କଜ ମଲ୍ଲିକଙ୍କ 'ଆମାର ଯୁଗ ଆମାର ଗାନ' ପୁସ୍ତକରୁ ଉଦ୍ଧୃତ। ଅନୁଲିଖନ: ଅରୁଣାଭ ସେନଗୁପ୍ତ।

ଭାରତବର୍ଷକୁ ଭଲ ପାଉଥିଲି। କିନ୍ତୁ ଏବେ (ବିଦେଶରୁ ଫେରିବା ପରେ) ମନେହେଉଛି ଭାରତର ପ୍ରତିଟି ଧୂଳିକଣା ମୋ ପାଖରେ ପବିତ୍ର, ଭାରତର ପବନ ମୋ ପାଖରେ ପବିତ୍ର। ଭାରତ ମୋର ପୁଣ୍ୟଭୂମି: ମୋ ତୀର୍ଥସ୍ଥାନ।''*

ବିବେକାନନ୍ଦ କହିଛନ୍ତି, "...ଶତ ଶତାବ୍ଦୀର ସମୁଜ୍ଜ୍ୱଳ ଶୋଭାଯାତ୍ରା ସାମନାରେ ମୁଁ ସ୍ତମ୍ଭିତ ବିସ୍ମୟରେ ଦଣ୍ଡାୟମାନ। ସେହି ଶୋଭାଯାତ୍ରାର କୌଣସି କୌଣସି ଅଂଶରେ ଆଲୋକ ରେଖା ସ୍ତିମିତ ପ୍ରାୟ, ପରକ୍ଷଣରେ ତାହା ପୁଣି ଦ୍ୱିଗୁଣ ତେଜରେ ଭାସ୍ୱର। ଆଉ ତାହାରି ମଝିରେ ମୋ ଦେଶ ରାଣୀ ପରି ପଦବିକ୍ଷେପରେ ପଶୁମାନବକୁ ଦେବମାନବରେ ରୂପାନ୍ତରିତ କରିବାର ବ୍ରତ ନେଇ ମହିମମୟ ଭବିଷ୍ୟତ ଆଡ଼କୁ ଅଗ୍ରସର। ସ୍ୱର୍ଗ ବା ମର୍ତ୍ତ୍ୟ କୌଣସି ଶକ୍ତିର ସାଧ୍ୟ ନାହିଁ ଏହି ଜୟଯାତ୍ରାର ଗତିରୋଧ କରିବ।''

୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ଦିନ ଆମ ମାତୃଭୂମି ଭାରତ ଶ୍ରୀଅରବିନ୍ଦଙ୍କ ଆଖି ଆଗରେ ଦ୍ୱି-ଖଣ୍ଡିତ ହେଲା। କିନ୍ତୁ ଅଗଷ୍ଟ ୧୫ ତାରିଖରେ ଶ୍ରୀଅରବିନ୍ଦ ଏକ ଉଜ୍ଜ୍ୱଳ ବାଣୀ ଦେଇଥିଲେ। ସେ ଦୃପ୍ତକଣ୍ଠରେ ଘୋଷଣା କରିଥିଲେ, ''ଯେମିତି ଭାବରେ ହେଉ, ଯେମିତି ଉପାୟରେ ହେଉ ବିଭକ୍ତୀକରଣ ଯିବ, ଏକତା ଆସିବହିଁ ଆସିବ, କାରଣ ଭବିଷ୍ୟତ ଭାରତର ମହାନତା ପାଇଁ ଏହା ଅପରିହାର୍ଯ୍ୟ।''

୧୯୫୦ ମସିହା ଅକ୍ଟୋବର ୧୮ ତାରିଖ। ସେଦିନ ଥିଲା ପ୍ରଣବର ଜନ୍ମଦିନ। ପୁଣି ସେଇଦିନ ଦୁର୍ଗାପୂଜା, ମହାଷ୍ଟମୀ। ସେଇ ଶୁଭମୁହୂର୍ତ୍ତରେ ପ୍ଲେ-ଗ୍ରାଉଣ୍ଡର ଦକ୍ଷିଣ ଦିଗର କାନ୍ଥରେ, ଯେଉଁଠାରେ ଠିଆହୋଇ ମା' ପିଲାମାନଙ୍କ ମାର୍ଚ୍ଚମାଷ୍ଟ ସମୟରେ ସାଲ୍ୟୁଟ ଗ୍ରହଣ କରନ୍ତି ସେଇଠାରେ ଭାରତବର୍ଷର ମାନଚିତ୍ର ତିଆରି କରିବାର ପରିକଳ୍ପନା କରିଥିଲେ ତେଜେନ୍‌ଦା' ଅର୍ଥାତ୍ ବିଖ୍ୟାତ ବାଘା ଯତୀନ୍‌ଙ୍କ ସନ୍ତାନ। ସେ ସାନସାନ ପିଲାମାନଙ୍କର ଗ୍ରୁପ୍ ନେଉଥିଲେ। ସମସ୍ତେ ତାଙ୍କୁ 'ବଡ଼ଦା' ବୋଲି ଡାକୁଥିଲେ। ପ୍ରଣବର ଜନ୍ମଦିନରେ ତାକୁ ଅବାକ୍ କରିଦେବା ପାଇଁ ପ୍ରଣବକୁ ପୂର୍ବରୁ କିଛି ନ କହି ତେଜେନ୍‌ଦା' ଏହି ବ୍ୟବସ୍ଥାଟି କରିଥିଲେ।

ପିଲାମାନଙ୍କ ଖେଳିବା ପାଇଁ ଅଗଣାରେ ଗୋଟିଏ ତୁଳାର ରାଜହଂସ ତିଆରି କରିଦେବାକୁ ମନୋରଞ୍ଜନଦା' ବିଭାକୁ କହିଥିଲେ। ଏହି ରାଜହଂସଟି ତିଆରି କରିବାକୁ ପ୍ରାୟ ଦଶଟି ତୁଳାର ପ୍ୟାକେଟ୍ ଲାଗିଥିଲା। ଅସୀମ ଧୈର୍ଯ୍ୟ ଓ ପରିଶ୍ରମର ସହ ବିଭା ହଂସଟିକୁ ନିପୁଣ ଭାବରେ ତିଆରି କରିଥିଲା। ତାହା ଖୁବ୍ ସୁନ୍ଦର ହୋଇଥିଲା।

* ସ୍ୱାମୀ ବିବେକାନନ୍ଦଙ୍କ 'ଆମାର ଭାରତ, ଅମର ଭାରତ'ରୁ ଉଦ୍ଧୃତ।

ପ୍ରଣବର ଜନ୍ମଦିନରେ ପ୍ଲେ-ଗ୍ରାଉଣ୍ଡରେ ପିଲାମାନଙ୍କ ଖେଳିବା ଜାଗାରେ ସଜାଇବା ପାଇଁ ଏହି ରାଜହଂସଟି ତିଆରି କରାଯାଇଥିଲା। ବୁଲେଟିନ୍‌ରେ ଏହି ହଂସଟି ସହିତ ମା'ଙ୍କର ଫଟୋଟିଏ ମଧ୍ୟ ବାହାରିଥିଲା। ହଂସଟିକୁ ତିନିଟା ସମୟରେ ପ୍ଲେ-ଗ୍ରାଉଣ୍ଡକୁ ଅଣାଗଲା। ବିଭା ନିଜେ ସେସମୟରେ ପ୍ଲେ-ଗ୍ରାଉଣ୍ଡରେ ଥିଲା। ବିଭା ଯେତେବେଳେ ହଂସଟିକୁ ଠିକ୍ ଭାବରେ ବସାଇବାରେ ବ୍ୟସ୍ତ, ସେଇ ସମୟରେ ତେଜେନ୍‌ଦା' ପ୍ଲେ-ଗ୍ରାଉଣ୍ଡର ଦକ୍ଷିଣ ଦିଗ କାନ୍ଥର ଗୋଟିଏ ସ୍ଥାନକୁ ଦେଖାଇ ବିଭାକୁ ପଚାରିଲେ, "ଏଇଠି ଭାରତବର୍ଷର ମାନଚିତ୍ରଟିଏ କରିଦେଇ ପାରିବ?"

ବିଭା ସାନନ୍ଦରେ ରାଜି ହୋଇଗଲା। ସକାଳଠାରୁ ରାଜହଂସ ପାଇଁ ଏତେ ପରିଶ୍ରମ କରିବା ପରେ ମଧ୍ୟ ପୁଣି ଭାରତବର୍ଷର ମାନଚିତ୍ର ତିଆରି! ତେଜେନ୍‌ଦା' ଜାଣିବାକୁ ଚାହିଁଲେ ମାନଚିତ୍ର ପାଇଁ କ'ଣ କ'ଣ ଦରକାର ହେବ। ବିଭା ତେଜେନ୍‌ଦା'ଙ୍କୁ ଅନୁରୋଧ କଲା ଯେମିତି ମାନଚିତ୍ରର ନକ୍‌ସାଟି କୃଷ୍ଣଲାଲଜୀ କରିଦିଅନ୍ତି। କିଛି ସବୁଜ ପତ୍ର, ମଇଦା ଅଠା ଏବଂ ମାନଚିତ୍ରର ମଝିରେ ମା'ଙ୍କ ପ୍ରତୀକ କରିବାକୁ ହଳଦିଆ ରଙ୍ଗର ଚନ୍ଦ୍ରମଲ୍ଲିକା ଆଣିଦେବାକୁ ବିଭା ତାଙ୍କୁ ଅନୁରୋଧ କଲା। ଏହି ଛୋଟ ଛୋଟ ଚନ୍ଦ୍ରମଲ୍ଲିକାର ନିହିତାର୍ଥ ମା' ଦେଇଛନ୍ତି ପ୍ରାଣଶକ୍ତି (Life Energy)। ସବୁ ସରଞ୍ଜାମ ତତ୍‌କ୍ଷଣାତ୍ ଆସିଗଲା।

ସମସ୍ତଙ୍କର କି ଉତ୍ସାହ, ଉଦ୍ଦୀପନା! ସତେ ଯେମିତି ଦୁର୍ଗାପୂଜାର ମଣ୍ଡପ ସଜା ହେଉଛି। କୃଷ୍ଣଲାଲଜୀ କାନ୍ଥରେ ଭାରତବର୍ଷର ମାନଚିତ୍ର ଆଙ୍କିଦେଲେ। ବିଭା ତତ୍‌କ୍ଷଣାତ୍ ଆଉ ଦୁଇ ତିନି ଜଣଙ୍କୁ ନେଇ କାମ ଆରମ୍ଭ କରିଦେଲା। ହାତରେ ବେଶୀ ସମୟ ନାହିଁ। ପାଞ୍ଚଟା ଭିତରେ ମା' ଟେନିସ୍ ଗ୍ରାଉଣ୍ଡରୁ ଆସିଯିବେ। ତା' ପୂର୍ବରୁ ଏଇ ମାନଚିତ୍ର ତିଆରି କାମ ଶେଷ କରିବାକୁ ପଡ଼ିବ। ବିଭାର ନିର୍ଦ୍ଦେଶରେ କେତେ ଜଣ ମିଶି ସବୁଜ ପତ୍ରଗୁଡ଼ିକରେ ଅଠା ଲଗାଇ ଦେଲେ ଆଉ ବିଭା ସେଗୁଡ଼ିକ ଭାରତର ମାନଚିତ୍ର ଉପରେ ଲଗାଇ ଚାଲିଲା। ଏ କାମଟି ଶେଷ ହେବାମାତ୍ରେ ହଳଦିଆ ରଙ୍ଗର ଛୋଟ ଛୋଟ ଚନ୍ଦ୍ରମଲ୍ଲିକା ଦେଇ ବିଭା ମା'ଙ୍କ ପ୍ରତୀକଟି କରିଦେଲା। ଅପୂର୍ବ ଦେଖାଯାଉଥିଲା ଭାରତର ମାନଚିତ୍ର ଏବଂ ତା' ମଧ୍ୟରେ ମା'ଙ୍କ ପ୍ରତୀକ। ଏସବୁ କାମ ଶେଷ ହେବା ସଙ୍ଗେ ସଙ୍ଗେହିଁ ମା'ଙ୍କ ଗାଡ଼ି ପ୍ଲେ-ଗ୍ରାଉଣ୍ଡର କବାଟ ପାଖରେ ଆସି ପହଁଞ୍ଚିଲା।

ପ୍ଲେ-ଗ୍ରାଉଣ୍ଡକୁ ଆସି ଭାରତର ମାନଚିତ୍ର ଦେଖି ମା' ଖୁବ୍ ଖୁସି ହେଲେ। ଭାରତର ସେହି ମାନଚିତ୍ରରେ ବ୍ରହ୍ମଦେଶ ନ ଥିଲା। ପରେ ଅନେକଙ୍କ ପ୍ରସ୍ତାବ ଅନୁସାରେ ମା' ସେଠାରେ ସ୍ଥାୟୀ ଭାବରେ ଭାରତର ମାନଚିତ୍ର ଅଙ୍କନ କରିବାକୁ

ଅନୁମତି ଦେଇଥିଲେ ଏବଂ ନିଜ ହାତରେ ଅବିଭକ୍ତ ଭାରତର ମାନଚିତ୍ର ଆଙ୍କି ଦେଇଥିଲେ। ତା' ଉପରେ ମନୋରଞ୍ଜନଦା' ସିମେଣ୍ଟ ଦେଇ ମାନଚିତ୍ରଟି ତିଆରି କରିଥିଲେ।

ଯେଉଁ ଅବିଭକ୍ତ ଭାରତବର୍ଷର ମାନଚିତ୍ରଟିକୁ ପ୍ଲେ-ଗ୍ରାଉଣ୍ଡର ଦକ୍ଷିଣ ଦିଗର କାନ୍ଥରେ ଆମେ ପ୍ରାଣ ଭରି ଦେଖୁ, ସେଇ ମାନଚିତ୍ରଟି ମା'ଙ୍କ ଦ୍ୱାରା ଅଙ୍କିତ। ମା' ଆଙ୍କିଥିବା ସେହି ଭାରତର ମାନଚିତ୍ରରେ କେବଳ ପାକିସ୍ତାନ ଓ ବାଂଲାଦେଶ ନୁହେଁ ନେପାଳ, ଭୁଟାନ, ସିକିମ୍, ବ୍ରହ୍ମଦେଶ ଓ ସିଂହଳ ମଧ୍ୟ ଅନ୍ତର୍ଭୁକ୍ତ। ମା' ତାଙ୍କ ଦିବ୍ୟ ଦୃଷ୍ଟିରେ ଯେଉଁ ଭାରତବର୍ଷକୁ ଜାଣନ୍ତି ତା'ର ପ୍ରକୃତ ରୂପଟି ସେ କାନ୍ଥରେ ଆଙ୍କି ଦେଇଥିଲେ। ଭାରତବର୍ଷ ଆଉ ବିଭକ୍ତ ହୋଇ ରହିଲା ନାହିଁ। ସ୍ୱୟଂ ଭାରତମାତା, ବିଶ୍ୱଜନନୀ ନିଜକୁ ପ୍ରକାଶ କଲେ। ଶ୍ରୀଅରବିନ୍ଦଙ୍କ ମହାପ୍ରୟାଣ ପୂର୍ବରୁହିଁ ଏହି ସ୍ମରଣୀୟ ଘଟଣାଟି ଘଟିଥିଲା।

ସ୍ୱୟଂ ଭାରତଜନନୀ ମାନୁଷୀ ତନୁ ଧାରଣ କରି ଓହ୍ଲାଇ ଆସିଛନ୍ତି। ମା' ସ୍ୱହସ୍ତରେ ଅଖଣ୍ଡ ଭାରତର ମାନଚିତ୍ର ଅଙ୍କନ କରି ସମଗ୍ର ପୃଥିବୀକୁ ଦେଖାଇଦେଲେ ଯେ ଭାରତବର୍ଷ ବିଭକ୍ତ ହୋଇ ନ ପାରେ। ସୂକ୍ଷ୍ମଜଗତରେ ଏହା ବିଭକ୍ତ ନୁହେଁ। ମା' କହିଛନ୍ତି, "...ଏହି ବିଭକ୍ତୀକରଣ ବିଧିର ବିଧାନ ନୁହେଁ, ଏହା ମଣିଷକୃତ ବିକଳାଙ୍ଗତା; ନିଃସଂଶୟରେ ମଣିଷକୃତ ବିକଳାଙ୍ଗତା।"

ମା'ଙ୍କ ଦ୍ୱାରା ଅଙ୍କିତ ନକ୍ସା ଉପରେହିଁ ସିମେଣ୍ଟ ବାଲି ଦେଇ ଅଖଣ୍ଡ ଭାରତର ମାନଚିତ୍ର ତିଆରି ହୋଇଥିଲା। ଏଇ ମାନଚିତ୍ରର ରଙ୍ଗ ସବୁଜ, ସମୁଦ୍ରର ରଙ୍ଗ ରୂପେଲୀ ଏବଂ ମାନଚିତ୍ରର ଚାରିପଟ ସୁନେଲୀ ରଙ୍ଗରେ ଘେରା। ଦେଖିଲେ ଆଖି ଲାଖିଯାଏ। ଆମେ ପ୍ରାଣ ଭରି ଏଇ ଅଖଣ୍ଡ ଭାରତବର୍ଷକୁ, ଭାରତଜନନୀଙ୍କୁ ଦର୍ଶନ କରୁ।

ଆଶ୍ଚର୍ଯ୍ୟ ଯୋଗାଯୋଗ। ଗାରଷ୍ଟିନ୍ ପ୍ଲେସ୍‌ର ବେତାର ଭବନର ମୁଖ୍ୟ ପ୍ରବେଶ ଦ୍ୱାର ନିକଟରେ ବୃତ୍ତ ମଧ୍ୟରେ ଥିବା ଭାରତବର୍ଷର ମାନଚିତ୍ର ମଧ୍ୟ ସବୁଜ ସିମେଣ୍ଟରେ ଅଙ୍କିତ ହୋଇଥିଲା !

ସେହି ଭାରତ ଜନନୀ, ବିଶ୍ୱଭୁବନର ଓ ସମଗ୍ର ସୃଷ୍ଟିର ମା' ଅଦିତି କହିଛନ୍ତି, "ଭାରତର କ୍ଷଣସ୍ଥାୟୀ ଏଇ ଦ୍ୱିଖଣ୍ଡିତ ଆକୃତି ସତ୍ତ୍ୱେ ମଧ୍ୟ ଏଇ ଅଖଣ୍ଡ ମାନଚିତ୍ର (ଯେଉଁଟି ମା' ପ୍ଲେ-ଗ୍ରାଉଣ୍ଡର କାନ୍ଥରେ ଆଙ୍କିଛନ୍ତି) ହେଲା ଭାରତର ପ୍ରକୃତ ମାନଚିତ୍ର। ଲୋକମାନେ ଯାହା ବି ଭାବନ୍ତୁ ନା କାହିଁକି ଏହା ଶାଶ୍ୱତକାଳ ପାଇଁ ଭାରତର ପ୍ରକୃତ ମାନଚିତ୍ର ହୋଇ ରହିବ।"

ଏଇ ମାନଚିତ୍ରର ମଝିରେ ହଳଦିଆ ରଙ୍ଗର ଚନ୍ଦ୍ରମଲ୍ଲିକା ଦେଇ ବିଭା ଯେମିତି ମା'ଙ୍କର ପ୍ରତୀକଟି ତିଆରି କରିଥିଲା ସେମିତି ପ୍ରତୀକଟିଏ ମା'ଙ୍କ ନିର୍ଦ୍ଦେଶ ଅନୁଯାୟୀ ମନୋରଞ୍ଜନଦା' ତାଙ୍କ ପରିଚିତ ଜଣେ କାରିଗର ଦ୍ୱାରା ପିତ୍ତଳରେ ଢଳାଇ କରି ଗଢ଼ାଇଥିଲେ ଏବଂ ଗଙ୍ଗାରାମ ତାହା ମାନଚିତ୍ର ଉପରେ ବସାଇଥିଲା । ମା'ଙ୍କ ପ୍ରତୀକର ନିହିତାର୍ଥ ଏମିତି:

କେନ୍ଦ୍ରୀୟ ବୃତ୍ତଟି ଭଗବତ୍ ଚେତନାର ପ୍ରତିନିଧିତ୍ୱ କରେ ।

ଚାରୋଟି ପାଖୁଡ଼ା ମା'ଙ୍କର ଚାରୋଟି ଶକ୍ତିର ପ୍ରତିନିଧିତ୍ୱ କରେ । ବାରଟି ପାଖୁଡ଼ା ମା'ଙ୍କ କାମ ପାଇଁ ପ୍ରକଟିତ ବାରଟି ଶକ୍ତିର ପ୍ରତିନିଧିତ୍ୱ କରେ ।

''ଏହା ହେଉଛି ସର୍ବୋଚ୍ଚ ପରମ ଚେତନାରୂପୀ ଶୁଭ୍ର ପଦ୍ମର ପ୍ରତୀକାତ୍ମକ ଚିତ୍ର । କେନ୍ଦ୍ରରେ ମହାଶକ୍ତି (ବିଶ୍ୱଗତ ସୃଷ୍ଟିଭାବେ ଦିବ୍ୟ ଜନନୀଙ୍କ ରୂପ) ତାଙ୍କର ଚାରି ବିଭାବ ତଥା ବାରଟି ବିଭୂତିରେ ବିରାଜିତ ରହିଛନ୍ତି ।''

ଶ୍ରୀଅରବିନ୍ଦଙ୍କ ପରି ମା' ମଧ୍ୟ କହିଛନ୍ତି, ଭାରତବର୍ଷ ମାଟି, ନଦୀ, ପର୍ବତ ନୁହେଁ । ଏହି ଦେଶର ଅଧିବାସୀମାନଙ୍କ ପାଇଁ ଭାରତବର୍ଷର ନାମ ହୋଇ ନାହିଁ । ଭାରତବର୍ଷ ଏକ ଜାଗ୍ରତ ଦେବୀ । କୁହାଯାଏ ସ୍ୱୟଂ ଶିବଙ୍କ ପରି ଭାରତବର୍ଷ ଜାଗ୍ରତ । ଭାରତବର୍ଷ ହେଲା ସ୍ୱୟଂ ଭଗବତୀ ଜନନୀ । ତାଙ୍କ ଇଚ୍ଛାନୁଯାୟୀ ସେ ମାନୁଷୀ ତନୁ ଧାରଣ କରି ନିଜକୁ ପ୍ରକାଶ କରନ୍ତି ।

ମା' ପ୍ରତିଦିନ ସନ୍ଧ୍ୟାରେ ଏଇ ଅଖଣ୍ଡ ଭାରତବର୍ଷର ମାନଚିତ୍ର ସାମନାରେ ଦୃପ୍ତ ଭଙ୍ଗୀରେ ଠିଆହୋଇ ମାର୍ଚ୍ଚପାଷ୍ଟ ସମୟରେ ତାଙ୍କ ସନ୍ତାନମାନଙ୍କର ସାଲ୍ୟୁଟ୍ ଗ୍ରହଣ କରୁଥିଲେ । ସେଇ ଦିବ୍ୟ ମୁହୂର୍ତ୍ତରେ ଭାରତ ଯେ ବିଭକ୍ତ ହୋଇ ନାହିଁ, କେବେ ବି ହୋଇପାରେ ନା ଏହି ଦୃଢ଼ ବିଶ୍ୱାସ ହୃଦୟର ଦୁଇ କୂଳକୁ ଅତିକ୍ରମ କରି ସାରା ଦେହ ମନକୁ ପ୍ଲାବିତ କରୁଥିଲା । ମାର୍ଚ୍ଚପାଷ୍ଟ ସମୟରେ ସନ୍ତାନମାନଙ୍କର ସାଲ୍ୟୁଟ୍ ଗ୍ରହଣ କରି ମା' ଆଶ୍ୱାସନା ଦେଉଥିଲେ ଯେ ଭାରତବର୍ଷ ଏକ ଅଖଣ୍ଡ ଦେଶ । ମା'ଙ୍କର ଏଇ ଯୁଦ୍ଧଂ ଦେହି ଭାବ ଓ ଦୃଢ଼ତା ଦେଖି ଆମ ମନ ଆନନ୍ଦରେ ଭରିଯାଉଥିଲା । ଦେଶକୁ ହରାଇବାର ବ୍ୟଥାବେଦନା ନିମିଷକରେ ଉଭେଇ ଯାଉଥିଲା ।

''ଭାରତର ଆତ୍ମା ଏକ ଏବଂ ଅଖଣ୍ଡ ।''



ଗ୍ରୁପ୍ ପୋଷାକରେ ଶ୍ରୀମାଙ୍କଠାରୁ ଲେଖିକାଙ୍କ ଆଶୀର୍ବାଦ ଗ୍ରହଣ



ପ୍ଲେ-ଗ୍ରାଉଣ୍ଡରେ ଶ୍ରୀମା ଓ ଅନ୍ୟମାନଙ୍କ ସହିତ ଲେଖିକା (ଶ୍ରୀମାଙ୍କ ବାମପାର୍ଶ୍ୱରେ ଦ୍ୱିତୀୟ)

# ପୂର୍ଣ୍ଣଯୋଗ ଓ ଶରୀର

ସେଇସବୁ ଦିନଗୁଡ଼ିକ କଥା କ'ଣ କେବେ ଭୁଲିହେବ ? ଅଞ୍ଜୁ, ପରମା ତୁମେମାନେ ବି ତ ଶୈଶବରୁ ମା'ଙ୍କ ସ୍ନେହଛାୟାରେ ମଣିଷ ହୋଇଛ। ମା'ଙ୍କ ହସ, ମା'ଙ୍କ କଥା ତୁମମାନଙ୍କ ହୃଦୟକନ୍ଦରରେ ଏବେ ବି ତ ଉଜ୍ଜ୍ୱଳ ହୋଇ ରହିଛି। ଥରେ ଯିଏ ଭଗବତୀ ଜନନୀଙ୍କୁ ମା' ବୋଲି, ବନ୍ଧୁ ବୋଲି ଜାଣିଛି ଓ ପାଇଛି ତା' ଜୀବନର ସୁରହିଁ ବଦଳି ଯାଇଛି। ତା' ହୃଦୟତନ୍ତ୍ରୀରେ ନିରନ୍ତର ଝଂକୃତ ହୋଇଛି, 'କର୍ତ୍ତ୍ରୀ ଯା'ର ମା' ମହେଶ୍ୱରୀ, ଏ ସଂସାରେ ସେ ଡରେ କାହାକୁ ?'

ମଣିଷ ଯେମିତି ଗଛର ଛାଇରେ ନିଶ୍ଚିନ୍ତରେ ବିଶ୍ରାମ କରେ, ଆମେ ସେମିତି ମା'ଙ୍କ ସ୍ନେହଛାୟାରେ ନିଶ୍ଚିନ୍ତରେ ଧୀରେ ଧୀରେ ବଢ଼ି ଉଠିଥିଲୁ। କେବଳ ମାତୃମୁଖୀ ହୋଇ ଆଗକୁ ଚାଲିବା ଛଡ଼ା ଅନ୍ୟ କୌଣସି ଚିନ୍ତା ନ ଥିଲା, ଭାବନା ବି ନ ଥିଲା। ଏହି ଆଗକୁ ଯିବାର ବିରାମ ନାହିଁ, ଛେଦ ନାହିଁ। ଅନନ୍ତ କାଳରୁ ଆମେ ମଣିଷମାନେ ଆସ୍ପୃହାଗ୍ନିର ମଶାଲ ଧରି ତାଙ୍କରି ଆଡ଼କୁ ଛୁଟି ଚାଲିଛୁ। ପ୍ରତିଟି ଅନ୍ତରରେ ଶତ ନଚିକେତା ଜାଗିଉଠିଲେ। କହିପାର, ମା' ସୁନାକାଠିର ପରଶରେ ଆମମାନଙ୍କୁ ଜଗାଇଦେଲେ। ଏଇ ନୂଆ ଜୀବନ ସମ୍ବନ୍ଧରେ ସେଇ ଶତ ନଚିକେତାର କେତେ ପ୍ରଶ୍ନ, କେତେ କୌତୂହଳ। ପ୍ରତି ଶୁକ୍ରବାର ଓ ବୁଧବାର ପ୍ଲେ-ଗ୍ରାଉଣ୍ଡରେ ଭାରତର ମାନଚିତ୍ର ସାମନାରେ ଚେୟାରରେ ବସି ସହଜ ସରଳ ଫରାସୀ ଭାଷାରେ ମା' ସେହିସବୁ ପ୍ରଶ୍ନର ଉତ୍ତର ଦେଉଥିଲେ। ପିଲାମାନଙ୍କ ମଧ୍ୟରେ ଦିବ୍ୟଭାବର ଏଷଣା, ଆଲୋକ, ଆନନ୍ଦ, ସ୍ୱାତନ୍ତ୍ର୍ୟ ଓ ଅମୃତତ୍ୱ ପାଇଁ ଏକ ଦୁର୍ଦମ ଆକୂତି ଜାଗ୍ରତ କରିବାକୁ ମା' ଅଭିନିବିଷ୍ଟ ହେଲେ। ମା'ଙ୍କର ସେଇ ଅଫୁରନ୍ତ ପ୍ରଶ୍ନୋତ୍ତର ସବୁ ବର୍ଷ ବର୍ଷ ଧରି ସେଇ ଚିନ୍ମୟୀ ଆକୂତି ଆଡ଼କୁ ମଣିଷମାନଙ୍କୁ ବାଟ ଦେଖାଉଛି।

ସୂର୍ଯ୍ୟମୁଖୀ ଫୁଲ ପରି ମାତୃମୁଖୀ ହୋଇ ଆମର ନୂଆ ଜୀବନ ଆରମ୍ଭ ହୋଇଥିଲା। ଗୋଟିଏ ପରମ ନିର୍ଭରତା ମା' ବିଶ୍ୱଜନନୀ ଆମ ଅସ୍ଥିମଜ୍ଜାରେ ମିଶାଇଦେଲେ। ଏହି ନିର୍ଭରତାର କେତୋଟି ଦୃଷ୍ଟାନ୍ତ ଦେଉଛି: ପିଲାମାନଙ୍କର ସବୁକିଛି ତ ଅଦ୍ଭୁତ ! ଜ୍ୱର ହୋଇଛି ? ମା'ଙ୍କୁ ଯାଇ କୁହ। ସ୍ଥିର ଦୃଷ୍ଟିରେ ମା' କିଛି ସମୟ ଛୋଟ ପିଲାଟିକୁ ଚାହିଁ ରହିଲେ। ପିଲାଟି ହସ ହସ ମୁହଁରେ ଓହ୍ଲାଇଗଲା। ନିଦରୁ ଉଠି ଦେଖେ ଜ୍ୱର ନାହିଁ। ଆଶ୍ଚର୍ଯ୍ୟ, ତାକୁ କ'ଣ ସତରେ ଜ୍ୱର ହୋଇଥିଲା ?

ମନେପଡ଼ୁଛି ତାରା ଓ ଲତା ଇତ୍ୟାଦିଙ୍କର ଭାଇ କାକେର କଥା। ପ୍ଲେ-ଗ୍ରାଉଣ୍ଡରେ ସବୁ କାମ ଶେଷ ହେବା ପରେ ମା' ମନୋଯୋଗ ଦେଇ ପ୍ରାୟ

କ୍ୟାପ୍‌ଟେନ୍‌ମାନଙ୍କର ବ୍ୟାୟାମ ଦେଖୁଥିଲେ। ପ୍ରଣବ ଧୈର୍ଯ୍ୟର ସହିତ ସବୁ କ୍ୟାପ୍‌ଟେନ୍‌ମାନଙ୍କୁ ନାନା ପ୍ରକାର ବ୍ୟାୟାମ ଶିଖାଉଥିଲା। ଏଇ ସମୟରେ ଗୌରୀ, ମୁଁ ଓ ଆହୁରି କେତେ ଜଣ ମା'ଙ୍କ ପାଖକୁ ଲାଗି ବସିରହୁଥିଲୁ। ଦିନେ ହଠାତ୍ ଏଇ ସମୟରେ କାକେ, ଯାହାର ବୟସ ସେତେବେଳେ ବୋଧହୁଏ ଚାରିବର୍ଷ ହେବ, ଦର୍‌ତ୍ୱାର୍ (Dortoir) ବୋର୍ଡ଼ିଂରୁ ବାହାରି ଆସି ସିଧା ମା'ଙ୍କ ପାଖରେ ହାଜର। ଗମ୍ଭୀର ଭାବରେ ମା'ଙ୍କ ଚରଣ ତଳୁ ତାଙ୍କ ପାଦ ରଖିବା ପାଇଁ ଥିବା ଷ୍ଟୁଲଟି ବାହାର କରି ନେଇ ସେ ମା'ଙ୍କ ଚରଣ ପାଖରେ ବସିପଡ଼ିଲା। ଟିକିଏ ହେଲେ ଭୟ ବା ସଙ୍କୋଚ ନାହିଁ। ମା'ଙ୍କ ମୁହଁକୁ ଚାହିଁ ଟିକିଏ ହସିଦେଇ ସେ ଗଭୀର ମନୋଯୋଗ ସହକାରେ କ୍ୟାପ୍‌ଟେନ୍‌ମାନଙ୍କ ବ୍ୟାୟାମ ଦେଖିବାକୁ ଲାଗିଲା। ମା' ତାକୁ ଚାହିଁ ସମ୍ମତି ଦେବା ପରି ଟିକିଏ ହସିଦେଲେ। ଏମିତି ପ୍ରତିଦିନ କାକେ ଗମ୍ଭୀର ହୋଇ ଆସି ମା'ଙ୍କ ପାଦ ରଖିବା ଷ୍ଟୁଲଟି ନେଇ ତାଙ୍କ ଚରଣ ପାଖରେ ବସୁଥିଲା ଯେମିତି ଛୋଟ କୁକୁର ଛୁଆଟିଏ !

ହେମା ଓ ପ୍ରେମା ମଧ୍ୟ ପ୍ରାୟ କାକେ ପରି କାଣ୍ଡ କରିଥିଲେ। ସ୍ପୋର୍ଟସ୍ ଗ୍ରାଉଣ୍ଡରେ ଟଗ୍ ଅଫ୍ ୱାର୍‌ର ଖେଳ ଚାଲିଥାଏ। ମା' ଖୁବ୍ ଉତ୍ସାହରେ ଏହି ଖେଳ ଦେଖୁଥା'ନ୍ତି। ହଠାତ୍ କେଉଁଠାରୁ ଗୋଲଗାଲିଆ ଛୋଟ ଛୋଟ ଦୁଇଟି ସୁନ୍ଦର ଝିଅ ଆସି ମା'ଙ୍କ ଚରଣ ତଳେ ବସିପଡ଼ିଲେ ଯେମିତି ସେହି ଜାଗାଟି ସେମାନଙ୍କ ବସିବାର ନିର୍ଦ୍ଦିଷ୍ଟ ସ୍ଥାନ! ବସିପଡ଼ି ଗମ୍ଭୀର ଭାବରେ ଖେଳ ଦେଖିବାକୁ ଲାଗିଲେ। ଆମେ ସମସ୍ତେ ତ ଅବାକ୍ ! ଝିଅ ଦୁଇ ଜଣଙ୍କର କିନ୍ତୁ ଭୟ ନାହିଁ, ସଙ୍କୋଚ ନାହିଁ। ପରମ ବିଶ୍ୱାସ ଓ ନିର୍ଭରତା ନେଇ ମା'ଙ୍କ ଚରଣ ତଳେ ଛୋଟ ଦୁଇଟି କୁକୁର ଛୁଆ ପରି ବସି ରହିଥା'ନ୍ତି। ଆଉ ମା' ସେମାନଙ୍କୁ ମଝିରେ ମଝିରେ ଚାହୁଁଥା'ନ୍ତି। ଏମିତି ନିର୍ଭରତା ଥିଲା ପିଲାମାନଙ୍କର। ସେମାନେ ଅନୁଭବ କରୁଥିଲେ ଯେ ମା' ସେମାନଙ୍କର ପରମ ବନ୍ଧୁ। ବିଶ୍ୱାସହିଁ ସେମାନଙ୍କୁ ଆଗେଇ ନେଉଥିଲା। ମା'ଙ୍କ କରୁଣା ଏବଂ ପିଲାମାନଙ୍କର ଅଗାଧ ଆସ୍ଥା ଓ ନିର୍ଭରତା ଏମିତି ଭାବରେ ଦେହର ଅଣୁ ପରମାଣୁରେ ମଧ୍ୟ କାମ କରିବାକୁ ଲାଗିଲା। ମା' କହିଛନ୍ତି ? ବାସ୍। ସେତିକିରେ ସମସ୍ତେ ମହା ଉତ୍ସାହରେ ଦୌଡ଼ିଲେ କାମକୁ ତାହା ଯେତେ ଶ୍ରମସାଧ୍ୟ ବା ଦୁରୂହ ହେଉ ନା କାହିଁକି। ସେତେବେଳେ ଆନନ୍ଦର ବନ୍ୟା ବୋହିଯାଉଥିଲା ଆଶ୍ରମରେ।

୧୯୫୦ ମସିହାରୁ ପ୍ଲେ-ଗ୍ରାଉଣ୍ଡରେ ପୂରା ଦମ୍‌ରେ ସବୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଗଲା। ଖେଳାଖେଳି ଆରମ୍ଭ ହେବା ପୂର୍ବରୁ ପ୍ରତ୍ୟେକ କ୍ୟାପ୍‌ଟେନ୍ ସେମାନଙ୍କ

ଗ୍ରୁପ୍‌ର ପିଲାମାନଙ୍କୁ ଧାଡ଼ି କରି ଛିଡ଼ା କରାଇ ଦେଉଥିଲେ। ସ୍ଥିର ଓ ଶାନ୍ତ ଭାବରେ ପିଲାମାନେ ଠିଆହୋଇ ରହୁଥିଲେ। ପ୍ରଥମେ କିଛି ସମୟ ଏକାଗ୍ର ହୋଇ ଶରୀରକୁ ମା'ଙ୍କ ଚରଣରେ ନିବେଦନ କରି ବ୍ୟାୟାମ, ଖେଳ ଇତ୍ୟାଦି ଆରମ୍ଭ ହେଉଥିଲା। ଖେଳ ଶେଷରେ ପୁଣି ଏକାଗ୍ର ହୋଇ ଖେଳ ବ୍ୟାୟାମ ଇତ୍ୟାଦି ଯାହା କରାଯାଉଥିଲା ସେସବୁ ମା'ଙ୍କ ଚରଣରେ ନିବେଦନ କରି ପ୍ରାର୍ଥନା କରାଯାଉଥିଲା ଯେ ଆମେ ଯେମିତି ସୁସ୍ଥ ଶରୀରର ଅଧିକାରୀ ହେଉ। ଏମିତି ହେଉଛି ଖେଳ ଛଳରେ ଆମ କର୍ମଯୋଗର ସାଧନା। ଆଶ୍ରମ କାହିଁକି, ସମଗ୍ର ପୃଥିବୀରେ ଏହା ପ୍ରଥମ। ପିଲାମାନଙ୍କୁ ନେଇ ସାଧନା! ପୁଣି ପୂର୍ଣ୍ଣଯୋଗ! ଶରୀର ଚର୍ଚ୍ଚା ନେଇ ଆରମ୍ଭ ହେଲା ସେଇ ଅଗ୍ନିତପସ୍ୟା। ପ୍ରାଣ କ୍ଷେତ୍ର ହୋଇଉଠିଲା ଖେଳ ପଡ଼ିଆ। ଏହି ଜଡ଼ ଦେହରେ ମଧ୍ୟ ମା'ଙ୍କ ଶକ୍ତି ଓ ଆଲୋକ ଯେମିତି କାମ କରିପାରେ ତା'ର ପ୍ରସ୍ତୁତି ଚାଲିଲା ଆମ ଅଜାଣତରେ।

ସେଇଥିପାଇଁ କହୁଥିଲି ଖେଳ ଛଳରେ ସାଧନା। କେତେ ଦୁରୂହ ଏଇ ସାଧନା! ଶରୀରକୁ ଉପେକ୍ଷା କଲେ ଚଳିବ ନାହିଁ। 'ଅନ୍ନଂ ବ୍ରହ୍ମ' ଅନ୍ନ ମଧ୍ୟ ବ୍ରହ୍ମ। ଯୁଗ ଯୁଗ ଧରି ସାଧନା ପଥରେ ଦେହକୁ ଅବହେଳା କରାଯାଇଥିଲା। ମା' ଏହି ଚିନ୍ତାଧାରାର ଗତିପଥ ବଦଳାଇ ଦେଲେ। ଏହା ଯେ କେତେ ବଡ଼ ବିବର୍ତ୍ତନ ତାହା ଆମର ବୋଧଗମ୍ୟ ହେବ ଅଦୂର ଭବିଷ୍ୟତରେ। ଏଇ ପାର୍ଥିବ ଜୀବନରେ ଫୁଟି ଉଠିବ ଦ୍ୟୁଲୋକର ଦୀପ୍ତି।

ବୟସ୍କମାନେ ସ୍ନେହସିକ୍ତ ଦୃଷ୍ଟିରେ ପିଲାମାନଙ୍କ ଆଡ଼କୁ ଚାହିଁ ମା'ଙ୍କର ଏଇ ନୂତନ ଅଭାବନୀୟ ଲୀଳାଖେଳା ବିସ୍ମିତ ହୋଇ ଦେଖୁଥିଲେ। ସେମାନଙ୍କର ଏତେ ଦିନର ଦୁଷ୍କର ତପସ୍ୟାର ପ୍ରଭାବରେ ଯେଉଁ ସ୍ଥିର ଗାମ୍ଭୀର୍ଯ୍ୟ ପ୍ରତିଷ୍ଠିତ ହୋଇଥିଲା ତାହା ପିଲାମାନଙ୍କ କଳକାକଳିରେ ଭାଙ୍ଗିଯିବାକୁ ଆରମ୍ଭ କରିଥିଲା। ସେମାନେ ମଧ୍ୟ ମା'ଙ୍କର ଏଇ ଲୀଳାଖେଳାରେ ଯୋଗ ଦେବାକୁ ଲାଗିଲେ। ଯେମିତି ସେମାନେ ମନ ପ୍ରାଣ ଶରୀରରେ ନୂଆ ଭାବରେ ଯୌବନ ଫେରିପାଇଲେ।

ପ୍ଲେ-ଗ୍ରାଉଣ୍ଡକୁ ପଶିଲେ ମନେ ହେଉଥିଲା ତାହା ଯେମିତି ଏକ ପରୀ ରାଇଜ। ଆମେ ଅନୁଭବ କରୁଥିଲୁ ଏକ ନୂଆ ପରିବେଶ। ସବୁବେଳେ ଯେମିତି ଉତ୍ସବର ପ୍ରସ୍ତୁତି ଚାଲିଥିଲା। ବୟସ୍କମାନଙ୍କର କଠିନ ଗମ୍ଭୀର ଭାବକୁ ମା' ଦୂରେଇ ଦେଲେ। ସେମାନେ ମଧ୍ୟ ନୂଆ ଉତ୍ସାହରେ ମା'ଙ୍କର ଏଇ କର୍ମଯୋଗ — ଶରୀରର ପରିବର୍ତ୍ତନ ସାଧନରେ ସାନନ୍ଦରେ ଯୋଗ ଦେଲେ। ପିଲାମାନଙ୍କ ସହିତ ସେମାନେ ବନ୍ଧୁ ପରି ମିଶିବାକୁ ଲାଗିଲେ। ନଳିନୀଦା', ପବିତ୍ରଦା', ଅମୃତଦା', ଦ୍ୟୁମାନ୍ ଭାଇ,

ପୁରାଣିଜୀ, ନୀରଦଦା' ଏବଂ ଆହୁରି ଅନେକେ ଆମର ପରମ ବନ୍ଧୁ ପାଲଟିଗଲେ। ଆମେ ବେଶ୍ ସହଜ ଭାବରେ ସେମାନଙ୍କ ସହିତ କଥାବାର୍ତ୍ତା କରୁଥିଲୁ। ଆଗରୁ ସେମାନଙ୍କ ସମ୍ବନ୍ଧରେ ଆମେ କହୁଥିଲୁ, ଏମାନଙ୍କୁ ହସିବା ମନା। ଅବଶ୍ୟ ଏକଥା ସେମାନଙ୍କ ଆଢୁଆଳରେ କହୁଥିଲୁ। ବୟସ୍କମାନେ ଗ୍ରୁପ୍ ୟୁନିଫର୍ମ ପିନ୍ଧିଲେ ଅନୁଭବ କରୁଥିଲେ ଯେମିତି ସେମାନେ ଅଳ୍ପ ବୟସର ତରୁଣ। ମାର୍ଚ୍ଚିଂ, ବ୍ୟାୟାମ ଇତ୍ୟାଦି କରିବାକୁ ସେମାନଙ୍କର କି ଉତ୍ସାହ। ଧୂଳିମାଟି ବୋଲି ହୋଇ ଛୋଟ ଛୋଟ ଶିଶୁ ଯେମିତି। ବୟସର ଚିନ୍ତା ମା' ସମସ୍ତଙ୍କ ମନରୁ ଘୁଞ୍ଚାଇଦେଲେ। ପ୍ଲେ-ଗ୍ରାଉଣ୍ଡକୁ ଆସି ସେମାନେ ନୂଆ ଜଗତର ଆଭାସ ପାଇଲେ। କହିବାକୁ ଇଚ୍ଛା ହୁଏ:

"ଭୁଲ ରେ ଧ୍ୟାନ, ଛାଡ଼ ରେ ଫୁଲ ଡାଲା
ଛିଡୁ ବସ୍ତ୍ର, ଲାଗୁ ଧୂଳିବାଲି
ଏକ ହୋଇ ତାଙ୍କରି ସାଥେ
କର୍ମଯୋଗେ ଘର୍ମ ପଡୁ ଝରି।"

କହିଥିଲି ବୟସର ଭାବନା ମା' ସମସ୍ତ ବୟସ୍କଙ୍କ ମନରୁ ପୋଛି ଦେଇଥିଲେ, ତା'ର ପ୍ରମାଣ ହେଉଛି ନଳିନୀଦା'ଙ୍କ ଅଶୀତିତମ ଜନ୍ମ ଦିବସ। କଲିକତାର ଭକ୍ତମାନେ ସ୍ଥିର କରିଥିଲେ ଯେ ସେମାନେ ଖୁବ୍ ଧୁମଧାମରେ ନଳିନୀଦା'ଙ୍କ ଅଶୀତିତମ ଜନ୍ମ ଦିବସ ପାଳନ କରିବେ। ଏଥିପାଇଁ ସେମାନେ ମା'ଙ୍କ ଅନୁମତି ଚାହିଁଲେ। ମା' କିନ୍ତୁ ଅନୁମତି ଦେଲେ ନାହିଁ। କହିଥିଲେ, "ତୁମେମାନେ ଆମ କାମ ନଷ୍ଟ କରିବାକୁ ଚାହୁଁଛ। ମୁଁ ଚେଷ୍ଟା କରୁଛି ନଳିନୀ ମନରୁ ବୟସର ଭାବନା ପୋଛି ଦେବାକୁ, ଆଉ ତୁମେମାନେ ତା' ଉପରେ ବୟସର ଭାର ଲଦି ଦେବାକୁ ଚେଷ୍ଟା କରୁଛ। ତାହା ହେବ ନାହିଁ।"

ନଳିନୀଦା' କହିଛନ୍ତି, "ଏଠାରେ ମୋର ବ୍ୟକ୍ତିଗତ ଗୋଟିଏ କଥା କହିବି। ଏହା ହେଉଛି ବୟସ ସମ୍ବନ୍ଧରେ। ସମ୍ଭବତଃ ମୋର ଅଶୀତିତମ ଜନ୍ମ ଦିବସ ବେଶ୍ ଜାକଜମକରେ ପାଳନ କରିବେ ବୋଲି ଯେତେବେଳେ କେହି ଜଣେ ମା'ଙ୍କୁ ଜଣାଇଲେ, ମା' ଦୃଢ଼ ଭାବରେ ଜୋର ଦେଇ କହି ଉଠିଥିଲେ, 'ନା, ନା, ତୁମେମାନେ ମୋ କାମକୁ ନଷ୍ଟ କରୁଛ। ମୁଁ ଚେଷ୍ଟା କରୁଛି ସେ ଯେମିତି ତା'ର ବୟସ ଭୁଲିଯାଉ ଆଉ ତୁମେମାନେ ଜିଗର କରୁଛ ତାକୁ ବୟସ କଥା ଜଣାଇଦେବାକୁ।' ବୟସ ହେଉଛି ଏମିତି ଏକ କଥା ଯାହାକୁ ଭୁଲିଯିବାକୁ ହେବ।"

ବୟସ୍କମାନେ ବୁଝିପାରିଥିଲେ ଯେ ଏଥର ଶରୀର ରୂପାନ୍ତର କରିବାର ସାଧନା ଆରମ୍ଭ ହୋଇଛି। ଆଶ୍ରମ ଜୀବନରେ ଗୋଟିଏ ବିରାଟ ପରିବର୍ତ୍ତନ ଆସିଲା।

ମନେ ପଡୁଛି ୧୯୪୧ ମସିହା କଥା। ଅଗଷ୍ଟ ୧୫ ତାରଖରେ ଶ୍ରୀଅରବିନ୍ଦଙ୍କ ଜନ୍ମଦିନ ପାଇଁ ତାଙ୍କ ଦର୍ଶନପ୍ରାର୍ଥୀ ହୋଇ ବାପାଙ୍କ ସହିତ ତପତୀ ଓ ମୁଁ ପ୍ରଥମେ ଆଶ୍ରମକୁ ଆସିଲୁ। ସେଇ ସମୟର ଆଶ୍ରମର ନିସ୍ତବ୍ଧ, ପବିତ୍ର ପରିବେଶ ଭୁଲିହୁଏ ନାହିଁ। ଆଶ୍ରମରେ ପ୍ରବେଶ କରିବା ମାତ୍ରେ ମନ ସ୍ୱତଃ ଅନ୍ତର୍ମୁଖୀ ହୋଇଯାଉଥିଲା। କି ବିରାଟ ଶାନ୍ତି ଆଶ୍ରମରେ ବିରାଜମାନ କରୁଥିଲା ! ପ୍ରତ୍ୟେକ ସାଧକ ସାଧିକା ସର୍ବଦା ଧ୍ୟାନମଗ୍ନ ଅବସ୍ଥାରେ ରହୁଥିଲେ। ସେମାନେ ଖୁବ୍ କମ୍ କଥା କହୁଥିଲେ। ସେମାନଙ୍କ ଜୀବନର ପ୍ରତିଟି ମୁହୂର୍ତ୍ତକୁ ସେମାନେ ମା' ଶ୍ରୀଅରବିନ୍ଦଙ୍କ ଚରଣରେ ଅର୍ଘ୍ୟ ରୂପେ ନିବେଦନ କରିବାକୁ ସଚେଷ୍ଟ ଥିଲେ। ସେମାନଙ୍କ କଲ୍ୟାଣରୁ ଆମେମାନେ ସାଧନା ପଥର ନାନା ଦୁରୂହ ସମସ୍ୟା ବିଷୟରେ ଏବଂ ସେସବୁକୁ କିପରି ସମ୍ମୁଖୀନ ହେବାକୁ ହେବ, ନିଜକୁ କିପରି ଏଇ ପଥର ଉପଯୁକ୍ତ ଭାବରେ ପ୍ରସ୍ତୁତ କରିବାକୁ ହେବ ଏସବୁର ସ୍ପଷ୍ଟ ନିର୍ଦ୍ଦେଶ ପାଇଛୁ। ନିଜର ସମସ୍ୟାସବୁ ଜଣାଇ ସେମାନେ ମା' ଶ୍ରୀଅରବିନ୍ଦଙ୍କ ପାଖକୁ ଅସଂଖ୍ୟ ଚିଠି ଲେଖୁଥିଲେ। 'ପତ୍ରାବଳୀ'ର ପ୍ରତ୍ୟେକଟି ବହି ଆମକୁ କେତେ ସାହାଯ୍ୟ ନ କରେ !

ମା'ଙ୍କ ନିର୍ଦ୍ଦେଶରେ ବୟସ୍କମାନେ ପ୍ଲେ-ଗ୍ରାଉଣ୍ଡରେ ଯୋଗ ଦେଲେ। ଅନ୍ତର୍ମୁଖୀ ଓ ବହିର୍ମୁଖୀ ଜୀବନ ଧାରାର ସମନ୍ୱୟ କରିବାକୁ ନୂଆ ପ୍ରକାର ସାଧନାରେ ବ୍ରତୀ ହେଲେ। 'ସମଗ୍ର ଜୀବନହିଁ ଯୋଗ', ଏହା ସେମାନେ ବିନା ଦ୍ୱିଧାରେ, ଅତି ସହଜରେ ମାନି ନେଲେ। ପ୍ଲେ-ଗ୍ରାଉଣ୍ଡରେ ପ୍ରବେଶ କଲେ ସେମାନଙ୍କର କି ଅନୁଭୂତି ହେଉଥିଲା ତାହା ନଳିନୀଦା' ଏମିତି ଭାବରେ ବର୍ଣ୍ଣନା କରିଛନ୍ତି:

"...ପ୍ଲେ-ଗ୍ରାଉଣ୍ଡରେ ପାଦ ଦେବାମାତ୍ରେ ଗୋଟିଏ ନୂଆ ପରିବେଶ, ଖୁସି, ଆନନ୍ଦ, ଆଲୋକ ଭରା ମୁକ୍ତ ଏକ ଜୀବନ ଆମକୁ ଆବୋରି ପକାଉଥିଲା। ଆଉ ଗ୍ରୁପ୍ ପୋଷାକ ପିନ୍ଧି ପକାଇଲେ ଆମେ ସ୍ୱାଭାବିକ ଭାବରେ ଯାହା, ତା'ଠାରୁ ଭିନ୍ନ ବୋଲି ଅନୁଭବ କରୁଥିଲୁ। ଆମ ଗ୍ରୁପର ବୟସ୍କମାନେ, ଏମିତିକି ଯେଉଁମାନେ ପ୍ରକୃତରେ ବୟୋଜ୍ୟେଷ୍ଠ ସେମାନେ ମଧ୍ୟ ନୀଳ ରଙ୍ଗର ହାଫ୍ ପ୍ୟାଣ୍ଟ ପିନ୍ଧି ନିଜକୁ ତରୁଣ ବୋଲି ମନେ କରୁଥିଲେ। ସଯତ୍ନେ ବୟସକୁ ପଛରେ ପକାଇ ଦେଇ ସେମାନେ ଯୁବ ସୁଲଭ ଭଙ୍ଗୀରେ ଘୁରିବୁଲୁଥିଲେ।"

ଏଥର ବୟସ୍କା ମହିଳାମାନଙ୍କ କଥା କହୁଛି। ସେମାନେ ମଧ୍ୟ ଖେଳାଖେଳିରେ ଓ ମାର୍ଚ୍ଚିଂରେ ଯୋଗ ଦେଇଥିଲେ। ହାଫ୍ ପ୍ୟାଣ୍ଟ ପିନ୍ଧିବାକୁ ସେମାନଙ୍କ ମନରେ ଟିକିଏ ହେଲେ ଦ୍ୱିଧା ବା ସଙ୍କୋଚ ନ ଥିଲା। ଏମାନେ ସମସ୍ତେ ଅଳ୍ପ ବୟସରେ ସଂସାରର ଘଣାରେ ପେଷି ହୋଇଛନ୍ତି। ନାନା ପ୍ରକାରର ସାମାଜିକ ନିଷେଧ ଭିତରେ ଏମାନଙ୍କ

ଜୀବନ ବିତିଛି। କିନ୍ତୁ ସେଇ କୁସଂସ୍କାରପୂର୍ଣ୍ଣ ସମାଜ ଓ ସଂସାରର ନିଷେଧର ଗଣ୍ଡି ଛିନ୍ନ କରି ଏମାନେ ପୂର୍ଣ୍ଣଯୋଗର ପଥ ଗ୍ରହଣ କରି ପାରିଥିଲେ। ଏମାନେ ଆମମାନଙ୍କର ନମସ୍ୟ। ମା'ଙ୍କ ନିର୍ଦ୍ଦେଶରେ ଗୋଟିଏ ମୁହୂର୍ତ୍ତରେ ଏଇ ବୟସ୍କା ମହିଳାମାନେ ସବୁ ସଂସ୍କାରକୁ ଅତିକ୍ରମ କରିପାରିଥିଲେ। ଝିଅମାନଙ୍କ ଭିତରେ ମା'ଙ୍କ ଶକ୍ତି ଯେ କେତେ ସହଜରେ କାମ କରିପାରେ ଏମାନେ ତା'ର ପ୍ରମାଣ। ଯୁଗ ଯୁଗ ଧରି ଯେଉଁ ଅନ୍ଧ କୁସଂସ୍କାର ଝିଅମାନଙ୍କୁ ଶକ୍ତ ଭାବରେ ବାନ୍ଧି ରଖିଥିଲା ସେହି ଶୃଙ୍ଖଳଟିକୁ ମା' ଗୋଟିଏ ମୁହୂର୍ତ୍ତରେ ଛିନ୍ନ କରିଦେଲେ। ସାହାନାଦି' ଓ ତାଙ୍କ ଦୁଇ ଭଉଣୀ ଅମିୟାଦି', ଅରୁଣାଦି'ଙ୍କ ସହିତ ରାଣୀଦି, ସ୍ୱର୍ଣ୍ଣଦି' (ମିନୁର ମା'), ଉଷାଦି' (ବାଘା ଯତୀନ୍‌ଙ୍କ ଜ୍ୟେଷ୍ଠପୁତ୍ର ତେଜେନ୍‌ଦା'ଙ୍କ ସ୍ତ୍ରୀ), ମୋଟା କାକିମା' (ପ୍ରଣବର ଖୁଡ଼ି), ପ୍ରଫୁଲ୍ଲମୟୀଦି' (ପ୍ରଣବର ମା'), ବିମଳାଦି', ଆଭାଦି' ଏବଂ ଆହୁରି ଅନେକ ବୟସ୍କା ମହିଳା ଅତି ସହଜରେ ହାଫ୍ ପ୍ୟାଣ୍ଟ ପିନ୍ଧି ମାର୍ଚ୍ଚିଂ କରିବାକୁ ଆରମ୍ଭ କରିଦେଲେ। ବଡ଼ ସାନ, ତରୁଣ ତରୁଣୀ ସମସ୍ତେ ମିଶି ମହା ଉତ୍ସାହରେ ଜେନେରାଲ୍ ମାର୍ଚ୍ଚିଂ କରୁଥିଲେ। ବୟସ୍କା ମହିଳାମାନଙ୍କ ପାଇଁ ମାର୍ଚ୍ଚିଂ କରିବା ଯେ କେତେ କଷ୍ଟକର ଥିଲା ତାହା ସ୍ୱଚକ୍ଷୁରେ ନ ଦେଖିଲେ ହୃଦୟଙ୍ଗମ କରିହେବ ନାହିଁ।

ହାଫ୍ ପ୍ୟାଣ୍ଟ? ତାହା ପୁଣି ବୟସ୍କା ମହିଳାମାନେ ପିନ୍ଧୁଛନ୍ତି? ସମସ୍ତଙ୍କ ଭିତରେ ଚାଞ୍ଚଲ୍ୟ। ଏହି ବୟସ୍କା ମହିଳାମାନଙ୍କ ଦ୍ୱାରା ମା' ପ୍ରମାଣ କଲେ ଯେ ନାରୀ ଓ ପୁରୁଷ ମଧ୍ୟରେ କୌଣସି ପ୍ରଭେଦ ନାହିଁ। ଏମିତିକି ମା' ଶ୍ରୀଅରବିନ୍ଦଙ୍କ ଅନୁଗତ ଭକ୍ତ ଓ ଶିଷ୍ୟମାନେ ମଧ୍ୟ ଝିଅମାନଙ୍କର ଏଇ ହାଫ୍ ପ୍ୟାଣ୍ଟ ପିନ୍ଧିବାକୁ ସହଜରେ ଗ୍ରହଣ କରିପାରି ନ ଥିଲେ, ବାହାରର ଲୋକଙ୍କ କଥା ଛାଡ଼। ଏଥିନେଇ କେତେ ନିନ୍ଦା, କେତେ ଅପବାଦ ଭରା ବେନାମୀ ଚିଠିସବୁ ମା'ଙ୍କ ପାଖକୁ ଆସୁଥିଲା। ଅପବାଦର ବଜ୍ରମୁଷ୍ଟି ହାତରୁ ଝିଅମାନଙ୍କର କେବେ ବି ନିଷ୍କୃତି ନାହିଁ।

ମାର୍ଚ୍ଚିଂ ଥିଲା ଗୋଟିଏ ଚ୍ୟାଲେଞ୍ଜ। ସମାଜ କୁହ, ସଂସାର କୁହ ବା ବୟସ କୁହ କିଛି ବି ସେମାନଙ୍କୁ ଟଳାଇ ପାରି ନାହିଁ। ସବୁଠାରୁ ବଡ଼ କଥା ହେଲା ଏମାନେ ସମସ୍ତେ ପ୍ରାୟ ଦଶ ବାର ବର୍ଷ ବୟସରୁ ଶାଢ଼ୀ ପିନ୍ଧିବାକୁ ଆରମ୍ଭ କରିଥିଲେ। ସେଇ ଶାଢ଼ୀ ଟିକିଏ ହେଲେ ଏପଟ ସେପଟ ହେବାର ପ୍ରଶ୍ନ ନ ଥିଲା। ଏମିତିକି ସାନ ସାନ ଝିଅ ଓ କିଶୋରୀମାନଙ୍କ ଉପରେ ମଧ୍ୟ ଏଥିପାଇଁ ଗୁରୁଜନମାନଙ୍କର କଡ଼ା ନଜର ଥିଲା। ସୁତରାଂ ହଠାତ୍ ହାଫ୍ ପ୍ୟାଣ୍ଟ ପିନ୍ଧିବା ଯେ ସେମାନଙ୍କ ପାଇଁ କେତେ ବଡ଼ ଚ୍ୟାଲେଞ୍ଜ ତାହା ସହଜରେ ବୋଧଗମ୍ୟ ହୁଏ। ବୟସ୍କ ପୁରୁଷମାନଙ୍କର ଏ ସମସ୍ୟା ନ ଥିଲା। ପୋଷାକ-ପରିଚ୍ଛଦ ପାଇଁ ସେମାନଙ୍କୁ କୌଣସି ପ୍ରକାର ଅସୁବିଧାରେ ପଡ଼ିବାକୁ ହୋଇ ନାହିଁ।

# ନିଃଶେଷ ଆତ୍ମବଳି

ମଝିରେ ମଝିରେ ମୋର ମନେପଡ଼େ ସେଇ ସନ୍ଧ୍ୟାର କଥା...। ପ୍ଲେ-ଗ୍ରାଉଣ୍ଡରେ ମାର୍ଚ୍ଚପାଷ୍ଟ ପାଇଁ ପ୍ରଣବ ଜଳଦଗମ୍ଭୀର କଣ୍ଠରେ ଡାକ ଦେଇଥାଏ, ''ଏକାଠି ହୁଅ''।

ସମସ୍ତେ ଦୌଡ଼ି ଦୌଡ଼ି ଆସି ନିଜ ନିଜ ଗ୍ରୁପ୍‌ରେ ଯଥାସ୍ଥାନରେ ଠିଆ ହୋଇଗଲେ। ମା' ଘରୁ ବାହାରି ଆସି ଭାରତର ମାନଚିତ୍ର ସାମନାରେ ଠିଆ ହେଲେ। ଆମେ ଚାରି ପାଞ୍ଚ ଜଣ ଝିଅ — ମିନିଦି', ମିଲିଦି, ଭିଓଲେଡ୍, ଗୌରୀ ଓ ମୁଁ ସେଇ ସମୟରେ ସେଠାରେ ମା'ଙ୍କୁ ଅପେକ୍ଷା କରି ରହୁଥିଲୁ। ମା' ଆସି ଭାରତର ମାନଚିତ୍ର ସାମନାରେ ସିଧା ଠିଆ ହୋଇ ନିଜର ଦୁଇ ହାତକୁ ପ୍ରସାରିତ କରି କହିଲେ, ''ମୁଁ କ୍ରୁଶବିଦ୍ଧ।''

ଏକଥା ଶୁଣିବା ମାତ୍ରେ ଆମେମାନେ ଆର୍ତ୍ତନାଦ କରିଉଠିଲୁ। ନିଜ ଅଜାଣତରେ ମା'ଙ୍କ ଦୁଇ ହାତକୁ ମୁଁ ଚଟ୍ କରି ତଳକୁ ଟାଣି ଦେଇ ସଜୋରେ କହିଉଠିଲି, ''କୌଣସି ପ୍ରକାରେ ନୁହେଁ, କେବେ ବି ନୁହେଁ, ଏମିତି ହୋଇପାରେ ନା।''

କି ସାଂଘାତିକ କଥା। ଦୁଃଖରେ ଓ ବେଦନାରେ ଆମେମାନେ ସ୍ତବ୍ଧ। ମୋତେ କ୍ରୁଶବିଦ୍ଧ କରାଯାଇଛି — ମା' କାହିଁକି ଏକଥା କହିଲେ? କି ଦୁଃଖ ମା'ଙ୍କର? କି ବେଦନା ତାଙ୍କର?

ମନେପଡୁଛି ଯୀଶୁଖ୍ରୀଷ୍ଟଙ୍କ କଥା। ତାଙ୍କୁ କେତେ ଅତ୍ୟାଚାର, ଯନ୍ତ୍ରଣା ସହ୍ୟ କରିବାକୁ ପଡ଼ିଥିଲା ଏବଂ ପରିଶେଷରେ ତାଙ୍କୁ କ୍ରୁଶବିଦ୍ଧ କରାଗଲା। ମା' କହିଛନ୍ତି, ମଣିଷମାନଙ୍କ ମଧ୍ୟରେ, ଏଇ ପୃଥିବୀରେ ଆଲୋକ ଓ ଭଲପାଇବା ବିତରଣ କରିବାକୁ ଯୀଶୁ ଆସିଥିଲେ। ମଣିଷ ଏତେ ଅକୃତଜ୍ଞ ଯେ ତାଙ୍କୁ କ୍ରୁଶବିଦ୍ଧ କଲା। କିନ୍ତୁ ସେ ଏଇ ଅକୃତଜ୍ଞ ମଣିଷମାନଙ୍କ ପାଇଁ ଭଗବାନଙ୍କୁ ପ୍ରାର୍ଥନା କରିଥିଲେ, ''ହେ ପ୍ରଭୁ, ଏମାନଙ୍କୁ କ୍ଷମା କର, କାରଣ ଏମାନେ କ'ଣ କରୁଛନ୍ତି ତାହା ଜାଣି ନାହାନ୍ତି।''

ବହୁ ଶତାବ୍ଦୀ ପୂର୍ବରୁ ଜଣେ ଅବତାର ପୃଥିବୀରେ ଜନ୍ମଗ୍ରହଣ କରିଥିଲେ। ଭଗବତ୍ ପ୍ରେମ ମଣିଷମାନଙ୍କ ମଧ୍ୟରେ ବିତରଣ କରିବା ଥିଲା ତାଙ୍କ ଉଦ୍ଦେଶ୍ୟ। କିନ୍ତୁ ମଣିଷମାନେ ତାଙ୍କୁ ମାରିଦେବାକୁ ତାଙ୍କ ପଛରେ ଛୁଟିଲେ। ସର୍ବାଙ୍ଗ ତାଙ୍କର କ୍ଷତବିକ୍ଷତ ହେଲା। ସେ ମରୁଭୂମି ମଧ୍ୟ ଦେଇ ଦୌଡୁଥା'ନ୍ତି। ଶୁଷ୍କ ମରୁଭୂମିରେ ସେ ହଠାତ୍ ଗୋଟିଏ ବୁଦା ଦେଖିବାକୁ ପାଇଲେ। ସେଇ ବୁଦାଟିର ଆଢୁଆଳରେ ସେ ଲୁଚିରହିଲେ। ସେଇ ନିଷ୍ଠୁର ଲୋମାନଙ୍କ କବଳରୁ ତାଙ୍କୁ ରକ୍ଷା କରିବାକୁ ବୁଦାଟି ଦେଖୁ ଦେଖୁ ବଢ଼ିବାରେ ଲାଗିଲା ଏବଂ ଗୋଟିଏ ବିରାଟ ଆକାର ଧାରଣ କଲା।

ଲୋକମାନେ ସେଇ ବୁଦାଟିର ପାଖଦେଇ ଗଲେ କିନ୍ତୁ ତାଙ୍କୁ ଦେଖି ପାରିଲେ ନାହିଁ। ସେମାନେ ଜାଣିପାରିଲେ ନାହିଁ ଯେ ଯାହାଙ୍କୁ ମାରିବାକୁ ସେମାନେ ଛୁଟିଛନ୍ତି ସେ ସେଇ ବୁଦା ମଧ୍ୟରେ ଶାନ୍ତିରେ ଦେହତ୍ୟାଗ କରିବାକୁ ଆଶ୍ରୟ ନେଇଛନ୍ତି। ତାଙ୍କର ପ୍ରତିଟି ରକ୍ତ ବିନ୍ଦୁ ସୁନ୍ଦର ଲାଲ ରଙ୍ଗର ଫୁଲ ହୋଇ ବୁଦାର ପ୍ରତିଟି ଡାଳରେ ଫୁଟି ଉଠିଲା। ଅପୂର୍ବ ସୁନ୍ଦର ଏଇ ଫୁଲ। ତାହା ଥିଲା ଡାଳିମ୍ବ ଗଛର ବୁଦା। ମା' ଡାଳିମ୍ବ ଫୁଲର ନାଁ ଦେଇଛନ୍ତି 'ଦିବ୍ୟ ପ୍ରେମ'। କାଳୀପୂଜା ଦିନ ମା' ଏଇ ଦିବ୍ୟ ପ୍ରେମ ଫୁଲର ପ୍ୟାକେଟ୍ ଆମମାନଙ୍କୁ ଆଶୀର୍ବାଦ ପୁଷ୍ପରୂପେ ଦେଉଥିଲେ। ଘଟଣାଟି ଆଶ୍ଚର୍ଯ୍ୟକର ମନେହେଉ ନାହିଁ କି? ଏଇ ଗଳ୍ପଟି ଆମେ ମା'ଙ୍କଠାରୁ ପ୍ଲେ-ଗ୍ରାଉଣ୍ଡରେ ଶୁଣିଥିଲୁ। ଏହା ହେଉଛି ଏକ କାଲଦୀୟ କାହାଣୀ (Chaldean Legend)। ମା' ଆହୁରି ମଧ୍ୟ କହିଛନ୍ତି ଯେ ଏଇ ଫୁଲ ଆମମାନଙ୍କ ପାଖରେ ଭଗବାନଙ୍କ ଭଲପାଇବାର ପ୍ରତୀକ ଓ ପ୍ରକାଶ।

ସ୍ନେହ, ପ୍ରେମ, ଭଲପାଇବା ମଣିଷମାନଙ୍କ ଭାଗ୍ୟରେ ନାହିଁ। ଯେଉଁମାନେ ସ୍ନେହ, ପ୍ରେମ, ଭଲପାଇବା ବିତରଣ କରିବାକୁ ଓହ୍ଲାଇ ଆସିଛନ୍ତି ସେମାନଙ୍କୁ କେବଳ କଷ୍ଟଭୋଗ କରିବାକୁ ପଡ଼ିଛି। ସେଇଥିପାଇଁ ମା'ଙ୍କ ମୁହଁରୁ, "ମୁଁ କ୍ରୁଶବିଦ୍ଧ" ଶୁଣି ଆମେ ଆର୍ତ୍ତନାଦ କରି ଉଠିଥିଲୁ। ମା'ଙ୍କ ମୁହଁରେ ଥିଲା ଏକ ରହସ୍ୟମୟ ସ୍ମିତହାସ୍ୟ।

ବହୁଦିନ ପୂର୍ବରୁ ଦେଖିଥିବା ଗୋଟିଏ ସ୍ୱପ୍ନ କଥା ମନେପଡୁଛି। ସ୍ୱପ୍ନରେ ଦେଖିଥିଲି ଗୋଟିଏ ନିର୍ଜନ ଘରେ ମୁଁ ଘୁରିବୁଲୁଛି। ଗୋଟିଏ ପ୍ରଶସ୍ତ କୋଠରିରେ ପଶି ଦେଖିଲି ବହୁଦୂରରେ ସେଇ କୋଠରିର ଗୋଟିଏ ପ୍ରାନ୍ତରେ ଗୋଟିଏ ଉଚ୍ଚ ସିଂହାସନରେ ବସି ମା' ଅବିଶ୍ରାନ୍ତ ଭାବରେ ଅଶ୍ରୁବିସର୍ଜନ କରୁଛନ୍ତି। ମା'ଙ୍କ ଦୁଇ ହାତ ତାଙ୍କ କୋଳ ଉପରେ ରହିଛି। ମୁଣ୍ଡ ତଳକୁ କରି ମା' ବସିଥା'ନ୍ତି। ଏତେ ଦୁଃଖର ଚିତ୍ର ମୁଁ ଆଉ କେଉଁଠି ଦେଖି ନାହିଁ। ମା' କାନ୍ଦୁଛନ୍ତି! ଥମକି ଯାଇ ମୁଁ କବାଟ ପାଖରେ ଛିଡ଼ା ହୋଇଗଲି। ସେଇ କୋଠରିରେ ମୁଁ ଆଉ କାହାକୁ ଦେଖିବାକୁ ପାଇଲି ନାହିଁ। ଚାରିଆଡ଼େ ଥମ୍‌ଥମ୍ ସ୍ତବ୍ଧତା ବିରାଜମାନ କରୁଥାଏ। ଏମିତି ଏକ ପରିବେଶରେ ମା'ଙ୍କର ଆକୁଳ କାନ୍ଦ ଦେଖି ମୋ ଆଖିରୁ ମଧ୍ୟ ଲୁହର ଧାରା ବୋହିବାକୁ ଲାଗିଲା। କେବଳ ଭିତରୁ ପ୍ରଶ୍ନ ଆସୁଥିଲା ଏ କଷ୍ଟ କ'ଣ ପାଇଁ? କ'ଣ ପାଇଁ ମା'ଙ୍କର ଏତେ ଦୁଃଖ? କେତେ ସମୟ ଯେ ଏମିତି ଭାବେ ବିତି ଗଲା ଜାଣିନି। ହଠାତ୍ ନିଦ ଭାଙ୍ଗିଗଲା। ମା' କାନ୍ଦୁଛନ୍ତି! ସାରାଦିନ ମୋ ମନ ଭାରାକ୍ରାନ୍ତ ହୋଇ ରହିଲା। ସାରାଦିନ ନାନା କାମରେ ବ୍ୟସ୍ତ ଥିଲେ ମଧ୍ୟ ସେଇ ସ୍ୱପ୍ନଟି କଥା ବାରଂବାର ମନେପଡୁଥିଲା। ମୁଁ ଦେଖିଥିବା ସ୍ୱପ୍ନଟି ଯେ ସତ୍ୟ ତାହା ବହୁ ବର୍ଷ ପରେ ଶ୍ରୀଅରବିନ୍ଦଙ୍କ 'ସାବିତ୍ରୀ'ରୁ Mother of Sorrow ବିଷୟଟି ପଢ଼ିବା ପରେ କିଛି ପରିମାଣରେ ବୁଝିପାରିଥିଲି।

ମା'ଙ୍କ ଅଶ୍ରୁସଜଳ ନୟନ ଆମେ ବହୁବାର ଦେଖିଛୁ। ପ୍ରତ୍ୟେକ ମଣିଷ, ଜୀବଜନ୍ତୁ, ଗଛପତ୍ର ସମସ୍ତଙ୍କ ପାଇଁ ମା'ଙ୍କର ଯେଉଁ ଦୁଃଖ ତାହା ଯେ ତାଙ୍କ ଭଲପାଇବା, ସ୍ନେହ, ଅନୁକମ୍ପା ଏକଥା ବହୁଦିନ ପରେ ଆମେମାନେ ବୁଝିପାରିଥିଲୁ। ମାନୁଷୀ ତନୁରେ ମା' ଏଇ ଧରାଧାମରେ ଅବତୀର୍ଣ୍ଣ ହୋଇଛନ୍ତି। ହୁଏତ ସେଇଥିପାଇଁ ତାଙ୍କ ଭଲପାଇବା, ଅନୁକମ୍ପା ତାଙ୍କ ସନ୍ତାନମାନଙ୍କର ବ୍ୟଥା ବେଦନାକୁ ଉପଶମ କରିବା ପାଇଁ ଅଶ୍ରୁକଣା ହୋଇ ଝରିପଡ଼େ।

"I have been pity, leaning over pain
And the tender smile that heals the wounded heart"

''କରୁଣାର ପ୍ରଲେପ ମୁଁ ବେଦନା ଉପରେ
ମଧୁର ସୁହାସ ମୁଁ ଆହତ ହୃଦୟେ।''

ଏମିତି ଯୋଗାଯୋଗ ଯେ ୧୯୫୩ ମସିହାର ଡିସେମ୍ବର ୧ ତାରିଖ କାର୍ଯ୍ୟକ୍ରମରେ ମା' ମୋତେ 'ସାବିତ୍ରୀ' ପୁସ୍ତକରୁ Mother of Sorrow ବିଷୟଟି ଆବୃତ୍ତି କରିବାକୁ ଦେଇଥିଲେ। ଆମ ମାଆ ବିଭାବତୀ ୧୯୫୩ ମସିହା ଅକ୍ଟୋବର ୧୨ ତାରିଖରେ ମୃତ୍ୟୁବରଣ କରିଥିଲେ। ତେଣୁ ସେସମୟରେ ଆମେମାନେ ଥିଲୁ ଶୂନ୍ୟ, ବେଦନାକ୍ଲିଷ୍ଟ। ମୋର ମନେହେଉଥିଲା ଯେମିତି କେହି ମୋ ଶରୀରରୁ ଚମଡ଼ା ବାହାର କରି ନେଇଛି। ଏଇ ତୀବ୍ର ବେଦନାଦାୟକ ମୁହୂର୍ତ୍ତରେ Mother of Sorrow ଆବୃତ୍ତି କରିବାବେଳେ ସ୍ୱଭାବତଃ ଆମ ମା' ବିଭାବତୀଙ୍କ ରୋଗ ଯନ୍ତ୍ରଣାକ୍ଲିଷ୍ଟ ମୁହଁଟି ମୋ ମାନସପଟରେ ଭାସିଉଠୁଥିଲା। ବାରଂବାର ଅନୁଭବ କରୁଥିଲି କେହି ଯେମିତି ମୋ ସର୍ବାଙ୍ଗରୁ ଚମଡ଼ା ଛିଣ୍ଡାଇ ବାହାର କରି ଦେଇଛି।

ମୁଁ କେମିତି ଆବୃତ୍ତି କରୁଛି ଶୁଣିବାକୁ ଦିନେ ମା' ମୋତେ ପ୍ଲେ-ଗ୍ରାଉଣ୍ଡର ସାକ୍ଷାତ୍କାର ରୁମ୍‌କୁ ନେଇଗଲେ। ମାର୍ଚ୍ଚପାଷ୍ଟ ପରେ ମା'ଙ୍କ ପଛେ ପଛେ ମୁଁ ସାକ୍ଷାତ୍କାର ରୁମ୍‌କୁ ପଶିଲି। ମା'ଙ୍କ ସାମନାରେ ମୁଁ ଏକୁଟିଆ ତାଙ୍କରି ଏକ ରୂପ ବିଷୟରେ ଆବୃତ୍ତି କଲି ! ସେଇ ମୁହୂର୍ତ୍ତର ଅସହ୍ୟ ବ୍ୟଥା ଓ ବେଦନାର ଯେଉଁ ଅନୁଭୂତି ତାହା ବ୍ୟକ୍ତ କରିବା କଷ୍ଟକର।

"I have become the sufferer and his moan,
I have lain down with the mangled and the slain,
I have lived with the prisoner in his dungeon cell.
Heavy on my shoulders weighs the yoke of Time:

Nothing refusing of creation's load.
I have borne all and know I still must bear:"

"ସନାତନ ତାପୀ ମୁହିଁ, ସମସ୍ତଙ୍କ ତାପ,
ବିଦଳିତ, ନିଷ୍ପେଷିତ ଆର୍ତ୍ତ ଅଙ୍ଗ ମୁହିଁ,
ଅନ୍ଧ-କାରାଗୁହା ତଳେ ବନ୍ଦୀ ସହ ମୁହିଁ।
ସ୍କନ୍ଧ ପରେ ଧରି ମୋର କାଳର ଜୁଆଳି,
ସୃଷ୍ଟିର ଦୁର୍ଭାର ପରିହରି ନାହିଁ କିଛି,
ସହେ ସବୁ, ସହିବାକୁ ଆଉ ଅଛି ଜାଣେ।"

ଆବୃତ୍ତି ଶେଷ କରିବା ପରେ ମୋତେ ପ୍ରକୃତିସ୍ଥ ହେବାକୁ ବେଶ୍ ସମୟ ଲାଗିଲା...। ମା'ଙ୍କୁ ଚାହିଁ ଦେଖେ ମା' ସ୍ଥିର ଦୃଷ୍ଟିରେ ମୋତେ ଚାହିଁରହିଛନ୍ତି। ନୟନ ତାଙ୍କର ଅଶ୍ରୁସଜଳ। କିଛି ସମୟ ପରେ ମୃଦୁକଣ୍ଠରେ ସେ କହିଲେ, "ବିଭାବତୀ ଶରୀର ତ୍ୟାଗ କରିବା ପରେ ତୁମ ଦେହରୁ କେହି ଚମଡ଼ା ଉତାରି ନେଇଗଲା ପରି ତୁମେ ଯେମିତି ଅନୁଭବ କରୁଛ, ଠିକ୍ ସେମିତି ବେଦନା ମୁଁ ସବୁବେଳେ ଅନୁଭବ କରେ, ସହ୍ୟ କରେ। ଏବେ ତୁମେ ବୁଝିପାରୁଥିବ ମୋର କେତେ ଦୁଃଖ, କେତେ ବେଦନା। ନିରନ୍ତର ଏଇ ପୃଥିବୀର ବେଦନାର ବୋଝ ମୁଁ ନୀରବରେ ବହନ କରି ଚାଲିଛି।"

"I am in all that suffers and that cries."

"ସମସ୍ତଙ୍କ ଅନ୍ତରରେ ଅର୍ଘ୍ୟ ବ୍ୟଥାତୁର ମୁହିଁ।"

ମା'ଙ୍କ ମୁହଁରୁ ଏଇ କଥା ଶୁଣି ମୋ ଅନ୍ତରରେ ବେଦନାର ଝଡ଼ ବହିଗଲା। ବୁଝିପାରିଲି, ମା' କାହିଁକି ସେଦିନ ଭାରତର ମାନଚିତ୍ର ସାମନାରେ ନିଜର ଦୁଇ ହାତ ପ୍ରସାରିତ କରି କହିଥିଲେ, "ମୁଁ କ୍ରୁଶବିଦ୍ଧ।" ବୁଝିପାରିଲି ସୃଷ୍ଟିର ଯେତେ ଦୁଃଖ, ବେଦନା, ଯନ୍ତ୍ରଣା ମା' ନିଜେ ଗ୍ରହଣ କରିଛନ୍ତି। ମା'ଙ୍କ ଏଇ ରୂପର ଗଭୀରତର ଅର୍ଥ ହେଲା, 'ଭଗବତୀ ଜନନୀଙ୍କର ନିଃଶେଷ ଆତ୍ମବଳି'।

# ନିଶ୍ଚେତନାରୁ ଉତ୍ତରଣ

"ଊର୍ଦ୍ଧ୍ୱେ ଆସୀନ ଜନକ ମୋର, ଅତଳ ଧାରିଣୀ ଜନନୀ।"

ପଦଚାରଣା କରିସାରିବା ପରେ ଦିନେ ପ୍ଲେ-ଗ୍ରାଉଣ୍ଡର ନିମ୍ବଗଛ ତଳେ ଠିଆହୋଇ ମା' କହିଲେ, "ମୁଁ ନିଶ୍ଚେତନା (inconscient)ରେ କାମ ଆରମ୍ଭ କରିଛି।"

ମୁଁ ବିସ୍ମୟରେ ଚମକି ଉଠିଲି। ମା'ଙ୍କ ବ୍ୟତୀତ କିଏ ଆଉ ଏଇ ଅତଳ ଗଭୀର ଅନ୍ଧକାରରେ ପ୍ରବେଶ କରି ପାରିବ? କାହାର ସେ ସାଧ୍ୟ ଅଛି?

ଶ୍ରୀଅରବିନ୍ଦ 'ମା' ବହିରେ ଲେଖିଛନ୍ତି: "...ଏହି ମହାଯଜ୍ଞରେ ସେ ଆତ୍ମବଳି ଦେବାକୁ ସମ୍ମତ ହୋଇଛନ୍ତି, ଏବଂ ଅଜ୍ଞାନର ରୂପ ଓ ତତ୍ତ୍ୱକୁ ମୁଖା ସଦୃଶ ପରିଧାନ କରିଛନ୍ତି। ତାହାଛଡ଼ା ବ୍ୟକ୍ତି ସତ୍ତାରେ ସେ କରୁଣାବଶ ହୋଇ ଉତରି ଆସିଛନ୍ତି ଅଜ୍ଞାନ ମଧ୍ୟରେ ଯଦ୍ୱାରା ଅଜ୍ଞାନକୁ ଜ୍ୟୋତିଃ ଆଡ଼କୁ ନେଇଯାଇପାରନ୍ତି ଏବଂ ଆସିଛନ୍ତି ଏହି ମିଥ୍ୟା ଓ ପ୍ରମାଦ ମଧ୍ୟକୁ ଯଦ୍ୱାରା ମିଥ୍ୟା ଓ ପ୍ରମାଦକୁ ସତ୍ୟରେ ପରିଣତ କରି ପାରନ୍ତି, ଆସିଛନ୍ତି ଏହି ମୃତ୍ୟୁ ମଧ୍ୟରେ ଯଦ୍ୱାରା ମୃତ୍ୟୁକୁ ଦିବ୍ୟଜୀବନରେ ରୂପାନ୍ତରିତ କରିପାରନ୍ତି; ଆସିଛନ୍ତି ଏହି ବିଶ୍ୱବେଦନା ଓ ତାହାର ଦୁରପନେୟ ଦୁଃଖଯନ୍ତ୍ରଣା ମଧ୍ୟରେ ଯଦ୍ୱାରା ତାଙ୍କର ପରମ ଆନନ୍ଦର ରୂପାନ୍ତରକାରୀ ଆବେଗରେ ବେଦନା-ଯନ୍ତ୍ରଣାର ଅବସାନ କରିପାରନ୍ତି। ସେ ସନ୍ତାନମାନଙ୍କ ପ୍ରତି ଗଭୀର୍ ଓ ବିପୁଳ ସ୍ନେହପରବଶରେ ଏହି ତମସାର ଆବରଣକୁ ପରିଧାନ କରିବାକୁ ସମ୍ମତ ହୋଇଛନ୍ତି; ଅଜ୍ଞାନ ଓ ମିଥ୍ୟାଶକ୍ତିରାଜିର ଆକ୍ରମଣ ଓ ସେସବୁର ପୀଡ଼ାଦାୟକ ପ୍ରଭାବକୁ କୃପା କରି ସହ୍ୟ କରିବାକୁ ସମ୍ମତ ହୋଇଛନ୍ତି, ଜନ୍ମମୃତ୍ୟୁର ତୋରଣକୁ ପାରହୋଇ ଚାଲିଆସିଛନ୍ତି, ସୃଷ୍ଟିର ଯେତେ ଦୁଃଖ-ଯନ୍ତ୍ରଣା ଓ ବେଦନା, ସମସ୍ତ ନିଜ ଉପରେ ଗ୍ରହଣ କରିଛନ୍ତି — କାରଣ ମନେହୁଏ ଏହାହିଁ ଏକମାତ୍ର ପନ୍ଥା, ଯଦ୍ୱାରା ସୃଷ୍ଟିକୁ ଜ୍ୟୋତିଃ, ଆନନ୍ଦ, ସତ୍ୟ ଓ ଶାଶ୍ୱତ ଜୀବନ ମଧ୍ୟକୁ ଉନ୍ନୀତ କରାଯାଇପାରେ। ଏହି ଯେଉଁ ବିରାଟ ଆତ୍ମବଳି, ସମୟ ସମୟରେ ଏହାର ନାମ ଦିଆହୋଇଛି ପୁରୁଷ-ଯଜ୍ଞ — କିନ୍ତୁ ଗଭୀରତର ଅର୍ଥରେ ଏହାକୁ କୁହାଯାଏ ପ୍ରକୃତିର ଯଜ୍ଞ, — ଭଗବତୀ ମା'ଙ୍କର ନିଃଶେଷରେ ଆତ୍ମବଳି।"

ସମ୍ପ୍ରତି ନଳିନୀଦା'ଙ୍କ ଦ୍ୱାରା ଲିଖିତ ଉପନିଷଦର ଗୋଟିଏ ଉପାଖ୍ୟାନ ପଢ଼ିଲି। ସେ ଲେଖିଛନ୍ତି: ସ୍ୱୟଂ ପରମ ପୁରୁଷ ନିଜକୁ ଏକା ମନେକଲେ ଏବଂ ଭାବିଲେ, 'ଏକାକୀ କେମିତି ସୁଖୀ ହୋଇହେବ?' ତେଣୁ ପରମପୁରୁଷ ଆତ୍ମବିଭାଜନ

କଲେ। ଅଦ୍ୱିତୀୟ ପରମ ସତ୍ତା ଦୁଇଟି ସତ୍ତାରେ ପରିଣତ ହେଲେ। ବ୍ରହ୍ମ ଓ ବ୍ରହ୍ମଶକ୍ତି, ଈଶ୍ୱର ଓ ଈଶ୍ୱରୀ, ପୁରୁଷ ଓ ପ୍ରକୃତି — ଏମାନେ ଯେମିତି ଦୁଇ ମେରୁର ଦୁଇ ପ୍ରାନ୍ତରେ ରହିଛନ୍ତି। କ୍ରମେ ବିଚ୍ଛିନ୍ନ ହୋଇ ମା' ଆଦ୍ୟାଶକ୍ତି ନିଶ୍ଚେତନାର ଗଭୀରରେ ପ୍ରବେଶ କଲେ। ପୂରାପୂରି ଜଡ଼ରେ ପରିଣତ ହେଲେ। ଆଉ ବ୍ରହ୍ମ ପରମ ପୁରୁଷ ନିଜ ଶକ୍ତିର ବିପରୀତ ଦିଗରେ ଶୂନ୍ୟରେ ବିଲୀନ ହେଲେ। ଦୁଇ ଜଣ ହେଲେ ବିପରୀତମୁଖୀ।

ସେଇ ମା' ଅଦିତି ମହାଶକ୍ତିଙ୍କ ପାଖରେ ମୁଁ ଠିଆହୋଇଛି। ସ୍ୱୟଂ ସେ କହୁଛନ୍ତି, ''ମୁଁ ଜଡ଼ ନିଶ୍ଚେତନାକୁ ଓହ୍ଲାଇ ଆସିଛି। ନିଶ୍ଚେତନାରେ ମୋ କାମ ଆରମ୍ଭ ହୋଇଯାଇଛି।''

ଗୋଟିଏ ଅଜଣା ଆତଙ୍କର ଶିହରଣ ମୋ ସର୍ବାଙ୍ଗରେ ବିଦ୍ୟୁତ୍ ଗତିରେ ଖେଳିଗଲା। ତଥାପି ମା'ଙ୍କୁ ବିଜ୍ଞଟିଏ ପରି କହିଲି, ''ତା'ହେଲେ କ'ଣ ହେଲା ମା'? ସବୁସ୍ତରରେ ତୁମ କାମ ଶେଷ କରି ଏବେ ଏଇ ନିଶ୍ଚେତନାରେ, ଜଡ଼ ଚେତନାରେ କାମ ଆରମ୍ଭ କରିଛ। ଏହା ତ ଶେଷ କାମ।'' ଏହା କହି ଗୋଟି ଗୋଟି କରି ସବୁ ସ୍ତରର ନାମ କହିବାକୁ ଲାଗିଲି। ଖୁବ୍ ଉତ୍ସାହୀ ହୋଇ କହିଲି, ''ମା' ଏବେ ତ କେବଳ ନିଶ୍ଚେତନାରେହିଁ ତୁମ କାମ ବାକି ଅଛି।''

ମୋ ବିଦ୍ୟାର ଦୌଡ଼ ଏବଂ ଅଜ୍ଞତା ଦେଖି ମା' ହସିହସି କହିଲେ, ''ନା, ନା, ଏହା ଏତେ ସହଜ ବୋଲି ଭାବ ନାହିଁ। ନିଶ୍ଚେତନାର ରାଜ୍ୟ ଏତେ ଘୋର ଅନ୍ଧକାରମୟ ଏବଂ ଏତେ ବିପଦସଂକୁଳ ସ୍ଥାନ ଯେ ଆଜି ପର୍ଯ୍ୟନ୍ତ କେହି ତାହା ସ୍ପର୍ଶ କରିବାକୁ ସାହସ କରି ନାହାନ୍ତି। ରୂପାନ୍ତର କରିବା ତ ଦୂରର କଥା। ଟିକିଏ ହଲାଇ ଦେଲେ ସେଥିରୁ କ'ଣ ଯେ ବାହାରିଆସିବ ତାହା ତୁମେ ଜାଣି ନାହଁ। ଯେତେସବୁ ଅଶୁଦ୍ଧତା, ଅଶ୍ଳୀଳତା , ବିଶୃଙ୍ଖଳା, ବିଭ୍ରାଟ, ଅସାଧୁତା, ଭଣ୍ଡାମି, କପଟତା, ମିଥ୍ୟା ସବୁକିଛି ବାହାରି ଆସିବ ଏବଂ ସାରା ବିଶ୍ୱ ଏମିତିକି ଆଶ୍ରମକୁ ମଧ୍ୟ ଘେରି ରଖିବ ଯାହା ତୁମେ ଧାରଣା ମଧ୍ୟ କରିପାରିବ ନାହିଁ। ଆଶ୍ରମରେ ଏମିତି ସବୁ ଅସତ୍ କ୍ରିୟାକଳାପ ଘଟିବ ଯାହା ତୁମେ କଳ୍ପନା ମଧ୍ୟ କରିପାରିବ ନାହିଁ। ସମସ୍ତେ ନିଜ ନିଜ ଭିତରେ ଏମିତି କଦର୍ଯ୍ୟ ଜିନିଷସବୁ ଦେଖିବାକୁ ପାଇବେ ଯେ ବିସ୍ମିତ ହୋଇଯିବେ। ବିଭ୍ରାନ୍ତି, ବିଶୃଙ୍ଖଳା ସବୁକିଛିକୁ ଏମିତିକି ମଣିଷମାନଙ୍କୁ ମଧ୍ୟ ଆବୋରି ରହିବ। ମିଥ୍ୟାର ପ୍ରାଧାନ୍ୟ ବଢ଼ିଯିବ।''

ମା'ଙ୍କଠାରୁ ଏସବୁ କଥା ଶୁଣି ମୁଁ ଖୁବ୍ ଡରିଗଲି। ମା'ଙ୍କ କହିବାର ଭଙ୍ଗୀ ଓ ତାଙ୍କ ଜଳଦଗମ୍ଭୀର କଣ୍ଠସ୍ୱରରେ କାଳବୈଶାଖୀ ଝଡ଼, ପ୍ରଚଣ୍ଡ ଝଞ୍ଜା ଓ

ତୋଫାନର ପୂର୍ବାଭାସ ମନ୍ଦ୍ରିତ ହେବାକୁ ଲାଗିଲା। ମନେହେଲା ଯେମିତି ସମଗ୍ର ଧରଣୀ ମିଥ୍ୟାତ୍ୱର ଘନ କଳା ମେଘରେ ଆଚ୍ଛନ୍ନ ହୋଇ ଯାଉଛି। ମନେହେଲା ଆମେ ଯେମିତି କୌଣସି ଅନ୍ଧକାରର ଅତଳ ଗହ୍ୱରରେ ବୁଡିଯାଉଛୁ...।

ମନେପଡୁଛି ଶୈଶବର ଗୋଟିଏ ବିଚିତ୍ର ଅଭିଜ୍ଞତାର କଥା। ସେତେବେଳେ ମୋର ବୟସ ଦଶ ବା ଏଗାର ବର୍ଷ ହେବ। ମୁଁ ପୋଖରୀରେ ଡିଆଁଡେଇଁ କରିବାକୁ ବେଶ୍ ଭଲପାଉଥିଲି। ଭୋରରୁ ଉଠି କୌଣସି ପ୍ରକାରେ ସ୍କୁଲର ପାଠ ଶେଷ କରି ଦଳବଳ ନେଇ ପୋଖରୀରେ ପଶୁଥିଲି। ବୟସ୍କ କେହି ଆମମାନଙ୍କୁ ପୋଖରୀରୁ ଉଠିଆସିବାକୁ ନ କହିବା ପର୍ଯ୍ୟନ୍ତ ମହା ଆନନ୍ଦରେ ପହଁରୁଥିଲୁ। ଆଉ ବର୍ଷା ଦିନରେ ତ କହିବାର ନାହିଁ। ଦଶ ଏଗାର ବର୍ଷ ବୟସରେ ସେଇ ନିର୍ଜନ ପରିବେଶରେ ପୋଖରୀରେ ପହଁରି, ପ୍ରକୃତି ସହିତ ମିଶିଯାଇ ବେଶ୍ ଆନନ୍ଦ ଉପଭୋଗ କରୁଥିଲି। ଘରେ କେହି ଏସବୁର ଟେର୍ ପାଉ ନ ଥିଲେ। ଲମ୍ବା କେଶକୁ କାଟି ଦେଇ ମେମ୍ ସାହେବ ପାଲଟିଥିଲି! ନିଜେହିଁ ନିଜର ନାପିତ। ମୁଣ୍ଡ ପୋଛି ପରିଷ୍କାର ପରିଚ୍ଛନ୍ନ ହୋଇ ଘରକୁ ଫେରୁଥିଲି। ତେଣୁ ଯେତେବେଳେ ମୋର ଜଣେ ସାଙ୍ଗ କହିଲା ଯେ ପୋଖରୀର ପୂରାପୂରି ତଳେ ମାଛମାନଙ୍କର ବସା ଅଛି, ସେତେବେଳେ ମାଛମାନଙ୍କର ବସା ଦେଖିବାକୁ ସ୍ୱାଭାବିକ ଭାବରେ ମୋର ଅଦମ୍ୟ କୌତୂହଳ ହେଲା। ଅବାକ୍ ମଧ୍ୟ ଲାଗିଥିଲା ଯେ ଏତେ ଦିନ ଧରି ମୁଁ ତାହା ଖୋଜି ନାହିଁ କେମିତି ? ଦିନେ ନିର୍ଜନ ଖରାବେଳେ ଲୁଚି ଲୁଚି ପଛପଟ କବାଟ ଦେଇ ଘରୁ ବାହାରି ଗଲି। ମାଛମାନଙ୍କର ବସା ଖୋଜିବାକୁ ପାଣିରେ ବୁଡ ଦେଲି। କିନ୍ତୁ ପୋଖରୀର ତଳ ପାଉ ନ ଥାଏ। ସେତେବେଳକୁ ଆଉ ଦମ୍ କୁଳାଉ ନ ଥାଏ। ସାଂଘାତିକ ଅବସ୍ଥା। ପାଣିର କି ପ୍ରଚଣ୍ଡ ଚାପ! ମନେହେଲା ବୋଧହୁଏ ଆଉ ଉପରକୁ ଆସିପାରିବି ନାହିଁ। ପାଣି ତଳେହିଁ ମୋ ଜୀବନ ଶେଷ ହୋଇଯିବ।

ମା'ଙ୍କ କଥା ଶୁଣି ମୋର ସେଇ ପ୍ରକାର ଅବସ୍ଥା ହେଲା। ମନେହେଲା ଯେମିତି ମୁଁ ଗଭୀର ଅନ୍ଧକାର ମଧ୍ୟରେ ବୁଡି ଯାଉଛି। ନିମ୍ନ ପ୍ରକୃତି ଯେଉଁ ପ୍ରଚଣ୍ଡ ଚାପ ସୃଷ୍ଟି କରେ, ଯେଉଁ ବାଧାବିଘ୍ନ ଜୀବନ ପଥରେ ଓ ସାଧନା ପଥରେ ଘଟାଏ ତା'ର ତୁଳନା ନାହିଁ। ଏହାଛଡ଼ା ସ୍ୱୟଂ ମା' ଆମମାନଙ୍କ ଭିତରେ ଉପସ୍ଥିତ ରହିଛନ୍ତି। ତାଙ୍କ ସ୍ପର୍ଶ ପାଇ ନିମ୍ନ ପ୍ରକୃତିରେ ଯାହାସବୁ ଅଶୁଦ୍ଧି ରହିଛି ସେସବୁ ଗୋଟିଏ ସୁପ୍ତ ଆଗ୍ନେୟଗିରି ଜାଗ୍ରତ ହେବା ପରି ପ୍ରଚଣ୍ଡ ବେଗରେ ଛିଟିକି ବାହାରକୁ ବାହାରି ଆସୁଛି। ଅଗ୍ନ୍ୟୁତ୍ପାତ ଆରମ୍ଭ ହୋଇଯାଇଛି। ସାରା ପୃଥିବୀକୁ ଯେମିତି ସୀତାଙ୍କର ଅଗ୍ନିପରୀକ୍ଷା ଦେବାକୁ ହେଉଛି। ଯେଉଁସବୁ କଳୁଷତା ଯୁଗ ଯୁଗ ଧରି ନିଶ୍ଚେତନାରେ ଅବରୁଦ୍ଧ

ଥିଲା ଆଜି ସମଗ୍ର ପୃଥିବୀ ଓ ମଣିଷ ତା'ର ମୁହାଁମୁହିଁ ହୋଇଛନ୍ତି ।

ସମୁଦ୍ର ମନ୍ଥନ ଆରମ୍ଭ ହୋଇଯାଇଛି । ସମୁଦ୍ର ହେଲା ବିଶ୍ୱସୃଷ୍ଟି, ସୃଷ୍ଟି ସମୁଦ୍ର । ମନ୍ଥନ ହେଲା ସୃଷ୍ଟିର ଗଭୀରରେ ଆଲୋଡ଼ନ । ତୀବ୍ର ଭାବରେ ସାରା ବିଶ୍ୱରେ ଏଇ ମନ୍ଥନ ଚାଲିଛି । ସମୁଦ୍ର ମନ୍ଥନର କାହାଣୀଟି ଏମିତି:

ଅରଣି ଘର୍ଷଣ କଲେ ଅଗ୍ନି ଜଳିଉଠେ । ଅରଣି ହେଉଛି ତାହା ଯାହା ମଧ୍ୟରେ ଅଗ୍ନି ଅର୍ଥାତ୍ ଚିତ୍‌ଶକ୍ତି ବା ତପଃଶକ୍ତି ନିହିତ ଅଛି । ଆମମାନଙ୍କର ଏହି ସ୍ଥୂଳଦେହ, ସ୍ଥୂଳ ଆୟତନ ମଧ୍ୟ ଅରଣି । ଅରଣିକୁ କୁହାଯାଏ ଅଗ୍ନିଯୋନି ।

ବେଦରେ ବିଶ୍ୱାମିତ୍ର ଋଷି କହିଛନ୍ତି, ହେ ମଣିଷ, ମନ୍ଥନ କର, ତୁମ ସତ୍ତାକୁ ମନ୍ଥନ କରି ଚିତ୍‌ଶକ୍ତିକୁ ଜାଗ୍ରତ କର ।

ଏବେ କହୁଛି ଭାଗବତରେ ବର୍ଣ୍ଣିତ ସମୁଦ୍ର ମନ୍ଥନ ବିଷୟରେ: ସମଗ୍ର ସୃଷ୍ଟିରେ ଅନ୍ଧକାରର ରାଜତ୍ୱ, ଅସୁରମାନଙ୍କର ଅତ୍ୟାଚାର । ଦେବତାମାନେ (ଅର୍ଥାତ୍ ଦିବ୍ୟ ଅଭୀପ୍‌ସା) ଗଲେ ବିଷ୍ଣୁଙ୍କ ପାଖକୁ । ବିଷ୍ଣୁ କହିଲେ ଅସୁରମାନଙ୍କ ସହିତ ଯୁଦ୍ଧ କରି ତୁମେମାନେ ଜିତି ପାରିବ ନାହିଁ । ସେମାନେ ବଳବାନ୍ । ତୁମେମାନେ ଶକ୍ତିମାନ୍ ହୁଅ । ସମୁଦ୍ର ମନ୍ଥନ କରି ଅମୃତ ପାନ କର । ସମଗ୍ର ସୃଷ୍ଟି–ସମୁଦ୍ର ବ୍ୟାପୀ ହେବ ଏଇ ମନ୍ଥନ । ଅସୁରମାନଙ୍କୁ ମଧ୍ୟ ସାଥିରେ ନିଅ ।

ସମୁଦ୍ର ହେଲା ବିଶ୍ୱ ଭୁବନ, ସୃଷ୍ଟି ସମୁଦ୍ର । ମନ୍ଦର ପର୍ବତ ହେଲା ମନ୍ଥନ ଦଣ୍ଡ । ମନ୍ଦର ପର୍ବତ ହେଉଛି ଏହି ଶରୀର । ଶରୀରରେ ବି ତ ସମୁଦ୍ର ମନ୍ଥନ ଚାଲିଛି । ବାସୁକି ହେଲେ ରଜ୍ଜୁ । ବାସୁକି ହେଉଛନ୍ତି ବିଶ୍ୱପ୍ରାଣ, ପ୍ରାଣଶକ୍ତି । ପ୍ରାଣଶକ୍ତିକୁ ରଜ୍ଜୁ କରି ଶରୀରକୁ ଅର୍ଥାତ୍ ମନ୍ଦର ପର୍ବତକୁ ବେଷ୍ଟନ କରି ସମୁଦ୍ର ମନ୍ଥନ କରିବାକୁ ହେବ ।

ଏହି ମନ୍ଥନରେ ଅର୍ଥାତ୍ ସାଧନାର ପ୍ରଥମରେ ଉଠିବ ହଳାହଳ ବିଷ । ସାଧନା ପଥରେ ପ୍ରଥମେ ସାଧକ ଭିତରେ ଯାହା ଉଠିଆସେ ତାହା ହେଉଛି ଭିତରର ବିଷ । ଏବଂ ସେହି ବିଷ ପାନ କରନ୍ତି ସର୍ବମଙ୍ଗଳମୟ ଶିବ । ଭଗବାନ ମଣିଷର ଏହି ସଞ୍ଚିତ ହଳାହଳ ବିଷ କଣ୍ଠରେ ଧାରଣ କରି ସାଧକକୁ, ପୃଥିବୀକୁ ରକ୍ଷା କରନ୍ତି ।*

ମୁଁ କିଛି ସମୟ ଚୁପ୍‌ହୋଇ ରହିଲି । ତା'ପରେ ଅସ୍ଫୁଟ ସ୍ୱରରେ ମା'ଙ୍କୁ କହିଲି, ''ଆମକୁ ଏଇ ଅବସ୍ଥାରେ କେତେଦିନ ରହିବାକୁ ହେବ ମା'? ନିମ୍ନପ୍ରକୃତିର ରୂପାନ୍ତର କ'ଣ ହୋଇପାରିବ ? ତୁମେ ଯେମିତି ଚାହଁ ଆମେ ତ ସେମିତି ହେବାକୁ ଚାହୁଁ ମା' ।''

ଆଶ୍ୱାସ ଦେଇ ଗଭୀର ଭଲପାଇବା ସହିତ ମା' କହିଲେ, ''ହେବ, ହେବ ।

* ଅମଳେଶ ଭଟ୍ଟାଚାର୍ଯ୍ୟଙ୍କ ସୌଜନ୍ୟରୁ ସମୁଦ୍ର ମନ୍ଥନର ଏହି ନିହିତାର୍ଥ ବିଶଦଭାବେ ଜାଣିଛି ।

ଏମିତି ଦିନ ଆସିବ ଯେ ମୁଁ ଯଦି ତୁମକୁ କହିବି, 'ପ୍ରୀତି, ମୋତେ ଗୋଟିଏ ଛୁଞ୍ଚି ଦିଅ।' ତୁମେ ମୋତେ ପଚାରିବ, 'ଛୁଞ୍ଚି କେଉଁଠି ଅଛି ମା'?' ସେତେବେଳେ ମୁଁ ତୁମକୁ କହିବି, 'ସେଇ ଆଲମାରୀଟି ଖୋଲ, ଦେଖ, ସେପଟେ ଗୋଟିଏ ବାକ୍ସ ଅଛି। ବାକ୍ସଟି ଖୋଲି ଦେଖ ତା' ଭିତରେ ଆଉ ଗୋଟିଏ ଛୋଟ ବାକ୍ସ ଅଛି। ସେଇ ଛୋଟ ବାକ୍ସଟି ଖୋଲ। ତା' ଭିତରେ ବହୁତଗୁଡ଼ିଏ ଛୁଞ୍ଚି ରହିଛି। ସେଥିରୁ ଶେଷ ଆଡ଼କୁ ଥିବା ଗୋଟିଏ ଛୁଞ୍ଚି ନେଇଆସ।' ଏମିତି ନିଖୁଣ ହେବ ସବୁକିଛି। କେଉଁଠି ଟିକିଏ ହେଲେ ବିଶୃଙ୍ଖଳା ରହିବ ନାହିଁ।''

ମା'ଙ୍କ କଥା ଶୁଣି ଭାବିଲି ଏମିତି ଭାବରେ ଆମ ଭିତରେ, ଆଶ୍ରମରେ, ସାରା ବିଶ୍ୱର ସମଗ୍ର ସୃଷ୍ଟିରେ ପୁଙ୍ଖାନୁପୁଙ୍ଖଭାବେ ମା'ଙ୍କ କାର୍ଯ୍ୟ ସମାପ୍ତ ହେବ। ନିଶ୍ଚେତନାର ଗଭୀର ଗହନରୁ ଆମମାନଙ୍କ ହାତ ଧରି ମା' ଟାଣି ଆଣିବେ। ସ୍ୱସ୍ତିର ନିଶ୍ୱାସ ମାରିଲି।

*

ପିଲାବେଳେ ଗଭୀର ପାଣିର ପ୍ରଚଣ୍ଡ ଚାପ ସହିତ ଯୁଦ୍ଧ କରି ଉପରକୁ ଉଠିବାର ଅଭିଜ୍ଞତା ବିଷୟରେ କହିଥିଲି। ପୋଖରୀର ଗଭୀର ପାଣି ଭିତରୁ ଯୁଦ୍ଧ କରି ଉପରକୁ ଭାସି ଉଠିଥିଲି। ସ୍ୱାଭାବିକ ଭାବରେ ନିଶ୍ୱାସ ନେବାକୁ ସକ୍ଷମ ହେବାରେ କି ଆନନ୍ଦ! ମୁଁ, ସେଇ ଛୋଟ ଝିଅଟି ପୋଖରୀ କୂଳରେ ଏକା ଏକା ବସିଥିଲି। ଧୂଧୂ କରୁଥିଲା ଚାରିଆଡ଼। କେଉଁଠି ଗୋଟିଏ ହେଲେ ଜନପ୍ରାଣୀ ନ ଥିଲେ। ମୃତ୍ୟୁ କବଳରୁ ରକ୍ଷା ପାଇ ସେଦିନ ଏକ ଅବର୍ଣ୍ଣନୀୟ ଆନନ୍ଦ ଉପଲବ୍ଧି କରିଥିଲି। ମା'ଙ୍କର ଏଇ ଆଶ୍ୱାସନା ବାଣୀ ଶୁଣି ଠିକ୍ ସେମିତି ବୋଧ ହେଲା।

ମା'ଙ୍କର ଆଶ୍ୱାସନା ବାଣୀ ଶୁଣି ଛାତି ହାଲୁକା ହୋଇଗଲା। ବିଶ୍ୱବ୍ୟାପୀ ଏଇ ମନ୍ଥନ ପରେ ଉଠିଆସିବ ଉଚ୍ଚୈଃଶ୍ରବା ଶ୍ୱେତ ଅଶ୍ୱ ଅର୍ଥାତ୍ ଦିବ୍ୟଶକ୍ତି। ନିଶ୍ଚେତନାରେ ମା'ଙ୍କ କାମ ଶେଷ ହେବା ପରେ ଜାଗିଉଠିବ ଆଧ୍ୟାତ୍ମିକ ଶକ୍ତି। ଅମୃତ କଳସ ବହନ କରି ମା' ନିଶ୍ଚେତନାରୁ ଉଠିଆସିବେ। ଅମୃତ କଳସ ହେଲା ଅମରତ୍ୱ। ଅସୁରମାନେ ଅମରତ୍ୱ ପାଇପାରିବେ ନାହିଁ। ଦେବତାମାନେ ଅମୃତ ଅର୍ଥାତ୍ ଅମରତ୍ୱ ଲାଭ କରିବେ। ମନୁଷ୍ୟମାନେ ସେମାନଙ୍କ ଭାଗ ପାଇବେ। ସେଇଥିପାଇଁ ମା' ନିଶ୍ଚେତନାରେ ବୁଡ଼ ଦେଇଛନ୍ତି। ବର୍ତ୍ତମାନ କେବଳ ସୂକ୍ଷ୍ମ ଜଗତ ନୁହେଁ ପୂରାପୂରି ସ୍ଥୂଳ ଜଗତକୁ ସ୍ୱୟଂ ବ୍ରହ୍ମ ଓ ବ୍ରହ୍ମଶକ୍ତି ଓହ୍ଲାଇ ଆସିଛନ୍ତି। ସୃଷ୍ଟିର ଆଦିକାଳରୁ ସୂକ୍ଷ୍ମଜଗତରେ ଯେଉଁ ଦୁରୂହ କାର୍ଯ୍ୟଟି ପରମ ପୁରୁଷ ଓ ବ୍ରହ୍ମଶକ୍ତି ମା' ଆଦ୍ୟାଶକ୍ତି ନିରନ୍ତର କରିଚାଲିଛନ୍ତି ସେଇ

କାର୍ଯ୍ୟ ବର୍ତ୍ତମାନ ସମାପ୍ତିର ଦ୍ୱାରଦେଶରେ। ମା'ଙ୍କ ଆଶ୍ୱାସନା ବାଣୀ ଶୁଣି ଏହାହିଁ ମନେହେଲା। ଆମ ନିମ୍ନ ପ୍ରକୃତିର ରୂପାନ୍ତର ହେବ। ସ୍ୱୟଂ ବ୍ରହ୍ମଶକ୍ତି ମାନୁଷୀ ତନୁ ଧାରଣ କରି ଏଇ ମିଥ୍ୟାର ଜଗତକୁ ଓହ୍ଲାଇ ଆସିଛନ୍ତି। ସ୍ୱୟଂ ବ୍ରହ୍ମ ଉପସ୍ଥିତ ଶ୍ରୀଅରବିନ୍ଦଙ୍କ ରୂପରେ।

ଶ୍ରୀଅରବିନ୍ଦ ଯେତେବେଳେ ତାଙ୍କ ସ୍ଥୂଳଦେହ ଛାଡ଼ିବାକୁ ପ୍ରସ୍ତୁତ ହେଉଥିଲେ ସେତେବେଳେ ତାଙ୍କ ସେବକମାନେ ସାହସ କରି ତାଙ୍କୁ ପଚାରିଥିଲେ, "ଆରୋଗ୍ୟ ଲାଭ କରିବାକୁ ଆପଣ ଶକ୍ତି ପ୍ରୟୋଗ କରୁ ନାହାନ୍ତି କାହିଁକି ?"

— "ନା।"

ଉତ୍ତର ଶୁଣି ସମସ୍ତେ ସ୍ତବ୍ଧ। ସେବକମାନଙ୍କର ସନ୍ଦେହ ହେଲା ଯେ ସେମାନେ ହୁଏତ ଠିକ୍ ଭାବରେ ଶୁଣିପାରି ନାହାନ୍ତି। ନିଶ୍ଚିତ ହେବା ପାଇଁ ସେମାନେ ପୁଣି ଥରେ ପଚାରିଲେ। କିନ୍ତୁ ସେଇ ସମାନ ଉତ୍ତର ମିଳିଲା।

— "କାହିଁକି କରୁ ନାହାନ୍ତି ? ରୋଗ ତା'ହେଲେ ଭଲହେବ କେମିତି ?"

— "ବୁଝାଇ ପାରିବି ନାହିଁ। ତୁମେମାନେ ବୁଝିପାରିବ ନାହିଁ।"

ସ୍ୱୟଂ ଭଗବାନ ଏଇ ବିଶ୍ୱଭୁବନର ମନ୍ଥିତ ବିଷ ନିଜ ମଧ୍ୟରେ ଧାରଣ କରି ସେତେବେଳେ ଆମକୁ ରକ୍ଷା କରିଛନ୍ତି। ତାଙ୍କ ଶରୀର ମନ୍ଥିତ ହଳାହଳକୁ ଧାରଣ କରିଛି। ସେବକମାନଙ୍କର ଗୋଟିଏ ପ୍ରଶ୍ନର ଉତ୍ତରରେ କେବଳ ସେ କହିଥିଲେ,

— "ସମୟ ଅତ୍ୟନ୍ତ ସଙ୍କଟଜନକ।"

ନିଜ ଶରୀର ତ୍ୟାଗ କରିବା ମୁହୂର୍ତ୍ତରେ ସେ ଏହି ଜଡ଼ ଜଗତରେ, ନିଶ୍ଚେତନାରେ ଅତିମାନସ ଆଲୋକକୁ ଓହ୍ଲାଇ ଆଣିଥିଲେ। ମା' କହିଛନ୍ତି, "ଯେତେବେଳେ ତାଙ୍କ କୋଠରିକୁ ଯାଇଛି, ଦେଖିଛି ସେ ଅତିମାନସ ଜ୍ୟୋତିଃକୁ ଓହ୍ଲାଇ ଆଣୁଛନ୍ତି।" ସେବକମାନଙ୍କ ମଧ୍ୟରୁ ଅନେକେ ଦେଖିବାକୁ ପାଇଥିଲେ ଯେ ଶ୍ରୀଅରବିନ୍ଦଙ୍କ ଶରୀରଟି ସୁନେଲି ଆଲୋକରେ ଉଜ୍ଜ୍ୱଳ ହୋଇଉଠୁଥିଲା।

ଶ୍ରୀଅରବିନ୍ଦ ଯେତେବେଳେ ତାଙ୍କ ଶରୀରରୁ ନିଜକୁ ସମ୍ପୂର୍ଣ୍ଣ ଭାବରେ ଅପସାରିତ କରିନେଲେ ସେତେବେଳେ ଶ୍ରୀମା ଆମାମାନଙ୍କ ତରଫରୁ ଶ୍ରୀଅରବିନ୍ଦଙ୍କୁ ନିମ୍ନଲିଖିତ ପ୍ରାର୍ଥନାଟି ଜଣାଇଥିଲେ:

> "ତୁମେ ଯିଏକି ଆମ ପ୍ରଭୁଙ୍କର ଭୌତିକ ଆବରଣ ଥିଲ, ତୁମକୁ ଆମର ଅସୀମ କୃତଜ୍ଞତା। ତୁମେ ଯିଏ କି ଆମ ପାଇଁ ଏତେ ସବୁ କରିଛ, ଏତେ ସବୁ ଉଦ୍ୟମ କରିଛ, ସଂଗ୍ରାମ କରିଛ, କଷ୍ଟ ସ୍ୱୀକାର କରିଛ,

ଆଶାପୋଷଣ କରିଛ, ସବୁକିଛି ସହ୍ୟ କରିଛ, ତୁମେ ଯିଏକି ଆମପାଇଁ ସବୁକିଛି ସଙ୍କଳ୍ପ କରିଛ, ସବୁକିଛି ପ୍ରୟାସ କରିଛ, ପ୍ରସ୍ତୁତ କରିଛ, ଆମ ପାଇଁ ସବୁକିଛି ହାସଲ କରିଛ, ତୁମ ସମ୍ମୁଖରେ ଆମେ ନତମସ୍ତକ ହୋଇ ପ୍ରାର୍ଥନା ଜଣାଉଛୁ ଯେମିତି ଗୋଟିଏ ମୁହୂର୍ତ୍ତ ପାଇଁ ମଧ୍ୟ ଆମେ ଭୁଲି ନ ଯାଉ ଯେ ସବୁକିଛି ପାଇଁ ଆମେ ତୁମରି ନିକଟରେହିଁ ଋଣୀ।''

(ଡିସେମ୍ବର ୯, ୧୯୫୦)

ଏବେ ମା'ଙ୍କ କଥାକୁ ଫେରିଆସୁଛି। ଜଣେ ଝିଅ (ଦାନ୍ତ ଡାକ୍ତର) ମା'ଙ୍କ ପାଖକୁ ପ୍ରତିଦିନ ଯାଉଥିଲା। କେବଳ ସେହିଁ ମା'ଙ୍କ ଦାନ୍ତ ଠିକ୍ ଭାବରେ ପରିଷ୍କାର କରିପାରୁଥିଲା। ସେ ଅତି ଯତ୍ନ ସହକାରେ, ସାବଧାନ ହୋଇ କାମ କରୁଥିଲା। ଦିନେ ସେ ମା'ଙ୍କ ଦାନ୍ତ ପରିଷ୍କାର କରିବା ସମୟରେ ହଠାତ୍ ମା'ଙ୍କ ଗଳାରୁ ପ୍ରଚୁର ପରିମାଣରେ କଳା ରଙ୍ଗର ଶ୍ଳେଷ୍ମା ବାହାରି ଆସିଲା। ସେଇ କଳା ଶ୍ଳେଷ୍ମା ଦେଖି ମା' କହିଲେ, ''ମଣିଷମାନଙ୍କ ମଧ୍ୟରେ, ଏଇ ସୃଷ୍ଟିରେ ଯେତେ ମିଥ୍ୟା, ଯେତେ ଅସାଧୁତା ରହିଛି ସେଇସବୁ ଘୃଣିତ ବସ୍ତୁ କବଳରୁ ମଣିଷମାନଙ୍କୁ ଏବଂ ବିଶ୍ୱକୁ ରକ୍ଷା କରିବା ପାଇଁ ମୁଁ ଏଇ ହଳାହଳ ବିଷ ଧାରଣ କରିଛି ଏବଂ ବିଶ୍ୱବ୍ରହ୍ମାଣ୍ଡକୁ ଓ ମଣିଷମାନଙ୍କୁ ରକ୍ଷା କରୁଛି।''

ଆମେ ଜାଣୁ ଶିବ ହଳାହଳ ବିଷ ନିଜ କଣ୍ଠରେ ଧାରଣ କରିଥିଲେ। ଏହା ସୂକ୍ଷ୍ମ ଜଗତର କଥା। ଏବେ ଆମେ ଜାଣିଲୁ ସ୍ୱୟଂ ବ୍ରହ୍ମ ଓ ମହାଶକ୍ତି ଶ୍ରୀଅରବିନ୍ଦ ଓ ମା'ଙ୍କ ରୂପରେ ମାନୁଷୀ ତନୁ ଧାରଣ କରି ଏଇ ନିଶ୍ଚେତନା ଭିତରକୁ ଓହ୍ଲାଇ ଆସିଛନ୍ତି। ଆମମାନଙ୍କର ମଞ୍ଚିତ ବିଷ, ମିଥ୍ୟା, ଅସାଧୁତାକୁ ନିଜ କଣ୍ଠରେ ଧାରଣ କରି ସେମାନେ ବିଶ୍ୱବ୍ରହ୍ମାଣ୍ଡକୁ ରକ୍ଷା କରୁଛନ୍ତି।

ଯେତେବେଳେ ମା' ଏଇ ସ୍ଥୂଳ ଜଗତକୁ ଓହ୍ଲାଇ ଆସନ୍ତି, ତାଙ୍କ ସହିତ ବ୍ରହ୍ମ ମଧ୍ୟ ସୂକ୍ଷ୍ମରୂପ ଧାରଣ କରି ମା'ଙ୍କ ପାଖରେ ଉପସ୍ଥିତ ରହନ୍ତି। ଯେଉଁଠି ପାର୍ବତୀ ସେଇଠି ସ୍ୱୟଂ ମହାଦେବ, ଶିବ। ଯେଉଁଠି ଈଶ୍ୱରୀ ସେଇଠି ଈଶ୍ୱର। ଦ୍ୱିଧାବିଭକ୍ତ ହୋଇ ମଧ୍ୟ ସେମାନେ ଏକ ସତ୍ତା। ଜଣକୁ ଛାଡ଼ି ଅନ୍ୟ ଜଣଙ୍କର ଅସ୍ତିତ୍ୱ ରହି ନ ପାରେ। ମା' କହିଛନ୍ତି, ''ତାଙ୍କ ବିନା ମୋର ଅସ୍ତିତ୍ୱ ନାହିଁ, ମୋ ବିନା ତାଙ୍କର ପ୍ରକାଶ ନାହିଁ।''

ବେଦର ଉପାଖ୍ୟାନରୁ ଆମେ ଜାଣୁ ଯେ ପରମ ପୁରୁଷ ଆତ୍ମବିଭାଜନ କଲେ। ଅଦ୍ୱିତୀୟ ପରମ ସତ୍ତା ବିଭକ୍ତ ହୋଇ ଦ୍ୱୟୀ ସତ୍ତା ହେଲେ: ଈଶ୍ୱର-ଈଶ୍ୱରୀ, ବ୍ରହ୍ମ-ବ୍ରହ୍ମଶକ୍ତି, ପରମ ପୁରୁଷ-ଆଦ୍ୟାଶକ୍ତି ଏବଂ ସେମାନେ ହେଲେ ବିପରୀତମୁଖୀ।

କିନ୍ତୁ ଏହା ଶେଷ ନୁହେଁ। ବୈଦିକ ଯୁଗର ଋଷିମାନଙ୍କୁ କ'ଣ ଜଣାଥିଲା ଯେ ପରମ ପୁରୁଷ ଆଦ୍ୟାଶକ୍ତିଙ୍କଠାରୁ ବିଚ୍ଛିନ୍ନ ହୋଇ ଏଇ ନିଶ୍ଚେତନା ଭିତରକୁ, ଏଇ ଧରାଧାମକୁ ଓହ୍ଲାଇଆସିବେ ? ଏବଂ ଏଇ ଯୁଗରେ ଈଶ୍ୱର-ଈଶ୍ୱରୀ ଏକାସାଥିରେ ନିଶ୍ଚେତନାରେ କାମ କରିବେ ? ମାନୁଷୀ ତନୁ ଧାରଣ କରି ସେମାନେ ମଣିଷମାନଙ୍କ ମଧ୍ୟରେ ଏହି ଜଡ଼ ଜଗତରେ ବୁଡ଼ ଦେବେ ? ଏହି ବିସ୍ମୟ, ଏହି ଅଭାବନୀୟ ଘଟଣା କ'ଣ ଆମରି ପାଇଁ ଅପେକ୍ଷା କରିଥିଲା ?

ସେମାନେ ନିଶ୍ଚେତନା ଭିତରକୁ ଅତିମାନସର ଆଲୋକ ଓହ୍ଲାଇ ଆଣିଛନ୍ତି। ଆମେ ବୁଝିପାରୁ ବା ନ ପାରୁ କିନ୍ତୁ ଶାଶ୍ୱତକାଳରୁ ବ୍ରହ୍ମ ଓ ବ୍ରହ୍ମଶକ୍ତି ନିରବଚ୍ଛିନ୍ନ ଭାବରେ କାମ କରି ଚାଲିଛନ୍ତି ଯାହାର ଫଳସ୍ୱରୂପ ଆଜି ଏଇ ଜଡ଼ଚେତନାରେ, ଏଇ ଗଭୀର ନିଶ୍ଚେତନା ଭିତରେ ଅତିମାନସ ଆଲୋକ ପହଞ୍ଚିପାରିଛି। ଆଉ କେବଳ ଟିକିଏ ବାକି। ଏଇ ଧରଣୀ ବକ୍ଷରେ ତାଙ୍କ ଦିବ୍ୟ ତନୁ ଦର୍ଶନର ଅଭିଳାଷ ନେଇ ଆମେ ଅଧୀର ଭାବରେ ପ୍ରତୀକ୍ଷା କରିଛୁ।

# ଦୁର୍ଗାପୂଜା

ମାତଃ ଦୁର୍ଗେ ! ସିଂହବାହିନି, ସର୍ବଶକ୍ତିଦାୟିନି, ଦୁର୍ଗତିନାଶିନି, ଅସୁର ବିନାଶିନି, ବଳଦାୟିନି, ପ୍ରେମଦାୟିନି, ଜ୍ଞାନଦାୟିନି...।

ଆଜି ୧୯୯୧ ମସିହା ଅକ୍ଟୋବର ମାସ ପନ୍ଦର ତାରିଖ। ଦୁର୍ଗାପୂଜା। ଶକୁନ୍ତଳା, କୃଷ୍ଣା ଓ ଆହୁରି କେତେଜଣ ଝିଅ ମିଶି ମିଲିଦି'ଙ୍କ ନିର୍ଦ୍ଦେଶରେ ମେଡ଼ିଟେଶନ ହଲ ସଜାଉଛନ୍ତି। ସମସ୍ତେ ଆସି ଦେଖିଯାଉଛନ୍ତି। କିନ୍ତୁ ମନ ମୋର ଝୁରୁଛି ଅତୀତର ଦିନଗୁଡ଼ିକୁ। ୧୯୪୪ ମସିହାରେ ଏଠାରେ ପ୍ରଥମେ ଦୁର୍ଗାପୂଜା ଆରମ୍ଭ ହୋଇଥିଲା। ସେହି ବର୍ଷହିଁ ମୁଁ ଆଶ୍ରମରେ ସ୍ଥାୟୀ ଭାବରେ ରହିଥିଲି। ଶରଦ୍ ଋତୁର ଉଜ୍ଜ୍ୱଳ ନୀଳ ଆକାଶରେ ଶୁଭ୍ର ମେଘର ସମ୍ଭାର ଦେଖି ବାଂଲାଦେଶର ଦୁର୍ଗାପୂଜା କଥା ମନେପଡୁଥିଲା। ସ୍ୱଭାବତଃ ମନଟି ଭାରାକ୍ରାନ୍ତ ହୋଇଯାଉଥିଲା। ପୂଜାର ଦିନଗୁଡ଼ିକ ଏକା ଏକା କେମିତି କଟାଇବି ଖାଲି ଏଇଆ ଭାବୁଥାଏ। ଭାବୁଥାଏ, ଆହା, ଏଠାରେ ଯଦି ପୂଜା ହୁଅନ୍ତା...! ଏଇ ସମୟରେ ଦକ୍ଷିଣ ଭାରତରେ ନାନା ଦେବଦେବୀଙ୍କର ବିଶେଷ କରି ଗଣେଶଙ୍କର ପୂଜା ଖୁବ୍ ଧୁମଧାମରେ ହୁଏ, କିନ୍ତୁ ଦୁର୍ଗାପୂଜାର ପ୍ରଚଳନ ନାହିଁ। ଅନ୍ୟାନ୍ୟ ପ୍ରଦେଶମାନଙ୍କରେ ମଧ୍ୟ ବିଷ୍ଣୁ, ଶିବ, କାର୍ତ୍ତିକେୟ, ଗଣେଶଙ୍କ ପରି କୌଣସି ଜଣେ ବିଶେଷ ଦେବତାଙ୍କୁ ମୁଖ୍ୟ ଦେବତା ଭାବରେ ପୂଜା କରାଯାଏ। ଆଶ୍ରମରେ କେବେ ବି କୌଣସି ପୂଜାପାର୍ବଣ ହେଉ ନ ଥିଲା। ତେଣୁ ମୋ ଆଶା ଯେ ପୂର୍ଣ୍ଣ ହେବ ତାହା କେବେହେଲେ ଭାବି ନ ଥିଲି।

ସେଇ ବର୍ଷ ସପ୍ତମୀ ପୂଜା ଦିନ ଆଶ୍ରମକୁ ଯାଇ ଦେଖିଲି ମିନିଦି', ମିଲିଦି', ଗୌରୀ, ବିଭା, କୃଷ୍ଣଲାଲଜୀ, ଜୟନ୍ତୀଲାଲଦା' ସମସ୍ତେ ମିଶି ତଳ ମେଡ଼ିଟେଶନ ହଲ ଓ ଶିଡ଼ିକୁ ଫୁଲ, ଲତାପତ୍ର ଇତ୍ୟାଦି ଦେଇ ସୁନ୍ଦର ଭାବରେ ସଜାଉଛନ୍ତି। ଇଲାଦି' (ଚିତ୍ରାର ମା') କାମରେ ମଜ୍ଜି ଯାଇଥା'ନ୍ତି। ସୁଜାତା, ସୁମିତ୍ରା, ସୁପ୍ରଭା, ଚିତ୍ରା ଇତ୍ୟାଦି ସାନ ସାନ ଝିଅମାନେ ଦୌଡ଼ି ଦୌଡ଼ି ସଜାଇବାର ଜିନିଷପତ୍ର, ଫୁଲ ଇତ୍ୟାଦି ଯୋଗାଡ଼ କରି ଆଣୁଥା'ନ୍ତି। ମୁଁ ଅତି ସଂକୋଚରେ ନଳିନୀଦା'ଙ୍କ ଘର ସାମନାରେ ଥାଇ ସବୁ ଦେଖୁଥାଏ ଆଉ ବାଂଲାଦେଶର ପୂଜା ସମୟର ସ୍ମୃତିସବୁ ମନରେ ଭାସିଯାଉଥାଏ। ପିଲାବେଳର କେତେ ସ୍ମୃତି ମନରେ ଭିଡ଼ ଜମାଉଥାଏ।

ଆମ ମାମୁଘରେ (ପାଟଗ୍ରାମ ନିୟୋଗୀ ପରିବାରରେ) ପୂଜାର ପ୍ରାୟ ମାସଟିଏ ପୂର୍ବରୁ ଦୁର୍ଗା ପ୍ରତିମା ତିଆରି କରିବା ଆରମ୍ଭ ହୋଇଯାଉଥିଲା। ଯେଉଁ ଶିଳ୍ପୀମାନେ ପ୍ରତିମା ତିଆରି କରୁଥିଲେ ସେମାନଙ୍କୁ ସତରେ ସାଧକ ବୋଲି କହିବାକୁ

ହେବ। କାରଣ ଆମେ ପିଲାମାନେ ଯାଇ ଦୁର୍ଗା ମଣ୍ଡପରେ ଭିଡ଼ କରୁଥିଲୁ। ତେଣୁ ଗୋଳମାଳ ହେବା ସ୍ୱାଭାବିକ। ଶିଳ୍ପୀମାନେ କହୁଥିଲେ, ''ମା'ଙ୍କ ମୂର୍ତ୍ତି ଗଢ଼ାହେଉଛି, ଏବେ ତୁମେମାନେ ଚୁପ୍‌ହୋଇ ରୁହ।'' ଅନ୍ୟମାନେ ଭୟରେ ପଳାଇ ଯାଉଥିଲେ। ମୁଁ କିନ୍ତୁ ଠିଆହୋଇ ପ୍ରଥମରୁ ମା' ଦୁର୍ଗାଙ୍କ ମୂର୍ତ୍ତି ତିଆରି ବେଶ୍ କୌତୂହଳ ସହକାରେ ଦେଖୁଥିଲି। ନଡ଼ାରେ ଗୋଡ଼, ହାତ, ଶରୀର ତିଆରି ହେବା, ତା' ଉପରେ ମାଟିର ପ୍ରଲେପ ଦେବା, ପରେ ରଙ୍ଗ ଦେବା — ଏସବୁ ଦେଖୁ ଦେଖୁ ମନରେ ପ୍ରଶ୍ନ ଉଠୁଥିଲା, ଇଏ ପୁଣି କେମିତି ଦୁର୍ଗା ! ଇଏ ଦେବୀ ହେଲେ କେମିତି ? ଏ ତ ମାଟିର କଣ୍ଢେଇ ! ଏଇ ମୂର୍ତ୍ତି ଗଢ଼ିବା କାମ ମାସାଧିକ କାଳ ଧରି ଚାଲୁଥିଲା।

ଶେଷରେ ଦିନେ ପଚାରିଦେଲି, ''ମା' ଦୁର୍ଗା କାହାନ୍ତି ? କେବେ ଆସିବେ ?'' ଶିଳ୍ପୀମାନଙ୍କ ଭିତରୁ ଯିଏ ବୟସ୍କ ଥିଲେ ସେ ହସିହସି କହିଲେ, ''ଯେଉଁ ଦିନ 'ଚକ୍ଷୁଦାନ' ହେବ, ସେଦିନ 'ପ୍ରାଣପ୍ରତିଷ୍ଠା' କରାଯିବ। ମା' ଦୁର୍ଗା ସେଇ ଦିନ ଏଇ ମାଟିର ମୂର୍ତ୍ତି ମଧ୍ୟକୁ ଓହ୍ଲାଇ ଆସିବେ।'' ଏଇ ଉତ୍ତରରେ ମୋ ଶିଶୁମନ ଖୁବ୍ ଖୁସି ହୋଇଥିଲା।

ଏଇ ପ୍ରସଙ୍ଗରେ ଆଉ ଗୋଟିଏ ଘଟଣା କଥା ଲେଖୁଛି। କିଛିଦିନ ପୂର୍ବରୁ ରାମମୋହନ ରାୟଙ୍କ ଜୀବନୀ ଉପରେ ବହିଟିଏ ପଢୁଥିଲି। ସେଥିରେ ରହିଛି, ଶିଶୁ ରାମମୋହନ ବସି ବସି ପ୍ରତିମା ତିଆରି ହେବା ଦେଖୁଥିଲେ। ପରେ ପୂଜା ସମୟରେ ସମସ୍ତେ ମନ୍ତ୍ର ପଢ଼ି ଦେବୀ ପ୍ରତିମାଙ୍କୁ ପ୍ରଣାମ କରିବାକୁ ଗଲେ। ବାଳକ ରାମମୋହନ କିନ୍ତୁ ପ୍ରଣାମ କରିବାକୁ ଗଲେ ନାହିଁ। କହିଲେ, ''ଏହା ତ ନଡ଼ା, ମାଟିର କଣ୍ଢେଇ। ତିଆରି ହେବା ଦେଖିଛି, ଏଇ ମୂର୍ତ୍ତି ଦେବୀ ହେବେ କେମିତି ?''

ସମସ୍ତେ ଅବାକ୍। ପିତା ଗର୍ଜନ ତର୍ଜନ କଲେ। ବ୍ରାହ୍ମଣ କୁଳରେ ଏମିତି ନାସ୍ତିକ ଜନ୍ମ ହୋଇଛି ! ପୁଅର ଅମଙ୍ଗଳ ହେବ ଭାବି ଜନନୀ ତାରିଣୀ ଦେବୀ ପୁଅକୁ ବୁଝାଇଲେ। କିନ୍ତୁ ମାଟିର ମୂର୍ତ୍ତି ଯେ ଦୁର୍ଗା, ବିଶ୍ୱଜନନୀ ଏକଥା ବାଳକ ରାମମୋହନ ବିଶ୍ୱାସ କଲେ ନାହିଁ। ସେ ତ ଶିଳ୍ପୀ ମୂର୍ତ୍ତି ଗଢ଼ିବାର ଦେଖିଛନ୍ତି ପୁଣି ନିଜେ ମଧ୍ୟ ସେଥିରେ ମାଟି ଲଗାଇଛନ୍ତି !

ଶେଷରେ ଅସହାୟା ମା' ତାଙ୍କର କାନ୍ଦିବାକୁ ଲାଗିଲେ। ମା'ଙ୍କ ଆଖିର ଅଶ୍ରୁ ରାମମୋହନ ସହ୍ୟ କରିପାରିଲେ ନାହିଁ। ସେ ଦୁର୍ଗାଙ୍କୁ ପ୍ରଣାମ କରିବାକୁ ଗଲେ ଏବଂ କହିଲେ, ''ମୋ ମା'ଙ୍କ ଠାକୁର, ତୁମ ଚରଣରେ ପ୍ରଣାମ।''

ଯାହାହେଉ, ବାଳକ ରାମମୋହନଙ୍କ ପରି ମାଟିର କଣ୍ଢେଇକୁ ଦେବୀ ବୋଲି ଅବିଶ୍ୱାସ କରିବାକୁ ମୋର କିନ୍ତୁ ଉପାୟ ନ ଥିଲା। କାରଣ ଶିଳ୍ପୀ କହିଦେଇଥିଲେ ଯେ

ପ୍ରାଣପ୍ରତିଷ୍ଠା ହେଲେ ମା' ଦୁର୍ଗା ଓହ୍ଲାଇ ଆସିବେ। ପିଲାବେଳର ମୋ ସରଳ ନରମ ମନରେ ଏଇ କଥାଟି ଗଭୀର ପ୍ରଭାବ ପକାଇଥିଲା। କଥାରେ କହନ୍ତି, 'ବିଶ୍ୱାସେ ମିଳଇ ହରି, ତର୍କେ ବହୁଦୂର।' ସେଇ ମାଟିର ମୂର୍ତ୍ତି ଭିତରେ ଆମେ ମା' ଦୁର୍ଗାଙ୍କ ଉପସ୍ଥିତି ଅନୁଭବ କରୁଥିଲୁ। ଆମମାନଙ୍କ ପାଖରେ ସେ ଥିଲେ ସଦ୍ୟ ଜାଗ୍ରତ ଦେବୀ।

''ମାତଃ ଦୁର୍ଗେ ! ତୁମରି ସନ୍ତାନ ଆମେମାନେ, ତୁମରି ପ୍ରସାଦରେ, ତୁମରି ପ୍ରଭାବରେ, ମହତ୍ କାର୍ଯ୍ୟର, ମହତ୍ ଭାବର ଉପଯୁକ୍ତ ହେଉ। ବିନାଶ କର କ୍ଷୁଦ୍ରତା, ବିନାଶ କର ସ୍ୱାର୍ଥ, ବିନାଶ କର ଭୟ।''

ଆମମାନଙ୍କର ଆକର୍ଷଣର କେନ୍ଦ୍ର ଥିଲା ସିଂହ। ପୁଣି ସିଂହକୁ ଦେଖି ଡର ମଧ୍ୟ ଲାଗୁଥିଲା। ସମସ୍ତେ ଅବାକ୍ ହୋଇ ସିଂହକୁ ଦେଖୁଥିଲୁ। ଶିଳ୍ପୀମାନେ କହୁଥିଲେ, ସିଂହ ହେଉଛି ମା'ଙ୍କ ବାହନ। ସେତେବେଳେ କିନ୍ତୁ ଏଇ କଥାଟି ଠିକ୍ ଭାବରେ ବୁଝିପାରୁ ନ ଥିଲି।

— ''ସିଂହକୁ ଛୁଇଁ ପାରିବୁ ?'' ମୋ ମାଉସୀ କଳ୍ପନା ପ୍ରଶ୍ନ କଲା।

ଦୃଢ଼ ପଦକ୍ଷେପରେ ଆଗେଇଯାଇ ସିଂହକୁ ଜାବୁଡ଼ି ଧରିଲି।

— ''ଦେଖିଲୁ ତ, ମୁଁ ଡରେ ନାହିଁ।''

ସିଂହକୁ ଚାହିଁ କହିଲି, ''ହେଲେ ବି ସିଏ ବଣର ରାଜା, ପାରିବ ନାହିଁ ବଳେ।'' ସର୍ବଦମନର ଗଳ୍ପଟି କିଛିଦିନ ପୂର୍ବରୁ ପଢ଼ିଥିଲି। ତେଣୁ କହିଲି:

''ସର୍ବଦମନ ମୋର ନାମ, ଦମନ କରିବି ତୋରେ,
ହୁଅ ତୁ ପଛେ ବଣର ରାଜା, ପାରିବୁ ନାହିଁ ବଳେ।''

ଏତିକି କହିବା ପରେ ବୀରତ୍ୱ ଦେଖାଇବାର ଜିଦ୍ ବଢ଼ିଗଲା। ଏପଟେ କିନ୍ତୁ ଶିଳ୍ପୀମାନଙ୍କର ମୁଖ୍ୟ ଦୌଡ଼ିଆସି କହିଲେ, ''ଘୁଞ୍ଚିଯାଅ, ପୂଜା ଶେଷ ନ ହେବା ପୂର୍ବରୁ ଛୁଅନ୍ତି ନାହିଁ।''

''ସିଂହକୁ ମୁଁ ଡରେ ନାହିଁ। ଏହା ସେମାନଙ୍କୁ ଦେଖାଇଦେଲି। ସିଂହ ମୋର ବନ୍ଧୁ। ତାକୁ ମୁଁ ଖୁବ୍ ଭଲପାଏ।''

ସମସ୍ତେ ହସିଉଠି କହିଲେ, ''ତୁମେ ଖୁବ୍ ସାହସୀ !''

ସିଂହ ପ୍ରସଙ୍ଗକୁ କାହିଁକି ଆସିଲି ସେକଥା ଏବେ କହୁଛି। ଆଶ୍ରମକୁ ଆସିବାର ଦୁଇ ବର୍ଷ ପରେ ଦିନେ ସ୍ୱପ୍ନ ଦେଖିଲି ଯେ ମୁଁ ଏକା ମେଡ଼ିଟେଶନ ହଲରେ ଠିଆହୋଇଛି। କେହି କେଉଁଠି ନାହାନ୍ତି। ଶିଡ଼ି ଆଡ଼କୁ ଚାହିଁ ଦେଖିଲି ଗୋଟିଏ ବିରାଟ ଶ୍ୱେତ ହସ୍ତୀ ଉପରୁ ଓହ୍ଲାଇ ଆସୁଛି। ହାତୀଟି ଯେ ଏତେ ଅପୂର୍ବ ସୁନ୍ଦର ତାହା ବର୍ଣ୍ଣନା

କରାଯାଇପାରିବ ନାହିଁ। ହଠାତ୍ କେଉଁଠାରୁ ଗୋଟିଏ ବିରାଟ ବାଘ ଆସି ହାତୀଟିକୁ ଆକ୍ରମଣ କରିବାକୁ ଉଦ୍ୟତ ହେଲା। ଆଉ ସେମିତି ଗୋଟିଏ ଅତି ସୁନ୍ଦର ବିରାଟ ସିଂହ ବାଘଟି ଉପରକୁ ଲମ୍ଫ ଦେଲା। ଆଉ ଦୁଇ ଜଣଙ୍କର କି ଲଢ଼ାଇ! ଡରି ଡରି ମେଡ଼ିଟେଶନ ହଲରେ ଥିବା ଖମ୍ବଗୁଡ଼ିକ ମଧ୍ୟରୁ ଗୋଟିଏ ଖମ୍ବର ଆଢୁଆଳରେ ଥାଇ ମୁଁ ସେଇ ଯୁଦ୍ଧ ଦେଖିବାକୁ ଲାଗିଲି। କେମିତି ସେଠାରୁ ପଳାଇବି ବୁଝିପାରୁ ନ ଥିଲି। ଭୀଷଣ ଭୟ ଲାଗୁଥିଲା।

ସକାଳେ ମା' ପ୍ରଶ୍ନ କଲେ, "ରାତିରେ କି ସ୍ୱପ୍ନ ଦେଖିଛ?" ସବୁଦିନ ରାତିରେ କି ସ୍ୱପ୍ନ ଦେଖୁଥିଲି ମା' ତାହା ଜାଣିବାକୁ ଚାହୁଁଥିଲେ। ଖୁବ୍ ଉତ୍ସାହର ସହିତ ମନୋଯୋଗ ଦେଇ ସେ ସ୍ୱପ୍ନଗୁଡ଼ିକ ବିଷୟରେ ଶୁଣୁଥିଲେ। ମୋତେ ମଧ୍ୟ ଭଲ ଲାଗୁଥିଲା। ସ୍ୱପ୍ନଗୁଡ଼ିକ ଲେଖିଲେ ବିରାଟ ଗପ ବହିଟିଏ ହେବ। ମା' ସମସ୍ତଙ୍କୁ ସ୍ୱପ୍ନ ବିଷୟରେ ପଚାରୁଥିଲେ। ଏଇ ସ୍ୱପ୍ନର ଜଗତ ହେଉଛି ଏକ ବିଚିତ୍ର ରହସ୍ୟମୟ ଜଗତ। ସାଧକ ସାଧିକାମାନେ ଦେଖିଥିବା ସ୍ୱପ୍ନଗୁଡ଼ିକର ଅର୍ଥ ମା' ଓ ଶ୍ରୀଅରବିନ୍ଦ ବୁଝାଇଛନ୍ତି ଓ ଲେଖିଛନ୍ତି ମଧ୍ୟ। ଥାଉ ସେ କଥା। ଦେଖିଥିବା ସ୍ୱପ୍ନଟିର କଥା ବିଶଦ ଭାବରେ ମା'ଙ୍କୁ କହିଲି।

ମନ ଦେଇ ମା' ସବୁ ଶୁଣିଲେ। ତା'ପରେ କହିଲେ, "ସିଂହକୁ ଦେଖି ଡରିଗଲ କାହିଁକି? ସେ ତ ମୋ ବାହନ। ସିଂହ ତୁମର ବନ୍ଧୁ।"

ମୁଁ ଅବାକ୍ ହୋଇ ମା'ଙ୍କୁ ଚାହିଁ ରହିଥାଏ। ପିଲାବେଳେ ଦୁର୍ଗାପୂଜା ସମୟରେ ସିଂହକୁ ଜାବୁଡ଼ି ଧରି କହିଥିଲି, "ସିଂହ ମୋର ବନ୍ଧୁ।" ମନେ ପଡ଼ିଲା ଗୋଟିଏ ସୁନ୍ଦର କବିତାଟିର କେତୋଟି ପଙ୍କ୍ତି:

"ନନ୍ଦନ ଅରଣ୍ୟରୁ ହିରଣ୍ମୟ ସିଂହ ଛୁଟି ଆସେ,
ମୁଁ ଭୀରୁ ମର୍ତ୍ତ୍ୟର ହରିଣ।
ପରାଣ ଲୁଚାଇ ପଥେ ପଥେ ଚାଲେ ଊର୍ଦ୍ଧ୍ୱଶ୍ୱାସେ,
ମୁଁ ଭୀରୁ ମର୍ତ୍ତ୍ୟର ହରିଣ।
ତାହାରି ହୁଙ୍କାରେ କମ୍ପି
ଉତ୍‌କର୍ଣ୍ଣ ଜୀବନ ଯାପି
ହୃତ୍‌ପିଣ୍ଡ ଅନୁକ୍ଷଣ ଶିହରେ ସନ୍ତ୍ରାସେ।"

ପିଲାଦିନର ସେଇ ସ୍ମୃତି ମନରେ ଭାସି ଉଠିଲା। ଅନୁଭବ କଲି ମଣିଷମାନଙ୍କ

ଜୀବନରେ ସବୁକିଛି ପୂର୍ବନିର୍ଦ୍ଦିଷ୍ଟ । ସ୍ୱୟଂ ମା' କହୁଛନ୍ତି, ''ସିଂହ ମୋର ବାହନ । ସେ ତ ତୁମର ବନ୍ଧୁ ।''

ଅପାର ଆନନ୍ଦରେ ମନ ଭରିଯାଇଥିଲା । ସେଇ ଅନୁଭୂତି କହିହେବ ନାହିଁ । ବେଶ୍ କିଛି ବର୍ଷ ପରେ ମା'ଙ୍କ ଗାଉନ୍‌ରେ ଲଗାଇବାକୁ ସିଂହ ମୁହଁଥିବା ଗୋଟିଏ ସୁନାର ବୋତାମ୍ ତିଆରି କରାଇଥିଲି । ଦ୍ୟୁମାନ୍ ଭାଇ ସବୁ ବ୍ୟବସ୍ଥା କରିଦେଇଥିଲେ । ଅନୁବାଦ କ୍ଲାସରେ ମା'ଙ୍କ ବହି, କାଗଜ ଇତ୍ୟାଦି ଚାପା ଦେବାକୁ ମା'ଙ୍କ ଟେବୁଲ ଉପରେ ସିଂହର ମୂର୍ତ୍ତିଟିଏ ରଖିଥିଲି । ଭାବିଜୀ (ଭିଓଲେଟ୍) ଦିଲ୍ଲୀରୁ ମୋତେ ସେଇ ସିଂହଟି ଆଣିଦେଇଥିଲେ ।

ସିଂହ କ'ଣ ତା'ହେଲେ ସତରେ ମୋର ବନ୍ଧୁ । ଶୈଶବର ସ୍ମୃତି ମନ୍ଥନ କରି ଏହି ପ୍ରମାଣ ପାଇଥିଲି ଯେ ମଣିଷର ଚେତନା ଶୈଶବରେ ବେଶ୍ ସଜାଗ ଥାଏ ।

ବଙ୍ଗାଳୀମାନଙ୍କର ମା' ଦୁର୍ଗାଙ୍କ ପ୍ରତି ଏତେ ଆକର୍ଷଣ, ଏତେ ଭଲପାଇବା ମଧ୍ୟ ବିଧିନିର୍ଦ୍ଦିଷ୍ଟ । ନଳିନୀଦା' ଲେଖିଛନ୍ତି:

''ବଙ୍ଗାଳୀର ପୂଜା ଐଶ୍ୱର୍ଯ୍ୟର, ବୈଚିତ୍ର୍ୟର, ପୂର୍ଣ୍ଣତାର ପୂଜା । ବଙ୍ଗାଳୀର ଇଷ୍ଟଦେବତା ଏକ ନୁହେଁ, ବହୁ । ସବୁ ଦେବତାମାନଙ୍କର ସମ୍ମିଳନୀ–ଶକ୍ତି । ବଙ୍ଗାଳୀର ପ୍ରତିମା ପୂଜାରେ ଯେଉଁ ବିଚିତ୍ର ଦେବଶକ୍ତିର ସମାବେଶ ଦେଖାଯାଏ, ସେଇ ଦଶଭୁଜାଙ୍କ ପୂଜା ଆଉ କୌଣସି ଜାତିର ପ୍ରାଣକୁ ଏତେ ଅଧିକାର କରି ନାହିଁ । ବଙ୍ଗଦେଶରେ ମଧ୍ୟ ରହିଛି ବହୁ ଦେବତାଙ୍କ ପୂଜା କିନ୍ତୁ ଦଶଭୁଜାଙ୍କ ପୂଜାହିଁ ବଙ୍ଗାଳୀର ପୂଜା... ।

''ସମସ୍ତ ଦେବତାଙ୍କ ଦେବତ୍ୱ ଆଧାରର ସ୍ତରେ ସ୍ତରେ ଭରିଦେଲେ ଯେଉଁ ପୂର୍ଣ୍ଣ ଦେବତ୍ୱ ମିଳେ ତାହାହିଁ ବଙ୍ଗାଳୀର ପ୍ରଧାନ ଲକ୍ଷ୍ୟ । ସେଇଥିପାଇଁ ବଙ୍ଗାଳୀର ଇଷ୍ଟ ହେଉଛନ୍ତି ମା' ଦୁର୍ଗାଙ୍କର ଏଇ ଜଟିଳ ମୂର୍ତ୍ତି । ଶାନ୍ତ ଶିବ ମହାଦେବ ଯିଏ ସମସ୍ତଙ୍କ ଉପରେ, ସେ ସ୍ଥିରପ୍ରତିଷ୍ଠ ରୂପରେ ମସ୍ତକରେ ବିରାଜମାନ । ତାଙ୍କରି ଲୀଳାର ପ୍ରକାଶ ହେଉଛନ୍ତି ଏଇ ନାନା ପ୍ରହରଣଧାରିଣୀ ଦଶଭୁଜା । ଏଇ ନାରାୟଣୀ ଶକ୍ତି ଲକ୍ଷ୍ମୀ, ଶ୍ରୀ ସମ୍ପଦ ଓ ସୌଭାଗ୍ୟ ପ୍ରଦାନ କରନ୍ତି । ସରସ୍ୱତୀ ଆମ ଦିବ୍ୟ ଜ୍ଞାନର, କାର୍ତ୍ତିକେୟ ଆମ ଦିବ୍ୟ ବୀର୍ଯ୍ୟର ଉତ୍ସ । ଗଣପତି ସମବେତ ସାଧନାର ପ୍ରତୀକ । ଏମିତିକି ପଶୁରାଜ ସିଂହ ହେଉଛନ୍ତି ଦେହଗତ ଚେତନାରେ ଶୁଦ୍ଧଶକ୍ତିର ପ୍ରକାଶ ।''

ଆମ ମାମୁଘରେ ହେଉଥିବା ଦୁର୍ଗାପୂଜା କଥା କହୁଥିଲି । ମହାଷ୍ଟମୀ ଦିନ ବେଶ୍ ଧୁମ୍‌ଧାମ୍‌ରେ ପୂଜା ହେଉଥିଲା । ସନ୍ଧ୍ୟାରେ ସମସ୍ତେ ମିଶି ଆରତି କରୁଥିଲେ । ବଡ଼ ବଡ଼ ଝୁଣାଦାନୀ ଧରି ଆରତି ସମୟରେ ମାମୁମାନଙ୍କର କି ନୃତ୍ୟ! କିଏ କେତେ

କସରତ ଦେଖାଇ ପାରେ ତାହାର ପ୍ରତିଯୋଗିତା ଚାଲୁଥିଲା । ଚଣ୍ଡୀମଣ୍ଡପ ଧୂପର ଧୂଆଁରେ ଭରିଯାଉଥିଲା । ସେଇ ଧୂଆଁ ଭିତରେ ଦୁର୍ଗାଙ୍କ ମୂର୍ତ୍ତି ରହସ୍ୟମୟୀ ମନେହେଉଥିଲା । ଆମ ବାପା ମଧ୍ୟ ଢୋଲ ଓ ଢାକ* ବଜାଳୀମାନଙ୍କ ସହିତ ପ୍ରତିଯୋଗିତା କରି ସେମାନଙ୍କ ସହିତ ଢାକ ବଜାଉଥିଲେ । ଢାକ ବଜାଳୀମାନେ ମଧ୍ୟ ତ୍ୱାଇଁଙ୍କୁ ସାଥିରେ ପାଇ ଦ୍ୱିଗୁଣ ଉତ୍ସାହରେ ନାନା ପ୍ରକାରର ବୋଲ ଓ ତାଳରେ ବଜାଉଥିଲେ । ସେମାନଙ୍କଠାରୁ ଟିକିଏ ଶୁଣି ନେଇ ବାପା ନିଜେ ବଜାଇ ପାରୁଥିଲେ । ଢାକର ବୋଲ ଯେ କେତେ ପ୍ରକାରର ହୁଏ ତାହା ନ ଶୁଣିଲେ ବୁଝାଇ ହେବ ନାହିଁ । ଢାକର କୁର୍‌ର୍‌ର୍ ଓ ଢୋଲର ଗୁର୍‌ର୍‌ର୍ ଶବ୍ଦ ଶୁଣୁ ଶୁଣୁ ଆମେସବୁ ପିଲାମାନେ ଅଗଣାରେ ନାଚିବାକୁ ଆରମ୍ଭ କରିଦେଉଥିଲୁ । ସମସ୍ତଙ୍କର କି ଆନନ୍ଦ ! ପୂଜାରେ ଢାକ ଓ ଢୋଲ ଅପରିହାର୍ଯ୍ୟ । ଢାକ ଓ ଢୋଲର ଏଇ ଏକାନ୍ତ ନିଜସ୍ୱ ସୁଗମ୍ଭୀର ଶବ୍ଦ ଆମମାନଙ୍କୁ ଓ ଗ୍ରାମର ପ୍ରତ୍ୟେକଟି ମଣିଷକୁ ଆକର୍ଷଣ କରୁଥିଲା । ଦୁର୍ଗାପୂଜା ମାନେହିଁ ତ ଢାକ, ଢୋଲ ଓ ଘଣ୍ଟା । ମୃଣାଳ ସେନ ତାଙ୍କ ସିନେମା ପାଇଁ ହାଓଡ଼ାର ମାଛରଂରୁ ଢାକ ବଜାଳୀମାନଙ୍କୁ ଷ୍ଟୁଡ଼ିଓକୁ ନେଇ ଆସିଥିଲେ । ଅବଶ୍ୟ ଢାକା ଜିଲାର ବଜାଳୀମାନଙ୍କର ଢାକ ବଜାଇବାରେ ନାଁ ରହିଛି । ଢାକାର ତୋଫାନୀ ଢାକ ବଜାଇବାର ରେକର୍ଡ଼ ଆଜି ମଧ୍ୟ ବାଂଲାଦେଶର ରେଡ଼ିଓରେ ବାଜେ ।

ଆମ ମାମୁଘର ଗାଁ ଥିଲା ପାଟଗ୍ରାମ, ଢାକା ଜିଲାର ଗୋଟିଏ ନାଁ କରା ଗାଁ । ଗାଁ ଥିଲା ବୋଲି ଲେଖୁଛି, କାରଣ ଅବିଭକ୍ତ ବଙ୍ଗଦେଶ ଯେଉଁ ଦିନ ଆମ ଅପରିଣାମଦର୍ଶୀ ରାଜନୈତିକ ନେତାମାନଙ୍କ ବୋକାମୀ ପାଇଁ ଦୁଇଭାଗ ହେଲା ତାହାର କିଛି ଦିନ ପରେ ସର୍ବନାଶୀ କୀର୍ତ୍ତିନାଶୀ ପଦ୍ମାନଦୀ ଆମର ସେଇ ପ୍ରିୟ ଗାଁଟିକୁ ଗ୍ରାସ କରିଥିଲା । ପୂରାପୂରି ନିଶ୍ଚିହ୍ନ ହୋଇଗଲା ଗ୍ରାମଟି । ଏବେ ଖାଲି ପାଣି ଆଉ ପାଣି । ମନେହୁଏ ବିଚ୍ଛେଦ ବ୍ୟଥା ସହ୍ୟ କରି ନ ପାରି ଗ୍ରାମଟି ନିଜକୁ ପଦ୍ମା ନଦୀର ଅତଳ ଗଭୀରରେ ବୁଡ଼ାଇଦେଲା । ଏହା ଯେମିତି ସୀତାଙ୍କର ପାତାଳ ପ୍ରବେଶ !

ଦୁର୍ଗାପୂଜାର କେତେଦିନ ଧରି ଆମେ ପିଲାମାନେ ନାନା ପ୍ରକାର ଫୁଲ ତୋଳି ଆଣୁଥିଲୁ । ଗଙ୍ଗଶିଉଳି, ସ୍ଥଳପଦ୍ମ, ଅପରାଜିତା ବିଶେଷ କରି ଶ୍ୱେତ ଅପରାଜିତା ଆମେ ତୋଳି ଆଣୁଥିଲୁ । ପୁଅ ପିଲାମାନେ ପୋଖରୀରୁ ଧଳା ଓ ଲାଲ ପଦ୍ମ ତୋଳି ଆଣୁଥିଲେ । ଦୁର୍ଗାପୂଜାରେ ଏହି ଫୁଲସବୁ ନିବେଦନ କରାଯାଏ । ଆଶ୍ରମକୁ ଆସି ଜାଣିପାରିଥିଲି ଯେ ପ୍ରତ୍ୟେକ ଫୁଲର ଏକ ନିଜସ୍ୱ ଅର୍ଥ ରହିଛି । ସେଇ ଅନୁଯାୟୀ ମା'

* ସାଧାରଣତଃ ଦୁର୍ଗାପୂଜା ସମୟରେ ବଜାଯାଉଥିବା ଏକ ବିଶେଷ ବାଦ୍ୟଯନ୍ତ୍ର ।

ପ୍ରତ୍ୟେକ ଫୁଲର ନାଁ ଦେଇଛନ୍ତି। ଯେମିତି ଗଙ୍ଗଶିଉଳି ଫୁଲର ନାଁ 'ଆସ୍ପୃହା', ସ୍ଥଳପଦ୍ମର ନାଁ 'ଭାଗବତ କରୁଣା'। ଆଶ୍ଚର୍ଯ୍ୟ ଲାଗେ ଯେ ଠିକ୍ ଦୁର୍ଗାପୂଜା ସମୟରେ ଅର୍ଥାତ୍ ଶରତ ଋତୁରେ ଏହି ଫୁଲ ଫୁଟେ। 'ମା' ବହିର ପ୍ରଥମ ଧାଡ଼ିରେ ରହିଛି: ''ଯେଉଁ ମହାନ୍ ଦୁରୂହ କାର୍ଯ୍ୟଟି ଆମ ସାଧନାର ଲକ୍ଷ୍ୟ ତାହା କେବଳ ଦୁଇଟି ଶକ୍ତିର ସଂଯୋଗ ଫଳରେ ସମ୍ପନ୍ନ ହୋଇପାରେ — ନିମ୍ନରୁ ଆବାହନ କରେ ଯେଉଁ ସ୍ଥିର ଅପ୍ରତିହତ ଆସ୍ପୃହା ଏବଂ ଊର୍ଦ୍ଧ୍ୱରୁ ପ୍ରତ୍ୟୁତ୍ତର ଦିଏ ଯେଉଁ ଭାଗବତ କରୁଣା।''

ଭାବିଲେ ଆଶ୍ଚର୍ଯ୍ୟ ଲାଗେ ଯେ ବହୁ ନମସ୍ୟ ମୁନିଋଷିମାନେ ଶହ ଶହ ବର୍ଷ ପୂର୍ବରୁ ସେମାନଙ୍କ ଚେତନାରେ ଏଇ ଆସ୍ପୃହା ଓ ଭାଗବତ କରୁଣାର ମିଳନ ଅନୁଭବ କରିଥିଲେ। ଦୁର୍ଗାପୂଜାରେ ଏଇ ଫୁଲ ଦୁଇଟିକୁ ସ୍ମାରକ ଭାବରେ ବ୍ୟବହାର କରିବାର ରୀତି ସେମାନେହିଁ ଚାଲୁ କରି ଯାଇଥିଲେ। ମା'ଙ୍କ କରୁଣା ପୃଥିବୀ ଉପରକୁ ସହଜ ଭାବରେ ଓହ୍ଲାଇ ଆସେ ଯଦି ତା' ସହିତ ଆମଆତ୍ମ ଆସ୍ପୃହାଗ୍ନି ପ୍ରଜ୍ୱଳିତ ହୋଇଉଠେ। କେବଳ ଶୈଶବରେ କାହିଁକି, ଏଠାକୁ ଆସିବା ପୂର୍ବରୁ ମଧ୍ୟ ଫୁଲର ଏଇ ବିଶେଷ ଶକ୍ତି ଓ ତାତ୍ପର୍ଯ୍ୟ ସମ୍ବନ୍ଧରେ ଆମେ ଜାଣି ନ ଥିଲୁ।

ଯେଉଁ ନୀଳ ଓ ଶ୍ୱେତ ଅପରାଜିତା ମା' ଦୁର୍ଗାଙ୍କ ପୂଜା ପାଇଁ ଆମେ ତୋଳି ଆଣୁଥିଲୁ ସେସବୁର ନିହିତାର୍ଥ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ। ନୀଳ ଅପରାଜିତାର ଅର୍ଥ ମା' ଦେଇଛନ୍ତି 'ରାଧାଙ୍କ ଚେତନା'। ଭଗବାନଙ୍କ ପାଇଁ ମଣିଷ ଚେତନାର ଯେଉଁ ଆକୂତି ତା'ର ବିଗ୍ରହ ହେଲେ ରାଧା। ଶୁଦ୍ଧ ପ୍ରେମ, ଅନନ୍ତ ଭଲପାଇବା, ନିବେଦନ ଓ ସମର୍ପଣର ବିଗ୍ରହ। ଆଉ ଶ୍ୱେତ ଅପରାଜିତାର ନିହିତାର୍ଥ ହେଲା 'ବିଶୁଦ୍ଧ ଇନ୍ଦ୍ରିୟରାଜି'। ପିଲାବେଳର କବିତାଟିଏ ମନେ ପଡୁଛି:

ତୁ ତ ପରାଜିତା ସବୁ ଫୁଲ ପାଶେ
ନାମ ତୋ' କାହିଁକି ଅପରାଜିତା ?
ବାସ ତୋ' ନ ଥାଏ ବିନ୍ଦୁଏ ମାତର
ରଙ୍ଗ ବି ତ ନୁହେଁ ନୟନଭରା।

କଳା ଆଖିରେ ତା' ଶିଶିର ଅଶ୍ରୁ
ସେ କହେ ମୋହର କିଛି ନାହିଁ, କିଛି ନାହିଁ
ତୁମେ ଖାଲି ମୋତେ ଡାକୁଛ ଯେ ନାମେ
ମୋ ପାଶେ ସେତିକି, ମୁଁ ଖାଲି ସେତିକି।

ମୋ ସ୍ଥାନ ପ୍ରଭୁଙ୍କ ଶ୍ରୀଚରଣ ତଳେ
ପୂଜା ମୋ ଜୀବନ ବ୍ରତ
ତୁମ ପରି ସେ କି କନ୍ଦାଇବେ ମୋତେ ?
ଅନ୍ତରଯାମୀ ସେ ତ !

କିନ୍ତୁ ଅନ୍ୟାନ୍ୟ ଫୁଲ ତୁଳନାରେ ଅପରାଜିତା ଫୁଲ ଆମ ପାଖରେ କେତେ ବା ପ୍ରାଧାନ୍ୟ ପାଏ ? କବିଙ୍କର ଏଇ କବିତାଟି ସାର୍ଥକ। 'ପୂଜା ମୋ ଜୀବନ ବ୍ରତ।' ସ୍ୱୟଂ ଶ୍ରୀରାଧାଙ୍କର ଶ୍ରୀକୃଷ୍ଣଙ୍କ ପାଖରେ ଆତ୍ମ-ନିବେଦନ କରିବାର ଆକୃତି ଯେମିତି ଏଇ ପଦ୍‌କ୍ତିଟିରେ ବର୍ଣ୍ଣନା କରାଯାଇଛି।

ମା'ଙ୍କର 'ରାଧାଙ୍କ ପ୍ରାର୍ଥନା'ଟି ଆମେ କେତେ ଭଲ ନ ପାଉ ! ଭଗବାନଙ୍କ ପାଖରେ ନିଜକୁ କେମିତି ବିଲୀନ କରିଦେବାକୁ ହୁଏ ତାହା ଏଇ ପ୍ରାର୍ଥନାଟି ମାଧ୍ୟମରେ ମା' ଆମମାନଙ୍କୁ ଶିଖାଇଛନ୍ତି।

"...ମୋର ସକଳ ଭାବନା, ସକଳ ଭାବ, ମୋ ହୃଦୟର ସକଳ ଅନୁଭୂତି, ସକଳ ଇନ୍ଦ୍ରିୟବୋଧ, ମୋ ଜୀବନର ସକଳ ଗତି, ମୋ ଶରୀରର ପ୍ରତ୍ୟେକଟି କୋଷ, ମୋର ପ୍ରତିଟି ରକ୍ତବିନ୍ଦୁ ସବୁକିଛି ତୁମରି। ମୋର ବୋଲି କିଛି ନ ରଖି ମୁଁ ସମ୍ପୂର୍ଣ୍ଣରୂପେ ଏବଂ ଏକାନ୍ତ ଭାବେ ତୁମରି...।"

ଶ୍ୱେତ ଓ ଲାଲ ପଦ୍ମର ନିହିତାର୍ଥ ମା' ଏମିତି ଭାବରେ କରିଛନ୍ତି। ଲାଲ ପଦ୍ମ ହେଉଛି 'ପୃଥିବୀ ପୃଷ୍ଠରେ ପରମଙ୍କ ପ୍ରକାଶର ପ୍ରତୀକ'। ଶ୍ୱେତ ପଦ୍ମ ହେଉଛି 'ଦିବ୍ୟ ଚେତନାର ପ୍ରତୀକ'। ମା' ୧୯୪୦ ମସିହା ଫେବୃଆରୀ ୨ ତାରିଖ ଦିନ ଚମ୍ପକଲାଲଙ୍କ ଜନ୍ମଦିନରେ ଏହା ଲେଖିଥିଲେ।

ଏବେ ଲାଲ ଓ ଶ୍ୱେତ ପଦ୍ମ ବିଷୟରେ ଆଶ୍ଚର୍ଯ୍ୟକର ଘଟଣାଟିଏ ଲେଖୁଛି। ୧୯୪୦ ମସିହା ଫେବୃଆରୀ ୨ ତାରିଖ ଦିନ ଥିଲା ଚମ୍ପକଲାଲଙ୍କ ଜନ୍ମଦିନ। ସେଦିନ ମା'ଙ୍କୁ କିଛି ଦେବାକୁ ଚମ୍ପକଲାଲଙ୍କର ଇଚ୍ଛା ହେଲା। ସେ ଭଲ ଚିତ୍ର ଆଙ୍କି ପାରୁଥିଲେ। ମନରେ ଆସିଲା ଲାଲ ଓ ଶ୍ୱେତ ପଦ୍ମଫୁଲ ଆଙ୍କିବେ। ଏମିତି ଯୋଗାଯୋଗ ଯେ ଆଙ୍କିବା ପାଇଁ ସେ ଗୋଟିଏ କରି ଲାଲ ଓ ଶ୍ୱେତ ପଦ୍ମଫୁଲ ପାଇଗଲେ। ନାନା ପ୍ରକାର କାମର ଚାପ ଯୋଗୁଁ ଗୋଟିଏ ଦିନରେ ଅଙ୍କନ ଶେଷ ହୋଇପାରିଲା ନାହିଁ। ପ୍ରତିଦିନ ଅଳ୍ପ ଅଳ୍ପ କରି ଆଙ୍କିବାକୁ ଲାଗିଲେ। କିନ୍ତୁ ଭାବୁଥିଲେ ଗୋଟିଏ ଦିନରେ ଶେଷ କରି ପାରିଲେ ବେଶ୍ ଭଲ ହୋଇ ପାରିଥା'ନ୍ତା। ଯାହାହେଉ ପରିଶେଷରେ ଚିତ୍ରଗୁଡ଼ିକ ଅଙ୍କା ସରିଲା। ତାଙ୍କ ମନମୁତାବକ ମଧ୍ୟ ହେଲା। ନିଜ

ଜନ୍ମଦିନରେ ସେ ସେଇ ଫୁଲ ଦୁଇଟିକୁ ନେଇ ମା'ଙ୍କ ପାଖକୁ ଗଲେ ।

ମା' ଦେଖିବା ମାତ୍ରେ ଉଚ୍ଛ୍ୱସିତ ହୋଇ କହିଉଠିଲେ, "ଖୁବ୍ ସୁନ୍ଦର । ଖୁବ୍ ସୁନ୍ଦର ହୋଇଛି ।" ଆଉ ଅଙ୍କିତ ଫୁଲ ଦୁଇଟିକୁ ଚମ୍ପକଲାଲଙ୍କୁହିଁ ଦେବାକୁ ଚାହିଁଲେ । କହିଲେ, "ଚମ୍ପକଲାଲ, ଏ ଚିତ୍ର ଦୁଇଟି ତୁମ ପାଇଁ । ଖୁବ୍ ସୁନ୍ଦର ହୋଇଛି । ଏଇ ଚିତ୍ର ଦୁଇଟି ତୁମ ପାଖରେ ରଖ ।"

ଚମ୍ପକଲାଲ କିନ୍ତୁ କୌଣସି କଥା କହୁ ନ ଥା'ନ୍ତି କିଂବା ମା'ଙ୍କ ହାତରୁ ଚିତ୍ର ଦୁଇଟି ନେଉ ନ ଥା'ନ୍ତି । ମା' ପୁଣି ଥରେ କହିଲେ, "ଚମ୍ପକଲାଲ, ଚିତ୍ରଗୁଡ଼ିକ ନିଅ । ମୁଁ ତୁମକୁ ଏଗୁଡ଼ିକ ଉପହାର ଦେଉଛି ।"

ଏହାପରେ ଚମ୍ପକଲାଲ କହିଉଠିଲେ, "ମା', ଏ ଚିତ୍ରଗୁଡ଼ିକ ତ ମୁଁ ତୁମ ପାଇଁ ଆଙ୍କିଛି ।"

ଚମ୍ପକଲାଲଙ୍କ ମନର ଅବସ୍ଥା ବୁଝିପାରି ମା' ସୁନ୍ଦର ଭାବରେ ହସିଲେ । କିଛି ଗୋପନୀୟ କଥା କହିବା ପରି ମୃଦୁ ସ୍ୱରରେ କହିଲେ, "ଚମ୍ପକଲାଲ, ଚିତ୍ରଗୁଡ଼ିକୁ ମୁଁ ଶ୍ରୀଅରବିନ୍ଦଙ୍କ ପାଖକୁ ନେଇଯିବି ଏବଂ ସେଗୁଡ଼ିକ ଉପରେ ତାଙ୍କୁ କିଛି ଲେଖିଦେବାକୁ କହିବି ।"

ଏହା ଶୁଣି ଚମ୍ପକଲାଲ କହିଲେ, "ମା', ଚିତ୍ରଗୁଡ଼ିକ ତୁମେ ଶ୍ରୀଅରବିନ୍ଦଙ୍କ ପାଖକୁ ନେଇଯିବ ? ଯଦି ନିଅ, ତା'ହେଲେ ଚିତ୍ରଗୁଡ଼ିକ ଉପରେ ସେସବୁର ନିହିତାର୍ଥ ଲେଖିଦେବାକୁ ଶ୍ରୀଅରବିନ୍ଦଙ୍କୁ ଅନୁରୋଧ କଲେ ଖୁବ୍ ଭଲ ହେବ । ଶ୍ୱେତପଦ୍ମ ଉପରେ ଶ୍ରୀଅରବିନ୍ଦ ଲେଖିବେ ଆଉ ଲାଲ ପଦ୍ମ ଉପରେ ତୁମେ ଲେଖିବ ।"

ମା' ଚିତ୍ର ଦୁଇଟିକୁ ଶ୍ରୀଅରବିନ୍ଦଙ୍କ ପାଖକୁ ନେଇଗଲେ । ସେତେବେଳେ ଚମ୍ପକଲାଲ ମଧ୍ୟ ଶ୍ରୀଅରବିନ୍ଦଙ୍କ ଘରେ ଉପସ୍ଥିତ ଥିଲେ । ଚିତ୍ର ଦୁଇଟି ଶ୍ରୀଅରବିନ୍ଦଙ୍କୁ ଦେଖାଇ ମା' କହିଲେ, "ଦେଖନ୍ତୁ କି ସୁନ୍ଦର ଚିତ୍ର ଦୁଇଟି । ଆଜି ଚମ୍ପକଲାଲର ଜନ୍ମଦିନ । ସେ ମୋ ପାଇଁ ଏଇ ଦୁଇଟି ଚିତ୍ର ଆଙ୍କିଛି । ଆପଣ ଯଦି ଚିତ୍ରଟି ଉପରେ ତା'ର ନିହିତାର୍ଥ ଲେଖିଦିଅନ୍ତେ ତା'ହେଲେ ମୁଁ ଚମ୍ପକଲାଲକୁ ତାହା ଦିଅନ୍ତି । ଚମ୍ପକଲାଲର ଇଚ୍ଛା ହେଲା, ଆପଣ ଶ୍ୱେତ ପଦ୍ମ ଉପରେ ଲେଖିବେ ଆଉ ମୁଁ ଲାଲ ପଦ୍ମ ଉପରେ ଲେଖିବି ।"

ଶ୍ରୀଅରବିନ୍ଦ ସ୍ନିଗ୍ଧ ଓ ମଧୁର ଭାବରେ ହସିଲେ । ତା'ପରେ କେବଳ ଗୋଟିଏ ଶବ୍ଦ ଉଚ୍ଚାରଣ କଲେ, "ହୁଁ (um)" ଏବଂ ଶ୍ୱେତ ପଦ୍ମ ଉପରେ ଲେଖିଲେ,

ଅଦିତି

ଦିବ୍ୟ ଜନନୀ

ତା'ପରେ ଲାଲ ପଦ୍ମ ତଳେ ଲେଖିଲେ:

ଚମ୍ପକଲାଲକୁ
ଆଶୀର୍ବାଦ ସହ
୨.୨.୪୦ ଶ୍ରୀଅରବିନ୍ଦ

ଶ୍ରୀଅରବିନ୍ଦ ଲେଖିସାରି ଚମ୍ପକଲାଲଙ୍କୁ ଚାହିଁ ମଧୁର ଭାବରେ ହସିଲେ। ଅବର୍ଣ୍ଣନୀୟ ଅପୂର୍ବ ସେହି ହସ। ମା' ଲାଲ ପଦ୍ମ ଉପରେ ଲେଖିଲେ:

ଅବତାର
ଶ୍ରୀଅରବିନ୍ଦ

ତା'ପରେ ଶ୍ୱେତ ପଦ୍ମର ତଳେ ଲେଖିଲେ:

ମୋ ପ୍ରିୟ ସନ୍ତାନ ଚମ୍ପକଲାଲକୁ ଆଶୀର୍ବାଦ ସହ
୨.୨.୪୦ ଶ୍ରୀମା

ଅନ୍ୟ କାହାରିକୁ ଏଇ ଚିତ୍ରଗୁଡ଼ିକୁ ନ ଦେଖାଇବାକୁ ମା' ଚମ୍ପକଲାଲଙ୍କୁ କହିଥିଲେ। ବହୁ ବର୍ଷ ପରେ ସେଇ ଚିତ୍ରଗୁଡ଼ିକର ବ୍ଲକ୍ ତିଆରି କରି ଆଶ୍ରମ ପ୍ରେସରେ ଛପା ହେଲା। ସେଇ ପଦ୍ମଫୁଲର ଛବି କୌଣସି ଏକ ଶୁଭ ମୁହୂର୍ତ୍ତରେ ମା' ଆମମାନଙ୍କୁ ବିତରଣ କରିଥିଲେ। ଆମେମାନେ ପ୍ରଥମ କରି ଶ୍ୱେତ ଓ ଲାଲ ପଦ୍ମଫୁଲର ନିହିତାର୍ଥ ଜାଣିବାକୁ ପାଇଥିଲୁ।

ଆଖି ସାମନାରେ ଭାସିଉଠୁଛି ଯେମିତି ଶ୍ରୀଅରବିନ୍ଦ ଲେଖୁଛନ୍ତି:

ଦିବ୍ୟ ଜନନୀ

ଆଉ ମା' ସେହି ଲେଖାକୁ ଚାହିଁ ରହିଛନ୍ତି। ପୁଣି ନିଜେ ଲେଖୁଛନ୍ତି:

ଅବତାର
ଶ୍ରୀଅରବିନ୍ଦ

ଶ୍ରୀଅରବିନ୍ଦ ମା'ଙ୍କର ସେହି ଲେଖାକୁ ଚାହିଁ ରହିଛନ୍ତି।

ଏହି ଯେଉଁ ଅପୂର୍ବ ଘଟଣା ପୃଥିବୀ ଇତିହାସରେ ଘଟିଗଲା ଦିନେ ତାହା ଆମର ବୋଧଗମ୍ୟ ହେବ। ଫେବୃଆରୀ ୨ ତାରିଖ, ୧୯୪୦ ମସିହା — ଏହି ଦିନଟି ପୃଥିବୀର ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିବ। ସେହି ଫେବୃଆରୀ ୨ ତାରିଖର ଶୁଭ ମୁହୂର୍ତ୍ତରେ ମଣିଷମାନଙ୍କ ପାଖରେ ଭଗବାନ ମା' ଅଦିତିଙ୍କୁ ଏବଂ ମା'

ଅଦିତି ଭଗବାନଙ୍କୁ ପ୍ରକାଶ କଲେ। ପୁଣି ମା' ଲିଖିତ ଭାବରେ ଘୋଷଣା କଲେ ଶ୍ରୀଅରବିନ୍ଦ ହେଉଛନ୍ତି ସ୍ୱୟଂ ଭଗବାନ୍, ଅବତାର। ଏଇ ଯୋଗାଯୋଗ ଘଟିଗଲା ଆମରି ଏଇ ପୃଥିବୀରେ। ଆମ ପରି ଅଜ୍ଞ ମଣିଷମାନଙ୍କ ପାଖରେ ସେମାନେ ପରସ୍ପରର ପ୍ରକୃତ ସ୍ୱରୂପ ପ୍ରକାଶ କଲେ। ଅକଳ୍ପନୀୟ, ଅଭାବନୀୟ ଏଇ ଭାଗବତ କରୁଣା। ଅଯାଚିତ ଭାବରେ ସେମାନଙ୍କ କରୁଣା ଆମମାନଙ୍କ ଜୀବନରେ ନିରନ୍ତର କାର୍ଯ୍ୟ କରି ଚାଲିଛି। ସେଇ ଅବିସ୍ମରଣୀୟ ମୁହୂର୍ତ୍ତର ସାକ୍ଷୀ ହୋଇ ରହିଲେ ମା' ଓ ଶ୍ରୀଅରବିନ୍ଦଙ୍କ ଏକନିଷ୍ଠ ସାଧକ ଚମ୍ପକଲାଲ। ଦେବତା ନୁହଁନ୍ତି, ସୂର୍ଯ୍ୟସ୍ନାତ ଧରଣୀର ଜଣେ ସନ୍ତାନ — ଚମ୍ପକଲାଲ।

ମା'ଙ୍କର ବିଭିନ୍ନ ରୂପର ପୂଜା ପାଇଁ ବିଭିନ୍ନ ଫୁଲ ନିବେଦନ କରିବାର ଯେଉଁ ରୀତି ରହିଛି ତାହାର ସୂକ୍ଷ୍ମ ଅର୍ଥ ଆମେ ମା'ଙ୍କଠାରୁହିଁ ପ୍ରଥମେ ଜାଣିବାକୁ ପାଇଥିଲୁ। ତେଣୁ ଫୁଲର ନିହିତାର୍ଥ ସମ୍ବନ୍ଧରେ ଏତେ ବିଶଦ ଭାବରେ ଲେଖିଲି।

ଏବେ ଦଶମୀ ପୂଜାର ଦିନ କଥା ଲେଖୁଛି। ବିଜୟା ଦଶମୀ ଦିନ ମା' ଦୁର୍ଗାଙ୍କୁ ଭସାଇବାକୁ ନେଇଯିବା ପୂର୍ବରୁ ସବୁ ମାଉସୀ, ମାଈଁ ଓ ଗାଁର ଅନେକେ ମା' ଦୁର୍ଗାଙ୍କୁ ବରଣ କରି ତାଙ୍କ ମୁହଁରେ ମିଠା ଦେଇ ବାରଂବାର କହୁଥିଲେ, ''ମା' ତୁମେ ପୁଣି ଫେରିଆସିବ।'' ମାଈଁ ଓ ମାଉସୀମାନଙ୍କର ଆକୁଳ ପ୍ରାର୍ଥନା, ''ମା' ତୁମେ ପୁଣି ଫେରିଆସିବ।''

ଲେଖିବାକୁ ଯାଇ କବିତାର ଧାଡ଼ିଟିଏ ମନେପଡୁଛି: 'ନୟନ ପୋଛି କହେ, ଗିରିରାଣୀ ପୁଣି ଆସିବ ଫେରି।' ଅର୍ଥାତ୍ ଉମା (ଦୁର୍ଗା)ଙ୍କୁ ହିମାଳୟ ପତ୍ନୀ ମେନକା ପୁଣି ଆସିବାକୁ କହୁଛନ୍ତି। ମେନକାଙ୍କ ପରି ସେଇ ଦଶମୀ ଦିନ ସମସ୍ତଙ୍କ ଆଖି ଅଶ୍ରୁସଜଳ। ମୁଁ ଦୁର୍ଗାଙ୍କୁ ବାରଂବାର ଦେଖୁଥାଏ। ମନେହେଉଥାଏ ଯେମିତି ମା' ମଧ୍ୟ କାନ୍ଦୁଛନ୍ତି। ମନଟା ଦୁଃଖରେ ଭରିଯାଉଥିଲା।

ମା' ଦୁର୍ଗାଙ୍କୁ ଭସାଇବାକୁ ନେବାର ପ୍ରସ୍ତୁତି ଚାଲିଥାଏ। ପ୍ରଥମେ ଗଣେଶ ଓ କାର୍ତ୍ତିକଙ୍କୁ କୋଳରେ ଧରି ନିଆଗଲା। ମୁଁ ଚାଲିଥାଏ ଗଣେଶଙ୍କ ପଛରେ। ଏଇ ଦେବତା ଗଜାନନଙ୍କୁ ଆମେ ସବୁ ପିଲାମାନେ ଖୁବ୍ ଭଲପାଉଥିଲୁ। ଶ୍ରୀମା କହିଛନ୍ତି ଗଣେଶଙ୍କ ମୁହଁଟି ସତରେ ହାତୀ ମୁହଁ ପରି। ମା' ଗଣେଶଙ୍କୁ ଖୁବ୍ ସ୍ନେହ କରୁଥିଲେ। ମା'ଙ୍କ କୋଠରିରେ ବହୁ ଦେବଦେବୀଙ୍କ ମୂର୍ତ୍ତି ରହିଛି। ମା' ଏଇ ଦେବତାମାନଙ୍କ ସହିତ କଥା ହେଉଥିଲେ। ଅନ୍ୟ ଦେବତାଙ୍କ ମୂର୍ତ୍ତି ଅପେକ୍ଷା ଗଣେଶଙ୍କ ମୂର୍ତ୍ତି ସଂଖ୍ୟା ବେଶୀ। ମା'ଙ୍କ କୋଠରିରେ ଗଣେଶ ଓ ନାରାୟଣଙ୍କ ମୂର୍ତ୍ତି ପାଖାପାଖି ରଖାଯାଇଛି। ମା' କହିଛନ୍ତି, ସବୁ ଦେବଦେବୀଙ୍କ ମୂର୍ତ୍ତି ଭିତରେ ସେମାନଙ୍କ ଉପସ୍ଥିତି ଉପଲବ୍ଧ

କରିହୁଏ। ମା'ଙ୍କ ପାଖରେ ବିଭିନ୍ନ ଧାତୁ, ହାତୀ ଦାନ୍ତ, କାଠରେ ତିଆରି ବିଭିନ୍ନ ଦେବଦେବୀଙ୍କର ମୂର୍ତ୍ତି ରହିଛି। ପ୍ରତ୍ୟେକ ମୂର୍ତ୍ତିରେ ସେହି ଦେବତାଙ୍କ ଉପସ୍ଥିତି ବିଦ୍ୟମାନ। ଯେଉଁ ଦେବତାଙ୍କ ମୂର୍ତ୍ତିଟିକୁ ମା' ହାତରେ ଉଠାଇ ଆଣୁଥିଲେ ତତ୍‌କ୍ଷଣାତ୍ ସେହି ଦେବତା ଆସି ଉପସ୍ଥିତ ହେଉଥିଲେ। ମା' କହିଛନ୍ତି, ''ମୋ ପାଖରେ ଅନେକ ଗୁଡ଼ିଏ ଗଣେଶଙ୍କ ମୂର୍ତ୍ତି ରହିଛି। ଅନେକେ ମୋତେ ଗଣେଶଙ୍କ ମୂର୍ତ୍ତି ଦିଅନ୍ତି। ଗଣେଶଙ୍କ ମୂର୍ତ୍ତିକୁ ହାତରେ ଧରି ଗୋଟିଏ ମିନିଟ୍ ତାଙ୍କୁ ଚାହିଁବା ମାତ୍ରେ ଗଣେଶ ଆସି ହାଜର ହୁଅନ୍ତି। ମୋ ବିଛଣା ପାଖରେ ଯେଉଁଠି ମୁଁ କାମ କରେ, ଖାଏ, ଧ୍ୟାନ କରେ ସେହି ଜାଗାରେ ମୁଁ ଗଣେଶଙ୍କର ମୂର୍ତ୍ତିଟିଏ ରଖିଛି। ମୂର୍ତ୍ତିଟି ଖୁବ୍ ଛୋଟ। ନାରାୟଣଙ୍କ ମୂର୍ତ୍ତିଟି ବଦ୍ରିନାଥରୁ ଆସିଛି। ଏଇ ଦୁଇଟି ମୂର୍ତ୍ତିଙ୍କୁ ମୁଁ ରୁମାଲ୍ ଚାପା ଦେବାକୁ ପେପର୍ ୱେଟ୍ ଭାବରେ ବ୍ୟବହାର କରେ। ବିଶେଷ କରି ଯେଉଁ ରୁମାଲଗୁଡ଼ିକ ଷ୍ଟୁଲ ଉପରେ ରହିଛି ସେଗୁଡ଼ିକ ଉପରେ ଗଣେଶ ଓ ନାରାୟଣଙ୍କୁ ରଖିଛି। ମୋ ଛଡ଼ା ସେଇ ରୁମାଲଗୁଡ଼ିକ କେହି ଛୁଅନ୍ତି ନାହିଁ। ଗଣପତି ଓ ନାରାୟଣଙ୍କୁ ଘୁଞ୍ଚାଇ ମୁଁ ନିଜେ ପରିଷ୍କାର ରୁମାଲ୍ ରଖେ। ଦିନେ ମୁଁ ମୋ ଅଙ୍ଗୁଳିରେ ଲଗାଇବା ପାଇଁ କିଛି କ୍ରିମ ତିଆରି କରିଥିଲି। ଅଙ୍ଗୁଳିରେ ସେଇ କ୍ରିମ ଲଗାଇବା ପୂର୍ବରୁ ଗଣପତିଙ୍କ କପାଳରେ, ପେଟ ଉପରେ, ହାତରେ କିଛି କ୍ରିମ ଲଗାଇଦେଇଥିଲି।

''ଗଣେଶଙ୍କ ସହିତ ମୋର ବେଶ୍ ଘନିଷ୍ଠତା ରହିଛି। ଏହିସବୁ ମୂର୍ତ୍ତିମାନଙ୍କ ମଧ୍ୟରେ ଦେବତାମାନଙ୍କର ଉପସ୍ଥିତି ସତ୍ୟ ଘଟଣା। ପୂରାପୂରି ସତ୍ୟ। ମୂର୍ତ୍ତିଗୁଡ଼ିକ ଜୀବନ୍ତ।

''ନାରାୟଣଙ୍କୁ ମୁଁ ସନ୍ତୁଷ୍ଟ ରହିବାକୁ କୁହେ। ଥରେ ମୋତେ ଜଣେ ଖୁବ୍ ସୁନ୍ଦର ଗୋଟିଏ ଗଣପତିଙ୍କ ମୂର୍ତ୍ତି ଦେଇଥିଲେ। ମୁଁ ନାରାୟଣଙ୍କୁ କହିଲି, (ଏହା ସ୍ୱାଭାବିକ ଯେ ମୁଁ ତାଙ୍କ ଅନୁମତି ନେଇ ନ ଥିଲି) 'ରାଗିବ ନାହିଁ। ମୁଁ ତୁମ ପାଇଁ ଜଣେ ସାଥି ଯୋଗାଡ଼ କରି ଦେଇଛି। ମୁଁ ତୁମ ଦୁଇ ଜଣଙ୍କୁ ଭଲପାଏ। ମୋ ପାଖରେ କୌଣସି ତାରତମ୍ୟ ନାହିଁ। ଗଣେଶ ତୁମଠାରୁ ବେଶୀ ସୁନ୍ଦର, କିନ୍ତୁ ତୁମେ ତ ନାରାୟଣ।' ନାରାୟଣଙ୍କୁ ଟିକିଏ ଖୁସି କରାଇବାକୁ ଏସବୁ କଥା କହିଥିଲି। ସେ ତ ଖୁବ୍ ଖୁସି।''*

ଆମର ଜଣେ ମାମୁ ପୁଅ ଭାଇର ଚାରିବର୍ଷର ପୁଅ ସବୁବେଳେ ଗଣେଶ ମୂର୍ତ୍ତିଟିଏ ଧରି ବୁଲୁଥାଏ। ତାଙ୍କୁ ଗାଧୋଇ ଦିଏ। ତାଙ୍କ ସହିତ କଥା ହୁଏ। ତାଙ୍କୁ ପୁଣି ଫୁଲ ଦେଇ ପୂଜା କରେ। ଛୋଟ ବଡ଼ ଅନେକଗୁଡ଼ିଏ ଗଣେଶ ମୂର୍ତ୍ତି ସଂଗ୍ରହ କରି ସେ

* ସତ୍‌ପ୍ରେମଙ୍କ ପାଖରେ ମା' ଏହିସବୁ କଥା କହିଥିଲେ।

ସଂସାରଟିଏ ତିଆରି କରିଛି। ତା' ବାପାମା'ଙ୍କ ସହିତ ସେ ଏଠାକୁ ଆସିଥିଲା। ଏଠାକୁ ଆସିବା ପରେ ସେ ଗୋଟିଏ ଗଣେଶ ମୂର୍ତ୍ତି କିଣିବାକୁ ଜିଦ୍ ଧରିଲା। ପରିଶେଷରେ ତାକୁ ଗୋଟିଏ ବଡ଼ ଗଣେଶ ମୂର୍ତ୍ତି କିଣି ଦେବାକୁ ହେଲା। ସେଇ ମୂର୍ତ୍ତିକୁ ନେଇ ସାରାଦିନ କେତେ କଥା, କେତେ ପୂଜା। ଏଠାରୁ ଯିବା ପୂର୍ବରୁ ଗୋଟିଏ ଛୋଟ ଗଣେଶ ମୂର୍ତ୍ତି କିଣି ମୋତେ ଉପହାର ଦେଇ ସେ କହିଯାଇଛି, ''ପିଉସୀ, ପ୍ରତିଦିନ ଗଣେଶ ଦେବତାଙ୍କୁ ଫୁଲ ଦେବ।'' ସେଇ ମୂର୍ତ୍ତିଟିକୁ ମୁଁ ମା'ଙ୍କ ଚରଣ ପାଖରେ ରଖିଦେଇଛି।

ପିଲାବେଳେ ଆମେ ଜାଣିଥିଲୁ ଯେ ପାର୍ବତୀ ହେଉଛନ୍ତି ଗଣେଶଙ୍କ ମା'। ଗଣେଶ ହେଲେ ଭଗବତୀ ଜନନୀଙ୍କ ପ୍ରଥମ ସନ୍ତାନ। ତାଙ୍କର ଖୁବ୍ ପ୍ରିୟ ସନ୍ତାନ। ଗଣେଶ ହେଲେ ସିଦ୍ଧିଦାତା। ବିଶେଷ କରି ଧନଦୌଲତ ଜାଗତିକ ଐଶ୍ୱର୍ଯ୍ୟ ତାଙ୍କ କ୍ଷମତାର ଅଧୀନରେ। ସମସ୍ତ ଜାଗତିକ ସିଦ୍ଧି ତାଙ୍କ କରତଳେ। ଗଣେଶଙ୍କୁ ନେଇ ଅନେକ ଗଳ୍ପ ରହିଛି। ସେସବୁ ସମସ୍ତେ ଜାଣିଥିବ। ତଥାପି ସେଗୁଡ଼ିକ ମଧ୍ୟରୁ ଗୋଟିଏ କହିବାକୁ ଇଚ୍ଛା ହେଉଛି।

ଥରେ ଭଗବତୀ ଜନନୀ ଗଣେଶ ଓ କାର୍ତ୍ତିକଙ୍କୁ କହିଲେ, ''ଦେଖିବା ତୁମ ଭିତରୁ କିଏ ଆଗେ ବିଶ୍ୱବ୍ରହ୍ମାଣ୍ଡକୁ ପରିକ୍ରମା କରି ଆସିପାରୁଛ।'' କାର୍ତ୍ତିକ ତତ୍‌କ୍ଷଣାତ୍ ତାଙ୍କ ବାହନ ମୟୂର ଉପରେ ବସି ବାହାରିପଡ଼ିଲେ। ଗଣେଶ ତାଙ୍କ ବାହନ ମୂଷିକ ଉପରେ ବସି ଜନନୀଙ୍କୁ ପ୍ରଦକ୍ଷିଣ କରି ବିନୀତ ଭାବରେ ଆସି ତାଙ୍କ ସାମନାରେ ଠିଆହେଲେ। ଘର୍ମାକ୍ତ, ପରିଶ୍ରାନ୍ତ ହୋଇ ସମଗ୍ର ବିଶ୍ୱବ୍ରହ୍ମାଣ୍ଡକୁ ପ୍ରଦକ୍ଷିଣ କରି କାର୍ତ୍ତିକ ଆସି ଦେଖନ୍ତି ଯେ ସେପର୍ଯ୍ୟନ୍ତ ଗଣେଶ ମା'ଙ୍କ ପାଖରେ ଠିଆହୋଇଛନ୍ତି। ସେ ଭାବିଲେ ଯେ ଗଣେଶ ପ୍ରଦକ୍ଷିଣ କରିବାକୁ ଯାଇ ନାହାନ୍ତି। କିନ୍ତୁ ମା' ପାର୍ବତୀ କହିଲେ, ''ଗଣେଶ ମୋତେ ପ୍ରଦକ୍ଷିଣ କରିଛି। ସେ କହିଛି ଯେ ଏଇ ବିଶ୍ୱସୃଷ୍ଟି ହେଉଛି ମୁଁ, ମୁହିଁ ତା'ର ସର୍ବଭୁବନ। ମୋତେ ପରିକ୍ରମା କରିବା ଅର୍ଥ ହେଉଛି ସମଗ୍ର ସୃଷ୍ଟିକୁ ପରିକ୍ରମା କରିବା।''

ଏମିତି ପୁଅକୁ ମା' କାହିଁକି ଭଲ ନ ପାଇବ କହିଲ? ଗଣେଶ ହେଲେ ସିଦ୍ଧିଦାତା, ଗଣଶକ୍ତି, ବହୁଜନ ହିତୈଷୀ। ତେଣୁ ସବୁ ପୂଜାପାର୍ବଣରେ ଆମେ ଶ୍ଳୋକ ଶୁଣୁ, 'ଓଁ ସିଦ୍ଧିଦାତ୍ରେ ଗଣେଶାୟ ନମଃ'। ଆଉ କାର୍ତ୍ତିକ ହେଲେ ଶୌର୍ଯ୍ୟ ବୀର୍ଯ୍ୟର ଶକ୍ତି। ଦେବ ସେନାପତି। ଏଦୁହେଁ ମା' ଆଦ୍ୟାଶକ୍ତିଙ୍କ ଅତିପ୍ରିୟ ସନ୍ତାନ।

ଏବେ ଗୋଟିଏ ଆକର୍ଷଣୀୟ ଘଟଣା ଲେଖୁଛି। ଯେଉଁମାନେ ଆଶ୍ରମକୁ ଆସନ୍ତି ସେମାନେ ଦେଖୁଥିବେ ଆଶ୍ରମ ପାଖରେ ଗଣେଶ ମନ୍ଦିରଟିଏ ଅଛି। ବହୁଲୋକ

ଏଇ ମନ୍ଦିରକୁ ପୂଜା କରିବାକୁ ଆସନ୍ତି । ଏହି ମନ୍ଦିରକୁ ପ୍ରଦକ୍ଷିଣ କରିବାର ଜାଗାଟି ଥିଲା ଖୁବ୍ ସଂକୀର୍ଣ୍ଣ । ଦିନେ ଗଣେଶ ଆସି ମା'ଙ୍କୁ କହିଲେ "ମା' ମୋ ମନ୍ଦିରକୁ ପ୍ରଦକ୍ଷିଣ କରିବା ପାଇଁ ଥିବା ଜାଗାଟି ଖୁବ୍ ସଂକୀର୍ଣ୍ଣ । ତୁମେ କିଛି ଖାଲି ଜାଗା ଦିଅ । ତା'ହେଲେ ସହଜରେ ସମସ୍ତେ ମନ୍ଦିର ପ୍ରଦକ୍ଷିଣ କରିପାରିବେ । ମା' ତୁମେ ମୋତେ ସାହାଯ୍ୟ କର ।"

ମା' ଲୋକ ପଠାଇ ଖୋଜଖବର ନେଲେ । ଦେଖାଗଲା ସତରେ ମନ୍ଦିର ପ୍ରଦକ୍ଷିଣ କରିବାର ଜାଗାଟି ସଂକୀର୍ଣ୍ଣ । ମନ୍ଦିର ପାଖରେ ଆଶ୍ରମର ଯେଉଁ ଘରଟି ରହିଛି ତା'ର ବାହାର ପଟ କାନ୍ଥ ଭାଙ୍ଗିଦେଇ କିଛି ଜାଗା ମା' ଗଣେଶଙ୍କୁ ଦେଲେ । ଏମିତି ଭାବରେ ଯେତେବେଳେ ସେତେବେଳେ ଦେବଦେବୀମାନେ ଆସି ମା'ଙ୍କ ପାଖରେ ସେମାନଙ୍କ ସୁବିଧା ଅସୁବିଧା ଜଣାଉଥିଲେ ।

ମନେହେଉଛି ଯେମିତି ମହାଭାରତର ଗପ ଲେଖୁଛି । ଆମର ଏଇ ତୁଚ୍ଛ ସାମାନ୍ୟ ଜୀବନରେ ମା'ଙ୍କର କେତେ ରୂପ ଦେଖିବାର ସୌଭାଗ୍ୟ ହୋଇଛି । ଦୁର୍ଗାପୂଜା ସମୟରେ ତ ମା'ଙ୍କୁ ସ୍ୱୟଂ ଦୁର୍ଗାରୂପେ ଏଇ ପୃଥିବୀରେ ପାଇଛୁ । ଦଶମୀ ଦିନ କହିବାକୁ ଇଚ୍ଛା ହୁଏ ମା' ଦୁର୍ଗାଙ୍କର ଜୟ ।

ମନେପଡୁଛି ପିଲାବେଳର କଥା । ଦଶମୀ ଦିନ ଉପରଓଳି ଦୁର୍ଗାଙ୍କୁ ଭସାଇବାକୁ ନିଆଯାଉଥାଏ । ଆମ ମାମୁଘରେ ମା' ଦୁର୍ଗାଙ୍କର ବିଶାଳ ମୂର୍ତ୍ତି ତିଆରି ହେଉଥିଲା । କାହା ମୂର୍ତ୍ତି ସବୁଠାରୁ ବଡ଼ ଓ ସୁନ୍ଦର ଏଥିନେଇ ପାଞ୍ଚ ଛଅଟି ଗାଁ ଭିତରେ ନୀରବରେ ପ୍ରତିଯୋଗିତା ଚାଲୁଥିଲା । କହିବା ବାହୁଲ୍ୟ ଯେ ଆମ ମାମୁଘରର ଦୁର୍ଗା ପ୍ରତିମା ସବୁଠାରୁ ବଡ଼ ଓ ସୁନ୍ଦର ହେଉଥିଲା । ଛପର ଥିବା ବଡ଼ ବଡ଼ ନୌକାଗୁଡ଼ିକରେ ଯେତେବେଳେ ମୂର୍ତ୍ତିଗୁଡ଼ିକୁ ଇଛାମତୀ ନଦୀକୁ ଭସାଇବାକୁ ନିଆଯାଉଥିଲା ସେତେବେଳର ଆନନ୍ଦ ଓ ଉତ୍ସାହ ଦେଖେ କିଏ ? ସବୁ ନୌକାରୁ ଏକା ସାଥିରେ 'ମା' ଦୁର୍ଗାଙ୍କର ଜୟ' ଧ୍ୱନି ଉଠୁଥିଲା । ଏଇ ଧ୍ୱନିରେ ଆକାଶ ବତାସ ପ୍ରତିଧ୍ୱନିତ ହେଉଥିଲା । ବଂଶୀ, ଢାକ, ଢୋଲ ଓ ନାନା ପ୍ରକାର ବାଣର ଶବ୍ଦ ଗୋଟିଏ ନୂଆ ବାତାବରଣ ସୃଷ୍ଟି କରୁଥିଲା । ମୂର୍ତ୍ତି ଯାଉଥିବା ବଡ଼ ନୌକାର ପଛରେ ଛୋଟ ନୌକାଗୁଡ଼ିକ ନିଜ ନିଜ ଭିତରେ ପ୍ରତିଯୋଗିତା କରି ଚାଲୁଥିଲେ । ଆମେ ପିଲାମାନେ ସବୁ ହୋ-ହଲ୍ଲା କରୁଥିଲୁ । ବିଭିନ୍ନ ପ୍ରକାର ବାଣ ଫୁଟୁଥିଲା । ସେଇ ଭୀଷଣ ଶବ୍ଦ ଶୁଣି ଆମେ ଡରି ଯାଉଥିଲୁ । ଛପର ଥିବା ବଡ଼ ବଡ଼ ନୌକାଗୁଡ଼ିକ ଦୁର୍ଗା ମୂର୍ତ୍ତିଙ୍କୁ ବହନ କରି ଯେମିତି ସାରା ନଦୀକୁ ଛାଇ ଦେଉଥିଲେ । ତା' ସହିତ ଅନ୍ୟ ନୌକାରେ ଢାକ, ଢୋଲ, ଝାଲି ବଜାଇ ବଜାଇ ବାଜଣାକାରୀମାନେ ଚାଲୁଥିଲେ । କାହାର ବାଜଣା ବେଶି ଭଲ

ସେଥିପାଇଁ ମଧ୍ୟ ପ୍ରତିଯୋଗିତା। ଏସବୁ ନୌକା ପଛରେ ଲୋକମାନଙ୍କୁ ନେଇ ଆହୁରି ଅନେକ ନୌକା ଚାଲୁଥିଲା। ପିଲାମାନଙ୍କ ପାଇଁ ଗୋଟିଏ ସ୍ୱତନ୍ତ୍ର ନୌକା ଥିଲା। ସେଇ ନୌକାରେ ବସି ଖୁସିରେ ଆମେ ହୈ-ଚୈ କରୁଥିଲୁ। ବୟସ୍କମାନେ ବିଭିନ୍ନ ଆକାରର ନୌକାରେ ବସି ହଟ୍ଟଗୋଳ କରୁଥିଲେ। ମଝିରେ ମଝିରେ ମାମୁମାନେ ଓ ଭାଇମାନେ ମିଶି ସମସ୍ୱରରେ କହୁଥିଲେ, 'ମା' ଦୁର୍ଗାଙ୍କର ଜୟ'। ସେମାନେ ଏହା କହିବା ମାତ୍ରେ ଆମେ 'ମା' ଦୁର୍ଗାଙ୍କର ଜୟ' ବୋଲି କହି ଏହାର ପ୍ରତ୍ୟୁତ୍ତର ଦେଉଥିଲୁ। କିଏ କେତେ ଜୋରରେ ଚିତ୍କାର କରିପାରେ ପାଳି କରି ତାର ମଧ୍ୟ ପ୍ରତିଯୋଗିତା ହେଉଥିଲା। ବିଶେଷ କରି ମୋ ମାଉସୀ କଳ୍ପନା ଓ ମୁଁ ସବୁବେଳେ 'ମା' ଦୁର୍ଗାଙ୍କର ଜୟ' ବୋଲି କହିଚାଲିଥାଉ। ମୂର୍ତ୍ତି ବିସର୍ଜନ ପରେ ଘରକୁ ଫେରିବା ବେଳକୁ ଗଳା ପୂରା ବସିଯାଉଥାଏ। ମନ ମଧ୍ୟ ବିଷଣ୍ଣ। କଥା କହିବା ପରି ଅବସ୍ଥା କାହାର ନ ଥାଏ। ଦୁର୍ଗା ମଣ୍ଡପ ଆଡ଼କୁ ଚାହିଁହେଉ ନ ଥାଏ। ସବୁ ଯେମିତି ଶୂନ୍ୟ। ଶାନ୍ତିପାଣି ପକାଇବାର ବ୍ୟବସ୍ଥା ହେଲା। ମୁଁ ପାଦକୁ ଢାଙ୍କି ବସି ପଡ଼ିଲି। ଆମମାନଙ୍କ ପରି ପିଲାମାନଙ୍କର ଅବସ୍ଥା ଅବର୍ଣ୍ଣନୀୟ। ଏଥର ସମସ୍ତଙ୍କର ନିଜ ନିଜ ଘରକୁ ଫେରିବାର ପାଳି।

ଏହି ପ୍ରସଙ୍ଗରେ ମଜାର କଥାଟିଏ ମନେପଡ଼ୁଛି। ଥରେ ମୂର୍ତ୍ତି ବିସର୍ଜନ କରିବା ସମୟରେ ଆମ ନୌକାରୁ ଆମେ ଦେଖିଲୁ ଯେ ବଡ଼ମାନଙ୍କ ନୌକାକୁ ହାଣ୍ଡି ହାଣ୍ଡି ରସଗୋଲା ଆସୁଛି। ଆଉ ସମସ୍ତେ ମିଶି ହୈ ଚୈ କରି ଖାଉଛନ୍ତି। ବେଶ୍ ଧୁମଧାମ ଚାଲିଛି। ଆଉ ଆମେସବୁ ପିଲାମାନେ ଆମ ନୌକାରୁ ରସଗୋଲାଗୁଡ଼ିକ ବଡ଼ମାନଙ୍କ ପାଟିରେ ଅଦୃଶ୍ୟ ହେବାର ଦୃଶ୍ୟ ସତୃଷ୍ଣ ନୟନରେ ଦେଖୁଥାଉ। ରସଗୋଲା ପାଇଁ ନୌକାରେ ବେଶ୍ ଗଣ୍ଡଗୋଳ ଚାଲିଥାଏ ଆଉ ନୌକାଟି ଟଳମଳ ସହ୍ୟ କରି ନ ପାରି ବୁଡ଼ିଗଲା। ରକ୍ଷା ଯେ ସମସ୍ତେ ପହଁରା ଜାଣିଥିଲେ। ସମସ୍ତେ ହାତ ଉପରକୁ କରି ରସଗୋଲା ହାଣ୍ଡିଗୁଡ଼ିକ ଧରି ରହିଥା'ନ୍ତି। ଚିନ୍ତା କର କି ହାସ୍ୟକର ଦୃଶ୍ୟଟିଏ। ଏମାନଙ୍କ ଭିତରୁ କିଏ ମୁନ୍‌ସଫ୍, କିଏ ଓକିଲ, କିଏ ଡାକ୍ତର, କିଏ ପୁଣି ପ୍ରଫେସର! ଏମିତିରେ ସମସ୍ତେ ଗମ୍ଭୀର ପ୍ରକୃତିର ମଣିଷ। କିନ୍ତୁ ପୂଜାଛୁଟିରେ ସମସ୍ତେ ଯେମିତି ନିଜ ନିଜର ଶୈଶବକୁ ଫେରିଯାଉଥିଲେ। ସମସ୍ତଙ୍କ ଭିତରେ ଆନନ୍ଦର ବନ୍ୟା ବହିଯାଉଥିଲା। ବର୍ଷରେ ଅନ୍ତତଃ ଥରେ ସେମାନେ ନିଜ ନିଜର ବାଲ୍ୟ-କୈଶୋରକୁ ଫେରୁଥିଲେ।

ଏହା ଭିତରେ ଆଉ ଗୋଟିଏ କାଣ୍ଡ। ହଠାତ୍ ଆମ ନୌକାରେ ଥାଇ ଆମେ ଶୁଣିଲୁ ଯେ ପୁଷ୍ପ (ମୁଁ) ଓ ନେବୁ (ତପତୀ) ବଡ଼ମାନଙ୍କ ନୌକାରେ ଥିଲେ,

ବୁଡ଼ିଯାଇଛନ୍ତି। ସମସ୍ତଙ୍କ ଖୁସି ଗୋଟିଏ ମୁହୂର୍ତ୍ତରେ ଲିଭିଗଲା। ଅନ୍ୟାନ୍ୟ ନୌକାଗୁଡ଼ିକରୁ ମାମୁମାନେ, ଗାଁର ଲୋକମାନେ ପାଣିକୁ ଡେଇଁପଡ଼ି ମୋତେ ଓ ନେବୁକୁ ଖୋଜିବାକୁ ଲାଗିଲେ। ଏପଟେ ଆମେ ଦୁଇ ଭଉଣୀ ଭୟରେ କାଠ ପରି ହୋଇ ନୌକାର ଗୋଟିଏ କୋଣରେ ଲୁଚିରହି ଚୁପ୍‌ଚାପ୍ ଅନ୍ୟମାନଙ୍କର କାଣ୍ଡ କାରଖାନା ଦେଖୁଥାଉ ଆଉ ମନେମନେ ଭାବୁଥାଉ ସତରେ ବୋଧହୁଏ ଆମେ ବୁଡ଼ିଯାଇଛୁ। ଛାତି ଫଟାଇ ଦେଇ କୋହ ଉଠୁଥାଏ। ଏହା ଭିତରେ ହଠାତ୍ କେହି ଜଣେ ଆମକୁ ଦେଖି ପାରି ଖୁସିରେ ଚିତ୍କାର କରି ଉଠିଲା, "ପୁଷ୍ପ ଓ ନେବୁ ଅଛନ୍ତି। ବୁଡ଼ିଯାଇ ନାହାନ୍ତି, ସେମାନେ ପିଲାମାନଙ୍କ ନୌକାରେ ଅଛନ୍ତି।" ଏକଥା ଶୁଣି ଆମେ ଦୁଇ ଭଉଣୀ ଯେମିତି ନୂଆ ଭାବରେ ବଞ୍ଚିଉଠିଲୁ। ଆମକୁ ଦେଖି ସମସ୍ତଙ୍କର କି ଖୁସି। ସ୍ୱସ୍ତିରେ ନିଶ୍ୱାସ ମାରିଲୁ। ଆମେ ବୁଡ଼ିଯାଇନୁ ତା'ହେଲେ। ଏହା ପରେ ଆମ ନୌକାକୁ ପ୍ରଚୁର ରସଗୋଲା ଆସିଲା। ଖୁସିରେ ଟପ୍‌ଟାପ୍ କରି ରସଗୋଲା ମୁହଁରେ ପୂରାଉଥାଉ। କି ଖୁସି ସମସ୍ତେ...।

ଏବେ ଅସଲ କଥାକୁ ଫେରିବା। ଆଶ୍ରମକୁ ନୂଆ କରି ଆସିଥାଏ। ସମସ୍ତେ ଅପରିଚିତ। ଆଶ୍ରମରେ ମୋର ପ୍ରଥମ ଦୁର୍ଗାପୂଜା ସମୟରେ ଏଇ ଅପରିଚିତ ପରିବେଶରେ ମୋତେ ଏକୁଟିଆ ଲାଗୁଥାଏ। ହଠାତ୍ ଇଲାଦି' ମୋତେ କହିଲେ, "ତୁମେ ଚିତ୍ରା ଓ ଅନ୍ୟମାନଙ୍କ ସହିତ ଗୋଲକୁଣ୍ଡକୁ ଯାଇ ଦୁବଘାସ ତୋଳି ନେଇଆସ।" ଇଲାଦି' ମୋତେ ବେଶ୍ ସ୍ନେହ କରୁଥିଲେ। ସେ ବୁଝିଥିଲେ ଯେ ବାଂଲାଦେଶର ପୂଜା ସମୟର ପରିବେଶ ମୋ ମନରେ ଭିଡ଼ ଜମାଇଛି, ମୋତେ ଖୁବ୍ ଏକା ଲାଗୁଛି।

୧୯୪୧ ମସିହା ଅଗଷ୍ଟ ଦର୍ଶନ ସମୟରେ ତପତୀ ଓ ମୁଁ ପ୍ରଥମେ ଏଠାକୁ ଆସିଥିଲୁ। ସେସମୟରେ ପ୍ରତିଦିନ ସନ୍ଧ୍ୟାରେ ମା' ଶିଡ଼ିରେ ଆସି ଠିଆହେଉଥିଲେ। ଏବେ ମେଡ଼ିଟେଶନ ହଲରେ ଯେଉଁଠାରେ ମା'ଙ୍କର ବଡ଼ ଫଟୋଟି ରଖାଯାଇଛି ଠିକ୍ ସେହି ଜାଗାରେ ମା' ଆସି ଠିଆହେଉଥିଲେ। ତା' ପରେ ଧ୍ୟାନ ହେଉଥିଲା। ଭକ୍ତ ଶିଷ୍ୟମାନେ ସମସ୍ତେ ତଳେ ମା'ଙ୍କ ସାମନାରେ ବସି ଧ୍ୟାନ କରୁଥିଲେ। ଏଇ ଧ୍ୟାନ ସମୟରେ ଦିନେ ମୁଁ ଇଲାଦି'ଙ୍କ ପାଖରେ ବସିଥିଲି। ମା' ଉପରୁ ଓହ୍ଲାଇ ଆସି ଶିଡ଼ି ଉପରେ ଠିଆହେବା ମାତ୍ରେ ଇଲାଦି' ମୋତେ ମା' ଠିଆହୋଇଥିବା ଶିଡ଼ି ପାହାଚର ପର ପାହାଚରେ ବସିବାକୁ ଇଙ୍ଗିତ କଲେ। ତାଙ୍କ ନିର୍ଦ୍ଦେଶ ଅନୁଯାୟୀ ଛୋଟ କୁକୁର ଛୁଆଟିଏ ପରି ମୁଁ ମା'ଙ୍କ ଚରଣ ତଳେ ନିର୍ଭୟରେ ବସିପଡ଼ିଲି। ଏଠାରେ ସେତେବେଳେ ମୁଁ ନୂଆ। ଏଠାକାର ଚାଲିଚଳନ ବିଷୟରେ ମୁଁ କିଛି ବି ଜାଣି ନ ଥାଏ।

ଇଲାଦି' ବସିବାକୁ କହିଲେ, ତେଣୁ ବସିପଡ଼ିଲି ମା'ଙ୍କ ଚରଣ ତଳେ। ଆଶ୍ଚର୍ଯ୍ୟର କଥା ହେଲା ମା' ମୋତେ ଜଣେ ପରିଚିତ ବନ୍ଧୁ ପରି ଚାହିଁଲେ। ଛୋଟ କୁକୁର ଛୁଆଟିଏ ପରି ପରମ ନିର୍ଭୟରେ ମୁଁ ମା'ଙ୍କ ଚରଣ ତଳେ ବସିଥାଏ ଯେମିତି ତାହାହିଁ ମୋର ବସିବା ଜାଗା। ସେତେବେଳେ ମୋର ବୟସ ବା କେତେ? କିଶୋରୀ ଝିଅଟିଏ ତା'ର ଗଭୀର ଭଲପାଇବା ଓ ବିଶ୍ୱାସ ନେଇ ବସିଥାଏ ମା'ଙ୍କ ଚରଣ ତଳେ। କି ଶାନ୍ତି ପାଇଥିଲି ସେଦିନ! ତା'ପରେ ଯେତେଦିନ ଆଶ୍ରମରେ ଥିଲି ସନ୍ଧ୍ୟାବେଳେ ଧ୍ୟାନ ସମୟରେ ସେଇ ଜାଗାରେ ମା'ଙ୍କ ଚରଣ ପାଖରେହିଁ ବସୁଥିଲି। ସ୍ଥାନଟି ଯେମିତି ନିର୍ଦ୍ଦିଷ୍ଟ ଥିଲା ମୋ ପାଇଁ। ସେଇ ଦିନରୁହିଁ ମୋ ଜୀବନର ମୋଡ଼ ବଦଳି ଯାଇଥିଲା।

ସୁଜାତା, ଚିତ୍ରା, ସୁପ୍ରଭା ଇତ୍ୟାଦିଙ୍କ ସହିତ ଗୋଲକୁଣ୍ଡରୁ ଦୁବଘାସ ତୋଳି ଆଣିଲି। ତା'ପରେ ପୁଣି ପୂଜାର ସାଜସଜ୍ଜା ଦେଖିବାକୁ ବସିଗଲି। ଝୋଟି ଦେବା ମଧ୍ୟ ଆରମ୍ଭ ହୋଇଗଲା। ଏହା ହେଉଛି ବିଭାର ପରିକଳ୍ପନା। ମା'ଙ୍କ ପାଖରୁ ଝୋଟି ଦେବାର ଅନୁମତି ଆଣିବାକୁ ବିଭା ମିଲିଦି'ଙ୍କୁ ଅନୁରୋଧ କରିଥିଲା। ମିଲିଦି' ମା'ଙ୍କ ପାଖରୁ ଅନୁମତି ନେଇ ଆସିଥିଲେ। ପରଦିନ ଦୁର୍ଗାପୂଜା। ବୁଲାଦା' ଖୁବ୍ ଖୁସି। ଠିଆହୋଇ ଝୋଟି ଦେବା ଦେଖୁ ଦେଖୁ କହିଲେ, "ଶାନ୍ତିନିକେତନରେ ବି ଏମିତି ଝୋଟି ଦିଆଯାଏ।" ଚମ୍ପକଲାଲ ମଧ୍ୟ ବେଶ୍ ଖୁସି। ବାରଂବାର ଆସି ଦେଖୁଥା'ନ୍ତି। ଦ୍ୱିପ୍ରହରରୁ ବିଭା, ମନିଦି', ମିଲିଦି', ଗୌରୀ ସମସ୍ତେ ମିଶି ଝୋଟି ଦେବାକୁ ଆରମ୍ଭ କରିଥିଲେ। ତା'ପରେ ମା'ଙ୍କ ବସିବା ଚେୟାରଟି ସମସ୍ତେ ମିଶି ସଜାଇଲେ। ବିଭା ସାନବେଳୁ ଲକ୍ଷ୍ମୀପୂଜା ଓ କାଳୀପୂଜା ସମୟରେ ତାଙ୍କ ସାରା ଘରେ ଝୋଟି ଦେଉଥିଲା। ବିଭାର ବାପା ଓ ଭାଇ (ସଞ୍ଜୀବନଦା') ଥିଲେ ଶିଳ୍ପୀ। ସେମାନଙ୍କର ସବୁ ଭଉଣୀମାନଙ୍କର ଲେଖିବା ବା ଆଙ୍କିବାର ଗୁଣଟି ଉଣାଧିକେ ରହିଛି। ଥରେ ମାୟା (ବିଭାର ପିଉସୀ ଝିଅ ଭଉଣୀ)ର ଜନ୍ମଦିନରେ ତା' ସାମନାରେ ନଳିନୀଦା' ମା'ଙ୍କୁ କହିଥିଲେ, "ମାୟା ଖୁବ୍ ଭଲ ଲେଖେ। ତା'ର ବେଶ୍ ଲେଖିବାର କ୍ଷମତା ରହିଛି।" ମା'ଙ୍କ ସାମନାରେ ଏକଥା ଶୁଣି ମାୟାର କି ଲଜ୍ଜା...!

ତେଣୁ ଆଶ୍ରମରେ ପ୍ରଥମ ପୂଜାର ଦିନରେ ସ୍ୱଭାବତଃ ବିଭାର ଝୋଟି ଦେବାକୁ ଆଗ୍ରହ ହୋଇଥିଲା। ଝୋଟି ଦେବାର ଅନୁମତି ସହଜରେ ମା'ଙ୍କ ପାଖରୁ ମିଳିଯାଇଥିଲା। ଏଇ ଦୁର୍ଗାପୂଜାର କାମଟି ଯେମିତି ଏମାନଙ୍କ ପାଇଁ ନିର୍ଦ୍ଦିଷ୍ଟ ଥିଲା। ୧୯୪୪ ମସିହାଠାରୁ ପ୍ରତିବର୍ଷ ପୂଜାର ଆଶୀର୍ବାଦ ଦେବାକୁ ମା' ତଳକୁ ଓହ୍ଲାଇ ଆସୁଥିଲେ। ଯେଉଁ ଶିଡ଼ି ଦେଇ ମା' ତଳକୁ ଓହ୍ଲାଉଥିଲେ ସେହି ଶିଡ଼ିଠାରୁ ତଳ ଦୁଇଟି ହଲ୍ ପର୍ଯ୍ୟନ୍ତ ଫୁଲ, ମାଳା, ଲତାପତ୍ର ଦେଇ ଏମାନେ ସୁନ୍ଦର ଭାବରେ ସଜାଉଥିଲେ।

ମା'ଙ୍କ ଚେୟାର ମଧ୍ୟ ବନାରସୀ ଶାଢ଼ୀ ଦେଇ ସଜାଇ ଦେଉଥିଲେ ଯେମିତି ଏବେ ଶକୁନ୍ତଳା, କୃଷ୍ଣା ଇତ୍ୟାଦି ସଜାନ୍ତି। ଏବେ ଯେଉଁଠାରେ ମା'ଙ୍କ ଫଟୋ ରଖାଯାଇଛି ସେଠାରେ ମା'ଙ୍କ ବସିବା ପାଇଁ ଚେୟାରଟି ରଖାଯାଉଥିଲା। ପ୍ରତିବର୍ଷ ମହାଷ୍ଟମୀ ଓ ବିଜୟାଦଶମୀ ଦିନ ମା' ଆମମାନଙ୍କୁ ଆଶୀର୍ବାଦ ଫୁଲ ଦେଉଥିଲେ। ମହାଷ୍ଟମୀ ଦିନ ମା' ପିନ୍ଧୁଥିଲେ ସୁନେଲୀ ଜରିରେ ଫୁଲ ଅଙ୍କା ହୋଇଥିବା ଲାଲ ବନାରସୀ ଶାଢ଼ୀ। ଅପୂର୍ବ ତେଜସ୍ୱିନୀ ସୁନ୍ଦରୀ ମା' ଆମର ଦୀପ୍ତିମୟୀ ଅଗ୍ନିଶିଖା ପରି ଶିଢ଼ି ଦେଇ ଓହ୍ଲାଇ ଆସୁଥିଲେ। ଏଇ ପୂଜା ଉପଲକ୍ଷେ ମା'ଙ୍କର ନୂଆ ରୂପ ଏବଂ ଉତ୍ସବର ସମାରୋହ ଦେଖି ସମସ୍ତେ ଖୁବ୍ ଖୁସି ହେଉଥିଲେ ଏବଂ ତା' ସହିତ ବିସ୍ମିତ ବି ହେଉଥିଲେ। ଏମିତି ଘଟଣା ଯେ ଆଶ୍ରମରେ ଘଟିବ ତାହା ସମସ୍ତଙ୍କ କଳ୍ପନାର ବାହାରେ ଥିଲା। ସେତେବେଳର ସେଇ ଗମ୍ଭୀର ଆଶ୍ରମ ପରିବେଶ ମଧ୍ୟକୁ ଏମିତି ଭାବରେ ପୂଜାର ଆନନ୍ଦ ପଶିଆସିଥିଲା।

ଦୁର୍ଗାପୂଜା ଆଶ୍ରମ ଇତିହାସରେ ଏକ ବିରାଟ ପରିବର୍ତ୍ତନ ଆଣିଲା। ସମସ୍ତଙ୍କ ସାମନାରେ ମା' ନିଜକୁ ପ୍ରକାଶ କଲେ।

ତେଜ ଓ ସୌନ୍ଦର୍ଯ୍ୟର ଅପୂର୍ବ ସମନ୍ୱୟ ସହିତ ମହାଷ୍ଟମୀ ଓ ବିଜୟାଦଶମୀ ଦିନ ମା' ଏକ ଅନ୍ୟ ରୂପ ଧାରଣ କରନ୍ତି। ମହାଷ୍ଟମୀ ଦିନ ମା' ଅସୁରମାନଙ୍କ ସହିତ ଯୁଦ୍ଧ କରନ୍ତି। ସେଦିନ ହେଉଥିବା ପଶୁବଳୀର ଯେଉଁ ପ୍ରଥା ରହିଛି ତା'ର ନିହିତାର୍ଥ ହେଲା ନିଜ ମଧ୍ୟରେ ଥିବା ନିମ୍ନପ୍ରକୃତିକୁ ମା'ଙ୍କ ଚରଣରେ ଉତ୍ସର୍ଗ କରିବା। ନିଜ ଭିତରେ ଥିବା ସ୍ୱାର୍ଥ, କ୍ଷୁଦ୍ରତା, ନୀଚତାକୁ ମା'ଙ୍କ ଚରଣରେ ନିବେଦନ କରିବାହିଁ ହେଉଛି ଦୁର୍ଗାପୂଜାର ମୂଳ ଉଦ୍ଦେଶ୍ୟ।

ଶ୍ରୀଅରବିନ୍ଦ ଆମ ତରଫରୁ ମା'ଙ୍କୁ ପ୍ରାର୍ଥନା କରିଛନ୍ତି: "ମାତଃ ଦୁର୍ଗେ! ତୁମରି ସନ୍ତାନ ଆମେମାନେ, ତୁମରି ପ୍ରସାଦରେ, ତୁମରି ପ୍ରଭାବରେ, ଆମେ ମହତ୍ କାର୍ଯ୍ୟର, ମହତ୍ ଭାବର ଉପଯୁକ୍ତ ହୋଇଉଠୁ। ବିନାଶ କର ସ୍ୱାର୍ଥ, ବିନାଶ କର ଭୟ।"

ବିଜୟା ଦଶମୀ ଦିନ ମା'ଙ୍କ ବସିବା ଚେୟାଟି କି ସୁନ୍ଦର ଭାବରେ ସଜା ହେଇଥିଲା। ଏବେ ବି ସେମିତି ସଜଡ଼ାଯାଏ। ଲତା ଜନିଅରର ନାଁ ମା' ଦେଇଛନ୍ତି ବିଜୟ (Victory)। ବିଜୟା ଦଶମୀ ଦିନ ମା' ଜରି ଦେଇ ଫୁଲ ଥିବା ସୁନେଲୀ ରଙ୍ଗର ବନାରସୀ ଶାଢ଼ୀ ପିନ୍ଧୁଥିଲେ। ମୁଣ୍ଡରେ ପିନ୍ଧୁଥିଲେ ମୁକୁଟ। ମା' ଯେତେବେଳେ ପାହାଚ ଦେଇ ତଳକୁ ଓହ୍ଲାଇ ଆସୁଥିଲେ ତାଙ୍କୁ ଦେଖି ଆମେ ଅବାକ୍ ହୋଇ ଚାହିଁରହୁଥିଲୁ। ମା'ଙ୍କର ଏଇ ଐଶ୍ୱର୍ଯ୍ୟମୟ, ମହିମମୟ, ଗମ୍ଭୀର ଅଥଚ କରୁଣାମୟ,

ସୌନ୍ଦର୍ଯ୍ୟମୟ ରାଜରାଜେଶ୍ୱରୀ ରୂପ ଦର୍ଶନ କରି ଆମେ ଧନ୍ୟ ହୋଇଯାଉଥିଲୁ। ମା'ଙ୍କ ରୂପର କେତେ ବୈଚିତ୍ର୍ୟ! ଭାବିଲେ ଆଶ୍ଚର୍ଯ୍ୟ ହେବାକୁ ହୁଏ। ମନେହେଉଥିଲା ପାହାଚ ଦେଇ ଓହ୍ଲାଉ ଓହ୍ଲାଉ ମା' ଯେମିତି କହୁଛନ୍ତି:

"I am Durga, goddess of the proud and strong."

''ମୁଁ ଦୁର୍ଗା, ଇଷ୍ଟଦେବୀ ଦର୍ପୀ ଓ ସବଳର।''

ବଙ୍କିମଚନ୍ଦ୍ରଙ୍କ 'ଆନନ୍ଦମଠ' ପୁସ୍ତକରେ ଥିବା ମହେନ୍ଦ୍ରର ଦେବୀ ଦୁର୍ଗାଙ୍କ ମୂର୍ତ୍ତି ଦର୍ଶନ କରିବା କଥା ମନେପଡୁଛି। ସେଥିରେ ରହିଛି, ''ବ୍ରହ୍ମଚାରୀଙ୍କ ସହିତ ମହେନ୍ଦ୍ର ଦ୍ୱିତୀୟ ସୁଡ଼ଙ୍ଗ ଆରୋହଣ କରିବାକୁ ଲାଗିଲେ...। ଦେଖିଲେ, ଏକ ମର୍ମର ପ୍ରସ୍ତର ନିର୍ମିତ ପ୍ରଶସ୍ତ ମନ୍ଦିର ମଧ୍ୟରେ ସୁବର୍ଣ୍ଣ ନିର୍ମିତା ଦଶଭୁଜା ପ୍ରତିମା ନବାରୁଣ କିରଣରେ ଜ୍ୟୋତିର୍ମୟୀ ହୋଇ ହସୁଛନ୍ତି।

ଦିଗ୍‌ଭୁଜା — ନାନା ପ୍ରହରଣଧାରିଣୀ, ଶତ୍ରୁବିମର୍ଦ୍ଦିନୀ, ବୀରେନ୍ଦ୍ରପୃଷ୍ଠ ବିହାରିଣୀ ଦକ୍ଷିଣରେ ଲକ୍ଷ୍ମୀ ଭାଗ୍ୟରୂପିଣୀ, ବାମ ଦିଗରେ ବାଣୀ ବିଦ୍ୟା-ବିଜ୍ଞାନଦାୟିନୀ — ସାଥିରେ ବଳରୂପୀ କାର୍ତ୍ତିକେୟ, କାର୍ଯ୍ୟସିଦ୍ଧିରୂପୀ ଗଣେଶ। ଆସ, ଆମେ ଉଭୟେ ମା'ଙ୍କୁ ପ୍ରଣାମ କରିବା। ଉଭୟେ ଭକ୍ତିଭରେ ପ୍ରଣାମ କରିବା ପରେ ମହେନ୍ଦ୍ର ଗଦ୍‌ଗଦ କଣ୍ଠରେ ପ୍ରଶ୍ନ କଲେ, 'ମା'ଙ୍କ ମୂର୍ତ୍ତି କେବେ ଦେଖିବାକୁ ମିଳିବ?'

ବ୍ରହ୍ମଚାରୀ କହିଲେ, 'ଯେଉଁ ଦିନ ମା'ଙ୍କ ସମସ୍ତ ସନ୍ତାନ ତାଙ୍କୁ ମା' ବୋଲି ଡାକିବେ, ସେହି ଦିନ ସେ ପ୍ରସନ୍ନ ହେବେ'।''

ସେହି ମା' ଏଇ ଯୁଗରେ ଆମ ଧୂଳିଧୂସରିତ ଧରଣୀ ବକ୍ଷରେ ଅବତୀର୍ଣ୍ଣ ହେଲେ। ମା' ଏବେ ପ୍ରସନ୍ନ। ତାଙ୍କ ସମସ୍ତ ସନ୍ତାନ ଏବେ ମାତୃଗତପ୍ରାଣ।

ମା' ବିଜୟା ଦଶମୀର ନାଁ ଦେଲେ ବିଜୟର ଦିନ (Victory Day)। ସେଇ ଦିନ ଅସୁରମାନଙ୍କ ସହିତ ମା'ଙ୍କ ଯୁଦ୍ଧ ଶେଷ ହୋଇଥିଲା ଏବଂ ମା' ଅସୁର ବିନାଶିନୀ ଦୁର୍ଗାରୂପେ ଅସୁରମାନଙ୍କୁ ବିନାଶ କରିଥିଲେ। ତେଣୁ ଦଶମୀ ଦିନର ନାଁ ବିଜୟା ଦଶମୀ। ଏହି କାହାଣୀ ଆମେ ପିଲାଦିନରୁ ଶୁଣିଆସିଛୁ। କିନ୍ତୁ କଥାଟି ଯେ କେତେ ସତ ତା'ର ବିନ୍ଦୁମାତ୍ର ଧାରଣା ଆମର ନ ଥିଲା। ମା' ନିଜେ କହିଛନ୍ତି ଯେ ପ୍ରତିବର୍ଷ ଦୁର୍ଗାପୂଜା ସମୟରେ ମା' ଅସୁର ନିଧନ କରନ୍ତି। କେଉଁ ଆଦିକାଳରୁ ଅସୁରମାନଙ୍କ ସାଥିରେ ମା'ଙ୍କର ଯୁଦ୍ଧ ଚାଲିଛି।

''ମାତଃ ଦୁର୍ଗେ! ବଳଦାୟିନି, ପ୍ରେମଦାୟିନି, ଜ୍ଞାନଦାୟିନି, ଶକ୍ତି ସ୍ୱରୂପିଣି ଭିମେ, ସୌମ୍ୟ-ରୌଦ୍ରରୂପିଣି! ଜୀବନ-ସଂଗ୍ରାମେ ତୁମର ପ୍ରେରିତ ଯୋଦ୍ଧା

ଆମେମାନେ, ଦିଅ ମାତଃ ପ୍ରାଣେ ମନେ ଅସୁରର ଶକ୍ତି, ଅସୁରର ଉଦ୍ୟମ, ଦିଅ ମାତଃ ହୃଦୟରେ ବୁଦ୍ଧିରେ ଦେବଚରିତ୍ର ଦେବଜ୍ଞାନ।''

ମା' ମନାକୁ କହିଛନ୍ତି ଯେ ପ୍ରତିବର୍ଷ ଦୁର୍ଗାପୂଜା ସମୟରେ ଆମମାନଙ୍କୁ ଆଶୀର୍ବାଦ ଦେବାକୁ ସେ ଯେତେବେଳେ ଓହ୍ଲାଇଆସନ୍ତି ସେତେବେଳେ ମା' ଦୁର୍ଗା, ମହାଲକ୍ଷ୍ମୀ ମଧ୍ୟ ତାଙ୍କ ସହିତ ଓହ୍ଲାଇଆସନ୍ତି। କେହି ଜଣେ ହେଲେ ସର୍ବଦା ତାଙ୍କ ସହିତ ଥା'ନ୍ତି। ଆଉ ଯାହାଙ୍କର ଯେତେବେଳେ ପ୍ରୟୋଜନ ମା' ତାଙ୍କୁ ଡାକନ୍ତି।

ଏଇ ପ୍ରସଙ୍ଗରେ ଗୋଟିଏ ଅଦ୍ଭୁତ ଘଟଣା ବିଷୟରେ ମା' ମନାକୁ କହିଥିଲେ। ମା' ଗୋଟିଏ ପରିବାର ପାଇଁ ଅପେକ୍ଷା କରିଥିଲେ। ସ୍ୱାମୀ, ସ୍ତ୍ରୀ ଏବଂ ସେମାନଙ୍କର ଦୁଇଟି ପିଲା ଆସିବାର ଥିଲା। 'ନ' ଏଇ ପରିବାରଟିକୁ ମା'ଙ୍କ ପାଖକୁ ନେଇଆସିବା ମାତ୍ରେ ଗୋଟିଏ ଆଶ୍ଚର୍ଯ୍ୟକର ଘଟଣା ଘଟିଲା। ସ୍ୱୟଂ ମା' ଦୁର୍ଗା ଆସି ମା'ଙ୍କ ମଧ୍ୟରେ ପ୍ରବେଶ କଲେ। ସାଧାରଣତଃ ଏଇ ଦେବଦେବୀମାନେ ଆସିବା ପୂର୍ବରୁ ମା' ବୁଝିପାରୁଥିଲେ ସେଦିନ କିଏ ଆସିବ। କିନ୍ତୁ ଏଇ ପରିବାରଟି ଆସିବା ଦିନ ଦୁର୍ଗା ମା'ଙ୍କ ମଧ୍ୟକୁ ତାଙ୍କ ଅଜାଣତରେ ପ୍ରବେଶ କରିଥିଲେ। ପ୍ରବେଶ କଲାପରେ ଦୁର୍ଗା ସେହି ମହିଳାଙ୍କ ସହିତ କଥା ହେବାକୁ ଲାଗିଲେ। ସେତେବେଳେ ମା' ବୁଝିପାରିଲେ ଯେ ଏଇ ମହିଳାଙ୍କର ମା' ଦୁର୍ଗାଙ୍କ ପାଇଁ ଏତେ ଭକ୍ତି ଯେ ସେ ତାଙ୍କ ମଧ୍ୟକୁ ଓହ୍ଲାଇଆସିଛନ୍ତି। ମା' ବୁଝିପାରିଥିଲେ ଯେ ମହିଳା ଜଣକ ବେଶ୍ ଅସାଧାରଣ ବ୍ୟକ୍ତି। ଘଟଣାଟି ମା'ଙ୍କୁ ଖୁବ୍ ଆକର୍ଷଣୀୟ ମନେହୋଇଥିଲା। ସେମାନଙ୍କୁ ଛାଡ଼ି ଆସିବା ପରେ 'ନ' ମା'ଙ୍କୁ କହିଥିଲେ ଯେ ମହିଳା ଜଣକ ଦୁର୍ଗାଙ୍କର ପରମ ଭକ୍ତ। ସେହି ମହିଳା କୌଣସି କାମ କଲାବେଳେ ଦୁର୍ଗା ଆସି ତାଙ୍କୁ ସାହାଯ୍ୟ କରନ୍ତି। ଦୁର୍ଗାଙ୍କ ପ୍ରଭାବରେ ତାଙ୍କ ଜୀବନ ଗଢ଼ିଉଠିଛି। ସେ କହିଥିଲେ ଯେ ମା'ଙ୍କ ପାଖକୁ ଆସିବା ମାତ୍ରେ ସେଇ ମହିଳା ଦୁର୍ଗାଙ୍କର ଦର୍ଶନ ପାଇଥିଲେ। ତାଙ୍କର ମନେହୋଇଥିଲା ଯେ ମା' ଦୁର୍ଗା ତାଙ୍କ ସହିତ କଥା ହେଉଛନ୍ତି।

ସେଦିନ ମା' ମନାକୁ କହିଥିଲେ ଯେ ସତରେ ଦୁର୍ଗା ସେଦିନ ମା'ଙ୍କ ସହିତ ଥିଲେ। ଅନ୍ୟାନ୍ୟ କଥା ପରେ ମା' ମନାକୁ ପଚାରିଲେ, ''ଦୁର୍ଗା କିଏ ତୁମେ ଜାଣିଛ ? ପିତା ଓ ସନ୍ତାନ ମଧ୍ୟରେ ଯେମିତି ସ୍ନେହର ସମ୍ପର୍କ ଥାଏ ମୋର ଓ ଦୁର୍ଗାଙ୍କ ମଧ୍ୟରେ ସମ୍ପର୍କ ଅନେକଟା ସେମିତି। ଏମିତିକି ତା'ଠାରୁ ମଧ୍ୟ ବେଶୀ। ପିତା ଓ ସନ୍ତାନ ମଧ୍ୟରେ ତଥାପି ବ୍ୟବଧାନ ଥାଏ କିନ୍ତୁ ଦୁର୍ଗା ଓ ମୋ ମଧ୍ୟରେ ରହିଛି ନିବିଡ଼ ବନ୍ଧୁତ୍ୱ। ଦୁର୍ଗା ହେଲେ ମୋ ଝିଅ ପରି। ସାନ ଝିଅଟିଏ ପରି।'' ଦୁଇ ହାତର ଅଙ୍ଗୁଳିଗୁଡ଼ିକୁ ଏକାଠି କରି ମା' କହିଲେ, ''ଠିକ୍ ଏମିତି ଭାବରେ ଦୁର୍ଗା ମୋ ମଧ୍ୟରେ ଓତପ୍ରୋତ

ହୋଇ ରହିଛନ୍ତି। ଏମିତି ସୁନ୍ଦର ସମ୍ପର୍କ ଏଇ ପୃଥିବୀରେ ସମ୍ଭବ ନୁହେଁ। ସୂକ୍ଷ୍ମଜଗତରେ ଯେତେବେଳେ ସେତେବେଳେ ଇଚ୍ଛାନୁଯାୟୀ ବିଭିନ୍ନ ସ୍ଥାନକୁ ଯିବା ଆସିବା କରିହୁଏ। ଆମ ଦୁଇ ଜଣଙ୍କ ମଧ୍ୟରେ ଗୋଟିଏ ବୁଝାମଣା ରହିଛି। ଆମ ଭିତରେ ସମ୍ପର୍କଟି ଯେମିତି ମଧୁର ଓ ସ୍ନେହପୂର୍ଣ୍ଣ ସେମିତି ନିବିଡ଼, ପୁଣି ବିଶାଳ, ଅନନ୍ତ ଓ ସ୍ୱତଃସ୍ଫୂର୍ତ୍ତ।''

ପ୍ରତିବର୍ଷ ପୂଜାର କେତୋଟି ଦିନ ପୃଥିବୀ ପୃଷ୍ଠରେ ମା' ନିଜକୁ ମା' ଦୁର୍ଗା ରୂପରେ ପ୍ରକାଶ କରନ୍ତି ଏବଂ ଅସୁରମାନଙ୍କ ସହିତ ଯୁଦ୍ଧ କରି ଜୟୀ ହୁଅନ୍ତି। ଏହା କେବଳ ଗୋଟିଏ ପ୍ରାଚୀନ କାହାଣୀ ନୁହେଁ। ମା' ନିଜେ ଥରେ ପ୍ଲେ-ଗ୍ରାଉଣ୍ଡର ସାନ୍ଧ୍ୟ କ୍ଲାସରେ ଅସୁରମାନଙ୍କ ସହିତ ଯୁଦ୍ଧ କରିବାର କାହାଣୀ ଆମମାନଙ୍କୁ କହିଥିଲେ। ଖୁବ୍ ଆକର୍ଷଣୀୟ ସେଇ କାହାଣୀ। ଆମେ ଆହୁରି ଘୁଞ୍ଚିଯାଇ ମା'ଙ୍କର ଖୁବ୍ ନିକଟରେ ତାଙ୍କୁ ଘେରି ବସିଥିଲୁ। ମନରେ ଆସିଥିଲା, ଅସୁରମାନଙ୍କ ସହିତ ମା'ଙ୍କର ଯୁଦ୍ଧ କରିବାର କାହାଣୀଟି ତା'ହେଲେ ସତ! ବେଶ୍ ଉତ୍କଣ୍ଠିତ ହୋଇ ସବୁ ଶୁଣିଥିଲି ମା'ଙ୍କ ମୁହଁରୁ। ସ୍ୱୟଂ ମା' ନିଜେ କରିଥିବା ଯୁଦ୍ଧ କଥା କହୁଥିଲେ!

କ୍ଲାସରେ ମା' କହିଥିଲେ, ''ତୁମେମାନେ ନିଶ୍ଚୟ ଜାଣ ଯେ ପ୍ରତ୍ୟେକ ବର୍ଷ ଦୁର୍ଗାଙ୍କୁ ଅସୁର ବଧ କରିବାକୁ ହୁଏ। ପ୍ରତ୍ୟେକ ବର୍ଷ ଦୁର୍ଗାଙ୍କୁ ନୂଆ ଭାବରେ ଯୁଦ୍ଧକୁ ଓହ୍ଲାଇବାକୁ ହୁଏ। ଏହାର ଯେମିତି ଆଦି ଅନ୍ତ ନାହିଁ। ଅସୁରମାନଙ୍କର ରାଜତ୍ୱ ଓ ଆଧିପତ୍ୟ ଶେଷ ନ ହେବା ପର୍ଯ୍ୟନ୍ତ ଏମିତି ଭାବରେ ଯୁଦ୍ଧ ଚାଲିବ। ଯେତେବେଳେ ଅସୁରମାନେ ସମ୍ପୂର୍ଣ୍ଣଭାବରେ ପୃଥିବୀରୁ ବିତାଡ଼ିତ ହେବେ ସେତେବେଳେ ଆଉ ଯୁଦ୍ଧର ଆବଶ୍ୟକତା ରହିବ ନାହିଁ। କିନ୍ତୁ ଯେତେ ଦିନ ପର୍ଯ୍ୟନ୍ତ ମଣିଷମାନଙ୍କ ମଧ୍ୟରେ ଆସ୍ପୃହାର ଅଗ୍ନି ଉଦ୍ଦୀପ୍ତ ନ ହୋଇଛି, ବିବେକବୋଧ ତୀକ୍ଷ୍ଣ ନ ହୋଇଛି, ମଣିଷମାନଙ୍କର ନିଷ୍ଠା ପରୀକ୍ଷା କରିବା ପାଇଁ ସେତେ ଦିନ ପର୍ଯ୍ୟନ୍ତ ଏଇ ଅସୁରମାନେ ପୃଥିବୀ ପୃଷ୍ଠରେ ରହିଥିବେ। ଏମିତି ଦିନ ଆସିବ ଯେତେବେଳେ ମଣିଷ ପାଇଁ ଆଉ ପରୀକ୍ଷାର ଆବଶ୍ୟକତା ନ ଥିବ, ମଣିଷର ନିଷ୍ଠା ହେବ ଶୁଦ୍ଧ, ପବିତ୍ର ଏବଂ ସ୍ୱୟଂସ୍ଥିତ। ସେତେବେଳେ ଅସୁରମାନେ ଏଇ ପୃଥିବୀରୁ ଦୂରେଇଯିବେ। ତା'ପରେ ଦୁର୍ଗାଙ୍କୁ ଆଉ ପ୍ରତିବର୍ଷ ଅସୁରମାନଙ୍କ ସହିତ ଯୁଦ୍ଧ କରିବାକୁ ପଡ଼ିବ ନାହିଁ।''

''ମାତଃ ଦୁର୍ଗେ! ତୁମକୁ ପାଇଲେ ଆଉ ବିସର୍ଜନ କରିବୁ ନାହିଁ। ଶ୍ରଦ୍ଧା, ଭକ୍ତି, ପ୍ରେମର ଡୋରରେ ବାନ୍ଧି ରଖିବୁ। ଆସ ମାତଃ, ଆମ ମନ ପ୍ରାଣ ଶରୀରରେ ପ୍ରକାଶ ହୁଅ।''

ଏମିତି ଦିନ ଆସିବ ଯେତେବେଳେ ଗୋଟିଏ ହେଲେ ଅସୁର ଜୀବିତ ରହିବେ ନାହିଁ। ସେଇ ଦିନ ଆଗତପ୍ରାୟ।

# ବନ୍ଦେ ମାତରମ୍

ବନ୍ଦେ ମାତରମ୍
''ମାଗୋ, ମୋ ଜୀବନ ବିତୁ ଏଇ ଜଗତେ
ତୁମରି କାମ ପାଇଁ
'ବନ୍ଦେ ମାତରମ୍' କହି।''

ପ୍ରତି ଦର୍ଶନ ଦିନ ସନ୍ଧ୍ୟାବେଳେ ମାର୍ଚ୍ଚପାଷ୍ଟ ପରେ ପ୍ଲେ-ଗ୍ରାଉଣ୍ଡରେ ସବୁ ଗ୍ରୁପ ନିଜ ପାଇଁ ନିର୍ଦ୍ଦିଷ୍ଟ ସ୍ଥାନରେ ଠିଆହେବା ପରେ ଆକାଶ ପ୍ରକମ୍ପିତ କରି, ପୂରା ପ୍ଲେ-ଗ୍ରାଉଣ୍ଡ ଓ ଆଶ୍ରମକୁ ଚକିତ କରି ପ୍ରଣବ ତା'ର ଦୃଢ଼ କଣ୍ଠରେ 'ମଧୁମୟୀ ଜନନୀଙ୍କର ଜୟ' ଏବଂ 'ବନ୍ଦେ ମାତରମ୍' ଏହି ଜୟଧ୍ୱନି ଦେଉଥିଲା। କୌଣସି ଗୋଟିଏ ଫେବୃଆରୀ ୨୧ ତାରିଖରେ, ମା'ଙ୍କ ଜନ୍ମଦିନର ଶୁଭ ମୁହୂର୍ତ୍ତରେ ମାର୍ଚ୍ଚପାଷ୍ଟ ପରେ ଏହି 'ବନ୍ଦେ ମାତରମ୍' ଧ୍ୱନି ସ୍ୱତଃସ୍ଫୂର୍ତ୍ତ ଭାବରେ ପ୍ରଣବର କଣ୍ଠରୁ ବାହାରି ଆସିଥିଲା। ସେହି ଦିବ୍ୟ ମୁହୂର୍ତ୍ତ ଆମ ଜୀବନରେ ଏବଂ ବିଶ୍ୱବାସୀଙ୍କ ପାଇଁ ଗୋଟିଏ ଗଭୀର ରହସ୍ୟ ଉନ୍ମୋଚିତ କଲା। ପରମ ଉତ୍ସାହରେ ଆମେ, ତାଙ୍କରି ସନ୍ତାନମାନେ ମା' ଅଦିତିଙ୍କ ସମ୍ମୁଖରେ ଏଇ ମାତୃମନ୍ତ୍ର 'ବନ୍ଦେ ମାତରମ୍' ଧ୍ୱନି କରିବାକୁ ଲାଗିଲୁ। ଦେହର ପ୍ରତିଟି ଅଣୁ ପରମାଣୁ ମଧ୍ୟ ଆନନ୍ଦରେ ଗାଇ ଉଠିଲେ, 'ବନ୍ଦେ ମାତରମ୍'। ସେହି ମୁହୂର୍ତ୍ତର ଆନନ୍ଦ ଓ ବିସ୍ମୟ ଅବର୍ଣ୍ଣନୀୟ। ସମସ୍ତେ, ଏମିତିକି ବୟସ୍କମାନେ ମଧ୍ୟ ଏକା ସାଥିରେ କଣ୍ଠ ମିଳାଇ ଦୃପ୍ତ କଣ୍ଠରେ 'ବନ୍ଦେ ମାତରମ୍' ଏହି ମାତୃମନ୍ତ୍ର ମା'ଙ୍କ ସାମନାରେ ଗାଇଉଠିଲେ। ଏହା ଯେମିତି ଏକ ଯୁଦ୍ଧନାଦ। ସେଇ ଦିନ, ସେଇ ମୁହୂର୍ତ୍ତରେ ଆମେ ଅନୁଭବ କଲୁ ଦିନ ଆଗତ। ମା' ଅତିମାନସ ଆଲୋକକୁ ଓହ୍ଲାଇଆଣୁଛନ୍ତି ଏଇ ସୂର୍ଯ୍ୟକରୋଜ୍ଜ୍ୱଳ ଧରଣୀକୁ। ତାହାରି ଆଗମନର ଜୟଧ୍ୱନି ଆମେ ମା'ଙ୍କ ସନ୍ତାନମାନେ ଦୃପ୍ତକଣ୍ଠରେ ଘୋଷଣା କରୁଛୁ। ଶତ କଣ୍ଠର ଗର୍ଜନ 'ବନ୍ଦେ ମାତରମ୍', 'ବନ୍ଦେ ମାତରମ୍', 'ବନ୍ଦେ ମାତରମ୍'। ପ୍ଲେ-ଗ୍ରାଉଣ୍ଡର ମଝିରେ ଦୃପ୍ତଭଙ୍ଗୀରେ ଦୃଢ଼ ଭାବରେ ଠିଆହୋଇ ମା' ଆମମାନଙ୍କର ପ୍ରଣାମ ଗ୍ରହଣ କଲେ। ମା'ଙ୍କର ସେସମୟର ରୂପ ଅବର୍ଣ୍ଣନୀୟ। ପୃଥିବୀ ଇତିହାସରେ ସେଇ ମୁହୂର୍ତ୍ତଟି ଚିରସ୍ମରଣୀୟ ହୋଇ ରହିଲା।

'ବନ୍ଦେ ମାତରମ୍' ଗୋଟିଏ ସଂସ୍କୃତ କଥା, ଯାହାର ଅର୍ଥ ହେଲା, 'ମା'ଙ୍କୁ ବନ୍ଦନା କରୁଛି'। ବନ୍ଦେ ମାତରମ୍‌କୁ ଆମେ ମନ୍ତ୍ର ବୋଲି କହୁ ଅର୍ଥାତ୍ ଏହାର ଏମିତି

ଗୋଟିଏ ଅଲୌକିକ ଦିବ୍ୟ ଶକ୍ତି ରହିଛି ଯେ ଏହା ଉଚ୍ଚାରଣ କରି ମଣିଷ ନିର୍ଭୟରେ ଆନନ୍ଦରେ ଆତ୍ମବଳି ଦେଇପାରେ। ଯେଉଁମାନେ ମନ୍ତ୍ର ରଚନା କରନ୍ତି ସେମାନଙ୍କୁ ଋଷି କୁହାଯାଏ। ଦିବ୍ୟ ପ୍ରେରଣା ବଳରେ ସେମାନେ ଅଲୌକିକ ଶକ୍ତିସମ୍ପନ୍ନ ମନ୍ତ୍ରକୁ ଦର୍ଶନ କରନ୍ତି। ତେଣୁ ଋଷିମାନଙ୍କୁ କୁହାଯାଏ ମନ୍ତ୍ରଦ୍ରଷ୍ଟା। ବନ୍ଦେ ମାତରମ୍ ମନ୍ତ୍ରର ରଚୟିତା ହେଲେ ଋଷି ବଙ୍କିମଚନ୍ଦ୍ର। ତାଙ୍କ ଧ୍ୟାନ ଓ କଳ୍ପନାରେ ଏହି ମନ୍ତ୍ରଟି ରୂପ ଗ୍ରହଣ କରିଥିଲା।

ଶ୍ରୀଅରବିନ୍ଦ କହିଛନ୍ତି, ''ଏହା ହେଲା ସେହି ମନ୍ତ୍ର ଯାହାକୁ ପ୍ରକାଶ କରିବା ପାଇଁ ବଙ୍କିମଙ୍କର ଜନ୍ମ ହୋଇଥିଲା। ସେ ହେଲେ ଏହି ମନ୍ତ୍ରର ଦ୍ରଷ୍ଟା।''

ଶ୍ରୀଅରବିନ୍ଦ କହିଛନ୍ତି, ''ଜାତି ପାଖରେ ବଙ୍କିମଙ୍କର ସର୍ବଶ୍ରେଷ୍ଠ ଅବଦାନ ହେଲା, ସେ ଆମକୁ ମାତୃରୂପ ଦର୍ଶନ କରାଇଥିଲେ। ମନଶ୍ଚକ୍ଷୁରେ ଆମେ ଯେତେ ଦିନ ପର୍ଯ୍ୟନ୍ତ ବୁଝି ନ ପାରିଛୁ ଯେ ମାତୃଭୂମି ଗୋଟିଏ ଭୂଖଣ୍ଡ ବା ଜନସମଷ୍ଟିଠାରୁ ଆହୁରି କିଛି ବେଶୀ, ଯେପର୍ଯ୍ୟନ୍ତ ସେ ଏକ ମହତୀ ଭଗବତୀ ମାତୃଶକ୍ତି ରୂପେ, ଏକ ସୌନ୍ଦର୍ଯ୍ୟର ବିଗ୍ରହ ଭାବରେ ଦେଖା ନ ଦେଇଛନ୍ତି ଯାହା ଆମ ମନକୁ ଅଭିଭୂତ ଏବଂ ହୃଦୟକୁ ଅଧିକାର କରିବ, ସେତେବେଳ ପର୍ଯ୍ୟନ୍ତ ଏଇ ସବୁ ତୁଚ୍ଛ ଆଶା ଆକାଂକ୍ଷା ମା'ଙ୍କ ପ୍ରତି ସୁଗଭୀର ଅନୁରାଗ ମଧ୍ୟରେ ଓ ତାଙ୍କ ସେବାରେ ଏକ ହୋଇ ଯିବ ନାହିଁ ଏବଂ ଯେଉଁ ସ୍ୱଦେଶପ୍ରେମ ଅଲୌକିକ ଘଟଣା ଘଟାଏ ଓ ଅଭିଶପ୍ତ ଜାତିକୁ ରକ୍ଷା କରେ ତାହା ମଧ୍ୟ ଜନ୍ମଲାଭ କରିବ ନାହିଁ।''

କେଉଁ ଦିବ୍ୟ ଅଭିଜ୍ଞତା ଫଳରେ ବଙ୍କିମ ଏଇ ମହାସଙ୍ଗୀତ ଲେଖିବାର ଉତ୍ସାହ ଓ ଉଦ୍ଦୀପନା ପାଇଥିଲେ?

ସେଦିନ ଥିଲା ସପ୍ତମୀ ପୂଜାର ରାତି। ବଙ୍କିମ ଦୁର୍ଗାଙ୍କ ପ୍ରତିମା ଦର୍ଶନ କରିବାକୁ ଯାଇଥାନ୍ତି। ହଠାତ୍ ସେ ସେଠାରେ ସ୍ୱୟଂ ସୁବର୍ଣ୍ଣମୟୀ ମା' ଦୁର୍ଗାଙ୍କର ଦର୍ଶନ ପାଇଲେ। ଏହା ଥିଲା ତାଙ୍କ ଜୀବନର ଏକ ଦୁର୍ଲଭ ଅବିସ୍ମରଣୀୟ ଦୈବ ମୁହୂର୍ତ୍ତ। ସେଇ ଦୁର୍ଲଭ ମୁହୂର୍ତ୍ତରେ ସେ ପ୍ରେରଣା ପାଇଥିଲେ ଏଇ ମନ୍ତ୍ର ଲେଖିବାକୁ। ଏମିତି ଭାବରେ ଲେଖା ହୋଇଥିଲା ଏଇ ମନ୍ତ୍ର।

କିନ୍ତୁ ଏଇ ମହାସଙ୍ଗୀତ କେମିତି ଭାବରେ ପ୍ରଥମେ 'ବଙ୍ଗଦର୍ଶନ'ରେ ଛପା ହେଲା?

''୧୮୭୫ ମସିହାର କଥା। ଦିନେ ବଙ୍କିମଚନ୍ଦ୍ର 'ବଙ୍ଗଦର୍ଶନ' ପତ୍ରିକାର ଅଫିସରେ ବସିଥା'ନ୍ତି। ସେତେବେଳେ ସେହିଁ ଥିଲେ ଏଇ ପତ୍ରିକାର ସମ୍ପାଦକ। ପ୍ରାୟ ସନ୍ଧ୍ୟା ହୋଇ ଆସୁଥାଏ। ପତ୍ରିକାର ଛପା କାମ ଚାଲିଥାଏ। ସେଇ ସମୟରେ ପ୍ରେସର

କେହି ଜଣେ ଆସି ବଙ୍କିମଚନ୍ଦ୍ରଙ୍କୁ କହିଲେ, "ଆଜ୍ଞା, ଆହୁରି କିଛି ଲେଖା ଦରକାର।"

ବଙ୍କିମ ବିବ୍ରତ। ପ୍ରକାଶଯୋଗ୍ୟ ସେମିତି କିଛି ଲେଖା ହାତରେ ନାହିଁ। ସେ ଖୋଜିବାକୁ ଲାଗିଲେ। ପାଇଲେ ଅର୍ଦ୍ଧସମାପ୍ତ ଅସମ୍ପୂର୍ଣ୍ଣ କିଛି ପାଣ୍ଡୁଲିପିର ଖସଡ଼ା। ହଠାତ୍ ତାଙ୍କ ହାତକୁ ଆସିଲା ଗୋଟିଏ କାଗଜ। କାଗଜଟି ଉପରେ ଥରେ ଆଖି ବୁଲାଇନେଲେ। ତାହା ଥିଲା ତାଙ୍କ ନିଜ ଦ୍ୱାରା ଲିଖିତ ଗୋଟିଏ କବିତା। ଏକ ଉଦାସ ଧ୍ୟାନମଗ୍ନ ମୁହୂର୍ତ୍ତର ମନ୍ତ୍ରଜପ। ଆଖି ଅଶ୍ରୁରେ ସିକ୍ତ। ହୃଦୟ ରକ୍ତରାଗରେ ରଞ୍ଜିତ। ଅନ୍ତରକୁ ମନ୍ଥିତ କରୁଥିବା ଏକ ମହ୍ଲାରର ତାନ। ବଙ୍କିମଚନ୍ଦ୍ର କାଗଜଟିକୁ ପୁଣି ପଢ଼ିଲେ। ମନରେ ଦ୍ୱିଧା। ନା, ଏଇଟା ଛପାଯାଇ ପାରିବ ନାହିଁ। ଏହା ଯେ ତାଙ୍କ ଗୋପନ ମନର ଅନ୍ତରତମ ପୂଜାର ମନ୍ତ୍ର। ଲୋକଲୋଚନରେ ତାହା ପ୍ରକାଶ କରିବା ଉଚିତ ହେବ କି?

କିନ୍ତୁ ପ୍ରେସର କର୍ମଚାରୀଟି ଯେ ଠିଆହୋଇ ରହିଛି। କିଛି ଗୋଟିଏ ଲେଖା ତାକୁ ଦେବାକୁହିଁ ହେବ। ତେଣୁ ବାଧ୍ୟହୋଇ ସେଇ କାଗଜଟି ତାକୁ ବଢ଼ାଇଦେଲେ। କର୍ମଚାରୀ ଜଣକ ଚାଲିଗଲା। ଗୋଟିଏ ଫର୍ଦ୍ଦ କାଗଜ ମଧ୍ୟରେ ସେ ଯେମିତି ନେଇଗଲା ଏକ ମହାମନ୍ତ୍ର। ଗୋଟିଏ ବ୍ରହ୍ମାଗ୍ନି।"*

ସେଦିନର ସେଇ ସାମାନ୍ୟ ଘଟଣାଟି ମାଧ୍ୟମରେ 'ବନ୍ଦେ ମାତରମ୍' ଏହି ମହାମନ୍ତ୍ର ଜାତିର ଜୀବନରେ ପ୍ରଥମ ବୀଜମନ୍ତ୍ର ଭାବରେ ରୋପିତ ହେଲା।

୧୮୭୫ ମସିହାରେ ବନ୍ଦେ ମାତରମ୍‌ର ପ୍ରଥମ ରଚନା ଓ ପ୍ରକାଶନା ପରେ ଏହା ସୁଧୀ ସମାଜରେ ପରିଚିତ ହୋଇଥିଲେ ମଧ୍ୟ ଜାତୀୟ ପ୍ରାଣରେ ସେମିତି କିଛି ପ୍ରଭାବ ପକାଇ ପାରି ନ ଥିଲା। ଏମିତିକି ୧୮୮୨ ମସିହାରେ 'ଆନନ୍ଦମଠ' ପ୍ରକାଶ ହେବା ପରେ ମଧ୍ୟ ଏହା ସେମିତି ବିଶେଷ ଉନ୍ମାଦନା ସୃଷ୍ଟି କରି ପାରି ନ ଥିଲା। ଅବଶ୍ୟ ୧୮୮୬ ମସିହାରେ କଲିକତାରେ ଯେଉଁ କଂଗ୍ରେସ ଅଧିବେଶନ ବସିଥିଲା ସେଥିରେ ବନ୍ଦେ ମାତରମ୍ ସଂଗୀତଟି ବୋଲାଯାଇଥିଲା।

ଏମିତିକି ୧୮୯୪ ମସିହାରେ ବଙ୍କିମଚନ୍ଦ୍ରଙ୍କ ମୃତ୍ୟୁର ଦୁଇବର୍ଷ ପରେ ଯେତେବେଳେ କଲିକତାରେ କଂଗ୍ରେସ ଅଧିବେଶନ ବସିଲା ସେଥିରେ ସ୍ୱୟଂ ରବୀନ୍ଦ୍ରନାଥ ବନ୍ଦେ ମାତରମ୍ ଗାଇଥିଲେ। କିନ୍ତୁ ତଥାପି ସେତେବେଳ ପର୍ଯ୍ୟନ୍ତ ମଧ୍ୟ ଏହା ଜାଗ୍ରତ ମନ୍ତ୍ରଶକ୍ତିରେ ସଞ୍ଜୀବିତ ହୋଇ ଉଠି ନ ଥିଲା।

ବଳେନ୍ଦ୍ରନାଥ ଠାକୁର 'ଭାରତୀ' ଓ 'ବାଳକ' ପତ୍ରିକାରେ (୧୮୮୭

* ଅମଲେଶ ଭଟ୍ଟାଚାର୍ଯ୍ୟଙ୍କ ଲିଖିତ 'ବନ୍ଦେ ମାତରମ୍' ପୁସ୍ତକରୁ ଉଦ୍ଧୃତ।

ମସିହାରେ) ଲେଖିଥିଲେ, ''ସାହିତ୍ୟ ବଳରେ, ହୃଦୟ ବଳରେ, ଧର୍ମ ବଳରେ ବଳୀୟାନ୍ ବଙ୍ଗାଳୀମାନେ ପୃଥିବୀ ବକ୍ଷରେ ବୈଜୟନ୍ତୀ ଉଡ଼ାଇବେ। ସେଇ ଜୟଚିହ୍ନର ପାଦଦେଶରେ ଭାରତ ବଙ୍ଗାଳୀମାନଙ୍କ ସୁରରେ ସୁର ମିଳାଇ ଗାଇଉଠିବ ବନ୍ଦେ ମାତରମ୍।''

ରବୀନ୍ଦ୍ରନାଥ ଠାକୁରଙ୍କ ଲେଖନୀ ମାଧ୍ୟମରେ ଯେମିତି ଭାରତର ଅନ୍ତରାତ୍ମା ଦୈବବାଣୀ କରିଥିଲା। କହିବାକୁ ଗଲେ ଏଇ ବନ୍ଦେ ମାତରମ୍ ମାଧ୍ୟମରେ ଭାରତବାସୀ ସର୍ବପ୍ରଥମେ ସେମାନଙ୍କ ଦେଶକୁ ଜୀବନ୍ତ ଭାବରେ ଅନୁଭବ କଲେ। ମାତୃହୀନଟିଏ ଯେମିତି ଏତେଦିନ ପରେ ମା'କୁ ପାଇଲା। ସନ୍ତାନ ଯେମିତି ପ୍ରଥମ କରି ମା' ବୋଲି ଡାକିଲା। ଆସିଲା ଜାତୀୟ ଜୀବନରେ ନିର୍ଦ୍ଦିଷ୍ଟ ଥିବା ସେହି ୧୯୦୫ ମସିହା। ମା' ଭଗବତୀ ସେହି ମୁହୂର୍ତ୍ତଟି ପାଇଁ ଯେମିତି ଅପେକ୍ଷା କରିଥିଲେ।

ଆମେ ତ ଜାଣୁ ୧୮୭୫ ମସିହାରେ ବନ୍ଦେ ମାତରମ୍ ପ୍ରଥମ ପ୍ରକାଶିତ ହେବା ପରେ ଜାତୀୟ ଜୀବନରେ ସେମିତି କିଛି ପ୍ରଭାବ ପକାଇ ପାରି ନ ଥିଲା। ଏମିତିକି ସାହିତ୍ୟିକ ନବୀନ ସେନ ବଙ୍କିମଙ୍କୁ କହିଥିଲେ, ''ଦେଖ ଲେଖାଟି ଭଲ, କିନ୍ତୁ ଅଧା ସଂସ୍କୃତ, ଅଧା ବଙ୍ଗଳାରେ ଲେଖି ଖେଚଡ଼ି ହୋଇଥିବାରୁ ସବୁ ମାଟି ହୋଇଯାଇଛି। ଏହା ତ ଯାତ୍ରାଦଳର ଗୋବିନ୍ଦ ଅଧିକାରୀର ଗୀତ ପରି। ତେଣୁ ଲୋକମାନଙ୍କୁ ଭଲ ଲାଗେ ନାହିଁ।''

ଏହି ବନ୍ଦେ ମାତରମ୍ ସୁପ୍ତ ଅଗ୍ନି ପରି ଉପଯୁକ୍ତ ମାହେନ୍ଦ୍ରକ୍ଷଣର ଅପେକ୍ଷାରେ ଥିଲା।

ସେସମୟରେ ବାଂଲାଦେଶ ବା ବେଙ୍ଗଲ୍ ପ୍ରେସିଡେନ୍‌ସି ଗୋଟିଏ ବିରାଟ ରାଜ୍ୟ ଥିଲା। ବିହାର, ଓଡ଼ିଶା ଓ ବଙ୍ଗକୁ ମିଶାଇ ଯେଉଁ ରାଜ୍ୟ ତାକୁ କୁହାଯାଉଥିଲା ବଙ୍ଗଦେଶ। ଏଇ ବିରାଟ ରାଜ୍ୟକୁ ସମ୍ଭାଳିବା ସହଜ ନ ଥିଲା। ତେଣୁ ଇଂରେଜ ଶାସକମାନେ ୧୯୦୩ ମସିହାରେ ଏଇ ବଙ୍ଗଦେଶକୁ ଦୁଇ ଭାଗ କରିବାକୁ ଚିନ୍ତା କଲେ। ଗୋଟିଏ ପଟେ ରହିବ ପଶ୍ଚିମବଙ୍ଗ, ବିହାର ଓ ଓଡ଼ିଶା। ଅନ୍ୟପଟେ ରହିବ ପୂର୍ବବଙ୍ଗ ଓ ଆସାମ। ବଙ୍ଗାଳୀମାନେ ଏହା ଜାଣିପାରି ଫଁ କରି ଉଠିଲେ। ବଙ୍ଗଦେଶକୁ ଦୁଇ ଭାଗ କରିବାର ଅସଲ ଉଦ୍ଦେଶ୍ୟ ଥିଲା ବଙ୍ଗାଳୀମାନଙ୍କର ଶକ୍ତି ଓ ମନୋବଳକୁ କ୍ଷୁଣ୍ଣ କରିବା। ତେଣୁ ସମଗ୍ର ବଙ୍ଗଦେଶ କ୍ଷୋଭ ଓ ଉତ୍ତେଜନାରେ ଜାଗିଉଠିଲା। କର୍ଜନଙ୍କ ବଙ୍ଗଭଙ୍ଗ ବିରୋଧରେ ପ୍ରତିବାଦ, ବିକ୍ଷୋଭ, ଶୋଭାଯାତ୍ରା ଆରମ୍ଭ ହେଲା। ସମଗ୍ର ବଙ୍ଗଦେଶର ପ୍ରତ୍ୟେକ ସହରରେ, ଗ୍ରାମେ ଗ୍ରାମେ ଆକାଶ ବତାସ ପ୍ରକମ୍ପିତ କରି ବନ୍ଦେ ମାତରମ୍ ଧ୍ୱନି ଜାଗିଉଠିଲା। ଜାତୀୟ ଜୀବନରେ ଏହା ଥିଲା ଏକ ଜାଗରଣୀ ମୁହୂର୍ତ୍ତ।

ଶ୍ରୀଅରବିନ୍ଦ ଲେଖିଛନ୍ତି, ''ବତିଶ ବର୍ଷ ପୂର୍ବରୁ ବଙ୍କିମ ତାଙ୍କର ମହାନ୍ ସଙ୍ଗୀତଟି ରଚନା କରିଥିଲେ ଏବଂ ଅଳ୍ପ କେତେଜଣ ତାହା ଶୁଣିଥିଲେ। କିନ୍ତୁ ଦୀର୍ଘଦିନର ମୋହରୁ ହଠାତ୍ ଜାଗରିତ ହୋଇ ବଙ୍ଗଦେଶର ଲୋକମାନେ ଯେତେବେଳେ ସତ୍ୟକୁ ଖୋଜିବାକୁ ଚାରିଆଡ଼କୁ ଚାହିଁଲେ ସେଇ ଦେବ ମୁହୂର୍ତ୍ତରେ କେହି ଜଣେ ଗାଇ ଉଠିଲା, 'ବନ୍ଦେ ମାତରମ୍'। ମନ୍ତ୍ରଟି ଥିଲା, କିନ୍ତୁ ଗୋଟିଏ ଦିନରେ ସମଗ୍ର ଜାତି ସ୍ୱଦେଶପ୍ରେମର ଧର୍ମରେ ଧର୍ମାନ୍ତରିତ ହେଲା। ମା' ନିଜକୁ ପ୍ରକାଶିତ କଲେ।''

କଥାଟି ଆଶ୍ଚର୍ଯ୍ୟଜନକ। ମୃତ୍ୟୁ ଶଯ୍ୟାରେ ବଙ୍କିମ ତାଙ୍କ କନ୍ୟାକୁ କହିଥିଲେ, ''ତୁମେମାନେ ଦେଖିବ, କୋଡ଼ିଏ ତିରିଶ ବର୍ଷ ପରେ ଦିନେ ବନ୍ଦେ ମାତରମ୍ ସମଗ୍ର ଜାତିର ଧମନୀରେ ଉତ୍ତାଳ ତରଙ୍ଗ ବୁହାଇବ।''

ସେ ଏମିତି ଏକ ଗଭୀର, ସ୍ଥିର ବିଶ୍ୱାସରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ଆଉ ସତରେ ମହାମନ୍ତ୍ର ବନ୍ଦେ ମାତରମ୍ ଗୋଟିଏ ମୁହୂର୍ତ୍ତରେ ସମଗ୍ର ଜାତିକୁ ଜଗାଇଦେଲା। ଏଇ ଜାଗରଣ ଥିଲା ଯେମିତି ଆକସ୍ମିକ ସେମିତି ଦୁର୍ବାର ମଧ୍ୟ। ସେଇ ଜାଗରଣୀ ମୁହୂର୍ତ୍ତ ଆସିଥିଲା ୧୯୦୫ ମସିହାରେ।

ଶ୍ରୀଅରବିନ୍ଦ ବନ୍ଦେ ମାତରମ୍ ସମ୍ବନ୍ଧରେ କହିଛନ୍ତି, ''ଏହା ହେଉଛି ନିର୍ଭୀକ ଶକ୍ତି ଓ ସାମର୍ଥ୍ୟର ବେଦବାକ୍ୟ।''

ସମଗ୍ର ଜାତି ଏକ ହୋଇ ଛିଡ଼ା ହେଲା। ଲର୍ଡ଼ କର୍ଜନଙ୍କ ବଙ୍ଗଭଙ୍ଗ ଚଳିବ ନାହିଁ। ଘରେ ଘରେ ସେଦିନ ଚୁଲି ଜଳିଲା ନାହିଁ। ପ୍ରତିଟି ମଣିଷ ଗୋଟିଏ ମୁହୂର୍ତ୍ତରେ ରୂପାନ୍ତରିତ ହୋଇଗଲେ। ସମଗ୍ର ଦେଶ ଉପର ଦେଇ ଯେମିତି ଝଡ଼ଟିଏ ବହିଗଲା। ତାହା ଥିଲା ଏକ ଅଭାବନୀୟ ଘଟଣା।

ନଳିନୀଦା' କହିଛନ୍ତି, ''ବ୍ୟକ୍ତିଗତ ଭାବରେ ଆମେସବୁ କ'ଣ ଥିଲୁ ଆଉ ରାତାରାତି କ'ଣ ପାଲଟିଗଲୁ। ଆମେ ଥିଲୁ ଅତି ସାଧାରଣ, ଅତି ଅଜ୍ଞ ତାମସ ଜୀବ, ହୋଇଉଠିଲୁ ସତର୍କ, ସଚେତନ। ଆମ ଜୀବନରେ ଦେଖାଦେଲା ଉଦ୍ଦେଶ୍ୟ, ଲକ୍ଷ୍ୟ ଓ ଅର୍ଥ। ଗଡ଼ଳିକା ପ୍ରଭାବରେ ଚାଲିଥିଲୁ ନିଜକୁ ଛାଡ଼ିଦେଇ କିନ୍ତୁ ତା' ପରିବର୍ତ୍ତେ ଜୀବନଟି ସଂଗଠିତ ହେଲା ଗୋଟିଏ ଲକ୍ଷ୍ୟ ନେଇ।''

ସମସ୍ତ ଦେଶ ସେତେବେଳେ କ୍ରୋଧ ଜର୍ଜରିତ। ପ୍ରତିଟି ପାର୍କରେ, ପ୍ରତିଟି ସମ୍ବାଦପତ୍ରରେ କେବଳ ଗୋଟିଏ କଥା — ଇଂରେଜ ହଟାଅ। ଆମେ ସ୍ୱାଧୀନତା ଚାହୁଁ। ଇଂରେଜ ବର୍ଜିତ ଭାରତବର୍ଷ ଚାହୁଁ।

୧୯୦୫ ମସିହାର ବଙ୍ଗଭଙ୍ଗ ଆନ୍ଦୋଳନରେ ରବୀନ୍ଦ୍ରନାଥ ପ୍ରଧାନ ଭୂମିକା

ନେଇଥିଲେ। ସେ ଥିଲେ ରାଖୀବନ୍ଧନ ଉତ୍ସବର ଅନ୍ୟତମ ଉଦ୍‌ଗାତା। ରାଖୀବନ୍ଧନର ଦିନ ଆସିଲା। ରବୀନ୍ଦ୍ରନାଥଙ୍କ ପ୍ରେରଣା ପାଇ ସମସ୍ତେ ଏହି ଉତ୍ସବ ପାଳିବାକୁ ଉତ୍ସାହିତ ହୋଇଉଠିଲେ। ରବୀନ୍ଦ୍ରନାଥ ରାସ୍ତାକୁ ବାହାରି ପଡ଼ିଲେ। ତାଙ୍କୁ ଅନୁସରଣ କଲେ ଅବନୀନ୍ଦ୍ରନାଥ ଏବଂ ଠାକୁର ପରିବାରର ଅନ୍ୟମାନେ। ପଛରେ ଜନସମୁଦ୍ର। ସେମାନଙ୍କର ଲକ୍ଷ୍ୟ ହେଲା ଗଙ୍ଗା କୂଳ। ଗାଧୋଇ ସାରି ପ୍ରତ୍ୟେକେ ପରସ୍ପର ହାତରେ ରାଖୀ ବାନ୍ଧିବାକୁ ଲାଗିଲେ। ଗର୍ଜି ଉଠିଲା ଜନତା, 'ବନ୍ଦେ ମାତରମ୍।' ଗଙ୍ଗାକୂଳ ବନ୍ଦେ ମାତରମ୍ ଧ୍ୱନିରେ ମୁଖରିତ ହୋଇଉଠିଲା। ତା'ପରେ ରବୀନ୍ଦ୍ରନାଥଙ୍କ ଲକ୍ଷ୍ୟ ମସ୍‌ଜିଦ୍। ମସ୍‌ଜିଦ୍‌କୁ ଯାଇ ସେ ସମସ୍ତଙ୍କ ହାତରେ ରାଖୀ ପିନ୍ଧାଇଲେ। କେହି ବାଦ୍ ଗଲେ ନାହିଁ। ପୂରା ବଙ୍ଗଦେଶରେ ମାତୃମନ୍ତ୍ର ଉଚ୍ଚାରଣ କରି ରାଖୀବନ୍ଧନ ଓ ଅରନ୍ଧନ ଉତ୍ସବ ପାଳିତ ହେଲା। ଜନତା ଜାଗିଉଠଲେ। ମହା ଜାଗରଣୀ ମନ୍ତ୍ର ବନ୍ଦେ ମାତରମ୍ ଶୁଣି କୁମ୍ଭକର୍ଣ୍ଣର ନିଦ ଭାଙ୍ଗିଲା। ଲର୍ଡ଼ କର୍ଜନଙ୍କ ବଙ୍ଗଭଙ୍ଗ ପ୍ରସ୍ତାବର ପ୍ରତିବାଦରେ ବଙ୍ଗଦେଶ ସରଗରମ ହୋଇଉଠିଲା। ଚାରିଆଡ଼େ ବିକ୍ଷୋଭ, ଶୋଭାଯାତ୍ରା। ବନ୍ଦେ ମାତରମ୍, ବନ୍ଦେ ମାତରମ୍ ଧ୍ୱନିରେ ଆକାଶ ପ୍ରକମ୍ପିତ ହୋଇଉଠିଲା।

୧୯୦୫ ମସିହାରେ ନଳିନୀଦା' ଥିଲେ ପ୍ରେସିଡେନ୍‌ସି କଲେଜର ଦ୍ୱିତୀୟ ବାର୍ଷିକ ଛାତ୍ର। ନଳିନୀଦା'ଙ୍କ ଭାଷାରେ କହୁଛି, "ବଙ୍ଗଭଙ୍ଗ ପାଇଁ ତୁମୁଳ ପ୍ରତିବାଦ। ସେଥିପାଇଁ କିଛି ଗୋଟିଏ କାର୍ଯ୍ୟକ୍ରମ ହେବ — ଅରନ୍ଧନ ଅଥବା ରାଖୀବନ୍ଧନ ପରି କିଛି। କିନ୍ତୁ ମୁଁ ମୋର ପ୍ରତିବାଦ ଜଣାଇବି କେମିତି? ମୁଁ କଲେଜ୍‌କୁ ଗଲି। ପରିଧାନ ଏମିତି ଯେମିତି ମୋର ପିତୃବିୟୋଗ ହୋଇଛି ଅର୍ଥାତ୍ ଖାଲି ପାଦ, ଦେହରେ ଜାମା ନାହିଁ, କେବଳ ଖଣ୍ଡିଏ ଚାଦର। କ୍ଲାସକୁ ପଶିବା ମାତ୍ରେ ସମସ୍ତେ ଅବାକ୍। ପ୍ରଫେସର ମଝିରେ ମଝିରେ ମୋତେ ଚାହୁଁଥା'ନ୍ତି କିନ୍ତୁ କିଛି କହୁ ନ ଥାନ୍ତି। ଅନେକେ ମୋର ଏଇ କାମଟିକୁ କେବଳ ରୀତିବିରୁଦ୍ଧ ନୁହେଁ ଅସମୀଚୀନ ବୋଲି ମନେ କରୁଥିଲେ। ତେବେ ଅନେକେ ଯେ ପ୍ରସଂଶନୀୟ ଦୃଷ୍ଟିରେ ଦେଖୁଥିଲେ ତାହା ମଧ୍ୟ ବୁଝିପାରିଥିଲି।"

ପ୍ରେସିଡେନ୍‌ସି କଲେଜ ଥିଲା ଧନୀ ବ୍ୟକ୍ତିମାନଙ୍କର ପିଲାମାନଙ୍କ ପାଇଁ ଏକ ଶିକ୍ଷାନୁଷ୍ଠାନ। ସେଠାରେ ସ୍ୱଦେଶୀ ଆନ୍ଦୋଳନର ଜୁଆର ଖୁବ୍ କମ୍ ଛାତ୍ରଙ୍କୁ ଛୁଇଁଥିଲା। ସେମାନଙ୍କ ଭିତରେ ନଳିନୀଦା'ଙ୍କ ପରି ମାତ୍ର କେତେ ଜଣ ଛାତ୍ର ଥିଲେ। ବନ୍ଦେ ମାତରମ୍ ମାତୃମନ୍ତ୍ରରେ ଉଦ୍‌ବୁଦ୍ଧ ହୋଇ ଉଲ୍ଲାସକର ଯିଏ କି ପରେ କାହାରି ସାହାଯ୍ୟ ନ ନେଇ ନିଜର ପରିଶ୍ରମ ଓ ବିଦ୍ୟାବୁଦ୍ଧିରେ ବୋମା ତିଆରି କରିଥିଲେ — ଗୋଟିଏ ପଟ ଚପଲ ଖବର କାଗଜରେ ଗୁଡ଼ାଇ କଲେଜକୁ ନେଇଆସିଥିଲେ ଏବଂ ସୁଯୋଗ ପାଇବା ମାତ୍ରେ ସେଇ ଚପଲଟିକୁ ପ୍ରଫେସର ରାସେଲ୍‌ଙ୍କ ଉପରେ ସଦ୍‌ବ୍ୟବହାର

କରିଥିଲେ। କାହିଁକି? କାରଣ ପ୍ରଫେସର ରାସେଲ୍ କୌଣସି ଏକ କାର୍ଯ୍ୟକ୍ରମରେ ବଙ୍ଗାଳୀମାନଙ୍କ ବିରୁଦ୍ଧରେ କୌଣସି ଅପମାନଜନକ କଥା କହିଥିଲେ। ତା'ର ପ୍ରତିଶୋଧ ଏମିତି ଭାବରେ ନିଆଗଲା। ସବୁ ପିଲାମାନେ ମିଶି ବନ୍ଦେ ମାତରମ୍ ଧ୍ୱନି କଲେ। ଏହା ଥିଲା ପ୍ରଫେସର ରାସେଲ୍‌ଙ୍କ ବଙ୍ଗାଳୀମାନଙ୍କ ବିରୋଧରେ ବିଷୋଦ୍‌ଗାରର ପ୍ରତିବାଦ। ଶତ କଣ୍ଠରୁ ଧ୍ୱନିତ ହେଲା ବନ୍ଦେ ମାତରମ୍, ବନ୍ଦେ ମାତରମ୍। ନିର୍ଭୀକ ଛାତ୍ରମାନେ ପୁଣି ଅନ୍ୟ କ୍ଲାସକୁ ଗଲେ। ଶାନ୍ତ, ଶିଷ୍ଟ ସେମାନେ, ଯେମିତି କିଛି ବି ହୋଇ ନାହିଁ।

ଆକାଶ ସେତେବେଳେ ଲାଲ ହୋଇ ଉଠିଥିଲା। ବାତାବରଣ ଥିଲା ଉତ୍ତପ୍ତ। ସେହି ସମୟରେ ଶ୍ରୀଅରବିନ୍ଦ ଥିଲେ ବରୋଦାରେ। ଏଇ ସୁବର୍ଣ୍ଣ ସୁଯୋଗ ନ ହରାଇବାକୁ ସେ ତାଙ୍କ ସାନ ଭାଇ ବାରୀନ୍ ଘୋଷଙ୍କୁ ବରୋଦାରୁ ଚିଠି ଲେଖି ନିର୍ଦ୍ଦେଶ ଦେଉଥିଲେ। ପିଲାମାନଙ୍କ ମଧ୍ୟରେ ଶୃଙ୍ଖଳାର ସହିତ ଛୋଟ ଛୋଟ ଦଳ ଗଠନ କରାଗଲା। କୌଣସି ସହର ବାଦ୍ ପଡ଼ିଲା ନାହିଁ। ସମସ୍ତେ ନୀରବରେ ପ୍ରସ୍ତୁତ ହେବାକୁ ଲାଗିଲେ। ସେମାନଙ୍କ ମଧ୍ୟରୁ ଅନେକେ ଛାତିର ରକ୍ତ ଦେଇ ମା' କାଳୀଙ୍କ ଫଟୋ ସାମନାରେ ପ୍ରତିଜ୍ଞା କଲେ ଦେଶମାତୃକାକୁ ପରାଧୀନତାର କବଳରୁ ରକ୍ଷା କରିବେ। ସେମାନଙ୍କ ମଧ୍ୟରୁ ଜଣେ ଥିଲେ ନଳିନୀଦା'।

ନଳିନୀଦା' ଲେଖିଛନ୍ତି, ''ପ୍ରାୟ ବର୍ଷଟିଏ ପୂର୍ବରୁ ଦିନେ ମଧ୍ୟରାତ୍ରିରେ ଆନୁଷ୍ଠାନିକ ଭାବେ ମୁଁ ଛାତିର ରକ୍ତ ଦେଇ ମା' କାଳୀଙ୍କ ଫଟୋ ସାମନାରେ ଗୋପନରେ ପ୍ରତିଜ୍ଞା କରିଥିଲି ଯେ ପ୍ରାଣପଣ କରି ଭାରତଜନନୀଙ୍କ ଏକନିଷ୍ଠ ସେବକ ହେବି।'' ଏମିତି ଭାବରେ ପିଲାମାନେ ଜଣ ଜଣ କରି ମୁରାରୀ ପୁକୁର ବଗିଚାରେ ଏକତ୍ରିତ ହେଲେ। ଶ୍ରୀଅରବିନ୍ଦଙ୍କ ନିର୍ଦ୍ଦେଶରେ ବାରୀନ୍ ଘୋଷ ଏଇ ପିଲାମାନଙ୍କୁ ପ୍ରସ୍ତୁତ କରାଇବାକୁ ଲାଗିଲେ। ସେମାନଙ୍କ ସମସ୍ତଙ୍କ ମୁହଁରେ ମାତୃମନ୍ତ୍ର ବନ୍ଦେ ମାତରମ୍।

ଶ୍ରୀଅରବିନ୍ଦ ବରୋଦାରୁ ଚାଲିଆସିଲେ। ମୁରାରୀ ପୁକୁରର ପିଲାମାନେ ତାଙ୍କ ନିର୍ଦ୍ଦେଶ ଅନୁଯାୟୀ ନୂଆ ଉଦ୍ଦୀପନାରେ ଦେଶର କାମରେ ବ୍ରତୀ ହେଲେ। ସମଗ୍ର ଦେଶ ଥିଲା ଯେମିତି ତାଙ୍କରି ଅପେକ୍ଷାରେ। ବନ୍ଦେ ମାତରମ୍ ଧ୍ୱନିର ବି ବିରାମ ନ ଥିଲା।

ଅମଳେଶ କୁହନ୍ତି, ''ଦେଶ ଯେମିତି ଏଇ ମହାମନ୍ତ୍ର ପାଇଁ ଜଣେ ଉପଯୁକ୍ତ ହୋତାଙ୍କ ଅପେକ୍ଷାରେ ଥିଲା, ଯାହାଙ୍କ ଦୀକ୍ଷାସ୍ପର୍ଶ ପାଇ ଏଇ ମନ୍ତ୍ର ପରିଣତ ହେଲା ଏକ ଜାଗ୍ରତ ଶକ୍ତିରେ। ଜାତୀୟ ଜୀବନରେ ଆସିଲେ ସେଇ ମହାରତ୍ୱିକ୍, 'ସ୍ୱଦେଶ

ଆତ୍ମାର ବାଣୀମୂର୍ତ୍ତି' — ଶ୍ରୀଅରବିନ୍ଦ। ସେ କହିଲେ ଯେ ବନ୍ଦେ ମାତରମ୍ କେବଳ ଗୋଟିଏ କବିତା ନୁହେଁ, ଏହା ହେଲା ଜାତିର ପ୍ରାଣବାୟୁରେ ଗଢ଼ା ତା'ର ଜାଗରଣୀ ମନ୍ତ୍ର। ଏଇ ମନ୍ତ୍ର କେବଳ ବଙ୍ଗଦେଶର ନୁହେଁ, ଭାରତର ନୁହେଁ, ସମଗ୍ର ଏସିଆର ସ୍ୱାଧୀନତାର ଉଦ୍‌ବୋଧନୀ ମନ୍ତ୍ର।''

ଆଗେଇ ଆସିଲେ ମୁରାରୀ ପୁକୁରର ସନ୍ତାନମାନେ। ଭାରତ ଆତ୍ମସଚେତନ ହୋଇଉଠିଲା। 'ଆନନ୍ଦମଠ'ର ସନ୍ନ୍ୟାସୀମାନଙ୍କ ପରି ଏହି ନିର୍ଭୀକ ପିଲାମାନେ ମାତୃଭୂମିକୁ ପରାଧୀନତାର ଶୃଙ୍ଖଳରୁ ମୁକ୍ତ କରିବା ପାଇଁ ଜଣ ଜଣ କରି ଫାଶୀ ମଞ୍ଚକୁ ଉଠିଲେ। ହସହସ ମୁହଁରେ ବନ୍ଦେ ମାତରମ୍ ଧ୍ୱନି ଦେଇ ପ୍ରାଣ ଉତ୍ସର୍ଗ କଲେ।

ପ୍ରଥମେ ମନେପଡ଼େ ଅଗ୍ନିଶିଶୁ ଖୁଦିରାମ କଥା। ବିଦେଶୀ ଶାସକ ତା' ଗଳାରେ ଫାଶିର ଦଉଡ଼ି ପିନ୍ଧାଇ ଦେଲା। ସେଇ ପ୍ରାଣବନ୍ତ କିଶୋର ବାଳକ କଣ୍ଠରୁ ଧ୍ୱନିତ ହେଲା ତା'ର ସର୍ବାଧିକ ପ୍ରିୟ କବିତା, 'ମରଣ ଦୋଳିରେ ଝୁଲିବ କିଏ ଆସ।' ବନ୍ଦେ ମାତରମ୍ ମାତୃମନ୍ତ୍ରର ସାର୍ଥକ ରୂପାୟନ ପାଇଁ କୃତସଂକଳ୍ପ ଏଇ କିଶୋର ହସିହସି ଯାଇ ଫାଶୀମଞ୍ଚରେ ଉଠିଥିଲା। ମୁହଁରେ ଥିଲା ତା'ର ବନ୍ଦେ ମାତରମ୍।

ମନାକୁ ମା' ମୁରାରୀ ପୁକୁରର ବିପ୍ଳବୀମାନଙ୍କ ସମ୍ବନ୍ଧରେ ବହୁତ କଥା କହିଛନ୍ତି। ସେମାନଙ୍କର କେତେ ଉଚ୍ଛ୍ୱସିତ ପ୍ରଶଂସା କରିଛନ୍ତି। ମୁରାରୀ ପୁକୁରର ପ୍ରତ୍ୟେକ ପିଲାଙ୍କ ଫଟୋ ମନା ମା'ଙ୍କୁ ଦେଖାଇଥିଲା। ମା' ଅତି ଆଗ୍ରହରେ ସେଇ ଫଟୋଗୁଡ଼ିକ ଦେଖିଥିଲେ। ଖୁଦିରାମ ସମ୍ବନ୍ଧରେ ମା' କହିଛନ୍ତି, ''ଦେଖ, ତା' ଆଖି ଦୁଇଟିକୁ ଦେଖ। ଆଖି ଦୁଇଟି ସବୁକିଛି କହିଦେଉଛି। କେତେ ନିଷ୍ପାପ ସେ! ଦେଶ ପାଇଁ ପ୍ରାଣ ଉତ୍ସର୍ଗ କରିପାରି ସେ କେତେ ଖୁସି। ତା' ଦୁଇ ଆଖିରେ ଯେମିତି ସ୍ୱଦେଶପ୍ରେମର ବହ୍ନି ଜଳୁଛି।''

ଖୁଦିରାମକୁ ଫାଶୀ ହେବାପରେ କାନାଇଲାଲ ଦତ୍ତ, ସତ୍ୟେନ୍ଦ୍ରନାଥ ବୋଷଙ୍କୁ ମଧ୍ୟ ଫାଶୀମଞ୍ଚରେ ପ୍ରାଣ ଦେବାକୁ ହୋଇଥିଲା। ସେମାନଙ୍କ ମୁହଁରେ ଥିଲା ମାତୃମନ୍ତ୍ର ବନ୍ଦେ ମାତରମ୍। କାନାଇଲାଲ ଦତ୍ତଙ୍କ ଫଟୋ ଦେଖି ମା' ମନାକୁ ପଚାରିଥିଲେ, ''ଇଏ ବି କ'ଣ ଶ୍ରୀଅରବିନ୍ଦଙ୍କ ସହିତ ଥିଲା ?''

ମନା 'ହଁ' ବୋଲି କହିବା ମାତ୍ରେ ମା' କହିଥିଲେ, ''ଏ ଯେ ଶ୍ରୀଅରବିନ୍ଦଙ୍କ ସହିତ ଥିଲା ତା'ର ସ୍ପଷ୍ଟ ଛାପ ତା' ମୁଖମଣ୍ଡଳରେ ଫୁଟିଉଠିଛି, ଯେମିତି ଗୋଟିଏ ଜ୍ୟୋତିର୍ବଳୟ। ତା'ର ଚୈତ୍ୟସତ୍ତାଟି ଅନିର୍ବାଣ ଅଗ୍ନିଶିଖା ପରି ଏକ ବିଶିଷ୍ଟ ବ୍ୟଷ୍ଟିରୂପ ନେଇ ଫୁଟିଉଠିଛି।''

ଆମେମାନେ ତ ଜାଣୁ ଫାଶୀର ହୁକୁମ ପାଇବା ପରେ କାନାଇଲାଲଙ୍କ ଓଜନ

ବଢ଼ିଯାଇଥିଲା । ଏମିତିକି ଫାଶୀ ହେବା ଦିନ ନିଶ୍ଚିନ୍ତ ମନରେ ସେ ନିଦକରେ ଶୋଇପଡ଼ିଥିଲେ । ପ୍ରହରୀ ଆସି ତାଙ୍କୁ ଉଠାଇଥିଲା । ହସହସ ମୁହଁରେ କାନାଇଲାଲ ଫାଶୀମଞ୍ଚକୁ ଉଠିଥିଲେ । ମୃତ୍ୟୁ ଭୟ ସେ ବହୁପୂର୍ବରୁ ଜୟ କରିସାରିଥିଲେ ।

ସତ୍ୟେନ୍ଦ୍ରନାଥ ବୋଷ ମଧ୍ୟ ହସହସ ମୁହଁରେ ଫାଶୀମଞ୍ଚକୁ ଉଠିଥିଲେ । ମାତୃଭୂମିକୁ ଶୃଙ୍ଖଳମୁକ୍ତ କରିବା ପାଇଁ ଏମାନେ ଏବଂ ଆହୁରି ଅନେକେ ପ୍ରାଣବିସର୍ଜନ କରିଥିଲେ । ମୁହଁରେ ସେମାନଙ୍କର ଥିଲା ବନ୍ଦେ ମାତରମ୍ ଧ୍ୱନି । ଜୀବନ ଓ ମୃତ୍ୟୁ ଉଭୟ ଥିଲା ସେମାନଙ୍କର ଦାସ ।

ମା' କହିଛନ୍ତି, ''ଶ୍ରୀଅରବିନ୍ଦଙ୍କ ଜ୍ୟୋତିର୍ବଳୟ ଯେ ସମସ୍ତଙ୍କୁ (ବିପ୍ଳବୀମାନଙ୍କୁ) ଘେରିରହିଥିଲା, ଏହା ସ୍ପଷ୍ଟ । ସେମାନଙ୍କ ଚୈତ୍ୟସତ୍ତା ତାହାର ପ୍ରମାଣ ଦେଉଛି । ଦେଖ ଏହାଙ୍କୁ । ଓଃ, ଏହାଙ୍କ ଚୈତ୍ୟସତ୍ତାଟି କେତେ ସାମନାରେ । ଏ ମଧ୍ୟ ନିଶ୍ଚୟ ଶ୍ରୀଅରବିନ୍ଦଙ୍କ ସହିତ ଥିଲେ ।''

ମନା ଉତ୍ତର ଦେଇଥିଲା, ''ହଁ ମା', ଏହାଙ୍କ ନାମ ସତ୍ୟେନ୍ଦ୍ରନାଥ ବୋଷ । ସେ ସହାସ୍ୟ ବଦନରେ ଫାଶୀମଞ୍ଚରେ ଉଠିଥିଲେ ।''

ଶ୍ରୀମା କହିଥିଲେ, ''ଏହା କେବଳ ଆତ୍ମୋତ୍ସର୍ଗ ନୁହେଁ, ସେମାନଙ୍କ ମୁଖମଣ୍ଡଳରେ ଅଙ୍କିତ ରହିଛି ମାତୃଭୂମି ଭାରତମାତାଙ୍କ ଉଦ୍ଦେଶ୍ୟରେ ସେମାନଙ୍କ ଆତ୍ମନିବେଦନର ଏକ ଆନନ୍ଦମୟ ଚିତ୍ର । ସତରେ, ସେମାନେ ଏକ ଦୃଷ୍ଟାନ୍ତ ରଖିଯାଇଛନ୍ତି ଯାହା ପ୍ରମାଣ କରେ ଯେ ଦେଶମାତୃକାର ପୂଜା ନିଜ ଜୀବନ ଅପେକ୍ଷା ଅଧିକ ପ୍ରିୟ । ସମସ୍ତ ପ୍ରକାର ବିପଦର ସମ୍ମୁଖୀନ ହୋଇ ସେମାନେ ବୀର ପରି ଲଢ଼ାଇ କରିଛନ୍ତି । ସେମାନଙ୍କ ପ୍ରତ୍ୟେକଙ୍କ ଚୈତ୍ୟସତ୍ତା ବିଶିଷ୍ଟ ବ୍ୟକ୍ତିରୂପ ଅର୍ଜନ କରିଛି । ଅସାଧାରଣ ଦଳଟିଏ । ଯେଉଁ ଫଟୋଗୁଡ଼ିକ ମୁଁ ଦେଖିଲି ସେଥିରେ ପ୍ରତ୍ୟେକଟିରେ ରହିଛି ବୀରତ୍ୱର ଛାପ । ତେଜେନ୍‌ଙ୍କ ବାପା (ଯତୀନ୍ ମୁଖାର୍ଜୀ) ଓ ଅନ୍ୟମାନଙ୍କ ମଧ୍ୟରେ ମଧ୍ୟ ଏହା ରହିଛି । କାହା କାହା ମଧ୍ୟରେ ରହିଛି ଏମିତି ସବୁ ଦେବୋପମ ଗୁଣାବଳୀ ଯାହା ମଣିଷମାନଙ୍କ ମଧ୍ୟରେ କ୍ୱଚିତ୍ ଦେଖାଯାଏ ।''

ଏବେ କହୁଛି ଦୁଇ ଜଣ କିଶୋର କେମିତି 'ବନ୍ଦେ ମାତରମ୍' କହୁ କହୁ ବୀର ପରି ପୁଲିସର ଉତ୍ପୀଡ଼ନ ସହ୍ୟ କରିଥିଲେ । ଥରେ ହେଲେ ସେମାନେ ବନ୍ଦେ ମାତରମ୍ ଧ୍ୱନି ବନ୍ଦ କରି ନ ଥିଲେ ।

ଆମ ଆଶ୍ରମର ବୀରେନ୍ ସେନ, ଯାହାଙ୍କୁ ସୁଧୀରଦା'ଙ୍କ ପରି ଆଣ୍ଡାମାନକୁ ପଠାଯାଇଥିଲା ଏବଂ ଯାହାଙ୍କୁ ଅନ୍ୟମାନଙ୍କ ପରି ନିର୍ଦ୍ଦୟ ଭାବରେ ନିପୀଡ଼ନ କରାଯାଇଥିଲା ସେହି ବୀରେନ୍ ସେନଙ୍କ ଭାଇ ସୁଶୀଲ ସେନ ସ୍ୱଦେଶୀ ଦଳରେ

ପିଲାବେଳୁ ପରିଚିତ ଥିଲେ। ଜଣେ ବିଖ୍ୟାତ ସ୍ୱଦେଶୀଙ୍କ ପାଇଁ ସଭାର ଆୟୋଜନଟିଏ କରାଯାଇଥିଲା। ଜଣେ ପୁଲିସ ଅଫିସର କିନ୍ତୁ ସେହି ସଭା ନିଷିଦ୍ଧ କରଥା'ନ୍ତି। କିନ୍ତୁ ସୁଶୀଲ ସେନ ସେହି ଅଫିସରଙ୍କୁ ଲାଠି ଦ୍ୱାରା ଆଘାତ କଲେ। ଫଳସ୍ୱରୂପ ସୁଶୀଲଙ୍କୁ ପନ୍ଦର ଥର ବେତରେ ମାଡ଼ ଖାଇବାକୁ ହୋଇଥିଲା। ଭାରି ଚାବୁକର ଆଘାତରେ ପିଲାଟିର ସାରା ପିଠି କ୍ଷତବିକ୍ଷତ ହେଲା। ଚମଡ଼ା ଫାଟି ମାଂସ ବାହାରି ଆସୁଥାଏ। କିନ୍ତୁ ପ୍ରତିଟି ଚାବୁକର ଆଘାତରେ ସେ ବନ୍ଦେ ମାତରମ୍ ଧ୍ୱନି କରିଚାଲିଥାଏ। ସେହି ବନ୍ଦେ ମାତରମ୍ ଧ୍ୱନି ସହିତ ସୁର ମିଳାଇ ସମଗ୍ର ଜନତା ବନ୍ଦେ ମାତରମ୍ ଧ୍ୱନି କରୁଥା'ନ୍ତି, ଯଦିଓ ସମସ୍ତେ ଜାଣିଥା'ନ୍ତି ଯେ ଆଇନତଃ ବନ୍ଦେ ମାତରମ୍ କହିବା ନିଷିଦ୍ଧ। ମାତୃମନ୍ତ୍ରର ଶକ୍ତି ହେଲା ଏମିତି।

ଏଥର କହିବି ମନୋରଞ୍ଜନ ଗୁହଠାକୁରତାଙ୍କ ପୁଅ ଚିତ୍ତରଞ୍ଜନର କଥା। ଶ୍ରୀଅରବିନ୍ଦ, ବିପିନ ପାଲ ଏବଂ ଆହୁରି ଅନେକ ଜାତୀୟ ନେତାଙ୍କର ବରିଶାଲ୍‌କୁ ଯିବାର ଥିଲା। ସେଠାରେ ବଙ୍ଗୀୟ ପ୍ରାଦେଶିକ ସମ୍ମେଳନର ଅଧିବେଶନ ହେବାର ଥାଏ। ନଦୀ କୂଳରେ ବନ୍ଦେ ମାତରମ୍ ଧ୍ୱନି କରି ଅପେକ୍ଷମାଣ ଜନତା ସେମାନଙ୍କୁ ସ୍ୱାଗତ ଜଣାଉଥା'ନ୍ତି। ସେମାନେ ଏଇ ଅଧିବେଶନରେ ଉପସ୍ଥିତ ହେବା ସମୟରେ ପୁଲିସ ସଭାରେ ଉପସ୍ଥିତ ଜନତାଙ୍କ ଉପରେ ଲାଠି ଚାଳନା କଲା। ସେହି ସମୟରେ ବାଳକ ଚିତ୍ତରଞ୍ଜନ ବନ୍ଦେ ମାତରମ୍ ଧ୍ୱନି କରି ଚାଲିଥାଏ। ପୁଲିସ ତାକୁ ନିର୍ଦ୍ଦୟ ଭାବରେ ଲାଠି ପ୍ରହାର କଲା। ଚିତ୍ତରଞ୍ଜନ ଆଘାତ ପାଇ ମାଟିରେ ପଡ଼ିଗଲା କିନ୍ତୁ ଥରେ ହେଲେ ବନ୍ଦେ ମାତରମ୍ ଧ୍ୱନି ବନ୍ଦ କରି ନ ଥିଲା। ସୁସ୍ଥ ହେବା ପରେ ଚିତ୍ତରଞ୍ଜନ ତା' ବାପାଙ୍କୁ କହିଥିଲା, ''ପୁଲିସ ଯେତେଥର ମୋତେ ଲାଠି ମାରିଛି ମୁଁ କିନ୍ତୁ ସେତେଥର ବନ୍ଦେ ମାତରମ୍ କହିଛି। ସେମାନେ ମୋତେ ଚୁପ୍ କରାଇପାରି ନାହାନ୍ତି।'' ମାତୃମନ୍ତ୍ରର ଏମିତି ଶକ୍ତି।

ଏଇ ବନ୍ଦେ ମାତରମ୍ ଧ୍ୱନି ବଙ୍ଗଦେଶ, ମହାରାଷ୍ଟ୍ର, ପଞ୍ଜାବ ଆଦି ସ୍ଥାନରେ ତଥା ଭାରତରେ ସର୍ବତ୍ର ପ୍ରତିଟି ହୃଦୟକୁ ଏକ ସୂତ୍ରରେ ବାନ୍ଧିଦେଲା। ପରସ୍ପରର ପ୍ରୀତି, ଶୁଭେଚ୍ଛା, ସମ୍ଭାଷଣର ଭାଷା ହୋଇଉଠିଲା ବନ୍ଦେ ମାତରମ୍। ପଞ୍ଜାବର ଶିକ୍ଷିତ ଭଦ୍ରଲୋକମାନେ ଦେଖାହେଲେ ବନ୍ଦେ ମାତରମ୍ ଧ୍ୱନି କରି ପରସ୍ପରକୁ ଅଭିବାଦନ କରୁଥିଲେ। ଏଇ ଜାଗରଣୀ ମନ୍ତ୍ର ବନ୍ଦେ ମାତରମ୍‌ର ଏମିତି ଦୁର୍ବାର ଦୁର୍ଜୟ ଶକ୍ତି।

ସ୍ୱାଭାବିକ ଭାବରେ ଏଠାରେ ବାଘା ଯତୀନ୍‌ଙ୍କ ବୀରତ୍ୱର କାହାଣୀ ମନେପଡୁଛି। ସ୍ୱାଧୀନତା ସଂଗ୍ରାମର ଏଇ ବୀରଶ୍ରେଷ୍ଠ ହେଲେ ଯତୀନ୍ଦ୍ରନାଥ ମୁଖୋପାଧ୍ୟାୟ। ବାଲେଶ୍ୱରର ବୁଢ଼ାବଳଙ୍ଗ ନଦୀ କୂଳରେ ବ୍ରିଟିଶ ସାମ୍ରାଜ୍ୟ

ବିରୋଧରେ ଯେଉଁ ରଣକୌଶଳ ବାଘା ଯତୀନ ଦେଖାଇଥିଲେ ବହୁ ଇଂରେଜ ଅଫିସର ତା'ର ଉଚ୍ଛ୍ୱସିତ ପ୍ରଶଂସା କରିଛନ୍ତି।

ଡେପୁଟି ପୁଲିସ ଇନ୍‌ସ୍‌ପେକ୍ଟର ଜେନେରାଲ ମିଃ ରାଇଲ୍ୟାଣ୍ଡ ଦିନେ ବିପ୍ଳବୀ ପକ୍ଷର ଓକିଲ ଉପେନ୍ଦ୍ରନାଥ ଘୋଷଙ୍କୁ ପ୍ରଶ୍ନ କଲେ, "ପୁଟୁଳି ଭିତରେ ଖାମ୍‌ରେ ଯେଉଁ ତିନୋଟି ପ୍ରବନ୍ଧ ଥିଲା, ଆପଣ ତାହା ପଢ଼ିଛନ୍ତି? କି ଅସାଧାରଣ ଚିନ୍ତାଧାରା ଥିଲା ଯତୀନ ମୁଖାର୍ଜୀଙ୍କର! What a mastermind he was! ବଞ୍ଚିଥିଲେ ସାରା ଜଗତ ତାଙ୍କୁ ନେତା ବୋଲି ମାନି ନେଇଥା'ନ୍ତା।"

ଖାମ୍ ଭିତରେ ଥିଲା ତିନୋଟି ଇଂରାଜୀ ପ୍ରବନ୍ଧ। ଶେଷ ଲେଖାଟି ସମ୍ପର୍କରେ ବିଚାରକ ମ୍ୟାକ୍‌ଫାର୍ସନ୍ କହିଛନ୍ତି, ଏହା ହେଉଛି ଚରମ ଅଗ୍ନିସ୍ପର୍ଶୀ ରାଜନୈତିକ ପ୍ରବନ୍ଧଟିଏ। ଏହାର ନାମ ହେଉଛି, The Children of the Mother India – The Voice of a Devotee!

ଆହତ ଅବସ୍ଥାରେ ବାଘା ଯତୀନଙ୍କୁ ହସ୍‌ପିଟାଲ୍‌କୁ ନେବା ସମୟରେ କଥା ପ୍ରସଙ୍ଗରେ ଜିଲା ମାଜିଷ୍ଟ୍ରେଟ୍ କିଲ୍‌ବିଙ୍କୁ କହିଥିଲେ, "ମୋ ସାଥି ଏଇ ପିଲାମାନେ ନିରପରାଧ। ଯାହା କିଛି ଘଟିଛି, ସେଥିପାଇଁ ମୁଁହିଁ ଦାୟୀ। ସେମାନଙ୍କ ପ୍ରତି ଯେମିତି ଅବିଚାର କରା ନ ଯାଏ ତାହା ଦେଖିବେ।" ଅନ୍ତିମ ମୁହୂର୍ତ୍ତରେ ସେ ପୁଣିଥରେ ସେଇ ସମାନ ଅନୁରୋଧ କରିଥିଲେ କିଲ୍‌ବିଙ୍କ ପାଖରେ।

୧୯୧୫ ମସିହା, ସେପ୍ଟେମ୍ବର ୧୦ ତାରିଖ। ଯତୀନ୍ଦ୍ରନାଥଙ୍କ ସହିତ ଦେଖା କରିବାକୁ ଆସିଲେ ଚାର୍ଲସ ଟେଗାର୍ଟ। ବହୁ ଉଚ୍ଚପଦସ୍ଥ ଅଫିସର ମଧ୍ୟ ତାଙ୍କ ସହିତ ଥା'ନ୍ତି। ଯତୀନ୍ଦ୍ରନାଥ ସେଇ ଏକା ଅନୁରୋଧ କଲେ ଟେଗାର୍ଟ ସାହେବଙ୍କୁ, "ତୁମ ସହିତ ଦେଖାହୋଇ ବହୁତ ଭଲ ହେଲା। ମୁଁ ଚାଲିଲି। ଯେଉଁମାନେ ରହିଲେ ସେମାନେ ନିର୍ଦ୍ଦୋଷ। ମୋ ପ୍ରରୋଚନାରେ ସେମାନେ ଏଇ ପଥରେ ଆସିଛନ୍ତି। ସେମାନଙ୍କ ଉପରେ ଯେମିତି ଅନ୍ୟାୟ ଅତ୍ୟାଚାର କରା ନ ଯାଏ, ତାହା ଦେଖିବେ।"

କି ମହତ୍ ଉଦାର ପ୍ରାଣ! ନିଜର ଶେଷ ମୁହୂର୍ତ୍ତରେ ସେ ବିପ୍ଳବୀ ସାଥି ନୀରେନ, ମନୋରଞ୍ଜନ, ଜ୍ୟୋତିଷ ଇତ୍ୟାଦିଙ୍କ କଥା ଚିନ୍ତା କରିଥିଲେ।

ଦମକାଏ କାଶ ଆସିଲା। ପୁଣି ରକ୍ତବାନ୍ତି। ବାଘା ଯତୀନ ହସିଲେ, "ଆଶ୍ଚର୍ଯ୍ୟ! ଏଇ ଦେହରେ ଏବେ ବି ଏତେ ରକ୍ତ ଅଛି? ସାନ୍ତ୍ୱନାର କଥା ଯେ ମା'ଙ୍କ ପୂଜା ପାଇଁ ସମସ୍ତ ରକ୍ତ ଅଞ୍ଜଳି ଦେଇପାରିଲି। କେବେହେଲେ ତାହା ବ୍ୟର୍ଥ ହେବ ନାହିଁ।"

ଏମିତି କଥା ଏଇ ବୀର ଶେଷ ମୁହୂର୍ତ୍ତରେ କହି ଯାଇଥିଲେ। ଯତୀନ୍ଦ୍ରନାଥଙ୍କ

ମୃତ୍ୟୁ ପରେ ଟେଗାର୍ଟ ସାହେବ ବ୍ୟାରିଷ୍ଟର ଜେ. ଏନ. ରାୟଙ୍କୁ କହିଥିଲେ, ''ଜାଣନ୍ତି ମିଃ ରାୟ, ମୋ କର୍ତ୍ତବ୍ୟ ମୋତେ କରିବାକୁ ହୋଇଛି କିନ୍ତୁ ଯତୀନ୍ଦ୍ରନାଥଙ୍କ ପାଇଁ ଆମର ଅପରିସୀମ ଶ୍ରଦ୍ଧା ରହିଛି। ସେ ଥିଲେ ଭାରତର ଶ୍ରେଷ୍ଠ ବୀର ସନ୍ତାନ।''

ଆମ ପୃଥ୍ୱୀନ (ବାଘା ଯତୀନଙ୍କ ନାତି) ତା'ର 'ବାଘା ଯତୀନ' ବହିଟିରେ ଯେଉଁ ଉକ୍ତିଗୁଡ଼ିକ ଲେଖିଛି ସେଥିରୁ କେତୋଟି ଉଦ୍ଧାର କଲି। ଏସବୁରୁ ତାଙ୍କ ମହାନ୍ ଚରିତ୍ରର କେତୋଟି ଝଲକ ଦେଖିବାକୁ ମିଳେ।

ଏବେ କହୁଛି, ତାଙ୍କର ଏଇ ପ୍ରିୟ ଶିଷ୍ୟଟି ବିଷୟରେ ଶ୍ରୀଅରବିନ୍ଦ କ'ଣ ଲେଖିଛନ୍ତି: ''ସେ ଥିଲେ ମୋର ବିଶ୍ୱସ୍ତ ସେନାଧ୍ୟକ୍ଷମାନଙ୍କ ମଧ୍ୟରୁ ଅନ୍ୟତମ। ଜଣେ ଚମତ୍କାର ମଣିଷ ଯାହାଙ୍କୁ କି ମାନବଜାତିର ପୁରୋଧା ଭାବରେ ଗଣ୍ୟ କରାଯାଏ। ଏତେ ସୌନ୍ଦର୍ଯ୍ୟ ଓ ଶକ୍ତି ଜଣଙ୍କଠାରେ ଥିବାର ମୁଁ କେବେ ଦେଖି ନାହିଁ। ତାଙ୍କ ଚେହେରା ଥିଲା ଗୋଟିଏ ଯୋଦ୍ଧାର ଚେହେରା।''

ମା'ଙ୍କ ପୂଜା ପାଇଁ ନିଜର ରକ୍ତ ଅଞ୍ଜଳି ଦେଇ ଯେଉଁ ଆଦର୍ଶ ବାଘା ଯତୀନ ସ୍ଥାପନ କରିଯାଇଛନ୍ତି, ତା'ର ନିଦର୍ଶନ ତାଙ୍କ ଅନୁସଙ୍ଗୀମାନଙ୍କ ଭିତରେ ଦେଖିବାକୁ ମିଳେ।

ସେଦିନ ଥିଲା ୧୯୧୫ ମସିହା ନଭେମ୍ବର ୨୨ ତାରିଖ। ନୀରେନ ଓ ମନୋରଞ୍ଜନଙ୍କ ଫାଶୀର ଦିନ। ହସହସ ମୁହଁରେ ଦୁହେଁ ଫାଶୀମଞ୍ଚ ଆଡ଼କୁ ଚାଲିଥା'ନ୍ତି। କି ଖୁସି ସେମାନେ ସେଦିନ! କିଏ ଆଗ ଫାଶୀର ଦୌଡ଼ି ଗଳାରେ ଦେବ ସେଥିନେଇ ଦୁଇଜଣଙ୍କ ମଧ୍ୟରେ ପ୍ରତିଯୋଗିତା। ମାତୃମନ୍ତ୍ର ବନ୍ଦେ ମାତରମ୍ ଉଚ୍ଚାରଣ କରି ଏମାନେ ମୃତ୍ୟୁଭୟ ଜୟ କରିଥା'ନ୍ତି। ଶତ ଶତ ବନ୍ଦୀଙ୍କ ମୁହଁରେ ଧ୍ୱନିତ ବନ୍ଦେ ମାତରମ୍, ବନ୍ଦେ ମାତରମ୍।

ବହୁ ପୂର୍ବର ଏକ ଘଟଣା। ବାଘା ଯତୀନ ସେତେବେଳେ ବନ୍ଦୀ ଅବସ୍ଥାରେ ଜେଲରେ ଥା'ନ୍ତି। ସେଦିନ ଥିଲା ୧୯୧୫ ମସିହାର ଫେବୃଆରୀ ୨୧ ତାରିଖ। ବୀରେନ୍ ଦତ୍ତଗୁପ୍ତ ଫାଶିମଞ୍ଚ ଅଭିମୁଖେ ଚାଲିଥା'ନ୍ତି। ଯିବା ବାଟରେ ହଠାତ୍ ଦେଖିଲେ ବାଘା ଯତୀନ ତାଙ୍କ ଜେଲ କୋଠରିରେ ଠିଆହୋଇଛନ୍ତି। ଚମକିପଡ଼ି ଟିକିଏ ଠିଆହୋଇ ସେ ଶୁଣିଲେ ଯତୀନ୍ଦ୍ରନାଥଙ୍କ ଗୁରୁଗମ୍ଭୀର କଣ୍ଠସ୍ୱର, ''ବୀରେନ୍, ବନ୍ଦେ ମାତରମ୍।'' ବୀରେନ୍ ମଧ୍ୟ ଜୟଧ୍ୱନି ଦେଇ କହିଉଠିଲେ, ''ବନ୍ଦେ ମାତରମ୍।'' ସାରା କାରାପ୍ରାଙ୍ଗଣ ବନ୍ଦେ ମାତରମ୍ ଧ୍ୱନିରେ ପ୍ରକମ୍ପିତ ହୋଇଉଠିଲା।

ମୋ ସ୍ମୃତିରେ ଭାସି ଉଠୁଛି ଆଉ କେତେ ଜଣ ବୀର କିଶୋରଙ୍କ ନିର୍ଭୀକ ଚେହେରା ଓ ବୀରତ୍ୱର କାହାଣୀ। ଏମାନେ ମୁରାରୀ ପୁକୁର ପିଲାମାନଙ୍କଠାରୁ ବହୁତ

ପରେ ଜନ୍ମ ହୋଇଛନ୍ତି। କିନ୍ତୁ ଦେଶକୁ ପରାଧୀନତାର ଶୃଙ୍ଖଳରୁ ମୁକ୍ତ କରିବା ପାଇଁ ନିର୍ଭୟରେ ଆତ୍ମୋତ୍ସର୍ଗ କରିବାକୁ ଏମାନଙ୍କୁ ମଧ୍ୟ ଏଇ ମାତୃମନ୍ତ୍ର ବନ୍ଦେ ମାତରମ୍ ଉଦ୍‌ବୁଦ୍ଧ କରିଥିଲା।

ବିନୟ, ବାଦଲ ଓ ଦୀନେଶର ସାହସ ଓ ବୀରତ୍ୱର କାହାଣୀ ଆମେ ସମସ୍ତେ ଜାଣୁ। ସମୟ ପ୍ରାୟ ବାରଟା। ସାମନାରେ କଲିକତାର ରାଇଟାର୍ସ ବିଲଡ଼ିଂ। ଗାଡ଼ିରୁ ଓହ୍ଲାଇ ନିର୍ଭୟରେ ଏଇ ମୁକ୍ତି ସୈନିକର ଦଳ ପ୍ରଥମ ମହଲାରୁ ଦ୍ୱିତୀୟ ମହଲାକୁ ଆଗେଇଗଲେ। ସେମାନେ ଆଜି ବଦ୍ଧପରିକର। କର୍ଣ୍ଣେଲ ସିମ୍ପସନ୍‌ଙ୍କୁ ଲକ୍ଷ୍ୟ କରି ତିନୋଟି ପିସ୍ତଲରୁ ଗୁଳି ଛୁଟିଲା। ଝଡ଼ ଉଠିଲା ରାଇଟାର୍ସ ବିଲଡ଼ିଂରୁ। ଚାରିଆଡ଼େ ଭୀତ ପଳାୟନରତ ଜନତା।

ଲାଲ୍‌ବଜାରରେ ଚାର୍ଲସ ଟେଗାର୍ଟ ହଠାତ୍ ଇଥର ତରଙ୍ଗରେ ଭାସିଆସୁଥିବା କଣ୍ଠସ୍ୱର ଶୁଣିବାକୁ ପାଇଲେ, ହେଲ୍‌ପ୍, ହେଲ୍‌ପ୍। ସେ ଛୁଟି ଆସିଲେ ବିନୟ, ବାଦଲ ଓ ଦୀନେଶକୁ ଶେଷ କରିଦେବାକୁ। କିନ୍ତୁ ହାର ମାନିଲେ ଟେଗାର୍ଟ। ଏତେ ସୈନ୍ୟ ଆଣି ମଧ୍ୟ ମାତ୍ର ତିନି ଜଣ ବଙ୍ଗାଳୀ ଯୁବକକୁ ହାର ମନାଇ ପାରିଲେ ନାହିଁ। ଅଗତ୍ୟା ଏଇ ଭୟଲେଶହୀନ ତିନୋଟି ଯୁବକଙ୍କ ସହିତ ଯୁଦ୍ଧ କରିବାକୁ ଗୁର୍ଖା ସୈନ୍ୟମାନଙ୍କୁ ଡକରା ପଡ଼ିଲା। ଦୁର୍ଦ୍ଧର୍ଷ ବ୍ରିଟିଶ ସୈନ୍ୟମାନଙ୍କୁ ରଣକୌଶଳରେ ହାର ମନାଇବାକୁ ବିନୟ, ବାଦଲ ଓ ଦୀନେଶ କେଉଁଠାରୁ ପାଇଲେ ଏଇ ପ୍ରଚଣ୍ଡ ଶକ୍ତି? ଚାରିଆଡ଼େ ଅନ୍ଧକାର, ଗୁଳିର ଧୂଆଁ ଆଉ ବାରୁଦର ଗନ୍ଧ। ତା' ଭିତରୁ ମଝିରେ ମଝିରେ ବିନୟ, ବାଦଲ ଓ ଦୀନେଶର ଗର୍ଜନ ବନ୍ଦେ ମାତରମ୍। ପିସ୍ତଲର ଗୁଳି ଶେଷ ହୋଇଆସିବା ବେଳକୁ ସେମାନେ ଗୋଟିଏ କୋଠରିରେ ପ୍ରବେଶ କଲେ। ଏଥର ମୃତ୍ୟୁର ମୁହାଁମୁହିଁ ହେବାକୁ ହେବ। ବିନୟ ନିର୍ଦ୍ଦେଶ ଦେଲା, ଶେଷଥର ପାଇଁ କୁହ ବନ୍ଦେ ମାତରମ୍। ତିନି ଜଣ ସମସ୍ୱରରେ ଗର୍ଜି ଉଠିଲେ ବନ୍ଦେ ମାତରମ୍। ଏଇ ମହାମନ୍ତ୍ରର ଏମିତି ଶକ୍ତି।

୧୯୩୧ ମସିହା ଜୁଲାଇ ୭ ତାରିଖରେ ଦୀନେଶ ଗୁପ୍ତକୁ ଫାଶୀ ଦିଆଗଲା। ଧୀର ବଳିଷ୍ଠ ପଦକ୍ଷେପରେ ଫାଶୀମଞ୍ଚ ଉପରକୁ ଉଠି ଦୀନେଶ କହିଥିଲା, "ମୁଁ ପ୍ରସ୍ତୁତ।" ତା'ପରେ ବଜ୍ରକଣ୍ଠରେ ଉଚ୍ଚାରଣ କରିଥିଲା, "ବନ୍ଦେ ମାତରମ୍।" ଗୋଟିଏ ମୁହୂର୍ତ୍ତରେ ଜେଲଖାନାର ଶତଶତ ବନ୍ଦୀ କହିଉଠିଲେ, "ବନ୍ଦେ ମାତରମ୍, ବନ୍ଦେ ମାତରମ୍।"

ଏବେ କିଶୋର ପ୍ରଦ୍ୟୋତ ଭଟ୍ଟାଚାର୍ଯ୍ୟଙ୍କ କଥା କହୁଛି। ୧୯୩୩ ମସିହା ଜାନୁଆରୀ ୧୧ ତାରିଖ। ସେଦିନ ରାଜନୈତିକ ବନ୍ଦୀ ମହଲରେ କେହି ଶୋଇପାରି ନ ଥା'ନ୍ତି। ସମସ୍ତଙ୍କର ଚିନ୍ତା ପ୍ରଦ୍ୟୋତ ପାଇଁ। ହଠାତ୍ ପ୍ରଦ୍ୟୋତର କଣ୍ଠସ୍ୱର

ଭାସିଆସିଲା । ମଧୁର କଣ୍ଠରେ ଗୀତ ଗାଉଥାଏ ପ୍ରଦ୍ୟୋତ, ''ମରଣରେ ତୁ ଯେ ମୋର ଶ୍ୟାମ ସମାନ।'' ମୃତ୍ୟୁ ପୂର୍ବରୁ ଜଣେ କିଶୋର ବାଳକ କଣ୍ଠରେ ଏମିତି ସଙ୍ଗୀତ କଳ୍ପନା କରି ହୁଏ ନା ।

ଖୁଦିରାମ ମଧ୍ୟ ଫାଶୀ ପାଇବା ପୂର୍ବରୁ ଗାଇଥିଲେ, ''ମରଣ ଦୋଳିରେ ଝୁଲିବ କିଏ ଆସ।'' କେଉଁଠୁ ପାଇଲେ ସେମାନେ ଏଇ ଆତ୍ମୋତ୍ସର୍ଗର ଶକ୍ତି ? ଏହାର ଉତ୍ସ ହେଲା ମାତୃମନ୍ତ୍ର ବନ୍ଦେ ମାତରମ୍। ବିପ୍ଳବୀମାନେ ହସହସ ମୁହଁରେ ବନ୍ଦେ ମାତରମ୍ ଜୟଧ୍ୱନି କରି ମୃତ୍ୟୁକୁ ବରଣ କରୁଥିଲେ ।

୧୯୩୩ ମସିହା ଜାନୁଆରୀ ୧୨ ତାରିଖ । ପ୍ରଦ୍ୟୋତ ପ୍ରସ୍ତୁତ । ଗାଧୋଇ ପୂଜା ଶେଷ କରି ପ୍ରଦ୍ୟୋତ ଅପେକ୍ଷା କରିଥାଏ । ରକ୍ଷୀମାନେ ତ ଅବାକ୍ ! ନିଜେ ଯାଇ ସେ ଫାଶୀମଞ୍ଚରେ ଠିଆହେଲା । ମୁହଁରେ ତା'ର ଶାନ୍ତ ହସ । କାନାଇଲାଲ ପରି ତା'ର ମଧ୍ୟ ଓଜନ ବଢ଼ିଯାଇଥିଲା ।

''ପ୍ରଦ୍ୟୋତ, ତୁମେ ପ୍ରସ୍ତୁତ ?'' ପ୍ରଶ୍ନ କଲେ ଜିଲା ଶାସକ ମିଃ ବାର୍ଜ ।

''ନିଶ୍ଚୟ।'' ହସିହସି ପ୍ରଦ୍ୟୋତ ଜବାବ ଦେଲା । ''ଏଥର ତୁମେମାନେ ତୁମ କାମ କରିପାର।'' ତା'ପରେ ଗର୍ଜିଉଠିଲା ପ୍ରଦ୍ୟୋତ,''ବନ୍ଦେ ମାତରମ୍।'' ମୁହୂର୍ତ୍ତକ ମଧ୍ୟରେ ଶତଶତ ରାଜନୈତିକ ବନ୍ଦୀ ଆକାଶ ପ୍ରକମ୍ପିତ କରି କହିଉଠିଲେ, ''ବନ୍ଦେ ମାତରମ୍, ବନ୍ଦେ ମାତରମ୍।''

ମାତ୍ର ୧୭ ବର୍ଷର ଏଇ ପିଲାଟି ମାତୃଭୂମିକୁ ପରାଧୀନତାର୍ ଶୃଙ୍ଖଳରୁ ମୁକ୍ତ କରିବାକୁ ହସହସ ମୁହଁରେ ପ୍ରାଣ ବିସର୍ଜନ କରିଥିଲା । ଏଇ ମହାମନ୍ତ୍ରର ଏମିତି ଜାଗ୍ରତ ଶକ୍ତି ।

ବନ୍ଦେ ମାତରମ୍ ଛୋଟ ଶବ୍ଦଟିଏ । କିନ୍ତୁ କି ଅପରିସୀମ ଶକ୍ତି ତା'ର ! ଏଇ ବୀର ବିପ୍ଳବୀମାନଙ୍କ ଚରିତ୍ର ବିଶ୍ଳେଷଣ କଲେ ଏହାର ପ୍ରମାଣ ମିଳେ । ଏହି ମାତୃମନ୍ତ୍ର ବନ୍ଦେ ମାତରମ୍ ଜପ କରି ବିପ୍ଳବୀମାନେ ଏତେ ଅତ୍ୟାଚାର, ଉତ୍ପୀଡ଼ନ ସହ୍ୟ କରିପାରିଥିଲେ ।

ଏବେ ଫେରିଯାଉଛି ପ୍ଲେ-ଗ୍ରାଉଣ୍ଡରେ ସେଇ ପ୍ରଥମ ଦିନ ବନ୍ଦେ ମାତରମ୍ ଧ୍ୱନି ଦିଆଯାଇଥିବା ଦିବ୍ୟ ମୁହୂର୍ତ୍ତର ପ୍ରସଙ୍ଗଟିକୁ । ଯେମିତି ପ୍ରଣବ ବନ୍ଦେ ମାତରମ୍ କହିଲା, ଆମେ ତତ୍କ୍ଷଣାତ୍ ନିଜ ଅଜାଣତରେ ଆବେଗଭରେ ପ୍ରତ୍ୟୁତ୍ତର ଦେଲୁ, ବନ୍ଦେ ମାତରମ୍, ବନ୍ଦେ ମାତରମ୍, ବନ୍ଦେ ମାତରମ୍ ।

ଅତୀତର ସେହି ବୀର ସନ୍ତାନମାନଙ୍କ ମଧ୍ୟରୁ ତିନି ଚାରି ଜଣ ବୟସ୍କମାନଙ୍କ ଗ୍ରୁପ୍‌ରେ ଠିଆହୋଇଥା'ନ୍ତି । ପଛକୁ ଫେରି ସେମାନଙ୍କୁ ଚାହିଁଲି । ନଳିନୀକାନ୍ତ ଗୁପ୍ତ,

ସୁଧୀର ସରକାର, ନଳିନୀ ସରକାର, ନରେନ୍ଦ୍ରନାଥ ଦାଶଗୁପ୍ତ ଧୀରସ୍ଥିର ଭାବରେ ଗ୍ରୁପରେ ନିଜ ନିଜ ଜାଗାରେ ଦଣ୍ଡାୟମାନ। ଯେମିତି ଧ୍ୟାନମଗ୍ନ। ଏଇ ଜୟଧ୍ୱନି କ'ଣ ସେମାନଙ୍କ ଅନ୍ତରକୁ ଆଲୋଡ଼ିତ କରି ନାହିଁ? ଏଇ ବୀଜମନ୍ତ୍ର ତ ଥିଲା ସେମାନଙ୍କ ଜପର ମାଳା। ସେମାନଙ୍କ ଅତୀତ ଜୀବନର କାହାଣୀ ମନେପଡ଼ିଲା...।

ନଳିନୀଦା' (ନଳିନୀକାନ୍ତ ଗୁପ୍ତ) ମଝିରାତିରେ କାଳିଙ୍କ ଫଟୋ ସମ୍ମୁଖରେ ନିଜ ବକ୍ଷରୁ ରକ୍ତ ଦେଇ ପ୍ରତିଜ୍ଞା କରିଥିଲେ, "ପ୍ରାଣକୁ ପଣ କରି ଦେଶମାତୃକାର ଏକନିଷ୍ଠ ସେବକ ହେବି।" ସେଇ ନଳିନୀକାନ୍ତ ଗୁପ୍ତ ଶାନ୍ତ ଭାବରେ ଠିଆହୋଇଥା'ନ୍ତି। ସେ ହେଉଛନ୍ତି ଶ୍ରୀମା ଶ୍ରୀଅରବିନ୍ଦଙ୍କ ଅତି ପ୍ରିୟ ସନ୍ତାନ।

ସୁଧୀରଦା' (ସୁଧୀର ସରକାର, ଯାହାଙ୍କୁ ଆଣ୍ଡାମାନରେ ଦୀର୍ଘଦିନ ନିର୍ଦ୍ଦୟ ନିପୀଡ଼ନ ସହ୍ୟ କରିବାକୁ ହୋଇଥିଲା) ଠିଆହୋଇଥା'ନ୍ତି। ଆଖି ତାଙ୍କର ଉଜ୍ଜ୍ୱଳ। ମୋ ସାଥିରେ ଦେଖାହେଲେ କୁହନ୍ତି, "ଜାଣିଛୁ ପ୍ରୀତି, ମାଟି ମାଆ-ଟି।" ମାଆ-ଟି ଉଚ୍ଚାରଣ କରିବା ସମୟରେ ଯେଉଁ ଶ୍ରଦ୍ଧା ଓ ଭଲପାଇବା ଜନ୍ମଭୂମି ପାଇଁ ଉଚ୍ଚାରିତ ହେଉଥିଲା ତାହା ଅନୁଭବ କରୁଥିଲି। ସେ ମନାକୁ କହୁଥିଲେ, "ଆମେ ଶ୍ରୀଅରବିନ୍ଦଙ୍କ ଭାରତମାତାଙ୍କୁ ପୂରାପୂରି ମା' ଜନନୀ ରୂପେ ଗ୍ରହଣ କରିପାରି ନାହୁଁ। ଭାଗବତୀ ଜନନୀ ଭାବରେ ତାଙ୍କୁ ପୂଜା କରିପାରି ନାହୁଁ। ତେଣୁ ସେହି ସତ୍ୟକୁ ସୁପ୍ରତିଷ୍ଠିତ କରାଇବା ପାଇଁ ସେ ଦିବ୍ୟ ଜନନୀଙ୍କୁ ଆମମାନଙ୍କ ପାଇଁ ଓହ୍ଲାଇ ଆଣିଛନ୍ତି।" ସୁଧୀରଦା'ଙ୍କର ଏଇ କଥା ମନା ମା'ଙ୍କୁ କହିବାରୁ ମା' ହସିଥିଲେ। ସୁଧୀରଦା'ଙ୍କ ସମ୍ବନ୍ଧରେ ଶ୍ରୀଅରବିନ୍ଦ କହିଥିଲେ, "ସେଇ ନିର୍ଭୀକ ସୁଧୀର?"

ସୁଧୀରଦା'ଙ୍କ ସମ୍ବନ୍ଧରେ ମା' ପୁଣି ମନାକୁ କହିଥିଲେ, "ଏଇ ମଣିଷଟି ସେମାନଙ୍କ ମଧ୍ୟରେ ଜଣେ ଯେଉଁମାନଙ୍କର ଚୈତ୍ୟସତ୍ତା ବ୍ୟଷ୍ଟିରୂପ ଲାଭ କରିଛି।" ସୁଧୀରଦା'ଙ୍କର ଅଶୀବର୍ଷର ଜନ୍ମଦିନରେ ମନା ତାଙ୍କୁ ମା'ଙ୍କ ପାଖକୁ ନେଇଯାଇଥିଲା। ସୁଧୀରଦା'ଙ୍କୁ ଦେଖି ମା' ମନାକୁ କହିଥିଲେ, "ତୁମ ବାପାଙ୍କୁ ଶାନ୍ତ ହେବାକୁ କୁହ। ତାଙ୍କୁ ବୁଝାଇ କୁହ ଯେ ଶ୍ରୀମା ଭାରତବର୍ଷର ଭାର ସ୍ୱହସ୍ତରେ ଗ୍ରହଣ କରିଛନ୍ତି। ତୁମ ବାପାଙ୍କୁ ସେସମ୍ବନ୍ଧରେ ଦୁଶ୍ଚିନ୍ତା କରିବାକୁ ମନା କର।"

ନଳିନୀଦା' (ନଳିନୀ ସରକାର) ଯଦିଓ ମୁରାରୀ ପୁକୁର ସହିତ ସଂଯୁକ୍ତ ନ ଥିଲେ ତଥାପି ଚୁପ୍‌ଚାପ୍ ବିପ୍ଳବୀମାନଙ୍କୁ ଯଥାସାଧ୍ୟ ସାହାଯ୍ୟ କରିବାକୁ ଦ୍ୱିଧା ପ୍ରକାଶ କରି ନ ଥିଲେ। ଶ୍ରୀଅରବିନ୍ଦଙ୍କ ପ୍ରତି ତାଙ୍କର ଥିଲା ଅଗାଧ ଭଲପାଇବା ଓ ଶ୍ରଦ୍ଧା।

ଏମାନଙ୍କ ପରେ ବାଘା ଯତୀନଙ୍କ ନିର୍ଦ୍ଦେଶରେ ଯେଉଁ ବୀର ସନ୍ତାନମାନେ ଦେଶ ପାଇଁ ପ୍ରାଣ ପଣ କରି କାମ କରିଥିଲେ ସେମାନଙ୍କ ମଧ୍ୟରୁ ଜଣେ — ନରେନ

ଦାଶଗୁପ୍ତ, ସମସ୍ତଙ୍କ ନରେନଦା'। ବାଘା ଯତୀନଙ୍କ ନିର୍ଦ୍ଦେଶରେ ଯେଉଁ କେତେ ଜଣ ଯୁବକ ସ୍ୱଦେଶୀ ଡକାୟତି କରି ଥଳିଭର୍ତ୍ତି ଟଙ୍କା ଦେଶର କାମ ପାଇଁ ନେଇଆସିଥିଲେ ସେମାନଙ୍କ ମଧ୍ୟରୁ ନରେନ ଦାଶଗୁପ୍ତ ଅନ୍ୟତମ। ପୁଲିସ ଖୋଜିବାକୁ ଆସିବାରୁ ନିଜ ବିଛଣା ତଳେ ସବୁ ଟଙ୍କା ରଖିଦେଇ ଆଖି ପିଛୁଳାକେ ପାଖ କୋଠରିକୁ ପଶିଯାଇଥିଲେ। ପୁଲିସ ସେଇ ଘରେ ଖୋଜି ଖୋଜି ହତାଶ ହୋଇ ଫେରିଗଲା। କୌଣସି କଥା ପ୍ରସଙ୍ଗରେ ଶ୍ରୀଅରବିନ୍ଦ କହିଥିଲେ, ''ଓ, ସେଇ ନରେନ!''

ନରେନ ଦାଶଗୁପ୍ତଙ୍କ ମୃତ୍ୟୁ ପରେ ମା' କହିଥିଲେ, ''...ମଣିଷଟିଏ, ଯିଏ ଶ୍ରୀଅରବିନ୍ଦଙ୍କ ସେବାରେ ଲାଗିବା ପାଇଁ ଜୀବନ ବିତାଇଲା, ଯିଏ କି ମୋ ଫଟୋକୁ ଜାବୁଡ଼ି ଧରି ପ୍ରାଣତ୍ୟାଗ କଲା। ସେ ଥିଲା ଜଣେ ଉତ୍ସର୍ଗୀକୃତ, ସଚେତନ ମଣିଷଟିଏ, ଯାହାର ଚୈତ୍ୟପୁରୁଷ ତା' ସତ୍ତାର ସମସ୍ତ ଅଂଶକୁ ସୁନ୍ଦର ଭାବରେ ସଂଗଠିତ କରିଥିଲା।''

ଏମାନେ ଆମର ନମସ୍ୟ। ଧନ୍ୟ ଏମାନେ। ଶ୍ରୀଅରବିନ୍ଦଙ୍କ ବହୁ ବୀର ସନ୍ତାନମାନଙ୍କ ମଧ୍ୟରୁ ଏମାନେ କେତେ ଜଣ ମାତ୍ର ମା'ଙ୍କ ସମ୍ମୁଖରେ ବନ୍ଦେ ମାତରମ୍ ଧ୍ୱନି ଦେବାର ସୌଭାଗ୍ୟ ଲାଭ କଲେ। ଏମାନେ ମାତୃଭୂମିକୁ ପରାଧୀନତାର ଶୃଙ୍ଖଳରୁ ମୁକ୍ତ କରିବା ପାଇଁ ବଦ୍ଧପରିକର ଥିଲେ। ଏବେ ମା'ଙ୍କ ସାମନାରେ ବନ୍ଦେ ମାତରମ୍ ଜୟଧ୍ୱନି ଦେଇ ସେମାନେ ପୁଣି ପୂର୍ଣ୍ଣଯୋଗର ପଥରେ ଆଗେଇଯିବାକୁ ଦୃଢ଼ ପ୍ରତିଜ୍ଞ।

ବନ୍ଦେ ମାତରମ୍ ଧ୍ୱନି ସହିତ ଯେମିତି ଅଗ୍ନିତରଙ୍ଗ ବହିଗଲା ପ୍ଲେ-ଗ୍ରାଉଣ୍ଡ ମଧ୍ୟରେ। ଆରମ୍ଭ ହେଲା ନୂଆ ଜୀବନ। ଆଶ୍ରମ ଜୀବନରେ ଆସିଲା ବିରାଟ ପରିବର୍ତ୍ତନ। ବନ୍ଦେ ମାତରମ୍ ଧ୍ୱନିରେ ୧୯୦୫ ମସିହାରେ ଭାରତ ଜାଗିଉଠିଥିଲା। ଆଜି ସାରା ବିଶ୍ୱକୁ ବନ୍ଦେ ମାତରମ୍ ଜଗାଇଦେଇଛି। ଏମିତି ଦିବ୍ୟ ମୁହୂର୍ତ୍ତ ଆସିବ ଯେତେବେଳେ ବିଶ୍ୱର ପ୍ରତିଟି ମଣିଷ କହିଉଠିବ, ବନ୍ଦେ ମାତରମ୍, ବନ୍ଦେ ମାତରମ୍, ବନ୍ଦେ ମାତରମ୍।

# ମା'ଙ୍କ ଚାରି ରୂପ

ମା' ନିଜେ ନିଜେ କେତେ କଥା କହୁଥିଲେ...। ପଦଚାରଣା କରୁ କରୁ ଦିନେ ପ୍ଲେ-ଗ୍ରାଉଣ୍ଡର ନିମ୍ବଗଛ ତଳେ ଆସି ଠିଆହେଲେ। ମାର୍ଚ୍ଚପାଷ୍ଟ ଆରମ୍ଭ ହେବାକୁ ଅନେକ ଡେରିଥାଏ। କାନ୍ଥକୁ ଆଉଜି ମା' ଠିଆହୋଇଥା'ନ୍ତି। କିଛି ସମୟ ନୀରବ ରହିବା ପରେ ହଠାତ୍ କହିଲେ, ''ଜାଣିଛ, ଏଥର ମୁଁ ମୋର ସବୁ ରୂପକୁ ନେଇ ପୃଥିବୀକୁ ଆସିଛି। ଏମିତି ଭାବରେ ପୂର୍ବରୁ କେବେ ଆସି ନ ଥିଲି। ପୃଥିବୀର ଇତିହାସରେ ଏମିତି କେବେ ଘଟି ନ ଥିଲା।''

ମୁଁ ବିସ୍ମୟରେ ବାକ୍‌ରୁଦ୍ଧ। ମା' ମୋ ଆଡ଼କୁ ଚାହିଁ ମୁରୁକି ମୁରୁକି ହସୁଥା'ନ୍ତି। ତାଙ୍କୁ ପ୍ରଶ୍ନ କଲି, ''ମା' ତୁମେ କ'ଣ ମା' ଦୁର୍ଗା ?''

ଟିକିଏ ହସିଦେଇ ମୁଣ୍ଡ ହଲାଇ ମା' ସମ୍ମତି ଜଣାଇଲେ। ଆଖି ସାମନାରେ ମା'ଙ୍କୁ ଦୁର୍ଗାରୂପେ ଦେଖିବାକୁ ପାଇଲି। ସେ ରୂପ ଅବର୍ଣ୍ଣନୀୟ। ଶ୍ରୀଅରବିନ୍ଦଙ୍କ ଲିଖିତ ଦୁର୍ଗାସ୍ତୋତ୍ର ମନେପଡ଼ିଲା। ''ମାତଃ ଦୁର୍ଗେ! ସିଂହବାହିନି, ତ୍ରିଶୂଳଧାରିଣି, ବର୍ମ ଆବୃତ-ସୁନ୍ଦର ଶରୀରରେ ମାତଃ ଜୟଦାୟିନି।''

ପୁଣି ପ୍ରଶ୍ନ କଲି, ''ତୁମେ କ'ଣ ମା' ମହାଲକ୍ଷ୍ମୀ ?'' ସେମିତି ଏକା ପ୍ରକାରେ ମା' ମୁଣ୍ଡ ହଲାଇଲେ। ମୁହଁରେ ତାଙ୍କର ଅଦ୍ଭୁତ ହସ। ତାଙ୍କ ଚାରିପାଖରୁ ଅପୂର୍ବ ମାଧୁରୀ ବିଚ୍ଛୁରିତ ହେବାକୁ ଲାଗିଲା। ତାଙ୍କ ସାନ୍ନିଧ୍ୟରୁ ହୃଦୟ ଏକ ଅପୂର୍ବ ଆନନ୍ଦରେ ଉଦ୍‌ବେଳିତ ହେଲା। ଅନୁଭବ କଲି ମା'ଙ୍କ ''ଶାଶ୍ୱତ ସୌନ୍ଦର୍ଯ୍ୟର ପରମ ଇନ୍ଦ୍ରଜାଲ, ଅପ୍ରତିହତ ଶ୍ରୀ ଏବଂ ଆକର୍ଷଣର ଦୁର୍ନିବାର ମୋହିନୀ ଶକ୍ତି।''

ଅଦମ୍ୟ କୌତୂହଳ ମୋତେ ବାଧ୍ୟ କରୁଥାଏ ପୁଣି ପ୍ରଶ୍ନ କରିବାକୁ। ପଚାରିଲି, ''ତୁମେ କ'ଣ ମା' ମହାସରସ୍ୱତୀ ?'' ମୋ ପ୍ରଶ୍ନ ଶୁଣି ମା' ସେଇ ସମାନ ଭାବରେ ଉତ୍ତର ଦେଇଚାଲିଥା'ନ୍ତି। ସଦୟା, ସୁସ୍ମିତା ମା', ମହାସରସ୍ୱତୀରୂପେ ମୁହୂର୍ତ୍ତକ ପାଇଁ ଦର୍ଶନ ଦେଲେ। ତାଙ୍କ ଧୈର୍ଯ୍ୟର ସୀମା ନାହିଁ। ମୁଁ କିନ୍ତୁ କୌତୂହଳ ଚାପିପାରୁ ନ ଥାଏ। ପ୍ରଶ୍ନର ପ୍ରବାହ ଶେଷ ହେଉ ନ ଥାଏ।

''ମା' ତୁମେ କ'ଣ ରାଜରାଜେଶ୍ୱରୀ ?'' ପୁଣି ମୁଣ୍ଡ ହଲାଇ ମା' ସମ୍ମତି ଦେଲେ। ''ଅଚଞ୍ଚଳା, ଅନିର୍ବଚନୀୟା ସେ, ମହିମମୟୀ ଚିରପ୍ରଶାନ୍ତା।'' ମା'ଙ୍କୁ ଅନେକ ଦୂରର ଜଣେ ପରି ମନେହେଲା। ସ୍ଥିର ଗମ୍ଭୀର ଭାବରେ ମା' ଠିଆହୋଇଥା'ନ୍ତି।

ଜଣ ଜଣ କରି ସବୁ ଦେବଦେବୀଙ୍କ ନାମ ମୁଁ କହି ଯାଉଥାଏ। ''ତୁମେ କ'ଣ ମା' ଆନନ୍ଦମୟୀ ? ତୁମେ କ'ଣ ମା' ଚଣ୍ଡୀ ? ତୁମେ କ'ଣ... ତୁମେ କ'ଣ... ତୁମେ କ'ଣ... ?''

ମା' ମୁଣ୍ଡ ହଲାଇ ସମ୍ମତି ଜଣାଇ ଚାଲିଥା'ନ୍ତି। ମୋ ପ୍ରଶ୍ନର ଝୁଡ଼ି ଯେ ସରୁ ନ ଥାଏ! ଶେଷରେ ପ୍ରଶ୍ନ କଲି, ''ତୁମେ କ'ଣ ମା' ମହାକାଳୀ?'' ମା'ଙ୍କର ସେଇ ବିରାଟ ଅପୂର୍ବ ରୂପ ଆଜି ମଧ୍ୟ ଆଖି ସାମନାରେ ଭାସିଉଠେ। ମା' ଯେମିତି କାହିଁ କେଉଁଠି...। ମା'ଙ୍କୁ ମୁଁ ଅସହାୟ ଭାବରେ ଚାହିଁରହିଥାଏ। କେଉଁଠି ଆମର ସେଇ ଚିରପରିଚିତ ମା'? ମା'ଙ୍କର ଏଇ ରୂପ ଏତେ ଅଚିହ୍ନା ଯେ ଗୋଟିଏ ଦୁର୍ଦମନୀୟ ଭୟ ମୋତେ ଚାପି ଧରିଲା। ମୁହୂର୍ତ୍ତକ ମଧ୍ୟରେ ମା' ନିଜକୁ ସମ୍ବରଣ କରିନେଲେ। ସ୍ନିଗ୍ଧ ଭାବରେ ହସି ମୋ ହାତ ଦୁଇଟିକୁ ତାଙ୍କ ହାତ ମଧ୍ୟରେ ଧରି ରଖିଲେ। ମା'ଙ୍କ ଦିବ୍ୟ ହସ୍ତର ସ୍ପର୍ଶ ପାଇ ମଧ୍ୟ ମୁଁ ସ୍ୱାଭାବିକ ହୋଇପାରୁ ନ ଥାଏ। ଚୁପ୍‌ହୋଇ ଠିଆହୋଇ ରହିଥାଏ। 'ମା' ବହିର ଷଷ୍ଠ ଅଧ୍ୟାୟରେ ଶ୍ରୀଅରବିନ୍ଦ ମହାକାଳୀଙ୍କର ଯେଉଁ ବର୍ଣ୍ଣନା ଦେଇଛନ୍ତି ସେସବୁ ମନେପଡ଼ିଲା। ଏମିତି ଭାବରେ ମା'ଙ୍କୁ ନାନା ରୂପରେ ଦେଖି ଏକ ଅନୈସର୍ଗିକ ଅନୁଭୂତିରେ ଅଭିଭୂତ ହୋଇପଡ଼ିଲି। ନିଜେ ନିଜେ ମା' ପୁଣି ପୂର୍ବପରି କଥା ହେବାକୁ ଆରମ୍ଭ କଲେ, ହସିଲେ। ଧୀରେ ଧୀରେ ମୋର ଭୟ ଅପସରିଗଲା। ପୁଣି ମା'ଙ୍କୁ ବନ୍ଧୁ ରୂପରେ ଫେରିପାଇଲି।

ଏମିତି ଅନୁଭୂତି ଆଉ ଦିନେ ମଧ୍ୟ ହୋଇଥିଲା। ଦିନେ ପ୍ଲେ-ଗ୍ରାଉଣ୍ଡରେ ମନୋଜ ମା'ଙ୍କୁ ପ୍ରଶ୍ନ କଲା, ''ମା' ତୁମେ କାହିଁକି ଝିଅପୁଅ ସୃଷ୍ଟି କରିଛ?'' ମା' କିଛି ସମୟ ଚୁପ୍‌ହୋଇ ରହିଲେ। ତା'ପରେ ହସିହସି କହିଲେ, ''ତୁମେମାନେ ଯେମିତି ଝିଅ ବା ପୁଅ ଦେଖୁଛ ତାହା ଠିକ୍ ନୁହେଁ। ତୁମମାନଙ୍କ ସହିତ କଥାବାର୍ତ୍ତା କଲେ ତୁମେ ମନୋଜ, ଆଉ ସେ ପ୍ରୀତି, ଏମିତି ଭାବି ମୁଁ କଥା ହୁଏ ନା। ତୁମମାନଙ୍କ ଭିତରେ ଯେଉଁ ଅନ୍ତର ପୁରୁଷ ବା ଆତ୍ମା ରହିଛନ୍ତି ତାଙ୍କ ସହିତ କଥା ହୁଏ। ଏଇ ଆତ୍ମାର କୌଣସି ଲିଙ୍ଗଭେଦ ନାହିଁ। ତେଣୁ ବାହାରର ଏଇ ପ୍ରଭେଦକୁ ନେଇ ଚିନ୍ତା କରିବ ନାହିଁ। ଜାଣିଛ, ମୁଁ ଝିଅ ନୁହେଁ ବା ପୁଅ ନୁହେଁ। ଦିନେ ବୁଝିପାରିବ ମୁଁ କିଏ।'' ଆମ ଦୁଇ ଜଣଙ୍କୁ ମା' ଏକ ଅଦ୍ଭୁତ ହସମିଶା ଦୃଷ୍ଟିରେ ଚାହିଁରହିଲେ। ମନେହେଲା, ସେ ଯେମିତି କେଉଁଠି...। ଗୋଟିଏ ମୁହୂର୍ତ୍ତ ପାଇଁ ଆମେ ତାଙ୍କ ବିଶାଳ ମହିମମୟ ରୂପ ଦର୍ଶନ କଲୁ। ତା'ପରେ ପୁଣି ସେ ନିଜକୁ ଅପସାରିତ କରିନେଲେ। ମୋର କେମିତି ମନେହେଲା ଏଇ ଯେ ରୂପହିଁ ମା'ଙ୍କର ଅସଲ ରୂପ।

## ମାହେଶ୍ୱରୀ ରୂପେ ମା'

ଥରେ ଥରେ ହଠାତ୍ ମା' କେମିତି ଧୀର, ସ୍ଥିର, ବହୁ ଦୂରର କେହି ଜଣେ ପରି ମନେହେଉଥିଲେ। ତାଙ୍କ ଦୃଷ୍ଟି ଯେମିତି କେଉଁଠି କେଉଁ ସୁଦୂରକୁ ଧାବିତ...। ଆମେ

ସେଇ ଦୃଷ୍ଟିର ଖିଅ ଧରିପାରୁ ନ ଥିଲୁ। ଆମେ ହୁଏତ ତାଙ୍କୁ ଫୁଲ ଦେଉଛୁ, ସେ ଆଶୀର୍ବାଦ କରୁଛନ୍ତି, ମୁହଁରେ ସ୍ମିତହାସ୍ୟ କିନ୍ତୁ ସେ ଏତେ ଧ୍ୟାନ–ଗମ୍ଭୀର, ମହୀୟସୀ, ବିରାଟ, ଗଭୀର ଯେ ଆମେ ତାଙ୍କୁ ଆମ ପ୍ରତିଦିନର ସେଇ ପରିଚିତ ମା' ଭାବରେ ଖୋଜି ପାଉ ନ ଥିଲୁ। ତାଙ୍କର ଏଇ ମାହେଶ୍ୱରୀ ରୂପ ଆମ ଧରାଛୁଆଁର ବାହାରେ। ପ୍ରଶାନ୍ତ ବିଶାଳତା, ଅତୁଳ ଅଦ୍ୱିତୀୟ ମହିମା ମା'ଙ୍କୁ ଘେରିରହୁଥିଲା। ସେଇ ଅପୂର୍ବ ସୌନ୍ଦର୍ଯ୍ୟର ବର୍ଣ୍ଣନା ମୋର ସାଧ୍ୟାତୀତ। ଏମିତିକି ଛୋଟ ଛୋଟ ଶିଶୁମାନେ ମଧ୍ୟ ମା'ଙ୍କ ପାଖକୁ ଯାଇ ଅବାକ୍ ହୋଇ ତାଙ୍କ ମୁହଁକୁ ଚାହିଁରହୁଥିଲେ। ପିଲାମାନେ ମଧ୍ୟ ଅନୁଭବ କରୁଥିଲେ ଯେମିତି ମା' କାହିଁ କେତେ ଦୂରରେ...। ଆଶୀର୍ବାଦ ଫୁଲ ହାତରେ ପାଇବା ମାତ୍ରେ ପିଲାମାନେ ଦୌଡ଼ି ପଳାଉଥିଲେ ଆଉ ଦୂରରେ ରହି ମା'ଙ୍କୁ ଚାହିଁ ରହୁଥିଲେ। ପିଲାମାନଙ୍କର ସ୍ପର୍ଶକାତର ମନ କ'ଣ କିଛି ଅନୁଭବ କରୁଥିଲା ? ଜଣ ଜଣ କରି ସମସ୍ତେ ଏକାଠି ହେଲା ପରେ ଦୂରରୁ ମା'ଙ୍କର ସେଇ ସ୍ଥିର, ଅଚଞ୍ଚଳ ମୂର୍ତ୍ତି ଦର୍ଶନ କରୁ କରୁ ପିଲାମାନେ ମଧ୍ୟ ଶାନ୍ତ ହୋଇଯାଉଥିଲେ। ସର୍ବଦା ଶିଶୁମାନଙ୍କର କଳକାକଳିରେ ପୂରି ଉଠୁଥିବା ଆଶ୍ରମ ହଠାତ୍ ସ୍ତବ୍ଧ ହୋଇଯାଉଥିଲା। ସେଇ ଶାନ୍ତ ସ୍ଥିର ପରିବେଶରେ ସବୁକିଛି ଭଲଲାଗୁଥିଲା। ଯଦିଓ ବୁଝିହେଉ ନ ଥିଲା ଏଇ ଭଲଲାଗିବାର ସୂତ୍ରଟି କେଉଁଠି। ସୂର୍ଯ୍ୟ ରଶ୍ମି ପରି ମା'ଙ୍କ ଚତୁଃପାର୍ଶ୍ୱରୁ ସ୍ଥିରତା ଅଚଞ୍ଚଳତା ବିଛୁରିତ ହୋଇ ଆମମାନଙ୍କୁ ଶାନ୍ତ କରୁଥିଲା। କେଉଁଠି ଟିକିଏ ହେଲେ ଶବ୍ଦ ନାହିଁ। ସେଇ ପରିବେଶ କ'ଣ ଭୁଲିହେବ ? ଚାରିଆଡ଼େ ସୀମାହୀନ ଏକ ମଧୁର ନୀରବତା...।

"ବିଶ୍ୱେଶ୍ୱର ବୋଲି ଯଦି ଡାକେ ମୁଁ ତୁମକୁ,
ମନେହୁଏ ଯେହ୍ନେ ଚାଲି ଗଲି ମୁଁ ଦୂରକୁ।"

ମା'ଙ୍କୁ ମାହେଶ୍ୱରୀ, ଅଦିତି ରୂପେ ଅନୁଭବ କରିବା ମାତ୍ରେ ମନେହେଉଥିଲା ଯେମିତି ଆମେ କେତେ ଦୂରରେ। ସେଇଥିପାଇଁ ମା'ଙ୍କୁ ବନ୍ଧୁ ରୂପେ, ସଖି ରୂପେ ପାଇବାରେ ଆମେ ଅଭ୍ୟସ୍ତ ହୋଇଉଠିଥିଲୁ। ପଞ୍ଚପାଣ୍ଡବ ଯେମିତି ଶ୍ରୀକୃଷ୍ଣଙ୍କୁ ସଖାରୂପେ ପାଇଥିଲେ, ଆମେ ସେମିତି ମା'ଙ୍କୁ ଆମର ପରମ ବନ୍ଧୁ ରୂପେ ପାଇବାରେ ଅଭ୍ୟସ୍ତ ଥିଲୁ। ପଞ୍ଚପାଣ୍ଡବ ଶ୍ରୀକୃଷ୍ଣଙ୍କୁ ଅବତାର ବୋଲି ଜାଣି ମଧ୍ୟ ସଖା ଭାବରେ ଗ୍ରହଣ କରିଥିଲେ। ଆମମାନଙ୍କ ପାଖରେ ମା' ନିଜକୁ ମାୟାରେ ଆବୃତ କରି ବନ୍ଧୁ ରୂପେ ପ୍ରକାଶ କରିଥିଲେ। ମା'ଙ୍କ ପ୍ରତିଟି ରୂପକୁ ଦର୍ଶନ ଓ ଅନୁଭବ କରିଥିଲେ ମଧ୍ୟ ମା' ଯେ ଆମର ବନ୍ଧୁ ଏହି ଭାବ ସର୍ବଦା ଆମ ମନ, ପ୍ରାଣ,

ହୃଦୟରେ ଜାଗ୍ରତ ଥିଲା । ଭୀଷ୍ମ, ଦ୍ରୋଣାଚାର୍ଯ୍ୟ ଯେମିତି ଶ୍ରୀକୃଷ୍ଣଙ୍କୁ ଅବତାର ଭାବରେ ମାନ୍ୟ କରୁଥିଲେ ସେମିତି ନଳିନୀଦା', ଅମୃତଦା', ପବିତ୍ରଦା', ଆଁଦ୍ରେଦା', ନୀରଦଦା', ଦ୍ୟୁମାନ୍ ଭାଇ, ପୁରାଣୀଜୀ ଏବଂ ଆହୁରି ଅନେକ ପୁରୁଣା ସାଧକମାନେ ସର୍ବଦା ମା'ଙ୍କୁ ସ୍ୱୟଂ ମା' ଅଦିତି, ମାହେଶ୍ୱରୀ ଭାବରେ ଦେଖୁଥିଲେ । ମା' ପବିତ୍ରଦା'ଙ୍କୁ ଡାକିବା ମାତ୍ରେ ଅତି ନମ୍ର ଭାବରେ ସେ ମା'ଙ୍କ ଡାକର ଉତ୍ତର ଦେଉଥିଲେ । ଆଁଦ୍ରେଦା' ଟେନିସ୍ ଗ୍ରାଉଣ୍ଡକୁ ପଶିବା ମାତ୍ରେ ଦୂରରୁ ର୍ୟାକେଟ୍ ହଲାଇ ମା' ତାଙ୍କୁ Bonjour କହୁଥିଲେ । ଆଁଦ୍ରେଦା' ସଙ୍ଗେ ସଙ୍ଗେ ବିନମ୍ର ଭଙ୍ଗୀରେ ହାତ ଯୋଡ଼ି ମା'ଙ୍କ ପାଖକୁ ଧୀରେ ଧୀରେ ଆଗେଇ ଆସୁଥିଲେ । କିନ୍ତୁ ମା'ଙ୍କ ସହିତ ଆମର ସମ୍ପର୍କ ଥିଲା ଶ୍ରୀକୃଷ୍ଣଙ୍କର ଅର୍ଜୁନଙ୍କ ସହିତ ସଖା ପରି ଯେଉଁ ସମ୍ପର୍କ ଠିକ୍ ସେମିତି ।

## ଦୁର୍ଗା ରୂପେ ମା'

ଦୋତାଲାର ତାଙ୍କ ଘରେ ମା' ଫୁଲ ସଜାଉଥିଲେ । ମୃଦୁ ମାଉସୀ କବାଟ ପାଖରେ ଫୁଲମାଳା ଧରି ବସିଥିଲେ । ପ୍ରତିଦିନ ଏଇ ସମୟରେ ମୃଦୁ ମାଉସୀ ଫୁଲ ଦେଇ ମା'ଙ୍କୁ ପ୍ରଣାମ କରୁଥିଲେ । ସେଦିନ କ'ଣ ହେଲା କେଜାଣି ଆଶୀର୍ବାଦ ନେବା ପାଇଁ ମୁଁ ଯେମିତି ମା'ଙ୍କ ଘରେ ପଶିଛି ମୃଦୁ ମାଉସୀ କହିଉଠିଲେ, "ମା', ପ୍ରୀତି ହେଲା ସରସ୍ୱତୀ, ପ୍ରତିମା (ସରକାର) ହେଉଛି ଲକ୍ଷ୍ମୀ ଆଉ ମୁଁ," କହି ମା'ଙ୍କ ପାଦ ପାଖରେ ଆଣ୍ଠେଇ ପଡ଼ି ହୁଙ୍କାର ଦେଇ କହିଉଠିଲେ, "ମହିଷାସୁର ।" ହା-ହା -ହା କରି ତାଙ୍କର କି ଅଟ୍ଟହାସ୍ୟ ! ମା'ଙ୍କୁ ଚାହିଁ ଏମିତି ଭାବରେ ହସିବାକୁ ଲାଗିଲେ ଯେ ମୃଦୁ ମାଉସୀଙ୍କୁ ଚିହ୍ନିହେଉ ନ ଥାଏ । ତାଙ୍କ ମୁହଁର ଚେହେରା ସେତେବେଳେ ଅସ୍ୱାଭାବିକ । ହଠାତ୍ ମା' ତାଙ୍କ ନିଜର ଗୋଟିଏ ଚରଣ ଉଠାଇ ମୃଦୁ ମାଉସୀଙ୍କ ମୁଣ୍ଡ ଉପରେ ଜୋର୍‌ରେ ଚାପିଧରି ଠିଆହୋଇ ରହିଲେ । ମନେହେଲା ଯେମିତି ମା' ଦୁର୍ଗା ମହିଷାସୁରକୁ ବଧ କରୁଛନ୍ତି । ଆଖି ପିଛୁଳାକେ ଦୁର୍ଗା ରୂପେ ମା' ଦର୍ଶନ ଦେଲେ । ମୃଦୁ ମାଉସୀଙ୍କ ଅଟ୍ଟହାସ୍ୟ ବନ୍ଦ ହେଉ ନ ଥାଏ । ଆଉ ମା' ଅଗ୍ନିଝରା ଦୃଷ୍ଟି ନେଇ ମୃଦୁ ମାଉସୀଙ୍କ ମୁଣ୍ଡ ଉପରେ ଚରଣ ରଖି ଦୃପ୍ତ ଭଙ୍ଗୀରେ ଠିଆହୋଇଥା'ନ୍ତି ।

## ମହାଲକ୍ଷ୍ମୀ ରୂପେ ମା'

"ଆସ ସୁନାର ବରଣ ରାଣୀ ଗୋ, ଶଙ୍ଖ କମଳ କରେ,
ଆସ ମା' ଲକ୍ଷ୍ମୀ, ବସ ମା' ଲକ୍ଷ୍ମୀ, ରୁହ ମା' ଲକ୍ଷ୍ମୀ ଘରେ ।"

ଦୁର୍ଗା ପୂଜା ପରି ୧୯୪୪ ମସିହାରେ ପ୍ରଥମେ ଆଶ୍ରମରେ ମହାଲକ୍ଷ୍ମୀ ପୂଜା ଆରମ୍ଭ ହୋଇଥିଲା। ଏଇ ପ୍ରଥମ ଲକ୍ଷ୍ମୀ ପୂଜା ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ ଥିଲା। ଦୁର୍ଗା ପୂଜା ପରି ସେଦିନ ମଧ୍ୟ ନାନା ପ୍ରକାର ଫୁଲ ଦେଇ ମେଡ଼ିଟେଶନ ହଲ ଓ ଶିଡ଼ି ସଜା ହେଲା। ସେଦିନ ଖାଲି ହାର୍‌ମୋନି (Harmony) ଫୁଲ ଦେଇ ସାଜସଜ୍ଜା। କାନ୍ଥରେ, ଚାରିଆଡ଼େ ଖାଲି ହାର୍‌ମୋନି ଫୁଲ। ଲେସ୍ ପରି ଦେଖିବାକୁ ଅପୂର୍ବ ସୁନ୍ଦର ଏଇ ଫୁଲ। ମେଡ଼ିଟେଶନ୍ ହଲରୁ ଆଖି ଫେରାଇ ହେଉ ନ ଥାଏ। ଏଇ ହାର୍‌ମୋନି ହେଉଛି ମୋ ଶୈଶବର ଅତି ପ୍ରିୟ ଫୁଲ। ଏହାର କୋମଳ ସୌନ୍ଦର୍ଯ୍ୟ ମୋତେ ଖୁବ୍ ଆକର୍ଷଣ କରୁଥିଲା। ଆଶ୍ରମକୁ ଆସିବା ପରେ ଯାଇ ଜାଣିଲି ଯେ ଏଇ ଫୁଲର ନାଁ ମା' ଦେଇଛନ୍ତି ହାର୍‌ମୋନି (ଐକ୍ୟ, ସଦ୍‌ଭାବ, ମେଳ)। ପିଲାବେଳେ ଏଇ ଫୁଲ ତୋଳିବାକୁ ମୋତେ ଖୁବ୍ ମଜା ଲାଗୁଥିଲା କିନ୍ତୁ ସେତେବେଳେ ଜଣା ନ ଥିଲା ଯେ ପେନ୍ଥା ପେନ୍ଥା ହୋଇ ଝୁଲୁଥିବା ଏଇ ଛୋଟ ଛୋଟ ଫୁଲର ନାଁ ମା' ଦେଇଛନ୍ତି ହାର୍‌ମୋନି! ଏଇ ଫୁଲର ଧଳା, ଗୋଲାପୀ, ଲାଲ ପ୍ରତ୍ୟେକଟି ରଙ୍ଗ ଏକ ଅପୂର୍ବ ମାଧୁର୍ଯ୍ୟ ଓ ସୌନ୍ଦର୍ଯ୍ୟରେ ପୂର୍ଣ୍ଣ। ଏହା ମନକୁ ବିଭୋର କରିଦିଏ। ମା' ଦେଇଥିବା ନାଁ ହାର୍‌ମୋନି ସତରେ ଏକ ସାର୍ଥକ ନାମ। ମୁଁ ସେଦିନ ପ୍ରଥମ କରି ଏହା ଜାଣିଲି।

ପିଲାବେଳେ ଏଇ ଫୁଲ ତୋଳିବା ପାଇଁ ସ୍କୁଲ ସମୟର ବହୁ ପୂର୍ବରୁ ଘରୁ ବାହାରି ଯାଉଥିଲି। ଏସ. ଡି. ଓ.ଙ୍କ ଘର ବଗିଚା ବାଡ଼ରେ ଏଇ ଲତା ମାଡ଼ିଥିଲା। 'ନବୀନ ସେନ ଦୀଘି' ନାମକ ଗୋଟିଏ ବିରାଟ ପୋଖରୀ ପାଖରେ ଏଇ ବଗିଚାଟି ଥିଲା। ନବୀନ ସେନ ଏହି ବଡ଼ ପୋଖରୀରେ ଗୋଟିଏ ନୌକାରେ ବସି ତାଙ୍କର ବିଖ୍ୟାତ ବହି 'ମୋ ଜୀବନ' ଲେଖିଥିଲେ। ସେତେବେଳେ ସେ ଫେଣୀରେହିଁ ଏସ. ଡି. ଓ. ଥିଲେ। ଏହି ପୋଖରୀଟି ସେହିଁ ଖୋଳାଇଥିଲେ। ଏହାର ଚାରିପଟ ଥିଲା ଅପୂର୍ବ ସୁନ୍ଦର। ଗୋଟିଏ ପାଖରେ ମୁନ୍‌ସଫ୍‌ଙ୍କ ଦୁଇଟି କୋଠା ଏବଂ ଅଦାଲତ, ଅନ୍ୟ ପାଖରେ ଏସ. ଡି. ଓ.ଙ୍କ କୋଠାର ଠିକ୍ ସାମନାସାମନି ଆଉ ଗୋଟିଏ ଅଦାଲତ। ଚାରିଆଡ଼େ ନାନା ପ୍ରକାର ବଡ଼ ବଡ଼ ଗଛ ଓ ବିଭିନ୍ନ ପ୍ରକାରର ଫୁଲର ସମ୍ଭାର। ସତରେ ଯେମିତି ସ୍ୱପ୍ନ ରାଜ୍ୟ। ପୋଖରୀର ଅନ୍ୟ ପାଖରେ ଥିଲା ବିରାଟ ବିରାଟ ବଉଳ ଗଛ ଆଉ ପୁଲିସ ପହରା ଦେଉଥିବା ଟ୍ରେଜେରୀ ହାଉସ। ଭୋରରୁ ସାହିର ସବୁ ଝିଅମାନେ ମିଶି ଏଇ ବଉଳ ଗଛ ମୂଳକୁ ଫୁଲ ଗୋଟାଇବାକୁ ଯାଉଥିଲୁ। ଏଇ ଫୁଲ ଗୋଟାଇବାକୁ ସତରେ ଅସୀମ ଧୈର୍ଯ୍ୟ ଦରକାର। ଏଠାକୁ ଆସିବା ପରେ ଜାଣିଲି ମା' ଏଇ ଫୁଲର ନାଁ ଦେଇଛନ୍ତି Patience ଅର୍ଥାତ୍ ଧୈର୍ଯ୍ୟ। ସାହିର ଝିଅମାନେ ଏହି ଫୁଲରେ ମାଳା ଗୁନ୍ଥି ଶ୍ରୀଶ୍ରୀରାମଠାକୁର ଓ ଗମ୍ଭୀରନାଥ ବାବାଜୀଙ୍କ ପୂଜା ଘରେ ଦେଇ

ଆସୁଥିଲେ। ମୁଁ ମଧ୍ୟ ମୋ ବାପାଙ୍କ ଠାକୁରଙ୍କ ପାଇଁ ମାଳା ଗୁନ୍ଥୁଥିଲି। ଆମେ ଶ୍ରୀଅରବିନ୍ଦଙ୍କୁ ବାପାଙ୍କ ଠାକୁର ବୋଲି କହୁଥିଲୁ। ସେ ଯେ କିଏ ତାହା ସେତେବେଳେ ଜାଣି ନ ଥିଲୁ।

ସେହି ପୋଖରୀରେ ମଝିରେ ମଝିରେ ଅନେକ ପାଣିକୁଆ ପହଁରୁଥିଲେ। ଥରେ ଥରେ ସେମାନେ ଟୁପ୍ କରି ବୁଡ଼ି ଯାଉଥିଲେ। ହୁଏତ ସେମାନେ ଏମିତି ଭାବରେ ଖାଦ୍ୟ ଖୋଜୁଥିଲେ। ଆମେସବୁ ଦଳବାନ୍ଧି ପୋଖରୀ କୂଳରେ ଠିଆହୋଇ ବଡ଼ ପାଟିରେ କହୁଥିଲୁ, ''ପାଣିକୁଆ, ପାଣିକୁଆ, ଆଉଥରେ ବୁଡ଼ି ଯା।'' ପାଣିକୁଆ ହଠାତ୍ ପୁଣି ବୁଡ଼ିଯାଉଥିଲା। ଆଉ ଆମେ ଭାବୁଥିଲୁ ପାଣିକୁଆ ଆମ କଥା ଶୁଣି ବୁଡ଼ିଗଲା। ଖୁସିରେ ହାତତାଳି ମାରୁଥିଲୁ। ତା'ପରେ ବାଡ଼ରୁ ହାର୍‌ମୋନି ଫୁଲ ତୋଳି ମୁଣ୍ଡରେ ପିନ୍ଧୁଥିଲୁ। କାହାର ଖୋପା, କାହାର ବେଣୀ ଏଇ ଫୁଲରେ ଭରିଯାଉଥିଲା। ସେଇ ଘରର ବିରାଟ କୁକୁରଟି ଭୋ ଭୋ କରିଉଠିବା ମାତ୍ରେ ସମସ୍ତେ ଛୁ...। ଯେଉଁ ଦିନ କୁକୁର ଗଳାରେ ଶିକୁଳି ବନ୍ଧାହୋଇ ରହୁ ନ ଥିଲା ସେଦିନ ଆମେ ସେପଟେ କେବେ ବି ଯାଉ ନ ଥିଲୁ। ପୋଖରୀର ଅନ୍ୟ କୂଳରେ ଥିବା ଅଦାଲତ ପାଖ ଦେଇ ସ୍କୁଲକୁ ଯାଉଥିଲୁ। ସେଠାରେ ବି ଗୋଟିଏ ମଜାର ଘଟଣା ଘଟୁଥିଲା। ଦଳବାନ୍ଧି ଆମେ ଅଦାଲତର ପାଖ ରାସ୍ତା ଦେଇ ଗଲାବେଳେ ଦେଖୁଥିଲୁ ଫେଣୀର ଜଣେ ବିଖ୍ୟାତ ଓକିଲ ଅଦାଲତର ବାରନ୍ଦାରେ ପ୍ରାୟ ଠିଆହୋଇ ରହୁଥିଲେ। ଆମକୁ ଦେଖିବା ମାତ୍ରେ କହି ଉଠୁଥିଲେ, ''କେତେ କୁମାରୀ ଧାଡ଼ିକି ଧାଡ଼ି, ହଲୁଛି କାନରେ ଦୁଲ୍।'' ତା'ପରେ ହୁଙ୍କାର ଦେଉଥିଲେ, ''ଏଇ, ତୁମମାନଙ୍କ କାନରେ ଦୁଲ୍ ନାହିଁ କାହିଁକି ?'' ଆମେ ତ ଡରରେ ଦୌଡ଼ୁଥିଲୁ। ଟିକିଏ ଦୂରକୁ ଯାଇ ଏକାସାଥିରେ କହୁଥିଲୁ, ''ଅଣ୍ଟି ଭରି କାନନରୁ ଆଣିଛି ତୋଳି ଫୁଲ''। ତା' ପରେ ଛୁ ମାରୁଥିଲୁ। ଏଇ ଭଦ୍ରଲୋକଙ୍କର ପେଟଟି ବେଶ୍ ବଡ଼ ଥିଲା। ଭଦ୍ରଲୋକଙ୍କୁ ଜବଦ୍ କରିବାକୁ ମୁଁ ଫନ୍ଦିଟିଏ ବାହାର କଲି। ଅନ୍ୟସବୁ ଝିଅମାନଙ୍କୁ କହିଲି, ''ଦେଖ, ଏଇ ଭଦ୍ରଲୋକଙ୍କୁ ଦେଖିବା ମାତ୍ରେ ମୁଁ କହିବି, ''କିଏ ଯାଉଛି ?'' ତୁମେମାନେ କହିବ, ''ମୁଁ ପେଟ।'' ମୁଁ କହିବି, ''ପଛରେ କିଏ ?'' ତୁମେମାନେ ଜୋର୍‌ରେ କହିବ, ''ମୁଁ ଚନ୍ଦ୍ରକାନ୍ତ।'' (ଏଇ ଭଦ୍ରବ୍ୟକ୍ତିଙ୍କୁ ସମସ୍ତେ ଚନ୍ଦ୍ରକାନ୍ତବାବୁ ବୋଲି ଡାକୁଥିଲେ।) କେତେଦିନ ପରେ ପୁଣି ଅଦାଲତ ପାଖଦେଇ ଗଲାବେଳେ ଦେଖିଲୁ ଚନ୍ଦ୍ରକାନ୍ତବାବୁ ବାରଣ୍ଡାରେ ଠିଆ ହୋଇଛନ୍ତି। ଯେମିତି ଆମମାନଙ୍କ ଅପେକ୍ଷାରେ। ତାଙ୍କୁ ଦେଖିବା ମାତ୍ରେ ହାତ ହଲାଇ କହିଉଠିଲି, ''କିଏ ଯାଉଛି ?'' ମୋ ସାଙ୍ଗମାନେ କହିଉଠିଲେ, ''ମୁଁ ପେଟ।'' ମୁଁ ପୁଣି କହିଲି, ''ପଛରେ କିଏ ?'' ସାଙ୍ଗମାନଙ୍କ ସହିତ ମୁଁ ମଧ୍ୟ କହିଉଠିଲି, ''ମୁଁ ଚନ୍ଦ୍ରକାନ୍ତ।''

ଭଦ୍ରଲୋକ ହୁଙ୍କାର ଦେଲେ, "ଧର, ଧର, ଏଇ ଝିଅମାନଙ୍କୁ ଧର।" ସେତେବେଳକୁ ଆମେ ଉଭାନ। ଶେର ଖାଁଙ୍କ ଗ୍ରାଣ୍ଡ ଟ୍ରଙ୍କ ରୋଡ୍ ଦେଇ ଛୁ...। ଅଣନିଶ୍ୱାସୀ ହୋଇ ସ୍କୁଲରେ ପହଁଞ୍ଚି ଆମର କି ହସ !

ଆଉ ଗୋଟିଏ ମଜାର ଘଟଣା ବି ଲେଖୁଛି। ବଉଳ ଗଛଗୁଡ଼ିକ ପାଖରେ ଯେଉଁ ଟ୍ରେଜେରୀ ହାଉସ୍ ଥିଲା ସେଠାକାର ପ୍ରହରୀଟି ଆମକୁ ଦେଖିଲେହିଁ ଦୁଇ ଗୋଡ଼କୁ ଏକାଠି କରି ଧଡ଼ାସ୍ କରି ଶବ୍ଦ କରୁଥିଲା। ତା'ପରେ ବନ୍ଧୁକଟି କାନ୍ଧରୁ ଓହ୍ଲାଇ ଆଣି ଆମ ଆଡ଼କୁ ଲକ୍ଷ୍ୟ କରି କହୁଥିଲା, "Who comes there?" ଆମେ ଡରରେ ଏକାସାଥିରେ ଚିତ୍କାର କରି କହୁଥିଲୁ, "friend"। ଏକଥା ଶୁଣି ପ୍ରହରୀର କି ହସ! ସାଙ୍ଗମାନେ କହୁଥିଲେ, "ସେ କ'ଣ କହୁଛି ରେ? ଯେମିତି କହୁଛି, 'ହୁକୁମଦାର୍'!" ଆମ ଇଂରାଜୀ ବିଦ୍ୟାର ଆରମ୍ଭ ସେତେବେଳେ। ଆମ ଦୌଡ଼ "A cat sat on a mat" ପର୍ଯ୍ୟନ୍ତ। ତେଣୁ friend କହିପାରି ବେଶ୍ ଗର୍ବ ବୋଧ କରୁଥିଲି। friend ଶବ୍ଦଟି ଭାଇଠାରୁ ଶିଖି ନେଇଥିଲି। ଏମିତି କେତେ ମଜାର ଘଟଣା ମନେପଡୁଛି...।

କୁକୁର ପ୍ରତି ଭୟ ଥିବା ସତ୍ତ୍ୱେ ସବୁଦିନ ଏଇ ବାଟ ଦେଇ ସ୍କୁଲକୁ ଯାଉଥିଲୁ। ହାର୍‌ମୋନି ଫୁଲ ଯେମିତି ଆମକୁ ଡାକୁଥିଲା। ଆଶ୍ରମରେ ମଧ୍ୟ ମୋର ସେଇ ପ୍ରିୟ ଫୁଲଟିକୁ ଦେଖିପାରିବି ବୋଲି ଭାବିପାରି ନ ଥିଲି। ମେଡ଼ିଟେଶନ ହଲ ଦୁଇଟି ଏବଂ ଶିଡ଼ି ଏଇ ଫୁଲ ଦେଇ ସଜା ହୋଇଥିବାର ଦେଖି ମନଟା ଖୁସିରେ ଭରିଗଲା। ଦିବ୍ୟ ସଙ୍ଗତି–ସୁଷମା ଓ ଶ୍ରୀ ଯେମିତି ହାତଠାରି ଆମକୁ ଡାକୁଥାଏ।

ସେଦିନ ଦ୍ୱିପ୍ରହରଠାରୁ ଝୋଟି ଦେବା ଆରମ୍ଭ ହୋଇଗଲା। ବିଭା, ଗୌରୀ, ମିନିଦି', ମିଲିଦି' ଇତ୍ୟାଦି କି ସୁନ୍ଦର ଝୋଟି ଦେଉଥା'ନ୍ତି! ଲକ୍ଷ୍ମୀପୂଜା ଦିନ ଝିଅବୋହୂମାନେ ପୂଜାର ଜାଗା, ଘର, ଅଗଣାରେ ନିପୁଣ ଭାବରେ ଝୋଟି ଦିଅନ୍ତି। ଲକ୍ଷ୍ମୀପୂଜା ସମୟରେ ଘରେ ଘରେ ସାହିରେ ସାହିରେ ଝୋଟିର ସଜ୍ଜା। ମା' ଲକ୍ଷ୍ମୀ ଆସିବେ ଯେ! ଅସୁନ୍ଦରତା ଭିତରେ ସିଏ ଗୋଟିଏ ମୁହୂର୍ତ୍ତ ମଧ୍ୟ ରହନ୍ତି ନାହିଁ।

ଶ୍ରୀଅରବିନ୍ଦ 'ମା' ବହିରେ ଲେଖିଛନ୍ତି, "...ଯାହା କିଛି କୁତ୍ସିତ, ନୀଚ, ହୀନ, ଯାହା କିଛି ମଳିନ, ଯାହା କିଛି ରୂଢ଼, ରୁକ୍ଷ, ଯାହା କିଛି ପାଶବିକ ଓ ଅସଂସ୍କୃତ, ସେସବୁ ତାଙ୍କ ଆଗମନରେ ପ୍ରତିବନ୍ଧକ ହୁଏ। ଯେଉଁଠାରେ ପ୍ରେମ ଓ ସୌନ୍ଦର୍ଯ୍ୟ ନାହିଁ ବା ପ୍ରକାଶିତ ହେବାକୁ ଚାହେଁ ନାହିଁ, ସେଠାକୁ ସେ ଆସନ୍ତି ନାହିଁ।"

ପିଲାବେଳରୁ ଆମେ ଗୁରୁଜନମାନଙ୍କଠାରୁ ଶୁଣିଆସିଛୁ, "ଜୋର୍‌ରେ ଶବ୍ଦ କରି କବାଟ ବନ୍ଦ କରିବ ନାହିଁ, ମା' ଲକ୍ଷ୍ମୀ ରାଗିଯିବେ। ଜିନିଷପତ୍ର ଭଲଭାବରେ

ଧୋଇପୋଛି ସୁନ୍ଦର ଭାବରେ ସଜାଡ଼ି ରଖିବ। ନ ହେଲେ ମା' ଲକ୍ଷ୍ମୀ ଘର ଛାଡ଼ି ଚାଲିଯିବେ। ଚାଲିଚଳନରେ, ଭାବଭଙ୍ଗୀରେ ସର୍ବଦା ଛନ୍ଦୋମୟ ହେବାକୁ ହେବ। ସୁନ୍ଦରର ପୂଜାରୀ ହେବାକୁ ହେବ। ତା' ନ ହେଲେ ମା' ଲକ୍ଷ୍ମୀ ଚାଲିଯିବେ।''

ଏସବୁ ଶୁଣି ଆଶ୍ଚର୍ଯ୍ୟ ହୋଇ ଭାବୁଥିଲି, ଇଏ ପୁଣି କେମିତି ଦେବୀରେ ବାବା! ଏତେ ଛୋଟ ଛୋଟ କଥାରେ ଏଇ ଦେବୀଙ୍କର ଏତେ ଅଭିମାନ! ଗୁରୁଜନମାନଙ୍କ ଆକଟ ଭିତରେ କେତେ ଯେ ସତ୍ୟ ରହିଥିଲା ତାହା ପରେ ଶ୍ରୀଅରବିନ୍ଦଙ୍କ 'ମା' ବହିରେ ମହାଲକ୍ଷ୍ମୀଙ୍କ ବର୍ଣ୍ଣନା ପଢ଼ିବା ସମୟରେ ବୁଝିପାରିଥିଲି। ଆମ ଆଈ, ଜେଜେମା', ସାହିର ବୟସ୍କା ମହିଳାମାନେ ଆମକୁ ଆକଟ କରି କହୁଥିଲେ, ''ଜୋର୍‌ରେ ଶବ୍ଦ କରି ହସିବ ନି। (ବିଶେଷତଃ ରାତିରେ) ଦୁମ୍‌ଦୁମ୍ କରି ଚାଲିବନି। ଯାହାବି ତୁମେ କର ନା କାହିଁକି ସବୁଥିରେ ଯତ୍ନର ସହିତ ଶ୍ରୀ, ସୁଷମା ଫୁଟାଇବାକୁ ଚେଷ୍ଟା କରିବ।'' ଏସବୁ ଶୁଣି ସେତେବେଳେ ବିରକ୍ତ ଲାଗୁଥିଲା। ଏବେ ଭାବେ, ଆଶ୍ଚର୍ଯ୍ୟ କଥା ତ! ଆମମାନଙ୍କ ପାଖରେ ମହାଲକ୍ଷ୍ମୀଙ୍କ ଦାବୀ କ'ଣ ତାହା ସେମାନେ ଜାଣିଥିଲେ କେମିତି?

ରାଙ୍ଗାଆଈ (ମୋ ମା'ଙ୍କ ବଡ଼ମା')ଙ୍କ କାମ ଥିଲା ବିରାଟ ନିୟୋଗୀ ପରିବାରର ଭଣ୍ଡାର ଘର ସମ୍ଭାଳିବା। ଡାଲି, ଚାଉଳ, ପନିପରିବା, ମଶଲା ଇତ୍ୟାଦି ସବୁକିଛି ସେ ନିଜ ହାତରେ ସଜାଡ଼ି ରଖୁଥିଲେ। ଏମିତିକି କୁଲାରେ ଡାଲି ଇତ୍ୟାଦି ବାଛି ଖୁବ୍ ଯତ୍ନ ସହକାରେ ରଖୁଥିଲେ। ସେତେବେଳେ ମୋ ବୟସ ବା କେତେ? ରାଙ୍ଗାଆଈ ସାଥିରେ ମୁଁ ବି କାମ କରୁଥିଲି। ତାଙ୍କ କଥା ଶୁଣିବାକୁ ଖୁବ୍ ଭଲ ଲାଗୁଥିଲା। ଡାଲି ବାଛିବା ସମୟରେ ବା କୌଣସି ମଶଲା ପରିଷ୍କାର କରିବା ସମୟରେ ଯଦି ଗୋଟିଏ ଦୁଇଟି ଦାନା ମାଟିରେ ପଡ଼ିଯାଉଥିଲା ତା'ହେଲେ ସେ ସଙ୍ଗେ ସଙ୍ଗେ ସେସବୁ ଗୋଟାଇ ନେଇ ଯତ୍ନ ସହକାରେ ରଖୁଥିଲେ। ଅବାକ୍ ହୋଇ ମୁଁ ପଚାରୁଥିଲି, ''ଏଗୁଡ଼ିକ ଗୋଟାଇ ରଖୁଛ କାହିଁକି? ଏତେ ଡାଲି, ମଶଲା ତ ଟିଣରେ ରହିଛି।'' ଆଈ ହସିହସି ଉତ୍ତର ଦେଉଥିଲେ, ''ଗୋଟିଏ ଦାନା ବି ନଷ୍ଟ କରିବ ନାହିଁ। ମା' ଲକ୍ଷ୍ମୀଙ୍କର ନିଷେଧ। ଜିନିଷର ଅପଚୟ ତାଙ୍କ ପାଇଁ ଅସହ୍ୟ।'' ଏହି ବୟସ୍କା ମହିଳାମାନେ ସାରା ଜୀବନ ନିଜ ଅଜାଣତରେ କି ସୁନ୍ଦର ଭାବରେ ସ୍ୱୟଂ ମା'ଙ୍କୁ ତାଙ୍କ ନାନା ରୂପରେ ସ୍ମରଣ କରି ସଂସାର ଧର୍ମ ପାଳନ କରି ଯାଇଛନ୍ତି। ଏହାକୁହିଁ କହନ୍ତି, ମା'ଙ୍କ ଦିବ୍ୟ କରୁଣା।

ରାଙ୍ଗାଆଈ ଆଶ୍ରମକୁ ଦୁଇତିନି ଥର ଆସିଛନ୍ତି। ମା'ଙ୍କ କୋଠରିକୁ ଯାଇ ମା'ଙ୍କୁ ପ୍ରଣାମ ମଧ୍ୟ କରିଛନ୍ତି। କିନ୍ତୁ ତାଙ୍କର ମା'ଙ୍କ ଚରଣାମୃତ ଦରକାର। ସୁତରାଂ

ନଳିନୀଦା'ଙ୍କୁ ଚରଣାମୃତ କଥା କହିଲି । ନଳିନୀଦା' ମା'ଙ୍କୁ ଏକଥା କହିବା ମାତ୍ରେ ସେ ପାଣିରେ ତାଙ୍କ ଚରଣ ସ୍ପର୍ଶ କରି ପଠାଇଦେଲେ । ରାଙ୍ଗାଆଈ ତ ମହାଖୁସି । ଭକ୍ତିଭରେ ନିଜେ ପିଇଲେ, ଆମମାନଙ୍କୁ ମଧ୍ୟ ଟିକିଏ ଟିକିଏ ଦେଲେ । ମୋର ବହୁଦିନର ମନସ୍କାମନା ପୂର୍ଣ୍ଣ ହେଲା । ଏଇ ରାଙ୍ଗାଆଈ ଥରେ ମା'ଙ୍କୁ ପ୍ରଣାମ କରି ଫେରିବା ସମୟରେ ଇଶାରା କରି ମା' ତାଙ୍କୁ ପାଖକୁ ଡାକିଲେ । ତାଙ୍କୁ ପାଖକୁ ଟାଣିନେଇ ହାତ ଧରି ବହୁସମୟ ତାଙ୍କୁ ଚାହିଁରହିଲେ । ତା'ପରେ ପୁଣି ଆଶୀର୍ବାଦ ଫୁଲ ଦେଲେ । ଏହା ଥିଲା ମା'ଙ୍କ ସହିତ ରାଙ୍ଗାଆଈଙ୍କ ଶେଷ ସାକ୍ଷାତ । ଏଠାରୁ ଯିବାର ପ୍ରାୟ ବର୍ଷକ ଭିତରେ ତାଙ୍କର ମୃତ୍ୟୁ ହେଲା । ବୋଧହୁଏ ସେଇଥିପାଇଁ ମା' ତାଙ୍କୁ ପୁଣିଥରେ ଡାକି ଆଶୀର୍ବାଦ ଫୁଲ ଦେଇଥିଲେ । ରାଙ୍ଗାଆଈ ସାରା ଜୀବନ ସଂସାରରେ ରହି ମା' ଲକ୍ଷ୍ମୀଙ୍କ ପୂଜା କରିଥିଲେ । ନିଜ ଅଜାଣତରେ ଏମିତି ମହିଳାମାନେ ସାରା ଜୀବନ ମା'ଙ୍କ ନିର୍ଦ୍ଦେଶ ମାନି ଚଳିଥା'ନ୍ତି । ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ଶୈଶବରୁ ହିନ୍ଦୁ ପରିବାରର ସବୁ ପ୍ରଥା ମାନି ଚଳିଲେ ମଧ୍ୟ ଏଇ ମହିଳାମାନେ କେମିତି କେଜାଣି ଥିଲେ ସଂସ୍କାରମୁକ୍ତ । ମା'ଙ୍କୁ ଦର୍ଶନ କରିବା ମାତ୍ରେ ରାଙ୍ଗାଆଈ ଅନ୍ତରରେ ଅନୁଭବ କରିଥିଲେ ଯେ ଏହିଁ ସ୍ୱୟଂ ଅଦିତି । ମା' ମଧ୍ୟ ତାଙ୍କ ଆହ୍ୱାନର ପ୍ରତ୍ୟୁତ୍ତର ଦେଇଥିଲେ । ମା'ଲକ୍ଷ୍ମୀଙ୍କ ଚରଣରେ ସେ ଆଶ୍ରୟ ପାଇଲେ ।

ମୋ ମଝିଆଁ ମାଉସୀଙ୍କ ଜୀବନରେ ମଧ୍ୟ ଏମିତି ଘଟଣାଟିଏ ଘଟିଥିଲା । ସେ ୧୯୭୨ ମସିହାରେ ପାଠମନ୍ଦିରରୁ ଆସିଥିବା ଦର୍ଶକବୃନ୍ଦଙ୍କ ସାଥିରେ ମା'ଙ୍କ ଦର୍ଶନ ଓ ଆଶୀର୍ବାଦ ପାଇଁ ଆସିଥିଲେ । ସମସ୍ତେ ଧାଡ଼ିରେ ଆସ୍ତେ ଆସ୍ତେ ମା'ଙ୍କ ସାମନା ଦେଇ ଚାଲିଥା'ନ୍ତି । ଆମ ମାଉସୀ (ନରେଶଦା'ଙ୍କ ମା') ଯେତେବେଳେ ମା'ଙ୍କ ସାମନା ଦେଇ ଗଲେ, ମା' ସେତେବେଳେ ଆଗକୁ ଝୁଙ୍କିଆସି ମାଉସୀଙ୍କ ହାତରେ ଟିକିଏ ଚାପ ଦେଲେ । ଏହା ଅପ୍ରତ୍ୟାଶିତ । କାରଣ ସେସମୟରେ ମା' ସବୁକିଛି କାର୍ଯ୍ୟକ୍ରମ ବନ୍ଦ କରିଦେଇଥିଲେ । ସୁତରାଂ ମାଉସୀଙ୍କର ଏଇ ପ୍ରାପ୍ତି ହେଉଛି ଏକ ପରମ ପ୍ରାପ୍ତି । ଆଖିର ଲୁହ ଓ ମୁହଁର ହସରେ ଏକାକାର ହୋଇ କେତେଥର ମା'ଙ୍କର ଏଇ କରୁଣା କଥା ମାଉସୀ ଆମମାନଙ୍କୁ ଶୁଣାଇଛନ୍ତି ।

ଶୈଶବରୁ ସେମାନେ ସଂସାର କରିଛନ୍ତି । ମା'ଙ୍କ ପ୍ରତି ସେମାନଙ୍କର ଭକ୍ତି, ବିଶ୍ୱାସ, ଭଲପାଇବା ଲକ୍ଷ୍ୟ କଲେ ମନରେ ବିସ୍ମୟ ଜାଗେ । ସେମାନଙ୍କ ପୂଜା-ଆହ୍ନିକ ବିଫଳ ହୋଇ ନାହିଁ । ମା' ମହାଲକ୍ଷ୍ମୀ ରୂପେ ସେମାନଙ୍କର ଖୁବ୍ ନିକଟରେ ଥିଲେ । ଜୀବନର ପ୍ରତ୍ୟେକଟି କାମରେ ସେମାନେ ସଦାବେଳେ ସୌନ୍ଦର୍ଯ୍ୟ ସୁଷମା ଫୁଟାଇବାକୁ ଚେଷ୍ଟା କରିଯାଇଛନ୍ତି ।

ଶ୍ରୀଅରବିନ୍ଦ 'ମା' ବହିରେ ଏମିତି ଭାବରେ ମହାଲକ୍ଷ୍ମୀଙ୍କ ବର୍ଣ୍ଣନା ଦେଇଛନ୍ତି: "ମନ ଓ ଅନ୍ତରାତ୍ମାର ସୁସଙ୍ଗତି ଓ ସୌନ୍ଦର୍ଯ୍ୟ, ଚିନ୍ତା ଓ ଅନୁଭବର ସୁସଙ୍ଗତି ଓ ସୌନ୍ଦର୍ଯ୍ୟ, ବହିର୍ମୁଖୀ ପ୍ରତ୍ୟେକ ବାହ୍ୟ କର୍ମ ଓ ଗତିର ସୁସଙ୍ଗତି ଓ ସୌନ୍ଦର୍ଯ୍ୟ, ଜୀବନ ଓ ପରିବେଶର ସୁସଙ୍ଗତି ଓ ସୌନ୍ଦର୍ଯ୍ୟ...।"

ମା' ନିଜେ ମଧ୍ୟ ମହାଲକ୍ଷ୍ମୀଙ୍କ ବିଷୟରେ କହିବା ପ୍ରସଙ୍ଗରେ ଐଶ୍ୱର୍ଯ୍ୟ କହିଲେ କ'ଣ ବୁଝାଏ ତାହା ବର୍ଣ୍ଣନା କରିଛନ୍ତି। ଯେଉଁଠାରେ ବା ଯାହା ମଧ୍ୟରେ ଉଦାରତା, ମହାନୁଭବତା ନାହିଁ; ଆଗ୍ରହ, ଉତ୍ସାହ ନାହିଁ; ଯେଉଁଠାରେ ପ୍ରାଚୁର୍ଯ୍ୟତାର ଅଭାବ, ଆନ୍ତର ସତ୍ତାର ସୌନ୍ଦର୍ଯ୍ୟ ଯେଉଁଠାରେ ପ୍ରକାଶ ପାଏ ନାହିଁ; ଯେଉଁଠାରେ ସବୁକିଛି ନୀରସ ଶୁଷ୍କ, ଯେଉଁଠାରେ ହୃଦୟର ଉଷ୍ଣତା ପ୍ରତିଫଳିତ ହୁଏ ନାହିଁ, ସବୁକିଛି ନିଜକୁ କେନ୍ଦ୍ରକରି ଘୁରିବୁଲୁଥାଏ ସେଠାରେ ମହାଲକ୍ଷ୍ମୀଙ୍କ ଆବିର୍ଭାବରେ ବାଧା ହୁଏ। ଜ୍ଞାନ, ଧନସମ୍ପଦ ଓ ଟଙ୍କାପଇସାର କୌଣସି ପ୍ରଶ୍ନ ଉଠେ ନା। ମହାଲକ୍ଷ୍ମୀଙ୍କ ବିବେଚନାରେ ଜଣେ ଅତ୍ୟନ୍ତ ଧନବାନ୍ ବ୍ୟକ୍ତି ମଧ୍ୟ ଅତ୍ୟନ୍ତ ଦରିଦ୍ର ବୋଲି ପ୍ରତୀୟମାନ ହୁଅନ୍ତି। ପୁଣି ଜଣେ ଯଦି ଅନ୍ତରରେ ଉଦାର ଓ ମହାନୁଭବ ହୁଅନ୍ତି ସେ ଯେତେ ଦରିଦ୍ର ହେଲେ ମଧ୍ୟ ମହାଲକ୍ଷ୍ମୀଙ୍କ ବିବେଚନାରେ ଅତ୍ୟନ୍ତ ଐଶ୍ୱର୍ଯ୍ୟବାନ୍।

ମାମୁ ଘରେ (ପାଟଗ୍ରାମର ନିୟୋଗୀ ପରିବାର) ବେଶ୍ ଧୁମଧାମରେ ଲକ୍ଷ୍ମୀପୂଜା ହେଉଥିଲା। ସେଇ ବିରାଟ ଘରର ସବୁ କୋଠରି ଓ ଭିତରର ଅଗଣାରେ ଝୋଟି ଦିଆଯାଉଥିଲା। ସେସବୁ ଝୋଟି ଦେଖିବା ପରି। ଅପୂର୍ବ! ସବୁ ମାଇଁ, ମାଉସୀ ଓ ଆମେ ସାନ ପିଲାମାନେ ମିଶି ଝୋଟି ଦେଉଥିଲୁ। ଚାଉଳର ପିଠଉ ଆଉ ସିନ୍ଦୂର — ଏହାହିଁ ଥିଲା ଆମ ଝୋଟି ଦେବାର ସରଞ୍ଜାମ। ଆମେସବୁ ପିଲାମାନେ ବଡ଼ମାନଙ୍କ ନିର୍ଦ୍ଦେଶରେ ଝୋଟିର ଫୁଲ ଭିତରେ ସିନ୍ଦୂରଟୋପା ଦେଉଥିଲୁ। ମା' ଲକ୍ଷ୍ମୀଙ୍କର ଚରଣ ଝୋଟି ଦେବାର ଭାଗ୍ୟ ବି ଥରେ ଥରେ ଜୁଟୁଥିଲା। ଏମିତି ଏକ ଲକ୍ଷ୍ମୀପୂଜା ଦିନ ସକାଳେ ମା' ଲକ୍ଷ୍ମୀଙ୍କ ଚରଣ ବେଶ୍ ଉତ୍ସାହରେ ଝୋଟି ଦେଉଥିଲି, ହଠାତ୍ ମାଇଁ ଦୌଡ଼ିଆସି କହିଲେ, "ପୁଷ୍ପ, ତୁ ଆଉ ଝୋଟି ଦେଇପାରିବୁ ନାହିଁ। ତୁମମାନଙ୍କର ଅଶୌଚ ହୋଇଛି। ଯା, ଘୁଞ୍ଚି ଯା।"

ମୁଁ ଯେମିତି ଆକାଶରୁ ପଡ଼ିଲି। ମୁଁ ତ ମା' ଲକ୍ଷ୍ମୀଙ୍କର ଚରଣ ଝୋଟି ଦେଉଛି। ଅଶୌଚ ପୁଣି କ'ଣ?

ମାଇଁ କହିଲେ, "ତୁମର ଅଶୌଚ ହୋଇଛି। ତୁ ପୂଜାର କାମ କରିପାରିବୁ ନାହିଁ।" ମୁଁ ପିଠଉ ବାଟି ରଖିଦେଇ ମାରିଲି ଦୌଡ଼...। କି ଖୁସି ସେତେବେଳେ। ଯାଇ ଦେଖିଲି ଅନ୍ତୁଡ଼ିଶାଳର କବାଟ ପାଖରେ ଭୀଷଣ ଭିଡ଼। ରାଙ୍ଗାଅଜା, ଅଜା ସମସ୍ତେ

ଆସିଥା'ନ୍ତି ଆମ ଭାଇଟିକୁ ଦେଖିବାକୁ । ଯେମିତି ଗୋଟିଏ ରାଜପୁତ୍ରର ଆବିର୍ଭାବ ହୋଇଛି । ମୋହର ଦେଇ ସେମାନେ ଭାଇଟିର ମୁହଁ ଦେଖିଲେ । ରାଙ୍ଗାଅଜା ନାଁ ରଖିଲେ ଲକ୍ଷ୍ମୀକାନ୍ତ । ଆଉ ଅଜା ନାଁ ଦେଲେ ପୂର୍ଣ୍ଣଚନ୍ଦ୍ର । ଲକ୍ଷ୍ମୀପୂଜା ଦିନ ଜନ୍ମ ହୋଇଥିବାରୁ ଏମିତି ବିଚିତ୍ର ନାମ ଦିଆଗଲା । ଆମର ଏଇ ଭାଇଟି ହେଲା ମନୋଜ ।

ଥରେ ମନୋଜ ସ୍ୱପ୍ନ ଦେଖିଥିଲା ଯେ ସେ ଗୋଟିଏ ମୋଟର ଗାଡ଼ିରେ ଦ୍ରୁତଗତିରେ କୁଆଡ଼େ ଯାଉଛି । ମନୋଜ ସ୍ୱପ୍ନଟି ମା'ଙ୍କୁ କହିବା ମାତ୍ରେ ସେ କହିଥିଲେ, "ଲକ୍ଷ୍ମୀ ଅଂଶରେ ତୁମର ଜନ୍ମ । ତେଣୁ ତୁମେ ଏମିତି ସ୍ୱପ୍ନ ଦେଖିଛ ।" ଆଶ୍ଚର୍ଯ୍ୟ ! ମା' ସେତେବେଳେ ଜାଣି ନ ଥିଲେ ଯେ ମନୋଜ ଲକ୍ଷ୍ମୀପୂଜା ଦିନ ଜନ୍ମ ହୋଇଛି । ଏଠାକୁ ଆସିବା ପରଠାରୁ ମନୋଜ ପ୍ରତ୍ୟେକ ଜନ୍ମଦିନରେ ତା'ର ଯେତେ ବର୍ଷ ପୂର୍ଣ୍ଣ ହୁଏ ସେତେ ଟଙ୍କା ମା'ଙ୍କୁ ପ୍ରଣାମୀ ଦିଏ । ପୂର୍ବଦିନ ଦ୍ୟୁମାନ୍ ଭାଇଙ୍କୁ ନୋଟ୍ ଦେଇଆସେ ଖୁଚୁରା ଟଙ୍କା ରଖିବା ପାଇଁ । ଛୋଟ ଗୋଟିଏ ବ୍ୟାଗ୍‌ରେ ସେଇ ଟଙ୍କା ସେ ମା'ଙ୍କୁ ପ୍ରଣାମୀ ଦିଏ । ଏବେ ବି ଜନ୍ମଦିନରେ ବୟସ ଅନୁଯାୟୀ ମା'ଙ୍କୁ ଖୁଚୁରା ଟଙ୍କା ସେ ପ୍ରଣାମୀ ଦିଏ ।

ଝୋଟି ଦେବା କଥାରୁ ମନୋଜର ଜନ୍ମଦିନ କଥା ଆସିଯାଇଥିଲା । ଏଥର ଅସଲ କଥାକୁ ଫେରିଆସୁଛି । ୧୯୪୪ ମସିହାରେ ଆଶ୍ରମର ପ୍ରଥମ ଲକ୍ଷ୍ମୀପୂଜା ଦିନ ମା' ଆମମାନଙ୍କୁ ଆଶୀର୍ବାଦ ଦେବାକୁ ସନ୍ଧ୍ୟାବେଳେ ତଳକୁ ଆସିଲେ । ମିଲିଦି', ବିଭା, ମିନିଦି', ଗୌରୀ ଇତ୍ୟାଦି ଶିଡ଼ିର ତଳଠାରୁ ମା'ଙ୍କ ବସିବା ଚେୟାର ପର୍ଯ୍ୟନ୍ତ ସୁନ୍ଦର ଭାବରେ ଝୋଟି ଦେଇଥିଲେ । ମିଲିଦି' ମାଟିର ସରା ଭିତରେ ପ୍ରଦୀପ ଜଳାଇ କଣା ହୋଇଥିବା ମାଟିର ଥାଳିଆ ତା' ଉପରେ ଢାଙ୍କିଦେଲେ । ସବୁ ବିଦ୍ୟୁତ୍ ଆଲୁଅ ଲିଭାଇ ଦିଆଗଲା । ପ୍ରଦୀପର ମୃଦୁ କୋମଳ ଆଲୁଅରେ ମେଡ଼ିଟେଶନ ହଲ ଅପୂର୍ବ ସ୍ୱର୍ଗୀୟ ଶୋଭା ଧାରଣ କଲା । ମା' ଓହ୍ଲାଇ ଆସିଲେ । ପିନ୍ଧିଥା'ନ୍ତି ସବୁଜ ରଙ୍ଗର ବନାରସୀ ଶାଢ଼ୀ । ଚାରିପାଖରେ ସଜା ହୋଇଥିବା ହାର୍‌ମୋନି ଲତା ମଧ୍ୟରେ ମା'ଙ୍କୁ ଦର୍ଶନ କରି ମୋ ମନ ଗାଇଉଠିଲା:

"ଉଭା ଆଜି ଦେଖ ମୂର୍ତ୍ତିମତୀ କୁଆଁର ପୁନେଇ ଲକ୍ଷ୍ମୀ
ଆଖି ମନରେ ଭରଇ ତୃପ୍ତି ଦେଖିଲେ ତାଙ୍କ ମୂର୍ତ୍ତି
ଅବିଶ୍ୱାସୀ ହେ, ଆଖି ଖୋଲି ଦେଖ ତାଙ୍କରି ସେଇ ଦୀପ୍ତି ।"

ମା' ମହାଲକ୍ଷ୍ମୀ ରୂପରେ ଓହ୍ଲାଇ ଆସିଲେ । ଝୋଟିରେ ତିଆରି ହୋଇଥିବା ଲକ୍ଷ୍ମୀଙ୍କ ଚରଣ ଉପରେ ନିଜ ଚରଣ ରଖି ଧୀରେ ଧୀରେ ଆସି ଚେୟାରରେ

ବସିଲେ। ମା'ଙ୍କର ଏଇ ଅପୂର୍ବ ରୂପ ଦେଖି ପିଲାବେଳେ ଲକ୍ଷ୍ମୀଙ୍କ ଚରଣ ଝୋଟି ଦେବାର ଆନନ୍ଦୋଜ୍ଜ୍ୱଳ ମୁହୂର୍ତ୍ତର ସ୍ମୃତିକୁ ଫେରିଯାଉଥିଲି। ଏମିତି ଭାବରେ ମା' ଲକ୍ଷ୍ମୀଙ୍କୁ ନୟନଭରି ଦର୍ଶନ କରିପାରିବି ଏହା ତ ମୋ ଧାରଣାର ବାହାରେ ଥିଲା।

କେବେ କ'ଣ ଭାବିଥିଲି ଯେ ସ୍ୱୟଂ ମା' ମହାଲକ୍ଷ୍ମୀ ରୂପେ ଝୋଟି ଦିଆଯାଇଥିବା ମହାଲକ୍ଷ୍ମୀଙ୍କ ଚରଣ ଉପରେ ନିଜ ପାଦ ପକାଇ ଚାଲିବେ। ଶ୍ରୀଅରବିନ୍ଦ ଲେଖିଛନ୍ତି: ''ଯେଉଁଠାରେ ତାଙ୍କ ପାଦ ସ୍ପର୍ଶ କରେ ସେଠାରେ ଚିତ୍ତୋନ୍ମାଦକାରୀ ଆନନ୍ଦର ସୁରଧୁନୀ ପ୍ରବାହିତ ହୁଏ।'' ଏବେ ବି ସେଇ ଦିବ୍ୟ ମୁହୂର୍ତ୍ତର ସ୍ମୃତି ମନକୁ ଆନନ୍ଦରେ ଭରିଦିଏ। ଏସବୁ ଲେଖୁଛି କାରଣ ୧୯୪୪ ମସିହାର ପ୍ରଥମ ଲକ୍ଷ୍ମୀପୂଜା ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ। ସେହି ବର୍ଷ ପରଠାରୁ ଲକ୍ଷ୍ମୀପୂଜା ଓ ଅନ୍ୟାନ୍ୟ ପୂଜା ଦିନମାନଙ୍କରେ ମା' ସକାଳେ ତଳକୁ ଆସୁଥିଲେ। କିନ୍ତୁ ମହାଲକ୍ଷ୍ମୀଙ୍କ ଚରଣ ଉପର ଦେଇ କେବଳ ପ୍ରଥମ ଥରହିଁ ସେଦିନ ଚାଲିଚାଲି ଆସିଥିଲେ। ସ୍ୱୟଂ ମହାଲକ୍ଷ୍ମୀ ରୂପେ ମା' ନିଜକୁ ପ୍ରକାଶ କରିଥିଲେ। ଯେଉଁ ଅଭାବନୀୟ ଘଟଣାଟି ସେଇ ଦିବ୍ୟ ମୁହୂର୍ତ୍ତରେ ଏଇ ଶସ୍ୟଶ୍ୟାମଳ ଧରଣୀରେ ଘଟିଲା ଆମେ ତା'ର ସାକ୍ଷୀ ରହିଲୁ।

## ମହାକାଳୀ ରୂପେ ମା'

''ମହାକାଳୀଙ୍କ ପ୍ରକୃତି ଅନ୍ୟ ପ୍ରକାର। ବିସ୍ତୃତି ନୁହେଁ, ଉଚ୍ଚତା — ଜ୍ଞାନ ନୁହେଁ, ବଳ ଓ ବୀର୍ଯ୍ୟ ତାଙ୍କର ନିଜସ୍ୱ ବିଶେଷତ୍ୱ। ...ସେ ବିଶ୍ୱଲୋକର ରଣରଙ୍ଗିନୀ, ସଂଗ୍ରାମରେ କେବେହେଲେ ପଶ୍ଚାତ୍‌ପଦ ହୁଅନ୍ତି ନାହିଁ।''

ଆଶ୍ରମର ମେଡ଼ିଟେଶନ ହଲରେ ଆଜି ମହାକାଳୀ ପୂଜା। ମା'ଙ୍କ ଚେୟାରଟିକୁ ଲାଲ ବନାରସୀ ଶାଢ଼ୀରେ ସୁନ୍ଦର ଭାବରେ ସଜାଇ ରଖାଯାଇଛି। ଚାରିଆଡ଼େ ଲାଲ ମନ୍ଦାର ଫୁଲ। ଲାଲ ମନ୍ଦାର ମହାକାଳୀଙ୍କ ଫୁଲ। କାଳୀପୂଜାରେ ମା'ଙ୍କ ଚରଣରେ ମନ୍ଦାର ଫୁଲ ଅର୍ପଣ କରିବାକୁ ହୁଏ ଏକଥା ପିଲାବେଳଠୁ ଆମେ ଜାଣିଥିଲୁ। କିନ୍ତୁ ଆମେ ଜାଣି ନ ଥିଲୁ କାହିଁକି ଏଇ ମନ୍ଦାର ଫୁଲ କାଳୀପୂଜାରେ ନିବେଦନ କରିବାକୁ ହୁଏ। ଏଠାକୁ ଆସିବା ପରେ ଜାଣିଲି ଯେ ମା' ମନ୍ଦାର ଫୁଲର ପ୍ରତୀକାତ୍ମକ ଅର୍ଥ ଦେଇଛନ୍ତି ଶକ୍ତି (Power)। ମହାକାଳୀଙ୍କ ଶକ୍ତିର ପ୍ରତୀକ ରୂପେ ଲାଲ ମନ୍ଦାର ମା'ଙ୍କ ଚରଣରେ ଅର୍ପଣ କରାଯାଏ। କି ଆଶ୍ଚର୍ଯ୍ୟ! ଯୁଗ ଯୁଗ ପୂର୍ବରୁ ମୁନିଋଷିମାନେ ସୂକ୍ଷ୍ମଦୃଷ୍ଟିରେ ଏଇ ଜ୍ଞାନ ଲାଭ କରିଥିଲେ। ସବୁ ଦେବଦେବୀଙ୍କ ପୂଜା ପାଇଁ ଅଲଗା ଅଲଗା ଫୁଲ ନିବେଦନ କରାଯାଏ। ଆଉ ତୁଳସୀ ପତ୍ର ତ ସବୁ ପୂଜାରେ ଲାଗେ। ପ୍ରଥମେ ତୁଳସୀ ପତ୍ର ନିବେଦନ କରି ପୂଜା ଆରମ୍ଭ ହୁଏ। ଆଶ୍ଚର୍ଯ୍ୟ ଲାଗେ ତୁଳସୀ

ପତ୍ରର ପ୍ରତୀକାତ୍ମକ ଅର୍ଥ ମା' ଦେଇଛନ୍ତି ଭକ୍ତି। ଆମେ ଜାଣୁ ଭକ୍ତି ଛଡ଼ା ଭଗବାନଙ୍କୁ ପାଇହୁଏ ନାହିଁ। କଥାରେ କହନ୍ତି, "ଭକ୍ତର ଭଗବାନ।" ତେଣୁ ପ୍ରଥମେ ତୁଳସୀ ପତ୍ର ଅର୍ପଣ କରି ପୂଜା ଆରମ୍ଭ ହୁଏ। ତୁଳସୀ ପତ୍ରର ପ୍ରସଙ୍ଗକୁ ଆସିବାରୁ ମା'ଙ୍କର ଏକ ଅଦ୍ଭୁତ ରୂପ କଥା ମନେପଡୁଛି।

ଦିନେ ଗୋଟିଏ ଥାଳିଭର୍ତ୍ତି ତୁଳସୀ ପତ୍ର ନେଇ ମା' ତାଙ୍କ ଦୁଇ ମହଲାର କୋଠରିକୁ ଯାଉଥିଲେ। କୋଠରିକୁ ପଶିବା ମାତ୍ରେ ଫେରିବାଲାମାନଙ୍କ ପରି ବୁଲିବୁଲି ମଧୁର ସୁରଯୁକ୍ତ କଣ୍ଠରେ କହିବାକୁ ଲାଗିଲେ, "କାହାର ଭକ୍ତି ଦରକାର? କାହାର ଭକ୍ତି ଦରକାର? ଯିଏ ମୋଠାରୁ ଭକ୍ତି ଚାହିଁବ ମୁଁ ତାକୁ ଭକ୍ତି ଦେବି। କିଏ ଭକ୍ତି ଚାହେଁ? କିଏ ଚାହେଁ? କାହାର ଭକ୍ତି ଦରକାର?" ଏହା ହେଉଛି ମା'ଙ୍କର ଗୋଟିଏ ବିଚିତ୍ର ଖେଳ। ମନା ସେଇ ଘରେ ଗୋଟିଏ ପାଖରେ ଚୁପ୍‌ହୋଇ ଠିଆହୋଇଥିଲା। ତା' ସାମନାକୁ ଆସି ମା' କହିଲେ, "ତୁମର ଭକ୍ତି ଦରକାର? ତୁମେ କ'ଣ ଏସବୁ ଜିନିଷର ମୂଲ୍ୟ ଦିଅ, ନା ତୁମ ପାଖରେ ଏସବୁ କେବଳ ଅର୍ଥହୀନ କଥା? ତୁମର ଭକ୍ତି ଦରକାର ନାହିଁ?" ପୁଣି ରଗାଇବା ପରି କହିଲେ, "ଏ ମା', ଏ ପିଲାଟି କି ଚିଜରେ ଗଢ଼ା! କେମିତି ପଥର ପରି ଠିଆହୋଇଛି ଦେଖ। କିଛି ପ୍ରତିକ୍ରିୟା ନାହିଁ। ତୁମର କ'ଣ ଭକ୍ତି ଦରକାର?"

ମନା କହିଲା, "ମୋର କ'ଣ ଦରକାର ତାହା କ'ଣ ତୁମେ ଜାଣି ନାହଁ? ଶୁଣି ପାରୁ ନାହଁ?"

"ଦୁଷ୍ଟ!" ବୋଲି କହି ମା' ମନାକୁ କିଛି ତୁଳସୀ ପତ୍ର ଦେଲେ। ପୁଣି କହିଲେ, "ମୁହଁ ଫିଟାଇ କହିପାରୁ ନାହଁ, ତୁମେ କେଉଁ ଚିଜରେ ଗଢ଼ା?"

ମନା କହିଲା, "ତୁମେ ତ ମୋତେ ଗଢ଼ିଛ। ଏହା ତୁମରି ଦୋଷ। ଦିନେ ତୁମେ ମୋତେ କହିଥିଲ ଯିଏ ଶାନ୍ତ ନିର୍ବିକାର ଭାବରେ ରହିପାରେ, ତା'ର ଗ୍ରହଣ ସାମର୍ଥ୍ୟ ବଢ଼େ।"

"ଏଇ ଦୁଷ୍ଟ" କହି ମା' ଉପର ମହଲାକୁ ଉଠିଗଲେ। ଏହି ଘଟଣାଟି ବେଶ୍ ଆକର୍ଷଣୀୟ।

ଦିନେ ଚମ୍ପକଲାଲଙ୍କ ଗଳାରେ ଗୋଟିଏ ତୁଳସୀ ପତ୍ରର ମାଳା ପିନ୍ଧାଇ ଦେଇ ମା' କହିଥିଲେ, "ନିଜକୁ ଭକ୍ତିର ଡୋରରେ ବାନ୍ଧିରଖ।" ଆମେ ତ ଜାଣୁ ଭଗବାନଙ୍କୁ ପାଇବାକୁ ହେଲେ ଭକ୍ତି ଦରକାର। ମନେପଡୁଛି କବିତାର ଧାଡ଼ିଟିଏ: "ଭକ୍ତର କାଙ୍ଗାଳ ମୁଁ ଚିରକାଳ, ଭକ୍ତ ମୋର ପ୍ରାଣର ପ୍ରାଣ।" ଭକ୍ତି ଯେ କେତେ ଅମୂଲ୍ୟ ତାହା ମା'ଙ୍କଠାରୁ ଖେଳ ଛଳରେ ଜାଣିପାରିଥିଲି।

ପ୍ରତିବର୍ଷ କାଳୀପୂଜା ଦିନ ଲାଲ ବନାରସୀ ଶାଢ଼ୀ ପିନ୍ଧି ମା' ତଳ ମେଡ଼ିଟେଶନ ହଲକୁ ଓହ୍ଲାଇ ଆସୁଥିଲେ। ଆମ ସମସ୍ତଙ୍କୁ ଆଶୀର୍ବାଦ ଫୁଲର ପ୍ୟାକେଟ୍ ଦେଉଥିଲେ। ଛୋଟ ଛୋଟ ଖାମ୍ ଭିତରେ ଦିବ୍ୟପ୍ରେମ (ଡାଳିମ୍ବ ଫୁଲ)ର ପାଖୁଡ଼ା ରଖାଯାଉଥିଲା। ମା' ସେଦିନ ସମସ୍ତଙ୍କ ଉପରେ ଭଗବତ୍ ପ୍ରେମ ବର୍ଷଣ କରୁଥିଲେ। କାଳୀପୂଜା ଦିନ ମା' ସ୍ୱୟଂ ମହାକାଳୀଙ୍କୁ ଓହ୍ଲାଇ ଆଣୁଥିଲେ। ମହାକାଳୀ ମା'ଙ୍କ ମଧ୍ୟରେ ବିରାଜମାନ ହେଉଥିଲେ। ଆମେ ଆମ ଅଜାଣତରେ ମା'ଙ୍କ ପ୍ରତିଟି ରୂପକୁ ଅନ୍ତତଃ କିଛି ପରିମାଣରେ ଅନୁଭବ କରୁଥିଲୁ। ନିଆଁ ପାଖରେ ରହିଲେ, ତା'ର ଧାସ ଟିକିଏ ଲାଗିବହିଁ ଲାଗିବ।

ମହାକାଳୀଙ୍କ ରୁଦ୍ରରୂପକୁ ମା' କିନ୍ତୁ ସଦାବେଳେ ସମ୍ବରଣ କରି ରଖୁଥିଲେ। ତଥାପି ମଝିରେ ମଝିରେ ସେଇ ତେଜସ୍ୱୀ ରୂପ ପ୍ରକାଶିତ ହୋଇଯାଉଥିଲା। ଦିନକର କଥା ମନେପଡୁଛି: ଜଣେ ବାଇଶ ତେଇଶ ବର୍ଷର ତରୁଣ ମା'ଙ୍କ ସାଥିରେ ଉଦ୍ଧତ ଭାବରେ କଥା ହେଉଥିଲା। କ୍ରମେ ତା' କଥାବାର୍ତ୍ତାର ଢଙ୍ଗ ଓ ବ୍ୟବହାର ମାତ୍ରାଧିକ ହେଲା। ମୁଁ ସେଇ ପିଲାଟିର ଠିକ୍ ପଛରେ ଥିଲି। ତେଣୁ ଶିଡ଼ିରେ ଠିଆହୋଇ ସବୁ କଥାବାର୍ତ୍ତା ଶୁଣିପାରୁଥିଲି। ଶୁଣିଲି, ହଠାତ୍ ମା'ଙ୍କ କଣ୍ଠସ୍ୱର ତୀବ୍ର ହୋଇଉଠିଲା। ମା' ଉଦ୍‌ବିଗ୍ନ ହୋଇ କହୁଥା'ନ୍ତି, "ଚୁପ୍ କର, ଚୁପ୍ କର। ମହାକାଳୀ ଜାଗ୍ରତ ହେଉଛନ୍ତି।" ନିଜ ସନ୍ତାନକୁ ମହାକାଳୀଙ୍କ ପ୍ରଚଣ୍ଡ ତେଜ ଓ କୋପାନଳରୁ ରକ୍ଷା କରିବା ପାଇଁ ମା'ଙ୍କର କି ପ୍ରଚେଷ୍ଟା ! ଶିଡ଼ିରେ ଠିଆହୋଇ ମୁଁ ମା'ଙ୍କୁ ପ୍ରାର୍ଥନା କରୁଥାଏ, "ମା', ପିଲାଟିକୁ ମହାକାଳୀଙ୍କ ରୁଦ୍ର କ୍ରୋଧରୁ ବଞ୍ଚାଅ। ରକ୍ଷା କର, ମହାକାଳୀଙ୍କୁ ତୁମେ ଶାନ୍ତ କର।" ଉଙ୍କିମାରି ଦେଖିଲି, ମହାକାଳୀଙ୍କର ଦୁର୍ଜୟ କ୍ରୋଧ ସମ୍ବରଣ କରିବା ପାଇଁ ମା' ଆପ୍ରାଣ ଚେଷ୍ଟା କରୁଥା'ନ୍ତି। ଗୋଟିଏ ଭୀଷଣ ଆତଙ୍କର ଶିହରଣ ମୋ ସର୍ବାଙ୍ଗରେ ବିଦ୍ୟୁତ୍ ଗତିରେ ବହିଗଲା। ଏଇ କେତେ ବର୍ଷ ପୂର୍ବରୁ ମା'ଙ୍କୁ ପ୍ରଶ୍ନ କରିଥିଲି, "ତୁମେ କ'ଣ ମହାକାଳୀ?" ମା' ମୁଣ୍ଡ ହଲାଇ ସମ୍ମତି ଜଣାଇଥିଲେ। ଆଉ ଆଜି ମା' ନିଜେ କହୁଛନ୍ତି, "ଚୁପ୍‌କର, ଚୁପ୍‌କର। ମହାକାଳୀ ଜାଗ୍ରତ ହୋଇଉଠୁଛନ୍ତି, ମହାକାଳୀ ଜାଗ୍ରତ ହୋଇଉଠୁଛନ୍ତି।" ମା'ଙ୍କର ସେଇ ବିରାଟ ମହୀୟସୀ ଚେହେରା ଓ ଦୃପ୍ତ ଭଙ୍ଗୀ ମୋ ମାନସପଟରେ ଭାସି ଉଠିଲା। ଅବଶେଷରେ ପିଲାଟି ମା'ଙ୍କ କୃପାରୁ ଶାନ୍ତ ହେଲା। ଆଶୀର୍ବାଦ ଫୁଲ ନେଇ ତଳକୁ ଓହ୍ଲାଇଗଲା। କି ବିପର୍ଯ୍ୟୟ କବଳରୁ ପିଲାଟି ଆଜି ମା'ଙ୍କ ଅସୀମ କୃପାରୁ ଉଦ୍ଧାର ପାଇଲା ସେକଥା ସେ ଯଦି ବୁଝିପାରିଥା'ନ୍ତା !

ବହୁଦିନ ପୂର୍ବରୁ ଆଉ ଗୋଟିଏ ଘଟଣା ଘଟିଥିଲା। ସେସମୟରେ ସବୁ

ସାଧକମାନଙ୍କର ବିଭିନ୍ନ ପ୍ରକାରର ଅନୁଭୂତି ହେଉଥିଲା। ମା' ଶ୍ରୀଅରବିନ୍ଦଙ୍କ କରୁଣାରୁ ପ୍ରତ୍ୟେକେ ଅନାୟାସରେ ସାଧନାର ବହୁ ଉଚ୍ଚ ସ୍ତରରେ ପ୍ରବେଶ କରିପାରୁଥିଲେ। ଜଣେ ସାଧକ ଏତେ ବେଶୀ ମୂଲ୍ୟବାନ ଅନୁଭୂତିସବୁ ପାଇଲେ ଯେ ସେ ଆଉ ନିଜକୁ ସମ୍ଭାଳି ପାରିଲେ ନାହିଁ। ଦିନେ ଯାଇ ମା'ଙ୍କୁ କହିଲେ, ''ମୁଁ ଶ୍ରୀଅରବିନ୍ଦ।''

ତା'ପରେ ସେ ଯିବେ କୁଆଡ଼େ? ମା' ହୁଙ୍କାର ଦେଇଉଠିଲେ, ''କ'ଣ? କ'ଣ କହିଲ?''

ମହାକାଳୀ ଜାଗିଉଠିଲେ। ସାଧକଟି ମା'ଙ୍କର ଭୟଙ୍କରୀ ରୂପ ଦେଖି ଏତେ ଭୟଭୀତ ହୋଇଯାଇଥିଲେ ଯେ ଆକୁଳ ଭାବରେ ଶ୍ରୀଅରବିନ୍ଦଙ୍କୁ ଡାକିବାକୁ ଲାଗିଲେ, ''ଶ୍ରୀଅରବିନ୍ଦ, ମୋତେ ରକ୍ଷା କର, ମୋତେ ରକ୍ଷା କର।'' ତାଙ୍କର ସେହି ଆକୁଳ ଡାକ ଶୁଣି ଶ୍ରୀଅରବିନ୍ଦ ବାହାରି ଆସିଲେ! ମା'ଙ୍କୁ ଅନୁନୟ କଲେ, ''ମା' ଏଥରକ ପାଇଁ ତାକୁ କ୍ଷମା କରିଦିଅ।''

ମା' ମହାକାଳୀ ନିଜକୁ ସମ୍ବରଣ କଲେ। ମଝିରେ ମଝିରେ ମା'ଙ୍କର ଏଇ ତେଜସ୍ୱୀ, ରୁଦ୍ର ରୂପ ପ୍ରକାଶ ପାଉଥିଲା। ସାମାନ୍ୟ ତ୍ରୁଟି ମଧ୍ୟ ମା' ସହ୍ୟ କରିପାରୁ ନ ଥିଲେ। ଥରେ ଥରେ ପ୍ରଚଣ୍ଡ ଆଗ୍ନେୟଗିରି ପରି ତାଙ୍କ ଦୁର୍ବାର ତେଜ, ତୀବ୍ରତା, ଦିବ୍ୟ ପ୍ରଚଣ୍ଡତା ବାହାରି ଆସୁଥିଲା। ଯାହାକିଛି ଜ୍ଞାନହୀନ, ତମୋଗ୍ରସ୍ତ ସେସବୁ ପାଇଁ ସେ କଠୋର ହସ୍ତ। ପୂର୍ବୋକ୍ତ ଉଦାହରଣଟି ମଣିଷର ବିଶ୍ୱାସଘାତକତା ଓ ଅସତ୍ ଇଚ୍ଛାର ଜ୍ୱଳନ୍ତ ପରିଚୟ ଦେଉଛି। 'ମା' ବହିରେ ଶ୍ରୀଅରବିନ୍ଦ ମହାକାଳୀଙ୍କ ରୂପର ବର୍ଣ୍ଣନା କରିବାକୁ ଯାଇ ଲେଖିଛନ୍ତି, ''ବିଶ୍ୱାସଘାତକତା, ମିଥ୍ୟାଚାର, ବିଦ୍ୱେଷ ବିରୁଦ୍ଧରେ ତାଙ୍କ କ୍ରୋଧ ସର୍ବଦା ଉଦ୍ୟତ, ନିଦାରୁଣ — ଦୁଷ୍ଟ ଇଚ୍ଛା ତାଙ୍କ ଚାବୁକର କଶାଘାତରେ ତତ୍‌କ୍ଷଣାତ୍ ଜର୍ଜରିତ।''

ଶ୍ରୀଅରବିନ୍ଦ ନିଜେ ଆସି ମା'ଙ୍କୁ ଅନୁରୋଧ କରିବାରୁ ସେଇ ଅଜ୍ଞାନ, ତମୋଗ୍ରସ୍ତ ସାଧକଟି ରକ୍ଷା ପାଇଥିଲେ। ଆଖି ସାମନାରେ ଏଇ ଦୃଶ୍ୟ ଭାସିଉଠୁଛି। ଶ୍ରୀଅରବିନ୍ଦ ମା'ଙ୍କ ରୁଦ୍ର, ଭୟଙ୍କରୀ, ତେଜସ୍ୱୀ ରୂପ ପାଖରେ ଅନୁନୟ କରୁଛନ୍ତି, ''ମା', ଏଥରକ ପାଇଁ ତାକୁ କ୍ଷମା କରିଦିଅ।'' ସ୍ୱୟଂ ଶିବ ମହାଦେବ, ମହାକାଳୀଙ୍କ ପ୍ରଚଣ୍ଡ ତେଜ ନିଜ ମଧ୍ୟରେ ଧାରଣ କରିଥିଲେ।

ପ୍ରମୋଦ କୁମାର ଚଟ୍ଟୋପାଧ୍ୟାୟଙ୍କର ଗୋଟିଏ ବିଖ୍ୟାତ ତୈଳଚିତ୍ର ଦେଖିଥିଲି। ଚିତ୍ରଟି ଅପୂର୍ବ ସୁନ୍ଦର। ସ୍ୱୟଂ ମହାଦେବ ମହାକାଳୀଙ୍କ ଚରଣ ତଳେ ଶାୟିତ। ମହାକାଳୀ ସମଗ୍ର ସୃଷ୍ଟିକୁ ଧ୍ୱଂସ କରିବା ପାଇଁ ନାଚି ନାଚି ଆଗେଇ ଆସୁଥା'ନ୍ତି। ତାଙ୍କର ସେତେବେଳେ କି ଭୟଙ୍କରୀ ରୁଦ୍ର ମୂର୍ତ୍ତି। ମିଥ୍ୟାଚାର, ଭାଗବତ

କର୍ମରେ ତିଳେମାତ୍ର ଅବହେଳା ସେ ସହ୍ୟ କରିବେ ନାହିଁ। ମହାଦେବ ପ୍ରମାଦ ଗଣିଲେ। ସେ ମହାକାଳୀଙ୍କ ଚରଣ ତଳେ ଶୋଇପଡ଼ିଲେ। ଅଜାଣତରେ ମହାକାଳୀଙ୍କ ଚରଣ ମହାଦେବଙ୍କ ଛାତି ଉପରେ ପଡ଼ିଗଲା। ମହାଦେବଙ୍କୁ ନିଜ ଚରଣ ତଳେ ଦେଖି ମହାକାଳୀ ଥମକି ଯାଇ ଠିଆହୋଇଗଲେ। ତାଙ୍କ ସମ୍ବିତ୍ ଫେରିଆସିଲା। ରଣରଙ୍ଗିନୀ ମହାକାଳୀ ଶାନ୍ତ ହେଲେ। ସୃଷ୍ଟି ରକ୍ଷା ପାଇଲା। ଠିକ୍ ସେମିତି ଶ୍ରୀଅରବିନ୍ଦଙ୍କ ପ୍ରାର୍ଥନା ବଳରେ ସାଧକଟି ମା'ଙ୍କ ମହାକାଳୀ ରୂପର ରୁଦ୍ରରୋଷ କବଳରୁ ରକ୍ଷା ପାଇଲେ।

ମା' ସନ୍ଧ୍ୟାବେଳେ ପ୍ଲେ-ଗ୍ରାଉଣ୍ଡରେ ଫ୍ରେଞ୍ଚ କ୍ଲାସ ନେବାବେଳେ ଦିନେ କାଳୀଙ୍କ ନାନା ରୂପ ସମ୍ବନ୍ଧରେ ଅନେକ କଥା କହିଥିଲେ। ସମୁଦ୍ରକୂଳରେ ଥିବା ଆରିୟକୁପମ୍ ବୋଲି ଗୋଟିଏ ଜାଗାକୁ ଥରେ ମା' ବୁଲିବାକୁ ଯାଇଥିଲେ। କିଛି ଦୂର ଯିବା ପରେ ଗାଡ଼ି ବନ୍ଦ କରି ସେ ଚୁପ୍‌ଚାପ୍ ଗାଡ଼ି ଭିତରେ ବସିଥିଲେ। ହଠାତ୍ ଗୋଟିଏ ଖୁବ୍ କଳା, ଖୁବ୍ ପତଳା, କେଶ ଖୋଲା ହୋଇଥିବା ମୂର୍ତ୍ତି ମା'ଙ୍କ ପାଖରେ ଆସି ଉପସ୍ଥିତ ହେଲା। ମୂର୍ତ୍ତିଟି ବାରଂବାର ଅନୁନୟ କରି ମା'ଙ୍କୁ କହୁଥିଲା, "ତୁମେ ମୋତେ ସାହାଯ୍ୟ କର। ତୁମ ଶକ୍ତି ଓ ସାହାଯ୍ୟ ପାଇଲେ ମୋ ପାଖକୁ ଅନେକ ଲୋକ ଆସିବେ। ମୋର ଶକ୍ତି ବଢ଼ିବ।" ମା' କହିଲେ, "ଆହୁରି ବେଶୀ ଶକ୍ତି ବା ଲୋକ ତୁମର ଦରକାର ନାହିଁ। ଯାହା ଅଛି ତାହା ନେଇ ସନ୍ତୁଷ୍ଟ ରୁହ।" ମା' ଗାଡ଼ି ଚଳାଇବାକୁ କହିଲେ। ମା' ଯେତେବେଳେ ଭିରାମପଟ୍ଟନମ୍‌ର କାଳୀ ମନ୍ଦିରକୁ ଗଲେ ସେତେବେଳେ ବୁଝିପାରିଥିଲେ ଯେ ସେହି ମୂର୍ତ୍ତି ଥିଲେ ଏହି ମନ୍ଦିରର କାଳୀ।

ମା'ଙ୍କୁ ପ୍ରଶ୍ନ କରାଯାଇଥିଲା, "ମା' ଏଇ କାଳୀ କେଉଁ ସ୍ତରର (plane) କାଳୀ ?"

ମା' କହିଥିଲେ, "ଏଇ କାଳୀ ହେଲେ ପୂରାପୂରି ପ୍ରାଣିକ ଜଡ଼ ସ୍ତରର।"

ପୁଣି କେହି ପ୍ରଶ୍ନ କରିଥିଲେ, "ଏଇ ମୂର୍ତ୍ତିକୁ କାହିଁକି କାଳୀ ନାମ ଦିଆଯାଇଛି ?"

ମା' କହିଥିଲେ, "ଏହା ମଧ୍ୟ କାଳୀଙ୍କର ରୂପ। ଏହାଠାରୁ ଆଉ ବେଶୀ ମୁଁ ଜାଣି ନାହିଁ। ଏହାଙ୍କର ମୁଣ୍ଡ କଟାଯାଇଛି କିଂବା ଗଳା ପର୍ଯ୍ୟନ୍ତ ମାଟିରେ ପୋତି ଦିଆଯାଇଛି ଏମିତି ଗୋଟିଏ ବୋଧ ମୋର ହୋଇଥିଲା। କାଳୀଙ୍କର ବହୁ ରୂପ ରହିଛି। ଏଇ ମୂର୍ତ୍ତିଟି କାଳୀଙ୍କର ଗୋଟିଏ ରୂପ। ବହୁ ପରିବାରରେ କାଳୀଙ୍କୁ ବିଭିନ୍ନ ଭାବରେ ପୂଜା କରାଯାଏ। ମୁଁ କେତୋଟି ପରିବାରକୁ ଜାଣିଛି ସେମାନଙ୍କ ଘରେ ପୂଜା ପାଉଥିବା କାଳୀ ସତରେ ସେଇ ପରିବାରଗୁଡ଼ିକର କ୍ଷତି କରନ୍ତି। କାଳୀଙ୍କ ଇଚ୍ଛାର ଟିକିଏ ଏପଟ ସେପଟ ହେଲେ ସେ ସେଇ ପରିବାରକୁ ଛାରଖାର କରିଦିଅନ୍ତି।

ଏମିତିକି ସେହି ପରିବାରର ଅନେକ ଲୋକ ମଧ୍ୟ ମରିଯା'ନ୍ତି।''

ପ୍ରଶ୍ନ କରାଗଲା, ''ଏଇ କାଳୀଙ୍କ ସହିତ କ'ଣ ମହାକାଳୀଙ୍କର କିଛି ସମ୍ବନ୍ଧ ଅଛି ?''

ମା' କହିଲେ, ''ନା, କେବଳ ମଣିଷର ମନୋଭାବ ସହିତ ଏଇ କାଳୀଙ୍କର କିଛି ମାତ୍ରାରେ ସଂଯୋଗ ରହିଛି। ଏଇସବୁ ମୂର୍ତ୍ତି ବେଶୀ ପରିମାଣରେ ମଣିଷର ମନଗଢ଼ା। କିନ୍ତୁ ହାତୀର ମୁଣ୍ଡ ଓ ଶୁଣ୍ଢ ଥିବା ଗଣପତି ସତରେ ଗୋଟିଏ ସତ୍ତା। ମୁଁ ତାଙ୍କୁ ଦେଖିଛି। ଏହା ମଣିଷର ମନଗଢ଼ା ରୂପ ନୁହେଁ। ସେମିତି ଗଳାରେ ନୃମୁଣ୍ଡମାଳ ଓ ଜିଭ ବାହାର କରିଥିବା କୃଷ୍ଣବର୍ଣ୍ଣ ଜୀବନ୍ତ କାଳୀଙ୍କର ମଧ୍ୟ ଅସ୍ତିତ୍ୱ ରହିଛି। ମୁଁ ତାଙ୍କୁ ମଧ୍ୟ ଦେଖିଛି। ମୋ ଆଖି ଖୋଲାଥିବା ଅବସ୍ଥାରେ ଏଇ କାଳୀ ମୋ କୋଠରିରେ ପ୍ରବେଶ କରିବାର ଦେଖିଛି। ତେଣୁ ମୁଁ ନିଶ୍ଚିତ ଭାବରେ କହିପାରେ ଯେ ଏଇ ନୃମୁଣ୍ଡମାଳିନୀ କାଳୀ ସତରେ ଅଛନ୍ତି। ଏହା ମଣିଷର ମନଗଢ଼ା ନୁହେଁ। ଏହା ସତରେ ଏକ ସତ୍ତା।''

ମନେପଡୁଛି ଶ୍ରୀଅରବିନ୍ଦଙ୍କ ଦୁର୍ଗାସ୍ତୋତ୍ରର ସେଇ ପଙ୍‌କ୍ତି: ''ମାତଃ ଦୁର୍ଗେ ! କାଳୀରୂପିଣି, ନୃମୁଣ୍ଡମାଳିନି, ଦିଗମ୍ବରି କୃପାଣପାଣି ଦେବି, ଅସୁରବିନାଶିନି...।''

ପ୍ରଶ୍ନ କରାଗଲା, ''ମା', ଏଇ ଘୋର କୃଷ୍ଣବର୍ଣ୍ଣ କାଳୀଙ୍କ କାମ କ'ଣ ?''

ମା' କହିଲେ, ''ଏଇ କାଳୀ ନାନା ପ୍ରକାର ଧ୍ୱଂସାତ୍ମକ କାମରେ ଲିପ୍ତ ରହନ୍ତି। ଧ୍ୱଂସ କରିବାରେ ତାଙ୍କର ମହା ଆନନ୍ଦ।''

ଏଇ ପ୍ରସଙ୍ଗରେ ମା' ତାଙ୍କ ନିଜ ଅନୁଭୂତିର କଥାଟିଏ ଆମକୁ କହିଥିଲେ। ପ୍ଲେ-ଗ୍ରାଉଣ୍ଡରେ ବସି ଆମେ ସମସ୍ତେ ତାହା ଶୁଣିଥିଲୁ।

''ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ସମୟର ଘଟଣା। ମୁଁ ସେତେବେଳେ ଏଠାରେ, ପଣ୍ଡିଚେରୀରେ ଥିଲି। ମୁଁ ଡ୍ୟୁପ୍ଲେ ହାଉସ୍‌ରେ ରହୁଥିଲି। ଶ୍ରୀଅରବିନ୍ଦ ରହୁଥିଲେ ଗେଷ୍ଟ ହାଉସ୍‌ରେ। ଡ୍ୟୁପ୍ଲେ ହାଉସ୍‌ର ଖୋଲା ଛାତ ଉପରୁ ଗେଷ୍ଟହାଉସ୍‌ର ଶ୍ରୀଅରବିନ୍ଦଙ୍କ କୋଠରି, ଟେରାସ୍ ଓ ଖୋଲା ଛାତ ଦେଖାଯାଉଥିଲା। ପ୍ରତିଦିନ ସକାଳେ ମୁଁ ଶ୍ରୀଅରବିନ୍ଦଙ୍କ ଘର ଆଡ଼କୁ ମୁହଁ କରି ଖୋଲା ଛାତରେ ବସି ଧ୍ୟାନ କରୁଥିଲି। ଦିନେ ଘର ଭିତରେ ଗୋଟିଏ ଛୋଟ ଝରକା ସାମନାରେ ଶ୍ରୀଅରବିନ୍ଦଙ୍କ କୋଠରି ଆଡ଼କୁ ମୁହଁ କରି ମୁଁ ବସିଥିଲି। ସେଦିନ ଆଖି ଖୋଲି ଧ୍ୟାନ କରୁଥିଲି। ସେହି ସମୟରେ ଏଇ କାଳୀ ମୋ କୋଠରିର କବାଟ ଦେଇ ଭିତରକୁ ପ୍ରବେଶ କରୁଥିବାର ଦେଖିଲି। ତାଙ୍କୁ ପ୍ରଶ୍ନ କଲି, 'ତୁମର କ'ଣ ଦରକାର ?' ମୋ ପ୍ରଶ୍ନ ଶୁଣି କାଳୀ ଜଙ୍ଗଲୀ ନୃତ୍ୟ ଆରମ୍ଭ କରିଦେଲେ। ସତରେ ଜଙ୍ଗଲୀ ନାଚ। ସେ କହିଲେ, 'ପ୍ୟାରିସ୍ ଦଖଲ କରାଯାଇଛି।

ପ୍ୟାରିସ୍‌କୁ ଧ୍ୱଂସ କରାଯିବ।' ଏସମ୍ବାଦ କିନ୍ତୁ ସେତେବେଳ ପର୍ଯ୍ୟନ୍ତ ମୋ ପାଖରେ କିଂବା ଶ୍ରୀଅରବିନ୍ଦଙ୍କ ପାଖରେ ପହଞ୍ଚି ନ ଥିଲା। ଏହା ଥିଲା ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ବେଳର ଘଟଣା। ସେତେବେଳ ପର୍ଯ୍ୟନ୍ତ ରେଡ଼ିଓର ବ୍ୟବସ୍ଥା ହୋଇ ନ ଥିଲା। ମୁଁ ତ ଧ୍ୟାନ କରୁଥିଲି। କାଳୀଙ୍କୁ ଚାହିଁ କହିଲି, 'ନା, ପ୍ୟାରିସ୍ କେହି ଦଖଲ କରିପାରିବେ ନାହିଁ।' ଏଇ କଥାଟି ମୁଁ ଖୁବ୍ ଶାନ୍ତ ଭାବରେ କିଛି ଶକ୍ତି ପ୍ରୟୋଗ କରି କହିଲି। କାଳୀ ମୁହଁ ବିକୃତ କରି ଚାଲିଗଲେ। ପରଦିନ ମୋ ପାଖକୁ ଗୋଟିଏ ଟେଲିଗ୍ରାମ ଆସିଲା ଯେ ଜର୍ମାନର ସୈନ୍ୟବାହିନୀ ପ୍ୟାରିସ୍ ଆଡ଼କୁ ଅଗ୍ରସର ହେଉଛନ୍ତି। ପ୍ୟାରିସ୍ ରକ୍ଷା କରିବାକୁ କୌଣସି ବ୍ୟବସ୍ଥା କରାଯାଇ ନାହିଁ। ପ୍ୟାରିସ୍‌କୁ ଯିବା ପାଇଁ ରାସ୍ତା ପୂରା ଖୋଲା। ମାତ୍ର କେତେ ମିଟର ଆଗେଇଲେ ଜର୍ମାନ ସୈନ୍ୟବାହିନୀ ପ୍ୟାରିସ୍‌ରେ ପହଞ୍ଚିଯିବେ। କିନ୍ତୁ ଜର୍ମାନ ସୈନ୍ୟମାନେ ଯେତେବେଳେ ଦେଖିଲେ ଯେ ତାଙ୍କୁ ବାଧା ଦେବା ପାଇଁ ଜଣେ ହେଲେ ସୈନ୍ୟ ନାହାନ୍ତି, ସେମାନେ ଭାବିଲେ ଫରାସୀ ସୈନ୍ୟମାନେ ନିଶ୍ଚୟ କିଛି କୌଶଳ କରିଛନ୍ତି। ତେଣୁ ସେମାନେ ପଛଘୁଞ୍ଚା ଦେବାକୁ ଲାଗିଲେ। ସେମାନଙ୍କୁ ଫେରିବାର ଦେଖି ଫରାସୀ ସୈନ୍ୟମାନେ ପଛରୁ ଆକ୍ରମଣ କଲେ। ଲାଗିଲା ପ୍ରବଳ ଯୁଦ୍ଧ। ଅବଶେଷରେ ଆପ୍ରାଣ ଯୁଦ୍ଧ କରି ଫରାସୀ ସୈନ୍ୟମାନେ ଜର୍ମାନ ସୈନ୍ୟମାନଙ୍କୁ ହଟାଇଦେଲେ।

''ଯେତେବେଳେ ମୁଁ କାଳୀଙ୍କୁ କହିଲି, 'ନା, ପ୍ୟାରିସ୍ କେହି ଦଖଲ କରିପାରିବ ନାହିଁ', ସେଇ ମୁହୂର୍ତ୍ତରୁ ଜର୍ମାନ ସୈନ୍ୟମାନଙ୍କ ମଧ୍ୟରେ ଭୀତି ସଞ୍ଚାର ହୋଇଥିଲା। ସେମାନେ ପଛଘୁଞ୍ଚା ଦେଇଥିଲେ (ମା'ଙ୍କର ମୃଦୁ ହସ)। ସେମାନେ ଆଗେଇ ଆସିଥିଲେ ପ୍ୟାରିସ୍‌କୁ ରକ୍ଷା କରାଯାଇ ପାରି ନ ଥା'ନ୍ତା।''

ମା' ମହାଶକ୍ତି ରୂପେ ତାଙ୍କର ସମସ୍ତ ରୂପଗୁଡ଼ିକ ଉପରେ ପ୍ରଭାବ ବିସ୍ତାର କରନ୍ତି ଯଦିଓ ମା'ଙ୍କର ପ୍ରତିଟି ରୂପ ସ୍ୱାଧୀନ ଭାବରେ ସେମାନଙ୍କ କାମ କରିପାରନ୍ତି। କିନ୍ତୁ ମହାଶକ୍ତି ଭାବରେ ମା' ମଝିରେ ମଝିରେ ସେମାନଙ୍କୁ ନିୟନ୍ତ୍ରଣ କରନ୍ତି।

ମା' କହିଛନ୍ତି, ''ଏମାନେ ସମସ୍ତେ କେତେକାଂଶରେ ସ୍ୱାଧୀନ କିନ୍ତୁ ସମ୍ପୂର୍ଣ୍ଣ ରୂପେ ନୁହଁନ୍ତି। ମନେହୁଏ ଯେମିତି ସେମାନଙ୍କ ସ୍ୱାଧୀନତା ସମ୍ପୂର୍ଣ୍ଣ କିନ୍ତୁ ସେହି ସ୍ୱାଧୀନତା ପୁଣି ନିୟନ୍ତ୍ରିତ। ସମ୍ପୂର୍ଣ୍ଣ ନୁହେଁ ପୁଣି ସମ୍ପୂର୍ଣ୍ଣ ମଧ୍ୟ। ଏଇ ଧରଣୀରେ ଚୈତନ୍ୟମୟୀ ହେଉଛନ୍ତି ମହାଶକ୍ତି ରୂପେ ସମସ୍ତ ରୂପର, ବିଗ୍ରହର କେନ୍ଦ୍ରବିନ୍ଦୁ। ତାଙ୍କର ପ୍ରତିଟି ରୂପର, ପ୍ରତିଟି ବିଗ୍ରହର କାର୍ଯ୍ୟକୁ ନିୟନ୍ତ୍ରଣ କରିବାର କ୍ଷମତା ଓ ଶକ୍ତି ମହାଶକ୍ତିଙ୍କର ରହିଛି। ମହାଶକ୍ତି ସେମାନଙ୍କ କାର୍ଯ୍ୟର ଲଗାମଟି ଧରିଥା'ନ୍ତି।

''କାଳୀଙ୍କ କଥା ଧରାଯାଉ। ମହାକାଳୀ ଯେତେବେଳେ କୌଣସି ବିଷୟରେ

ହସ୍ତକ୍ଷେପ କରିବାକୁ ସିଦ୍ଧାନ୍ତ ନିଅନ୍ତି, ସେତେବେଳେ ମହାଶକ୍ତି, ଯାହାଙ୍କର ବ୍ୟାପକ ଭାବରେ ସମସ୍ତ ବସ୍ତୁ ଓ ଘଟଣା ଦେଖିବାର ସୁଦୂରପ୍ରସାରୀ ଦୃଷ୍ଟିଶକ୍ତି ରହିଛି, ସେ ଯଦି ବୁଝିପାରନ୍ତି ଯେ ହସ୍ତକ୍ଷେପ କରିବାର ଉପଯୁକ୍ତ ସମୟ ହୋଇ ନାହିଁ କିଂବା ଠିକ୍ ସମୟ ପୂର୍ବରୁ କାର୍ଯ୍ୟ ଆରମ୍ଭ କରାଯାଉଛି ତା'ହେଲେ ସେ ମହାକାଳୀଙ୍କୁ ନିୟନ୍ତ୍ରଣ କରନ୍ତି। ଲଗାମ ଟାଣି ଧରନ୍ତି। ତାଙ୍କୁ କୁହନ୍ତି, 'ଶାନ୍ତ ହୁଅ।' ସେତେବେଳେ ମହାକାଳୀ ଶାନ୍ତ ହେବାକୁ ବାଧ୍ୟ ହୁଅନ୍ତି। ପୁଣି ଅନ୍ୟ ଦିଗରୁ ଦେଖିବାକୁ ଗଲେ ସେ ପୂରାପୂରି ସ୍ୱାଧୀନ ଭାବରେ କାର୍ଯ୍ୟ କରନ୍ତି।''

ମା'ଙ୍କୁ ପ୍ରଶ୍ନ କରାଯାଇଥିଲା, ''ମହାଶକ୍ତି କାହିଁକି ମହାକାଳୀଙ୍କୁ ଶାସନ କରନ୍ତି ? କାହିଁକି ତାଙ୍କ କାମରେ ଲଗାମ ଟାଣି ଧରନ୍ତି ? ଶ୍ରୀଅରବିନ୍ଦ ତ ଲେଖିଛନ୍ତି, ସେ ଯଦି ନ ଥା'ନ୍ତେ, ତା'ହେଲେ ଗୋଟିଏ ଦିନରେ ଯେଉଁ କାମ ହୁଏ ତାହା ସମ୍ପନ୍ନ ହେବାକୁ ବହୁ ଶତାବ୍ଦୀ ଲାଗିଯା'ନ୍ତା।''

ମା' କହିଥିଲେ, ''ସେଇଥିପାଇଁ ତ ମୁଁ କହୁଛି ଯେ ମହାକାଳୀ ଅଛନ୍ତି ଏବଂ ସେ ତାଙ୍କ କାମ କରିଚାଲିଛନ୍ତି। ତାଙ୍କର କାର୍ଯ୍ୟ କରିବାର ଏକ ନିଜସ୍ୱ ଦୃଷ୍ଟିଭଙ୍ଗୀ ରହିଛି। କିନ୍ତୁ ସମ୍ପୂର୍ଣ୍ଣ ସୁଦୂରପ୍ରସାରୀ ଦୃଷ୍ଟି ନେଇ ଦେଖିବାକୁ ଗଲେ ମହାକାଳୀ ତାଙ୍କ ନିଜସ୍ୱ ଦୃଷ୍ଟିଭଙ୍ଗୀରେ ପୂରା କର୍ମଧାରାକୁ ଦେଖନ୍ତି। ଯେହେତୁ ମହାଶକ୍ତି କର୍ମଧାରାର ସମଗ୍ର ରୂପକୁ ଦେଖିବାକୁ ପାଆନ୍ତି ସେ ଦରକାର ହେଲେ କହନ୍ତି, 'ନା, ଏପର୍ଯ୍ୟନ୍ତ ଉପଯୁକ୍ତ ସମୟ ଆସି ନାହିଁ'।''

ପୁଣି ପ୍ରଶ୍ନ କରାଗଲା, ''ମା', ମହାକାଳୀ ଦେଖିବାକୁ କେମିତି ?''

ମା' କହିଲେ, ''ତୁମେମାନେ ତାଙ୍କୁ ଦେଖିବାକୁ ପାଇଲେ ମୋତେ ତାଙ୍କ ରୂପର ବର୍ଣ୍ଣନା ଦେବ। ମୁଁ କେବଳ ଏତିକି କହିପାରେ ଯେ ମହାକାଳୀ କୃଷ୍ଣବର୍ଣ୍ଣ ନୁହଁନ୍ତି। ସେ ଜିଭ ବାହାର କରି ରଖନ୍ତି ନାହିଁ କିଂବା ନୃମୁଣ୍ଡମାଳିନୀ ମଧ୍ୟ ନୁହଁନ୍ତି।''

ଛୋଟ ଘଟଣାଟିଏ ମନେପଡୁଛି। ପ୍ରତିଦିନ ପ୍ରାୟ ଦିନ ବାରଟାବେଳେ ମା' ତଳ ମେଡ଼ିଟେଶନ ହଲ୍‌କୁ ଓହ୍ଲାଇ ଆସିବାର ଶିଡ଼ିରେ ଛିଡ଼ା ହୋଇ ସମସ୍ତଙ୍କୁ ବିଶେଷ କରି ପିଲାମାନଙ୍କୁ ଟଫି ଫିଙ୍ଗୁଥିଲେ। ଆଉ ସମସ୍ତେ ଡେଇଁ ଡେଇଁ ସେଇ ଟଫି ଧରୁଥିଲୁ । ବେଶ୍ ହୈ ଚୈ ହେଉଥିଲା। ଏଇ ଦୃଶ୍ୟ ମା' ବେଶ୍ ଉପଭୋଗ କରୁଥିଲେ। ଅମୃତଦା' ଟଫି ଧରିବାକୁ ଯାଇ ଦୁଇହାତ ଦୁଇପଟକୁ ମେଲାଇ ଏକ ଦୃଶ୍ୟ ଭିଆଉଥିଲେ। ତାଙ୍କୁ ଦେଖି ମା' ଓ ଆମେ ସମସ୍ତେ ଖୁବ୍ ହସୁଥିଲୁ। ଅମୃତଦା'ଙ୍କ ଟଫି ଧରିବାକୁ ଚେଷ୍ଟା କରିବାର ଭଙ୍ଗୀ ଆମେ ବେଶ୍ ଉପଭୋଗ କରୁଥିଲୁ। ଅମୃତଦା' ମା'ଙ୍କୁ କହୁଥିଲେ, ''ମା', ଟଫି ପଛରେ ଯେଉଁ ଶକ୍ତି ଆସୁଛି ମୁଁ ତାହାହିଁ ଧରିବାକୁ

ଚେଷ୍ଟା କରୁଛି।'' ଏହା ଶୁଣି ଆମେ ପୁଣି ହସି ଉଠୁଥିଲୁ। ଏମିତି ଆନନ୍ଦମୟ ପରିବେଶ ମଧ୍ୟରେ ଦିନେ ଜଣେ ହଠାତ୍ ଦୌଡ଼ି ଆସି ମା'ଙ୍କୁ କହିଲେ, ''ମା' ଆଶ୍ରମରେ ନିଆଁ ଲାଗିଯାଇଛି।'' ସଙ୍ଗେ ସଙ୍ଗେ ମା'ଙ୍କ ମୁହଁ ଗମ୍ଭୀର ହୋଇଗଲା। ସେ ପଚାରିଲେ, ''କେମିତି ନିଆଁ ଲାଗିଲା ?'' ଏହା ଭିତରେ ଅନ୍ୟ ଜଣେ ପ୍ରାୟ ପାଞ୍ଚ ବର୍ଷର ଦୁଇଟି ପିଲାଙ୍କୁ ଧରିନେଇ ଆସି କହିଲେ, ''ମା', ଏମାନେ ନିଆଁ ଲଗାଇଛନ୍ତି। ଫୁଲଘରର ପଛ ବାରନ୍ଦାରେ (ଏବେ ଯାହା ପୂଜାଲାଲଜୀଙ୍କ ଘର ବାରନ୍ଦା) କିଛି ପୁରୁଣା କାଗଜ ରଖାଯାଇଥିଲା। ଏମାନେ ସେହି କାଗଜର ସ୍ତୂପରେ ନିଆଁ ଲଗାଇ ଦେଇଛନ୍ତି।'' ଏସବୁ ଶୁଣି ମା'ଙ୍କ ଚେହେରା କ୍ରମେ ରୁଦ୍ରମୂର୍ତ୍ତି ଧାରଣ କଲା। ପିଲା ଦୁଇଟି ବଳି ପାଇଁ ଥିବା ପଶୁ ପରି କମ୍ପୁଥା'ନ୍ତି। ସେଦିନ ପ୍ରକୃତରେ ମା'ଙ୍କର ସେଇ ତେଜସ୍ୱୀ, ରୁଦ୍ର, ଭୟଙ୍କରୀ ମହାକାଳୀ ରୂପ ପ୍ରକାଶ ପାଇ ଯାଇଥିଲା। ବାଳୁତ ବୋଲି ପିଲା ଦୁଇଟି ସେଦିନ ରକ୍ଷା ପାଇଯାଇଥିଲେ। ଏମିତି ସ୍ଥିର ଦୃଷ୍ଟିରେ ମା' ପିଲା ଦୁଇଟିକୁ ଚାହିଁରହିଲେ ଯେ ଆମେ ମଧ୍ୟ ଭୟରେ କମ୍ପି ଉଠିଥିଲୁ। ତା' ପରେ ମା' ଦୁମ୍ ଦୁମ୍ କରି ଶିଢ଼ି ଦେଇ ଉପରକୁ ଉଠିଗଲେ। ସେଇ ତେଜୋମୟୀ, ରୁଦ୍ର ଓ ଭୟଙ୍କରୀ ରୂପର ପଦକ୍ଷେପରେ ଶିଢ଼ିର ପ୍ରତିଟି ପାହାଚ ଯେମିତି କମ୍ପିଉଠିଲା। ସ୍ତବ୍ଧ ହୋଇ ମା'ଙ୍କୁ ଚାହିଁ ଆମେ ଠିଆହୋଇ ରହିଥିଲୁ।

## ମହାସରସ୍ୱତୀ ରୂପେ ମା'

ଦୁର୍ଗା ପୂଜା, ଲକ୍ଷ୍ମୀ ପୂଜା, କାଳୀ ପୂଜା ପରି ସରସ୍ୱତୀ ପୂଜାରେ ମଧ୍ୟ ଆଶ୍ରମର ମେଡ଼ିଟେଶନ ହଲ ସୁନ୍ଦର ଭାବରେ ସଜାଯାଏ। ଏଇ ପୂଜାଦିନ ମା' ମହାସରସ୍ୱତୀଙ୍କୁ ସାଥିରେ ନେଇ ତଳକୁ ଓହ୍ଲାଇ ଆସୁଥିଲେ। ସେଦିନ ଆମେ ମା'ଙ୍କ ପାଖରୁ ବିଶେଷ ଆଶୀର୍ବାଦ ଫୁଲ ପାଉଥିଲୁ।

ମା' ତଳକୁ ଓହ୍ଲାଇ ଆସିବା ଦେଖି ସ୍ୱଭାବତଃ ଆମେ ପିଲାବେଳେ ସ୍କୁଲପିଲା ଓ ସାହିପିଲା ମିଶି ଫେଣୀରେ ବେଶ୍ ଧୁମଧାମରେ ଯେଉଁ ସରସ୍ୱତୀ ପୂଜା କରୁଥିଲୁ ସେହି କଥା ମନେପଡୁଥିଲା। କାହାର ସରସ୍ୱତୀ ମୂର୍ତ୍ତି ସବୁଠାରୁ ବେଶୀ ସୁନ୍ଦର ହୋଇଛି ଏଥିନେଇ ସବୁ ସାହି, ସ୍କୁଲ ଓ କଲେଜ ମଧ୍ୟରେ ଏକ ନୀରବ ପ୍ରତିଦ୍ୱନ୍ଦ୍ୱିତା ଚାଲୁଥିଲା। କି ଅପୂର୍ବ ସୁନ୍ଦର ମୂର୍ତ୍ତିସବୁ ଗଢ଼ା ହେଉଥିଲା ! ମନେ ହେଉଥିଲା ଶୁକ୍ଳବସନା ସୁନ୍ଦରୀ ଦେବୀ ସେଦିନ ସତରେ ଯେମିତି ଆମ ଭିତରେ ଉପସ୍ଥିତ ରହିଛନ୍ତି। ଶ୍ରଦ୍ଧା, ଭକ୍ତି, ଭଲପାଇବା ନେଇ ଆମେ ତାଙ୍କ ଚରଣରେ ପୁଷ୍ପାଞ୍ଜଳି ଦେଉଥିଲୁ। ଏଇ ପୂଜା ହେଉଛି ପିଲାମାନଙ୍କର ପୂଜା। ପୁଅପିଲାମାନେ ମିଶି ଛୋଟ ପାହାଡ଼ଟିଏ ତିଆରି କରୁଥିଲେ।

ପାହାଡ଼ରୁ ଝରଣାର ପାଣି ଝର ଝର ହୋଇ ବହିଯାଉଥିଲା। ଦୁଇପଟେ କେତେ ଫୁଲ, କେତେ ପକ୍ଷୀ, କେତେ ଜନ୍ତୁ ସେମାନେ ସଜାଇ ଦେଉଥିଲେ। ତା'ପରେ ଦୌଡୁଥିଲେ ପଳାଶ ଫୁଲ ତୋଳିବା ପାଇଁ। ଆମେ ଝିଅମାନେ ମଧ୍ୟ ଗେଣ୍ଡୁଫୁଲ ତୋଳିବା ପାଇଁ ଯାଉଥିଲୁ। ଫେଣୀ ହେଉଛି ଫୁଲର ଦେଶ। ବିରିଞ୍ଚି ଯିବାର ସାରା ରାସ୍ତାରେ ପଳାଶ ଫୁଲର ସମାରୋହ। ଦେବୀ ସରସ୍ୱତୀଙ୍କ ମୂର୍ତ୍ତିର ଚାରିପଟେ ପ୍ରତିଟି ପାହାଡ଼ ପଳାଶ ଫୁଲରେ ସଜାହେଉଥିଲା। ଏଇ ପୂଜାରେ ଗେଣ୍ଡୁ ଫୁଲ ଓ ପଳାଶ ଫୁଲ ନିବେଦନ କରାଯାଏ। ଆମେସବୁ ଆଞ୍ଜୁଳି ଭରି ପଳାଶ ଫୁଲ ନେଇ ମା'ଙ୍କ ଚରଣରେ ଅଞ୍ଜଳି ଦେଉଥିଲୁ। ପଣ୍ଡିତ ମହାଶୟ ଭକ୍ତି ସହକାରେ ଗମ୍ଭୀର କଣ୍ଠରେ ସ୍ତୋତ୍ର ପାଠ କରୁଥିଲେ। ତାଙ୍କ ସୁରରେ ସୁର ମିଳାଇ ଆମେ ମଧ୍ୟ ସ୍ତବଗୁଡ଼ିକ କହି ପୁଷ୍ପାଞ୍ଜଳି ଦେଉଥିଲୁ। ଫୁଲରେ ମା'ଙ୍କ ଚରଣ ଓ ଚାରିପାଖ ଭରିଯାଉଥିଲା।

ଏଠାରେ ମଧ୍ୟ ସରସ୍ୱତୀ ପୂଜା ଦିନ ପରିଚାନ୍ଦଦା', ଯତୀନଦା' ପ୍ରଚୁର ଗେଣ୍ଡୁ ଓ ପଳାଶ ଫୁଲ ତୋଳି ଆଣୁଥିଲେ। ଏଠାକୁ ଆସି ଜାଣିପାରିଥିଲି ଯେ ମା'ଙ୍କ ଚେୟାରର ଚାରିପାଖ ଏଇ ଫୁଲ ଦେଇ ସଜା ହୁଏ। ପଳାଶ ଫୁଲର ପ୍ରତୀକାତ୍ମକ ଅର୍ଥ ମା' ଦେଇଛନ୍ତି 'ଅତିମାନସିକ ସିଦ୍ଧିର ଆରମ୍ଭ' (Beginning of Supramental Realisation)। ମା ସରସ୍ୱତୀଙ୍କ ଉପସ୍ଥିତି ବିନା ଅନ୍ୟସବୁ ଦେବୀଙ୍କ କାର୍ଯ୍ୟ ସୁସମ୍ପନ୍ନ ହୁଏ ନାହିଁ। ଅତିମାନସ ସିଦ୍ଧିର ପୂର୍ଣ୍ଣତା ପାଇଁ ଏଇ ଦେବୀଙ୍କ ଉପସ୍ଥିତି ଅପରିହାର୍ଯ୍ୟ। ଏଇ ପଳାଶ ଫୁଲ ଦେଇ ତାଙ୍କୁ ପ୍ରକୃତି ଦେବୀ ଆହ୍ୱାନ କରନ୍ତି। ପଳାଶ ଓ ଗେଣ୍ଡୁ (Plasticity) ଏଇ ଦୁଇ ପ୍ରକାର ଫୁଲ ଦେବୀ ସରସ୍ୱତୀଙ୍କ ଚରଣରେ ନିବେଦନ କରି ଯୁଗ ଯୁଗ ଧରି ତରୁଣମାନେ ଅତିମାନସ ସିଦ୍ଧିର ପଥରେ ଆଗେଇ ଚାଲିଛନ୍ତି।

ଫେଣୀରେ ଆମେ ସବୁ ଝିଅମାନେ ଲାଲ ଧଡ଼ି ଥିବା ହଳଦିଆ ରଙ୍ଗର ଶାଢ଼ୀ ପିନ୍ଧି ଦଳ ଦଳ ପ୍ରଜାପତି ପରି ଘୁରିବୁଲୁଥିଲୁ। ଏଇ ଦେବୀଙ୍କ ପୂଜାରେ ହଳଦିଆ ରଙ୍ଗର ଶାଢ଼ୀ ପିନ୍ଧିବାକୁହିଁ ପଡୁଥିଲା। ସମସ୍ତେ ନିଜ ନିଜର ବହି, ଖାତା, କଲମ, ଦୁଆତ ସବୁ ମା'ଙ୍କ ଚରଣରେ ନିବେଦନ କରୁଥିଲୁ। ସମସ୍ତେ ମନେ ମନେ ପ୍ରାର୍ଥନା କରୁଥିଲୁ, ''ମାଗୋ, ମୋତେ ବିଦ୍ୟା, ବୁଦ୍ଧି ଦିଅ।'' ସନ୍ଧ୍ୟାବେଳେ ପୁଅପିଲାମାନେ ମା'ଙ୍କ ସାମନାରେ ଆରତୀ ନୃତ୍ୟ କରୁଥିଲେ। ପ୍ରାଣଭରି ଗଭୀର ଭଲପାଇବା ସହିତ ଧୂପ ଝୁଣା ଦେଇ ପିଲାମାନେ ଏମିତି ଭାବରେ ସରସ୍ୱତୀଙ୍କୁ ବରଣ କରୁଥିଲେ ଯେ ମନେହେଉଥିଲା ଦେବୀ ସମାଗତା। ପୂଜା ପରେ କେତେଦିନ ଧରି ସାହି ସାହିରେ ଥିଏଟର, ନାଚଗୀତ, ଆବୃତ୍ତି ଇତ୍ୟାଦି ଚାଲୁଥିଲା।

ଏମିତି ଭାବରେ ଏଇ ପ୍ରିୟ ଦେବୀ ସରସ୍ୱତୀଙ୍କର ଦିନେ ଚାକ୍ଷୁଷ ଦର୍ଶନ ଲାଭ

ହେବ ତାହା କେବେ ହେଲେ ଭାବି ନ ଥିଲି। ମନ ଆନନ୍ଦରେ ଭରିଉଠେ। ଜାଣିନି, ପିଲାବେଳର ସ୍ୱପ୍ନ କେମିତି ପୂର୍ଣ୍ଣ ହୋଇଥିଲା।

ଶ୍ରୀଅରବିନ୍ଦ ଲେଖିଛନ୍ତି, "ମହାସରସ୍ୱତୀ ମା'ଙ୍କ କର୍ମଶକ୍ତି, ତାଙ୍କ ପୂର୍ଣ୍ଣ ସୌଷ୍ଠବର ଓ ଶୃଙ୍ଖଳାର ପ୍ରେରଣା।"

ମା'ଙ୍କ ପ୍ରତିଦିନର କର୍ମଯଜ୍ଞର ନିଦର୍ଶନ ଆମମାନଙ୍କୁ ବିସ୍ମିତ କରୁଥିଲା। ପ୍ରତି ମୁହୂର୍ତ୍ତରେ କେମିତି ନିଖୁଣ ଭାବରେ କାମ କରାଯାଇପାରେ ମା'ଙ୍କ କାମରେ ତାହାହିଁ ଦେଖିବାକୁ ମିଳୁଥିଲା। ମା' ମଧ୍ୟ ଆମଠାରୁ ସବୁବେଳେ ନିଖୁଣ, ନିର୍ଭୁଲ୍ କାମ ପ୍ରତ୍ୟାଶା କରୁଥିଲେ। କୌଣସି ତ୍ରୁଟି ସେ ସହ୍ୟ କରିପାରୁ ନ ଥିଲେ। ଏଠାରେ ଗୋଟିଏ ମଜାର କଥା ମନେପଡୁଛି। ସେତେବେଳେ ପ୍ରେସରେ ନୂଆ କରି ବହି ଛପାଇବା ଆରମ୍ଭ ହୋଇଥାଏ। ଛପାହୋଇଥିବା କେତେଗୁଡ଼ିଏ ବହି ମା'ଙ୍କ ପାଖକୁ ପଠାଯାଇଥିଲା। ଯେଉଁ ପୃଷ୍ଠାରେ ଭୁଲବଶତଃ 't' ବଦଳରେ 'f' କମ୍ପୋଜ୍ କରାଯାଇଥିଲା, ମା'ଙ୍କ ଆଖିରେ ଠିକ୍ ସେହି ଶବ୍ଦଟିହିଁ ପଡ଼ିଲା ! କି କାଣ୍ଡ ! ସବୁ ବହି ଖୋଲି ପୁଣି 'f'କୁ ଲିଭାଇ 't' ବସାଇବାକୁ ଆମେ ଲାଗିପଡ଼ିଲୁ। ନୀରବରେ ମନୋଯୋଗ ସହକାରେ ଆମେ କାମରେ ଲାଗିପଡ଼ିଲୁ। ଆମମାନଙ୍କର ସେଇ ନିଖୁଣ କାମ ଦେଖି ମା' ଖୁବ୍ ଖୁସି। ଆଶ୍ଚର୍ଯ୍ୟର କଥା ହେଉଛି ପ୍ରୁଫ୍ ରିଡ଼ିଂ ବା ଛପାଇବାରେ କୌଣସି ଭୁଲ୍ ଆମ ଆଖିରେ ଧରା ନ ପଡ଼ିଲେ, ସେଇ ଭୁଲ୍ ମା'ଙ୍କ ଆଖିରେ ଠିକ୍ ଧରାପଡୁଥିଲା। ଆଶ୍ରମର ଯେଉଁସବୁ ବିଭିନ୍ନ ବିଭାଗ ଗଢ଼ିଉଠିଛି ସେସବୁ ମା' ସରସ୍ୱତୀଙ୍କ ଅକ୍ଳାନ୍ତ, ନିପୁଣ ଓ ଅତନ୍ଦ୍ରକର୍ମର ସକ୍ରିୟ ନିଦର୍ଶନ।

ଶ୍ରୀଅରବିନ୍ଦ ଲେଖିଛନ୍ତି, "ଆମମାନଙ୍କ ଅଧୀରତା ପାଖରେ ତାହା (ମହାସରସ୍ୱତୀଙ୍କ କର୍ମଧାରା) ବହୁତ ସମୟରେ ମନେହୁଏ ଯେପରି ମନ୍ଥର ଏବଂ ଅନ୍ତହୀନ; କିନ୍ତୁ ଯଥାର୍ଥରେ ତାଙ୍କର କାର୍ଯ୍ୟ ନିରବଚ୍ଛିନ୍ନ, ସର୍ବାଙ୍ଗୀଣ ଓ ନିର୍ଦୋଷ।"

ଘଣ୍ଟା ପରେ ଘଣ୍ଟା କି ଅସୀମ ଧୈର୍ଯ୍ୟର ସହିତ ସବୁ ବିଭାଗର କର୍ମକର୍ତ୍ତାମାନଙ୍କ ସହିତ ସେ ଆଲୋଚନା କରୁଥିଲେ ! ଦିନ ପରେ ଦିନ, ବର୍ଷ ପରେ ବର୍ଷ ଏମିତି ଭାବରେ ମା' ମହାସରସ୍ୱତୀ ରୂପେ ଆମ ସମସ୍ତଙ୍କ ମଧ୍ୟରେ ସେ କାମ କରି ଚାଲିଥିଲେ।

ଦିନେ ମା'ଙ୍କ ପାଖକୁ ଯିବୁ ବୋଲି ସମସ୍ତେ ହାତରେ ଫୁଲ ଧରି ଶିଡ଼ିରେ ଅପେକ୍ଷା କରିଥାଉ। କିନ୍ତୁ କେହି ଜଣେ ହେଲେ ପ୍ରଣାମ କରିସାରି ଓହ୍ଲାଉ ନ ଥା'ନ୍ତି। ଧୈର୍ଯ୍ୟହରା ହୋଇ ଆମେ ଉଙ୍କିମାରି ଦେଖିଲୁ ମା' କିଶୋରଟିଏ ସହିତ କଥା କହି ଚାଲିଛନ୍ତି। ଆମେ ସମସ୍ତେ ବିସ୍ମିତ ! ପୁଣି ଦେଖିଛି କେବେ କେବେ ପ୍ଲେ-ଗ୍ରାଉଣ୍ଡରେ

ଗୋଟିଏ କୋଣକୁ କୌଣସି ଝିଅକୁ ଡାକିନେଇ କ'ଣ ସବୁ ବୁଝାଉଛନ୍ତି। ସାକ୍ଷାତ୍କାର ରୁମ୍‌ରେ ହୁଏତ କାହା ସହିତ କଥା କହିଚାଲିଛନ୍ତି। ଏପଟେ ମା' ନ ଆସିଲେ ପ୍ରଣବ ମାର୍ଚ୍ଚିଂ ବନ୍ଦ କରିପାରୁ ନାହିଁ। ସମସ୍ତେ ସେମିତି ମାର୍ଚ୍ଚିଂ କରିଚାଲିଥା'ନ୍ତି। ମା' ସାକ୍ଷାତ୍କାର ରୁମ୍‌ରୁ ବାହାରି ଆସିଲେ। କୌଣସି ବ୍ୟସ୍ତତା ନାହିଁ। ଧୀର ଶାନ୍ତ ତାଙ୍କର ପ୍ରତିଟି ପଦକ୍ଷେପ। ନିପୁଣ ଭାବରେ କୌଣସି କାମ ଶେଷ ନ ହେବା ପର୍ଯ୍ୟନ୍ତ ସେ କେବେହେଲେ ଧୈର୍ଯ୍ୟ ହରାଉ ନ ଥିଲେ। ମା'ଙ୍କୁ ଦେଖି ଆମେ କେତେ କ'ଣ ଶିଖିଛୁ।

ଦିନେ ମୁଁ ମା'ଙ୍କୁ Bonjour ବୋଲି କହି ତାଙ୍କ କୋଠରିକୁ ପଶିଲି। ଆଶୀର୍ବାଦ ଫୁଲ ନେଇ କାମକୁ ଯିବି। ସମୟ ହୋଇ ଯାଇଥାଏ। ମା' Bonjour ବୋଲି କହି ନିଜ କାମରେ ବୁଡ଼ିଗଲେ। କି କାମ! ଗୋଟିଏ ଗୋଟିଏ କରି ଗୋଲାପସବୁ ବିଭିନ୍ନ ଫୁଲଦାନୀରେ ସଜାଉଥା'ନ୍ତି। ଯେମିତି କୌଣସି ବ୍ୟସ୍ତତା ନାହିଁ। ମୋ ପଛରେ କେତେ ଲୋକ ପାହାଚ ଉପରେ ଅପେକ୍ଷା କରି ଠିଆହୋଇଥା'ନ୍ତି। ଆଉ ମୋ ଭାଗ୍ୟରେ ପ୍ରାୟ ମା'ଙ୍କ ଫୁଲ ସଜାଇବା ସମୟ ପଡ଼େ। ଛିଡ଼ାହୋଇ ମା'ଙ୍କ ଫୁଲ ସଜାଇବା ଦେଖୁଥାଏ ଆଉ ଭାବୁଥାଏ, ମା' ମୋତେ ଏଇସବୁ ଫୁଲ ସଜାଇବାକୁ କହିଲେ ମୁଁ ଖୁବ୍ ଶୀଘ୍ର କରିଦିଅନ୍ତି। ମା'ଙ୍କର କେତେ ସମୟ ଲାଗୁଛି! ମା' ମୋତେ ଟିକିଏ ଚାହିଁ ପୁଣି ନିଜ କାମରେ ବୁଡ଼ିଗଲେ। ମୋତେ ବୁଝିବାକୁ ବହୁ ବର୍ଷ ଲାଗିଥିଲା ଯେ ପ୍ରତି ମୁହୂର୍ତ୍ତରେ ନିଖୁଣ ଭାବରେ କାମ କରିବାକୁ ମା' ଆମକୁ ଶିକ୍ଷା ଦିଅନ୍ତି। ଆମର ଲକ୍ଷ୍ୟ ହେଉଛି ପୂର୍ଣ୍ଣତା। ସେଥିପାଇଁ ଯେତେ ସମୟ ଲାଗିଲେ ମଧ୍ୟ ମା' ତାଙ୍କ ପ୍ରତିଟି ସନ୍ତାନର, ପ୍ରତିଟି ବିଭାଗର ଟିକିନିଖି ସବୁ କାମ ଦେଖୁଥିଲେ, ଏବେ ବି ଦେଖୁଛନ୍ତି। ମା' ଗୋଟିଏ ଫୁଲର ପ୍ରତୀକାତ୍ମକ ଅର୍ଥ ଦେଇଛନ୍ତି 'ମହାସରସ୍ୱତୀଙ୍କ ପୂର୍ଣ୍ଣତା' (Mahasaraswati's Perfection)। ମା'ଙ୍କର ସେଇ ଅକ୍ଳାନ୍ତ, ଅତନ୍ଦ୍ର କର୍ମଶକ୍ତିକୁ ଅନୁକରଣ କରିବାର ସୌଭାଗ୍ୟ ଆମର ହୋଇଥିଲା। ତାଙ୍କ ପାଖରେ ଛୋଟ ବା ବଡ଼ କାମ ବୋଲି କିଛି ନାହିଁ। ଯେକୌଣସି କାମକୁ ନିପୁଣ ଭାବରେ କରିବା ହେଲା ମହାସରସ୍ୱତୀଙ୍କ ମୂଳ ଲକ୍ଷ୍ୟ। ଦିନରାତି ଅକ୍ଳାନ୍ତ ପରିଶ୍ରମ କରି ମା' ଯେମିତି ଆମ ପ୍ରତ୍ୟେକଙ୍କ ମଧ୍ୟରେ କାର୍ଯ୍ୟ କରୁଥିଲେ ତା'ର ଅନେକ ଉଦାହରଣ ରହିଛି।

ଶ୍ରୀଅରବିନ୍ଦ ଲେଖିଛନ୍ତି, "ସେ ଊର୍ଦ୍ଧ୍ୱରୁ ଆନତ ହୋଇ ଆମକୁ ଘେରିରହିଛନ୍ତି, କ୍ଷୁଦ୍ରାଦପି କ୍ଷୁଦ୍ର ପ୍ରତିଟି ଅଙ୍ଗକୁ ନିରୀକ୍ଷଣ କରନ୍ତି, ସ୍ପର୍ଶ କରନ୍ତି, ଯେତେ ସାମାନ୍ୟ ହେଲେ ମଧ୍ୟ ପ୍ରତିଟି ଦୋଷ, ତ୍ରୁଟି, କୁଟିଳତା, ଅପୂର୍ଣ୍ଣତାକୁ ଖୋଜି ବାହାର କରନ୍ତି ଏବଂ ତାଙ୍କ କାର୍ଯ୍ୟ କେତେ ହୋଇଛି ଓ କେତେ ହେବାକୁ ବାକି ଅଛି ତାହା ବିଚାର କରି ଦେଖନ୍ତି। ତାଙ୍କ ଦୃଷ୍ଟିରେ ଅତିଶୟ କ୍ଷୁଦ୍ର ବା ଆପାତ ନଗଣ୍ୟ ବୋଲି କିଛି ନାହିଁ।"

# ଗଛପତ୍ର ସହିତ ମା'ଙ୍କର ନିବିଡ଼ ସମ୍ପର୍କ

ଟେନିସ୍ ଖେଳିସାରିବା ପରେ ମା' ପ୍ଲେ-ଗ୍ରାଉଣ୍ଡକୁ ଆସି କିଛି ସମୟ ସେଠାରେ ପଦଚାରଣା କରୁଥିଲେ। ସେତେବେଳେ ପିଲାମାନେ ଖେଳିବାରେ ବ୍ୟସ୍ତ ଏବଂ କ୍ୟାପ୍ଟେନ୍‌ମାନେ ନିଜ ନିଜର ଗ୍ରୁପ୍ ସମ୍ଭାଳିବାରେ ବ୍ୟସ୍ତ। ସେସମୟରେ ପ୍ଲେ-ଗ୍ରାଉଣ୍ଡର ଉତ୍ତର ଦିଗରେ ସାନ ପିଲାମାନଙ୍କ ପାଇଁ ଗୋଟିଏ ବୋର୍ଡ଼ିଂ ଥିଲା। ଏଇ ବୋର୍ଡ଼ିଂର କାନ୍ଥକୁ ଲାଗି ଗୋଟିଏ ନିମ୍ବ ଗଛ ଥିଲା। ଖୁବ୍ ସୁନ୍ଦର ଥିଲା ଏଇ ନିମ୍ବ ଗଛଟି। ଫୁଲ ଫୁଟିବା ସମୟରେ ଆଖି ଫେରାଇହେଉ ନ ଥିଲା। ପୂରା ପ୍ଲେ-ଗ୍ରାଉଣ୍ଡ ନିମ୍ବ ଫୁଲର ସୁମଧୁର ବାସ୍ନାରେ ଭରିଯାଉଥିଲା। ମା' ନିମ୍ବ ଫୁଲର ନାଁ ଦେଇଛନ୍ତି 'ଆଧ୍ୟାତ୍ମିକ ବାତାବରଣ' (Spiritual Atmosphere)। ପରେ ଗୋଟିଏ ଘର ତିଆରି କରିବା ପାଇଁ ସେଇ ପୁରୁଣା ଘରଟି ଭାଙ୍ଗିବାକୁ ହେଲା ଏବଂ ତା' ସହିତ ସେଇ ନିମ୍ବ ଗଛଟିକୁ ମଧ୍ୟ ସେଠାରୁ ଉପାଡ଼ି ନିଆଗଲା।

ପ୍ରଥମ ଦିନରୁ ମା'ଙ୍କ ସହିତ ଏକା ପଦଚାରଣା କରିବାର ସୌଭାଗ୍ୟ ମୋର ହୋଇଥିଲା। ଦିନେ ହଠାତ୍ ମା' ଟେନିସ୍ ଗ୍ରାଉଣ୍ଡରେ ମୋତେ କହିଲେ, "ଆମେ ପ୍ଲେ-ଗ୍ରାଉଣ୍ଡକୁ ଯାଇ କିଛି ସମୟ ଚାଲିବା।" ଚାଲୁ ଚାଲୁ ସେଇ ନିମ୍ବ ଗଛ ପାଖକୁ ଆସି କାନ୍ଥକୁ ଆଉଜି ମା' ଟିକିଏ ବିଶ୍ରାମ ନେଉଥିଲେ ଏବଂ ନାନା ପ୍ରକାର ଗଳ୍ପ କହୁଥିଲେ। ସେଇ ନିମ୍ବ ଗଛଟିକୁ ମା' ଖୁବ୍ ଭଲପାଉଥିଲେ। ସେଇ ଗଛର ଫୁଲଗୁଡ଼ିକ ପ୍ଲେ-ଗ୍ରାଉଣ୍ଡକୁ ଆଧ୍ୟାତ୍ମିକ ବାତାବରଣ ନେଇ ଆସୁଥିଲେ। ଗଛଟି ଏତେ ସୁନ୍ଦର ହୋଇ ଉଠିଥିଲା ଯେ କହି ହେବ ନାହିଁ। ମା'ଙ୍କ ଭଲପାଇବା ଯେମିତି ତା'ର ଜୀବନୀଶକ୍ତିକୁ ବଢ଼ାଇ ଦେଇଥିଲା। କଦମ୍ବ ଗଛ ମୂଳରେ ବଂଶୀ ବଜାଇ ଶ୍ରୀକୃଷ୍ଣ ଯେମିତି ବିଶ୍ୱ ଚରାଚରରେ ତାଙ୍କ ମର୍ମସ୍ପର୍ଶୀ ଆହ୍ୱାନ ଓ ଭଲପାଇବା ବିଛାଡ଼ି ଦେଇଥିଲେ ଠିକ୍ ସେମିତି ନିମ୍ବ ଗଛ ମୂଳରେ ମା' ବିଶ୍ୱବାସୀଙ୍କ ପାଇଁ ଆଧ୍ୟାତ୍ମିକ ବାତାବରଣ ବିଛାଡ଼ି ଦେଉଥିଲେ। ମା' କଦମ୍ବ ଫୁଲର ନାଁ ଦେଇଛନ୍ତି 'ଅତିମାନସିକ ସୂର୍ଯ୍ୟ' (Supramental Sun)। ଡାଃ ପାଟିଲ୍‌ଙ୍କ ଅଗଣାରେ ଗୋଟିଏ କଦମ୍ବ ଗଛ ଥିଲା। ଗଛଟି ଫୁଲରେ ଭରିଯାଉଥିଲା। ଏବେ ବି ସେଇ ଗଛଟି କଥା ମନେପଡ଼େ।

ଗଛପତ୍ର କାଟିବା ବା ଅକାରଣରେ ପତ୍ର, ଫୁଲ, ଫଳ ଛିଣ୍ଡାଇବା ମା' ଆଦୌ ପସନ୍ଦ କରୁ ନ ଥିଲେ। ଶୁଣିଛି, ଗଛମାନେ ଯାଇ ମା'ଙ୍କୁ ନାଲିଶ କରୁଥିଲେ। ଅରୋଭିଲ୍‌ର ସେଇ ବିଖ୍ୟାତ ବରଗଛ ଦିନେ ମା'ଙ୍କ ପାଖରେ ତା'ର ଦୁଃଖ ଜଣାଇଲା। ବରଗଛର କ'ଣ ହୋଇଛି ଦେଖିବାକୁ ଭୋରରୁ ମା' ଜଣେ ସାଧକକୁ

ଅରୋଭିଲ୍ ପଠାଇଲେ। ସାଧକ ଜଣକ ଯାଇ ଦେଖିଲେ ଯେ ଗଛର ଗଣ୍ଡିରେ କେହି କୁରାଢ଼ିଟିଏ ଚୋଟମାରି ରଖିଦେଇଛି। ସେ ସଙ୍ଗେ ସଙ୍ଗେ କୁରାଢ଼ିଟିକୁ ବାହାର କରିଦେଲେ ଏବଂ ଫେରିଆସି ମା'ଙ୍କୁ ଏ ଖବର ଦେଲେ। ଏମିତି ଭାବରେ ଗଛପତ୍ରଙ୍କ ସହିତ ମା'ଙ୍କର ନିବିଡ଼ ବନ୍ଧୁତ୍ୱ ନେଇ ଅନେକ କଥା ରହିଛି।

ଫ୍ରାନ୍ସରେ ଗୋଟିଏ ବିଖ୍ୟାତ ବଗିଚାକୁ ମା' ବୁଲିବାକୁ ଯାଉଥିଲେ। ସେଇ ବଗିଚାରେ ବିରାଟ ବିରାଟ ପୁରୁଣା ଗଛସବୁ ଥିଲା। ଗୋଟିଏ ଗଛ ମୂଳରେ ବସି ମା' ଧ୍ୟାନ କରୁଥିଲେ। ଦିନେ ସବୁ ଗଛମାନେ ଆସି ମା'ଙ୍କୁ ସେମାନଙ୍କ ଦୁଃଖ ଜଣାଇଲେ। ସେମାନେ ଜଣାଇଲେ ଯେ ସବୁ ପୁରୁଣା ଗଛମାନଙ୍କୁ କାଟି ଦିଆଯିବ ବୋଲି ଠିକ୍ କରାଯାଇଛି। ନାଲିଶଟି ଥିଲା ସେମାନଙ୍କ ଭାଷାରେ। ଏମିତି ଘଟଣା ଯେ ଘଟିପାରେ ତାହା ତ ଆମ କଳ୍ପନାର ବାହାରେ ।

ପ୍ରତି ମାସର ପହିଲା ତାରିଖରେ ମା' ନିଜ ହାତରେ ଆଶ୍ରମବାସୀମାନଙ୍କୁ ସେମାନଙ୍କର ପ୍ରୟୋଜନୀୟ ଜିନିଷସବୁ (ପ୍ରସ୍ପରିଟି) ଦେଉଥିଲେ। ଦିନ ଦୁଇଟା ଅଢ଼େଇଟା ସମୟରେ ପବିତ୍ରଦା'ଙ୍କ ଘର ଭିତର ଦେଇ ମା' ଏପଟର ଘରକୁ ଅର୍ଥାତ୍ ଯେଉଁଠାରେ ଏକଦା ମା' ଓ ଶ୍ରୀଅରବିନ୍ଦ ବାସ କରୁଥିଲେ ସେହି ଘରର ଦକ୍ଷିଣମୁଖି କୋଠରିକୁ ଆସି ଗୋଟିଏ ଚେୟାରରେ ବସୁଥିଲେ। ଧାଡ଼ିବାନ୍ଧି ସମସ୍ତେ ମା'ଙ୍କ ହାତରୁ ସେ ମାସର ପ୍ରସ୍ପରିଟି ନେଉଥିଲେ। ମାସର ପ୍ରଥମ ଦିନଟି ଥିଲା ମା'ଙ୍କ ପାଇଁ ଖୁବ୍ ବ୍ୟସ୍ତତାପୂର୍ଣ୍ଣ ଦିନ। ସକାଳଠାରୁ ବିଭିନ୍ନ କାମର ବ୍ୟସ୍ତତା। ଆମେ ହଠାତ୍ ଖବର ପାଉଥିଲୁ ଯେ ମା' ଆସିଯାଇଛନ୍ତି। ମା' ଯେ ଏକା ବସିଛନ୍ତି! ତେଣୁ କିଏ ଆଗ ଶିଢ଼ିରେ ଉଠି ମା'ଙ୍କ ପାଖରେ ପହଁଞ୍ଚିପାରୁଛି ସେଥିପାଇଁ ରାସ୍ତାରେ ଦୌଡ଼ାଦୌଡ଼ି ଆରମ୍ଭ ହୋଇଯାଉଥିଲା। କିନ୍ତୁ ମା'ଙ୍କ ସାଥିରେ ତାଳ ଦେବା କାହାରି ପକ୍ଷରେ ସମ୍ଭବ ହେଉ ନ ଥିଲା। ଏହା କହିବା ବାହୁଲ୍ୟ। ଏମିତି ବିଦ୍ୟୁତ୍ ଗତିରେ ସେ ସବୁକିଛି କରିଯାଉଥିଲେ ଯେ ମେସିନ୍ ମଧ୍ୟ ହାର ମାନିବ। ମା'ଙ୍କ ହାତରୁ ତରତରରେ ଆଶୀର୍ବାଦ ଫୁଲ ନେବା ସମୟରେ ଆମେ ଏତେ ଘାବରାଇ ଯାଉଥିଲୁ ଯେ ହାତରୁ ଆଶୀର୍ବାଦ ଫୁଲ ଖସିପଡୁଥିଲା।

ଗୋଟିଏ ମଜାର ଘଟଣା ମନେପଡୁଛି। କୌଣସି ଗୋଟିଏ ପ୍ରସ୍ପରିଟି ପାଇବା ଦିନ ମୁଁ ତରତର ହୋଇ ଆଶ୍ରମକୁ ଯାଉଥିଲି। ଜାଣିଥିଲି ଯେ ମା' ଆସିଯାଇଛନ୍ତି। ରାସ୍ତାରେ ଠିକ୍ ମୋ ଆଗେ ଆଗେ ଜଣେ ଭଦ୍ରଲୋକ ତାଙ୍କ ଛୋଟ ପୁଅଟିକୁ ନେଇ ଆଶ୍ରମକୁ ଯାଉଥିଲେ। ସେ ମଧ୍ୟ ବେଶ୍ ଶୀଘ୍ର ଚାଲୁଥିଲେ ଆଉ ମଝିରେ ମଝିରେ ପଛକୁ ଚାହିଁ ପୁଅକୁ ତାଗିଦା ଦେଉଥିଲେ ଶୀଘ୍ର ଆସିବାକୁ। ବିଚରା ପିଲାଟି ଏତେ ସାନ

ଥିଲା ଯେ ବାପାଙ୍କ ସହିତ ତାଳ ମିଳାଇ ଚାଲିପାରୁ ନ ଥାଏ। ପିଲାଟି ତା' ବାପାଙ୍କୁ କହୁଥାଏ, ''ମୁଁ ତୁମ ପରି ଏତେ ଶୀଘ୍ର କେମିତି ଚାଲିପାରିବି କହିଲ ? ମୁଁ ଯେ ଶିଶୁ।'' ତା' ବାପା ରାଗିଯାଇ କହିଲେ, ''ଶିଶୁ ନୁହେଁ, ତୁ ଗୋଟିଏ ପଶୁ।'' ଏକଥା ଶୁଣି ମୁଁ ଆଉ ହସ ସମ୍ଭାଳି ପାରୁ ନ ଥାଏ। ହସି ହସି ବେଦମ୍ ହୋଇ ମୁଁ ଫୁଟ୍‌ପାଥ୍ ଉପରେ ବସିପଡ଼ିଲି। ସେମାନେ ଆଗେଇଯିବା ପରେ ପୁଣି ଚାଲିବାକୁ ଲାଗିଲି।

ଦିନେ ପ୍ରସ୍ପରିଟି ବିତରଣ କରି ସାରି ମା' ଘରୁ ବାହାରି ଆସିଲେ। ଛାତରେ ଥିବା ଗୋଲାପ ଗଛରେ ଅନେକଗୁଡ଼ିଏ ଗୋଲାପ ଫୁଟିଥିଲା। ସେତେବେଳେ ଦେଖ୍ ପ୍ରଖର ଖରା ହୋଇଥାଏ। ପବିତ୍ରଦା'ଙ୍କ ଘର ଭିତର ଦେଇ ବାରଣ୍ଡାକୁ ବାହାରି ଆସି ମା' ପ୍ରାୟ ଚିତ୍କାର କରିବା ପରି କହିଉଠିଲେ, ''ସେମାନଙ୍କୁ କାଟ ନାହିଁ, କାଟ ନାହିଁ।'' ମା'ଙ୍କ କଥା ଶୁଣି ନଳିନୀଦା', ପବିତ୍ରଦା', ଅମୃତଦା' ଇତ୍ୟାଦି ଯେଉଁମାନେ ସେଠାରେ ଥିଲେ ଖୁବ୍ ଅବାକ୍ ହୋଇଗଲେ।

ମା' କହିଲେ, ''ସେଇ ଗୋଲାପ ଫୁଲଗୁଡ଼ିକ ମୋତେ କହିଛନ୍ତି ଯେ ଏଇ ଅସମୟରେ ସେମାନଙ୍କୁ ଯେମିତି କଟା ନ ଯାଏ।'' ବିଚରା ସାଧକ ଜଣକ ଯିଏ କି ମା'ଙ୍କୁ ଗୋଲାପଗୁଡ଼ିକ ଦେବେ ବୋଲି କାଟିବାକୁ ଯାଉଥିଲେ ସେ ଭୀଷଣ ଅପ୍ରସ୍ତୁତ ହୋଇଗଲେ। ଠିକ୍ ଏମିତି ଭାବରେ ଜାପାନରେ ମା'ଙ୍କ ଘରେ ଯେଉଁ ବଗିଚା ଥିଲା ସେଥିରୁ ଗାଜର ଓ ଅନ୍ୟାନ୍ୟ ପରିବା ତୋଳିବା ସମୟରେ ସେଗୁଡ଼ିକ ମଧ୍ୟରୁ କେତେକ କହୁଥିଲେ, ''ମୋତେ ନିଅ, ମୋତେ ନିଅ।'' ପୁଣି ଯେଉଁଗୁଡ଼ିକ କଷି ସେସବୁ କହୁଥିଲେ, ''ମୋତେ ନିଅ ନା, ମୋତେ ନିଅ ନା।'' ଭାବିଲେ ଅବାକ୍ ଲାଗେ। ସବୁକିଛି ସହିତ ମା'ଙ୍କର କେମିତି ଅବିଚ୍ଛିନ୍ନ ଯୋଗାଯୋଗ ରହିଛି। ମା'ଙ୍କ ସହିତ ଗଛପତ୍ରର ଯୋଗସୂତ୍ର ରହିଛି ଏହାହିଁ ଆମେ ଏସବୁ ଘଟଣାରୁ ଜାଣିପାରୁ। ଆହୁରି ଆମେ ଜାଣିପାରୁ ଯେ ଗଛମାନେ କଥା କହନ୍ତି। ଏକଥା କିନ୍ତୁ ଏପର୍ଯ୍ୟନ୍ତ ବୈଜ୍ଞାନିକମାନେ ଆବିଷ୍କାର କରିପାରି ନାହାନ୍ତି। ଅବଶ୍ୟ ଜଗଦୀଶଚନ୍ଦ୍ର ବୋଷ କହିଛନ୍ତି ଯେ ଗଛର ପ୍ରାଣ ଅଛି। ଆମମାନଙ୍କ ପରି ସେମାନଙ୍କର ବେଦନା ବୋଧ କରିବାର ଶକ୍ତି ରହିଛି। ଗଛପତ୍ରଙ୍କର ମଧ୍ୟ ଚେତନା ରହିଛି। ସେମାନେ ମଧ୍ୟ ସୁଖ, ଦୁଃଖ, ବ୍ୟଥା, ଯନ୍ତ୍ରଣା ଅନୁଭବ କରନ୍ତି। 'କ୍ରୋସ୍‌କୋଗ୍ରାଫ୍' ନାମକ ଏକ ଯନ୍ତ୍ର ବାହାର କରି ତା' ଦ୍ୱାରା ସେ ଏସବୁ ପ୍ରମାଣ କରିଥିଲେ। ଏହି ଆବିଷ୍କାର ପରେ ବିଜ୍ଞାନ ଜଗତରେ ଗୋଟିଏ ନୂଆ ଯୁଗର ସୃଷ୍ଟି ହେଲା। ଦେଶ ବିଦେଶର ବୈଜ୍ଞାନିକମାନେ ଜଗଦୀଶଚନ୍ଦ୍ରଙ୍କୁ ସମ୍ମାନ ଦେଲେ।

ପ୍ଲେ-ଗ୍ରାଉଣ୍ଡରେ ଥିବା ନିମ୍ବ ଗଛଟିକୁ କିନ୍ତୁ କଟାଯାଇ ନ ଥିଲା। ପ୍ରଣବ ଏବଂ

ବୟସ୍କ ଲୋକମାନେ ସମସ୍ତେ ଜାଣିଥିଲେ ଗଛମାନଙ୍କ ପ୍ରତି ମା'ଙ୍କର କେତେ ଭଲପାଇବା ରହିଛି। କିନ୍ତୁ ନିମ୍ବ ଗଛଟିକୁ ତ ସେହି ଜାଗାରୁ ଘୁଞ୍ଚାଇବାକୁ ପଡ଼ିବ। ତେଣୁ ଠିକ୍ କରାଗଲା ଯେ କ୍ରେନ୍ ଦ୍ୱାରା ଧୀରେ ଧୀରେ ଗଛଟିକୁ ମାଟିରୁ ଓପାଡ଼ି ବାହାର କରାଯିବ ଯେମିତି ତାକୁ କଷ୍ଟ ନ ହୁଏ। ବେଶ୍ ଧୈର୍ଯ୍ୟ ଓ ପରିଶ୍ରମ ସହକାରେ ଗଛଟିକୁ ଉପାଡ଼ି ଡାଇନିଂ ରୁମ୍‌ର ଗେଟ୍ ପାଖରେ ଥିବା ବଗିଚାରେ ପୁଣି ଲଗା ହେଲା। କିନ୍ତୁ ବିଚରା ନିମ୍ବ ଗଛଟି ଏତେ ଧକ୍କା ସହ୍ୟ କରିପାରିଲା ନାହିଁ। ମରିଗଲା। ଆମେ ସମସ୍ତେ କୌଣସି ଆତ୍ମୀୟଙ୍କ ବିୟୋଗ ହେଲା ପରି କଷ୍ଟ ଅନୁଭବ କଲୁ। ତୁମମାନଙ୍କୁ ଅବାକ୍ ଲାଗୁଛି କି? କିନ୍ତୁ ଆମେମାନେ ତ ମା'ଙ୍କ ପାଖରୁ ଗଛମାନଙ୍କୁ ଭଲପାଇବାକୁ ଶିଖିଛୁ।

ଏବେ ସାରା ବିଶ୍ୱରେ ଗଛପତ୍ରମାନଙ୍କୁ ନେଇ କେତେ ପରିକଳ୍ପନା ଚାଲିଛି। ଗଛ କାଟି କାଟି ସବୁ ଦେଶ ମରୁଭୂମି ହେବାକୁ ବସିଲାଣି। ତେଣୁ ଏବେ ସମସ୍ତଙ୍କ ମୁଣ୍ଡରେ ଚିନ୍ତା ପଶିଛି। ଗଛମାନେ ଆମର ଯେ କେତେ ଉପକାରୀ ତାହା ଏବେ ସମସ୍ତେ ବୁଝିଲେଣି। ସବୁ ଦେଶରେ ଗଛ ଲଗାଇବାକୁ ଚେଷ୍ଟା ଚାଲିଛି। ସେଥିପାଇଁ କେତେ କାର୍ଯ୍ୟକ୍ରମ ହେଉଛି। ବୃକ୍ଷରୋପଣ ଦିବସ ପାଳନ କରାଯାଉଛି।

ନିମ୍ବ ଗଛ କଥା କହିବାକୁ ଯାଇ ଏତେ ସବୁ କହିଲି। ଏବେ ଅସଲ କଥାକୁ ଆସୁଛି। ପଦଚାରଣା କରୁ କରୁ ମା' ଆସି ନିମ୍ବ ଗଛ ତଳେ ଠିଆହେଲେ। କହିଲେ, "ଜାଣ, ପ୍ରତ୍ୟେକ ମୁହୂର୍ତ୍ତରେ ସମସ୍ତଙ୍କୁ ପରୀକ୍ଷା ଦେବାକୁ ହୁଏ।"

ଚମକି ଉଠିଲି। ପରୀକ୍ଷା? ସ୍କୁଲ କଲେଜରେ ପଢ଼ା ଶେଷ କରି ଏଠାକୁ ଆସିଲି। ଆସି ସ୍ୱସ୍ତିରେ ନିଶ୍ୱାସ ମାରିଥିଲି। ପରୀକ୍ଷା କଥା କହିବାରୁ ସେଇ ସ୍କୁଲ କଲେଜର ପରୀକ୍ଷା କଥା ମନରେ ଆସିଲା। ପରୀକ୍ଷା ପ୍ରତି ଥିଲା ମୋର ପ୍ରଚଣ୍ଡ ଭୟ। ଏବେ ମଧ୍ୟ ସ୍ୱପ୍ନରେ ଦେଖେ ପରୀକ୍ଷା ଦେବାକୁ ହଲ୍‌ରେ ପଶୁଛି। ସମସ୍ତେ ନିଜ ନିଜ ଜାଗାରେ ବସି ପ୍ରଶ୍ନପତ୍ର ପଢ଼ି ଲେଖିବାକୁ ଆରମ୍ଭ କଲେଣି। ମୁଁ କିନ୍ତୁ ପ୍ରଶ୍ନପତ୍ର ପଢ଼ି ଚମକି ଉଠୁଛି। ଏ କ'ଣ? ଆଜି ତ ଇତିହାସର ପରୀକ୍ଷା ହେଉଛି। ଆଉ ମୁଁ ତ ଇଂରାଜୀ ପଢ଼ି ଆସିଛି! ଏବେ କ'ଣ କରିବି? କି ଡର ଲାଗେ ବୁଝାଇ ପାରିବି ନାହିଁ। ସେଇ ସମୟରେ ନିଦ ଭାଙ୍ଗିଯାଏ। ଉଠି ବସି ଭାବେ, ଏହା ତ ସ୍ୱପ୍ନ!

ଦୁର୍ଗାପୂଜା ସମୟରେ ମାମୁ ଘରକୁ ଯାଇଥାଏ। ଦୌଡ଼ାଦୌଡ଼ି କରି ସାରା ଗାଁରେ ବୁଲୁଥାଏ। ବହି ସହିତ ସେତେବେଳେ କଟି। ସନ୍ଧ୍ୟାବେଳେ ବାହାର ଓ ଭିତର ଅଗଣାରେ ପେଟ୍ରୋମାକ୍ସ ଆଲୁଅ ଜଳାଇ ଦିଆଯାଇଥାଏ। ପିଲାମାନଙ୍କ ଖୁସି ଦେଖେ କିଏ? କିନ୍ତୁ ହଠାତ୍ ମଝିରେ ମଝିରେ ମନେପଡୁଥିଲା, ପୂଜା ପରେ ବାର୍ଷିକ ପରୀକ୍ଷା। ମୁହୂର୍ତ୍ତକରେ ସବୁ ଖୁସି ପାଣି ହୋଇଯାଉଥିଲା। ଭୀଷଣ ମନ ଖରାପ ହେଉଥିଲା।

ଏସବୁ କଥା ମନେପଡ଼ିବାରୁ ମନରେ ଆସିଲା ସାରା ଜୀବନ କ'ଣ ସେଇ ପରୀକ୍ଷା ଦେବାକୁ ହେବ! ତାହା ପୁଣି ପ୍ରତି ମୁହୂର୍ତ୍ତରେ! ଅସମ୍ଭବ କଥା। ଆମମାନଙ୍କର ଇଏ କେମିତି ଜୀବନ? ପରୀକ୍ଷା ହାତରୁ ତା'ହେଲେ କ'ଣ ନିସ୍ତାର ନାହିଁ?

ମା'ଙ୍କ ଆଡ଼କୁ ଫେରି ଚାହିଁ କହିଲି, "ନା, ମା' ନା, କେହି ପାଶ୍ କରି ପାରିବେ ନାହିଁ। ଅସମ୍ଭବ। ପ୍ରତି ମୁହୂର୍ତ୍ତର ପରୀକ୍ଷାରେ ପାଶ୍ କରିବା ସହଜ ନୁହେଁ।"

ମା' ହସିହସି କହିଲେ, "ଅନେକେ ପାଶ୍ କରନ୍ତି। ଆଉ ପ୍ରତି ମୁହୂର୍ତ୍ତର ପରୀକ୍ଷାରେହିଁ ପାଶ୍ କରନ୍ତି। ବାହାର ଜଗତରେ ଅନେକେ ଅଛନ୍ତି ଯେଉଁମାନେ ସହଜରେ ପାଶ୍ କରନ୍ତି।"

ଅବାକ୍ ହୋଇ ମୁଁ ମା'ଙ୍କୁ ଚାହିଁ ରହିଥିଲି। ଅବିଶ୍ୱାସ୍ୟ ମନେହେଲା ମା'ଙ୍କ କଥା। କହିଲି, "ମା', ବାହାର ଜଗତରେ ହୁଏତ କିଛି ଲୋକ ପରୀକ୍ଷାରେ ପାଶ୍ କରନ୍ତି କିନ୍ତୁ ଏଠାରେ ଆଶ୍ରମରେ କେହି ପାରନ୍ତି ନାହିଁ।"

ମୁଁ ବାରଂବାର ଜୋର୍ ଦେଇ ଏକଥା କହିବାରୁ ମା' କହିଲେ, "ଆଶ୍ରମରେ ମଧ୍ୟ ଅନେକେ ପ୍ରତି ମୁହୂର୍ତ୍ତର ପରୀକ୍ଷାରେ ପାଶ୍ କରନ୍ତି। ପାଞ୍ଚ ଛଅ ଜଣ ତ ଖୁବ୍ ଭଲଭାବରେ ପାଶ୍ କରିଛନ୍ତି।"

ଏକଥା ଶୁଣିବା ପରେ ମୋର ଆଉ କିଛି କହିବାର ନ ଥିଲା। ଚୁପ୍ ହୋଇ କାନ୍ଥକୁ ଆଉଜି ଠିଆହୋଇ ରହିଲି। ଜୀବନଟା ମୋ ପାଖରେ ପ୍ରହେଳିକା ପରି ମନେହେଲା।

ପ୍ରତିଦିନ ପଢ଼ା ଶେଷ ହେବା ପରେ ତାଙ୍କ ଦୁଇ ହାତକୁ ଆଗକୁ ବଢ଼ାଇ ଦେଇ ମା' ମୋତେ କହୁଥିଲେ, "ମୋତେ ଟାଣି ଉଠାଇଲ ଦେଖି।" ସେସମୟରେ ତାଙ୍କ ମୁହଁରେ ରହୁଥିଲା ଦୁଷ୍ଟାମିର ହସ। ମା'ଙ୍କୁ କିନ୍ତୁ ମୁଁ କେବେହେଲେ ଟାଣି ଉଠାଇପାରୁ ନ ଥିଲି। ଖୁବ୍ ଘାବରାଇ ଯାଉଥିଲି। ମୋ ଅବସ୍ଥା ଦେଖି ମା' କହୁଥିଲେ, "ଏଥର ତୁମେ ବସ। ଆଉ ମୁଁ କେମିତି ତୁମକୁ ଉଠାଉଛି ଦେଖ।" ଅଗତ୍ୟା ବସିବାକୁ ବାଧ୍ୟ ହେଉଥିଲି। ଅବଶ୍ୟ ତଳେ। ମା' ଗୋଟିଏ ଝଟକାରେ ମୋତେ ଉଠାଇ ଠିଆ କରାଇ ଦେଉଥିଲେ। ଆଉ ମୋତେ ଉଠାଇ ଦେଇ ମା'ଙ୍କର କି ହସ! ସେତେବେଳେ ମା'ଙ୍କୁ କିଶୋରୀଟିଏ ପରି ମନେହେଉଥିଲା କିନ୍ତୁ ତଥାପି ମୁଁ ସ୍ୱାଭାବିକ ହୋଇପାରୁ ନ ଥିଲି। କେମିତି ଗୋଟିଏ ସଙ୍କୋଚ ଭାବ ବୋଧ କରୁଥିଲି। ସାରାଦିନ ମା'ଙ୍କର ସେଇ ହସର ଝଙ୍କାର ମୋ ଅନ୍ତରରେ ଅନୁରଣିତ ହେଉଥିଲା।

ଏଇ କ୍ଲାସକୁ କିଛି ଦିନ ପରେ ଆଉ ଜଣେ ଝିଅ (ମିନୁ) ଆସିବାକୁ ଅନୁମତି ପାଇଥିଲା। ଆମେ ଦୁଇ ଜଣ ମା'ଙ୍କ ପାଖରେ ପଢୁଥିଲୁ। ମା' କେତେ ଗଳ୍ପ, କେତେ

କଥା କହୁଥିଲେ। ଆମେ ଦୁଇ ଜଣ ପ୍ରାଣ ଭରି କେବଳ ମା'ଙ୍କୁ ଦେଖୁଥିଲୁ। କ୍ଲାସ ଶେଷ ହେଲେ ପ୍ରତିଦିନ ପରି ମା' ତାଙ୍କ ଦୁଇ ହାତ ବଢ଼ାଇ ମୋତେ କହୁଥିଲେ, ''ମୋତେ ଉଠାଇଲ ଦେଖି।''

ମା'ଙ୍କ ଦୁଇ ହାତକୁ ଧରି ମୁଁ ଯେତେ ଟାଣିଲେ ବି ତାଙ୍କୁ ଟିକିଏ ହଲାଇ ମଧ୍ୟ ପାରୁ ନ ଥିଲି। ଲଜ୍ଜାରେ, ସଙ୍କୋଚରେ ଦେହରୁ ଝାଳ ବାହାରି ଯାଉଥିଲା। ମା'ଙ୍କୁ ଚେୟାରରୁ ଟାଣି ଉଠାଇବା ମୋ ପକ୍ଷରେ ପୂରାପୂରି ଅସମ୍ଭବ କଥା ଥିଲା।

ମା' ଖୁବ୍ ହସୁଥିଲେ। ମୋ ଅବସ୍ଥା ଦେଖି ତାଙ୍କୁ ଖୁବ୍ ମଜା ଲାଗୁଥିଲା। ମା'ଙ୍କର ସେଇ ପ୍ରାଣଖୋଲା ହସ ଭରା ମୁହଁ ଏବେ ବି ମୋ ଆଖି ସାମନାରେ ଭାସିଉଠେ। ତା'ପରେ ମିନୁର ପାଳି। ମା' ମିନୁକୁ କହୁଥିଲେ, ''ଏଥର ତୁମେ ମୋତେ ଚେୟାରରୁ ଟାଣି ଉଠାଅ ଦେଖି।'' ମିନୁ ଦୁଇ ହାତ ବଢ଼ାଇ ମା'ଙ୍କୁ ଚେୟାରରୁ ବେଶ୍ ଉଠାଇ ପାରୁଥିଲା। ମା' ଖୁସି ହୋଇ କହୁଥିଲେ, ''ବାଃ! ତୁମ ଦେହରେ ତା'ହେଲେ ବେଶ୍ ଶକ୍ତି ଅଛି!'' ଆମ ଦୁଇ ଜଣଙ୍କ କାନ୍ଧରେ ଭରାଦେଇ ମା' ଚାଲିବାକୁ ଆରମ୍ଭ କରୁଥିଲେ। ତା'ପରେ ସାମନା ଘରକୁ ଆସି ବାଛି ବାଛି ଆମକୁ ନାନା ପ୍ରକାର ଫୁଲ ଦେଉଥିଲେ। କିଛି ସମୟ ଆମ ମୁହଁକୁ ଚାହିଁ ରହି କହୁଥିଲେ, ''ସମୟ ଥିଲେ ମୁଁ ତୁମମାନଙ୍କର ଚିତ୍ର ଆଙ୍କନ୍ତି। ତା'ପରେ କବାଟ ଖୋଲିଦେଇ ଆମେ ତଳକୁ ଯିବା ପର୍ଯ୍ୟନ୍ତ ଠିଆହୋଇ ରହି ଆମକୁ ଦେଖୁଥିଲେ। ଆମେ କିଛିଟା ପାହାଚ ଓହ୍ଲାଇ ଆସି ପଛକୁ ଫେରି ଚାହୁଁଥିଲୁ। ହାତ ହଲାଇ ''ପୁଣି ଦେଖାହେବ'' ବୋଲି କହି ମା' କବାଟ ବନ୍ଦ କରୁଥିଲେ।

ଦିନେ କ୍ଲାସ ଶେଷ ହେବା ପରେ ମା' ଆମ ଦୁଇ ଜଣଙ୍କ କାନ୍ଧରେ ଭରା ଦେଇ ସାମନା ଘରକୁ ଯିବାବେଳେ ଆମେ ଦେଖିଲୁ ମା'ଙ୍କ ସେବିକାମାନଙ୍କ ମଧ୍ୟରୁ ଜଣଙ୍କର ମୁଣ୍ଡ ବିନ୍ଧୁଛି ବୋଲି ସେ ବେଶ୍ କାତର। ମା'ଙ୍କ ସାମନାରେ ତାଙ୍କର ସେହି କାତରୋକ୍ତି ଶୁଣି ଆମକୁ ଡର ଲାଗୁଥାଏ। ମା' କେମିତି ଖୁବ୍ ଗମ୍ଭୀର ହୋଇଗଲେ। ଆମ ଆଡ଼କୁ ଚାହିଁ କହିଲେ, ''ଏସବୁ ଦେଖି ମୋର କିଛି ହୁଏ ନାହିଁ। କେବଳ ଆନ୍ତରିକତା ମୋତେ ସ୍ପର୍ଶ କରେ।'' ମା'ଙ୍କର ଏଇ ଗମ୍ଭୀର କଣ୍ଠସ୍ୱର ଶୁଣି ଆମେ ଦୁହେଁ ଯେମିତି ଭୟରେ କାଠ ପାଲଟି ଯାଇଥାଉ। ମା'ଙ୍କ କଣ୍ଠସ୍ୱରରେ କି ତେଜ! କିଏ କହିବ ଯେ ଏଇ ଟିକିଏ ପୂର୍ବରୁ ଆମ ଦୁଇ ଜଣଙ୍କ ସହିତ ସେ ଏତେ ହସି ହସି କଥା କହିଛନ୍ତି, କେତେ ହାସ୍ୟ କୌତୁକର ବନ୍ୟା ବୁହାଇ ଦେଇଛନ୍ତି। ମା'ଙ୍କର ଏମିତି ପ୍ରତି ମୁହୂର୍ତ୍ତରେ ରୂପ ପରିବର୍ତ୍ତନ ଆମମାନଙ୍କୁ ବିଭ୍ରାନ୍ତ କରୁଥିଲା। କୌଣସି ପ୍ରକାରେ ଆମେ ତାଙ୍କ କୂଳ କିନାରା ପାଉ ନ ଥିଲୁ।

# ଜନ୍ମଦିନ

ଜନ୍ମଦିନ ଆସେ ବାରଂବାର
କହିଦେଇଯାଏ ପ୍ରତିଥର
ଏ ଜୀବନ ଆମ ନିତ୍ୟ ନୂତନ
ଆଲୋକେ ପୁଲକେ
ସକାଳର ସମ ଶୋଭମାନ।

ଆମେ ସମସ୍ତେ ଜନ୍ମଦିନରେ ନିଜ ଅଜାଣତରେ ଏକ ଅପାର ଆନନ୍ଦରେ ବିଭୋର ହୋଇଉଠୁ। ଯାହାର ଜନ୍ମଦିନ ତା' ସାଥିରେ ଦେଖାହେବା ମାତ୍ରେ ସାଙ୍ଗସାଥି ସମସ୍ତେ କହିଉଠନ୍ତି, 'Bonne Fête'। ସେଦିନ ଗୋଟିଏ ସୁନ୍ଦର ପରିବେଶ ସୃଷ୍ଟି ହୁଏ। ସାରା ବର୍ଷ ଆମେ କେମିତି ଭାବରେ ଜୀବନ ପଥରେ ଅଗ୍ରସର ହେବୁ ତା'ର ଏକ ପରିକଳ୍ପନା କରିପକାଉ। ଜନ୍ମଦିନରେ ଖୁବ୍ ଉତ୍ସାହ, ଉଦ୍ଦୀପନା ଓ ଆନନ୍ଦ ଅନୁଭବ କରୁ। ଅନୁଭବ କରୁ 'ଆମ ଆତ୍ମା ଶାଶ୍ୱତ, ଅମର। ସେ ଅନନ୍ତର ଅଧିକାରୀ।' ସେଇ ଦିନ ଆମ ଆତ୍ମା ନିଷ୍ଠା ସହକାରେ ଭକ୍ତିଭରେ ମା'ଙ୍କୁ ପ୍ରଣାମ କରି ଜୀବନ ପଥରେ ନୂଆ ଭାବରେ ଆଗେଇ ଯିବାର ଶପଥ ନିଏ।

ବାହାର ଜଗତରେ ମଧ୍ୟ ଏଇ ଦିନଟି ପ୍ରତିବର୍ଷ ସମସ୍ତଙ୍କ ପାଇଁ ବିଶେଷ ଆନନ୍ଦ ଓ ଶୁଭେଚ୍ଛା ବହନ କରି ଆଣେ। ମା'ଙ୍କର ଯେଉଁ ସନ୍ତାନମାନେ ଦୂରରେ ରହୁଥିଲେ ସେମାନେ ମଧ୍ୟ ଜନ୍ମଦିନ ପାଳନ କରିବା ପାଇଁ, ମା'ଙ୍କୁ ସେହି ବିଶେଷ ଶୁଭଦିନରେ ପ୍ରଣାମ କରିବା ପାଇଁ ଏଠାକୁ ଆସୁଥିଲେ। ଏବେ ମଧ୍ୟ ସେମାନେ ଜନ୍ମଦିନ ପାଳନ କରିବାକୁ ଆଶ୍ରମକୁ ଆସନ୍ତି। ଶ୍ରୀଅରବିନ୍ଦଙ୍କ ଘରେ ବସି ଧ୍ୟାନ କରନ୍ତି। ମା' ଓ ଶ୍ରୀଅରବିନ୍ଦଙ୍କୁ ପ୍ରଣାମ କରି, ପ୍ରାର୍ଥନା କରି ଫେରିଯା'ନ୍ତି। ସେଦିନ ସମସ୍ତଙ୍କ ମୁହଁରେ ଅପୂର୍ବ ଦିବ୍ୟଭାବ ଫୁଟିଉଠେ।

ନିଜ ନିଜ ଜନ୍ମଦିନରେ ମା'ଙ୍କୁ କିଛି ଉପହାର ଦେବା ପାଇଁ ଆମେ ସବୁ ଝିଅମାନେ ବର୍ଷର ପ୍ରଥମରୁ ମା'ଙ୍କ ପାଇଁ ଗାଉନ୍, ସାଲୋଆର କାମିଜ, ରୁମାଲ ଇତ୍ୟାଦି ତିଆରି କରିବାକୁ ଆରମ୍ଭ କରିଦେଉଥିଲୁ। କାମ ମଝିରେ ମଝିରେ, ବିଶେଷ କରି ରବିବାର ଦିନ ଏମ୍ବ୍ରଏଡରି କରୁଥିଲୁ। କେତେ ପ୍ରକାରର ଏମ୍ବ୍ରଏଡରି ଆମେ କରୁଥିଲୁ। ସମୟ ଯେମିତି ଉଡ଼ିଯାଉଥିଲା। ମା' ସେସବୁ କାମ ବେଶ୍ ଆଗ୍ରହ ସହକାରେ ଦେଖୁଥିଲେ। ସ୍ମୃତି ଫେବ୍ରିକ୍ ପେଣ୍ଟିଂ କରି ପ୍ରତ୍ୟେକ ଜନ୍ମଦିନରେ ମା'ଙ୍କୁ ବହୁ ରୁମାଲ ଦେଉଥିଲା। ଗୋଟିଏ ବର୍ଷ ସେ ପେଣ୍ଟିଂ କରିବାକୁ ସମୟ ପାଇ ନ ଥିଲା।

ଜନ୍ମଦିନରେ ମା'ଙ୍କ ପାଖକୁ ଯାଇଥିବାବେଳେ ମା' ପଚାରିଲେ, "ମୋ ପାଇଁ କିଛି ଆଣି ନାହିଁ?" ସ୍ମୃତି ତ ଭୀଷଣ ଲଜ୍ଜିତ ଓ ଅପ୍ରସ୍ତୁତ। ତା'ପରଠାରୁ ସେ ଆଉ କେବେ ବି ଖାଲି ହାତରେ ମା'ଙ୍କ ପାଖକୁ ଯାଇ ନାହିଁ। ଏବେ ମଧ୍ୟ ଯେତୋଟି ସମ୍ଭବ ରୁମାଲ ତିଆରି କରି ସେ ଜନ୍ମଦିନରେ ମା'ଙ୍କୁ ନିବେଦନ କରେ। ନିଶ୍ଚୟ ମା' ଅଦୃଶ୍ୟ ଜଗତରୁ ଏଇସବୁ ରୁମାଲ ଦେଖି ସ୍ମୃତିକୁ ଅଜସ୍ର ଆଶୀର୍ବାଦ କରୁଥିବେ। ସୁମେଧା, ସୁଧା, କୋକିଳା, ନୀରତା ଓ ସ୍କୁଲର ଅନେକ ସାନ ସାନ ଝିଅମାନେ ମା'ଙ୍କୁ ଦେବା ପାଇଁ ନାନା ପ୍ରକାରର ଏମ୍ବ୍ରଏଡରି କରନ୍ତି। ସେସବୁ ଅପୂର୍ବ ସୁନ୍ଦର। ଏଇ କାମ ନେଇ ସାରାବର୍ଷ ସେମାନେ ବ୍ୟସ୍ତ ଥା'ନ୍ତି।

ମା' ମଧ୍ୟ ପ୍ରତ୍ୟେକ ଜନ୍ମଦିନରେ ଆମମାନଙ୍କୁ କେତେ ପ୍ରକାରର ଉପହାର ଦେଉଥିଲେ। ଶ୍ରୀଅରବିନ୍ଦ ଓ ମା'ଙ୍କ ଲିଖିତ ବହିସବୁ ଆମେ ଜନ୍ମଦିନରେ ପାଉଥିଲୁ। ପିଲାମାନେ ବ୍ୟାଗ୍ ଭର୍ତ୍ତି ଟଫି ପାଉଥିଲେ। ଯାହାର ଯେତେ ବୟସ ସେଇ ଅନୁଯାୟୀ ଗଣି ଗଣି ମା' ବ୍ୟାଗ୍‌ରେ ଟଫି ରଖୁଥିଲେ। ପିଲାମାନେ ଖୁସିରେ ଉଛୁଳି ଉଠୁଥିଲେ।

ତୁମେମାନେ ହୁଏତ ମା'ଙ୍କର ଗୋଟିଏ ଫଟୋ ଦେଖିଥିବ ଯେଉଁଥିରେ ନିଜ କୋଳ ଉପରେ ଗୋଟିଏ ସୁନ୍ଦର ଏମ୍ବ୍ରଏଡ଼ରି ହୋଇଥିବା କପଡ଼ା ରଖି ତା' ଉପରେ ଗୋଟିଏ ଫୁଲର ତୋଡ଼ା ରଖି ମା' ଜନ୍ମଦିନ ଥିବା ଲୋକମାନଙ୍କ ପାଇଁ ଅପେକ୍ଷା କରିଛନ୍ତି। ଦୃଷ୍ଟି ତାଙ୍କର ବହୁଦୂରରେ...। ଫଟୋଟି ଦେଖିଲେ ମନେହୁଏ ଯେମିତି ମା' ତାଙ୍କ ସନ୍ତାନମାନଙ୍କ ମଙ୍ଗଳ ପାଇଁ ପ୍ରାର୍ଥନା କରୁଛନ୍ତି। ଅପୂର୍ବ ସେଇ ଫଟୋଟି।

ସମସ୍ତଙ୍କ ଜନ୍ମଦିନରେ ମା' ସ୍ୱତନ୍ତ୍ର ଭାବରେ ବିଶେଷ ଆଶୀର୍ବାଦ ଦେଉଥିଲେ। ଫୁଲ ସହିତ ପ୍ରତ୍ୟେକଙ୍କ ନାମ ଲେଖାହୋଇଥିବା ଲଫାପା ଓ ତା' ଭିତରେ ଜନ୍ମଦିନର କାର୍ଡ଼ ମା' ଆମମାନଙ୍କୁ ଦେଉଥିଲେ। ମା' ନିଜେ ସେସବୁ ଲଫାପା ଉପରେ ସଯତ୍ନେ ଆମ ପ୍ରତ୍ୟେକଙ୍କ ନାମ ଲେଖୁଥିଲେ ଓ କାର୍ଡ଼ରେ ମଧ୍ୟ କିଛି ଲେଖୁଥିଲେ। ମା' ତାଙ୍କ ଖାତାରେ ସବୁଦିନ ଜନ୍ମଦିନ ଥିବା ଲୋକମାନଙ୍କର ନାମ ଲେଖି ରଖୁଥିଲେ। ନିଜ ଜନ୍ମଦିନରେ ମା'ଙ୍କୁ ପ୍ରଣାମ କରିବାର ସୁଯୋଗ ସମସ୍ତଙ୍କୁ ମିଳୁଥିଲା। ସେଇ ଶୁଭ ମୁହୂର୍ତ୍ତଟି ପାଇଁ ଆମେ ଆଗ୍ରହରେ ଅପେକ୍ଷା କରି ରହୁଥିଲୁ। ନିଦ ଭାଙ୍ଗିବା ମାତ୍ରେ ମନେପଡୁଥିଲା ଏବଂ ଏବେ ବି ମନେପଡ଼େ — ଆଜି ମୋ ଜନ୍ମଦିନ। ମନ ପ୍ରାଣ ଏକ ଅଦ୍ଭୁତ ଆନନ୍ଦରେ ଭରିଯାଏ। ସେଦିନ ସବୁକିଛି ଭଲ ଲାଗେ। ହୃଦୟର ଗଭୀର ଗହନରୁ ସମସ୍ତଙ୍କ ପାଇଁ ପ୍ରେମ ଓ ଭଲପାଇବା ଉତ୍ସାରିତ ହୁଏ।

"ହୃଦୟ ଆଜି ମୋର ଯାଏ କି ସତେ ଖୋଲି,
ଜଗତ ଆସି ସେଠି ହେଉଛି କୋଳାକୋଳି

ଜାଣେନା ମୋର ହୋଇଛି କ'ଣ ସକାଳ ଛୁଉଁ ଛୁଉଁ
ନ ଜାଣେ କା'ରେ ଆଖି ମୋ ଦେଖେ ଆକାଶେ ଚାହୁଁ ଚାହୁଁ।''

ମା'ଙ୍କୁ ଅନ୍ତରରେ ସ୍ମରଣ କରି ଆମର ଶୁଭ ଜନ୍ମଦିନଟି ଆରମ୍ଭ ହୁଏ। ସାନ ବଡ଼ ସମସ୍ତଙ୍କୁ ସେମାନଙ୍କର ଜନ୍ମଦିନରେ ମା' ଅଜସ୍ର ଭଲପାଇବା ଅଜାଡ଼ି ଦିଅନ୍ତି। ଜନ୍ମଦିନକୁ ମା' ଏତେ ଗୁରୁତ୍ୱ ଦେଇଛନ୍ତି କାହିଁକି? ଏତେ ପ୍ରାଧାନ୍ୟ ଦେଇଛନ୍ତି କାହିଁକି? ସେସମ୍ବନ୍ଧରେ ସେ ମନାକୁ ଅନେକ କିଛି କହିଛନ୍ତି। ସେ କହିଛନ୍ତି, ''ହଁ, ଏହା ହେଉଛି ସତରେ ଜୀବନର ଏକ ବିଶେଷ ଦିନ। ଏହା ହେଉଛି ବର୍ଷର ସେହି ଦିନ ଯେଉଁ ଦିନ ପରମ ପୁରୁଷ ଆମ ମଧ୍ୟକୁ ଅବତରଣ କରନ୍ତି ବା ଆମେ ଶାଶ୍ୱତଙ୍କ ସାମନାସାମନି ହେଉ। ଏହା ହେଉଛି ସେହି ଦିନ ଯେଉଁ ଦିନ ଆମ ଆତ୍ମା ଶାଶ୍ୱତଙ୍କ ସଂସ୍ପର୍ଶରେ ଆସେ ଏବଂ ଆମେ ଯଦି ଟିକିଏ ସଚେତନ ହେଉ ଆମ ମଧ୍ୟରେ ତାଙ୍କ ଉପସ୍ଥିତି ବୁଝିପାରୁ। ଯଦି ଏହି ଦିନ ଆମେ ଟିକିଏ ପ୍ରୟାସ କରୁ ତା'ହେଲେ ବହୁ ଜନ୍ମର କାର୍ଯ୍ୟ ଗୋଟିଏ ଝଲକରେ ସମ୍ପନ୍ନ କରିପାରୁ। ସେଇଥିପାଇଁ ମୁଁ ଜନ୍ମଦିନକୁ ଏତେ ଗୁରୁତ୍ୱ ଦିଏ। ସେଦିନ ଜଣେ ଯାହା ପାଏ ବାସ୍ତବିକ ତାହା ଅତୁଳନୀୟ।

''ଏହା ହେଉଛି ପ୍ରକୃତରେ ଗୋଟିଏ ସୁଯୋଗ। ସେଦିନ ଜଣେ ଏତେ ଉନ୍ମୀଳିତ ଓ ଗ୍ରହୀଷ୍ଣୁ ଥାଏ ଯେ ଯାହା ଦିଆଯାଏ ସେସବୁକୁ ସେ ଗ୍ରହଣ କରିପାରେ। ସେଦିନ ମୁଁ ଅନେକ କିଛି କରିପାରେ, ତେଣୁ ଏହି ଦିନଟି ଗୁରୁତ୍ୱପୂର୍ଣ୍ଣ।''

ଏମିତିକି ପ୍ଲେ-ଗ୍ରାଉଣ୍ଡରେ ମଧ୍ୟ ଆମମାନଙ୍କର ଜନ୍ମଦିନର ଖୁସି କମ୍ ନ ଥିଲା। ସାନ ପିଲାମାନଙ୍କର ଗ୍ରୁପ୍ ହେଉ ବା ବୟସ୍କମାନଙ୍କ ଗ୍ରୁପ୍ ହେଉ ଯାହାର ଜନ୍ମଦିନ ତାକୁ ସାମନାରେ ଠିଆ କରାଇ ସମସ୍ତେ ମିଶି ଅଭିନନ୍ଦନ ଜଣାଉଥିଲେ, ''Bonne Fête''। ତା'ପରେ ଯାହାର ଜନ୍ମଦିନ ସେ କହୁଥିଲା, ''Victoire à la Douce Mère (ମଧୁମୟୀ ମା'ଙ୍କର ଜୟ)''।

ପିଲାମାନଙ୍କ ଗ୍ରୁପର କ୍ୟାପ୍ଟେନ୍‌ମାନେ ଖୁବ୍ ସୁନ୍ଦର ଭାବରେ ଏହି କାର୍ଯ୍ୟକ୍ରମଟି କରୁଥିଲେ। ସାନ ପିଲାମାନଙ୍କ ମୁହଁରେ Victoire à la Douce Mère ଶୁଣିବାକୁ ଖୁବ୍ ସୁନ୍ଦର ଲାଗୁଥିଲା। ବୟସ୍କମାନେ ତ ଆହୁରି ଆଗେଇ ଯାଇଥିଲେ। ସେମାନଙ୍କ ମଧ୍ୟରେ ଜଣେ ବୟସ୍କ ବ୍ୟକ୍ତି ଓ ଉଦାର ପିଣ୍ଟୋ ମିଶି ଯାହାର ଜନ୍ମଦିନ ତାକୁ ନେଇ ଗୀତ ଗାଉଥିଲେ, ''He is a jolly good fellow''। ଉଦାରଙ୍କ ମୁହଁରେ ଏହା ଖୁବ୍ ସୁନ୍ଦର ଶୁଣାଯାଉଥିଲା। ଏବେ ବି ଯେମିତି ଶୁଣିବାକୁ ପାଉଛି, ''He is a jolly good fellow''।

ଥରେ ପ୍ଲେ-ଗ୍ରାଉଣ୍ଡରେ ଦ୍ୟୁମାନ୍ ଭାଇଙ୍କୁ ନେଇ ଖୁବ୍ ଆନନ୍ଦୋଲ୍ଲାସ ଯଦିଓ ସେ ଗ୍ରୁପ୍ ମେମ୍ବର ନ ଥିଲେ। କେତେ ଜଣ ମିଶି ତାଙ୍କୁ କାନ୍ଧରେ ବସାଇ ଗୀତ ଗାଇ ଗାଇ ସାରା ପ୍ଲେ-ଗ୍ରାଉଣ୍ଡରେ ବୁଲିଲେ। ମା' ନିଜେ ହସ ହସ ମୁହଁରେ ବୟସ୍କମାନଙ୍କର ଏଇ ପିଲାଳିଆମି ଦେଖୁଥା'ନ୍ତି।

ନଳିନୀଦା'ଙ୍କ ଜନ୍ମଦିନରେ ତାଙ୍କ ଗ୍ରୁପର ସମସ୍ତେ ମିଶି ଶ୍ରଦ୍ଧାର ସହିତ କହିଉଠୁଥିଲେ, "Bonne Fête à Nalini-da" । ଯାହାର ଜନ୍ମଦିନ ସେ ସାଧାରଣତଃ କହେ, "Victoire à la Douce Mère" କିନ୍ତୁ ନଳିନୀଦା' କହୁଥିଲେ, "à la Douce Mère Victoire." ନଳିନୀଦା'ଙ୍କ ମୁହଁରେ "à la Douce Mère Victoire" ଶୁଣିବାକୁ ଖୁବ୍ ଭଲଲାଗୁଥିଲା।

ପୂରା ପ୍ଲେ-ଗ୍ରାଉଣ୍ଡକୁ ପ୍ରକମ୍ପିତ କରି ସବୁ ଗ୍ରୁପର ସଦସ୍ୟମାନେ ଗର୍ଜନ କରି ଉଠୁଥିଲେ, "Victoire à la Douce Mère." କିନ୍ତୁ ନଳିନୀଦା'ଙ୍କ ଜନ୍ମଦିନରେ ତାଙ୍କ ଗ୍ରୁପର ସମସ୍ତେ ମିଶି କହିଉଠୁଥିଲେ, "à la Douce Mère Victoire." ଏମିତି କେତେ ଘଟଣା ମନେପଡ଼େ...।

ପ୍ରଣବର ଜନ୍ମଦିନରେ ପ୍ଲେ-ଗ୍ରାଉଣ୍ଡରେ ବେଶ୍ ହୋ-ହଲ୍ଲା ହେଉଥିଲା। ମା' ନିଜେ ପ୍ରଣବର ଜନ୍ମଦିନ ବିଶେଷ ଭାବରେ ପାଳନ କରୁଥିଲେ।

ପିଲାବେଳେ ପ୍ରଣବର ଜନ୍ମଦିନରେ ତାଙ୍କ ଘରେ ସେମିତି କୌଣସି ଆଡ଼ମ୍ବର ହେଉ ନ ଥିଲା। ପୁଅର ଜନ୍ମଦିନରେ ପ୍ରଣବର ମା' ପ୍ରଫୁଲ୍ଲମୟୀଦି' ଉପବାସ କରି ପୁଅର ମଙ୍ଗଳ ପାଇଁ ପ୍ରାର୍ଥନା କରୁଥିଲେ। ତା'ପରେ ଛୋଟ ପ୍ରଣବକୁ ଗୋଟିଏ ବାଟି ପାୟସ ଦିଆଯାଉଥିଲା। ପରମ ତୃପ୍ତିରେ ପ୍ରଣବ ସେଇ ପାୟସ ଖାଉଥିଲା।

ଆମ ପିଲାଦିନେ ଏମିତି ଭାବରେ ଜନ୍ମଦିନ ପାଳନ କରାଯାଉଥିଲା। ମା'ମାନେ ସେଦିନ ପିଲାମାନଙ୍କର ମଙ୍ଗଳକାମନା କରି ଭଗବାନଙ୍କୁ ଆକୁଳ ଭାବରେ ପ୍ରାର୍ଥନା କରୁଥିଲେ। କୌଣସି ଆଡ଼ମ୍ବର, ହୋ-ହଲ୍ଲା ହେଉ ନ ଥିଲା।

ଆଶ୍ରମରେ ଜନ୍ମଦିନର ରୂପ ଅନ୍ୟ ପ୍ରକାରର। ସେଦିନ ସମସ୍ତେ ମା'ଙ୍କ ପାଖରୁ ବିଭିନ୍ନ ଫୁଲରେ ତିଆରି ଗୋଟିଏ ବିରାଟ ତୋଡ଼ା ସହ ମା' ଓ ଶ୍ରୀଅରବିନ୍ଦଙ୍କ କିଛି ବହି ପାଉଥିଲେ।

ପ୍ରଣବ ଆଶ୍ରମକୁ ଆସିବା ପରେ ପ୍ରଥମରୁ ମା' ବେଶ୍ ଆଡ଼ମ୍ବରରେ ତା'ର ଜନ୍ମଦିନ ପାଳନ କଲେ। ସାରା ପ୍ଲେ-ଗ୍ରାଉଣ୍ଡରେ ସେଦିନ ଖୁସିର ଜୁଆର ବହିଯାଉଥିଲା। ପ୍ରଣବର ଜନ୍ମଦିନରେ ମା'ଙ୍କ ନିର୍ଦ୍ଦେଶକ୍ରମେ ପିଲାମାନେ ପ୍ଲେ-ଗ୍ରାଉଣ୍ଡରେ ଶାରୀରିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରୁଥିଲେ ଏବଂ ପ୍ରଣବ ସହିତ ବସି ମା'

ତାହା ଦେଖୁଥିଲେ। ପ୍ରଥମେ ସବୁ ଗ୍ରୁପ୍ ଦଳ ବାନ୍ଧି ନିଜ ନିଜ ଜାଗାରେ ଠିଆହେଉଥିଲେ। ତା'ପରେ ମା' ପ୍ଲେ-ଗ୍ରାଉଣ୍ଡର ମଝିରେ ଠିଆହୋଇ ଚାରି ଥର ଖୁବ୍ ଜୋର୍‌ରେ Bonne Fête କହୁଥିଲେ। ସଙ୍ଗେସଙ୍ଗେ ମା'ଙ୍କୁ ଅନୁକରଣ କରି ସମସ୍ତେ Bonne Fête କହୁଥିଲେ। ସେସମୟର ପରିବେଶ ଅବର୍ଣ୍ଣନୀୟ।

ପ୍ରଣବର ଜନ୍ମଦିନରେ ତାକୁ ଉପହାର ଦେବା ପାଇଁ ମା' ବର୍ଷର ପ୍ରଥମରୁ ନାନା ପ୍ରକାର ଜିନିଷପତ୍ର ସଂଗ୍ରହ କରୁଥିଲେ। ସାତ ଆଠ ବାକ୍ସ ଭର୍ତ୍ତି ନାନା ପ୍ରକାରର ପୋଷାକ, ଜୋତା, ମୋଜା, ପ୍ରସାଧନ ସାମଗ୍ରୀ, ସୁନ୍ଦର ସୁନ୍ଦର ସୌଖୀନ ଜିନିଷ ଓ ଅତର ଇତ୍ୟାଦି ତାକୁ ଦେଉଥିଲେ। ସାତ ଆଠ ଜଣ ମିଶି ସେଇ ବାକ୍ସଗୁଡ଼ିକ ବହନ କରିଆଣୁଥିଲେ। କହିବା ବାହୁଲ୍ୟ ଯେ ବଡ଼ ବଡ଼ ଦୁଇ ବାକ୍ସ ଭର୍ତ୍ତି ଚକୋଲେଟ ଦେଉଥିଲେ। ଜନ୍ମଦିନର ଦୁଇଟି କାର୍ଡ଼ ଦେଉଥିଲେ ଏଇ ନିର୍ଦ୍ଦେଶ ଦେଇ ଯେ ଅନ୍ୟମାନେ ଦେଖିବାକୁ ଚାହିଁଲେ ଗୋଟିଏ କାର୍ଡ଼ ଦେଖାଇବ କିନ୍ତୁ ଅନ୍ୟଟି କାହାକୁ ଦେଖାଇବ ନାହିଁ। ଟଙ୍କା ଭର୍ତ୍ତି ଗୋଟିଏ ସୁନ୍ଦର ଲଫାପା ମଧ୍ୟ ଦେଉଥିଲେ। ପ୍ରତିବର୍ଷ ଜନ୍ମଦିନରେ ସେଇ ଟଙ୍କାର ପରିମାଣ ବଢ଼ିଯାଉଥିଲା। ସେସମୟର କଥା ମନେପଡ଼ିଲେ ଅବାକ୍ ଲାଗେ।

ଲାଲ ରଙ୍ଗ ପ୍ରଣବର ଖୁବ୍ ପ୍ରିୟ। ତେଣୁ ତା' ଜନ୍ମଦିନରେ ମା' ଲାଲ ରଙ୍ଗର ପୋଷାକ ପିନ୍ଧୁଥିଲେ। ବସୁଧାଙ୍କ ନିର୍ଦ୍ଦେଶକ୍ରମେ ସିଲାଇ ବିଭାଗର ମିନୁ, ବେଲା, ଜୟୀ ଇତ୍ୟାଦି ନିପୁଣ ଭାବରେ ମା'ଙ୍କ ପାଇଁ ନୂଆ ସାଲୁଆର କାମିଜ ତିଆରି କରୁଥିଲେ। ଲାଲ ରଙ୍ଗର ଜରି ଫୁଲ ଥିବା ବନାରସୀ ଶାଢ଼ୀ କାଟି ମା'ଙ୍କ ପାଇଁ କାମିଜ ତିଆରି କରାଯାଉଥିଲା। ଥରେ ପ୍ରଣବର ଜନ୍ମଦିନରେ ବସୁଧା, ମୁଁ ଓ ମା'ଙ୍କ ସାଥିରେ ଖେଳୁଥିବା ପିଲାମାନେ ଟେନିସ୍ ଗ୍ରାଉଣ୍ଡରେ ମା'ଙ୍କୁ ଅପେକ୍ଷା କରିଥାଉ। ଗାଡ଼ିର ହର୍ଣ୍ଣ ବାଜିଲା। ଧୀରେ ଧୀରେ ମା'ଙ୍କ ଗାଡ଼ି ଟେନିସ୍ ଗ୍ରାଉଣ୍ଡକୁ ପଶିଲା। ଆମେ ଉଦ୍‌ଗ୍ରୀବ ହୋଇ ଠିଆହୋଇଥାଉ। ଅମିୟ କବାଟ ଖୋଲିବା ମାତ୍ରେ ହସହସ ମୁହଁରେ ମା' ଓହ୍ଲାଇ ଆସିଲେ। ମା'ଙ୍କର ସେଇ ସୌନ୍ଦର୍ଯ୍ୟର ବର୍ଣ୍ଣନା ନାହିଁ। ଅପୂର୍ବ ସେଇ ଦୃଶ୍ୟ।

ମା' ପ୍ରଣବକୁ ଜନ୍ମଦିନର ତାତ୍ପର୍ଯ୍ୟ ବିଷୟରେ କହିଥିଲେ, "ବର୍ଷରେ କେତେଗୁଡ଼ିଏ ବିଶେଷ ଦିନ ରହିଛି ଯେଉଁଗୁଡ଼ିକୁ spring board ପରି ବ୍ୟବହାର କରି ମଣିଷ ପ୍ରଗତି ପଥରେ ଲମ୍ଫ ପ୍ରଦାନ କରିପାରେ। ସେଗୁଡ଼ିକ ମଧ୍ୟରୁ ଜନ୍ମଦିନ ଗୋଟିଏ।"

ଏବେ ମଧ୍ୟ ଜନ୍ମଦିନ ଆମମାନଙ୍କ ପାଇଁ ମା'ଙ୍କର ଅଜସ୍ର ଭଲପାଇବା ଏବଂ ଆଶୀର୍ବାଦ ବହନ କରି ଆଣେ।

# ରହସ୍ୟମୟୀ ମା’

ଚିତ୍ରା, ସୁପ୍ରଭା, ତପତୀ ଓ ମୁଁ ସେତେବେଳେ ମେଧାନନ୍ଦଦା’ଙ୍କ ପାଖରେ ଜର୍ମାନ ଶିଖୁଥିଲୁ। ମା’ଙ୍କ ‘ସର୍ବୋତ୍ତମ ଆବିଷ୍କାର’ (The Supreme Discovery) ବହିଟି ଆମେ ମେଧାନନ୍ଦଦା’ଙ୍କ ସହିତ ମିଶି ଅନୁବାଦ କରିଥିଲୁ। କଟାକଟି ହୋଇ ଶେଷରେ ଅନୁବାଦଟି ମେଧାନନ୍ଦଦା’ଙ୍କରହିଁ ହେଲା। ଅବଶ୍ୟ ଚେଷ୍ଟାଟି ଥିଲା ଆମମାନଙ୍କର। ଦିନେ ସନ୍ଧ୍ୟାବେଳେ ମେଧାନନ୍ଦଦା’ଙ୍କ ସହିତ ଆମେ ଚାରିଜଣ ମା’ଙ୍କୁ ଖୁବ୍ ଉତ୍ସାହର ସହିତ ପ୍ଲେ-ଗ୍ରାଉଣ୍ଡରେ କହିଲୁ, ‘‘ମା’ ଏଇ ‘ସର୍ବୋତ୍ତମ ଆବିଷ୍କାର’ ବହିଟି ଛପାଇବାକୁ ହେବ। ତୁମର ଗୋଟିଏ ଫଟୋ ଦରକାର।’’ ମା’ ମୁରୁକି ମୁରୁକି ହସୁଥା’ନ୍ତି। ଆମକୁ କେମିତି ଅପ୍ରସ୍ତୁତ ଲାଗୁଥାଏ। ଟିକିଏ ହସି ମା’ କହିଲେ, ‘‘ଠିକ୍ ଅଛି, ମୋ ଫଟୋ ଦିଅ। କିନ୍ତୁ କେଉଁ ଫଟୋଟି ଦେବ ?’’ ଆମେ କହିଲୁ, ‘‘ତାହାହିଁ ତ ପଚାରିବାକୁ ଆସିଛୁ। କେଉଁ ଫଟୋଟି ଦିଆଯିବ ତୁମେ କୁହ।’’ ମା’ ସେମିତି ହସିଚାଲିଥା’ନ୍ତି। କିଛି ସମୟ ପରେ କହିଲେ, ‘‘ଶହେ ବର୍ଷ ବୟସରେ ମୋର ଯେମିତି ଚେହେରା ହେବ ଯଦି ସେଇ ଫଟୋ ଦେଇପାରିବ ଦିଅ।’’ ଏକଥା କହି ମା’ ଜୋର୍‌ରେ ହସି ଉଠିଲେ। ଏଇ ପ୍ରହେଳିକାର ଅର୍ଥ ଆମେ କେହି ବି ବୁଝିପାରିଲୁ ନାହିଁ।

ଆମ ଆଖି ସାମନାରେ ଏକ ଅପୂର୍ବ ସୁନ୍ଦରୀ ତରୁଣୀର ଛବି ଭାସି ଉଠିଲା। ମନରେ ଦୃଢ଼ ବିଶ୍ୱାସ ଆସିଲା ଯେ ଶହେ ବର୍ଷ ପୂର୍ଣ୍ଣ ହେଲେ ଅତିମାନସ ଆଲୋକରେ ମା’ଙ୍କ ଶରୀର ରୂପାନ୍ତରିତ ହେବ। ଏକ ଅପୂର୍ବ ଆନନ୍ଦରେ ମନ ପୂରି ଉଠିଲା।

ଆମମାନଙ୍କ ଭାବାନ୍ତର ଦେଖି ମା’ ହସିଉଠିଲେ। ଆମ ମନରେ କିନ୍ତୁ ତାଙ୍କର ଏକ ଅପୂର୍ବ ସୁନ୍ଦର ଚେହେରା ଭାସିଉଠୁଥିଲା। ଅତି ସୁନ୍ଦର, ଅପରୂପ ସେଇ ଚେହେରା।

ଦିନେ ମା’ ଟେନିସ୍ ଗ୍ରାଉଣ୍ଡକୁ ପ୍ରବେଶ କରିବା ସମୟରେ ଆଶ୍ରମର ଜଣେ ଫଟୋଗ୍ରାଫର ମା’ଙ୍କ ଫଟୋ ଉଠାଇବାକୁ ଆଗେଇ ଆସିଲେ। ମା’ ତାଙ୍କୁ ଚାହିଁ କହିଲେ, ‘‘ଏବେ ଫଟୋ ଉଠାଅ ନାହିଁ। ଯେତେବେଳେ ମୋତେ ଶହେ ବର୍ଷ ହେବ ସେତେବେଳେ ଫଟୋ ଉଠାଇବ।’’ କିଶୋରୀ ଝିଅଟିଏ ପରି ମା’ ହସିଉଠିଲେ। ମୁଁ ମା’ଙ୍କ ପାଖରେ ଠିଆହୋଇଥିଲି। ଆମେ ସମସ୍ତେ ବିସ୍ମିତ। ମା’ଙ୍କର ଏ କି ରହସ୍ୟ ! ଭାବିଲି, ଆମେ ମଣିଷମାନେ ତାଙ୍କ କଥାର ବା କାମର କୂଳକିନାରା ପାଇବୁ ବା କେମିତି ? ସବୁକିଛି ଯେ ସେ ମାୟାଜାଲରେ ଘୋଡ଼ାଇ ରଖିଛନ୍ତି।

ବହୁ ବର୍ଷ ପରେ (ମା’ ଶରୀର ତ୍ୟାଗ କରିବା ପରେ) ଦିନେ ଆଶ୍ରମରୁ

ବାହାରୁଛି, ସେଇ ସମୟରେ ଜଣେ ପୁରୁଣା ସାଧକ ମୋତେ କାଠଚମ୍ପା ଫୁଲଟିଏ ଦେଲେ। ଫୁଲଟିକୁ ଦେଖି ମନେପଡ଼ିଲା, ମା' ପ୍ରତିଦିନ ସନ୍ଧ୍ୟାରେ ଯେତେବେଳେ ତଳ ମହଲାର ମେଡ଼ିଟେଶନ ହଲ୍‌କୁ ଆସୁଥିଲେ, ସମସ୍ତଙ୍କୁ ଏଇ ଫୁଲ ଦେଇ ଆଶୀର୍ବାଦ କରୁଥିଲେ। କ'ଣ ହେଲା ଜାଣିନି, ହଠାତ୍ କହି ଉଠିଲି, ''ମା' ଫେରିଆସିଲେ ଆମେ ପୁଣି ମା'ଙ୍କ ହାତରୁ ଏଇ ଫୁଲ ପାଇବୁ।'' ଏହା କହିଦେଇ ଖୁବ୍ ଅପ୍ରସ୍ତୁତ ବୋଧ କଲି। ସେଇ ସାଧକଙ୍କୁ କହିଲି, ''କିଛି ମନେ କରିବେ ନାହିଁ। ମୋର ମନେହୁଏ ଯେମିତି ମା' ଫେରିଆସିବେ।'' ସେ ମୋତେ ବିଦ୍ରୂପ କଲେ ନାହିଁ। ଶାନ୍ତ ଅଥଚ ଗମ୍ଭୀର ଭାବରେ କହିଲେ, ''ମା' ଫେରିଆସିବେ। ତୁମେ ଠିକ୍‌ହିଁ କହିଛ।'' ତାଙ୍କ କହିବାର ଭଙ୍ଗୀରେ ଥିଲା ଦୃଢ଼ ପ୍ରତ୍ୟୟ। ତା'ପରେ ସେ କହିଲେ, ''ତେବେ ଶୁଣ, ବହୁ ବର୍ଷ ପୂର୍ବରୁ ଦିନେ କୌଣସି କାମ ପାଇଁ ମା'ଙ୍କ ପାଖକୁ ଯାଇଥିଲି। ନାନା କଥା ପରେ ମା' ହଠାତ୍ କହିଲେ, 'ମୁଁ ଏଇ ଶରୀର ଛାଡ଼ିଦେବି।' ମୁଁ ବିସ୍ମିତ ଓ ବିହ୍ୱଳ ହୋଇ ଚୁପ୍‌ଚାପ୍ ଠିଆହୋଇଥାଏ। ଏମିତି କଥା ଯେ ଶୁଣିବାକୁ ହେବ ତାହା ଭାବି ମଧ୍ୟ ନ ଥିଲି। ମା' ପୁଣି କହିଲେ, 'ଏଇ ଶରୀର ଛାଡ଼ିଦେବି କିନ୍ତୁ ପୁଣି ଫେରି ଆସିବି। ତୁମେମାନେ ମୋତେ ବେଶ୍ ଚିହ୍ନିପାରିବ। ମୋ ନୂଆ ଶରୀର ଦେଖିବାକୁ ଅବିକଳ ଏଇ ଶରୀର ପରି ହେବ'।'' ସାଧକଙ୍କ ମୁହଁରୁ ଏଇ କଥା ଶୁଣି ମୁଁ ଆନନ୍ଦରେ ବିହ୍ୱଳ। ଶାନ୍ତି ଓ ଅପାର୍ଥିବ ଆନନ୍ଦରେ ଯେମିତି ଦେହ, ମନ, ପ୍ରାଣ ଭରିଉଠିଲା। କହିଲି, ''ମା' ଫେରିଆସିବା ବେଳକୁ ଆମେ ବଞ୍ଚିଥିବୁ ତ ?'' ବିସ୍ମିତ ହୋଇ ସାଧକ ଜଣକ ମୋତେ ଚାହିଁ ରହିଲେ। ତା'. ପରେ କହିଲେ, ''ଏ ପ୍ରଶ୍ନ ତ ମୋ ମନରେ କେବେ ଆସିନି !'' ଏହାପରେ ସେ ଧୀର ପଦକ୍ଷେପରେ ତାଙ୍କ ଗନ୍ତବ୍ୟ ସ୍ଥଳକୁ ଗଲେ। ଆଉ ମୁଁ ସେମିତି ସେଠାରେ ଠିଆହୋଇ ରହିଲି। ମା' ଫେରିଆସିବେ ତ ? ଏଇ କଥାଟି ମୋ ମନରେ ଘୁରିବୁଲିବାକୁ ଲାଗିଲା।

ନିଜର ନୂଆ ଶରୀର ସମ୍ପର୍କରେ ମା' ସତ୍‌ପ୍ରେମଙ୍କୁ ବହୁତ କିଛି କହିଛନ୍ତି। ତାଙ୍କ ରୂପର ବର୍ଣ୍ଣନା ମଧ୍ୟ କରିଛନ୍ତି। ସେଇ ବର୍ଣ୍ଣନା ଏତେ ଜୀବନ୍ତ ଯେ ଆମେମାନେ ଭାବିଥିଲୁ ମା'ଙ୍କ ଏଇ ଶରୀରହିଁ ବୋଧହୁଏ ସେଇ ନୂଆ ରୂପଟିକୁ ଧାରଣ କରିବ। ସତ୍‌ପ୍ରେମ କିନ୍ତୁ ତାଙ୍କ ତୀକ୍ଷ୍ଣବୁଦ୍ଧିରେ ବୁଝିପାରିଥିଲେ ଏବଂ ତତ୍‌କ୍ଷଣାତ୍ ମା'ଙ୍କୁ ପ୍ରଶ୍ନ କରିଥିଲେ, ''ଏଇ ନୂଆ ରୂପ ତୁମ ସୂକ୍ଷ୍ମ ଶରୀରରେ ପ୍ରବେଶ କରିଛି, ନୁହେଁ କି ?''

ମା' କିନ୍ତୁ ସଙ୍ଗେ ସଙ୍ଗେ ପ୍ରସଙ୍ଗ ବଦଳାଇ ଅନ୍ୟ କଥା ଆରମ୍ଭ କରିଥିଲେ। ମୋହିନୀ–ମାୟା ଆଉ କାହାକୁ କହନ୍ତି ! Notes on the Way ବହିରେ ମା' ଯେମିତି ଭାବରେ ପ୍ରତିଟି କୋଷର ରୂପାନ୍ତର କଥା ବର୍ଣ୍ଣନା କରିଛନ୍ତି ତାହା ଯେ ତାଙ୍କ ନିଜ ସୂକ୍ଷ୍ମ

ଶରୀରର ରୂପାନ୍ତର ବର୍ଣ୍ଣନା ତାହା ବୁଝିବା ଆମ ପକ୍ଷରେ ସାଧ୍ୟାତୀତ। ବୁଲେଟିନ୍‌ରେ ଏସବୁ ବାହାରିବା ସମୟରେ ଅଧୀର ହୋଇ ଆମେ ବୁଲେଟିନ୍ ପାଇଁ ଅପେକ୍ଷା କରୁଥିଲୁ। କିଏ ଜାଣିଥିଲା ଯେ ମା' ଏଇ ଶରୀର ଛାଡ଼ିଦେବେ ! ସେଇ ମୋହିନୀ-ମାୟାରେ ସେ ଆମମାନଙ୍କୁ ଘୋଡ଼ାଇ ରଖିଥିଲେ।

ଶ୍ରୀଅରବିନ୍ଦ 'ମା' ବହିରେ ଲେଖିଛନ୍ତି, ''ପାର୍ଥିବ ଲୀଳାର ଯାବତୀୟ ଦୃଶ୍ୟ ଗୋଟିଏ ନାଟକ ପରି ତାଙ୍କ ଦ୍ୱାରା ସୁକଳ୍ପିତ, ସୁବିନ୍ୟସ୍ତ ଓ ସୁଅଭିନୀତ ହୋଇଚାଲିଛି ଏବଂ ବିଶ୍ୱଦେବତାମାନେ ତାଙ୍କର ସହକର୍ମୀ ଏବଂ ସେ ସ୍ୱୟଂ ସେଠାରେ ପ୍ରଚ୍ଛନ୍ନ ଅଭିନେତା।''

ସବୁକିଛି ମା' ପୂର୍ବରୁ ଠିକ୍ କରି ରଖିଛନ୍ତି। ଆମ ବୁଦ୍ଧି ତାଙ୍କ କୂଳକିନାରା ପାଏ ନାହିଁ। ଦିନେ ଚମ୍ପକଲାଲ ଶ୍ରୀଅରବିନ୍ଦଙ୍କୁ କହିଥିଲେ, ''ମୁଁ ବୁଝିପାରେ ନାହିଁ ଜଣେ ବ୍ୟକ୍ତିଙ୍କ ସମ୍ବନ୍ଧରେ ବା ଗୋଟିଏ ପ୍ରଶ୍ନ ଉପରେ ମା' କେମିତି ବିଭିନ୍ନ ବ୍ୟକ୍ତିଙ୍କୁ ବିଭିନ୍ନ ପ୍ରକାର ଉତ୍ତର ଦେଇପାରନ୍ତି ଓ ବିଭିନ୍ନ ପ୍ରକାର ବ୍ୟାଖ୍ୟା କରିପାରନ୍ତି।''

ଶ୍ରୀଅରବିନ୍ଦ ଦୃଢ଼ କଣ୍ଠରେ କହିଥିଲେ, ''ସେ ସେମିତି କହିବାର କାରଣ ରହିଛି।'' ଶ୍ରୀଅରବିନ୍ଦଙ୍କ ସମାଧି ତିଆରି ହେବା ସମୟରେ ସେଇ ସମାଧିର ଉପରେ ଆଉ ଗୋଟିଏ କୋଠରି ମା' ତିଆରି କରାଇଥିଲେ। ଆମେ କିଛି ହେଲେ ବୁଝିପାରି ନ ଥିଲୁ। ଏସବୁ ଆମ ସ୍ୱପ୍ନର ମଧ୍ୟ ଅଗୋଚର ଥିଲା। ମା' ତ ସ୍ୱୟଂ 'ପ୍ରଚ୍ଛନ୍ନ ଅଭିନେତା'।

'ଯୋଗାଧାର' ପୁସ୍ତକରେ ଶ୍ରୀଅରବିନ୍ଦ ଲେଖିଛନ୍ତି, ''ଭଗବାନଙ୍କ ଧାରା ମାନବ ମନର ଧାରା ପରି ନୁହେଁ ବା ଆମମାନଙ୍କ ପରିକଳ୍ପନା ଅନୁଯାୟୀ ମଧ୍ୟ ନୁହେଁ। ଭଗବାନଙ୍କ ଧାରା ବିଚାର କରିବା କିଂବା ସେ କ'ଣ କରିବେ ବା ନ କରିବେ ତାହା ଧାରଣା କରିବା ମଧ୍ୟ ଅସମ୍ଭବ। କାରଣ ଆମଠାରୁ ଭଗବାନ ଅଧିକ ଜାଣନ୍ତି। ଯଦି ଭଗବାନଙ୍କୁ ଆମେ ସ୍ୱୀକାର କରୁ ତେବେ ମୋର ମନେହୁଏ ଯଥାର୍ଥ ଯୁକ୍ତି ଓ ଭକ୍ତି ଉଭୟେ ସମାନ ଭାବରେ ଆମଠାରୁ ଅକୁଣ୍ଠ ଶ୍ରଦ୍ଧା ଓ ଆତ୍ମସମର୍ପଣ ଦାବି କରିବେ।''

# ପ୍ରଣାମ

ଶିଡ଼ିରେ ଛିଡ଼ାହୋଇଛି । ମା'ଙ୍କ ପାଖରୁ ଆଶୀର୍ବାଦ ଫୁଲ ନେଇ ଜଣ ଜଣ କରି ଲୋକମାନେ ଓହ୍ଲାଇ ଯାଉଥା'ନ୍ତି । ମୁଁ ଚାହିଁ ରହିଥାଏ ସେମାନଙ୍କ ମୁହଁକୁ । ମା'ଙ୍କ ସ୍ପର୍ଶ ପାଇ ଗୋଟିଏ ମୁହୂର୍ତ୍ତରେ ସମସ୍ତଙ୍କର କି ପରିବର୍ତ୍ତନ ! ସମସ୍ତଙ୍କ ମୁହଁରେ ଦିବ୍ୟଭାବ ଫୁଟିଉଠୁଥାଏ । ଏମିତି ଭାବରେ ସମସ୍ତଙ୍କୁ ଦେଖିବାକୁ ଖୁବ୍ ଭଲ ଲାଗେ । ପୂରା ଶେଷରେ ମୁଁ ମା'ଙ୍କ ପାଖକୁ ଯାଏ । ଏଇ ଦୃଶ୍ୟଟି ଦେଖିବା ପାଇଁ ସବୁଠାରୁ ଶେଷରେ ଥାଏ । କିଏ କହେ ଆମେ ମଣିଷମାନେ ରୂପାନ୍ତରିତ ହେବୁ ନାହିଁ ? ମା'ଙ୍କ ଦିବ୍ୟ ସ୍ପର୍ଶ ଗୋଟିଏ ମୁହୂର୍ତ୍ତରେ ସମସ୍ତଙ୍କ ମଧ୍ୟରେ ଏଇ ଯେଉଁ ପରିବର୍ତ୍ତନ ଆଣୁଥିଲା ତାହାହିଁ ତ ପ୍ରମାଣ କରେ ଯେ ମଣିଷ ରୂପାନ୍ତରିତ ହେବହିଁ ହେବ । ପ୍ରତ୍ୟେକଙ୍କର ପ୍ରଣାମ କରିବାର ଭଙ୍ଗୀ ଅଲଗା । ମା' ସମସ୍ତଙ୍କର ପ୍ରଣାମ ବେଶ୍ ଆଦରରେ ଗ୍ରହଣ କରୁଥିଲେ । ଗୋଟିଏ ପ୍ରକାର ସ୍ନିଗ୍ଧ ରହସ୍ୟମୟ ହସ ସେତେବେଳେ ମା'ଙ୍କ ମୁହଁରେ ବିରାଜୁଥିଲା ।

ସେଦିନ ଗୋଟିଏ ଝିଅର ଜନ୍ମଦିନ ଥିଲା । ଠିକ୍ ମୋ ଆଗେ ଆଗେ ଝିଅଟି ମା'ଙ୍କ ପାଖକୁ ଗଲା । ତାକୁ ଦେଖି ମା' ଖୁସିହୋଇ Bonne Fête କହିଉଠିଲେ । ଝିଅଟିକୁ ଅନେକ ଫୁଲ ଓ ବହି ଦେଲେ । ଖୁବ୍ ଆଦର କଲେ । ଅନେକ ଥର Bonne Fête ବୋଲି କହିଲେ । ମା'ଙ୍କର ସେମିତି ସୁଲଳିତ କଣ୍ଠ ଶୁଣି ମୁଁ ଅଭିଭୂତ । ଝିଅଟି ସଲଜ୍ଜ ମୁହଁରେ ସେହି ଫୁଲ ଓ ବହିସବୁ ଧରି ଓହ୍ଲାଇଗଲା । ତା'ପରେ ମୁଁ ମା'ଙ୍କ ଘରେ ପଶିଲି । ଯାଇ ଦେଖିଲି ମା' ଯେମିତି ବିମର୍ଷ ଭାବରେ ଠିଆହୋଇଛନ୍ତି । ଭାବିଲି, ମା'ଙ୍କର କ'ଣ ହେଲା ? ମୋତେ ଦେଖି ମା' କହିଉଠିଲେ, "ଦେଖିଲ, ମୋତେ ପ୍ରଣାମ ନ କରି ସେ ଚାଲିଗଲା । ଆଜି ତା'ର ଜନ୍ମଦିନ ।" ସଙ୍ଗେ ସଙ୍ଗେ ମା'ଙ୍କୁ କହିଲି, "ତୁମେ ତାକୁ ଏତେ ଫୁଲ ଓ ବହି ଦେଇଛ । ବିଚାରିଟି ସେସବୁକୁ ତଳେ ରଖିବାକୁ ଦ୍ୱିଧାବୋଧ କରିଛି । ତେଣୁ ପ୍ରଣାମ କରିପାରି ନାହିଁ । ଦେଖିବ, ପରେ ଆସିଲେ ସେ ତୁମକୁ ପ୍ରଣାମ କରିବ । ସମସ୍ତେ ତୁମକୁ ପ୍ରଣାମ କରିବାକୁ ଚାହାନ୍ତି । ବିଶେଷ କରି ଯେଉଁମାନଙ୍କ ଜନ୍ମଦିନ, ସେମାନେ ତ ଜନ୍ମଦିନରେ ତୁମକୁ ପ୍ରଣାମ କରିବାର ଶୁଭ ମୁହୂର୍ତ୍ତଟିକୁ ସାରାବର୍ଷ ଧରି ଅତ୍ୟନ୍ତ ଆଗ୍ରହରେ ଆକୁଳ ହୋଇ ଅପେକ୍ଷା କରିଥା'ନ୍ତି ।" ଏକଥା ଶୁଣି ମା' ପିଲାଟିଏ ପରି ଖୁସି ହୋଇଉଠିଲେ । ସେ ଯେମିତି ଆଶୁତୋଷ, ମହାଦେବ — ଅଳ୍ପରେ ସନ୍ତୁଷ୍ଟ ।

ମା'ଙ୍କୁ ପ୍ରଣାମ କରିସାରି ମୁଁ ଝିଅଟିକୁ ଖୋଜିଲି । ଆଶ୍ରମରେହିଁ ତା' ସହିତ

ଦେଖା ହୋଇଗଲା। ତାକୁ କହିଲି, "ପୁଣି ଯେତେବେଳେ ମା'ଙ୍କ ପାଖକୁ ଯିବ ନିଶ୍ଚୟ ତାଙ୍କୁ ପ୍ରଣାମ କରିବ।" ତା'ପରେ ମା' ଯାହା କହିଥିଲେ ତାକୁ ସବୁ କହିଲି। ସେସବୁ ଶୁଣି ଝିଅଟି ଅପ୍ରସ୍ତୁତ ହୋଇଗଲା।

କେଉଁ ସୁଦୂର ଅତୀତ କାଳରୁ ଗଛପତ୍ର, ପର୍ବତ, ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ର, ଅଗ୍ନି, ବାୟୁ ଇତ୍ୟାଦି ଯାହା ମଧ୍ୟରେ ରହସ୍ୟମୟ ବିରାଟ ଶକ୍ତି ରହିଛି ବୋଲି ମଣିଷ ଅନୁଭବ କରିଛି, ସେସବୁକୁ ନିଜ ଅଜାଣତରେ ଭୟ ମିଶ୍ରିତ ପ୍ରଣାମ ଜଣାଇଛି। ଏମିତିକି ଏଇ ପୃଥିବୀରେ ରହସ୍ୟମୟ ଶକ୍ତିର ଉପସ୍ଥିତି ମଣିଷ ଅନୁଭବ କରିଛି। ପରେ ମୁନିଋଷିମାନଙ୍କ ଯୁଗରେ ଋଷିମାନେ ସେମାନଙ୍କ ପ୍ରବୁଦ୍ଧ ମନର ଜ୍ଞାନାଲୋକରେ ଅନୁଭବ କରିଥିଲେ ଯେ ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ର, ଅଗ୍ନି, ବାୟୁ ଇତ୍ୟାଦି ହେଲେ ସୃଷ୍ଟିର ବିରାଟ ରହସ୍ୟ। ଧ୍ୟାନ ଦ୍ୱାରା ସେମାନେ ଏଇ ରହସ୍ୟମୟ ସୃଷ୍ଟି ମଧ୍ୟରେ ଥିବା ମହିମମୟ ବିରାଟ ପୁରୁଷଙ୍କୁ ଉପଲବ୍ଧି କଲେ। ଉପଲବ୍ଧି କଲେ ଦେବତାମାନଙ୍କର ଉପସ୍ଥିତି। ସେଇ ଦିବ୍ୟ ମୁହୂର୍ତ୍ତରେ ବେଦ ଓ ଉପନିଷଦ ସୃଷ୍ଟି ହେଲା। ଏଇ ଦିବ୍ୟ ମୁହୂର୍ତ୍ତରୁ ଭଗବାନଙ୍କୁ ବା ପରମ ପରୁଷଙ୍କୁ ସଜ୍ଞାନରେ ପ୍ରଣାମ କରିବାର ସୂତ୍ରପାତ ହେଲା। ସ୍ୱତଃସ୍ଫୂର୍ତ୍ତଭାବେ ମଣିଷ ଭଗବାନ ଓ ଭଗବତୀଙ୍କୁ ପ୍ରଣାମ କରିବାକୁ ଶିଖିଲା।

ଆମେ ଯେମିତି ଗୁରୁଜନମାନଙ୍କୁ ପାଦ ଛୁଇଁ ପ୍ରଣାମ କରୁ ତାହା ମଧ୍ୟ ଏଇ ରହସ୍ୟର ଅନ୍ତର୍ଭୁକ୍ତ।। ଯାହାଙ୍କୁ ଆମେ ପ୍ରଣାମ କରୁ ତାଙ୍କ ମଧ୍ୟରେ ଯିଏ ଅଛନ୍ତି ପ୍ରକୃତରେ ତାଙ୍କୁହିଁ ଆମେ ପ୍ରଣାମ କରୁ। ଅବଶ୍ୟ ଏହା ଘଟେ ଆମ ଅଜାଣତରେ। ବ୍ୟକ୍ତି ଏଠାରେ ନିମିତ୍ତ ମାତ୍ର। କେଉଁ ଅତୀତ କାଳରୁ ମଣିଷ ପ୍ରେରଣା ପ୍ରବୃତ୍ତ ହୋଇ ଭଗବାନଙ୍କୁ ପ୍ରଣାମ କରିବାକୁ ଶିଖିଛି। ଆଶ୍ଚର୍ଯ୍ୟକର କଥା, ନୁହେଁ କି ? କିଏ ମଣିଷକୁ ପ୍ରଣାମ କରିବାକୁ ଶିଖାଇଲା ? ଶରୀର, ମନ ଓ ପ୍ରାଣକୁ ନିବେଦନ କରି ଭକ୍ତିଭରେ ପ୍ରଣାମ କରିବା ସୃଷ୍ଟିରେ ଏକ ଆଶ୍ଚର୍ଯ୍ୟଜନକ କଥା। ଜଣ ଜଣ କରି କେତେ ମୁନିଋଷି ବିଭିନ୍ନ ଦେବତାଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ନାମରେ ଶ୍ଳୋକସବୁ ଲେଖିଛନ୍ତି; ସ୍ତବ, ସ୍ତୁତି, ଯାଗଯଜ୍ଞ କରିଛନ୍ତି; ଭକ୍ତିଭରେ ପ୍ରଣାମ କରିଛନ୍ତି। ବେଦ ଓ ଉପନିଷଦରେ ସେମାନଙ୍କର ସେସବୁ ଅନୁଭୂତି ରହିଛି। ମଣିଷର ପ୍ରଣାମ ବ୍ୟର୍ଥ ହୋଇ ନାହିଁ। ତା'ର ମନ, ପ୍ରାଣ, ଶରୀରର ନିଃଶେଷ ପ୍ରେମ ଓ ଭକ୍ତିପୂତ ପ୍ରଣାମରେ ଏବଂ ତା'ର ଆକୁଳ ଆହ୍ୱାନରେ ଏଇ ଧରିତ୍ରୀ କୋଳରେ ସ୍ୱୟଂ ପରମ ପୁରୁଷ ଓ ଭଗବତୀ ଜନନୀ ଆବିର୍ଭୂତ ହୋଇଛନ୍ତି।

ସ୍ୱୟଂ ମା' ପ୍ରଥମ ଦର୍ଶନରେ ଶ୍ରୀଅରବିନ୍ଦଙ୍କୁ ସାଷ୍ଟାଙ୍ଗ ପ୍ରଣାମ କରିଥିଲେ।

ସ୍ୱତଃସ୍ଫୂର୍ତ୍ତ ଭାବରେ ମା'ଙ୍କ ଶରୀର ଶ୍ରୀଅରବିନ୍ଦଙ୍କ ଚରଣ ତଳେ ପ୍ରଣତ ହୋଇଥିଲା। ମା' ସେଦିନ ଶରୀର, ମନ ଓ ପ୍ରାଣ ନିବେଦନ କରି ଶ୍ରୀଅରବିନ୍ଦଙ୍କ ଚରଣ ତଳେ ପ୍ରଣାମ କରି ଆମକୁ ଶିଖାଇଥିଲେ କେମିତି ଭାବରେ ନିଜକୁ ଭଗବାନଙ୍କ ଚରଣରେ ସମର୍ପଣ କରିବାକୁ ହୁଏ।

ପ୍ରଣାମ କରିବା ସମ୍ବନ୍ଧରେ ମା' ନୀରଦଦା'ଙ୍କୁ ଅନେକ କିଛି କହିଛନ୍ତି। ନୀରଦଦା' ଓ ଆମ ସ୍କୁଲର ଦୁଇ ଜଣ ଶିକ୍ଷକ ପ୍ରାୟ ଏକାସାଥିରେ ମା'ଙ୍କ ପାଖକୁ ଯାଉଥିଲେ। ସେତେବେଳେ ସ୍କୁଲରେ 'ମୁକ୍ତ ଶିକ୍ଷା ପଦ୍ଧତି' ନୂଆ କରି ଆରମ୍ଭ ହୋଇଥାଏ। ଶିକ୍ଷକମାନେ ନାନା ପ୍ରକାର ସମସ୍ୟାର ସମ୍ମୁଖୀନ। ପ୍ରତିଟି ସମସ୍ୟା ସମ୍ବନ୍ଧରେ ମା' ବୁଝାଇ କହୁଥିଲେ, ତାଙ୍କ ମତାମତ ଦେଉଥିଲେ। ଡେରି ହୋଇଗଲେ ଶିକ୍ଷକ ଦୁଇଜଣ ଓ ନୀରଦଦା' ଶୀଘ୍ର ଶୀଘ୍ର ମା'ଙ୍କ ହାତରୁ ଆଶୀର୍ବାଦ ଫୁଲ ନେଇ ଚାଲିଯାଉଥିଲେ। ଦିନେ ନୀରଦଦା' ସମସ୍ତଙ୍କ ଶେଷରେ ମା'ଙ୍କ ପାଖକୁ ଗଲେ। ସେ ମା'ଙ୍କ ହାତରୁ ଆଶୀର୍ବାଦ ଫୁଲ ନେଇ ଚାଲିଯାଉଛନ୍ତି ଠିକ୍ ସେତିକିବେଳେ ମା' ତାଙ୍କୁ ଡାକି କହିଲେ, "ତୁମେ ତ ମୋତେ ପ୍ରଣାମ କଲ ନାହିଁ!" ନୀରଦଦା' ଖୁବ୍ ଅପ୍ରସ୍ତୁତ। ଇତସ୍ତତଃ ହୋଇ ସେ କହିଲେ, "ମୁଁ ଆପଣଙ୍କୁ କଷ୍ଟ ଦେବାକୁ ଚାହେଁ ନାହିଁ।" ବିସ୍ମିତ ହୋଇ ମା' କହିଲେ, "କଷ୍ଟ!" ମା' ଯେମିତି ଆଶ୍ଚର୍ଯ୍ୟ। ପୁଣି କହିଲେ, "ଅଦ୍ଭୁତ ଧାରଣା ତ! ତୁମ ମୁଣ୍ଡରେ ହାତ ଦେବା ମୋ ପାଇଁ କଷ୍ଟକର?"

ଏହାପରେ ନୀରଦଦା' ଆଉ କିଛି ଉତ୍ତର ଖୋଜି ପାଇଲେ ନାହିଁ। କହିଲେ, "ମଝିରେ ମଝିରେ ଆପଣ ଏତେ ବ୍ୟସ୍ତ ଥା'ନ୍ତି ଯେ ଆପଣଙ୍କ ରାତ୍ରିଭୋଜନ ପାଇଁ ଡେରି ନ କରିବାକୁ ଆମେ ଶୀଘ୍ର ଶୀଘ୍ର ଚାଲିଯିବାକୁ ଚାହୁଁ। ଏହାହିଁ କାରଣ।"

ଏଇ ବ୍ୟାଖ୍ୟାରେ ମା' ସନ୍ତୁଷ୍ଟ ହେଲେ। ମୁଣ୍ଡ ହଲାଇ କହିଲେ, "ତା'ହେଲେ କିଛି କହିବାର ନାହିଁ।"

ପରଦିନ ନୀରଦଦା' ଏକା ମା'ଙ୍କ ପାଖକୁ ଯାଇଥିଲେ। ତାଙ୍କ ଲେଖାଟିଏ ପଢ଼ି ମା'ଙ୍କୁ ଶୁଣାଇବାର ଥିଲା। ନୀରଦଦା' ବସିବା ମାତ୍ରେ ମା' କହିଲେ, "ଗତକାଲିର କଥାଟି ଆଗେ ଶେଷ କରିନିଏ। ଭାରତବାସୀମାନେ ବିଶ୍ୱାସ କରନ୍ତି (କିଂବା ଏହା ସେମାନଙ୍କର ଅଭିଜ୍ଞତା) ଯେ ଭଗବାନ ମଣିଷମାନଙ୍କ ମଧ୍ୟରେ ବାସ କରନ୍ତି। ପାଶ୍ଚାତ୍ୟବାସୀମାନଙ୍କର ଏମିତି ବିଶ୍ୱାସ ନାହିଁ। ସେମାନେ ଭାବନ୍ତି ଭଗବାନ ଉପରେ କେଉଁଠି ଅଛନ୍ତି। କେବଳ ଯୀଶୁଖ୍ରୀଷ୍ଟ ଭାବରେ ସେ ଅବତରଣ କରିଛନ୍ତି। ତେଣୁ ସେମାନେ ମଣିଷମାନଙ୍କୁ ପ୍ରଣାମ କରନ୍ତି ନାହିଁ। କିନ୍ତୁ ଯାହାଙ୍କ ଶରୀରରେ ଭାଗବତ ଚେତନା ମୂର୍ତ୍ତ ହୋଇଛି, ସେହି ବ୍ୟକ୍ତିଙ୍କୁ ଯଦି ବିଶ୍ୱାସ ସହକାରେ କେହି

ପ୍ରଣାମ କରେ ତା'ହେଲେ ପ୍ରଣାମ କରୁଥିବା ବ୍ୟକ୍ତି ମଧ୍ୟକୁ ସେ ନିଜ ଚେତନା ବା ଅଭିଜ୍ଞତାକୁ ଅଧିକ ସହଜରେ ପ୍ରେରଣ କରିପାରନ୍ତି।''

କେତେ ଦିନ ପରେ ତାଙ୍କ ପାଖକୁ ଯାଇଥିବା ୟୁରୋପୀୟ ଶିକ୍ଷକଙ୍କୁ ମା' ଫରାସୀ ଭାଷାରେ ପ୍ରଣାମ କରିବାର ଅର୍ଥ ବ୍ୟାଖ୍ୟା କରିଥିଲେ। ସେ ସାଧାରଣତଃ ମା'ଙ୍କୁ ପ୍ରଣାମ କରୁ ନ ଥିଲେ।

ମା' କହିଥିଲେ, ''ନିଷ୍ଠା ସହକାରେ ପ୍ରଣାମ କଲେ ତାହା ହୁଏ ସୃଷ୍ଟିର ଅନ୍ତଃସ୍ଥିତ ଭଗବାନଙ୍କ ପ୍ରତି ଆତ୍ମଦାନ। ଭଗବାନ ହେଲେ ଆଦି କାରଣ ଏବଂ ପ୍ରଣାମ ହେଲା ସୃଷ୍ଟିସ୍ଥିତ ଭଗବାନଙ୍କ ପ୍ରତି ସ୍ୱୀକୃତି ଓ ଆନତି। ଏକ ହଜାର ଲୋକ ମଧ୍ୟରେ ଜଣେ ଯଥୋଚିତ ଭାବରେ ପ୍ରଣାମ କରେ କି ନାହିଁ ସନ୍ଦେହ, କିନ୍ତୁ ଏହାହିଁ ପ୍ରଣାମର ପ୍ରକୃତ ଭାବ।''

ପ୍ରଣାମର ଏଇ ଗଭୀର ତାତ୍ପର୍ଯ୍ୟ ସତରେ ବିସ୍ମୟକର। ସ୍ୱୟଂ ମା' ଭଗବତୀ ପ୍ରଣାମର ଏଇ ନିହିତାର୍ଥ ଓ ତାତ୍ପର୍ଯ୍ୟ ବ୍ୟାଖ୍ୟା କରିଛନ୍ତି! ଏଇ ସୃଷ୍ଟିର ଅନ୍ତଃସ୍ଥିତ ଭଗବାନ ଓ ଭଗବତୀଙ୍କୁ ପ୍ରଣାମ କରିବାର ସୁବର୍ଣ୍ଣ ସୁଯୋଗ ଆମେ ମଣିଷମାନେ ପାଇଛୁ। ଆମେ ଭାଗ୍ୟବାନ।

# ନାମମନ୍ତ୍ର

ଶ୍ରୀଅରବିନ୍ଦଙ୍କ ନାମ ଶୁଣି ମା'ଙ୍କର ସମାଧି ହେବା ପରି ଭାବ ହୋଇଥିଲା। ନାମ ମାହାତ୍ମ୍ୟ ବୋଲି କଥାଟିଏ ତ ପୁଣି ରହିଛି।

ଶ୍ରୀରାମଠାକୁର ତାଙ୍କ ଶିଷ୍ୟମାନଙ୍କୁ କହୁଥିଲେ କେବଳ ନାମଜପ କର। ଆଉ କିଛି କରିବା ଦରକାର ନାହିଁ। ଆମେ ସାନ ଥିଲାବେଳେ ସେ ଆମ ସମସ୍ତଙ୍କୁ ନାମମନ୍ତ୍ର ଦେବାକୁ ଇଚ୍ଛୁକ ଥିଲେ। ମୁଁ କହିଥିଲି, ''ନା, ନାମମନ୍ତ୍ର ନେବି ନାହିଁ। ସକାଳେ, ସନ୍ଧ୍ୟାରେ ବାପା ମାଆଙ୍କ ପରି ମୁଁ ଆଖି ବନ୍ଦ କରି ଧ୍ୟାନ କରିପାରିବି ନାହିଁ। ମୋର ଯେତେବେଳେ ଇଚ୍ଛା ହେବ ସେତେବେଳେ ଯଦି ନାମଜପ କରିପାରିବି ଏମିତି କିଛି ବ୍ୟବସ୍ଥା କରିଦେଇ ପାରିବେ ତା'ହେଲେ ଆପଣଙ୍କଠାରୁ ନାମମନ୍ତ୍ର ନେବି।'' ଯେଉଁମାନେ ସେଠାରେ ଉପସ୍ଥିତ ଥିଲେ ମୋ କଥା ଶୁଣି ସମସ୍ତେ ହସି ଉଠିଥିଲେ। ସେତେବେଳେ ମୋ ବୟସ ବା କେତେ, ହୁଏତ ନଅ ବା ଦଶ ବର୍ଷ ହେବ।

ମୋ କଥା ଶୁଣି ଶ୍ରୀରାମଠାକୁର କିନ୍ତୁ ହସି ନ ଥିଲେ। ସେ କହିଥିଲେ, ''ଖୁବ୍ ଭଲ। ତୁମର ଯେତେବେଳେ ଇଚ୍ଛା ହେବ ସେତେବେଳେ ନାମଜପ କରିବ। ଖେଳୁଥିବା ବେଳେ ନାମଜପ କରିବ। ଖାଇବା ବେଳେ ନାମଜପ କରିବ। ପଢ଼ିବା ବେଳେ ନାମଜପ କରିବ।''

ତାଙ୍କ କଥା ଶୁଣି ମୋର ମନେହୋଇଥିଲା ଏହା ତ ଖୁବ୍ ସହଜ କଥା। ନାମଜପ କରିବାକୁ ବସିବା ଦରକାର ନାହିଁ। ଶ୍ରୀରାମଠାକୁର ଆମମାନଙ୍କୁ ଭିନ୍ନ ଭିନ୍ନ ମନ୍ତ୍ର ଦେଇଥିଲେ। ସମସ୍ତେ ନିଜ ନିଜ ମନ୍ତ୍ର ଗୋପନ କରି ରଖୁଥିଲୁ। ନାମଜପ କରିବାକୁ ଖୁବ୍ ଭଲ ଲାଗୁଥିଲା।

ଫେଣୀରେ ପ୍ରାୟ ମହୋତ୍ସବ ହେଉଥିଲା। ତିନି ଚାରି ଦିନ ଧରି ଅହୋରାତ୍ର ନାମ କୀର୍ତ୍ତନ ହେଉଥିଲା। ସେଇ କେତେ ଦିନ ସମସ୍ତଙ୍କ ମୁହଁକୁ ଚାହିଁଲେ ଗୋଟିଏ ପବିତ୍ରତାର ଭାବ ଅନୁଭବ କରୁଥିଲି।

ପିଲାବେଳର ସେଇ ନାମମନ୍ତ୍ର ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କ ନାମ ସହିତ ମିଶି ଏକାକାର ହୋଇଗଲା। ଏଠାକୁ ଆସିବା ପରେ ମା'ଙ୍କୁ ଶ୍ରୀରାମଠାକୁରଙ୍କ ଫଟୋଟି ଦେଇ ଦେଇଥିଲି। ମା' ଫଟୋଟି ଦେଖି କିଛି ସମୟ ପରେ କହିଥିଲେ, ''ଏ ସର୍ବଦା ମୋ ପାଖରେ ରହିଛନ୍ତି।''

ମା' ନିଜେ ଆମମାନଙ୍କୁ ଶିଖାଉଥିଲେ, ''ମା', ମା' କରି ଡାକିବ। ଦେଖିବ ସବୁ ବିପଦ କଟିଯିବ।'' ଏମିତି ମାହାତ୍ମ୍ୟ ରହିଛି ନାମଜପର।

"ଶ୍ରୀଅରବିନ୍ଦଃ ଶରଣଂ ମମ।
ଓଁ ନମୋ ଭଗବତେ ଶ୍ରୀଅରବିନ୍ଦାୟ।
ଓଁ ନମୋ ନମଃ ଶ୍ରୀମୀରାମ୍ବିକାୟୈ।"

ମିନିଦି', ସ୍ମୃତି ଓ ମନୋଜର ସୁମଧୁର କଣ୍ଠସ୍ୱର ଭାସିଆସୁଛି...। ପ୍ଲେ-ଗ୍ରାଉଣ୍ଡରେ ସାରା ଆଶ୍ରମର ଲୋକେ ଏଇ ନାମ ଗାନ ଶୁଣୁଛନ୍ତି। ସମସ୍ତେ ସ୍ତବ୍ଧ।

କଲେଜରେ ବୈଷ୍ଣବ ପଦାବଳୀ ପଢ଼ିବା ସମୟରେ ଏଇ କେତୋଟି ପଙ୍‌କ୍ତି ଆମମାନଙ୍କୁ ଛୁଇଁଯାଉଥିଲା।

"ସଖି, କିଏ ଶୁଣାଇଲା ଶ୍ୟାମ ନାମ
କାନ ଦେଇ ମୋ ମରମେ ପଶିଲା
ଆକୁଳ କଲା ମୋ ପ୍ରାଣ।"

ମନରେ ପ୍ରଶ୍ନ ଉଠୁଥିଲା, ଏହା କ'ଣ ସମ୍ଭବ। ଶ୍ରୀକୃଷ୍ଣଙ୍କ ଚରଣରେ ଶ୍ରୀରାଧାଙ୍କର ଏଇ ପ୍ରେମ ଓ ଆତ୍ମ ନିବେଦନ ଆମ ମନକୁ କେମିତି ଉଦାସ କରିଦେଉଥିଲା। ସେତେବେଳେ ଜାଣି ନ ଥିଲି ଯେ ଶ୍ରୀଅରବିନ୍ଦଙ୍କ ନାମ ଗାନ ଶୁଣି ମା'ଙ୍କର ମଧ୍ୟ ଶ୍ରୀରାଧାଙ୍କ ପରି ଏଇ ପ୍ଲେ-ଗ୍ରାଉଣ୍ଡରେ ଭାବସମାଧି ହେବ ଏବଂ ଆମେ ମା'ଙ୍କର ସେଇ ଭାବାନ୍ତର ଦର୍ଶନ କରିବୁ। ଶେଷରେ ଏଇ ପ୍ଲେ-ଗ୍ରାଉଣ୍ଡରେହିଁ ସେଇ ଅଭାବନୀୟ ଘଟଣା ଘଟିଲା।

ପ୍ଲେ-ଗ୍ରାଉଣ୍ଡରେ ମିନିଦି', ସ୍ମୃତି ଓ ମନୋଜର ସୁମଧୁର କଣ୍ଠସ୍ୱର ଭାସି ଆସୁଥାଏ:

"ଶ୍ରୀଅରବିନ୍ଦଃ ଶରଣଂ ମମ।
ଓଁ ନମୋ ଭଗବତେ ଶ୍ରୀଅରବିନ୍ଦାୟ।
ଓଁ ନମୋ ନମଃ ଶ୍ରୀମୀରାମ୍ବିକାୟୈ।"

ପ୍ଲେ-ଗ୍ରାଉଣ୍ଡ ଭର୍ତ୍ତି ଲୋକ ମା'ଙ୍କ ସମ୍ମୁଖରେ ଶ୍ରୀଅରବିନ୍ଦ ଓ ମା'ଙ୍କ ନାମ ଗାନ ଶୁଣୁଥା'ନ୍ତି। ଅପୂର୍ବ ଶାନ୍ତ ପରିବେଶ। 'ଆକୁଳ କଲା ମୋ ପ୍ରାଣ' ଏଇ ପଙ୍‌କ୍ତିଟିର ଯଥାର୍ଥତା ସେଦିନ ଆମେ ସହଜରେ ହୃଦୟଙ୍ଗମ କରିପାରିଥିଲୁ।

ମା'ଙ୍କ ଚାରିପାଖରେ ବସି ପ୍ଲେ-ଗ୍ରାଉଣ୍ଡରେ ଆମେ ସମସ୍ତେ ମା'ଙ୍କ ସେହି ଭାବାନ୍ତର ଲକ୍ଷ୍ୟ କରିଛୁ। ଆମମାନଙ୍କ ମଧ୍ୟରେ ଆତ୍ମନିବେଦନର ଆକୂତି ଜାଗ୍ରତ ହୋଇଛି।

ମନେପଡ଼ୁଛି ସାହାନାଦି'ଙ୍କୁ ମା'ଙ୍କର ରାଧା ନୃତ୍ୟ ଶିଖାଇବା କଥା। ସାହାନାଦି'ଙ୍କ ପାଖରୁହିଁ ଏଇ କାହାଣୀଟି ଶୁଣିଥିଲି। ସେ ଆମମାନଙ୍କୁ ସେଇ ରାଧା ନୃତ୍ୟ ନାଚି ଦେଖାଇଥିଲେ।

ମା' ବାରଂବାର ନିଜେ ନାଚି ସାହାନାଦି'ଙ୍କୁ ଦେଖାଇ ଦେଇଥିଲେ କେମିତି ଭାବରେ ଆତ୍ମନିବେଦନର ଭାବଟି ନାଚରେ ଫୁଟାଇବାକୁ ପଡ଼ିବ। ଏଇ ନାଚ ପାଇଁହିଁ ମା' 'ରାଧାଙ୍କ ପ୍ରାର୍ଥନା'ଟି ଲେଖି ସାହାନାଦି'ଙ୍କୁ ଦେଇଥିଲେ। ଏହା ବହୁ ଆଗର ଘଟଣା...।

ଏଇ ପ୍ରସଙ୍ଗରେ ମୋ ନିଜ କଥାଟିଏ କହୁଛି। ମୁଁ ସେତେବେଳେ ନୂଆ କରି ଏଠାକୁ ଆସିଥାଏ। ଦିନେ ଖୁବ୍ ସଂକୋଚ କରି ହଠାତ୍ ମା'ଙ୍କୁ ପ୍ରଶ୍ନ କଲି, ''ମା', କେମିତି ସମର୍ପଣ କରିବାକୁ ହୁଏ?'' ମା' ହସିହସି କହିଲେ, ''ତୁମେ ମୋତେ ପ୍ରତିଦିନ ଭକ୍ତି ଓ ଭଲପାଇବାର ସହ ଫୁଲ ଦିଅ ତ? ଠିକ୍ ସେମିତି ମନୋଭାବ ନେଇ ନିଜକୁ ସମ୍ପୂର୍ଣ୍ଣ ଭାବରେ ମୋତେ ନିବେଦନ କରିବ। ଶରୀରକୁ ସମ୍ପୂର୍ଣ୍ଣ ଭାବରେ ମୋତେ ନିବେଦନ କରିବ। ଶରୀରର ପ୍ରତିଟି ଅଙ୍ଗପ୍ରତ୍ୟଙ୍ଗକୁ ମଧ୍ୟ ଏମିତି ଭାବରେ ନିବେଦନ କରିବ।'' ମା' ମୋ ହାତରୁ ଫୁଲଗୁଡ଼ିକ ନେଇ ନିଜର ଦୁଇ ହାତକୁ ଅର୍ପଣ କରିବା ଭଙ୍ଗୀରେ ଉପରକୁ ଉଠାଇଲେ। ଦୃଷ୍ଟି ତାଙ୍କର ଅପୂର୍ବ। ମା'ଙ୍କର ସେଇ ଆତ୍ମନିବେଦନ ଭଙ୍ଗୀର ତୁଳନା ନାହିଁ। ମା'ଙ୍କ ଶରୀର ନିଜକୁ ଉଠାଇ ନେଇଥିଲା ଊର୍ଦ୍ଧ୍ୱକୁ, ଅନେକ ଦୂରକୁ...। ମୁଗ୍ଧ ବିସ୍ମୟରେ ମୁଁ ମା'ଙ୍କୁ ଚାହିଁରହିଥିଲି।

ସେଇ ମୁହୂର୍ତ୍ତରେ ମନେହେଲା ଆତ୍ମନିବେଦନ କରିବା ଖୁବ୍ ସହଜ! ସବୁ ବୁଝିଗଲା ପରି ମନେହୋଇଥିଲା। ମା' କହିଲେ, ''ନିଜ ଶରୀରର ପ୍ରତିଟି ଅଣୁ, ପରମାଣୁ, ମନର ସମସ୍ତ ଚିନ୍ତା ଭାବନା ଏମିତି ଭାବରେ ମୋତେ ନିବେଦନ କରିବ।''

ସେଦିନ ପ୍ଲେ-ଗ୍ରାଉଣ୍ଡରେ ମା'ଙ୍କର ଭାବାନ୍ତର ଦେଖି ଆତ୍ମନିବେଦନ କରିବାକୁ ଆମ ସମସ୍ତଙ୍କ ଅନ୍ତରରେ ଜାଗି ଉଠିଥିଲା ଆକୁଳ ଆକୂତି। ସେଦିନ ସମସ୍ତଙ୍କ ଅନ୍ତରରେ ମନ୍ଦ୍ରିତ ହେଉଥିଲା,

''ଶ୍ରୀଅରବିନ୍ଦଶରଣଂ ମମ।
ଓଁ ନମୋ ଭଗବତେ ଶ୍ରୀଅରବିନ୍ଦାୟ।
ଓଁ ନମୋ ନମଃ ଶ୍ରୀମୀରାମ୍ବିକାୟୈ।''

ଶ୍ରୀଅରବିନ୍ଦଙ୍କ ନାମ ଗାନ ଶୁଣି ମା'ଙ୍କ ଶରୀର ସ୍ଥିର ଭାବରେ ଆସୀନ। ତାଙ୍କ

ଶରୀରର ପ୍ରତିଟି ଅଣୁ ପରମାଣୁ ଏଇ ମନ୍ତ୍ର ଶୁଣି ରୋମାଞ୍ଚିତ। ଆମମାନଙ୍କର ଏଇ ବୋଧହିଁ ହୋଇଥିଲା। ଏହି ଅପୂର୍ବ ଦୃଶ୍ୟ ଯେ ଆମେ ଦର୍ଶନ କରିବୁ ତାହା ଆମର ଧାରଣାତୀତ ଥିଲା। ସଜଳ ନୟନରେ ସମସ୍ତେ ମା'ଙ୍କୁ ଚାହିଁ ଶୁଣୁଥିଲୁ:

"ଶ୍ରୀଅରବିନ୍ଦ ଶରଣଂ ମମ।
ଓଁ ନମୋ ଭଗବତେ ଶ୍ରୀଅରବିନ୍ଦାୟ।
ଓଁ ନମୋ ନମଃ ଶ୍ରୀମୀରାମ୍ବିକାୟୈ।"

## ଦର୍ଶନ

### ପ୍ରତୀକ୍ଷା

"ପ୍ରଭୁ, ତୁମ ଲାଗି ରହେ ଜାଗି;
ଦରଶନ ନ ପାଏ ତୁମର,
ରହିଥାଏ ପଥ ଚାହିଁ,
ପ୍ରତୀକ୍ଷା ବି ଆନନ୍ଦ ଅପାର।"

ମା'ଙ୍କ ଦର୍ଶନ ପାଇବା ପାଇଁ, ତାଙ୍କ ଶ୍ରୀହସ୍ତରୁ ଆଶୀର୍ବାଦ ଫୁଲଟିଏ ପାଇବା ପାଇଁ ଆମମାନଙ୍କର କେତେ ଆକାଂକ୍ଷା ଥିଲା। ଦିନ ପରେ ଦିନ, ଘଣ୍ଟା ପରେ ଘଣ୍ଟା ଆମେମାନେ ଶାନ୍ତ ଭାବରେ ତାଙ୍କ ପଥ ଚାହିଁ ଅପେକ୍ଷା କରୁଥିଲୁ। ସନ୍ଧ୍ୟାବେଳେ ମା'ଙ୍କ କୋଠରିକୁ ଯିବାର ଶିଡ଼ି ଉପରେ ଆମେ ବସି ରହୁଥିଲୁ। କେବେ କେବେ ରାତି ଦଶଟା ବାଜିଯାଉଥିଲା। ଆମେ ସେମିତି ବସି ରହୁଥିଲୁ। ମା' ହଠାତ୍ କବାଟ ଖୋଲି ଆମ ସମସ୍ତଙ୍କୁ ଆଶୀର୍ବାଦ ଫୁଲ ଦେଇ ତଳକୁ ଓହ୍ଲାଇ ଆସୁଥିଲେ କାରଣ ତଳେ ମେଡ଼ିଟେଶନ ହଲ୍‌ରେ ଲୋକମାନେ ମା'ଙ୍କ ପାଇଁ ଅପେକ୍ଷା କରୁଥିଲେ। ଏମିତି ଭାବରେ ବର୍ଷ ପରେ ବର୍ଷ କଟିଛି। ପୁଣି କେବେ କେବେ ମା' କବାଟ ଖୋଲୁ ନ ଥିଲେ କାରଣ ସମାଧିସ୍ଥ ହୋଇଯାଉଥିଲେ। ସମସ୍ତେ ସେଦିନ ଚୁପ୍‌ଚାପ୍ ଘରକୁ ଫେରିଆସୁଥିଲୁ। କିନ୍ତୁ ଏମିତି ଭାବରେ ମା'ଙ୍କ ପାଇଁ ଅପେକ୍ଷା କରିବାରେ ଆନନ୍ଦ ମିଳୁଥିଲା। ତା' ବୋଲି କ'ଣ କଷ୍ଟ ହେଉ ନ ଥିଲା ?

ବର୍ଷ ବର୍ଷ ଧରି ସବୁ ଏମିତି ଧାରାରେ ଚାଲିଥିଲା। ଦିନେ ଯେ ଏସବୁ ବନ୍ଦ ହୋଇଯିବ ତାହା କିଏ ଜାଣିଥିଲା !

"ଧୂଳିରେ ବସି ତୁମ ଦୁଆରେ
ଭିକାରୀ ହୃଦୟ ଝୁରେ
ତୁମରି କରୁଣା ମାଗେ।"

### ମୁଁ ଯେ ମା'

ଦିନେ ପ୍ଲେ-ଗ୍ରାଉଣ୍ଡରେ ନାନା ପ୍ରକାର କଥା କହୁ କହୁ ମା' କହିଲେ, "ସନ୍ଧ୍ୟାବେଳେ ମୁଁ ପ୍ରାୟ କାର୍‌ରେ ଟିକିଏ ଦୂରକୁ ବୁଲିବାକୁ ଯାଉଥିଲି। ପବିତ୍ର ମୋ କାର୍ ଚଳାଉଥିଲା। ସେଦିନ ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚି ପବିତ୍ର କାର୍ ଅଟକାଇଲା। ମୋ ପାଇଁ କାର୍‌ର କବାଟ ଖୋଲି ଦେଇ ସେ ପଦଚାରଣା କରିବାକୁ ଲାଗିଲା। ମୁଁ କାର୍ ଭିତରେ ବସିଥାଏ। ଶାନ୍ତ

ପରିବେଶ। ଖୋଲା କବାଟ ଦେଇ ବାହାରର ନାନା ଦୃଶ୍ୟ ଦେଖୁଥାଏ। କେଉଁଠାରୁ କେଜାଣି ହଠାତ୍ ଗୋଟିଏ ବିରାଟ ଗୋଖର ସାପ ଆସି କାର୍ ଭିତରେ ପଶିଲା। ମୋ କୋଳ ପାଖକୁ ଆସି ଫଣା ମେଲାଇ ହଲିବାକୁ ଲାଗିଲା। ମୁଁ କିଛି ସମୟ ତାକୁ ଦେଖିଲି। ତା'ପରେ ତାକୁ କହିଲି, ''ଏବେ ତୁମେ ଯାଇପାର।'' ସଙ୍ଗେ ସଙ୍ଗେ ସାପଟି ମୁଣ୍ଡ ତଳକୁ କରି ଚାଲିଗଲା। ଯାହା ହେଲେ ବି ସାପ ତ!''

ମା'ଙ୍କର ଏମିତି ସାପକୁ ନେଇ ଖେଳ ମୋତେ ଆଦୌ ଭଲଲାଗିଲା ନାହିଁ। କହିପକାଇଲି, ''ସାପକୁ ଏମିତି ପ୍ରଶ୍ରୟ ଦେବା ଠିକ୍ ହୋଇ ନାହିଁ। ତାକୁ ମାରିଦେବା ଉଚିତ ଥିଲା।''

ମୋ କଥା ଶୁଣି ମା' ଅବାକ୍! କହିଲେ, ''ନା, ତା' ହୋଇ ନ ପାରେ। ମୁଁ ମାରି ପାରିବିନି, ମୁଁ ଯେ ମା'।''

'ମୁଁ ଯେ ମା', ଏଇ ବାକ୍ୟଟି ମା'ଙ୍କ ମୁହଁରୁ ଏମିତି ଭାବରେ ଉଚ୍ଚାରିତ ହେଲା ଯେ ମୋର ଆଉ ତା'ପରେ କିଛି କହିବାର ନ ଥିଲା। ସ୍ତବ୍ଧ ହୋଇ ବସି ରହିଲି। 'ମୁଁ ଯେ ମା' ଏଇ କଥାଟି ଯେମିତି ସମଗ୍ର ବିଶ୍ୱରେ ଅନୁରଣିତ ହେବାକୁ ଲାଗିଲା। ସାମାନ୍ୟ ଗୋଟିଏ ଘଟଣା ପାଇଁ ମା'ଙ୍କ ମୁହଁରୁ 'ମୁଁ ଯେ ମା' ଏଇ ମହାନ୍ ଉକ୍ତିଟି ଶୁଣିବାକୁ ପାଇଥିଲି।

ଆଉ ଦିନକର ଘଟଣା। ଟେନିସ୍ ଖେଳିସାରି ମା' ପ୍ଲେ-ଗ୍ରାଉଣ୍ଡକୁ ଆସିଥା'ନ୍ତି। ମୋଟାକାକା (ଚାରୁଚନ୍ଦ୍ର ଭଟ୍ଟାଚାର୍ଯ୍ୟ ଅର୍ଥାତ୍ ପ୍ରଣବର କକା) ଦଳେ ଅଳ୍ପ ବୟସର ପିଲାଙ୍କୁ ନେଇ ପ୍ଲେ-ଗ୍ରାଉଣ୍ଡକୁ ପଶିଲେ। ସେମାନେ ଥିଲେ ପ୍ରାଇମେରୀ ସ୍କୁଲର ଛାତ୍ର। ଖୁବ ଗରୀବ। ସମସ୍ତେ ପିନ୍ଧିଥିଲେ ମଇଳା ହାଫ୍ ପ୍ୟାଣ୍ଟ ଓ ଛିଣ୍ଡା ଶାର୍ଟ। ମୁଣ୍ଡର କେଶ ରୁକ୍ଷ, ଅସଜଡ଼ା। କେଉଁ ଯୁଗରୁ ମୁଣ୍ଡରେ ତେଲ ଦିଆଯାଇ ନାହିଁ କିଏ ଜାଣେ। ସେଇ ପିଲାମାନଙ୍କୁ ନେଇ ମୋଟାକାକା ମା'ଙ୍କ ପାଖକୁ ଆସିଲେ। ମୁଁ ମା'ଙ୍କ ପାଖରେ ଠିଆହୋଇଥିଲି। ମା' ସମସ୍ତଙ୍କୁ ସସ୍ନେହେ ହସ ହସ ମୁହଁରେ ଟଫି ଦେଲେ। ହଠାତ୍ ମୋଟାକାକା କହିଉଠିଲେ, ''ମା', ଏଇ ପିଲାମାନଙ୍କର ଏତେ ମଇଳା ପ୍ୟାଣ୍ଟ ଶାର୍ଟ ଦେଖି ପ୍ରୀତିକୁ ଖୁବ୍ ଘୃଣା ଲାଗୁଛି।'' ମା' ମୋତେ ଥରଟିଏ ଚାହିଁଲେ। ମୋତେ ଅପ୍ରସ୍ତୁତ ଲାଗିଲା। ସେଇ ବିଚରା ପିଲାମାନଙ୍କୁ ଦେଖି ମୁଁ ଆଦୌ ଘୃଣା କରି ନ ଥିଲି। ମୋତେ ଏମିତି ଅପ୍ରସ୍ତୁତ କରିଦେଇ ମୋଟାକାକା ବେଶ୍ ଖୁସି। ଟଫି ଦେବା ଶେଷ ହେବା ପରେ ମା' ନିଜ କୋଠରିକୁ ଯିବାକୁ ଆରମ୍ଭ କଲେ। ତାଙ୍କ ପଛେ ପଛେ ମୁଁ ଚାଲିଥାଏ। ଟିକିଏ ଆଗେଇବା ପରେ ମା' ଠିଆହୋଇଗଲେ। ଫେରି ଚାହିଁ ମୋତେ କହିଲେ, ''ଭୁଲି ଯାଅ ନା ଯେ ସେମାନେ ବି ମୋ ସନ୍ତାନ। ମୁଁ ସେମାନଙ୍କର ମଧ୍ୟ

ମା'।'' ସବୁ ସନ୍ତାନମାନଙ୍କ ପାଇଁ ତାଙ୍କ ମାତୃହୃଦୟରୁ ଗଭୀର ବିପୁଳ ସ୍ନେହ ଉଚ୍ଛାରିତ। ମୁଁ ସେମାନଙ୍କର ମଧ୍ୟ ମା', ମା'ଙ୍କ ମୁହଁରୁ ଏଇ କଥା ଶୁଣି ମୁଁ ସ୍ତବ୍ଧ, ମୁଗ୍ଧ।

ମନେପଡ଼ିଲା 'ମା' ବହିରେ ଶ୍ରୀଅରବିନ୍ଦ ଲେଖିଛନ୍ତି, ''ତାଙ୍କ ଦୃଷ୍ଟିରେ ସମସ୍ତେ ତାଙ୍କ ସନ୍ତାନ, ସେଇ ଅଦ୍ୱିତୀୟଙ୍କ ଅଂଶ।'' ସ୍ୱୟଂ ମା'ଙ୍କ ମୁହଁରୁ 'ମୁଁ ଯେ ମା' ଏଇ ବାକ୍ୟ ଦିନେ ଶୁଣିବି ତାହା ତ କେବେ କଳ୍ପନା ମଧ୍ୟ କରି ନ ଥିଲି। ମଝିରେ ମଝିରେ ମନେପଡ଼େ ମା'ଙ୍କର ସେହି ସ୍ନେହପୂର୍ଣ୍ଣ କଣ୍ଠ, 'ମୁଁ ଯେ ମା'। ଆଉ ମନେପଡ଼େ ଏକଥା କହିବାବେଳେ ମା' କି ସୁନ୍ଦର ଦେଖାଯାଉଥଲେ !

"Bearing the burden of universal love,
A wonderful mother of unnumbered souls."

''ଅଙ୍ଗେ ବହି ବିଶ୍ୱବ୍ୟାପୀ ପ୍ରେମ-ଗୁରୁଭାର,
ଅଗଣିତ ଜୀବାତ୍ମାଙ୍କ ସେ ଜନନୀ ଅପରୂପା''

# 'ସାଧ୍ୟ କି ଅଛି ମୂର୍ତ୍ତ କରିବି ସେଇ ମୁହୂର୍ତ୍ତ'

ଦିନେ ସନ୍ଧ୍ୟାରେ ଆଶ୍ରମକୁ ଯାଇଥିଲି । ସବୁ ଆଲୁଅ ଲିଭାଇ ଦିଆଗଲା । ସମସ୍ତେ ଧ୍ୟାନରେ ମଗ୍ନ । ମା'ଙ୍କ ତିରୋଧାନ ସମୟଟିରେ ସନ୍ଧ୍ୟାରେ ଆମେ ଆଶ୍ରମରେ ଧ୍ୟାନ କରୁ । ମେଡ଼ିଟେଶନ ହଲକୁ ପଶିବା ପୂର୍ବରୁ ଯେଉଁ ଟିକିଏ ଜାଗା ଅଛି ସେଇଠି ବସିଥିଲି । ଚାରିଆଡ଼େ ଜ୍ୟୋସ୍ନାରେ ଭରପୂର । ସବୁକିଛି ଅପୂର୍ବ ସୁନ୍ଦର ଲାଗୁଥିଲା । ସଲୁସୁଲିଆ ପବନ ମନକୁ ଶାନ୍ତ କରି ମା'ଙ୍କ ଚରଣରେ ନିବେଦନ କରିବାକୁ ଯେମିତି ବନ୍ଧୁ ପରି ଆଗେଇ ଆସିଲା । ଧ୍ୟାନ ପରେ ଜ୍ୟୋତି ସହିତ ଘରକୁ ଫେରିବାବେଳେ ମୋର ଗୋଟିଏ ପୁରୁଣା ପିଲାଳିଆମି କଥା ମନେପଡ଼ିଲା । ପ୍ରତ୍ୟେକ ଶୁକ୍ଳପକ୍ଷରେ ଅନିବାର୍ଯ୍ୟ ଭାବରେ ଏଇ ଘଟଣାଟି ମନରେ ଭାସିଉଠେ । ଜ୍ୟୋସ୍ନାପ୍ଳୁତ ନିର୍ଜନ ରାସ୍ତାରେ ବାଟ ଚାଲୁ ଚାଲୁ ଜ୍ୟୋତିକୁ ସେଇ ଘଟଣାଟି କହିଲି ।

୧୯୪୪ ମସିହା । ମୁଁ ନୂଆ କରି ଏଠାରେ ସ୍ଥାୟୀ ହୋଇଥାଏ । ସନ୍ଧ୍ୟାରେ ଏକା ଏକା ସମୁଦ୍ର କୂଳକୁ ବୁଲିବାକୁ ଯାଏ । ଖୁବ୍ ଭଲଲାଗେ । ଶୁକ୍ଳପକ୍ଷ ହୋଇଥିଲେ ତ ଆହୁରି ଭଲଲାଗେ । ସେଦିନ ଥିଲା ପୂର୍ଣ୍ଣିମା । ସମୁଦ୍ର ଏତେ ସୁନ୍ଦର ରୂପ ଧାରଣ କରିଥାଏ ଯେ ଫେରିଆସିବାକୁ ଇଚ୍ଛା ହେଉ ନ ଥାଏ । ବହୁ ସମୟ ଧରି ବସିଥାଏ । ଘରକୁ ଫେରି ଦେଖେ ରାତି ସାଢ଼େ ନଅଟା ବାଜିଯାଇଛି ! ପ୍ରତିଦିନ ମୁଁ ସମୁଦ୍ର ଆଡ଼କୁ ଚାହିଁ କିଛି ସମୟ ବସି ରହୁଥିଲି । ସମୁଦ୍ର ମୋତେ ଖୁବ୍ ଆକର୍ଷଣ କରୁଥିଲା ।

ଲକ୍ଷ୍ୟ କଲି କେତେଦିନ ଧରି ମା' ଯେମିତି ଗମ୍ଭୀର ଭାବରେ ମୋତେ ଫୁଲ ଦେଉଛନ୍ତି । କାରଣ କ'ଣ କିଛି ବି ବୁଝିପାରୁ ନ ଥିଲି । ପଚାରିବାର ସାହସ ବି ନାହିଁ । ରାତିରେ ଶୋଇପାରେ ନାହିଁ । ସନ୍ଧ୍ୟାରେ ବହୁ ସମୟ ଧରି ସମୁଦ୍ର କୂଳରେ ବସିରୁହେ । ଦୁଃଖରେ ମନ ଭାରାକ୍ରାନ୍ତ । ବିଷଣ୍ଣ । ସମୁଦ୍ର କୂଳରେ ବସି ମନ ଟିକିଏ ଶାନ୍ତ ହେଲାପରେ ଯାଇ ଘରକୁ ଫେରୁଥିଲି । ଦିନେ ମା'ଙ୍କ ପାଖକୁ ଯାଇ ଦେଖିଲି ମା' ଖୁବ୍ ଗମ୍ଭୀର । ହଠାତ୍ ତାଙ୍କୁ ପଚାରି ଦେଲି, ''ମୁଁ କ'ଣ କରିଛି ମା' ? ତୁମେ ଏତେ ଗମ୍ଭୀର ହୋଇ ମୋତେ ଫୁଲ ଦିଅ କାହିଁକି ? ତୁମରି ପାଇଁ ତ ମୁଁ ଏଠାରେ ରହିଛି ମା' ?'' ଏହା କହିବାକୁ ଯାଇ ଦୁଃଖରେ ଗଳା ଭାରି ହୋଇଆସିଲା ।

ମା' କହିଲେ, ''ତୁମେ ପ୍ରତିଦିନ ବହୁ ସମୟ ସମୁଦ୍ର କୂଳରେ ଥାଅ । ଏକା ଏକା ଅନେକ ରାତି ପର୍ଯ୍ୟନ୍ତ ଘୁରିବୁଲ ।'' ମୁଁ ତ ଅବାକ୍ । ଉତ୍ସାହର ସହିତ କହିଲି, ''ହଁ ମା', ମୁଁ ବହୁ ସମୟ ସମୁଦ୍ର କୂଳରେ ବସେ । ଖୁବ୍ ଭଲଲାଗେ । ଏବେ ତ ଶୁକ୍ଳପକ୍ଷ । ସମୁଦ୍ର ଅପୂର୍ବ ରୂପ ଧାରଣ କରିଛି । ଆଗାମୀ କାଲି ତୁମକୁ ବି ସମୁଦ୍ର କୂଳକୁ ବୁଲିବାକୁ

ନେଇଯିବି। ତୁମକୁ ବି ଖୁବ୍ ଭଲଲାଗିବ। ଯିବ ମା'?''

ମୋ ଦୁଇ କାନ୍ଧରେ ହାତ ରଖି ମା' ବହୁ ସମୟ ମୋତେ ଚାହିଁ ରହିଲେ। ମା'ଙ୍କ ଆଖି ଦୁଇଟି ଯେମିତି ହସୁଥାଏ। ମୁଁ ତ ଅପ୍ରସ୍ତୁତ।

ମା' କହିଲେ, ''ଶୁଣ, ଏବେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଚାଲିଛି। ତେଣୁ ରାତିରେ ସବୁ ଆଲୁଅ ନିଷ୍ପ୍ରଦୀପ କରିଦିଆଯାଏ। ସେଇ ଅନ୍ଧାରରେ ତୁମେ ଏକା ଏକା ସମୁଦ୍ର କୂଳରେ ବସିବ ନାହିଁ। ତା'ଛଡ଼ା ଏଠାରେ ରିକ୍ସାବାଲାମାନେ ମଦ ପିଇ ମାତାଲ୍ ହୋଇ ଘୁରିବୁଲନ୍ତି। ଯେଉଁଠି ଥାଅ ନା କାହିଁକି ରାତି ନଅଟା ପୂର୍ବରୁ ଘରକୁ ଫେରିଆସିବ।''

ମୁଁ ତ ଯେମିତି ଆକାଶରୁ ପଡ଼ିଲି। ଏଇ କଥା ତ ମା' ମୋତେ ଆଗରୁ କହିପାରିଥା'ନ୍ତେ! ଏଇଥିପାଇଁ ଏଇ କେତେ ଦିନ କି ଦୁଃଖରେ ନ କଟିଲା!

ଜାପାନୀମାନେ ଯେତେବେଳେ କକ୍ସ ବଜାରରେ ବୋମା ପକାଇଲେ, ଆମେ ସେତେବେଳେ ଫେଣୀରେ ଥିଲୁ। ଶ୍ରୀଅରବିନ୍ଦଙ୍କ ନିର୍ଦ୍ଦେଶକ୍ରମେ ଆମେ ଏକମାତ୍ର ପରିବାର ବେଶ୍ କିଛି ଦିନ ଜନଶୂନ୍ୟ ଫେଣୀରେ ଥିଲୁ। ମନରେ ଭୟ ବୋଲି କିଛି ନ ଥିଲା। ତା'ପରେ ଯେତେବେଳେ କଲିକତା ଗଲୁ ସେଠାରେ ମଧ୍ୟ ରାତିରେ ନିଷ୍ପ୍ରଦୀପ ଚାଲିଥାଏ। ଜାପାନୀମାନେ ବୋମା ପକାଇ ଚାଲିଥା'ନ୍ତି। ଆମର କିନ୍ତୁ ଭୟ ନ ଥିଲା। ଛାତ ଉପରେ ଥିବା ଛୋଟ ଘରଟିରେ ବସି ତପତୀ ଓ ମୁଁ ପଢୁଥିଲୁ। ସାଇରନ୍ ବାଜିବା ମାତ୍ରେ ଶିଡ଼ି ତଳକୁ ଆସି ବାଲିବସ୍ତା ପାଖରେ ସମସ୍ତଙ୍କ ପରି ଚୁପ୍‌ଚାପ୍ ଠିଆ ହୋଇଯାଉଥିଲୁ। ପୁଣି ନିରାପଦର ସଂକେତ ବାଜି ଉଠିଲେ ଛାତକୁ ଯାଇ ପଢ଼ିବାକୁ ବସୁଥିଲୁ। କଲେଜରେ ବି ସେଇ ଏକା କଥା। ସେତେବେଳର କୌଣସି ପୁଅଝିଅ ଯୁଦ୍ଧ ବା ସୈନ୍ୟମାନଙ୍କୁ ବିଶେଷ ଗୁରୁତ୍ୱ ଦେଉ ନ ଥିଲେ। ଫେଣୀରେ ଆମ ଘର ପାଖରେ ଥିବା ପଡ଼ିଆଟି ଅତିକ୍ରମ କଲେ ସ୍କୁଲ, କଲେଜ ଓ ପିଲାମାନଙ୍କ ପାଇଁ ତିନି ଚାରୋଟି ହଷ୍ଟେଲ ଥିଲା। ଯୁଦ୍ଧ ସମୟରେ ଏସବୁରେ ସୈନ୍ୟମାନେ ଆସି ରହିଥିଲେ। କିନ୍ତୁ ଭୟ ବୋଲି ଜିନିଷ ଆମ ଭିତରେ ନ ଥିଲା। ମା' ଦ୍ୱିତୀୟ ବିଶ୍ୱଯୁଦ୍ଧ କହିବା ମାତ୍ରେ ଆମର ସେଇ ସମୟର ଜୀବନଯାତ୍ରା କଥା ମୋର ମନେପଡ଼ିଲା। ଯେଉଁ ଝିଅଟି ଯୁଦ୍ଧ ଓ ନିଷ୍ପ୍ରଦୀପ ମଧ୍ୟରେ କୈଶୋର କଟାଇଛି ସ୍ୱଭାବତଃ ତା' ମନରେ ନିଷ୍ପ୍ରଦୀପ କୌଣସି ରେଖାପାତ କରି ନ ଥିଲା।

କୃତଜ୍ଞ ଚିତ୍ତରେ ମା'ଙ୍କୁ ପ୍ରଣାମ କଲି। ଜଣେ ନୂଆ ଆସିଥିବା ଝିଅ ପାଇଁ ମା'ଙ୍କର ଏତେ ଚିନ୍ତା ଦେଖି ଖୁବ୍ ବିସ୍ମିତ ହୋଇଥିଲି। ମନେ ହୋଇଥିଲା ଯେ କେବଳ ମା'ହିଁ ସମସ୍ତଙ୍କ ପାଇଁ ଚିନ୍ତା କରନ୍ତି। ସେଦିନର ଅନୁଭୂତି ନୂଆ ଆସିଥିବା ଜଣେ

ଅନଭିଜ୍ଞ ଝିଅ ପାଇଁ ଥିଲା ଅଭାବନୀୟ । ବହୁଦିନ ପରେ ସେଦିନ ଶାନ୍ତିରେ ଶୋଇଲି ।

*

ସେଦିନ ବାଲ୍‌କୋନି ଦର୍ଶନ ପରେ ମା' କାହାକୁ ଦେଖା କରିବେ ନାହିଁ ବୋଲି ଠିକ୍ କରିଥିଲେ । ମୁଁ ବାଲ୍‌କୋନି ରାସ୍ତାରେ ଥିବା ମା'ଙ୍କ ରୋଷେଇ ଘରର କବାଟକୁ ଆଉଜି ଚୁପଚାପ୍ ଠିଆହୋଇଥିଲି । ଭାବୁଥିଲି, ଆଜି ଆଉ ମା'ଙ୍କ ପାଖକୁ ଯାଇହେବ ନାହିଁ । ଇତିମଧ୍ୟରେ ମା' ବାଲ୍‌କୋନିକୁ ଆସିଲେ । ତାଙ୍କୁ ଚାହିଁ ଠିଆହୋଇଥାଏ । ପ୍ରାଣଭରି ତାଙ୍କୁ ଦେଖୁଥାଏ । ଆଜି ତ ଆଉ ମା'ଙ୍କ ପାଖକୁ ଯାଇହେବ ନାହିଁ । ମା' ବାଲ୍‌କୋନିରୁ ଚାଲିଯିବା ସମୟରେ ଏରୁଣ୍ଡି ଉପରେ ଠିଆହୋଇ ହାତଠାରି ମୋତେ ଉପରକୁ ଯିବାକୁ ଇଙ୍ଗିତ କଲେ । ସେତେବେଳକୁ ବାଲ୍‌କୋନିର ରାସ୍ତା ଫାଙ୍କା । ସମସ୍ତେ ଚାଲିଯାଇଥା'ନ୍ତି । ଚୁପ୍‌ଚାପ୍ ମା'ଙ୍କ ରୋଷେଇ ଘରର କବାଟକୁ ଆଉଜି ମୁଁ ସେମିତି କିଛି ସମୟ ଠିଆହୋଇ ରହିଲି । ସେହିଠାରେହିଁ ପ୍ରତିଦିନ ବାଲ୍‌କୋନି ଦର୍ଶନ ସମୟରେ ଠିଆହୁଏ । ମା'ଙ୍କ ପାଇଁ ପ୍ରତୀକ୍ଷା କରେ । ବହୁ ଦ୍ୱିଧାର ସହିତ ଶେଷରେ ଡରି ଡରି ମୁଁ ମା'ଙ୍କ କୋଠରିକୁ ଗଲି । ସେତେବେଳେ ମା' ଫୁଲ ସଜାଉଥିଲେ । ମୋତେ ଦେଖି କହିଉଠିଲେ, ''ତୁମେ ତା'ହେଲେ ବୁଝିପାରିଥିଲ ଯେ ମୁଁ ତୁମକୁ ଡାକୁଛି ।'' କୁଣ୍ଠିତ ଭାବରେ ମୁଁ ଠିଆହୋଇ ରହିଥାଏ । ହାତ ଭର୍ତ୍ତି ଫୁଲ ଦେଇ ମା' ମୋତେ ଆଶୀର୍ବାଦ କଲେ । ସେଦିନ ସାରାଦିନ ମନରେ ଆନନ୍ଦର ଢେଉ ଖେଳିଯାଇଥିଲା । କେମିତି କେଜାଣି ସବୁ ପ୍ରାର୍ଥନା ମା'ଙ୍କ ପାଖରେ ଏମିତି ଭାବରେ ପହଞ୍ଚିଯାଏ । ଏବେ ବି ବାଲ୍‌କୋନି ରାସ୍ତା ଦେଇ ଗଲାବେଳେ ଉପରକୁ ଚାହେଁ, କାଳେ ମା'ଙ୍କ ଦର୍ଶନ ମିଳିଯିବ । କିଏ ଜାଣେ... ।

*

ମା' ଦଶଟା ପରେ ତଳକୁ ଆସି ପ୍ରତ୍ୟେକଙ୍କୁ ଆଶୀର୍ବାଦ ଫୁଲ ବିତରଣ କରୁଥିଲେ । ଆମେମାନେ ମେଡ଼ିଟେଶନ ହଲ୍‌ରେ ବସି ମା'ଙ୍କୁ ଦେଖୁଥିଲୁ । ପ୍ରତ୍ୟେକଙ୍କୁ ତା'ର ଆବଶ୍ୟକତା ଅନୁଯାୟୀ ମା' ଫୁଲ ଦେଉଥିଲେ । ସମସ୍ତେ କୃତଜ୍ଞ ହୋଇ ମା'ଙ୍କୁ ପ୍ରଣାମ କରି ଚାଲିଯାଉଥିଲେ । କିଛି ସମୟ ପରେ ଦେଖିଲି ମା' ଚିନ୍ତିତ ଭାବରେ ବାରଂବାର ବୁଲାଦା'ଙ୍କ ଘର ଆଡ଼କୁ ଚାହୁଁଛନ୍ତି । ଅଗଣାର ସେଇ ଦିଗରୁହିଁ ଲାଇନ୍‌ରେ ସମସ୍ତେ ମେଡ଼ିଟେଶନ ହଲ୍ ଆଡ଼କୁ ଆସୁଥିଲେ । ସେଇ ଲାଇନ୍‌ରେ ମାଳବିକାଦି' ମଧ୍ୟ ଥିଲେ । ବୁଝିପାରିଲି ମା' ତାଙ୍କୁହିଁ ବାରଂବାର ଦେଖୁଥିଲେ । ସାଇଟିକା ପାଇଁ

ମାଳବିକାଦି' ଖୁବ୍ କଷ୍ଟ ପାଉଥିଲେ। ସେଦିନ ଦେଖିଲି ସେ ଖୁବ୍ କଷ୍ଟ କରି ଗୋଡ଼କୁ ଘୋଷାରି ଘୋଷାରି ମା'ଙ୍କ ହାତରୁ ଆଶୀର୍ବାଦ ଫୁଲ ନେବା ପାଇଁ ମେଡ଼ିଟେଶନ ହଲ୍‌କୁ ଆସୁଥିଲେ। ଏହା ମା'ଙ୍କ ଦୃଷ୍ଟିରୁ ବାଦ୍ ପଡ଼ି ନ ଥିଲା। ମା' ବାରଂବାର ତାଙ୍କ ଗୋଡ଼କୁ ଚାହୁଁଥିଲେ। ସେ ଫୁଲ ନେଇ ବାହାରି ଯିବା ପରେ ମଧ୍ୟ ମା' ବାରଂବାର ତାଙ୍କ ଗୋଡ଼କୁ ଚାହୁଁଥିଲେ। ଦିନେ ମୁଁ ମାଳବିକାଦି'ଙ୍କୁ ମା'ଙ୍କର ଏଇ କରୁଣା କଥା କହିବାରୁ ସେ କି ଖୁସି ! ଦୁଇ ଆଖିରେ ତାଙ୍କର ଆନନ୍ଦାଶ୍ରୁ। ମା'ଙ୍କ କରୁଣାରୁ ସେ ମନ ପ୍ରାଣରେ ରୋଗ ଯନ୍ତ୍ରଣା ସହିତ ଯୁଦ୍ଧ କରିବାର ଶକ୍ତି ପାଇଥିଲେ।

*

ଦିନେ ସକାଳେ ମା'ଙ୍କ ପାଖକୁ ଯାଉଥିଲି। ଶିଡ଼ି ଉପରେ ସମସ୍ତେ ଲାଇନ୍ କରି ଛିଡ଼ା ହୋଇଥିଲେ। ମୋ ସାମନାରେ ଲୁସି (ରାଜସେନା ନାହାରଙ୍କ ଝିଅ) ମା'ଙ୍କ ପାଖକୁ ଯିବାକୁ ଅପେକ୍ଷା କରିଥିଲା। ତା'ର ଡାହାଣ ହାତରେ ଥିଲା ଗୋଟିଏ ସୁନ୍ଦର ଛୋଟ ଅତରର ଶିଶି। ପ୍ୟାରିସ୍‌ର ଅତର। ଏଇ ଶିଶିଟି ଲୁସିର ଖୁବ୍ ପ୍ରିୟ। ମା'ଙ୍କୁ ନିଜର ସବୁଠାରୁ ପ୍ରିୟ ଜିନିଷଟି ଦେବା ପାଇଁ ଲୁସି ସେଇ ଶିଶିଟି ନେଇ ଆସିଥିଲା। ସେ ଘରେ ପଶିବା ମାତ୍ରେ ମା' କହିଲେ, "ସୁପ୍ରଭାତ ଲୁସି।" ଲୁସି ମଧ୍ୟ "ସୁପ୍ରଭାତ ମଧୁମୟୀ ଜନନୀ" ବୋଲି କହି ସେହି ସୁନ୍ଦର ଶିଶିଟି ମା'ଙ୍କୁ ଦେଲା। ମା' ଖୁବ୍ ଖୁସି ହେଲେ। ଶିଶିଟିକୁ ବହୁସମୟ ଧରି ବୁଲାଇ ବୁଲାଇ ଦେଖିଲେ। ଆଦର କରି ଲୁସିକୁ ଅନେକ ଫୁଲ ଦେଲେ। ଜଣେ ଛୋଟ ଝିଅ ମା'ଙ୍କୁ ତା'ର ସବୁଠାରୁ ପ୍ରିୟ ଜିନିଷଟି ଦେଇଛି। ଏହାହିଁ ହେଲା ନିବେଦନର ମୂଲ୍ୟ।

*

ମୋ ବାପା (ନରେନ୍ ଦାଶଗୁପ୍ତ)ଙ୍କର ଗୋଟିଏ ପିଲାଳିଆମି କଥା ମନେପଡୁଛି। ବାପା ବାଡ଼ିରେ କଖାରୁ ଗଛ ଲଗାଇଥିଲେ। ସେଥିରେ ବେଶ୍ ବଡ଼ ବଡ଼ କଖାରୁ ହୋଇଥିଲା। ଯେଉଁ କଖାରୁଟି ସବୁଠାରୁ ବଡ଼ ହୋଇଥିଲା ସେଇଟିକୁ ବାପା ଅଲଗା କରି ରଖିଥିଲେ। ଦିନେ କହିଲେ, "ଏଇ କଖାରୁଟି ମୁଁ ମା'ଙ୍କୁ ଦେବି। ପ୍ଲେ-ଗ୍ରାଉଣ୍ଡକୁ ନେଇଯିବି।" ଏକଥା ଶୁଣି ମୁଁ ତ ଅବାକ୍। କହିଲି, "ବାପା, ତୁମେ କିନ୍ତୁ ଏଇ କଖାରୁ ନେଇ କଦାପି ପ୍ଲେ-ଗ୍ରାଉଣ୍ଡକୁ ଯିବ ନାହିଁ।" ବାପା ଚୁପ୍ ରହିଲେ। ମୁଁ ନିଶ୍ଚିନ୍ତ ମନରେ ପ୍ଲେ-ଗ୍ରାଉଣ୍ଡକୁ ଗଲି। ମାର୍ଚ୍ଚିଂ ପରେ ମା' ସବୁ ଗ୍ରୁପ୍‌କୁ ଟଫି ଦେଲେ। ତା'ପରେ ଦେଖିଲି ଗ୍ରୁପ ଶେଷ ହେବା ବେଳକୁ ବାପା କଖାରୁଟି ଧରି ମା'ଙ୍କ ପାଖରେ

ହାଜର! କଖାରୁଟିକୁ ମା' ବହୁ ସମୟ ଧରି ଦେଖିଲେ। ମୁଁ ତ ଲଜ୍ଜାରେ ମରିଯାଉଥାଏ। ବାପାଙ୍କ ଉପରେ ରାଗ ମଧ୍ୟ ଲାଗିଲା। ପ୍ଲେ-ଗ୍ରାଉଣ୍ଡରେ ଯେଉଁମାନେ ଉପସ୍ଥିତ ଥିଲେ ସମସ୍ତେ ମୁରୁକି ମୁରୁକି ହସୁଥା'ନ୍ତି।

ଆଶ୍ରମ ଗ୍ୟାରେଜ୍‌ରେ ମା'ଙ୍କ ଗାଡ଼ି ପହଞ୍ଚିବା ପୂର୍ବରୁ ମା'ଙ୍କ ଦର୍ଶନ ପାଇବା ପାଇଁ ଆମେ ଯାଇ ଗ୍ୟାରେଜ୍‌ରେ ଠିଆହୋଇଯାଉଥିଲୁ। ସେଦିନ ଗାଡ଼ି ଆସି ପହଞ୍ଚିଲା କିନ୍ତୁ ଦେଖିଲି ମା' ଗାଡ଼ିରୁ ଓହ୍ଲାଉ ନାହାନ୍ତି। ମା' ଦ୍ୟୁମାନ୍ ଭାଇଙ୍କୁ ଡକାଇ ପଠାଇଲେ। ଦ୍ୟୁମାନ୍ ଭାଇ ଦୌଡ଼ି ଆସିଲେ। ମା' ଦ୍ୟୁମାନ୍ ଭାଇଙ୍କୁ କଖାରୁଟି ଦେଖାଇଲେ ଏବଂ ସେଇଟିକୁ ମା'ଙ୍କ ଦୋତାଲାର ଘରକୁ ନେଇଯିବାକୁ ତାଙ୍କୁ କହିଲେ। ଦ୍ୟୁମାନ୍ ଭାଇ କଖାରୁଟି ନେବା ପରେ ଯାଇ ମା' ଗାଡ଼ିରୁ ଓହ୍ଲାଇଲେ। ଏସବୁ ଦେଖି ମୋତେ ଯେ କି ଅପ୍ରସ୍ତୁତ ଲାଗୁଥିଲା କହିବାର ନୁହେଁ। ମା' ସିଧା ଉପରକୁ ଉଠିଗଲେ। ସାମାନ୍ୟ ଗୋଟିଏ କଖାରୁ ମା' ଗାଡ଼ିରେ ନେଇ ଆସିଲେ! ମା'ଙ୍କୁ ମୋ ବାପାଙ୍କର କଖାରୁ ଦେବା ସାର୍ଥକ ହେଲା।

ପରେ ବୁଝିଥିଲି ଯେ ଦେଉଥିବା ଜିନିଷ ନୁହେଁ, ମା'ଙ୍କୁ କିଛି ଦେବାର ଆଗ୍ରହକୁହିଁ ମା' ବିଶେଷ ମୂଲ୍ୟ ଦିଅନ୍ତି। ମା'ଙ୍କୁ କିଏ କ'ଣ ଦେଉଛି ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ, ବଡ଼ କଥା ହେଲା ସେ କେମିତି ଭାବରେ ଦେଉଛି।

ମନେପଡ଼ିଲା ଭକ୍ତ ସୁଦାମାର କଥା। ଶ୍ରୀକୃଷ୍ଣଙ୍କ ରାଜସଭାକୁ ସୁଦାମା ଯାଇଥିଲେ। ବାଲ୍ୟସଖାଙ୍କୁ ଦେବାକୁ ଚାଦରରେ ତାଙ୍କର ଖୁଦଭଜା ବନ୍ଧା ହୋଇଥିଲା। ରାଜବେଶରେ ଶ୍ରୀକୃଷ୍ଣଙ୍କୁ ଦେଖି ସେ ଖୁଦଭଜା ଦେବାକୁ ଦ୍ୱିଧାବୋଧ କରୁଥା'ନ୍ତି। ଶ୍ରୀକୃଷ୍ଣ ନିଜେ ସୁଦାମାଙ୍କଠାରୁ ଖୁଦଭଜା ମାଗିନେଲେ। ରାଜସିଂହାସନରେ ବସି ପରମ ତୃପ୍ତିରେ ସେଇ ଖୁଦଭଜା ଖାଇବାକୁ ଲାଗିଲେ।

ଏଇ ଛୋଟ ଘଟଣାଟିରୁ ବୁଝିହୁଏ ଯେ ଭକ୍ତିର ସହିତ ଯାହା ଭଗବାନଙ୍କୁ ଦିଆଯାଏ ସେ ଅତି ଆନନ୍ଦରେ ତାହା ଗ୍ରହଣ କରନ୍ତି। ଭକ୍ତର ଭଗବାନ।

*

ଦିନେ ମା' କହିଥିଲେ, "ଜାଣିଛ, ମୁଁ ଗୋଟିଏ ସିଧା ରାସ୍ତା ତିଆରି କରିଛି। ସେଇ ରାସ୍ତା ଦେଇ ଆତ୍ମା ସିଧା ଚୈତ୍ୟ ଜଗତକୁ ଚାଲିଯାଏ। ମୃତ୍ୟୁ ପରେ ତାକୁ ଆଉ ପ୍ରାଣିକ ଜଗତରେ କଷ୍ଟ ପାଇବାକୁ ହୁଏ ନାହିଁ। ଜାଣିଛ ତ, କିଛି ବି କାମନା ବାସନା ନେଇ ଯିଏ ମୃତ୍ୟୁବରଣ କରେ ତାକୁ ପ୍ରାଣିକ ଜଗତରେ ଅନେକ କଷ୍ଟ ଭୋଗ କରିବାକୁ ହୁଏ। ସେତେବେଳେ ଆତ୍ମାର କି ଅବସ୍ଥା ହେଉଥିବ ଭାବ। ଦେହ ଯେ

କେମିତି ଭାବରେ ଆତ୍ମାକୁ ସୁରକ୍ଷିତ କରି ରଖେ ଏଇ ଦୁଃସମୟରେ ତାହା ବେଶ୍ ବୁଝିହୁଏ। କେବେ ରାତିରେ ଦୁଃସ୍ୱପ୍ନ ଦେଖି ନାହଁ? କେହି ଯେମିତି ତୁମ ପିଛା ଧରିଛି...। ତା' ହାତରୁ ରକ୍ଷା ପାଇବା ପାଇଁ ତୁମେ ପ୍ରାଣପଣେ ଦୌଡ଼ିଛ, ହଠାତ୍ ଚମକି ପଡ଼ି ନିଦ ଭାଙ୍ଗିଗଲା। ନିଶ୍ଚିନ୍ତ ହୋଇ ଭାବିଲ, 'ନା, ମୁଁ ତ ବିଛଣାରେହିଁ ଶୋଇଛି।' ପ୍ରକୃତରେ ତୁମ ଆତ୍ମା ଦେହ ଛାଡ଼ି ବାହାରି ଯାଇଥିଲା। ଆଉ କୌଣସି ଏକ ପ୍ରାଣିକ ସତ୍ତା ତୁମକୁ ଗୋଡ଼ାଉଥିଲା। ଶରୀର ମଧ୍ୟକୁ ଆତ୍ମା ଫେରିଆସିବା ସଙ୍ଗେ ସଙ୍ଗେ ତୁମେ ସେଇ ପ୍ରାଣିକ ସତ୍ତା କବଳରୁ ରକ୍ଷା ପାଇଲ। ନିଦ ଭାଙ୍ଗିଗଲା। ତା'ହେଲେ ବୁଝିପାରୁଛ ତ ମୃତ୍ୟୁ ପରେ ମଣିଷକୁ କେତେ କଷ୍ଟ ପାଇବାକୁ ହୁଏ। ଆତ୍ମା ଶରୀରକୁ ଛାଡ଼ିଦେଲେ କି ଅସହାୟ ଅବସ୍ଥା ତା'ର ନ ହୁଏ।

"ମୁଁ ଏଇ ଯେଉଁ ରାସ୍ତା ତିଆରି କରିଛି, ମୃତ୍ୟୁ ପରେ ସେଇ ପଥରେ ସିଧା ଚୈତ୍ୟ ଜଗତକୁ ଯିବା ପାଇଁ ଗୋଟିଏ ସର୍ତ୍ତ ରହିଛି। ଠିକ୍ ମୃତ୍ୟୁ ଘଟିବାର ମୁହୂର୍ତ୍ତରେ ମୋତେ ସ୍ମରଣ କରିବାକୁ ହେବ। ଯେଉଁଠାରୁ ଯେଉଁ ଅବସ୍ଥାରେ ହେଉନା କାହିଁକି ଡାକ ଆସିଲେହିଁ ମୁଁ ସେଠାରେ ଉପସ୍ଥିତ ହେବି। ଆତ୍ମାକୁ ସିଧା ଚୈତ୍ୟ ଜଗତରେ ପହଞ୍ଚାଇ ଦେବି। ମୋତେ କିନ୍ତୁ ଡାକିବାକୁ ହେବ।"

ଏକଥା ଶୁଣି ମୁଁ କହିଉଠିଲି, "ସମସ୍ତେ କ'ଣ ତୁମକୁ ଚିହ୍ନନ୍ତି? ତୁମେ ଯେ ଏଠାରେ ଅଛ, ଏକଥା ଖୁବ୍ କମ୍ ଲୋକ ତ ଜାଣନ୍ତି। ତା'ହେଲେ?"

ମୋ କଥା ଶୁଣି ମା' ହସିହସି କହିଲେ, "ମୁଁ କ'ଣ କେବଳ ଏଇ ଶରୀର ମଧ୍ୟରେ ରହିଛି? ଯିଏ ଯେଉଁ ରୂପରେ, ଯେଉଁ ସ୍ଥାନରେ ଭଗବାନଙ୍କୁ ଡାକିବ ମୁଁ ସେଠାରେ ଉପସ୍ଥିତ ହେବି। ମୁଁ ଯେ ମା'।"

ମନେପଡ଼ିଲା ନିଶିକାନ୍ତଙ୍କ ସେଇ ବିଖ୍ୟାତ କବିତାର ପଙ୍କ୍ତି:

"ଏଇ ଯେ ତୁମେ ନରନାରୀ ରୂପେ
ସୁନାର ଧରଣୀ ଗଢ଼ ଚୁପିଚୁପି
ଏତେ ବଡ଼ ଏଇ ଧରଣୀରେ ଆଜି
କେତେ ଜଣ ତାହା ଜାଣିଛନ୍ତି!"

୧୯୫୪ ମସିହା ଡିସେମ୍ବର ୩୧ ତାରିଖ। ବର୍ଷର ଶେଷ ଦିନ। ସେଦିନ ଥିଲା ବୁଧବାର। ସେଦିନ କ୍ଲାସରେ ମା' ପ୍ରଥମେ ନୂଆବର୍ଷର ବାଣୀ ବିତରଣ କଲେ। ମା'ଙ୍କ କଥା ଶୁଣିବା ପାଇଁ ସମସ୍ତେ ଆଗ୍ରହରେ ବସିଥା'ନ୍ତି। କ୍ଲାସ ଆରମ୍ଭ ହେଲା।

ମା' କହିଲେ, ପୂରା ୧୯୫୫ ମସିହା ଏବଂ ୧୯୫୬ ମସିହାର ଦୁଇ ମାସ

ସମସ୍ତଙ୍କ ପକ୍ଷରେ ବେଶ୍ କଠିନ ସମୟ ହେବ। ସମସ୍ତଙ୍କୁ ଅଗ୍ନିପରୀକ୍ଷା ମଧ୍ୟ ଦେଇ ଯିବାକୁ ହେବ। ଯଦି କେହି କିଛି ବି ଅସୁବିଧାରେ ପଡ଼ ତା'ହେଲେ ତତ୍‌କ୍ଷଣାତ୍ ଆଜିର ଏଇ ବାଣୀଟି ଆବୃତ୍ତି କରିବ। ସାରା ବର୍ଷ ଦିନରାତି ଆବୃତ୍ତି କରିବ। ସୁଫଳ ପାଇବ।

ମା' ପ୍ରଥମେ ଫରାସୀରେ ଓ ତା'ପରେ ଇଂରାଜୀରେ ବାଣୀଟି ପଢ଼ିଲେ:

"କୌଣସି ମାନବିକ ଇଚ୍ଛା ପରିଶେଷରେ ଭଗବତ୍ ଇଚ୍ଛା ବିରୁଦ୍ଧରେ ଜୟଲାଭ କରିପାରିବ ନାହିଁ। ଚାଲ ଆମେ ସ୍ୱେଚ୍ଛାରେ ଓ ଏକାନ୍ତ ଭାବରେ ଭଗବାନଙ୍କ ପକ୍ଷ ନେବା ଯେଉଁଥିରେ ବିଜୟ ସୁନିଶ୍ଚିତ।"

ଚଉଦ ମାସ ପରେ କିଛି ଗୋଟିଏ ବିସ୍ମୟକର ଘଟଣା ଘଟିବ ଏକଥା ମା' କହିଥିଲେ ମଧ୍ୟ ତା'ର କୌଣସି ସ୍ପଷ୍ଟ ଆଭାସ ଦେଇ ନ ଥିଲେ। କେବଳ ସମ୍ମୁଖରେ ପ୍ରଚଣ୍ଡ ବାଧାବିଘ୍ନ ଆସୁଛି ବୋଲି ବାରଂବାର କହିଥିଲେ। ଚଉଦ ମାସ ଯୁଦ୍ଧ କରିବାକୁ ପଡ଼ିବ।

ସାଧନାର ପଥ, ବିଶେଷ କରି ମା' ଓ ଶ୍ରୀଅରବିନ୍ଦଙ୍କ ସାଧନାର ପଥ ଖୁବ୍ ବିପଦସଙ୍କୁଳ। ଅନୁକ୍ଷଣ ପ୍ରଚଣ୍ଡ ଯୁଦ୍ଧ କରିବାକୁ ହୁଏ। ତା' ସହିତ ଏହା ପୁଣି ୧୯୫୫ ମସିହା !

ଦୁଃଖ ଦୁର୍ଦ୍ଦଶା ମଧ୍ୟରେହିଁ ମଣିଷର ଜୀବନ ଅତିବାହିତ ହୁଏ। ଆଘାତ ଓ ଦୁଃଖ ମଧ୍ୟରେ ମଣିଷ କ୍ରମେ ନିଜକୁ ଚିହ୍ନିବାକୁ ଶିଖେ। ତେଣୁ ମା' ଯେତେବେଳେ କହିଲେ ଯେ ଏଇ ଚଉଦ ମାସ ପରୀକ୍ଷା ଦେବାକୁ ହେବ ଆମେ ଟିକିଏ ହତାଶ ହେଲୁ। ମା' କିନ୍ତୁ ଆଶାର ବାଣୀ ଶୁଣାଇଲେ। ବହୁସମୟ ଧରି ୧୯୫୫ ମସିହାରେ ଆସିବାକୁ ଥିବା ବାଧାବିଘ୍ନ ସମ୍ବନ୍ଧରେ କହିବା ପରେ ଶ୍ରୀଅରବିନ୍ଦଙ୍କର ଏଇ କବିତାଟି ପଢ଼ିଲେ:

**One Day**

**The Little More**

One day, and all the half-dead is done,
One day, and all the unborn begun;
A little path and the great goal,
A touch that brings the divine whole.

Hill after hill was climbed and now,
Behold, the last tremendous brow
And the great rock that none has trod:
A step and all is sky and God.

ଏଇ କବିତାଟି ପଢ଼ିସାରିବା ପରେ ଶ୍ରୀଅରବିନ୍ଦଙ୍କର ଆଉ ଗୋଟିଏ କବିତାରୁ ନିମ୍ନଲିଖିତ ଚାରୋଟି ପଙ୍‌କ୍ତି ପଢ଼ିଲେ:

Even in rags I am God;
Fallen, I am divine:
High I triumph when down-trod,
Long I live when slain.

ହୃଦୟଙ୍ଗମ କଲୁ ଦୁଃସମୟ ଘନେଇ ଆସୁଛି। ଏଇ ଚଉଦ ମାସ ବହୁ ବାଧାବିଘ୍ନର ସମ୍ମୁଖୀନ ହେବାକୁ ହେବ। ନାନା ପ୍ରକାର ପ୍ରଶ୍ନୋତ୍ତର ପରେ କ୍ଲାସ ଶେଷ ହେଲା। ଦୃଢ଼ ସଂକଳ୍ପର ସହିତ ନୂଆ ବର୍ଷର ବାଧାବିଘ୍ନକୁ ସମ୍ମୁଖୀନ ହେବାକୁ ଆମେ ଆଗେଇ ଚାଲିଲୁ। ୧୯୫୫ ମସିହା ଆରମ୍ଭ ହେବାକୁ ଆଉ କେତେ ଘଣ୍ଟା ମାତ୍ର ବାକି। ଅନେକ ଆଶା ନେଇ ସମସ୍ତ ବାଧାବିଘ୍ନକୁ ସାମନା କରିବାକୁ ଆମେ ଦୃଢ଼ ପ୍ରତିଜ୍ଞ ହେଲୁ। 'A step and all is sky and God' — ଏଇ ଅଭୟ ବାଣୀ ସମସ୍ତ ବାଧାବିଘ୍ନକୁ ସାମନା କରିବାକୁ ଆମକୁ ଶକ୍ତି ଦେଲା।

ଚଉଦ ମାସ ପରେ ଯେ ବିସ୍ମୟକର କିଛି ଗୋଟିଏ ଘଟିବ ଏହା ଆମେମାନେ ମା'ଙ୍କ କଥାରୁ ଅନୁମାନ କଲୁ। ପ୍ରତି ମୁହୂର୍ତ୍ତରେ ଆମେ ସମସ୍ତେ ଉଦ୍‌ଗ୍ରୀବ ହୋଇ ଅପେକ୍ଷା କରୁଥିଲୁ। ଦିନ ପରେ ଦିନ ମାସସବୁ ବିତିଯିବାକୁ ଲାଗିଲା।

ଚଉଦ ମାସ ଶେଷ ହେବାକୁ ଯାଉଛି। ଶେଷ ମୁହୂର୍ତ୍ତ ଆସନ୍ନପ୍ରାୟ। କିନ୍ତୁ କ'ଣ ଘଟିବ? ୧୯୫୬ ମସିହାର ନୂଆବର୍ଷ ଦିନ ମା'ଙ୍କ ପାଖରୁ ନୂଆବର୍ଷର ବାଣୀ ପାଇଲୁ:

"ସବୁଠାରୁ ବଡ଼ ବିଜୟ ସବୁଠାରୁ କମ୍ ହଟ୍ଟଗୋଳରେ ହୁଏ।
ନୂଆ ଜଗତର ପ୍ରକାଶ ଢୋଲ ବଜାଇ ଘୋଷଣା କରାଯାଏ ନାହିଁ।"

ଗଭୀର ଆଗ୍ରହରେ ଆମେ ସମସ୍ତେ ଅପେକ୍ଷା କରି ରହିଥିଲୁ। ଶେଷରେ ସତରେ ସମସ୍ତ ବାଧାବିଘ୍ନର ଆବରଣ ଭେଦ କରି ଅତିମାନସ ଆଲୋକ ପୃଥିବୀ ପୃଷ୍ଠକୁ ଅବତରି ଆସିଲା। ସମସ୍ତ ପ୍ରତୀକ୍ଷାର ଶେଷ ହେଲା। ଯଦିଓ ଏହା ଘଟିଲା ଆମମାନଙ୍କ ଅଗୋଚରରେ।

ଗୋଟିଏ ବୁଧବାର ସନ୍ଧ୍ୟାରେ କ୍ଲାସ ପରେ ପ୍ଲେ-ଗ୍ରାଉଣ୍ଡରେ ଧ୍ୟାନ ହେଉଥିବା ସମୟରେ ଅକଳ୍ପନୀୟ ଭାବରେ ଅତିମାନସ ଆଲୋକ ଅବତରି ଆସିଥିଲା। ଦିନଟି ଥିଲା ଫେବୃଆରୀ ୨୯ ତାରିଖ ୧୯୫୬ ମସିହା। ମା'ଙ୍କ ଘୋଷଣା ଅନୁଯାୟୀ ଠିକ୍ ଚଉଦ ମାସ ପରେ ଏଇ ଅତିମାନସ ଆଲୋକର ପ୍ରକାଶ ଘଟିଲା।

ଏହି ଅତିମାନସ ଆଲୋକର ପ୍ରକାଶ ସମ୍ବନ୍ଧରେ ବହୁ ବର୍ଷ ଧରି ବୟସ୍କ ସାଧକମାନେ କୁହାକୁହି ହେଉଥିଲେ ଯେ ପ୍ଲେ-ଗ୍ରାଉଣ୍ଡରେହିଁ ପ୍ରଥମେ ଅତିମାନସ ଆଲୋକ ଅବତରଣ କରିବ। ଆଶ୍ଚର୍ଯ୍ୟ କଥା ଯେ ସତରେ ପ୍ଲେ-ଗ୍ରାଉଣ୍ଡରେହିଁ ଅତିମାନସ ଆଲୋକ ଅବତରଣ କଲା। କେଉଁ ଚିନ୍ତା ଯେ କେତେବେଳେ ମଣିଷ ମନରେ ପ୍ରକାଶ ପାଏ ! ଏହାକୁ ଚିନ୍ତା ନ କହି ସଂବୋଧି କହିବା ବୋଧହୁଏ ସମୀଚୀନ ହେବ।

ଏଇ ଅତିମାନସ ଆଲୋକ ଅବତରଣର ବର୍ଣ୍ଣନା ପରେ ମା'ଙ୍କ ପାଖରୁ ଆମେ ଶୁଣିଥିଲୁ। ମା'ଙ୍କ ବର୍ଣ୍ଣନାଟି ଏମିତି:

"ଆଜି ସନ୍ଧ୍ୟାରେ ତୁମମାନଙ୍କ ମଧ୍ୟରେ ଭଗବାନ୍ ବାସ୍ତବ ଏବଂ ସ୍ଥୂଳ ରୂପରେ ଉପସ୍ଥିତ ଥିଲେ। ମୋ ଅବୟବ ଥିଲା ଜୀବନ୍ତ ସୁବର୍ଣ୍ଣର ଦୃଶ୍ୟମାନ ରୂପ ଯାହା ବିଶ୍ୱଠାରୁ ମଧ୍ୟ ବୃହତ୍ତର ଏବଂ ମୋ ସମ୍ମୁଖରେ ଥିଲା ଅତିକାୟ ଏକ ସୁନାର କବାଟ ଯାହା ଜଗତକୁ ଭଗବାନଙ୍କଠାରୁ ପୃଥକ୍ କରି ରଖିଥିଲା। ସେଇ କବାଟକୁ ଚାହିଁ ମୁଁ ଜାଣିପାରିଲି ଏବଂ ସମସ୍ତ ଚେତନାକୁ ଏକାଗ୍ର କରି ସଂକଳ୍ପ କଲି ଯେ 'ସମୟ ଆସିଛି'। ତା'ପରେ ଦୁଇ ହାତରେ ଗୋଟିଏ ପ୍ରଚଣ୍ଡ ଶକ୍ତିଶାଳୀ ସୁନାର ହାତୁଡ଼ି ଧରି ସେଇ କବାଟଟିକୁ ଜୋର୍‌ରେ ଆଘାତ କଲି। ଗୋଟିଏ ମାତ୍ର ଆଘାତରେ କବାଟଟି ଚୂର୍ଣ୍ଣ-ବିଚୂର୍ଣ୍ଣ ହୋଇ ଭାଙ୍ଗିଗଲା ଏବଂ ଅତିମାନସ ଆଲୋକ ତା'ର ପୂର୍ଣ୍ଣ ଶକ୍ତି ଓ ଚେତନା ନେଇ ଅଖଣ୍ଡ ଧାରାରେ ପୃଥିବୀ ଉପରେ ଅବତରଣ କଲା।

"ଯାହା ଘଟିଲା ତାହା କେବଳ ସୂକ୍ଷ୍ମ ଦର୍ଶନ ବା ଅଭିଜ୍ଞତା ନୁହେଁ। ଏହା ଏକ ବାସ୍ତବ କ୍ରିୟା। ସେଦିନ ଧ୍ୟାନ ସମୟରେ ମୁଁ ଅତିମାନସ ସ୍ତରରେ ପହଁଞ୍ଚିଥିଲି ଏବଂ ବୁଝିଥିଲି ଯେ କିଛି ଗୋଟିଏ କରିବାକୁ ପଡ଼ିବ ଏବଂ ତାହହିଁ କରିଥିଲି। 'ସମୟ ଆସିଛି' ଏହି ବାକ୍ୟଟି ମୁଁ ଶୁଣିଥିଲି ଇଂରାଜୀରେ, ଫରାସୀରେ ନୁହେଁ। କଥାଟି ଯେମିତି ଶ୍ରୀଅରବିନ୍ଦ କହିଲେ।

"ଅତିମାନସ ଆଲୋକର ବନ୍ୟା ସମଗ୍ର ବିଶ୍ୱରେ ବିଛାଡ଼ି ହୋଇ ପଡ଼ିବା ପରେ ମୁଁ ଓହ୍ଲାଇ ଆସିଲି। ଭାବିଥିଲି ଯେ ସେଇ ବନ୍ୟାର ପ୍ରାବଲ୍ୟରେ ମୋ ସାମନାରେ ଯେଉଁମାନେ ବସିଥିଲେ ସେମାନେ ଧରାଶାୟୀ ହୋଇଯାଇଥିବେ। କିନ୍ତୁ ଆଖି ଖୋଲି ଦେଖିଲି ସମ୍ପୂର୍ଣ୍ଣ ଓଲଟା କଥା। ସମସ୍ତେ ଚୁପ୍‌ଚାପ୍ ସିଧାହୋଇ ବସିଛନ୍ତି। ଏତେ ବଡ଼ କଥା ଯେ ଘଟିଗଲା ତା'ର ବିନ୍ଦୁମାତ୍ର ଆଭାସ ନ ଥିଲା। ଏବେ ଅତିମାନସର ଅବତରଣ ଫଳରେ ବହୁ କଠିନ କଥା ସହଜରେ ସମ୍ପନ୍ନ ହେବ। ଯାହା ଅସମ୍ଭବ ତାହା ସମ୍ଭବ ହେବ। ତେବେ ଏଇ ପ୍ରକାଶ ଏବେ ମଧ୍ୟ ବାସ୍ତବ ଜଗତରେ

ସ୍ପଷ୍ଟ ହୋଇ ନାହିଁ, ସୂକ୍ଷ୍ମ ଓ ଭୌତିକ ଜଗତରେ ଏହା ସ୍ପଷ୍ଟ ଭାବରେ ପ୍ରକାଶିତ।

"ଏବେ ସବୁକିଛିର ଆମୂଳଚୂଳ ପରିବର୍ତ୍ତନ ହୋଇଗଲା। ପୂର୍ବରୁ ଆଲୋକମୟ ମନ (Mind of Light) ଦ୍ୱାରା କାମ ଚାଲିଥିଲା। ଏବେ ପୃଥିବୀକୁ ଅତିମାନସର ଆଲୋକ ଚଳାଉଛି। ଏହା ଶ୍ରୀଅରବିନ୍ଦଙ୍କ ଶକ୍ତିରେ ସିଦ୍ଧ ହେଲା। ସେ ସର୍ବଦା ମୋ ଭିତରେ ରହିଛନ୍ତି।"

ଅତିମାନସ ଆଲୋକର ଅବତରଣ ପରେ ଫରାସୀ ଭାଷାରେ ଲିଖିତ 'ଧ୍ୟାନ ଓ ପ୍ରାର୍ଥନା'ର ସେପ୍ଟେମ୍ବର ୨୫, ୧୯୧୪ ମସିହାର ପ୍ରାର୍ଥନାଟିର ଶେଷ ଚାରିଧାଡ଼ି ମା' ବଦଳାଇ ଦେଇଥିଲେ। ପ୍ରାର୍ଥନାଟି ଥିଲା ଏମିତି:

"ଭଗବାନ ସଂକଳ୍ପ କରିଛନ୍ତି, ତୁମେ ତାହା କାର୍ଯ୍ୟକାରୀ କର:
ପୃଥିବୀ ଉପରେ ଏକ ନୂତନ ଜ୍ୟୋତିଃ ଉଦିତ ହେବ,
ଏକ ନୂତନ ଜଗତ ଜନ୍ମଗ୍ରହଣ କରିବ,
ଯାହାକିଛି ପ୍ରତିଶ୍ରୁତ, ତାହା ନିଶ୍ଚୟହିଁ ପୂର୍ଣ୍ଣ ହେବ।"

ଏହାକୁ ପରିବର୍ତ୍ତନ କରି ମା' ଲେଖିଲେ:

"ଭଗବାନ ସଂକଳ୍ପ କରିଛନ୍ତି, ମୁଁ ତାହା କାର୍ଯ୍ୟକାରୀ କରୁଛି:
ପୃଥିବୀ ଉପରେ ଏକ ନୂତନ ଜ୍ୟୋତିଃ ଉଦିତ ହୋଇଛି,
ଏକ ନୂତନ ଜଗତ ଜନ୍ମଗ୍ରହଣ କରିଛି,
ଯାହାକିଛି ପ୍ରତିଶ୍ରୁତ, ତାହା ପୂର୍ଣ୍ଣ ହୋଇଛି।"

ମା'ଙ୍କ ଦ୍ୱାରା ଲିଖିତ ଏଇ ପ୍ରାର୍ଥନାଟିକୁ ଆମେ ପ୍ରତିଦିନ ସକାଳେ ଆବୃତ୍ତି କରୁଥିଲୁ ଏବଂ ଏବେ ମଧ୍ୟ କରୁ। ପ୍ରାର୍ଥନାଟିର ଆରମ୍ଭରେ ଭଗବତୀ ଜନନୀଙ୍କୁ ଆହ୍ୱାନ କରି ମା' କହିଛନ୍ତି, "ହେ ମଧୁମୟୀ ଜନନି! ତୁମ ସହାୟତା ଥିଲେ ଅସମ୍ଭବ ବୋଲି କ'ଣ ଅଛି?"

୧୯୬୫ ମସିହା ଏପ୍ରିଲ ୨୪ ତାରିଖର ଦର୍ଶନ ଦିବସରେ ମା'ଙ୍କ ବାଣୀ ଥିଲା: "ପୃଥିବୀ ଉପରେ ଅତିମାନସର ଆବିର୍ଭାବ ଆଉ ପ୍ରତିଶ୍ରୁତି ମାତ୍ର ନୁହେଁ, ଏହା ହେଲା ଜୀବନ୍ତ ଘଟଣା, ବାସ୍ତବ ସତ୍ୟ। ତାହା ଏଠାରେ କାମ କରି ଚାଲିଛି। ଦିନ ଆସିବ ଯେଉଁମାନେ ଅନ୍ଧ, ଅଚେତନ, ଏପିରିକି ଏକାନ୍ତ ଅନିଚ୍ଛୁକ ସେମାନେ ମଧ୍ୟ ଏହାକୁ ସ୍ୱୀକାର କରିବାକୁ ବାଧ୍ୟ ହେବେ।"

ମା' ବାରଂବାର କହିଛନ୍ତି, "ଏଇ ନୂତନ ଜଗତ ଜନ୍ମ ନେଇଛି, ଜନ୍ମ ନେଇଛି,

ଜନ୍ମ ନେଇଛି।'' ଏହା ଯେମିତି ତ୍ରିବାର ସତ୍ୟ। ୧୯୬୦ ମସିହା ଫେବୃଆରୀ ୨୯ ତାରିଖରେ ମା' ଲେଖିଥିଲେ, ''ଏବେଠାରୁ ଫେବୃଆରୀ ୨୯ ତାରିଖ ସୁବର୍ଣ୍ଣ ଦିବସଟି ହେବ ପ୍ରଭୁଙ୍କର ଦିବସ।''

# ପୂର୍ବବଙ୍ଗର ନବଜନ୍ମ

୧୯୭୧ ମସିହା ଡିସେମ୍ବର ୧୬ ତାରିଖରେ ପୂର୍ବବଙ୍ଗର ନବଜନ୍ମ ହେଲା। ପଶ୍ଚିମ ପାକିସ୍ଥାନରୁ ବିଚ୍ଛିନ୍ନ ହୋଇ ପୂର୍ବବଙ୍ଗ ସେଇ ଦିନଠାରୁ ତା'ର ସତ୍ତାକୁ ଫେରିପାଇଲା। ଚିରଦିନ ପାଇଁ ପୂର୍ବ ପାକିସ୍ଥାନ ନାମଟି ଲିଭିଗଲା। ଆମେମାନେ ଏଥିପାଇଁ ଆନନ୍ଦରେ ବିହ୍ୱଳ ହୋଇଥିଲୁ।

ପୂର୍ବବଙ୍ଗ ସ୍ୱାଧୀନ ହୋଇଛି ବୋଲି ଶୁଣିବା ମାତ୍ରେ ମା' ଦ୍ୟୁମାନ୍ ଭାଇଙ୍କୁ ମିଠା ତିଆରି କରିବା ପାଇଁ କହିଲେ। ଦ୍ୟୁମାନ୍ ଭାଇ ଡାଇନିଂ ରୁମ୍‌କୁ ଯାଇ ମିଠା ତିଆରି କରିବାର ଆୟୋଜନ କଲେ। ସମସ୍ତେ ବେଶ୍ ଉତ୍ତେଜିତ। ଆନନ୍ଦମୟୀଦି', ରେଣୁଦି' ଓ ଆହୁରି ଅନେକ ମହିଳା ମିଶି ବଡ଼ ବଡ଼ ରସଗୋଲା ତିଆରି କଲେ। ପରଦିନ ଆମେ ପୂର୍ବବଙ୍ଗକୁ ଶୁଭେଚ୍ଛା ଓ ଭଲପାଇବା ଜଣାଇ ମା' ଦେଇଥିବା ପ୍ରସାଦ ଖାଇଲୁ। ମା'ଙ୍କ ଅଫୁରନ୍ତ ଭଲପାଇବା ପୂର୍ବବଙ୍ଗକୁ ସ୍ୱାଧୀନ ହେବାରେ ସାହାଯ୍ୟ କରିଥିଲା। ଦୁର୍ଯୋଗରେ ମା'ଙ୍କ ଅକ୍ଲାନ୍ତ କର୍ମଶକ୍ତି ବଙ୍ଗାଳୀ ସନ୍ତାନମାନଙ୍କୁ ଅସୀମ ସାହସ ଓ ଶକ୍ତି ପ୍ରଦାନ କରିଥିଲା। ଏଇ ଇତିହାସ ସମସ୍ତଙ୍କୁ ଜଣା। ଆମେମାନେ ତ ତା'ର ସାକ୍ଷୀ। ଡିସେମ୍ବର ୩୧ ତାରିଖ ମୋର ଜନ୍ମଦିନ। ସେଦିନ ଏକଗୁଚ୍ଛ 'ବିଜୟ' (Victory) ଫୁଲ ନେଇ ମା'ଙ୍କ ପାଖକୁ ଯାଇ ସଜୋରେ କହିଉଠିଲି, "ମା'ଙ୍କର ଜୟ (Victory to the Mother)"। ମା' ଖୁବ୍ ଖୁସିହୋଇ କହିଲେ, "ତୁମେ ବି କହୁଛ, ମା'ଙ୍କର ଜୟ! ଆଜି ସକାଳଠାରୁ ସମସ୍ତେ ଆସି ମୋତେ ଏଇ ସମାନ ବାକ୍ୟ କହୁଛନ୍ତି।" 'ବିଜୟ' ଫୁଲଗୁଡ଼ିକ ମା'ଙ୍କୁ ନିବେଦନ କରି କହିଲି, "ମା', ଏହା ଯେ ମୋ' ଦେଶ।" ମା' ସ୍ନେହରେ ମୋ ଦୁଇ ହାତକୁ ତାଙ୍କ ଦୁଇ ହାତରେ ଧରି କହିଲେ, "ତୁମେ ସେହି ଦେଶର ଝିଅ?" ଖୁସିହୋଇ କହିଉଠିଲି, "ହଁ ମା', ପୂର୍ବବଙ୍ଗ ମୋ ଦେଶ। ମୁଁ ସେହି ଦେଶରୁହିଁ ଆସିଛି।" ମା' ମୋତେ ଆହୁରି ପାଖକୁ ଟାଣିନେଲେ। ସ୍ନେହପୂର୍ଣ୍ଣ ସ୍ଥିର ଦୃଷ୍ଟିରେ ମୋତେ ଚାହିଁ ରହିଲେ। ମୁଁ ମଧ୍ୟ ବହୁ ସମୟ ଧରି ତାଙ୍କୁ ଚାହିଁ ରହିଲି। ମୋର ସମସ୍ତ ସତ୍ତା, ମନ, ପ୍ରାଣ, ଶରୀର ମା'ଙ୍କ ସହିତ ପୂର୍ବବଙ୍ଗର ପ୍ରତିଟି ସହର, ଗ୍ରାମ, ନଦୀ, ପାହାଡ଼-ପର୍ବତ ଧାନ ଜମିରେ ଘୁରିବୁଲିଲା। ଏମିତି ଭାବରେ ଦେଶକୁ ଭଲପାଇବାର ଅଭିଜ୍ଞତା ଜୀବନରେ ଆଉ କେବେ ହୋଇ ନାହିଁ।

ମା' ମୋର ଦୁଇ ହାତରେ ଟିକିଏ ଚାପ ଦେଲେ। ମୁଣ୍ଡ ହଲାଇ ସମ୍ମତି ଜଣାଇଲେ। ବୁଝିଲି ଦେଶ ରକ୍ଷା ପାଇବ, ଦିନେ ଏକ ହେବ। ମୋ ପ୍ରାର୍ଥନା ପୂର୍ଣ୍ଣ ହେଲା। କୃତଜ୍ଞତା ମିଶା ଆନନ୍ଦରେ ମନ ଭରିଗଲା। ମା'ଙ୍କୁ ପ୍ରଣାମ କରି ଫେରିଆସିଲି।

ପୂର୍ବବଙ୍ଗର ନବଜନ୍ମ ହେବା ପଶ୍ଚାତରେ ମା'ଙ୍କର ଶକ୍ତି ପ୍ରଚଣ୍ଡ ଭାବରେ କାମ କରିଛି। ପ୍ରତି ମୁହୂର୍ତ୍ତରେ ମା' ଯୁଦ୍ଧର ସମ୍ବାଦ ମନୋଯୋଗ ସହକାରେ ଶୁଣୁଥିଲେ। ପରିଶେଷରେ ମା'ଙ୍କ ଶକ୍ତି ପାକିସ୍ତାନର ସୈନ୍ୟମାନଙ୍କୁ ପରାଜିତ କଲା। ମା'ଙ୍କ ବଙ୍ଗାଳୀ ସନ୍ତାନମାନେ କାପୁରୁଷ ନୁହଁନ୍ତି ତାହାର ପୁଣି ପ୍ରମାଣ ମିଳିଲା। ଦେଶକୁ ସ୍ୱାଧୀନ କରିବା ପାଇଁ ସେମାନେ ପ୍ରାଣପଣେ ଯୁଦ୍ଧ କରିଛନ୍ତି। ଶ୍ରୀଅରବିନ୍ଦଙ୍କ ଜନ୍ମଶତବାର୍ଷିକୀରେହିଁ ପୂର୍ବବଙ୍ଗ ସ୍ୱାଧୀନ ହେଲା। ଏହା ଥିଲା ମା'ଙ୍କର ଏକାନ୍ତ ଇଚ୍ଛା। ଶ୍ରୀଅରବିନ୍ଦ ସେହି ଇଚ୍ଛା ପୂର୍ଣ୍ଣ କଲେ।

ଦୁଇ ବଙ୍ଗ ମିଶି ଏତେଦିନ ଧରି ବାଂଲାଦେଶ ନାମରେ ନାମିତ ହୋଇ ଆସିଥିଲା। ପୂର୍ବବଙ୍ଗର ବଙ୍ଗାଳୀମାନେ ଏହି ନାମଟି ପୂର୍ବବଙ୍ଗ ପାଇଁ ବାଛିଲେ। ପଶ୍ଚିମବଙ୍ଗର ବଙ୍ଗାଳୀମାନେ ଏଥିରେ ସମ୍ମତି ପ୍ରଦାନ କଲେ। ନାମ ପାଇଁ କାହାର ଆପତ୍ତି ରହିଲା ନାହିଁ। ପୂର୍ବବଙ୍ଗ ସ୍ୱାଧୀନ ହେଲା। ଏହା ସମସ୍ତଙ୍କୁ ଆନନ୍ଦିତ କଲା। ଏହା ଦ୍ୱାରା ପଶ୍ଚିମବଙ୍ଗର ଲୋକମାନଙ୍କର ଉଦାରତା ପ୍ରମାଣିତ ହେଲା। ପଶ୍ଚିମବଙ୍ଗ ଓ ପୂର୍ବବଙ୍ଗ ଗୋଟିଏ ସୁରରେ ବନ୍ଧା ଥିଲା। ଦୁଇ ଭାଇ ଏକ। ଯୁଦ୍ଧ ସମୟରେ ଏହା ପ୍ରମାଣିତ ହୋଇଛି।

ଥରେ ବିବେକାନନ୍ଦ ପୂର୍ବବଙ୍ଗକୁ ଯାଇଥିଲେ। ଗ୍ରାମେ ଗ୍ରାମେ ପରିଭ୍ରମଣ କରି ଏବଂ ସେଠାକାର ପ୍ରାକୃତିକ ଶୋଭା ଦେଖି ସେ ଅଭିଭୂତ ହୋଇ ଲେଖିଥିଲେ, "ପରିଶେଷରେ ମୁଁ ଏବେ ପୂର୍ବବଙ୍ଗରେ। ପ୍ରଥମ ଥର ପାଇଁ ମୁଁ ଏଠାକୁ ଆସିଲି। କିନ୍ତୁ ପୂର୍ବରୁ ଜାଣି ନ ଥିଲି ବଙ୍ଗଦେଶ ଏତେ ସୌନ୍ଦର୍ଯ୍ୟମୟୀ। ଏଠାକାର ନଦୀଗୁଡ଼ିକ ଦେଖିବା ପରି — ନିର୍ମଳ ପାଣିର ପ୍ରବହମାନ ସମୁଦ୍ର ଯେମିତି। ଏବଂ ସବୁକିଛି ଏତେ ସବୁଜ! ଏଠାକାର ଗ୍ରାମଗୁଡ଼ିକ ଭାରତରେ ସବୁଠାରୁ ପରିଷ୍କାର ଓ ସୁନ୍ଦର ଗ୍ରାମ।"

ସେ ପୁଣି ଲେଖିଛନ୍ତି, "ଆସାମ ଓ ପୂର୍ବବଙ୍ଗର ବିଭିନ୍ନ ଜାଗାରେ ଦୀର୍ଘ ଦୁଇ ମାସ ଧରି ମୁଁ ବୁଲିଲି। ପାହାଡ଼ ଓ ପାଣିର ପ୍ରାଚୁର୍ଯ୍ୟତାର ସୌନ୍ଦର୍ଯ୍ୟରେ ଦେଶର ଏହି ଅଂଶ ସର୍ବୋତ୍କୃଷ୍ଟ।"

# କେତୋଟି ଅବିସ୍ମରଣୀୟ ଘଟଣା

ମଜାର ଘଟଣାଟିଏ ଶୁଣ। ଏଠାରେ ରହିବା ପରେ ପୁରୁଣା ସାଧକମାନଙ୍କ ମୁହଁରୁ ପ୍ରାୟ ଅତିମାନସର ଅଭିବ୍ୟକ୍ତି କଥା ଶୁଣୁଥିଲି। ସବୁବେଳେ ସେମାନେ ଏଇ ଆଲୋଚନାହିଁ କରୁଥିଲେ। ସେମାନଙ୍କ କଥାବାର୍ତ୍ତାରେ ଗୋଟିଏ ଚାପା ଉତ୍ତେଜନା ପ୍ରକାଶ ପାଉଥିଲା। ଆମେ ସାନମାନେ ଏ ବିଷୟରେ କିନ୍ତୁ ବିନ୍ଦୁମାତ୍ର ଚିନ୍ତା କରୁ ନ ଥିଲୁ। ଅତିମାନସର ପ୍ରକାଶ କେବେ ହେବ, କେମିତି ହେବ, ଏସବୁ ପ୍ରଶ୍ନ ଆମମାନଙ୍କ ମନରେ ଆଦୌ ଆସୁ ନ ଥିଲା। ଏଇ ପ୍ରସଙ୍ଗରେ ଗୋଟିଏ ମଜାର ଘଟଣା ଲେଖୁଛି। ଏଥିରୁ ତୁମେମାନେ ବୁଝିପାରିବ ଆମେ କେତେ ଅଜ୍ଞ ଥିଲୁ। ମୋ ସାଙ୍ଗ ଗୌରୀ ଓ ମୁଁ ଆମ ଘର 'ନାନ୍‌ତାଇ'ରେ ଥିବା ବିରାଟ ଅଶ୍ୱତ୍ଥ ଗଛ ମୂଳରେ ଯେଉଁ ସିମେଣ୍ଟ ବେଞ୍ଚ ରହିଛି ତା' ଉପରେ ବସି ସନ୍ଧ୍ୟାବେଳେ ନାନା ପ୍ରକାର କଥାହେଉ। ଦିନେ ମୋତେ ଗୌରୀ ପଚାରିଲା, "ଅତିମାନସର ଅଭିବ୍ୟକ୍ତି ନେଇ ବୟସ୍କମାନେ ଏତେ କଥାବାର୍ତ୍ତା କରୁଛନ୍ତି, ତୁ କ'ଣ କିଛି ବୁଝିଛୁ? ଏଇ ଜିନିଷଟା କ'ଣ?" ମୁଁ କହିଲି, "ବୁଝିଲୁ, ଏସବୁ ଆମ ଚିନ୍ତାର ବିଷୟ ନୁହେଁ। ଗୋଟିଏ ଜୀବନରେ ଏତେ ଦୂର ଆଗେଇ ପାରିବା ଆମ ଦ୍ୱାରା ସମ୍ଭବ ହେବ ନାହିଁ। ଏହା ଯେମିତି ଆକାଶ କଇଁଆ, ଚିଲିକା ମାଛ। ଆମେମାନେ ମା'ଙ୍କୁ ଭଲପାଉ। ସେ ଯଦି ଆମକୁ ଉପଯୁକ୍ତ ମନେକରନ୍ତି, ତା'ହେଲେ ଆମେ ଏଇ ଜୀବନରେ ନିଶ୍ଚୟ କିଛି ଅନୁଭବ କରିବା। ତେଣୁ ସେସବୁ କଥା ନେଇ ଆମେ ଚିନ୍ତା କରିବା ନାହିଁ।" ତା'ପରେ ଦୁଇ ଜଣ ଚୁପ୍‌ଚାପ୍ ବସିରହିଲୁ। ଅଶ୍ୱତ୍ଥ ଗଛର ପତ୍ରଗୁଡ଼ିକ ପବନରେ ସିର୍ ସିର୍ ହୋଇ ଦୋହଲୁଥିଲେ। ମୁଁ ହଠାତ୍ ଜୋର୍‌ରେ ହସିଉଠିଲି। ଅବାକ୍ ହୋଇ ଗୌରୀ ମୋତେ ପ୍ରଶ୍ନ କରିବା ଦୃଷ୍ଟିରେ ଚାହିଁରହିଲା। ପଚାରିଲା, "କ'ଣ ହେଲା ପ୍ରୀତି, ଏମିତି ହସୁଛୁ କାହିଁକି?" ମୁଁ କହିଉଠିଲି, "ବୁଝିଲୁ ଗୌରୀ, ଅତିମାନସ ଆଲୋକ ଅବତରଣ କଲେ ମା' ଆମମାନଙ୍କୁ — ତାଙ୍କର ପ୍ରତ୍ୟେକ ଝିଅମାନଙ୍କୁ ନିଜର ସବୁ ଶାଢ଼ୀ ବିତରଣ କରିବେ। ଆମେ ସବୁ ସେଇ ଶାଢ଼ୀ ପିନ୍ଧି ମା'ଙ୍କ ଆଶୀର୍ବାଦ ନେବାକୁ ଯିବା। କି ମଜା ହେବ, ନୁହେଁ?" ଗୌରୀ ଆଶ୍ଚର୍ଯ୍ୟ ହୋଇ ପଚାରିଲା, "ଏକଥା ତୋ ମୁଣ୍ଡରେ ଆସିଲା କେମିତି?" କହିଲି, "ଜାଣିନି। ହଠାତ୍ ଏମିତି କହିଦେଲି।" ଏହାପରେ ଦୁହେଁ କିଛି ସମୟ ସେମିତି ଚୁପ୍‌ଚାପ୍ ବସିରହିଲୁ। ଆଶ୍ଚର୍ଯ୍ୟ କଥାଟି କ'ଣ ଜାଣିଛ? ଅତିମାନସ ଆଲୋକର ଅବତରଣ ପରେ ସତରେ ମା' ଆମ ସମସ୍ତଙ୍କୁ ତାଙ୍କ ଶାଢ଼ୀସବୁ ବିତରଣ କଲେ। କାହାକୁ କେଉଁ ଶାଢ଼ୀ ଦେବେ ଏଥିନେଇ ବସୁଧାଙ୍କ ସାଥିରେ ଦିନ ପରେ ଦିନ

ଆଲୋଚନା କରିବାକୁ ଲାଗିଲେ। ଶାଢ଼ୀ ବାଛିବାକୁ ସେ ବେଶ୍ ସମୟ ନେଇଥିଲେ। ତପତୀ ପାଇଁ ଶାଢ଼ୀ ବାଛିବାକୁ ଯାଇ ବସୁଧାଙ୍କୁ କହିଥିଲେ, ତପତୀ ହସଖୁସିର ଝିଅଟିଏ। ଏଇ ଚେରିଫୁଲର ଛାପ ଥିବା ଜର୍ଜେଟ୍ ଶାଢ଼ୀଟି ତାକୁ ଦେବି ? ମା' ତାଙ୍କର ଅତିପ୍ରିୟ ସେଇ ଶାଢ଼ୀଟିକୁ ବହୁବାର ପିନ୍ଧିଥିଲେ।

ଏପ୍ରିଲ ଦର୍ଶନରେ ମା' ଦେଇଥିବା ସେସବୁ ଶାଢ଼ୀ ପିନ୍ଧି ଆମେ ତାଙ୍କ ପାଖକୁ ଆଶୀର୍ବାଦ ନେବାକୁ ଗଲୁ। ଗୌରୀ ଓ ମୁଁ ଦୁଇଜଣ ତ ଆଶ୍ଚର୍ଯ୍ୟ। ଥଟ୍ଟାମଜାରେ ଯେଉଁ କଥା କହିଥିଲୁ ତାହା ଯେ ଏମିତି ଭାବରେ ପୂର୍ଣ୍ଣ ହେବ ତାହା କଳ୍ପନାତୀତ। ଦୁଇ ଜଣ ମିଶି କଥା ହେଉଥିଲୁ। ତା'ହେଲେ ଆମ ଭିତରେ ହେଉଥିବା ସବୁ କଥା ଓ ଚିନ୍ତା ମଧ୍ୟ ମା' ବୁଝିପାରନ୍ତି !

*

ଆଉ ଗୋଟିଏ ଘଟଣା ବିଷୟରେ ଲେଖୁଛି। ୧୯୫୬ ମସିହାରେ ଅତିମାନସ ଆଲୋକର ଅବତରଣ ପରେ ଆମେ ସମସ୍ତେ ଏ ବିଷୟରେ ମା'ଙ୍କୁ ବିଭିନ୍ନ ପ୍ରକାର ପ୍ରଶ୍ନ କରୁଥିଲୁ। ଆମମାନଙ୍କର କୌତୂହଳର ସୀମା ନ ଥିଲା। ଦିନେ ଅନୁବାଦ କ୍ଲାସରେ ମା' ବିଭିନ୍ନ କଥା କହୁ କହୁ 'gnostic' ଶବ୍ଦଟି ଉଚ୍ଚାରଣ କରି ଚୁପ୍ ହୋଇଗଲେ। କଥାଟି କ'ଣ ଜାଣିବାକୁ ମୋର ସେତେବେଳେ ଅଦମ୍ୟ କୌତୂହଳ। କ୍ଲାସରେ ଆଉ ମନ ନାହିଁ। କ୍ଲାସ ପରେ ମା' ବାହାରି ଯାଉଛନ୍ତି, ମୁଁ ବି ତାଙ୍କ ପଛରେ ଚାଲିଲି। ଠିକ୍ ତାଙ୍କ ପଛେ ପଛେ ଚାଲିଲି। କିଛି ସମୟ ପରେ ଡାକିଲି, "ମା"। ମା' ପଛକୁ ଫେରି ଠିଆହେଲେ। ପଚାରିଲେ, "କ'ଣ ହେଲା ?" ମୁଁ କହିଲି, "କ୍ଲାସରେ ତୁମେ gnostic ଶବ୍ଦଟି କହି ଚୁପ୍ ହୋଇ ରହିଲ। ତୁମେ କ'ଣ କହିବାକୁ ଚାହୁଁଥିଲ ମା' ?"

ଆଶ୍ଚର୍ଯ୍ୟ ହୋଇ ମା' କହିଲେ, "ତୁମେ ବୁଝିପାରିଥିଲ ?" କହିଲି, "କୁହ ନା ମା', ତୁମେ କ'ଣ କହିବାକୁ ଚାହିଁଥିଲ।" ମା'ଙ୍କ ମୁହଁରେ ଦୁଷ୍ଟାମିର ହସ ଫୁଟି ଉଠିଲା। ସେ କହିଲେ, "ତୁମକୁ ଯଦି ଏ ସମ୍ବନ୍ଧରେ କିଛି କୁହେ, ତୁମ ମୁଣ୍ଡଟି ଦୁଇଫାଳ ହୋଇଯିବ। ନଳିନୀକୁ ଡାକ।" ଅଗତ୍ୟା ଦୌଡ଼ିଯାଇ ନଳିନୀଦା'ଙ୍କୁ ଡାକିଆଣିଲି। ସାକ୍ଷାତ୍କାର କୋଠରିର କାନ୍ଥ ପାଖରେ ଠିଆହୋଇ ମା' ନଳିନୀଦା'ଙ୍କୁ ନାନା କଥା କହିବାକୁ ଲାଗିଲେ। ଶାନ୍ତ ଭାବରେ ନଳିନୀଦା' ସବୁ ଶୁଣୁଥା'ନ୍ତି। ଆଉ ବିଚରା ମୁଁ ଝରକାକୁ ଆଉଜି ରହି ଚୁପଚାପ୍ ଠିଆହୋଇ ଚେଷ୍ଟା କରୁଥିଲି ଯଦି କିଛି ହେଲେ ମୋ କାନରେ ବାଜିଯାଏ !

*

କୌଣସି ପ୍ରକାର ସଂସ୍କାର ରଖିଲେ ଚଳିବ ନାହିଁ — ଏଇ କଥା ମା'ଙ୍କଠାରୁ ଦିନେ ଶିକ୍ଷା ପାଇଥିଲି। ପ୍ଲେ-ଗ୍ରାଉଣ୍ଡରେ ସବୁଦିନ ସନ୍ଧ୍ୟାବେଳେ ମା' ଭାରତବର୍ଷର ମାନଚିତ୍ର ସାମନାରେ ଚେୟାରରେ ବସି ସମସ୍ତଙ୍କୁ ଗଣପତ୍‌ରାମଜୀଙ୍କ ତିଆରି ଟଫି ଦେଉଥିଲେ। ରଜୁତା (ଜଣେ ଆମେରିକାବାସୀ ମହିଳା) ମା'ଙ୍କ ପାଖରୁ ଟଫି ନେବାବେଳେ ବାମ ହାତରେ ନେଉଥିଲା। ମୋତେ ତାହା ଆଦୌ ଭଲଲାଗୁ ନ ଥିଲା। ଭାବୁଥିଲି, ଇଏ କ'ଣ? ମା'ଙ୍କ ପାଖରୁ ବାମ ହାତରେ ଟଫି ନେଉଛି! ଦିନେ ମା'ଙ୍କୁ କହି ପକାଇଲି, "ରଜୁତା ବାମ ହାତରେ ତୁମଠାରୁ ଟଫି ନିଏ! ଦେଖିବାକୁ ଆଦୌ ଭଲଲାଗେ ନାହିଁ।" ଏକଥା ଶୁଣି ଆଶ୍ଚର୍ଯ୍ୟ ହୋଇ ମା' ମୋତେ ଚାହିଁରହିଲେ। ନିଜର ଦୁଇ ହାତକୁ ମୋ ସାମନାରେ ଖୋଲିଧରି କହିଲେ, "ଏଇ ହାତ ଦୁଇଟିରେ କି ତଫାତ୍ ଦେଖୁଛ?"

ମୁଁ ଚୁପ୍। ଟିକିଏ ଅପ୍ରସ୍ତୁତ ମଧ୍ୟ। ଦୁଇ ହାତରେ ମା'ଙ୍କଠାରୁ ଫୁଲ, ଟଫି ଇତ୍ୟାଦି ନେବାରେ ଆମେ ଅଭ୍ୟସ୍ତ। ମା' ଯେତେବେଳେ କିଛି ଦିଅନ୍ତି ଆମେ ଦୁଇ ହାତ ବଢ଼ାଇ ତାହା ଗ୍ରହଣ କରୁ। ଗୋଟିଏ ହାତ ବଢ଼ାଇ ମା'ଙ୍କଠାରୁ କିଛି ନେବା ଆମ ପାଇଁ ଖୁବ୍ କଠିନ। କିନ୍ତୁ ଏହା ଯେ ଗୋଟିଏ ସଂସ୍କାର ସେ କଥା ବୁଝିବା ମଧ୍ୟ ମୁସ୍କିଲ। କିନ୍ତୁ ମା'ଙ୍କ ପାଖରେ ବାମ ହାତ, ଡାହାଣ ହାତ ସବୁ ସମାନ। ସଂସ୍କାର କବଳରୁ ରକ୍ଷା ପାଇବା ଆମ ପାଇଁ ଏତେ ସହଜ ନୁହେଁ। ଅସଲ କଥା ହେଲା ମା'ଙ୍କ ପାଖରୁ କିଏ କେମିତି ମନୋଭାବର ସହିତ କିଛି ଜିନିଷ ଗ୍ରହଣ କରୁଛି। ଏସବୁ ସଂସ୍କାରରୁ ମୁକ୍ତି ପାଇବାକୁ ହେଲେ ଆମମାନଙ୍କୁ ଉଦାର ମନର ପରିଚୟ ଦେବାକୁ ହେବ।

*

ମାର୍ଚ୍ଚପାଷ୍ଟ ପରେ ସାଲ୍ୟୁଟ୍ ନେବା ପାଇଁ ମା' ଭାରତର ମାନଚିତ୍ର ସାମନାରେ ସ୍ଥିର ଭାବରେ ଠିଆହୋଇଥିଲେ। ସୌନ୍ଦର୍ଯ୍ୟ ଓ ଶକ୍ତି ଯେମିତି ତାଙ୍କୁ ଘେରିରହିଥିଲା। ଅପୂର୍ବ। ପ୍ରଥମ ଥର ପାଇଁ କୌଣସି ଏକ ଦର୍ଶନ ଦିନରେ ମାର୍ଚ୍ଚପାଷ୍ଟ ଆରମ୍ଭ ହୋଇଥିଲା। ଏବିଷୟରେ ସଠିକ୍ କିଛି ମନେ ନାହିଁ। ଆମମାନଙ୍କ ଗ୍ରୁପ୍ ଅର୍ଥାତ୍ 'ଇ' ଗ୍ରୁପରେ ମାର୍ଚ୍ଚପାଷ୍ଟ ସମୟରେ 'ଲାଇଟ୍' ମା'ଙ୍କ ପତାକା (ଧଳା ସିଲ୍କ କପଡ଼ା ଉପରେ ନୀଳ ରଙ୍ଗର ମା'ଙ୍କ ପ୍ରତୀକ) ଧରି ପୂରା ସାମନାରେ ରହୁଥିଲା। ମା'ଙ୍କ ସେଇ ବିଶାଳ ପତାକା ଧରି ସିଧା ଭାବରେ ଲାଇଟ୍ ଯେମିତି ଧୀର ଗତିରେ ଆଗେଇ ଯାଉଥିଲା ତାହା ସତରେ ଦର୍ଶନୀୟ। ସେସମୟରେ ଲାଇଟ୍ ମଧ୍ୟରେ ସୌନ୍ଦର୍ଯ୍ୟ ଓ ଶକ୍ତିର ପ୍ରକାଶ ହେଉଥିଲା। ଅନୁଭବ କରି ହେଉଥିଲା ଯେ ମା' ତାକୁ ଶକ୍ତି ଦେଉଥିଲେ।

ପୁଅ ପିଲାମାନଙ୍କ ଗ୍ରୁପ୍‌ରେ ଅଭୟ ସିଂ ପତାକା ଧରି ଆଗେଇ ଯାଉଥିଲେ। ମା'ଙ୍କ ସାମନାକୁ ଯାଇ ଲାଇଟ୍ ଓ ଅଭୟ ସିଂ ଦୁହେଁ ପତାକା ଅବନତ କରି ମା'ଙ୍କୁ ପ୍ରଣାମ କରୁଥିଲେ। ଉଭୟଙ୍କ ମଧ୍ୟରେ ସୌନ୍ଦର୍ଯ୍ୟ ଓ ଶକ୍ତି ବିରାଜମାନ କରୁଥିଲା। ସେଇ ମୁହୂର୍ତ୍ତରେ ଗ୍ରୁପ୍‌ର ସମସ୍ତ ପୁଅଝିଅ ଗୋଟିଏ ବିରାଟ ଶକ୍ତି ଅବତରଣ କରିବା ଅନୁଭବ କରୁଥିଲେ। ଏବେ ମଧ୍ୟ ମାର୍ଚ୍ଚପାଷ୍ଟ ସମୟରେ ପ୍ରତ୍ୟେକ ଗ୍ରୁପ୍‌ର ସଦସ୍ୟମାନେ ଏମିତିକି ଦର୍ଶକମାନେ ମଧ୍ୟ ମା'ଙ୍କ ଶକ୍ତି ଅନୁଭବ କରନ୍ତି। ଭାରତର ମାନଚିତ୍ର ସାମନାରେ ମା' ସାଲ୍ୟୁଟ୍ ଗ୍ରହଣ କରନ୍ତି। ଯେଉଁମାନଙ୍କର ସୂକ୍ଷ୍ମଦୃଷ୍ଟି ଅଛି ସେମାନେ ହୁଏତ ଦର୍ଶନ ମଧ୍ୟ ପାଆନ୍ତି।

*

କାହାର ନିନ୍ଦା କରି ମା'ଙ୍କ ଆଗରେ କିଛି କହିହେଉ ନ ଥିଲା। କାହା ସ୍ୱଭାବରେ ଗୁରୁତର ତ୍ରୁଟି ଦେଖିଲେ ମଧ୍ୟ ତାହା ଆମର ଅଗ୍ରାହ୍ୟ କରିବା ଉଚିତ। ପ୍ରତ୍ୟେକଙ୍କ ସ୍ୱଭାବରେ ଯାହା ସୁନ୍ଦର ସେସବୁ ଦ୍ୱାରାହିଁ ଆମମାନଙ୍କୁ ସେମାନଙ୍କ ସହିତ ମିଶିବାକୁ ହେବ। ଆମେ ସମସ୍ତେ ଉଭୟ ଭଲ ଓ ମନ୍ଦ ଦେଇ ଗଢ଼ା। ସମସ୍ତଙ୍କ ସ୍ୱଭାବରେ ଦୋଷତ୍ରୁଟି ରହିଛି ପୁଣି ଭଲ ଦିଗ ମଧ୍ୟ ରହିଛି, ଏଇ ଶିକ୍ଷା ଦିନେ ମା'ଙ୍କଠାରୁ ପାଇଥିଲି। ସାଧାରଣ ଘଟଣାଟିଏ:

ପ୍ଲେ-ଗ୍ରାଉଣ୍ଡରେ ମା'ଙ୍କ ପାଇଁ ଆମେ ଅପେକ୍ଷା କରିଥିଲୁ। ମା' ଆସିଲେ ଏବଂ ଆମମାନଙ୍କୁ ଚାହିଁ ହସିଲେ। କିଛି କଥା ମଧ୍ୟ କହିଲେ। ସାହସ ପାଇ ମୁଁ ମା'ଙ୍କୁ କହିଲି, ''ଦେଖ ମା', ଏଇ ଝିଅଟି (ଯିଏ ମୋ ପାଖରେ ଠିଆ ହୋଇଥିଲା) ଆଦୌ ପଢ଼ାପଢ଼ି କରେ ନାହିଁ।'' ମା' ଝିଅଟିକୁ ଚାହିଁ ମଧୁର ଭାବରେ ହସି କହିଲେ, ''କିନ୍ତୁ ଦେଖ, ସେ କି ସୁନ୍ଦର ଭାବରେ ଏମ୍ବ୍ରଏଡରି କରିପାରେ। କାମରେ ସେ ଯେମିତି ଜଣେ ପରୀ।'' ଏହା କହିସାରି ମା' ଝିଅଟିକୁ ସସ୍ନେହେ ଚାହିଁଲେ।

*

ଦିନେ ପୁରୁଣା ଶାଢ଼ୀଟିଏ ବାଦ୍ ଦେବାକୁ ଯାଇ ଆଉ ଏକ ଘଟଣା କଥା ମନେପଡ଼ିଲା। ଟିକିଏ କେଉଁଠି ଛିଣ୍ଡିଗଲେ ସାଧାରଣତଃ ଆମେ ସେଇ ଲୁଗାଟି ବ୍ୟବହାର କରୁନା। ପୁରୁଣା ହେଲେ କିଏ ପିନ୍ଧିବ?

ମା'ଙ୍କ ପାଖକୁ ଆଶୀର୍ବାଦ ନେବାକୁ ଗଲେ ଲକ୍ଷ୍ୟ କରୁଥିଲି, ମା'ଙ୍କ ଗାଉନ୍‌ରେ ଯେଉଁଠି ସେଇଠି ଫୁଲ ଏମ୍ବ୍ରଏଡରି କରାଯାଇଛି। ମୋତେ ଖୁବ୍ ଆଶ୍ଚର୍ଯ୍ୟ

ଲାଗୁଥିଲା । ମିନୁ, ଜୟା, ବେଲା ଇତ୍ୟାଦି ମା'ଙ୍କ ଗାଉନ୍ ସିଲାଇ କରୁଥିଲେ । ଦିନେ ମିନୁକୁ ପଚାରିଲି, "ତୁମେମାନେ ମା'ଙ୍କ ଗାଉନ୍‌ରେ ଯେଉଁଠି ସେଇଠି ଫୁଲ ଏମ୍ବ୍ରଏଡରି କର କାହିଁକି ? କୌଣସି ଡିଜାଇନ୍ ତ କରିପାରନ୍ତ ? ତୁମମାନଙ୍କର ଅଦ୍ଭୁତ ବୁଦ୍ଧି ତ!"

ହସିହସି ମିନୁ କହିଲା, "ମା'ଙ୍କର କ'ଣ ଗାଉନ୍‌ର ଅଭାବ ଅଛି ? କିନ୍ତୁ ପୁରୁଣା ଗାଉନ୍‌ଗୁଡ଼ିକୁ ମା' ବାଦ୍ ଦେବାକୁ ଚାହାନ୍ତି ନାହିଁ । ଟିକିଏ ଛିଣ୍ଡିଗଲେ କହନ୍ତି, 'ଏଇ ଜାଗାଟା ପ୍ରଥମେ ରଫୁ କରିବ, ତା' ଉପରେ ଗୋଟିଏ ଫୁଲ ଏମ୍ବ୍ରଏଡରି କରିଦେବ ।' ମା'ଙ୍କର ଯେଉଁ ଗାଉନ୍‌ରେ ଯେତେ ଫୁଲ ଦେଖିବୁ, ସେଇଥିରୁ ଗାଉନ୍‌ଟିର ବୟସ କେତେ ଅନୁମାନ କରିପାରିବୁ । ଏମିତି ମା'ଙ୍କର ଅନେକଗୁଡ଼ିଏ ପୁରୁଣା ଗାଉନ୍‌ରେ ତାଙ୍କରି ନିର୍ଦ୍ଦେଶରେ ଆମେ ଫୁଲ ଏମ୍ବ୍ରଏଡରି କରୁ ।"

ମିନୁଠାରୁ ଏଇ କଥା ଶୁଣି ଶିକ୍ଷାଟିଏ ମିଳିଲା । କେମିତି ଭାବରେ ଜିନିଷପତ୍ରର ଯତ୍ନ ନେବାକୁ ହୁଏ, ଯେତେ ଦିନ ସମ୍ଭବ ବ୍ୟବହାର କରିବାକୁ ହୁଏ ମା' ଏଇ ଶିକ୍ଷା ଆମମାନଙ୍କୁ ଦେଇଛନ୍ତି ।

*

ମା'ଙ୍କର ପ୍ରତିଟି ବ୍ୟବହାର ଯେ କେତେ ଉପଭୋଗ୍ୟ ଥିଲା ତାହା ଲେଖି ବର୍ଣ୍ଣନା କରାଯାଇ ପାରିବ ନାହିଁ । ତାଙ୍କ କଥା କହିବାର, ଚାହିଁବାର, ପ୍ରତିଟି ଭଙ୍ଗୀର ସେଇ ସୁକୁମାର ସୌନ୍ଦର୍ଯ୍ୟ ଏବେ ବି ଆମକୁ ସୁଦୂରର କୌଣସି ସୂକ୍ଷ୍ମଲୋକକୁ ଇଶାରା ଦିଏ । ଆନନ୍ଦଧାରାରେ ଆମେ ଅବଗାହନ କରୁ । "ଆନନ୍ଦର ସାଗରରୁ ଆସିଛି ଆଜି ବନ୍ୟା ।" ସ୍ୱୟଂ ଆନନ୍ଦମୟୀ ଆମମାନଙ୍କ ମଧ୍ୟରେ ବିରାଜିତ ! ଶଙ୍କା, ହତାଶା, ଦୁଃଖ, ମୃତ୍ୟୁ ଏସବୁ ଆମ ଗତି ପ୍ରତିହତ କରିପାରିବେ ନାହିଁ । ଏମାନଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା ହେଲା ଆମର ପ୍ରତିଦିନର କାମ । ମା'ଙ୍କ ଅପାର୍ଥିବ କୃପାବର୍ଷଣ ହେତୁ ଆମେ କେତେ ଯେ ବାଧାବିଘ୍ନ କବଳରୁ ସହଜରେ ଉତ୍ତୀର୍ଣ୍ଣ ହୋଇପାରୁଛୁ ତାର ଇୟତ୍ତା ନାହିଁ ।

ମା'ଙ୍କ ଶରୀର ଥିଲା ଆମମାନଙ୍କର ରକ୍ଷାକବଚ । ଆମମାନଙ୍କ ପ୍ରାପ୍ୟ ଚୂଡ଼ାନ୍ତ ଶାସ୍ତି ହାତରୁ ମା' ସର୍ବଦା ଆମକୁ ରକ୍ଷା କରୁଥିଲେ । କର୍ଣ୍ଣଙ୍କୁ ତାଙ୍କ ଜନ୍ମଲଗ୍ନ ମୁହୂର୍ତ୍ତରୁ ସୂର୍ଯ୍ୟଦେବ ରକ୍ଷାକବଚ ପିନ୍ଧାଇ ଦେଇଥିଲେ । ସେମିତି ସ୍ୱୟଂ ମା' ଅଦିତି ହେଉଛନ୍ତି ଆମମାନଙ୍କର ରକ୍ଷାକବଚ । ଅନନ୍ତ କାଳ ଧରି ଏଇ ରକ୍ଷାକବଚ ସୂକ୍ଷ୍ମଲୋକରୁ ଆମମାନଙ୍କୁ ରକ୍ଷା କରିବ ।

*

ମା'ଙ୍କ ତିରୋଧାନ ପରେ ନଳିନୀଦା' ଲେଖିଥିଲେ, "ଏତେଦିନ ଧରି ମା'ଙ୍କର ମାନୁଷୀ ତନୁ ଆମମାନଙ୍କୁ ରକ୍ଷା କରିଥିଲା । ଆମେ ଆମ କର୍ମଫଳରେ ପୂରା ଭାଗୀ ହୋଇ ନାହୁଁ କାରଣ ମା'ଙ୍କ ଶରୀର ବର୍ମ ସଦୃଶ ଆମମାନଙ୍କୁ ଆବୃତ କରି ରଖିଥିଲା । ମା'ଙ୍କ ଶରୀର ଯେତେଦୂର ସମ୍ଭବ ଆମ କର୍ମଫଳର ଆଧିକ୍ୟକୁ କମାଇ ଦେଇଛି ।"

ନଳିନୀଦା'ଙ୍କର ଏକ ସୂକ୍ଷ୍ମଦର୍ଶନ ସମ୍ବନ୍ଧରେ ଲେଖୁଛି । ଏଇ ସୂକ୍ଷ୍ମଦର୍ଶନ ପ୍ରମାଣ କରେ ଯେ ମା' ଶରୀର ଛାଡ଼ି ଚାଲିଯାଇଥିଲେ ମଧ୍ୟ ଆମମାନଙ୍କୁ ଛାଡ଼ି ଯାଇ ନାହାନ୍ତି । ବିପଦ ଆପଦରେ ସେ ସେମିତି ସମାନ ଭାବରେ ଆମକୁ ରକ୍ଷା କରିଚାଲିଛନ୍ତି । ତେଣୁ 'ମା ଭୈଃ' । ନଳିନୀଦା'ଙ୍କ ଭାଷାରେ:

"ମା' କହିଛନ୍ତି, ମୋ ଆଡ଼କୁ ଦୃଷ୍ଟିପାତ କର, ମୁଁ ନୂଆ ଶରୀର ନେଇ ଏଠାରେ ରହିଛି, ସେଇ ଶରୀର ହେଉଛି ଦିବ୍ୟ, ରୂପାନ୍ତରିତ ଓ ଜ୍ୟୋତିର୍ମୟ । ତଥାପି ମୁଁ ତୁମର ସେହି ମାନୁଷୀ ମା' । ବ୍ୟସ୍ତ ହୁଅ ନାହିଁ । ତୁମ ନିଜ ବିଷୟରେ, ତୁମ ପ୍ରଗତି, ତୁମ ଅନୁଭୂତି କିଂବା ଅନ୍ୟମାନଙ୍କ ସମ୍ବନ୍ଧରେ ମଧ୍ୟ କିଛି ବି ଚିନ୍ତା କର ନାହିଁ । ମୁଁ ଏଠାରେ ରହିଛି, ମୋତେ ଦେଖ, ମୋତେ ନିରୀକ୍ଷଣ କର, ମୋ ଭିତରକୁ ପ୍ରବେଶ କର, ମୋ ସତ୍ତା ସାଥିରେ ଏକାକାର ହୋଇଯାଅ, ମୋ ପ୍ରେମରେ ଶ୍ରଦ୍ଧାର ସହିତ ନିଜକୁ ଭସାଇ ଦିଅ । ଦେଖିବ ସବୁ ସମସ୍ୟାର ସମାଧାନ ହୋଇଯିବ, ସବୁକିଛି ହୋଇଯିବ । ଅନ୍ୟ ସବୁକିଛିକୁ, ଏଇ ବିଶ୍ୱକୁ ଭୁଲିଯାଅ । କେବଳ ମୋତେହିଁ ସ୍ମରଣ କର । ମୋ ସହିତ, ମୋ ପ୍ରେମରେ ଏକ ହୋଇଯାଅ ।"

*

ଦିନେ ମା' ବେଶ୍ ଗମ୍ଭୀର ହୋଇ ବସିଥିଲେ । ତାଙ୍କୁ ସେମିତି ଭାବରେ ଦେଖି ଭାବିଲି ମା'ଙ୍କର କ'ଣ ହେଲା ? ସେ ମୋତେ ଚାହିଁ କହିଲେ, "ଜାଣ, ମୁଁ ଏବେ ବି ତୁମ ମଣିଷମାନଙ୍କୁ ବୁଝିପାରେ ନା । କେମିତି ତୁମେମାନେ ମୋ ସାମନାରେ ମିଛ କୁହ !"

ମୁଁ କହିଲି, "ମା', ସାଧାରଣତଃ ସମସ୍ତେ ତୁମକୁ ଡରନ୍ତି । ଆଉ ସେଇଥିପାଇଁ ତୁମ ସାମନାରେ ମିଛ କହିପକାନ୍ତି । କେତେ ଜଣ ସତ୍‌ସାହସ ଦେଖାଇ ପାରନ୍ତି କହିଲ ମା' । ଶାସ୍ତି ଭୟରେ ଲୋକମାନେ ନିଜ ଅପରାଧ ସ୍ୱୀକାର କରି ପାରନ୍ତି ନାହିଁ । ଏପଟେ କିନ୍ତୁ ବେଶ୍ ଭଲ ଭାବରେ ଜାଣନ୍ତି ଯେ ତୁମେ ସବୁ ଜାଣ ଓ ବୁଝିପାର । ତଥାପି ଭୟକୁ ଏଡ଼ାଇ ପାରନ୍ତି ନାହିଁ । ମା' ଆମେମାନେ ତୁମକୁ ଖୁବ୍ ଭଲପାଉ । କିନ୍ତୁ

କେମିତି ଏକ ଭୟ ମିଶ୍ରିତ ଶ୍ରଦ୍ଧା ଆମ ହୃଦୟରେ ଲୁଚିଥାଏ। କାହିଁକି ମା' ?''

ଏହା ଶୁଣି ମା' ସସ୍ନେହେ ମୋତେ ଚାହିଁରହିଲେ।

*

ଶ୍ରୀଅରବିନ୍ଦଙ୍କ ଦେହତ୍ୟାଗ ପରେ ସମସ୍ତେ ଶୋକରେ ମୁହ୍ୟମାନ ହୋଇପଡ଼ିଥିଲେ। ଅଫୁରନ୍ତ ସ୍ନେହ, ଭଲପାଇବା ଓ ଆନନ୍ଦର ପ୍ରବାହ ବୁହାଇ ଦେଇ ମା' ସମସ୍ତଙ୍କୁ ସେହି ଶୋକ ଭିତରୁ ବାହାର କରି ଆଣିଥିଲେ। ଭୋରରୁ ରାତ୍ରି ପର୍ଯ୍ୟନ୍ତ ମା' ସମସ୍ତଙ୍କୁ ଆନନ୍ଦହିଁ ଦେଇଚାଲିଥିଲେ। ଆମମାନଙ୍କୁ ନିଜ ବକ୍ଷରେ ଧାରଣ କରି ଆଗେଇ ଚାଲିଥିଲେ। ତାଙ୍କ ସ୍ନେହଛାୟାରେ ଥାଇ ଆମେ କ୍ରମେ କ୍ରମେ ଶ୍ରୀଅରବିନ୍ଦଙ୍କୁ ହରାଇବାର ଅସହ୍ୟ ଦୁଃଖକୁ ସହ୍ୟ କରିବାକୁ ଶକ୍ତି ପାଇଲୁ। ଆଉ ଏଇ ଶକ୍ତିକୁ ଆମେମାନେ ଯେମିତି ଯଥାର୍ଥରେ ଆହରଣ କରି ପାରିବୁ ସେଥି ନିମିତ୍ତ ମା' ନିଜକୁ ବିଶ୍ୱବାସୀଙ୍କ ମଧ୍ୟରେ ପରିବ୍ୟାପ୍ତ କରିଦେଲେ।

ପ୍ଲେ-ଗ୍ରାଉଣ୍ଡରେ ମାର୍ଚ୍ଚିଂ ଦେଖିବା ସମୟରେ ଏବଂ ପ୍ରତି ମୁହୂର୍ତ୍ତରେ ମା'ଙ୍କ ନିତ୍ୟନୂତନ ରୂପ ଓ ବ୍ୟବହାର ଆମମାନଙ୍କୁ ଆଶ୍ଚର୍ଯ୍ୟ କରୁଥିଲା। ଶ୍ରୀଅରବିନ୍ଦଙ୍କ ତିରୋଧାନ ପରେ ଆମେ ସମସ୍ତେ ଶୂନ୍ୟବୋଧ କରୁଥିଲୁ। ଏକଥା ମା' ଭଲଭାବରେ ଅନୁଭବ କରୁଥିଲେ। ଆମମାନଙ୍କ ବିଷଣ୍ଣ ମୁହଁରେ ହସ ଫୁଟାଇବାକୁ ସେ ନାନା ପ୍ରକାର ମଜାର କଥା କହୁଥିଲେ। ଦିନେ Hans Andersonଙ୍କ The Invisible Dress ଗପଟି ଏମିତି ମଜା କରି କହିଲେ ଯେ ଆମେ ସମସ୍ତେ ହସିହସି ବେଦମ୍। ତା'ପରେ ହଠାତ୍ ଗମ୍ଭୀର ହୋଇ ମା' ଫୁସ୍‌ଫୁସ୍ କରି କହିଲେ, ''ଶୁଣ, ଶୁଣ, ଆମମାନଙ୍କର ଏତେ ହସାହସି କିନ୍ତୁ ପବିତ୍ର ପସନ୍ଦ କରୁ ନାହିଁ। ଏବେ ଆମକୁ ଚୁପ୍ ହେବାକୁ ହେବ।'' ଛୋଟ ଝିଅଟିଏ ପରି ମା' ତାଙ୍କର ଦୁଇ ହାତକୁ ନିଜ କୋଳ ଉପରେ ରଖି ଗମ୍ଭୀର ଭାବରେ ମାର୍ଚ୍ଚିଂ ଦେଖିବାକୁ ଲାଗିଲେ। ମା'ଙ୍କର ଏଇ ହାସ୍ୟ କୌତୁକ ସମସ୍ତଙ୍କୁ ଶ୍ରୀଅରବିନ୍ଦଙ୍କ ଦେହତ୍ୟାଗର ଦୁଃଖ କବଳରୁ କ୍ରମଶଃ ମୁକ୍ତ କରିପାରିଥିଲା। ମା' ଏବେ ପୂରାପୂରି ଏକା। ଏଇ ଚିନ୍ତା ଆମକୁ ଭୀଷଣ ବ୍ୟଥିତ କରୁଥିଲା। ହଠାତ୍ ମା' କେମିତି ଗମ୍ଭୀର ହୋଇଯାଉଥିଲେ। ସେତେବେଳେ ଆମେ କେହି ତାଙ୍କର କୂଳ କିନାରା ପାଉ ନ ଥିଲୁ। ଖାଲି ଭାବୁଥିଲୁ ଶ୍ରୀଅରବିନ୍ଦ କେବେ ଫେରିଆସିବେ। ମା'ଙ୍କ କଥା ଭାବି ମନ ଆହୁରି ଖରାପ ହୋଇଯାଉଥିଲା।

ଦିନକର ମଜାର କଥାଟିଏ କହୁଛି। ମାର୍ଚ୍ଚପାଷ୍ଟ ପରେ ପ୍ଲେ-ଗ୍ରାଉଣ୍ଡର ସାକ୍ଷାତକାର କୋଠରିରେ ବିଭିନ୍ନ ଲୋକଙ୍କ ସହିତ ବେଶ୍ ଅନେକ ସମୟ ଧରି

ମା'ଙ୍କର ସାକ୍ଷାତକାର ଚାଲୁଥିଲା। ଦିନେ ଜଣକ ସହିତ ସାକ୍ଷାତକାର ଶେଷ ହେବା ପରେ ମା' ତାଙ୍କ ନିଜ ଦୁଇ ହାତକୁ ପଛକୁ କରି ଲମ୍ବା ଲମ୍ବା ପାଦ ପକାଇ ଭାରତବର୍ଷର ମାନଚିତ୍ର ସାମନାରେ ଛିଡ଼ାହେଲେ। ଆମମାନଙ୍କୁ କୌତୁକଭରା ଦୃଷ୍ଟିରେ ଚାହିଁ ଫଟୋଟିଏ ଆମ ସାମନାରେ ଧରିଲେ। ଯାହାଙ୍କ ସହିତ ସାକ୍ଷାତକାର ଥିଲା ଫଟୋଟି ତାଙ୍କରି ଥିଲା। ଭଦ୍ରବ୍ୟକ୍ତି ମା'ଙ୍କୁ ତାଙ୍କ ନିଜର ଫଟୋ ଦେଇଥିଲେ। ଏକଥା ଭାବି ପାରୁଛ ତ? ଆମେ ତ ଏହା ଶୁଣି ହସରେ ଫାଟିପଡ଼ିଲୁ। ପିଲାଙ୍କ ପରି କୌତୁକଭରା ହସରେ ମା'ଙ୍କର ମୁଖମଣ୍ଡଳ ପୂରି ଉଠୁଥିଲା। ଏଇ ଧରଣର ଛୋଟ ଛୋଟ ହସଖୁସି ଓ ମଜା ଶ୍ରୀଅରବିନ୍ଦଙ୍କ ତରୋଧାନର ପର ଘଟଣା। କୌଣସି ପ୍ରକାରେ କାହାକୁ ହେଲେ ମା' ବିଷଣ୍ଣ ହେବାକୁ ଦେଉ ନ ଥିଲେ।

ଆଉ ଦିନକର କଥା। ସାକ୍ଷାତକାର ପରେ ଲମ୍ବା ଲମ୍ବା ପାଦ ପକାଇ ମା' ଭାରତବର୍ଷର ମାନଚିତ୍ର ଆଡ଼କୁ ଆସୁଥିଲେ। ଆମେମାନେ ମା'ଙ୍କ ପାଇଁ ଅପେକ୍ଷା କରିଥିଲୁ। ତାଙ୍କ ମୁହଁ ଦେଖି ବୁଝିପାରିଲୁ ଯେ ମା' କିଛି ଗୋଟିଏ ମଜାର ଖବର ଦେବେ। ଆମ ଅନୁମାନ ଠିକ୍ ଥିଲା।

ମା' କହିଲେ, "ଆଜି ମୋର ଗୋଟିଏ ଭଲ ସାକ୍ଷାତକାର ଥିଲା। ବହୁଦିନରୁ ଏମିତି ପ୍ରାଣ ଖୋଲି କଥା ହୋଇ ନ ଥିଲି। ଭଦ୍ରଲୋକ ଜଣକ ଆନ୍ତରିକ, ନିଷ୍ଠାବାନ୍। ମୋତେ ଓ ଶ୍ରୀଅରବିନ୍ଦଙ୍କୁ ଭଲପାଆନ୍ତି। ସେ ହାଇକୋର୍ଟରେ ଜଜ୍।" (କହିରଖୁଛି ଯେ ସେଇ ଭଦ୍ରଲୋକ ଜଣକ ଥିଲେ ମୋ ବଡ଼ମାମୁ ସୁବୋଧ କୁମାର ନିୟୋଗୀ। ତେଣୁ ତାଙ୍କ ସମ୍ବନ୍ଧରେ ଜାଣିବାକୁ ମୋର ମଧ୍ୟ କୌତୂହଳ ଥିଲା।)

ମା' କହିଚାଲିଥା'ନ୍ତି, "ଆହା, ଜଜ୍ ପୋଷାକରେ ସେ କି ସୁନ୍ଦର ଦେଖାଯାଉ ନ ଥିବେ! ତାଙ୍କ ଗଢ଼ଣ ସୁନ୍ଦର, ସୁଠାମ ଓ ଋଜୁ।" ମା'ଙ୍କ ମୁହଁରେ ସ୍ନେହର ଅପୂର୍ବ ଛଟା। ଏମିତି ଭାବରେ ନିଜ ସନ୍ତାନମାନଙ୍କୁ ପ୍ରଶଂସା କରିବା କଥା ପାର୍ଥିବ ମାଆମାନେ ନିଶ୍ଚୟ ଶ୍ରୀମାଙ୍କଠାରୁ ଶିଖିଛନ୍ତି। ସେସମୟରେ ମା'ଙ୍କୁ ଦେଖିବାକୁ ଖୁବ୍ ଭଲଲାଗୁଥିଲା। ବହୁଦିନ ପରେ ମା'ଙ୍କଠାରୁ ଏମିତି କଥା ଶୁଣୁଥିଲି। ୧୯୫୬ ମସିହାରେ ଅତିମାନସ ଆଲୋକର ଅବତରଣ ହେବା ପରଠାରୁ ମା' କେମିତି ଚିନ୍ତିତ ଓ ଗମ୍ଭୀର ହୋଇ ରହୁଥିଲେ। ଧୀରେ ଧୀରେ ଯେ ସେ ନିଜକୁ ଅପସାରିତ କରି ନେଉଥିଲେ ଏହା ବୁଝାଯାଉଥିଲା। ଅନୁଭବ କରୁଥିଲୁ ଯେ ମା' ଶରୀରର ରୂପାନ୍ତର କାମରେ ମନୋନିବେଶ କରୁଛନ୍ତି। ସେଦିନ ଆଗ ପରି ପାଖରେ ପାଇ ମା'ଙ୍କୁ କହିଲି, "ଜଜ୍‌ମାନଙ୍କ କାମ ତ କେବଳ ଲୋକମାନଙ୍କୁ ଶାସ୍ତି ଦେବା। କେତେ ଲୋକଙ୍କୁ ଏମାନେ ଫାଶୀ ଦିଅନ୍ତି। ଏସବୁ ମୋତେ ଆଦୌ ଭଲଲାଗେ ନାହିଁ।"

ଆଶ୍ଚର୍ଯ୍ୟ ହୋଇ ମା' ମୋତେ କହିଲେ, "କିଏ ତୁମକୁ କହିଛି ଯେ ସେମାନେ କେବଳ ଶାସ୍ତି ଦିଅନ୍ତି। ଜାଣିଛ, ସେମାନେ ନିର୍ଦ୍ଦୋଷମାନଙ୍କୁ ବଞ୍ଚାଇବାକୁ କେତେ ଚେଷ୍ଟା କରନ୍ତି ? ଏଇ ଯେଉଁ ଜଜ୍ ସହିତ ଆଜି ମୋର ସାକ୍ଷାତକାର ଥିଲା ସେ ପ୍ରତିଦିନ ଭୋର ଚାରିଟା ସମୟରେ ଧ୍ୟାନ କରନ୍ତି, ତା'ପରେ ରାୟ ଲେଖିବାକୁ ବସନ୍ତି। ପ୍ରତିଟି କଥା ଲେଖିବା ବେଳେ ମୋତେ ସ୍ମରଣ କରି ଲେଖନ୍ତି। ତାଙ୍କ ଡାକ ମୁଁ ଶୁଣିବାକୁ ପାଏ। ତାଙ୍କୁ ଏପର୍ଯ୍ୟନ୍ତ ଥରେ ହେଲେ କାହାକୁ ଫାଶୀ ଦେବାର ରାୟ ଦେବାକୁ ହୋଇ ନାହିଁ।" ଏକଥା କହିବା ବେଳେ ମା'ଙ୍କ କଣ୍ଠସ୍ୱର ଯେମିତି ଶୁଣାଯାଉଥିଲା ଏବେ ବି ଯେମିତି ମୁଁ ସେଇ କଣ୍ଠସ୍ୱର ଶୁଣିବାକୁ ପାଏ। ସନ୍ତାନମାନଙ୍କର, ଭକ୍ତଶିଷ୍ୟମାନଙ୍କର ଡାକ ଶୁଣି ମା' କେତେ କଠିନ କାମରେ ସେମାନଙ୍କୁ ସାହାଯ୍ୟ କରୁଥିଲେ।

ମା'ଙ୍କ ମୁହଁରୁ ମୋ ମାମୁଙ୍କର ଏତେ ପ୍ରଶଂସା ଶୁଣି ମୋ ଅନ୍ତର ଆନନ୍ଦରେ ଭରି ଯାଇଥିଲା। ବୋଧହୁଏ ମା' ଜାଣି ନ ଥିଲେ ଯେ ସୁବୋଧ କୁମାର ନିୟୋଗୀ ଆମର ମାମୁ। ସାନମାମୁ ହିମାଂଶୁ କୁମାର ନିୟୋଗୀଙ୍କ ବଡ଼ଭାଇ। ପ୍ଲେ-ଗ୍ରାଉଣ୍ଡରୁ ଘରକୁ ଫେରିବା ପରେ ବଡ଼ମାମୁ ଓ ବାପା ମୋତେ ପଚାରିଲେ, "ଆଜି ମା' ତୁମମାନଙ୍କୁ ଏତେ କ'ଣ ସବୁ କହୁଥିଲେ ?" ସବୁ ଶୁଣିସାରି ବାପା ଓ ବଡ଼ମାମୁ ଖୁବ୍ ଖୁସି। ମନେହେଉଥିଲା ବଡ଼ମାମୁ ଟିକିଏ ଲଜ୍ଜିତ। ଯାହାହେଉ ମା'ଙ୍କୁ ପୁଣି ଏତେଦିନ ପରେ ଏମିତି ପାଖରେ ପାଇ ଆମେ ଖୁବ୍ ଆନନ୍ଦିତ ହୋଇଥିଲୁ।

ଭାରତବର୍ଷର ମାନଚିତ୍ର ସାମନାରେ ଗୋଟିଏ ଚେୟାରରେ ବସି ମା' ସମସ୍ତଙ୍କର ମାର୍ଚ୍ଚିଂ ଦେଖୁଥିଲେ। ମିନିଦି', ମିଲିଦି', ଭିଓଲେଟ୍, ଗୌରୀ ଓ ମୁଁ ଆମେ ଚାରି ପାଞ୍ଚ ଜଣ ମା'ଙ୍କ ପାଖରେ ରହିବାର ସୁଯୋଗ ପାଇଥିଲୁ। ମଜା କରି ନାନା ପ୍ରକାର କଥା ମା' ଆମମାନଙ୍କୁ କହୁଥିଲେ। କିଏ କେମିତି ମାର୍ଚ୍ଚିଂ କରୁଛି ବେଶ୍ ଲକ୍ଷ୍ୟ କରି ଦେଖୁଥିଲେ। ହଠାତ୍ ଦିନେ କହିଉଠିଲେ, "ଏଇ ଦେଖ, ଗୋଟିଏ ବୁଢ଼ିଆଣୀ ଆସୁଛି।" ଚାହିଁ ଦେଖିଲୁ ଜଣେ ସାଧକ ଏମିତି ଭାବରେ ଦୁଇ ହାତକୁ ଟାଣି ଦୁଇ ପାଖକୁ ନେଉଛନ୍ତି ଯେ ମନେହେଉଛି ଯେମିତି ବୁଢ଼ିଆଣୀଟିଏ ଆସୁଛି। ମା'ଙ୍କ କଥା ଶୁଣି ଓ ତାଙ୍କୁ ଦେଖି ଗୌରୀ ଓ ମୁଁ ଖୁବ୍ ହସିଲୁ। ମୁଁ ପୁଣି କହି ପକାଇଲି, "ଦେଖ ମା', ଗୋଟିଏ ହାତୀ ଆସୁଛି।" ଆମ ଦିଲୀପଦା' ସେଇ ସମୟରେ କିଛିଦିନ ପାଇଁ ମାର୍ଚ୍ଚିଂ କରିବାକୁ ଆସୁଥିଲେ। ମା' ଇଶାରା କରି ଦିଲୀପଦା'ଙ୍କ ସମ୍ବନ୍ଧରେ କିଛି କହିବାକୁ ମନା କଲେ। ମୁଁ ତ ଅପ୍ରସ୍ତୁତ। ଦିଲୀପଦା' ଥିଲେ ମା' ଶ୍ରୀଅରବିନ୍ଦଙ୍କ ଆଦରର ଧନ। ଏଇ ଧରଣର ନାନା ପ୍ରକାର ଛୋଟ ଛୋଟ ହାଲ୍କା କଥା ମାଧ୍ୟମରେ ମା' ଆମ ସମସ୍ତଙ୍କର ବେଶ୍ ନିକଟତର ହୋଇଥିଲେ। ମାର୍ଚ୍ଚିଂ ସମୟରେ

କିଛିଦିନ ଆମମାନଙ୍କୁ ଫ୍ରେଞ୍ଚ ମଧ୍ୟ ପଢ଼ାଉଥିଲେ। ଚିତ୍ରା, ମିନୁ, ତପତୀ ଓ ମୁଁ ମା' ଦେଉଥିବା ରଚନା ଫ୍ରେଞ୍ଚରେ ଲେଖିଆଣୁଥିଲୁ। ଚେୟାରରେ ବସି ମା' ସେହି ଖାତାସବୁ ସଂଶୋଧନ କରୁଥିଲେ। ପ୍ରଥମରୁ ଦେଖିଛି ପାଠପଢ଼ା ଓ ଖେଳ କସରତ ଉଭୟକୁ ମା' ସମାନ ଗୁରୁତ୍ୱ ଦେଉଥିଲେ। ମା' ଶ୍ରୀଅରବିନ୍ଦଙ୍କର ଏଇ ପୂର୍ଣ୍ଣଯୋଗରେ ସବୁକିଛି ସମାନ ଭାବରେ ମୂଲ୍ୟବାନ୍।

ମାର୍ଚ୍ଚିଂ ପରର ଏକାଗ୍ରତା ଶେଷ ହେବା ପରେ ସବୁ ଗ୍ରୁପ୍‌କୁ ମା' ନିଜ ହାତରେ ବାଦାମ ବିତରଣ କରୁଥିଲେ। ସମସ୍ତେ ନିଜ ନିଜ ଗ୍ରୁପ୍‌ରେ ଧାଡ଼ି ବାନ୍ଧି ଠିଆ ହେଉଥିଲେ। ଅମୀୟ ଗୋଟିଏ ବଡ଼ ପାତ୍ରରେ ବାଦାମ ଭଜା ଓ ଗୋଟିଏ ଚାମଚ ଧରି ମା'ଙ୍କ ପାଖେ ପାଖେ ଚାଲୁଥିଲା। ସେଇ ଚାମଚରେ ମା' ସମସ୍ତଙ୍କୁ ବାଦାମ ଦେଉଥିଲେ। କାହାକୁ ଥରଟିଏ, କାହାକୁ ଦୁଇ ଥର, ପୁଣି କାହାକୁ ଗୋଟିଏ ମାତ୍ର ବାଦାମ। ଏସବୁ ଦେଖି ଆମେ ହସିହସି ବେଦମ୍ ହୋଇଯାଉଥିଲୁ। ଗୋଟିଏ ମାତ୍ର ବାଦାମ ପାଉଥିବା ସାଧକ ବେଶ୍ ଲଜ୍ଜିତ ହେଉଥିଲେ। ପରେ ବୁଲି ବୁଲି ସବୁ ଗ୍ରୁପ୍‌ରେ ବାଦାମ ଦେବାର ପ୍ରଥା ବନ୍ଦ ହୋଇଗଲା। ଭାରତ ମାନଚିତ୍ର ସାମନାରେ ଚେୟାରରେ ବସି ମା' ବାଦାମ ଦେବାକୁ ଆରମ୍ଭ କଲେ। ସେତେବେଳେ ଆଶ୍ରମର ସମସ୍ତ ସାଧକ-ସାଧିକା, ଦର୍ଶନାର୍ଥୀ ସମସ୍ତେ ମା'ଙ୍କ ପାଖକୁ ଯାଇ ପ୍ରସାଦ ପାଇବାର ସୁଯୋଗ ଲାଭ କଲେ। ସମସ୍ତେ ଖୁସି। ଜନ୍ମଦିନ ଥିବା ଲୋକମାନଙ୍କୁ ମଧ୍ୟ ମା' ଚେୟାରରେ ବସି ଆଶୀର୍ବାଦ ଓ ପ୍ରସାଦ ଦେଉଥିଲେ। ଏସବୁ ଶେଷ ହେବା ପରେ ମା'ଙ୍କର ଅନ୍ୟ କାମ ଆରମ୍ଭ ହେଉଥିଲା। ପ୍ରଣବ ତା' ଗ୍ରୁପ୍‌ର ସବୁ କ୍ୟାପ୍‌ଟେନ୍‌ମାନଙ୍କୁ volting, parallel bars ଇତ୍ୟାଦି ନାନାପ୍ରକାର ବ୍ୟାୟାମ ଶିଖାଉଥିଲା। ବେଶ୍ ଯତ୍ନ ସହକାରେ କ୍ୟାପ୍‌ଟେନ୍‌ମାନଙ୍କୁ gymnastics ଶିଖାଉଥିଲା। ବିଶେଷ କରି ଝିଅ କ୍ୟାପ୍‌ଟେନ୍‌ମାନେ volting, parallel bars କରିବା ବେଳେ ସେମାନଙ୍କ ପାଖରେ ପ୍ରଣବ ଆସି ଠିଆହେଉଥିଲା। କୌଣସି ଦୁର୍ଘଟଣା ଘଟିବାର ସମ୍ଭାବନା ନ ଥିଲା। ମା' ଚେୟାରରେ ସ୍ଥିର ହୋଇ ବସି ସମସ୍ତଙ୍କୁ ବିଶେଷ ଭାବରେ ଲକ୍ଷ୍ୟ କରୁଥିଲେ।

ଥରେ ଜଣେ ବିଖ୍ୟାତ ଭାରତୀୟ ନେତା ଓ ଶିକ୍ଷାବିତ୍ ଆଶ୍ରମକୁ ଆସିଥିଲେ। ପ୍ଲେ-ଗ୍ରାଉଣ୍ଡରେ ନାନା ପ୍ରକାର ଖେଳ କସରତ ଦେଖି ସେ ଅଭିମତ ଦେଇଥିଲେ, "ଭାରତର ବହୁ ଶିକ୍ଷାନୁଷ୍ଠାନ ପରିଦର୍ଶନ କରିଛି, ଝିଅମାନେ gymnastics କରିବାର ଦେଖିଛି। କିନ୍ତୁ ଆଶ୍ରମକୁ ଆସି ପ୍ରଥମ କରି ଦେଖୁଛି ଝିଅମାନେ parallel bar ଉପରେ volting ମଧ୍ୟ କରୁଛନ୍ତି। ଏହା ମୁଁ ଅନ୍ୟ କେଉଁଠାରେ ଦେଖି ନାହିଁ।" ଏସବୁ ଦେଖି ସେ ଖୁବ୍ ଖୁସି ହୋଇଥିଲେ। ଚିତ୍ରା, ସୁଜାତା, ମିନୁ, କୁସୁମବେନ୍, ମଣିବେନ୍,

କୁମୁଦ, ତପତୀ, ସୁଶୀଳା, ଆରତି, ଅମିତା, ମୃଦୁଳା ଏବଂ ଆହୁରି ଅନେକ ଝିଅ କ୍ୟାପ୍‌ଟେନ୍ ଥିଲେ। ସେମାନେ ମାଲ୍‌ଖମ୍ବ ବ୍ୟାୟାମ ମଧ୍ୟ କରୁଥିଲେ। ଖୁବ୍ ସୁନ୍ଦର ଭାବରେ ଶିଖିଥିଲେ। ଅମିତା Swiss drill ଖବ୍ ସୁନ୍ଦର ଭାବରେ କରୁଥିଲା। ତାହା ଅବଶ୍ୟ ଉପରଓଳି। ଏତେ ଝିଅମାନଙ୍କ ମଧ୍ୟରେ ତା'ର Swiss drill ବେଶ୍ ଆକର୍ଷଣୀୟ ଥିଲା। କ୍ୟାପ୍‌ଟେନ୍‌ମାନଙ୍କ ମଧ୍ୟରେ ମନା, ସୁମନ୍ତ, ବାଚ୍ଚୁ, ବାଚ୍ଚି, ନରେନ୍ଦ୍ର, ମନୋଜ, ରଞ୍ଜନ ଇତ୍ୟାଦି ଖୁବ୍ ମନୋଯୋଗ ଦେଇ ସବୁ ଶିଖୁଥିଲେ।

ଏଇ ନୂଆ ଜୀବନକୁ ଆବିଷ୍କାର କରିବାକୁ କିଂବା ବୁଝିବାକୁ ଆମମାନଙ୍କର କୌଣସି କଷ୍ଟ ହୋଇ ନ ଥିଲା। ପଥପ୍ରଦର୍ଶକ ରୂପେ ମା' ସବୁବେଳେ ଆମ ପାଖେ ପାଖେ ରହିଥିଲେ। କୌଣସି ବିପଦରେ ପଡ଼ିଲେ ମା'ଙ୍କୁ ନିଃଶଙ୍କୋଚରେ ଆମେ ସବୁ କହୁଥିଲୁ। ସବୁକ୍ଷେତ୍ରରେ ମା' ମୁଣ୍ଡ ହଲାଇ ସୁନ୍ଦର ଭାବରେ ହସୁଥିଲେ। ବୁଝୁଥିଲୁ ସବୁ ଠିକ୍ ହୋଇଯିବ। ନୂଆ ଉଦ୍ୟମରେ ପୁଣି ପଥଚଲା ଆରମ୍ଭ କରୁଥିଲୁ। ଏମିତି ଭାବରେ ଚାଲିଥିଲା ଆମର ପ୍ରତି ମୁହୂର୍ତ୍ତ ଏବଂ ପ୍ରତିଦିନ। ଜୀବନ ପଥରେ ଆମେ ଯେତେ ମା'ଙ୍କ ନିର୍ଦ୍ଦିଷ୍ଟ ଧାରା ଅନୁଯାୟୀ ଚଳିବାକୁ ଚେଷ୍ଟା କରୁଥିଲୁ କାମନା ବାସନା, ନାନା ବିପଦ ଆମକୁ ସେତେ ବିପଥକୁ ଠେଲି ନେଇ ଯାଉଥିଲେ। ମା' କିନ୍ତୁ ଶକ୍ତ ଭାବରେ ଆମ ଜୀବନ-ତରୀର ମଙ୍ଗ ଧରିଥିଲେ। ତେଣୁ ଏପଟ ସେପଟ ହେବାକୁ କାହାର ବି ସାଧ୍ୟ ନ ଥିଲା। ସବୁ ତାଙ୍କରି ନିର୍ଦ୍ଦେଶରେ ଚାଲିଥିଲା। ଟିକିଏ ଏପଟ ସେପଟ ହେଲେ ସେ ରୁଦ୍ର ମୂର୍ତ୍ତି ଧାରଣ କରୁଥିଲେ। ମା'ଙ୍କ ପାଖରୁ ଗାଳି ଖାଇ ନାହିଁ ଏମିତି ସନ୍ତାନ କେହି ଜଣେ ହେଲେ ନାହିଁ। ଅବଶ୍ୟ ମୁଁ କହୁଛି ପିଲାମାନଙ୍କ କଥା। ଏଇ ଗାଳି କିନ୍ତୁ ସବୁ ସମୟରେ ଯେ ସଶବ୍ଦେ ହେଉଥିଲା ତାହା ନୁହେଁ। ମା' ନୀରବରେ ଏକ ପ୍ରବଳ ଅସନ୍ତୋଷର ଚାପ ସୃଷ୍ଟି କରୁଥିଲେ। ତାହା ଥିଲା ଯେମିତି ବିଶାଳ ହିମାଳୟଟିଏ। ଆମ ସମୟର ପ୍ରତ୍ୟେକ ପୁଅଝିଅ ଗୋଟିଏ ପ୍ରଚଣ୍ଡ ମାନସିକ ଚାପ ଅନୁଭବ କରୁଥିଲେ। ମନେହୁଏ ବୟସ୍କମାନେ ମଧ୍ୟ ଏହା କବଳରୁ ରକ୍ଷା ପାଉ ନ ଥିଲେ। ଅନେକ ସମୟରେ ମୁହଁ ଫିଟାଇ ମା' କିଛି କହୁ ନ ଥିଲେ। କିନ୍ତୁ ଯେଉଁମାନେ ସମ୍ବେଦନଶୀଳ ସେମାନେ ତତ୍‌କ୍ଷଣାତ୍ ବୁଝିପାରୁଥିଲେ ଯେ ସେମାନଙ୍କର କୌଣସି ଏକ ବ୍ୟବହାର, ଚିନ୍ତା ବା କାମ ପାଇଁ ମା' ଅସନ୍ତୁଷ୍ଟ ହୋଇଛନ୍ତି। ନିଜ ମଧ୍ୟରେ ଥିବା ସେଇ କଳା ବିନ୍ଦୁଟିକୁ ଖୋଜି ବାହାର କରିବାକୁ ପଡୁଥିଲା। ଯଦି ମା'ଙ୍କ ନିର୍ଦ୍ଦିଷ୍ଟ ପଥ ଅନୁସରଣ କରିବାକୁ କାହାରି ଐକାନ୍ତିକ ଆଗ୍ରହ ଥାଏ, ପ୍ରତି ମୁହୂର୍ତ୍ତରେ ତାକୁ ସଜାଗ ହେବାକୁ ପଡ଼େ।

ଦିନକର ଘଟଣା ମନେପଡୁଛି। ସେତେବେଳେ ମିଃ ରେନେ ପ୍ରେସ୍ ଦେଖାଶୁଣା

କରୁଥିଲେ। ସେ ହାଇଦ୍ରାବାଦର ଏକ ସମ୍ଭ୍ରାନ୍ତ ମୁସଲମାନ ପରିବାରରେ ଜନ୍ମଗ୍ରହଣ କରିଥିଲେ।

ମା' ତାଙ୍କ ବ୍ୟବହାର ପାଇଁ ଖାମ୍ ତିଆରି କରିବାର ଦାୟିତ୍ୱ ରାଜସେନା ନାହାରଙ୍କୁ ଦେଇଥିଲେ। ମିଃ ରେନେ ବାରଂବାର ଆସି ଖାମ୍ କିପରି ତିଆରି କରିବାକୁ ହେବ ତାହା ରାଜସେନାଙ୍କୁ ଦେଖାଇ ଦେଇଯାଉଥିଲେ। ସୁଜାତା, ସୁପ୍ରଭା, ତପତୀ, ଚିତ୍ରା ଓ ମୁଁ ରାଜସେନାଙ୍କ ନିର୍ଦ୍ଦେଶରେ ଖାମ୍ ତିଆରି କରୁଥିଲୁ। ମଝିରେ ମଝିରେ ମିଃ ରେନେ ଆସି ପ୍ରତ୍ୟେକଟି ଖାମ୍ ଦେଖିଯାଉଥିଲେ। ମିଃ ରେନେ ଆସିବା ମାତ୍ରେ ରାଜସେନା ମଜା କରି ପ୍ରତ୍ୟେକଟି ଖାମ୍ ତାଙ୍କ ସାମନାରେ ଧରି କହୁଥିଲେ, "ଠିକ୍ ହୋଇଛି ତ, ମିଷ୍ଟର?" ଆମେ ଗମ୍ଭୀର ଭାବରେ କାମ କରିଯାଉଥିଲୁ କିନ୍ତୁ ମନେ ମନେ ରାଜସେନାଙ୍କର ଏଇ ଦୁଷ୍ଟାମି ଉପଭୋଗ କରୁଥିଲୁ।

ମିଃ ରେନେ ଏକଥା ମା'ଙ୍କୁ ଜଣାଇଦେଲେ। ଦିନେ ମା'ଙ୍କ ପାଖକୁ ଯାଇଥିବା ସମୟରେ ମା' ଗମ୍ଭୀର ହୋଇ ମୋତେ ଫୁଲ ଦେଲେ। କିନ୍ତୁ ମା' ଯେ କାହିଁକି ଅସନ୍ତୁଷ୍ଟ ହୋଇଛନ୍ତି ତାହା କୌଣସି ପ୍ରକାରେ ବୁଝିପାରିଲି ନାହିଁ। ମା' ନିଜେ କହିଲେ, "ରେନେ କହିଛି, 'ଗୋରା ହୋଇ ଯେଉଁ ଝିଅଟି, ସେ ମୋତେ ଖୁବ୍ ଥଟ୍ଟା କରିଛି। ସେ ବାରଂବାର ପ୍ରତ୍ୟେକ ଖାମ୍‌ଗୁଡ଼ିକ ମୋତେ ଦେଖାଇ କହୁଥିଲା, ଠିକ୍ ହୋଇଛି ତ ମିଷ୍ଟର?' ତୁମେମାନେ ଜାଣ ରେନେ ନିଖୁଣ ଭାବରେ କାମ କରିବାକୁ ପସନ୍ଦ କରେ। ସେଇଥିପାଇଁ ସେ ବାରଂବାର ଖାମ୍ ଦେଖିବାକୁ ଆସୁଥିଲା।"

ମୁଁ ମା'ଙ୍କୁ କହିଲି, "ରାଜସେନାହିଁ ମିଃ ରେନେଙ୍କୁ ବାରଂବାର ଖାମ୍ ଦେଖାଉଥିଲେ। ମୁଁ ନୁହେଁ।" ମା' ପ୍ରଶ୍ନ କଲେ, "ତୁମେ କିଛି ବି କରି ନାହଁ?"

ଅନେକ ଚିନ୍ତା କରି ମଧ୍ୟ କୌଣସି ଦୋଷତ୍ରୁଟି ଖୋଜି ପାଉ ନ ଥିଲି। ମା' କହିଲେ, "ଚିନ୍ତା କର।" ହଠାତ୍ ମନେପଡ଼ିଲା ଯେ ରାଜସେନାଙ୍କର ସେଇ ଦୁଷ୍ଟାମି ମୁଁ ଖୁବ୍ ଉପଭୋଗ କରିଥିଲି ଯଦିଓ ବାହାରେ ପୂରାପୂରି ଶାନ୍ତ ଭାବରେ କାମ କରୁଥିଲି। ମା'ଙ୍କୁ ଏଇ କଥା କହିବା ମାତ୍ରେ ସେ ଖୁସିହୋଇ କହିଲେ, "ତୁମ ତରଫରୁ ଏମିତି ବ୍ୟବହାର କରିବା ଭଲ ନୁହେଁ।"

ମୁଁ ନିଜର ଭୁଲ ଖୋଜି ପାଇଥିବାରୁ ମା' ଖୁବ୍ ଖୁସି ହୋଇଥିଲେ। ସେପଟେ ପୁଣି ମିଃ ରେନେଙ୍କୁ ମା' କହିଥିଲେ, "ସେମାନେ ସମସ୍ତେ ଖୁବ୍ ଭଲ କାମ କରନ୍ତି। ସେମାନେ ମୋର ଖୁବ୍ ପ୍ରିୟ ସନ୍ତାନ।" ପରଦିନ ପ୍ରେସରେ ମିଃ ରେନେ ଖୁସିହୋଇ ଆମମାନଙ୍କୁ ଏଇ ଖବର ଦେଇଥିଲେ। ଆମେ ସମସ୍ତେ ପୂର୍ଣ୍ଣ ସଙ୍ଗତିରେ କାମ କରିବାକୁ ଲାଗିଲୁ।

ସାମାନ୍ୟ ଦୋଷ ଦୁର୍ବଳତା ମଧ୍ୟ ମା'ଙ୍କ ପାଖରେ ଧରା ପଡ଼ିଯାଏ। ମୋ ଜୀବନରେ ଏହା ବହୁବାର ଘଟିଛି। ଭାବିଲେ ଅବାକ୍ ଲାଗେ। ବୁଝିପାରିଲେ ଦୋଷ ଦୁର୍ବଳତାଗୁଡ଼ିକୁ ସଂଶୋଧନ କରବାକୁ ଚେଷ୍ଟା କରେ।

# ପ୍ଲେ-ଗ୍ରାଉଣ୍ଡ

ମା'ଙ୍କ ସାଥିରେ ଗୌରୀ ଓ ମୁଁ ବ୍ୟାୟାମ କରିବା ବିଷୟରେ ଏବେ କହୁଛି। ମା' ଟେନିସ୍ ଗ୍ରାଉଣ୍ଡରୁ ଫେରିବା ପରେ କିଛିଦିନ ଗୌରୀକୁ ଓ ମୋତେ ପ୍ଲେ-ଗ୍ରାଉଣ୍ଡରେ ଷ୍ଟେଜ୍ ହେଉଥିବା ଜାଗାର ପଛପଟକୁ ନେଇ ଆସୁଥିଲେ। (ସେସମୟରେ ଡିସେମ୍ବର ୧ ତାରିଖର କାର୍ଯ୍ୟକ୍ରମ ପାଇଁ ପ୍ଲେ-ଗ୍ରାଉଣ୍ଡରେହିଁ ଷ୍ଟେଜ୍ ହେଉଥିଲା।) ତା'ପରେ ଆରମ୍ଭ ହେଉଥିଲା ବ୍ୟାୟାମ। ଆମେ ଦୁଇ ଜଣ ଦୁଇ ପଟରୁ ମା'ଙ୍କ ଦୁଇ ହାତକୁ ଟାଣି ସିଧା କରି ବ୍ୟାୟାମ କରାଇବାକୁ ବ୍ୟସ୍ତ ରହୁଥିଲୁ। ମା'ଙ୍କୁ ନାନା ପ୍ରକାର ବ୍ୟାୟାମ କରାଉଥିଲୁ, ତା' ସହିତ ନିଜେ ମଧ୍ୟ କରୁଥିଲୁ। ଆମ ଦୁଇ ଜଣଙ୍କର ସେଥିପାଇଁ କି ଉତ୍ସାହ! ଆମେ ଯାହା କହୁଥିଲୁ ଛୋଟ ଝିଅଟିଏ ପରି ମା' ସବୁ କରିଯାଉଥିଲେ। ଦିନେ ବେଶ୍ ମଜା ହେଲା। ମା' ଆମ ଦୁଇ ଜଣଙ୍କୁ ଡାକି କହିଲେ, ''ଆମେ ଆଜି ନୂଆ ଖେଳ ଖେଳିବା। ତୁମେମାନେ ମୋ ପାଦରେ ପାଦ ଓ ହାତରେ ହାତ ରଖି ନାଚିବ।'' କେମିତି ନାଚିବାକୁ ହେବ ମା' ଆମକୁ ଦେଖାଇଦେଲେ। ମୁଁ ତ ଯେମିତି ଆକାଶରୁ ପଡ଼ିଲି। କୌଣସି ପ୍ରକାରେ ରାଜି ହେଲି ନାହିଁ। ମା'ଙ୍କ ପାଦରେ ମୋ ପାଦ ଛୁଆଁଇବି କେମିତି? ମା' ଯେତେଥର ଦେଖାଇଦେଲେ ବି ମୁଁ ଘାବରାଇ ଯାଇ ସେମିତି ଠିଆହୋଇ ରହିଲି। ତେଣୁ ମା' ଗୌରୀକୁ ଡାକିଲେ। ସେମାନେ ଦୁଇ ଜଣ ମିଶି ନୂଆ ଖେଳ ଆରମ୍ଭ କଲେ। ମୁଁ ଭାବୁଥାଏ, ଗୌରୀ ଯଦି ଟିକିଏ ଜୋର୍‌ରେ ଗୋଡ଼ ଛାଟି ଦିଏ, ତା'ହେଲେ ମା' ପଡ଼ିଯିବେ। ମୋତେ ଖୁବ୍ ଡର ଲାଗୁଥାଏ। ଖେଳ ଶେଷ ହେବା ପରେ ଗୌରୀକୁ କହିଲି, ''ଚାଲ, ଦୁଇ ଜଣ ମିଶି ମା'ଙ୍କୁ ପ୍ରଣାମ କରିବା। ଯେତେହେଲେ ବି ତ ମା'ଙ୍କ ପାଦ ଉପରେ ପାଦ ରଖିଛୁ।'' ଏକା ସାଥିରେ ଆଣ୍ଠୁମାଡ଼ି ଦୁହେଁ ମା'ଙ୍କୁ ପ୍ରଣାମ କଲୁ। ମା' ଖୁସିହୋଇ ଦୁଇ ଜଣଙ୍କ ମୁଣ୍ଡରେ ହାତ ରଖି ଆମକୁ ଆଦର କଲେ। ଯେମିତି ଆମେ ଦୁଇଟି କୁକୁର ଛୁଆ!

ଏମିତି ଭାବରେ ମା'ଙ୍କ ସହିତ ନାନାପ୍ରକାର ଖେଳ ଚାଲୁଥିଲା। ଦିନେ ମା' ଗୋଟିଏ ବେଞ୍ଚରେ ବସିଥିଲେ। ଆମ ଦୁଇ ଜଣଙ୍କୁ ତାଙ୍କ ଦୁଇ ପାଖରେ ବସିବାକୁ କହିଲେ। ଆମେ ଦୁହେଁ ଚଟାପଟ୍ ତାଙ୍କ ଦେହକୁ ଲାଗି ତଳେ ବସିପଡ଼ିଲୁ। ଗୋଟିଏ ଆସନରେ ମା'ଙ୍କ ସାଥିରେ ବସିବା! କେବେ ନୁହେଁ। ମା' ମଧ୍ୟ ଠିକ୍ ବୁଝିପାରିଥିଲେ। ନାନା ପ୍ରକାର କଥା ପରେ ମା' ଯେତେବେଳେ ଉଠି ଠିଆହେଲେ ଆମେ ଦୁହେଁ ଏକା ସାଥିରେ ତାଙ୍କୁ ପ୍ରଣାମ କଲୁ।

ଏମିତି ଭାବରେ କିଛି ଦିନ ଖେଳ ଚାଲିଥିଲା। ଦିନେ କେତେଗୁଡ଼ିଏ ଟେନିସ୍

ବଲ୍ ସଂଗ୍ରହ କରାଗଲା । ଗେଷ୍ଟହାଉସ୍ ଓ ପ୍ଲେ-ଗ୍ରାଉଣ୍ଡର ମଝିରେ ଗୋଟିଏ କାନ୍ଥ ଥିଲା । ସେଇ କାନ୍ଥରେ ଗୋଟିଏ ବାସ୍କେଟ୍ ଝୁଲାଇ ଦିଆଗଲା । ତା'ପରେ ଆରମ୍ଭ ହେଲା ଖେଳ ! ଅନାୟାସରେ ମା' ପ୍ରତିଟି ବଲ୍ ବାସ୍କେଟ୍ ଭିତରକୁ ଫୋପାଡ଼ି ଦେଲେ । ଆଉ ସମସ୍ତଙ୍କୁ ଠିକ୍ ସେମିତି ଖେଳିବାକୁ ହେବ ଦେଖାଇଦେଲେ । କିନ୍ତୁ ଆମ ଭିତରୁ କାହାରି ପକ୍ଷରେ ଛଅଟି ଯାକ ବଲ୍ ବାସ୍କେଟ୍‌ରେ ପକାଇବା ସମ୍ଭବ ହେଲା ନାହିଁ । ମିନିଦି', ମିଲିଦି', ଗୌରୀ, ସୁତପା, ଭିଓଲେଟ୍ ଓ ମୁଁ ପ୍ରତିଦିନ ଚେଷ୍ଟା କରିଯାଉଥିଲୁ । କେବଳ ଭିଓଲେଟ୍ ତିନୋଟି ବା କୌଣସି କୌଣସି ଦିନ ଚାରୋଟି ବଲ୍ ବାସ୍କେଟ୍‌ରେ ପକାଇପାରୁଥିଲା । ମା' ଖୁସିହୋଇ ଭିଓଲେଟ୍‌ର ପ୍ରଶଂସା କରୁଥିଲେ । ସୁତପା ମଝିରେ ମଝିରେ ଗୋଟିଏ ବା ଦୁଇଟି ବଲ୍ ପୂରାଇ ପାରୁଥିଲା । ମା' ଯେତେବେଳେ ବଲ୍ ଫୋପାଡୁ ଥିଲେ ସେତେବେଳେ ତାଙ୍କ ଦୃଷ୍ଟି, ତାଙ୍କ ଅଭିନିବେଶ ଦେଖିବା ପରି । ସ୍ଥିର, ଶାନ୍ତ ଭାବରେ ଗୋଟିଏ ପରେ ଗୋଟିଏ ବଲ୍ ବାସ୍କେଟ୍‌ରେ ପୂରାଇ ଚାଲୁଥିଲେ । ତାଙ୍କୁ ଦେଖି ଅର୍ଜୁନଙ୍କ ଲକ୍ଷ୍ୟଭେଦର କାହାଣୀ ମନେପଡୁଥିଲା ।

କିଛିଦିନ ଆମେ ମା'ଙ୍କ ସହିତ ପ୍ଲେ-ଗ୍ରାଉଣ୍ଡରେ ମାର୍ଚ୍ଚିଂ ମଧ୍ୟ କରିଛୁ । ମିନିଦି', ମିଲିଦି', ଗୌରୀ, ଭିଓଲେଟ୍, ବସୁଧା, କାକିମା' (ବୀଣାଦି' ଅର୍ଥାତ୍ ପ୍ରଣବର ଖୁଡ଼ୀ) ଓ ମୁଁ — ଆମେ ଥିଲୁ ମା'ଙ୍କର ସପ୍ତକନ୍ୟା । ମା' ଏତେ ଜୋର୍‌ରେ ଚାଲୁଥିଲେ ଯେ ଆମେ ସେଇ ତାଳରେ ତାଙ୍କ ସହିତ ଚାଲିପାରୁ ନ ଥିଲୁ । ତାହା ଥିଲା ଏକ ମଜାର ଦୃଶ୍ୟ । ମା' ମୁରୁକି ମୁରୁକି ହସୁଥିଲେ । ଆମମାନଙ୍କୁ ହରାଇ ଦେଇ ଖୁବ୍ ଉପଭୋଗ କରୁଥିଲେ ।

ଦିନେ ଜଣେ ଆମେରିକାବାସୀ ଭଦ୍ରମହିଳା ମା'ଙ୍କ ବିନା ଅନୁମତିରେ ଆମମାନଙ୍କ ସହିତ ମାର୍ଚ୍ଚିଂରେ ଯୋଗ ଦେଲେ । ତାଙ୍କୁ ଦେଖି ମା' ଆସ୍ତେ ଆସ୍ତେ କହିଲେ, "ମୁଁ ଆଜି ଆହୁରି ଜୋର୍‌ରେ ମାର୍ଚ୍ଚିଂ କରିବି । ଦେଖାଯାଉ ତାଙ୍କୁ ଜବଦ କରି ଦେଉଛି କି ନାହିଁ ।" ଏହା କହି ମା' ଜୋର୍‌ରେ ଚାଲିବାକୁ ଲାଗିଲେ । ଦୌଡ଼ିଦୌଡ଼ି ଆମେ କୌଣସି ପ୍ରକାରେ ମା'ଙ୍କ ସାଥିରେ ଚାଲିବାକୁ ଚେଷ୍ଟା କରୁଥିଲୁ । ପଛକୁ ଚାହିଁ ଦେଖିଲୁ ସେଇ ମହିଳା ବେଶ୍ ଅଣନିଶ୍ୱାସୀ ହୋଇ ପଡ଼ିଛନ୍ତି । ଗ୍ରୁପ୍ ସହିତ ଧାଡ଼ିରେ ରହିବା ତାଙ୍କ ପକ୍ଷରେ ଅସମ୍ଭବ ହୋଇପଡ଼ିଛି । ମା'ଙ୍କର ଏମିତି ମଜା ଦେଖି ଆମେ ସେଦିନ ବେଶ୍ ହସିଥିଲୁ ।

ମାର୍ଚ୍ଚିଂ ପରେ ମା' ଛୋଟ କୋଠରିଟିରେ ଗୋଟିଏ ଉଚ୍ଚ ଆସନରେ ବସୁଥିଲେ । ଆମେ ସମସ୍ତେ ଚଟାଣ ଉପରେ ତାଙ୍କୁ ଘେରି ବସୁଥିଲୁ । ସେତିକିବେଳେ ଗୌରୀ ମା'ଙ୍କୁ କିଛି ଖାଇବାକୁ ଦେଉଥିଲା । ମା' ଆମମାନଙ୍କୁ କିଛି ପ୍ରସାଦ ମଧ୍ୟ

ବିତରଣ କରୁଥିଲେ। ଦିନେ ସେଠାରେ ସେଇ ଭଦ୍ରମହିଳା ହାଜର! ସେ ଫରାସୀ ଭାଷାରେ ମା'ଙ୍କ ସାଥିରେ କଥା ହେବାକୁ ଆରମ୍ଭ କଲେ। ମା' ଆମମାନଙ୍କ ଆଡ଼କୁ ଚାହିଁ ମୁରୁକି ହସି ଏତେ ଶୀଘ୍ର ଶୀଘ୍ର କଥା କହିବାକୁ ଲାଗିଲେ ଯେ ଭଦ୍ରମହିଳା କିଛି ବି ବୁଝିପାରୁ ନ ଥା'ନ୍ତି। କିଛି ସମୟ ପରେ ସେ ସେଠାରୁ ଚାଲିଗଲେ। ହସିହସି ମା' କହିଲେ, ''ପ୍ରକୃତରେ ସେ ଭଲ ଭାବରେ ଫରାସୀ ଜାଣେ ନାହିଁ। ଟିକିଏ ବାହାଦୁରି ଦେଖାଇବାକୁ ଚେଷ୍ଟା କରୁଥିଲା।'' ଆମମାନଙ୍କୁ ଖୁବ୍ ମଜା ଲାଗିଥିଲା। ମା'ଙ୍କ ପାଖରେ ପୁଣି ବାହାଦୁରି! କିଛିଦିନ ମାର୍ଚ୍ଚିଂ ଚାଲିଲା। ତା'ପରେ ପୁଣି ମା'ଙ୍କର ଅନ୍ୟ କାମ। କିଛିଦିନ ଅନ୍ତରରେ କିଛି ନା କିଛି ଘଟଣା ଘଟୁଥିଲା। ପ୍ଲେ-ଗ୍ରାଉଣ୍ଡରେ ପୂରା ଦମ୍‌ରେ ଖେଳାଖେଳି ଆରମ୍ଭ ହୋଇଯାଇଥିଲା। ତା' ଭିତରେ ନାନା ପ୍ରକାର ନାଚଗୀତ ମଧ୍ୟ ଚାଲୁଥିଲା। ମା' ସବୁକିଛି ପରିଦର୍ଶନ କରୁଥିଲେ। ଆମେମାନେ ମଧ୍ୟ ମା'ଙ୍କ ପଛରେ ପଛରେ ବୁଲୁଥିଲୁ। ଏମିତି ଭାବରେ ଆରମ୍ଭ ହେଲା ସୃଜନଶୀଳ ନୃତ୍ୟ! ଟେନିସ୍ ଗ୍ରାଉଣ୍ଡରେ ଖେଳ ଶେଷ ହେବା ପରେ ମା' ପ୍ଲେ-ଗ୍ରାଉଣ୍ଡର କୋଣରେ ଗୋଟିଏ ଚେୟାରେ ବସୁଥିଲେ। ଯେଉଁମାନେ ନାଚ ଶିଖୁଥିଲେ ସେମାନେ ଜଣ ଜଣ କରି ଆସି ଶିଖିଥିବା ନାଚ ମା'ଙ୍କୁ ଦେଖାଉଥିଲେ। ଅଞ୍ଜୁ, ଡାଲୁ, ଜୟା, ବେଲା, ଲୀଳା ଡାଉସେଟ୍ ଓ ଆହୁରି ଅନେକେ ମା'ଙ୍କୁ ସେମାନଙ୍କ ନାଚ ଦେଖାଉଥିଲେ। ଏମିତିକି ଉଦାର ମଧ୍ୟ ନାଚିବାକୁ ବାକି ରଖୁ ନଥିଲେ। ଥରେ ଲୀଳା ଡାଉସେଟ୍ ସାପୁଆ ସାଜି ବଂଶୀ ବଜାଇ ସାପ ଖେଳାଇବାକୁ ଆରମ୍ଭ କଲା। ତାହା ଥିଲା ଏକ ଅଭାବନୀୟ ଦୃଶ୍ୟ। ଗମ୍ଭୀର ଭାବରେ ମା' ସମସ୍ତଙ୍କ ନାଚ ଦେଖୁଥିଲେ। ଆମେମାନେ କିନ୍ତୁ ହସ ବନ୍ଦ କରିପାରୁ ନ ଥିଲୁ। ସେତେବେଳେ ପ୍ଲେ-ଗ୍ରାଉଣ୍ଡର ପରିବେଶ ଏମିତି ଥିଲା ଯେମିତି ଆମେ ପୁଣି ଆମ ଶୈଶବକୁ ଫେରି ଯାଉଥିଲୁ।

ଏଥର ପ୍ରୀତି ଘୋଷ (ସରମା) କଥା କହୁଛି। ଏଇ ପ୍ରୀତି (ସରମା) ପିଲାବେଳେ ମା'ଙ୍କ ସାମନାରେ ନାଚିଥିଲା। ତାକୁ ଯେତେବେଳେ ଛଅ ସାତ ବର୍ଷ ବୟସ ସେ ତା' ସାଙ୍ଗମାନଙ୍କ ସାଥିରେ ଗୋଟିଏ ନାଟକ କରି ମା'ଙ୍କୁ ଦେଖାଇଥିଲା। ମା' ଖୁବ୍ ଆଗ୍ରହରେ ସେଇ ନାଟକ ଦେଖିଥିଲେ। ପ୍ରଥମରୁ ମା'ଙ୍କ ସାଥିରେ ପ୍ରୀତିର ଗୋଟିଏ ସହଜ ସରଳ ସମ୍ପର୍କ ଥିଲା। ସେଇ ପ୍ରୀତି ଏବେ ଜଣେ ବିରାଟ ଶିଳ୍ପୀ। ବିରଳା ଭବନରେ ତା'ର ଚିତ୍ର ପ୍ରଦର୍ଶନୀ ହୋଇଛି। ପୂରା ନୂଆ ଧରଣର ଚିତ୍ର। ଶ୍ରୀଅରବିନ୍ଦଙ୍କ 'ସାବିତ୍ରୀ' ବହିରୁ ସେ ଚିତ୍ର ଆଙ୍କିବାର ପ୍ରେରଣା ପାଇଛି। ଚିତ୍ରଗୁଡ଼ିକ ଖୁବ୍ ସୁନ୍ଦର। ପ୍ରଦର୍ଶନୀରେ ଅନେକ ଚିତ୍ର ବିକ୍ରି ହୋଇଛି।

*

ପ୍ଲେ-ଗ୍ରାଉଣ୍ଡରେ ଫିତା କାଟି ମା' ମାଲ୍‌ଖମ୍ବ, ଆସନ, ଭାରଉତ୍ତୋଳନ ଇତ୍ୟାଦି ବ୍ୟାୟାମର ଶୁଭାରମ୍ଭ କଲେ। ସେଇ ଦିନଟିର କଥା ଏବେ ବି ମନେପଡ଼େ। ସେଦିନ ସବୁ ପୁଅପିଲାଙ୍କ ମଧ୍ୟରେ ଭବତାରିଣୀ ଛିଡ଼ାହୋଇଥିଲା। ଆମେ ବିସ୍ମିତ ହୋଇ ଦେଖୁଥିଲୁ ସେ ଝିଅପିଲାଟିଏ ହୋଇ ମଧ୍ୟ ଲୁହା ଛଡ଼ଗୁଡ଼ିକୁ ଗଳା ପାଖରେ ରଖି ଅନାୟାସରେ ବଙ୍କାଇ ଦେଉଥିଲା। କୌଣସି ପୁଅପିଲା ସେମିତି କରିପାରିବାର ଦେଖିଲି ନାହିଁ। କିନ୍ତୁ କି ସହଜ ଭାବରେ ସେ ଛଡ଼ଗୁଡ଼ିକୁ ବଙ୍କାଇ ଦେଇ ମାଟିରେ ରଖିଦେଉଥିଲା ! ସେତେବେଳେ ତା'ର ବୟସ ବା କେତେ ? ସହଜ, ସରଳ ଉଦାର ମନର କିଶୋରୀ ଝିଅଟିଏ। ତାକୁ ଦେଖି ମନେପଡୁଥିଲା ବଙ୍କିମଚନ୍ଦ୍ରଙ୍କ ଲିଖିତ 'ଆନନ୍ଦମଠ'ର ଶାନ୍ତି ଚରିତ୍ର କଥା। ଶାନ୍ତି କେମିତି ଅନାୟାସରେ ''ଧନୁ ନେଲା, ତୀର ନେଲା, ସେଥିରେ ଗୁଣ ଦେଇ ସତ୍ୟାନନ୍ଦଙ୍କ ଚରଣ ତଳକୁ ଫୋପାଡ଼ି ଦେଲା।'' ତାହା ଏତେ କଷ୍ଟକର କାମ ଯେ ମାତ୍ର ଚାରି ଜଣ ସନ୍ତାନ ଏଇ ଧନୁରେ ଗୁଣ ଦେବାରେ ସଫଳ ହୋଇଥିଲେ। ''ସତ୍ୟାନନ୍ଦ ବିସ୍ମିତ, ଭୀତ ଓ ସ୍ତମ୍ଭିତ ହୋଇ ରହିଲେ।'' ବହୁ ବର୍ଷ ପୂର୍ବେ ଶାନ୍ତିର ଏହି ବର୍ଣ୍ଣନା ପଢ଼ିଥିଲି। ଭବତାରିଣୀ ସେଦିନ ମୋ ସାମନାରେ ଶାନ୍ତି ଭାବରେ ପ୍ରତିଭାତ ହୋଇଥିଲା। ସାବାସ୍ ତାରଣୀ।

*

ଆମେ ଯେଉଁମାନେ ମା'ଙ୍କ ସହିତ ମାର୍ଚ୍ଚିଂ କରୁଥିଲୁ ୧୯୪୯ ମସିହାରେ ମା' ଆମ ସମସ୍ତଙ୍କର ଚିତ୍ର ଆଙ୍କିଥିଲେ। ପ୍ରତ୍ୟେକଙ୍କୁ ଦିନେ ଦିନେ ଡାକି କାଗଜ ଉପରେ ପେନ୍‌ସିଲ୍‌ରେ ମୁହୂର୍ତ୍ତକରେ ଚିତ୍ର ଆଙ୍କି ଦେଉଥିଲେ। ଆମେମାନେ ଓ ଉପସ୍ଥିତ ଅନ୍ୟମାନେ ଅବାକ୍ ହୋଇ ମା'ଙ୍କର ଚିତ୍ର ଆଙ୍କିବା ଦେଖୁଥିଲୁ। ମିନିଦି', ମିଲିଦି', ଗୌରୀ, ଭିଓଲେଟ୍, ମୋଟା କାକିମା' (ପ୍ରଣବର ଖୁଡ଼ୀ), ବସୁଧା ଓ ମୋର ଚିତ୍ର ମା' ଖୁବ୍ କମ୍ ସମୟରେ ଆଙ୍କିଥିଲେ। ସ୍ୱଚକ୍ଷୁରେ ନ ଦେଖିଲେ ବିଶ୍ୱାସ କରାଯାଇ ପାରିବ ନାହିଁ ଯେ ଗୋଟିଏ ମୁହୂର୍ତ୍ତରେ ଏତେ ନିଖୁଣ ଭାବରେ ଚିତ୍ର ଆଙ୍କିବା ସମ୍ଭବ। ମା' ବହୁ ସାଧକ ସାଧିକାମାନଙ୍କର ଚିତ୍ର ଆଙ୍କିଛନ୍ତି। ସେସବୁ ଚିତ୍ର ଓ ମା'ଙ୍କ ଦ୍ୱାରା ଅଙ୍କିତ ଅନ୍ୟ ଚିତ୍ରସବୁ ମିଶାଇ ଗୋଟିଏ ବହି କରାଯାଇଛି।

*

ଦିନେ ପଶ୍ଚିମ ଦିଗକୁ ମୁହଁ କରି ମା' ପ୍ଲେ-ଗ୍ରାଉଣ୍ଡରେ ଗୋଟିଏ ଚେୟାର ଉପରେ ବସିଥିଲେ। ଆମେ ମା'ଙ୍କ ସାମନାରେ ବସିଥିଲୁ। ହଠାତ୍ ମା' ସମସ୍ତଙ୍କର

ହାତ ଦେଖିବାକୁ ଆରମ୍ଭ କଲେ । ସମସ୍ତଙ୍କ ହାତ ଦେଖି ସେସମ୍ବନ୍ଧରେ ନାନା କଥା କହିଲେ । ମୋ ହାତ ଦେଖି କହିଉଠିଲେ, ''କାମିକା ହାତ ନୁହେଁ ।'' କହିସାରି ମୋ ହାତକୁ ଦୂରେଇ ଦେଲେ । ବିଚାରି ମୁଁ ଆଉ କ'ଣ କରିବି ? ମୁଁ ଯେ କାମିକା ନୁହେଁ ତାହା ଭଲ ଭାବରେ ଜାଣେ । ଏକଥା ହୁଏତ ତୁମେମାନେ ମଧ୍ୟ ସ୍ୱୀକାର କରିବ । ଆଶ୍ରମ ଉପରେ ଯେଉଁ ସିନେମା ହୋଇଛି ସେଥିରେ ଦେଖିଥିବ ମୁଁ କେମିତି ଧୀରେ ଧୀରେ, ପ୍ରାୟ ପିମ୍ପୁଡ଼ିର ଗତିରେ ମନୋଟାଇପ୍‌ରେ ଟାଇପ୍ କରୁଛି । ପ୍ରକୃତରେ କଥା କ'ଣ ଜାଣିଛ ? ମୁଁ ଗୋଟିଏ ଅଭିଧାନ ଟାଇପିଂ କରୁଛି । ତେଣୁ ତୁମେମାନେ ଏବେ ବୁଝିପାରୁଥିବ କେତେ ସାବଧାନରେ କାମ କରିବା ଦରକାର । ଛାଡ଼ ସେ କଥା । ମୋ ହାତ କାମିକା ନୁହେଁ ବୋଲି କହି ମା' ମୋତେ ଚାହିଁ ମୁରୁକି ମୁରୁକି ହସୁଥା'ନ୍ତି । ତା'ପରେ କହିଲେ, ''ଯାଅ, ବସି ବସି କବିତା ଲେଖ ।'' ତା'ପରେ ପୁଣି କହିଲେ, ''ଦେଖ, କାମିକା ହାତ କାହାକୁ କୁହନ୍ତି ।'' ଏହା କହି ସେ ତାଙ୍କ ଡାହାଣ ହାତଟିକୁ ମୋ ଆଡ଼କୁ ବଢ଼ାଇଲେ । ଆଶ୍ଚର୍ଯ୍ୟକର ମା'ଙ୍କ ହାତର ଗଢ଼ଣ । ହାତର ପାପୁଲି ପୂରାପୂରି ଚାରିକୋଣିଆ । ଗୋଟିଏ ପଟେ ଚମ୍ପାକଢ଼ି ପରି ଅଙ୍ଗୁଳିଗୁଡ଼ିକ । ଅପୂର୍ବ ସୁନ୍ଦର । ଝୁଙ୍କିପଡ଼ି ମା'ଙ୍କ ହାତ ଦେଖୁଥିଲି । ଗୋଟିଏ ରେଖା ମଣିବନ୍ଧଠାରୁ ସିଧା କାଣି ଅଙ୍ଗୁଳି ପର୍ଯ୍ୟନ୍ତ ଯାଇଛି । ଏମିତି ରେଖା କେବେ କାହା ହାତରେ ପୂର୍ବରୁ ଦେଖି ନ ଥିଲି । ମା'ଙ୍କୁ ପଚାରିଲି, ''ଏଇ ରେଖାଟିର ଅର୍ଥ କ'ଣ ମା' ?'' ସେ କହିଲେ, ''ଯେଉଁମାନଙ୍କର ଗୁହ୍ୟ ଶକ୍ତି (occult power) ଥାଏ, କେବଳ ସେଇମାନଙ୍କ ହାତରେ ଏଇ ରେଖା ଦେଖିବାକୁ ମିଳେ ।'' ମା'ଙ୍କ ପାପୁଲି ଏତେ ନରମ ଯେ ମନେହୁଏ ଯେମିତି ତୁଳାରେ ତିଆରି । ଆମେ ସମସ୍ତେ ମା'ଙ୍କ ହାତକୁ ସ୍ପର୍ଶ କଲୁ । ମା' ଟିକିଏ ହସିଲେ ।

*

ଭାରଉତ୍ତୋଳନ ବ୍ୟାୟାମ ଆରମ୍ଭ ହେବା ପରେ ମା' ଦିନେ ଆସନ ଘର ଉଦ୍‌ଘାଟନ କଲେ । ଅମ୍ବୁଭାଇ ଆସନ ଶିଖାଉଥିଲେ । ତା'ପରେ ଆରମ୍ଭ ହେଲା ମାଲ୍‌ଖମ୍ବ । ଫିତା କାଟି ମା' ମାଲ୍‌ଖମ୍ବ ବ୍ୟାୟାମ ଆରମ୍ଭ କରାଇଲେ । ବିଷ୍ଣୁଜୀ ଏହା ଶିଖାଉଥିଲେ । ତାରା ଓ ପାରୁଲ ଏଇ ମାଲ୍‌ଖମ୍ବ ଖୁବ୍ ସୁନ୍ଦର ଭାବରେ ଶିଖିଥିଲେ । ପୁଣି ଟେନିସ୍ ପଡ଼ିଆରେ ପୁରାଣୀଜୀ କୁସ୍ତି ଶିଖାଉଥିଲେ । ଏତେ ବୟସରେ ବି ପୁରାଣୀଜୀ ଯେମିତି ଭାବରେ ପିଲାମାନଙ୍କୁ କୁସ୍ତି ଶିଖାଉଥିଲେ ତାହା ଅବିଶ୍ୱାସ୍ୟ । ପୁରାଣୀଜୀ ଥିଲେ ଆମ ବାପାଙ୍କର ଏକାନ୍ତ ବନ୍ଧୁ । ଆମ ଭାଇ ଭଉଣୀମାନଙ୍କ ପ୍ରତି

ତାଙ୍କ ସ୍ନେହ ଥିଲା ଅତି ଗଭୀର। କୁସ୍ତି ଆରମ୍ଭ ହେବା ଦିନ ମା' ଆସି ଗୋଟିଏ ଚେୟାରରେ ବସିଲେ। ତା'ପରେ କୁସ୍ତି ଆରମ୍ଭ ହେଲା। ପୁରାଣୀଜୀ ଖୁବ୍ ସୁନ୍ଦର କୁସ୍ତି ଶିଖାଇଥିଲେ। ଝିଅମାନେ ମଧ୍ୟ କୁସ୍ତି କରୁଛନ୍ତି ଦେଖି ସମସ୍ତେ ବିସ୍ମିତ।

ତା'ପରେ ମୁଷ୍ଟିଯୁଦ୍ଧ ଆରମ୍ଭ ହେଲା। ଝିଅମାନେ ମଧ୍ୟ ସୁନ୍ଦର ଭାବରେ ମୁଷ୍ଟିଯୁଦ୍ଧ ଶିଖିଗଲେ। ତାରା ତ ନିର୍ଭୟରେ ମୁଷ୍ଟିଯୁଦ୍ଧ କରୁଥିଲା। ପୁଅମାନଙ୍କ ପରି ଝିଅମାନଙ୍କର ବି ପୋଷାକ ତିଆରି ହେଲା। ସେସମୟରେ ଏହା ଥିଲା ଏକ ଅବିଶ୍ୱାସ୍ୟ କଥା।

*

ଜଣେ ଫରାସୀ ମହିଳା ପ୍ରତିଦିନ ଉପରଓଳି ପ୍ଲେ-ଗ୍ରାଉଣ୍ଡକୁ ଆସୁଥିଲେ। ତାଙ୍କ ନାମ ଥିଲା ଦୁତ୍‌ସି। ପ୍ରଥମେ ସେ ଝିଅମାନଙ୍କର ଶାରୀରିକ ପରୀକ୍ଷା (medical check-up) କରୁଥିଲେ। ଏବେ ପ୍ଲେ-ଗ୍ରାଉଣ୍ଡରେ ଯେଉଁଠାରେ ବାଥ୍ ରୁମ୍ ରହିଛି ସେଠାରେ ଗୋଟିଏ ଛୋଟ ଦୋତାଲା ଘର ଥିଲା। ଆମ ଗ୍ରୁପ୍ (E-ଗ୍ରୁପ୍) ର ପାଳି ପଡ଼ିଲେ ଆମମାନଙ୍କୁ ସେଠାକୁ ଯିବାକୁ ପଡୁଥିଲା। ସେଠାରେ ଦୁତ୍‌ସି ଆମମାନଙ୍କର ଶାରୀରିକ ପରୀକ୍ଷା କରୁଥିଲେ।

ତୁମେମାନେ ଶୁଣି ଅବାକ୍ ହେବ ଯେ ମା' ନିଜେ ଉପସ୍ଥିତ ରହି ଦୁତ୍‌ସିକୁ ଏଇ କାମରେ ସାହାଯ୍ୟ କରୁଥିଲେ। ଏକଥା ଭାବିପାରୁଛ ?

ଦିନେ ସେଇ ମହିଳା ପ୍ଲେ-ଗ୍ରାଉଣ୍ଡରେ ସଗର୍ବେ କହିଲେ, ''ମୁଁ ବେଶ୍ ଭଲ ଦୌଡ଼ିପାରେ। ମୋତେ କେହି ହରାଇ ପାରିବେ ନାହିଁ।''

ପ୍ରଣବ ମା'ଙ୍କ ପାଖରେ ଠିଆ ହୋଇଥିଲା। ତାକୁ ମା' ଆସ୍ତେ ଆସ୍ତେ କହିଲେ, ''କେତେ ଜଣ ଝିଅଙ୍କୁ ବାଛିନେଇ ଦୁତ୍‌ସି ସାଥିରେ ଦୌଡ଼ିବାର ବ୍ୟବସ୍ଥା କର।'' ତତ୍‌କ୍ଷଣାତ୍ ପ୍ରଣବ କେତେ ଜଣ ଝିଅଙ୍କୁ ଡାକି କହିଲା, ''ପ୍ରସ୍ତୁତ ହୁଅ, ଦୁତ୍‌ସି ସାଥିରେ ଦୌଡ଼ିବାକୁ ହେବ।'' ଯେତେଦୂର ମନେପଡ଼େ ଝିଅମାନଙ୍କ ମଧ୍ୟରେ ସୁଜାତା, ମିନୁ, ପାରୁ ଓ ତପତୀ ଇତ୍ୟାଦି ଥିଲେ। ଆମେ ମା'ଙ୍କ ପାଖରେ ଠିଆହୋଇ ରହିଲୁ। ତାଙ୍କ ମୁହଁରେ କୌତୁକମିଶା ହସ। ଦୌଡ଼ ଆରମ୍ଭ ହେଲା। ବିଚରା ଦୁତ୍‌ସି ଅଣନିଶ୍ୱାସି ହୋଇ ପୂରା ଶେଷରେ ଆସି ପହଁଞ୍ଚିଲେ। ଆମେ ତ ଏହା ଦେଖି ହସ ସମ୍ଭାଳି ପାରୁ ନ ଥାଉ। ଚାହିଁ ଦେଖିଲି ମା'ଙ୍କ ମୁହଁରେ କୌତୁକମିଶା ହସ।

*

ଆଉ ଗୋଟିଏ ମଜାର ଘଟଣା ଶୁଣ। ଜଣେ ବୟସ୍କ ଫରାସୀ ଭଦ୍ରଲୋକ ପ୍ରଣବକୁ କହିଲେ, "ମୁଁ ଖୁବ୍ ଭଲ ମୁଷ୍ଟିଯୁଦ୍ଧ କରିପାରେ। ତୁମ ସହିତ ମୁଷ୍ଟିଯୁଦ୍ଧ କରିବି।" ସେଇ ଭଦ୍ରବ୍ୟକ୍ତି ଓ ପ୍ରଣବ ମୁଷ୍ଟିଯୁଦ୍ଧ କରିବାକୁ ପ୍ରସ୍ତୁତ ହେଲେ। ଆମେ ଉଦ୍‌ଗ୍ରୀବ ହୋଇ ଦେଖୁଥାଉ। ମା' ମଧ୍ୟ ଚେୟାରରେ ବସି ଦେଖୁଥା'ନ୍ତି। ପ୍ଲେ-ଗ୍ରାଉଣ୍ଡରେ ବେଶ୍ ଉତ୍ତେଜନା। କିଏ ଜିତୁଛି ଦେଖାଯାଉ। ଟିକିଏ ପରେ ଭଦ୍ରଲୋକ ଏମିତି ଅଣନିଶ୍ୱାସୀ ହୋଇଗଲେ ଯେ ଦେଖିବାକୁ କଷ୍ଟ ଲାଗିଲା। ସେ ନିଜେ କହିଉଠିଲେ, "I am out of frezee"। ପ୍ରଣବ ଖେଳ ବନ୍ଦ କଲା। ଆମେ ସମସ୍ତେ ଭଦ୍ରଲୋକଙ୍କ ଇଂରାଜୀ ଶୁଣି ହସ ବନ୍ଦ କରିପାରୁ ନ ଥିଲୁ। ମା' କିନ୍ତୁ ଚୁପ୍‌ଚାପ୍ ବସିଥା'ନ୍ତି।

*

ଦର୍ଶନ ଦିନଗୁଡ଼ିକରେ ପ୍ଲେ-ଗ୍ରାଉଣ୍ଡରେ ନାନା ପ୍ରକାର କାର୍ଯ୍ୟକ୍ରମ ହେଉଥିଲା। ଥରେ ଦୁଇ ଜଣ ସାନ ସାନ ଝିଅ ସେଲ୍‌ଭି ଓ ଯମୁନା ପ୍ଲେ-ଗ୍ରାଉଣ୍ଡରେ ଭାରତ ନାଟ୍ୟମ୍ ନାଚି ମା'ଙ୍କୁ ଦେଖାଇଥିଲେ। ସେମାନେ ଖୁବ୍ ସୁନ୍ଦର ନାଚିଥିଲେ।

ମନିକ୍ ନାମରେ ଜଣେ ଫରାସୀ ମହିଳା କୌଣସି ଏକ ଦର୍ଶନ ଦିନରେ ମା'ଙ୍କୁ ନାଚ ଦେଖାଇବାକୁ ପ୍ଲେ-ଗ୍ରାଉଣ୍ଡକୁ ଆସିଥିଲେ। ଫୁଲର ଗୋଟିଏ ରିଙ୍ଗ୍ ଧରି ମା'ଙ୍କ ସାମନାରେ ତାଙ୍କର କି ନାଚ! ଅତି କଷ୍ଟରେ ହସ ଚାପି ଆମେ ମା'ଙ୍କ ପାଖରେ ବସିଥିଲୁ। ମା' କିନ୍ତୁ ଗମ୍ଭୀର ଭାବରେ ବସିଥିଲେ। ଶେଷରେ ସେଇ ଫୁଲର ରିଙ୍ଗଟି ସେ ମା'ଙ୍କ ଚରଣରେ ନିବେଦନ କଲେ। ଆମେ ସ୍ୱସ୍ତିରେ ନିଶ୍ୱାସ ମାରିଲୁ।

*

ଦିନେ ଜଣେ ବ୍ୟକ୍ତି ଆଶ୍ରମକୁ ଆସିଥିଲେ। ଗର୍ବର ସହିତ କହିଲେ, "ମୁଁ ଅଦୃଶ୍ୟ ଜଗତରୁ ନାନା ପ୍ରକାର ଜିନିଷ ଆଣି ଦେଖାଇପାରେ।" ଏହାଛଡ଼ା ଗର୍ବ କରି ଆହୁରି ଅନେକ କିଛି କହିଲେ। ସବୁ ଶୁଣି ପ୍ରଣବ ପ୍ଲେ-ଗ୍ରାଉଣ୍ଡରେ ତାଙ୍କ କାର୍ଯ୍ୟକ୍ରମ ଦେଖାଇବାର ବ୍ୟବସ୍ଥା କଲା। ମା' ପ୍ଲେ-ଗ୍ରାଉଣ୍ଡରେ ଥିଲେ। ସେଇ ବ୍ୟକ୍ତିଙ୍କର ନାନା ପ୍ରକାର କଥା ଓ ଭଙ୍ଗୀ ଦେଖି ପ୍ରଣବ ହଠାତ୍ ଗର୍ଜି ଉଠି କହିଲା, "ଏଇ ଖେଳ ମୁଁ ଜାଣେ। ଏହା କୌଣସି ଅଦୃଶ୍ୟ ଜଗତର ଖେଳ ନୁହେଁ, ତୁମେ ଆମକୁ ବୋକା ବନାଉଛ।" ଏହା ଶୁଣି ଲୋକଟି ବେଶ୍ ଘାବରାଇ ଗଲା। ମା' ହଠାତ୍ ଚେୟାରରୁ ଉଠି ଗେଷ୍ଟ ହାଉସ୍ ଭିତର କବାଟ ଆଡ଼କୁ ଏକା ଚାଲିବାକୁ ଆରମ୍ଭ କଲେ। ମୁଁ ମା'ଙ୍କ

ପଛେ ପଛେ ଗଲି। କୌଣସି ଆଡ଼କୁ ନ ଚାହିଁ ମା' ରାସ୍ତାରେ ଏକା ଚାଲିଥା'ନ୍ତି। ପ୍ରଧାନ ଦରଜା ଦେଇ ସେ ଆଶ୍ରମରେ ପ୍ରବେଶ କଲେ। ସିଧା ଦୋ'ତାଲାକୁ ଉଠିଗଲେ। ସେଦିନର କଥା ମୋର ଏବେ ବି ମନେପଡ଼େ। ଆମ ମଣିଷମାନଙ୍କର କେତେ ଧୃଷ୍ଟତା। ମା'ଙ୍କ ସାମନାରେ ଚାଲାକି!

*

କୌଣସି ଏକ କାର୍ଯ୍ୟକ୍ରମ ଦିନ ମୋଟାକାକା (ପ୍ରଣବର କକା ଚାରୁଚନ୍ଦ୍ର ଭଟ୍ଟାଚାର୍ଯ୍ୟ) ଏବଂ ଜଣେ ଇଂରେଜ ଭଦ୍ରବ୍ୟକ୍ତି (ସେ ମଧ୍ୟ ବେଶ୍ ମୋଟାସୋଟା) ସଜବାଜ ହୋଇ ପ୍ଲେ-ଗ୍ରାଉଣ୍ଡରେ ମା'ଙ୍କ ପାଖରେ ହାଜର। ମା'ଙ୍କୁ ପ୍ରଣାମ କରି ଦୁଇ ଜଣ ମିଶି ଏମିତି ନାଚ ଆରମ୍ଭ କଲେ ଯେ ସାରା ପ୍ଲେ-ଗ୍ରାଉଣ୍ଡରେ ଥିବା ଲୋକ ହସି ହସି ବେଦମ୍। ମା' ନିଜେ ମଧ୍ୟ ଏତେ ହସିଲେ ଯେ ପ୍ଲେ-ଗ୍ରାଉଣ୍ଡରେ ଆନନ୍ଦର ପ୍ରବାହ ବହିଯିବାକୁ ଲାଗିଲା। ଶ୍ରୀଅରବିନ୍ଦଙ୍କ ତିରୋଧାନ ପରେ ସେଇ ପ୍ରଥମ ଥର ମା'ଙ୍କୁ ହସିବାର ଦେଖିଥିଲି। ସେଇ ବିଷଣ୍ଣତାର ଭାବ ଯେମିତି ଗୋଟିଏ ମୁହୂର୍ତ୍ତରେ ହାଲୁକା ହୋଇ ଯାଇଥିଲା।

*

ପ୍ଲେ-ଗ୍ରାଉଣ୍ଡରେ ଏମିତି କେତେ ପ୍ରକାରର କାର୍ଯ୍ୟକ୍ରମ ହେଉଥିଲା। ସେସମୟରେ ମା' ତାଙ୍କ ଚେୟାରରେ ବସିରହୁଥିଲେ। ଗୋଟିଏ ପରେ ଗୋଟିଏ ନାନା ପ୍ରକାର କାର୍ଯ୍ୟକ୍ରମ ଚାଲୁଥିଲା। ପିଲାମାନେ ନାନା ପ୍ରକାରର ଖେଳ ଦେଖାଉଥିଲେ। ସେମାନଙ୍କର ସଙ୍ଗୀତ ଚୌକି ଖେଳ ଦେଖିବାକୁ ସବୁଠାରୁ ବେଶୀ ମଜା ଲାଗୁଥିଲା। ବଡ଼ ବଡ଼ ଝିଅମାନଙ୍କର ନାନା ପ୍ରକାର ଖେଳ ଭିତରୁ ମୁଣ୍ଡରେ ହାଣ୍ଡି ରଖି ଚାଲିବା ଥିଲା ଗୋଟିଏ। ଚାଲିବା ସମୟରେ ହାଣ୍ଡିଗୁଡ଼ିକ ଧପ୍‌ଧାପ୍ ପଡ଼ି ଭାଙ୍ଗିଯାଉଥିଲା। କେବଳ ଲକ୍ଷ୍ମୀବାଈ ମୁଣ୍ଡ ଉପରେ ହାଣ୍ଡି ରଖି ସିଧା ଚାଲିପାରୁଥିଲେ। ମା' ଖୁବ୍ ଆଗ୍ରହରେ ଏଇସବୁ ଖେଳ ଦେଖୁଥିଲେ।

*

ପ୍ଲେ-ଗ୍ରାଉଣ୍ଡରେ ହେଉଥିବା ଖେଳଗୁଡ଼ିକ ମଧ୍ୟରେ 'ଟଗ୍ ଅଫ୍ ୱାର୍' ବେଶ୍ ଉତ୍ତେଜନା ସୃଷ୍ଟି କରୁଥିଲା। ଆମେସବୁ ବେଶ୍ ଉତ୍ସାହର ସହିତ ଏଇ ଖେଳଟି ଦେଖୁଥିଲୁ। ଉଦାର ପିଣ୍ଟୋ ଗ୍ରୁପମାନଙ୍କୁ ଡାକି ପ୍ରସ୍ତୁତ ହେବାକୁ କହୁଥିଲେ।

ଦିନେ ଖେଳ ଶେଷରେ ହଠାତ୍ ଉଦାର କହିଉଠିଲେ, ''ମା'ଙ୍କ ଗ୍ରୁପ୍ ବନାମ 'ଇ' ଗ୍ରୁପ୍।'' 'ଇ' ଗ୍ରୁପ୍ ହେଉଛି ବଡ଼ ବଡ଼ ଝିଅମାନଙ୍କର ଗ୍ରୁପ୍। ଆମେ ଯେଉଁମାନେ ମା'ଙ୍କ ପାଖାପାଖି ରହୁଥିଲୁ ସମସ୍ତେ ଏହା ଶୁଣି ହତଭମ୍ବ!

ଗୌରୀ, ମିଲିଦି', ମିନିଦି', ଭିଓଲେଟ୍, ବସୁଧା ଓ ମୁଁ ଆମେ କେବେହେଲେ କୌଣସି ଖେଳରେ ଯୋଗଦାନ କରି ନାହୁଁ। ଅସହାୟ ଭାବରେ ଆମେ ମା'ଙ୍କୁ ଚାହିଁରହିଲୁ। ମା'ଙ୍କ ଗ୍ରୁପ୍ କହିବା ମାତ୍ରେ ମା' ସେଇ ଚ୍ୟାଲେଞ୍ଜ୍ ଗ୍ରହଣ କଲେ। ଉଦାର କାହାକୁ ଚ୍ୟାଲେଞ୍ଜ୍ କରୁଛନ୍ତି ସେତେବେଳେ ଏକଥା ତାଙ୍କର ବୋଧଗମ୍ୟ ହୋଇ ନ ଥିଲା। ମା' ଆମମାନଙ୍କୁ ଚାହିଁ କହିଲେ, ''ତୁମେମାନେ ଯାଅ।'' ମା'ଙ୍କୁ ସ୍ମରଣ କରି ଆମେ ଆଗେଇ ଗଲୁ। ପ୍ଲେ-ଗ୍ରାଉଣ୍ଡରେ ଏତେ ଲୋକଙ୍କ ମଧ୍ୟରେ ସତରେ ସେଦିନ ଖୁବ୍ ବିବ୍ରତ ବୋଧ କରିଥିଲୁ। ଦଉଡ଼ିଟି କେମିତି ଭାବରେ ଟାଣିବାକୁ ହୁଏ, କେମିତି ଛିଡ଼ାହେବାକୁ ହୁଏ ତାହା ଆମ ଭିତରୁ କାହାରିକୁ ଜଣା ନ ଥିଲା। ସେପଟେ 'ଇ' ଗ୍ରୁପ୍‌ର ଝିଅମାନେ ବେଶ୍ ଅଭିଜ୍ଞ। ଯାହାହେଉ ଦୁଇ ଦଳ ଦୁଇ ଦିଗରୁ ଦଉଡ଼ି ଧରି ଛିଡ଼ାହେଲୁ। ଉଦାର ନିର୍ଦ୍ଦେଶ ଦେବାମାତ୍ରେ 'ମା', 'ମା' ଡାକି ଦଉଡ଼ି ଟାଣିଲୁ। କେମିତି ଯେ କ'ଣ ହୋଇଗଲା ଆମେ ଜାଣି ନାହୁଁ। ଅନାୟାସରେ ଆମେ ଅର୍ଥାତ୍ ମା'ଙ୍କ ଗ୍ରୁପ୍ ଜିତିଗଲୁ। ସେଦିନ ମା'ଙ୍କ ଶକ୍ତି ଆମ ମଧ୍ୟଦେଇ କାମ କରିଥିଲା। ଆମେ ସମସ୍ତେ କୃତଜ୍ଞ ଚିତ୍ତରେ ମା'ଙ୍କ ପାଖକୁ ଆସିଲୁ। ମା' ଆମକୁ ବିଶେଷ କରି ଗୌରୀ ଓ ଭିଓଲେଟ୍‌କୁ ପ୍ରଶଂସା କଲେ।

*

ଆଉ ଗୋଟିଏ ମଜାର କଥା ଶୁଣ। ପୂର୍ବରୁ କହିଥିଲି ପ୍ଲେ-ଗ୍ରାଉଣ୍ଡରେ ସମସ୍ତଙ୍କର ବ୍ୟାୟାମ ଶେଷ ହେବା ପରେ ପ୍ରଣବ କ୍ୟାପ୍‌ଟେନ୍‌ମାନଙ୍କୁ ନାନା ପ୍ରକାର ବ୍ୟାୟାମ ଶିଖାଉଥିଲା। ସେଇ ସମୟଟି ମା' ପ୍ଲେ-ଗ୍ରାଉଣ୍ଡରେ ବସିରହୁଥିଲେ। ଗୌରୀ, ଦେବୁ, ମୁଁ ଓ ଆହୁରି ଅନେକେ ସେସମୟରେ ମା'ଙ୍କ ପାଖରେ ବସୁଥିଲୁ। ସେତେବେଳେ ଖୁବ୍ ଶୀତ ପଡ଼ିଥାଏ। ଖୋଲା ପଡ଼ିଆରେ ଆହୁରି ବେଶୀ ଶୀତ ଲାଗୁଥାଏ। ଗୌରୀ ଓ ମୁଁ ଠିକ୍ କଲୁ ମା'ଙ୍କୁ କେପ୍ (ହାତ ନ ଥିବା କୋଟ୍ ବିଶେଷ) ପିନ୍ଧାଇ ଦେବାକୁ ପଡ଼ିବ। ମା'ଙ୍କୁ ନିଶ୍ଚୟ ଶୀତ ଲାଗୁଥିବ। ସଙ୍ଗେ ସଙ୍ଗେ ଦୁଇ ବନ୍ଧୁ ମିଶି କେପ୍ ବାଛି ନେଇ ଆସିଲୁ। ପ୍ଲେ-ଗ୍ରାଉଣ୍ଡରେ ମା'ଙ୍କ ଘରେ ତାଙ୍କର ସବୁ କେପ୍ ଗୌରୀ ସଜାଡ଼ି ରଖୁଥିଲା। ଦୁଇ ଜଣ ମିଶି ଧୀରେ ଧୀରେ କେପ୍‌ଟି ମା'ଙ୍କ ପିଠି ଉପରେ ମେଲାଇ ରଖିଲୁ। ସଙ୍ଗେସଙ୍ଗେ ମା' କେପ୍‌ଟିକୁ ଫୋପାଡ଼ି ଦେଲେ। ଆମେ

ଭୟଭୀତ ନ ହୋଇ ପୁଣି ସେଇଟିକୁ ମା'ଙ୍କ ପିଠି ଉପରେ ବିଛାଇ ଦେଲୁ। ପୁଣି ସେଇ କାଣ୍ଡ! ମା' ପୁଣି କେପ୍‌ଟିକୁ ଫୋପାଡ଼ି ଦେଲେ। ଆମେ ଦୁଇ ତିନି ଥର ଦୁଃସାହସର ପରିଚୟ ଦେବା ପରେ ମା' ହାଲ୍ ଛାଡ଼ିଦେଲେ। ତା'ପରେ ଗୌରୀ ଓ ମୁଁ ସାମନାକୁ ଆସି ବୋତାମ୍‌ଗୁଡ଼ିକ ଲଗାଇ ଦେଲୁ। ମା' ଯେତେବେଳେ କୌଣସି କାମରେ ଅଭିନିବେଶ କରନ୍ତି ସେତେବେଳେ କୌଣସି ପ୍ରକାର ବ୍ୟାଘାତ ସହ୍ୟ କରନ୍ତି ନାହିଁ। ସେଦିନ ମା'ଙ୍କ ବ୍ୟବହାରରେ ଏଇ ପ୍ରମାଣ ପାଇଥିଲୁ।

ଏଇ କେପ୍ ସମ୍ବନ୍ଧରେ ଆଉ ଟିକିଏ କହୁଛି। ଦିନେ ହଠାତ୍ ମୋର ମନେହେଲା ମା'ଙ୍କ ପାଇଁ ଗୋଟିଏ କେପ୍ କରାଇଲେ ଭଲହେବ। ଏଇ ଚିନ୍ତାଟି ମୁଣ୍ଡରେ ଆସିବା ମାତ୍ରେ ସାନମାମୁ (ହିମାଂଶୁ କୁମାର ନିୟୋଗୀ)ଙ୍କୁ ମା'ଙ୍କ ପାଇଁ କଲିକତାରୁ ଗୋଟିଏ କେପ୍ ତିଆରି କରି ଆଣିଦେବାକୁ ଅନୁରୋଧ କଲି। ସେଇ ପ୍ରଥମ କେପ୍‌ଟି ପ୍ଲେ-ଗ୍ରାଉଣ୍ଡ ଘରେ ମା'ଙ୍କୁ ସାନମାମୁ ଓ ମୁଁ ଦେଇଥିଲୁ। ତା'ପରେ ମଧ୍ୟ ମା'ଙ୍କୁ ଅନେକଗୁଡ଼ିଏ କେପ୍ ଦେଇଛି। ସବୁ କେପ୍ ସାନମାମୁ କଲିକତାରୁ ତିଆରି କରାଇ ଆଣୁଥିଲେ। ପରେ ମା' ଆଉ କେପ୍ ପିନ୍ଧିବାକୁ ଆପତ୍ତି କରୁ ନ ଥିଲେ। ଗୌରୀ ଓ ମୁଁ ବେଶ୍ ଖୁସି। କ୍ଷୀର ପରି ଗୋଟିଏ ଧଳା ଭେଲ୍‌ଭେଟ୍‌ର କେପ୍ ମା'ଙ୍କୁ ଦେଇଥିଲି। ଭାବୁଥିଲି ସେଇଟି ମା'ଙ୍କର ପସନ୍ଦ ହେବ କି ନାହିଁ। କାରଣ ତା'ର ଗଳାବନ୍ଧଟି ଚଉଡ଼ା ଥିଲା। ଦିନେ ମା' ଭାରତବର୍ଷର ମାନଚିତ୍ର ସାମନାରେ ଆସି ଛିଡ଼ାହେଲେ। ଦେଖିଲି ମା'ଙ୍କ ଶରୀରରେ ରହିଛି ସେଇ ଧଳା ଭେଲ୍‌ଭେଟ୍‌ର କେପ୍‌ଟି। ସେ ମୋତେ କହିଲେ, "କେପ୍‌ଟି ଖୁବ୍ ସୁନ୍ଦର ହୋଇଛି। ବିରାଡ଼ିର ଦେହ ପରି ନରମ।" କହିଲି, "ମା', କିନ୍ତୁ ବେକଟି ତ ଚଉଡ଼ା।" ମନରେ ତ ସେଇ ଚିନ୍ତାହିଁ ଥିଲା। କେଜାଣି ମା'ଙ୍କର ଏଇ ଫେଶନ୍ ପସନ୍ଦ ହେବ କି ନାହିଁ। ମା' କହିଲେ, "ବେଶ୍ ପସନ୍ଦଯୋଗ୍ୟ। ଏହା ତ ଏବେକାର ଫେଶନ୍।" ଆରମ୍ଭ ହେଲା ମା'ଙ୍କର କେପ୍ ପିନ୍ଧା। ଗୌରୀ ପ୍ରତିଦିନ ମା'ଙ୍କୁ ଘର ଭିତରେହିଁ କେପ୍ ପିନ୍ଧାଇ ଦେଉଥିଲା। ତା'ପରେ ମା' ବାହାରି ଆସି ମାନଚିତ୍ର ସାମନାରେ ଛିଡ଼ା ହେଉଥିଲେ। ମାର୍ଚ୍ଚପାଷ୍ଟ ଆରମ୍ଭ ହେଉଥିଲା। ସେତେବେଳେ ମା' କି ସୁନ୍ଦର ଦେଖାଯାଉଥିଲେ!

*

ଦିନେ ମା'ଙ୍କ ପାଖରେ ଗୌରୀ ଓ ମୁଁ ବସିଥିଲୁ। ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥାଏ। ପ୍ଲେ-ଗ୍ରାଉଣ୍ଡର ପଶ୍ଚିମ ଦିଗରେ ଷ୍ଟେଜ୍ କରାଯାଇଥାଏ। ଜଣେ ଭଦ୍ରବ୍ୟକ୍ତି ଷ୍ଟେଜ୍‌କୁ ଆସି ଗୀତ ଗାଇବାକୁ ଆରମ୍ଭ କଲେ। ଏମିତି ଚିତ୍କାର ଯେ

ଅତିକଷ୍ଟରେ ଗୌରୀ ଓ ମୁଁ ହସ ଚାପି ମା'ଙ୍କ ପାଖରେ ବସିରହିଥାଉ। ଚାରିଆଡ଼କୁ ଚାହିଁ ଦେଖିଲୁ, ସମସ୍ତେ ହସୁଛନ୍ତି। ଅବଶ୍ୟ ଜୋର୍‌ରେ ନୁହେଁ। ଏମିତି ବିକୃତ କଣ୍ଠସ୍ୱର ସଚରାଚର ଶୁଣାଯାଏ ନାହିଁ। ଗୋଟିଏ ଗୀତ ଶେଷ କରି ଭଦ୍ରବ୍ୟକ୍ତି ଯେତେବେଳେ ଆଉ ଗୋଟିଏ ଗୀତ ଆରମ୍ଭ କରିବାକୁ ଗଲେ ସେତେବେଳେ ଗୌରୀ ଓ ମୁଁ ଜୋର୍‌ରେ ହସିଉଠିଲୁ। ଭଦ୍ର ଭାବରେ ଆଉ ରହିହେଲା ନାହିଁ। ମା'ଙ୍କୁ ଚାହିଁ ଦେଖିଲୁ ମା' ବେଶ୍ ଶାନ୍ତ ଭାବରେ ବସି ଗୀତ ଶୁଣୁଥା'ନ୍ତି! ବାବା, କି ଧୈର୍ଯ୍ୟ ମା'ଙ୍କର!

## ମା'ଙ୍କ ନୟନ

"ଆଜି ପ୍ରଣମି ତୁମକୁ ଚାଲିବି ନାଥ ସଂସାର ପଥେ
ମୋ ନୟନେ ତୁମ ନୟନ ରଖ ଅନ୍ତର ମଧ୍ୟେ।"

ଏଠାରେ ସାଧକ-କବିଙ୍କ ହୃଦୟର ଆକୂତି ପ୍ରାର୍ଥନାରୂପେ ପ୍ରକାଶ ପାଇଛି। ସେ ଭଗବାନଙ୍କ ନୟନର ସ୍ପର୍ଶ 'ଅନ୍ତର ମଧ୍ୟେ' ପାଇବାକୁ ଚାହିଁଛନ୍ତି। ମା' ଯେ ନିଜେ ରକ୍ତ ମାଂସର ଶରୀର ନେଇ ମାନୁଷୀ ତନୁ ଧାରଣ କରି ଏଇ ଧରାଧାମରେ ଆବିର୍ଭୂତା ହେବେ ଏହା ତାଙ୍କ ଧାରଣାର ବାହାରେ।

ଆମମାନଙ୍କ କହିବାର ଭଙ୍ଗୀ ଏମିତି। ମା'ଙ୍କ ଦର୍ଶନ ଲାଭ କରି ସ୍ପର୍ଦ୍ଧାର ସହିତ ଆମେ କହିପାରୁ:

"ରଖିଛୁ ନୟନ ତାଙ୍କରି ନୟନେ
ଏଇ ଗୌରବ ନ ଜାଣଇ ଆନେ।"

ଆମମାନଙ୍କର ଭାଗ୍ୟ ଏତେ ସୁପ୍ରସନ୍ନ ଯେ କହିବାର ନୁହେଁ। ପ୍ରତିମୁହୂର୍ତ୍ତରେ ମା'ଙ୍କ ନୟନର ରୂପ ଓ ରଙ୍ଗ ପରିବର୍ତ୍ତନ ହେଉଥିଲା। ଯେଉଁ ଦିନ ସନ୍ଧ୍ୟାରେ ପ୍ରଥମେ ମା'ଙ୍କୁ ପ୍ରଣାମ କରିବାକୁ ଯାଇଥିଲି, ସେଦିନ ତାଙ୍କ ଲମ୍ବା ଲମ୍ବା ସୁନେଲୀ ଆୟତ ନେତ୍ର ଦର୍ଶନ କରିଥିଲି। ମା'ଙ୍କଠାରୁ ଆଶୀର୍ବାଦ ପାଇବା ଜୀବନରେ ସେଦିନ ପ୍ରଥମ। ମା'ଙ୍କୁ ଦେଖି ମନେ ହୋଇଥିଲା ସେ ଯେମିତି ସ୍ୱୟଂ ମା' ଦୁର୍ଗା! ତାଙ୍କର ସେଇ ସୁନେଲୀ ନୟନରୁ ସ୍ନେହ ଝରିପଡୁଥିଲା। ମଝିରେ ମଝିରେ ମା'ଙ୍କ ନୟନରୁ ସୁନେଲୀ ଆଲୋକ ବିଚ୍ଛୁରିତ ହେଉଥିଲା। ମା'ଙ୍କର ସେଇ ଉଜ୍ଜ୍ୱଳ ସୁନେଲୀ ନୟନ ଅପୂର୍ବ। ତାଙ୍କର କାଣିଚାଏ ଦୃଷ୍ଟି-ପ୍ରସାଦ ଲାଭ କରିବା ପାଇଁ ଘଣ୍ଟା ପରେ ଘଣ୍ଟା ଆମେ ନୀରବରେ ପ୍ରତୀକ୍ଷା କରୁଥିଲୁ।

## ଦ୍ୱିତୀୟ ବିଶ୍ୱଯୁଦ୍ଧ

ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ମା' ବହୁ ଅସହାୟ ଲୋକଙ୍କୁ କଳ୍ପନାତୀତ ଭାବରେ ବିପଦମୁକ୍ତ କରିଛନ୍ତି। ସେମାନଙ୍କ ଭିତରୁ ଡାକ ଆସିବା ମାତ୍ରେ ମା' ଯେ କୌଣସି କାମରେ ବ୍ୟସ୍ତ ଥିଲେ ମଧ୍ୟ ତତ୍‌କ୍ଷଣାତ୍ ସେମାନଙ୍କ ପାଖକୁ ଚାଲିଯାଉଥିଲେ। ସମାଧିସ୍ଥ ହୋଇଯାଉଥିଲେ। ସେମାନଙ୍କୁ ରକ୍ଷା କରିସାରିବା ପରେ ପୁଣି ଶରୀରକୁ ଫେରି ଆସୁଥିଲେ। ଘଣ୍ଟା ପରେ ଘଣ୍ଟା ବିତି ଯାଉଥିଲା। ମା' ସେମିତି ସମାଧିସ୍ଥ ହୋଇ ରହୁଥିଲେ। ପାଣି ପିଇବେ ବୋଲି ହୁଏତ ଗ୍ଲାସ୍‌ଟିଏ ହାତରେ ଧରିଛନ୍ତି, କିନ୍ତୁ ପାଣି ପିଇବା ନୋହିଲା। କାହାର ଡାକ ଆସିଯାଇଛି !

ISBN 978-81-86413-45-6